# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## 2.1 ସହରାଞ୍ଚଳ ଜମି ଏବଂ କୋଠାବାଡ଼ି ପାଇଁ ବଜାର ମୂଲ୍ୟ ମାର୍ଗଦର୍ଶିକାର ସଂଶୋଧନ

### କାର୍ଯ୍ୟନିର୍ବାହୀ ସାରାଂଶ

ବଜାର ମୂଲ୍ୟ ମାର୍ଗଦର୍ଶିକା (ଏମ୍‌ଭିଜି)ର ଉପକ୍ରମଣିକା ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ, 2001 ମାଧ୍ୟମରେ ଓଡିଶା ରାଜ୍ୟରେ ସ୍ଥାବର ସମ୍ପତ୍ତି (ଜମି ଓ କୋଠାବାଡି) ପାଇଁ ପ୍ରଚଳନ କରାଯାଇଥିଲା। ପ୍ରାରମ୍ଭରେ ଏହାର ଉଦ୍ଦେଶ୍ୟ ଥିଲା ବିକ୍ରୟ ସମୟରେ ନିବନ୍ଧନ ନିମନ୍ତେ ସମ୍ପତ୍ତିର ମୂଲ୍ୟ ସ୍ଥିର କରିବା ଏବଂ ନିର୍ଦ୍ଦିଷ୍ଟ ଅବଧିରେ ଏହାର ସର୍ବନିମ୍ନ ମୂଲ୍ୟ ସଂଶୋଧନ କରିବା। ଏହି ସର୍ବନିମ୍ନ ମୂଲ୍ୟର ସ୍ଥିରିକରଣ ଓ ନିର୍ଦ୍ଦିଷ୍ଟକାଳିକ ସଂଶୋଧନ ଓଡିଶାର ନିବନ୍ଧନ କାର୍ଯ୍ୟାଳୟରେ ନିବନ୍ଧନ ପାଇଁ ଆସିଥିବା ଦସ୍ତାବିଜ୍ ଗୁଡିକର ଅବମୂଲ୍ୟାୟନକୁ ନିବାରଣ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ନିୟନ୍ତ୍ରଣ ଅଟେ । ଏମ୍‌ଭିଜିର ନିର୍ଦ୍ଦିଷ୍ଟକାଳିକ ସଂଶୋଧନ କିମ୍ବା ଭ୍ରମାତ୍ମକ ସଂଶୋଧନ ଅନୁପସ୍ଥିତିରେ ସମ୍ପତ୍ତିର ନିରପେକ୍ଷ ବଜାର ମୂଲ୍ୟ ଓ ବିକ୍ରୟର ପ୍ରକୃତ ନିବନ୍ଧନ ମୂଲ୍ୟ ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟ ଦେଖା ଦେଇପାରେ। ଯେହେତୁ ଷ୍ଟାମ୍ପ୍ ଶୁଳ୍କ ଏବଂ ନିବନ୍ଧନ ଫିସ୍ ସମ୍ପତ୍ତିର ନିବନ୍ଧିତ ମୂଲ୍ୟ ଉପରେ ଲାଗୁ ହୁଏ, ଏହି ଅବସ୍ଥା ଯୋଗୁଁ ରାଜ୍ୟ ସରକାରଙ୍କର ରାଜସ୍ୱ ହାନି ହେବାର କ୍ଷତିଭୟ ଥାଏ।

ଅଡିଟ୍ ରାଜ୍ୟର 14ଟି ଉପ-ନିବନ୍ଧକ (ଏସ୍‌ଆର୍)/ ଜିଲ୍ଲା ଉପ-ନିବନ୍ଧକ (ଡିଏସ୍‌ଆର୍)ଙ୍କର କ୍ଷେତ୍ରାଧିକାର ଅର୍ନ୍ତଗତ ସହରୀ ଖସଡ଼ା ଏବଂ ଗୃହର 2018-19 ରୁ 2021-22 ଆର୍ଥିକ ବର୍ଷ ଅବଧି ମଧ୍ୟରେ ଏମ୍‌ଭିଜିର ସଂଶୋଧନ ସମ୍ପର୍କିତ ନିୟମାବଳୀର ଅନୁପାଳନାର ସମୀକ୍ଷା କଲା ଏବଂ ନିୟମାବଳୀର ଅନନୁପାଳନା ତଥା/ କିମ୍ବା ନିୟମ ବ୍ୟବସ୍ଥାରେ ଥିବା ଅଭାବର ନିମ୍ନଲିଖିତ ଦୃଷ୍ଟାନ୍ତମାନ ଅବଲୋକନ କଲା:

- ନିୟମ ଅନୁଯାୟୀ ଜଣେ ପ୍ରବୀଣ ମୂଲ୍ୟାୟନକାରୀଙ୍କୁ ମୂଲ୍ୟାଙ୍କନ କମିଟିର ସଦସ୍ୟ ଭାବେ ମନୋନୀତ କରିବା କଥା। ତଥାପି, ଅନ୍ୟାନ୍ୟ ରାଜ୍ୟରେ ଥିବା ନିୟମ ବ୍ୟବସ୍ଥାର ବିପରୀତେ ପ୍ରବୀଣ ମୂଲ୍ୟାଙ୍କନକାରୀଙ୍କ ପାଇଁ ଓଡିଶାରେ କୌଣସି ବୈଷୟିକ ଯୋଗ୍ୟତା କିମ୍ବା ଯୋଗ୍ୟତାର ମାନଦଣ୍ଡ ବିହିତ କରାଯାଇନଥଲା। ଫଳତଃ, ମୂଲ୍ୟାଙ୍କନ କମିଟି ଗୁଡିକ ଔପଚାରିକ ପ୍ରତ୍ୟୟପତ୍ର ଏବଂ ମାନ୍ୟତା ଥିବା ପ୍ରବୀଣ ମୂଲ୍ୟାୟନକାରୀଙ୍କ ବିନା ଗଠନ କରାଯାଇଥିଲା।

- ମୂଲ୍ୟାଙ୍କନ କମିଟି ଗୁଡିକ ନିୟମାବଳୀ ଦ୍ୱାରା ବିହିତ ଫର୍ମରେ ପ୍ରଯୁଜ୍ୟ ତଥ୍ୟର ସଂଗ୍ରହ ଏବଂ ସଙ୍କଳନ ସୁନିଶ୍ଚିତ କରିନଥିଲେ। ପ୍ରଯୁଜ୍ୟ ତଥ୍ୟ ମଧ୍ୟରେ ନିମ୍ନଲିଖିତ ତଥ୍ୟ ଅର୍ନ୍ତଭୁକ୍ତ ଥିଲା।

  - ➢ ବିଗତ ଦୁଇ ବର୍ଷରେ ନିବନ୍ଧିତ ହୋଇଥିବା ବିକ୍ରିତ ସମ୍ପତ୍ତିର ହାରାହାରି ମୂଲ୍ୟ
  - ➢ ନିଲାମ ଭିତ୍ତିରେ ବିକ୍ରି ହୋଇଥିବା ସରକାରୀ ଜମିର ମୂଲ୍ୟ
  - ➢ ସହରାଞ୍ଚଳରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ଅଞ୍ଚଳ ଓ ଅଭିନ୍ୟାସ ଅର୍ନ୍ତଗତ ସମ୍ପତ୍ତିର ମୂଲ୍ୟ
  - ➢ ପ୍ରତ୍ୟେକ ଉପନିବନ୍ଧକ/ ଜିଲ୍ଲା ଉପନିବନ୍ଧକଙ୍କର କ୍ଷେତ୍ରାଧିକାର ଅର୍ନ୍ତଗତ 'ବ୍ୟବସାୟିକ' ବର୍ଗ ପ୍ଲଟ୍‌ର ତାଲିକା ପ୍ରସ୍ତୁତ କରାଯାଇଥିଲା । ଯଦିଓ, ସହରାଞ୍ଚଳରେ ମହତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବ୍ୟବସାୟିକ ପ୍ରତିଷ୍ଠାନର ଉପସ୍ଥିତି ଥିଲା, ତାଲିକା ପ୍ରସ୍ତୁତ କରିବା ବେଳେ ଏହାକୁ ବିଚାରକୁ ନିଆଯାଇନଥିଲା । ସମ୍ପୂର୍ଣ୍ଣ ପୁରୀ ଜିଲ୍ଲାରେ ସରକାରୀ ଭାବେ କୌଣସି 'ବ୍ୟବସାୟିକ' ପ୍ଲଟ୍‌ର ତାଲିକା କରାଯାଇନଥିଲା, ଯଦିଓ ବେଳାଭୂମି ସମ୍ମୁଖ ପାର୍ଶ୍ୱରେ ଅନେକ ଭୋଜନାଳୟ ଏବଂ ରେସ୍ତୋରାଁ ଥିଲା।

➢ ଓଡିଶା ରିଅଲ୍ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ, ଅନ୍‌ଲାଇନ୍ ରିଅଲ୍ ଇଷ୍ଟେଟ୍ ପୋର୍ଟାଲ୍ ଓ ରିଅଲ୍ ଇଷ୍ଟେଟ୍ ସମ୍ପତ୍ତି ବିକାଶକ ଓ ଦଲାଲ୍ ମାନଙ୍କ ଠାରୁ ପ୍ରାପ୍ତ ବଜାର ମୂଲ୍ୟ କୋଟେସନ୍।

- ଉଚ୍ଚ ବଜାର ମୂଲ୍ୟ ପାଇଁ ସମ୍ଭାବ୍ୟତା ଥିବା ସମ୍ପତ୍ତିର ଚିହ୍ନଟ କରିବା ନିମନ୍ତେ ଉପରୋକ୍ତ ବିବିଧ ଉତ୍ସର ଉପଯୋଗ କରିବା ପରିବର୍ତ୍ତେ ମୂଲ୍ୟାଙ୍କନ କମିଟିମାନ ତଥ୍ୟର ଏକମାତ୍ର ଉତ୍ସ ଯଥା ରାଜ୍ୟରେ ଥିବା ତହସିଲଦାର୍ କାର୍ଯ୍ୟାଳୟ ଗୁଡିକର ରାଜସ୍ୱ ନିରୀକ୍ଷକମାନଙ୍କ (ଆର୍‌ଆଇ) ଠାରୁ ମିଳିଥିବା ପ୍ରସ୍ତାବିତ ଏମ୍‌ଭିଜି ଉପରେ ନିର୍ଭର କରିଥିଲେ। ସଂଯୁକ୍ତ ବସ୍ତୁଗତ ନିରୀକ୍ଷଣରେ ଦେଖାଯାଇଥିଲା ଯେ ଆର୍‌ଆଇମାନଙ୍କ ଦ୍ୱାରା ପ୍ରଦତ୍ତ ଏହି ସମ୍ପତ୍ତି ମୂଲ୍ୟ ତଥ୍ୟ ପ୍ରକୃତ ପ୍ରାନ୍ତୀୟ ବ୍ୟବହାର ପରିବର୍ତ୍ତେ ଜମିଜମା ଅଭିଲେଖ ଉପରେ ପର୍ଯ୍ୟବସିତ ଥିଲା। ଅଡିଟ୍ ଚାଷ ଜମିର ଅଣ କୃଷିଗତ ଉଦ୍ଦେଶ୍ୟରେ ସଂପରିବର୍ତ୍ତନ ଦିଗରେ ଓଡିଶା ଭୂ-ସଂସ୍କାର ଅଧିନିୟମର ବ୍ୟବସ୍ଥାଗୁଡିକର ଅନନୁପାଳନା ଅବଲୋକନ କରିଥିଲା, ଯାହାଫଳରେ, ଯେଉଁ ପ୍ଲଟ୍ ଗୁଡିକ ଉପରେ ରେସ୍ତୋରାଁ ଚାଲୁଥିଲା କିମ୍ବା ବ୍ରାଣ୍ଡେଡ୍ ଷ୍ଟୋର୍ ଥିଲା ସେଗୁଡିକୁ ନିବନ୍ଧନ କାର୍ଯ୍ୟାଳୟରେ ଭ୍ରମାତ୍ମକ ଭାବେ 'ଚାଷ ଜମି', 'ଜଳସେଚିତ ଜମି', 'ଉଦ୍ୟାନ ଜମି' ଭାବେ ବର୍ଗୀକରଣ କରାଯାଇଥିଲା ଯାହାର କି ଏମ୍‌ଭିଜି ସଂଶୋଧନ ପାଇଁ କମ୍ ମୂଲ୍ୟ ନିର୍ଦ୍ଧାରିତ ହେଉଥିଲା।

- କୋଠାବାଡ଼ିର ମୂଲ୍ୟାଙ୍କନ ପାଇଁ ଥିବା ନିୟମାବଳୀ ଏବଂ କାର୍ଯ୍ୟନିର୍ବାହୀ ଅନୁଦେଶମାନଙ୍କରେ ବାସସୁବିଧା ଯେପରିକି ଆଧୁନିକ ଆଭ୍ୟନ୍ତରୀଣ ସାଜସଜ୍ଜା, ମଡ୍ୟୁଲାର୍ ରୋଷେଇଘର, କାନ୍ଥ ସାଜ ସରଞ୍ଜାମ ଓ ସଂଲଗ୍ନ ଉପକରଣ ଇତ୍ୟାଦିକୁ ହିସାବକୁ ନେବାପାଇଁ ବ୍ୟବସ୍ଥା ନ ଥିଲା ଯେଉଁଥିପାଇଁ ଭବନରେ ଥିବା ବ୍ୟକ୍ତିଗତ ଆପାର୍ଟମେଣ୍ଟ୍/ ବାସଗୃହର ବଜାର ମୂଲ୍ୟ ଉପରେ ମହତ୍ୱପୂର୍ଣ୍ଣ ପ୍ରଭାବ ପଡୁଥିଲା।

ଏମ୍‌ଭିଜି ସଂଶୋଧନ ପାଇଁ ଥିବା ପର୍ଯ୍ୟବେକ୍ଷଣ ଏବଂ ନିୟନ୍ତ୍ରଣ ସଂକ୍ରିୟାର ପୁନରୀକ୍ଷଣ କଲାବେଳେ ଅଡିଟ୍ ଦେଖିଲା ଯେ:

- ରାଜ୍ୟର କୌଣସି ଜିଲ୍ଲାପାଳମାନେ ନିୟମାବଳୀରେ ଥିବା ବ୍ୟବସ୍ଥାର ପ୍ରଚଳନ କରି ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇ ନଥିଲେ ଯେପରିକି ପୁରୀ ଠାରେ ଏକ ନୂଆ ଗ୍ରୀନ ଫିଲ୍ଡ ବିମାନ ବନ୍ଦରର ପ୍ରତିଷ୍ଠା କ୍ଷେତ୍ରରେ, ଯାହାପାଇଁ ପ୍ରସ୍ତାବିତ ସ୍ଥଳରେ ଜାଗା ମୂଲ୍ୟ ଅପ୍ରତ୍ୟାଶିତ ଏବଂ ମହତ୍ତ୍ୱପୂର୍ଣ୍ଣ ଭାବରେ ବଢିଥିଲା।

- କୌଣସି ମୂଲ୍ୟାଙ୍କନ କମିଟି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର କୌଣସି ଅଧିକାରୀଙ୍କୁ ଡାକି ନଥିଲା କିମ୍ବା ସରକାରୀ ନଥିପତ୍ର ଯାଞ୍ଚ କରିନଥିଲା କିମ୍ବା କୌଣସି ଅଧିକାରୀଙ୍କ ଉକ୍ତି ଅଭିଲିଖିତ କରିନଥିଲା ଯାହାର ତଥ୍ୟ ନିୟମାବଳୀରେ ଥିବା ବ୍ୟବସ୍ଥାର ପ୍ରଚଳନ କରି ଏମ୍‌ଭିଜିର ସଂଶୋଧନ ପାଇଁ ସହାୟକ ହୋଇଥାଆନ୍ତା।

- ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା ନିୟମାବଳୀର ଫଳପ୍ରଦ ପ୍ରଣୟନ ନିମନ୍ତେ ପ୍ରଶାସନିକ ଅନୁଦେଶ ଜାରି କରିବା ପାଇଁ ନିୟମାବଳୀରେ ଥିବା ସମର୍ଥକାରୀ ବ୍ୟବସ୍ଥାର ପ୍ରଚଳନ କରି ନଥିଲେ।

ନିୟମାବଳୀରେ ଥିବା ଏହି ବ୍ୟବସ୍ଥା ଗୁଡିକର ଉଦ୍ଦେଶ୍ୟ ଥିଲା ସରକାରୀ ରାଜସ୍ୱର ପ୍ରକଟନକୁ ନିବାରଣ କରିବା ପାଇଁ ନିର୍ଣ୍ଣାୟକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଭାବରେ କାର୍ଯ୍ୟ କରିବା, କିନ୍ତୁ ଏହି ଉଦ୍ଦେଶ୍ୟରେ ଏଗୁଡିକର ଆବାହନ କରାଯାଇ ନଥିଲା।

*ସୁପାରିଶ କରାଗଲା ଯେ:*

1. *ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକମାନଙ୍କୁ ଏସ୍‌ଡିଭିସି/ ଡିଭିସି ଗୁଡ଼ିକର ସଭ୍ୟ ଭାବରେ ମନୋନୀତ ହେବା ପାଇଁ ବୈଷୟିକ ଯୋଗ୍ୟତା ମାନକଗୁଡ଼ିକର ନିର୍ଦ୍ଦିଷ୍ଟିକରଣ ପୂର୍ବକ, ଆର୍‌ଡିଏମ୍ ବିଭାଗ, ଓଡ଼ିଶା ଷ୍ଟାମ୍ପ(ସଂଶୋଧନ) ନିୟମ.* **2001** *ର ନିୟମାବଳୀର ନିୟମ* **38** *ଓ* **39** *ର ସଂଶୋଧନ କରିପାରନ୍ତି ।*

2. *ବିଦ୍ୟମାନ କମିଟିଗୁଡ଼ିକ ସହିତ, ରାଜ୍ୟ ସରକାର ଏକ କେନ୍ଦ୍ରୀୟ ମୂଲ୍ୟାୟନ କମିଟି ଗଠନ କରିପାରନ୍ତି, ଯାହାକୁ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଓ ବିକାଶ ହାସଲ କରୁଥିବା ଅଞ୍ଚଳ ଓ ସେଠାରେ ଥିବା ଅସ୍ଥାବର ସମ୍ପତ୍ତି ପାଇଁ ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ କରୁଥିବା ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାର ଦାୟିତ୍ୱ ହସ୍ତାନ୍ତର କରାଯାଇପାରେ । ଓଡ଼ିଶା ନିବନ୍ଧନ ମହାନିରୀକ୍ଷକ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ, ସର୍ବେକ୍ଷଣ ଓ ସମାଧାନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଓଡ଼ିଶା ଜମିବାଡ଼ି ନିୟାମକ କର୍ତ୍ତୃପକ୍ଷ, ଇଡ୍‌କୋ, ଆୟକର ବିଭାଗ, ସିଟି ଓ ଜିଏସ୍‌ଟି କମିଶନର ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ ତଥା ମୂଲ୍ୟାୟନ ଅନୁଷ୍ଠାନର ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକ ଓ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀର ସଭ୍ୟମାନଙ୍କୁ ନେଇ କେନ୍ଦ୍ରୀୟ ମୂଲ୍ୟାୟନ କମିଟି ଗଠନ କରାଯାଇପାରେ ।*

3. *ତହସିଲଦାରମାନଙ୍କୁ ସେମାନଙ୍କ ଅଧିନରେ ଥିବା ଜମି ଗୁଡ଼ିକର ପ୍ରକୃତ ବ୍ୟବହାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ଓ ମୂଲ୍ୟାୟନ କମିଟି ନିକଟରେ ଆବଶ୍ୟକୀୟ ବିସ୍ତୃତ ଇନ୍‌ପୁଟ୍ ଉପସ୍ଥାନକୁ ନିଶ୍ଚିତ କରିବା ପାଇଁ ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶ ଜାରି କରିପାରେ ।*

4. *ଏସ୍‌ଆର୍/ ଡିଏସ୍‌ଆର୍ କାର୍ଯ୍ୟାଳୟ ପରିସରଭୁକ୍ତ ସମସ୍ତ ଜମିର ତାଲିକାକୁ ଅଦ୍ୟତନ କରିବା ନିମନ୍ତେ ଜମିଗୁଡ଼ିକର ପ୍ରକୃତ ବ୍ୟବହାର ସମ୍ପର୍କରେ ତହସିଲଦାରମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ* **2001** *ର ନିୟମ* **38** *ଓ* **39** *ର ଅନୁପାଳନ ପୂର୍ବକ, ସେଗୁଡ଼ିକୁ ଆବାସିକ ବାଣିଜ୍ୟିକ ଓ ଅନ୍ୟାନ୍ୟ ଜମିରେ ବର୍ଗୀକୃତ କରବା ପାଇଁ ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶ ଜାରି କରିପାରେ ।*

5. *ସଠିକ୍ ମୂଲ୍ୟାୟନ ଉଦ୍ଦେଶ୍ୟରେ ଉଚ୍ଚ ମୂଲ୍ୟଯୁକ୍ତ ଆଧୁନିକ ଆବାସିକ ଓ ବାଣିଜ୍ୟିକ କୋଠା ଗୁଡ଼ିକର ଆଭ୍ୟନ୍ତରୀଣ ନିର୍ମାଣ ସମ୍ପର୍କିତ ବସ୍ତୁଗୁଡ଼ିକ ବିଚାରକୁ ନେବା ପାଇଁ* **2018** *ରେ ସଂଶୋଧିତ ଓଡ଼ିଶା ଷ୍ଟାମ୍ପ ଅଧିନିୟମ (ସଂଶୋଧନ)* **2001** *ରେ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରି ସଂଶୋଧନ ନିମନ୍ତେ ଆର୍‌ଡିଏମ୍ ବିଭାଗ ବିସ୍ତୃତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିପାରନ୍ତି ।*

6. *ତହସିଲଦାର, ଉପ-ଜିଲ୍ଲାପାଳ, ଅତିରକ୍ତ ଡିଏମ୍ ଓ ଜିଲ୍ଲାପାଳମାନଙ୍କୁ ନିଜ ନିଜ କାର୍ଯ୍ୟ ପରିସର ମଧ୍ୟରେ ନମୁନା ଭିତ୍ତିକ ଭୌତିକ ନିରୀକ୍ଷଣ କାର୍ଯ୍ୟ ନିର୍ବାହ ନିମନ୍ତେ ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକର ଅନୁପାଳ ସ୍ଥିତି ଉପରେ ଆର୍‌ଡିଏମ୍ ବିଭାଗ ନଜର ରଖିପାରନ୍ତି ।*

7. *ସଂପୃକ୍ତ ତହସିଲ କାର୍ଯ୍ୟାଳୟ ଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଧାରିତ ଇନ୍‌ପୁଟ୍ ଗୁଡ଼ିକୁ ବିଚାରକୁ ନେଇ ଓଡ଼ିଶା ଷ୍ଟାମ୍ପ ନିୟମାବଳୀର କଠୋର ଅନୁପାଳନ ପୂର୍ବକ, ମୂଲ୍ୟାୟନ କମିଟି ଗୁଡ଼ିକ ଉଭୟ ଜିଲ୍ଲା ଓ ଉପଜିଲ୍ଲା ସ୍ତରରେ ଦୁଇ ବର୍ଷରେ ଥରେ ବଜାର ମୂଲ୍ୟ ମାର୍ଗଦର୍ଶିକାର ସଂଶୋଧନ କରିପାରନ୍ତି ।*

8. *ପଞ୍ଜିକରଣ ସମୟରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପାଇଁ ଆର୍‌ଡିଏମ୍ ବିଭାଗ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିପାରନ୍ତି ଓ ରାଜସ୍ୱ ହାନି ଭରଣା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି ।*

### 2.1.1 ଉପକ୍ରମ

ଓଡିଶାର ନିବନ୍ଧନ କାର୍ଯ୍ୟାଳୟରେ ନିବନ୍ଧନ (ବିକ୍ରୟ) ପାଇଁ ଆସିଥିବା ଦସ୍ତାବିଜ୍ ଗୁଡିକର ଅବମୂଲ୍ୟାୟନକୁ ନିବାରଣ କରିବା ପାଇଁ ବଜାର ମୂଲ୍ୟ ମାର୍ଗଦର୍ଶିକା[3] (ଏମ୍‌ଭିଜି) କୁ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001[4] ମାଧ୍ୟମରେ ଓଡିଶା ରାଜ୍ୟରେ ସ୍ଥାବର ସମ୍ପତ୍ତି (ଜମି ଓ ଗୃହ) ପାଇଁ ଆରମ୍ଭ କରାଯାଇଥିଲା। ଯେହେତୁ ରାଜ୍ୟରେ ଷ୍ଟାମ୍ପ୍ ଶୁଳ୍କ (ଏସ୍‌ଡି) ଓ ନିବନ୍ଧନ ଫିସ୍ (ଆର୍‌ଏଫ୍)ନିବନ୍ଧିତ ଦସ୍ତାବିଜର ମୂଲ୍ୟାୟନ ଉପରେ ସଂଗ୍ରହ କରାଯାଉଥିଲା, ଏହି ନିବନ୍ଧିତ ଦସ୍ତାବିଜର ଅବମୂଲ୍ୟାୟନ ରାଜ୍ୟ ସରକାରଙ୍କର ରାଜସ୍ୱ ହାନିର ବସ୍ତୁଗତ ଆଶଙ୍କା ଥାଏ।

ଉପରୋକ୍ତ ନିୟମାବଳୀର ନିୟମ 37 ଅର୍ନ୍ତଗତ ଜିଲ୍ଲା ଏବଂ ଉପ-ଜିଲ୍ଲା ମୂଲ୍ୟାଙ୍କନ କମିଟି ଗୁଡିକ ସେମାନଙ୍କର କ୍ଷେତ୍ରାଧିକାରରେ ଥିବା ସମ୍ପତ୍ତି ମୂଲ୍ୟର ତଥ୍ୟ ସଂଗ୍ରହ ଓ ସଙ୍କଳନ କରିବା ପାଇଁ ଗଠିତ ହେବା କଥା। ଏହି କମିଟି ଗୁଡିକ ଉଲ୍ଲିଖିତ ନିୟମ 38 ଏବଂ 39 ରେ ବିହିତ ପ୍ରଣାଳୀକୁ ଅନୁସରଣ କରି ଏମ୍‌ଭିଜି ନିରୁପଣ ପାଇଁ ବିହିତ ଫର୍ମରେ ସମ୍ପତ୍ତି ମୂଲ୍ୟ ଉପରେ ଯଥୋଚିତ ତଥ୍ୟ ସଂଗ୍ରହ କରିବା କଥା; ତଥ୍ୟର ବିଶ୍ଳେଷଣ କରିବା କଥା; ଏବଂ ରାଜ୍ୟ ସରକାରଙ୍କର ଅନୁମୋଦନ ପାଇଁ ଏମ୍‌ଭିଜି ସୁପାରିଶ କରିବା କଥା। ନିୟମ 40 ଅନୁସାରେ ଏମ୍‌ଭିଜିର ସଂଶୋଧନ ପ୍ରତି ଦୁଇ ବର୍ଷରେ ଏପ୍ରିଲ୍ ପହିଲାରେ ହେବା କଥା। ଆହୁରି ମଧ୍ୟ, ଉନ୍ନୟନ କ୍ଷେତ୍ରରେ ଯଥା ଶିଳ୍ପ ପ୍ରତିଷ୍ଠା, ବୃହତ୍ ଆବାସିକ ଯୋଜନା କିମ୍ବା ଅନ୍ୟାନ୍ୟ ସ୍ୱତନ୍ତ୍ର ଘଟଣାରେ, ନିୟମ 44, ଦୁଇ ବର୍ଷିଆ ଅବଧି ବାହାରେ ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ ପାଇଁ ସୁବିଧା ଦେଇଥାଏ, ଯାହାର ସେହି ଜିଲ୍ଲାରେ ସ୍ଥାବର ସମ୍ପତ୍ତିର ମୂଲ୍ୟରେ ପ୍ରଭାବ ପକାଇପାରେ।

ମହାନିରୀକ୍ଷକ, ନିର୍ବନ୍ଧନ (ଆଇଜିଆର୍), ଓଡିଶା, କଟକ ଯିଏକି ରାଜ୍ୟ ପାଇଁ ନିବନ୍ଧନ କାର୍ଯ୍ୟାଳୟ ମୁଖ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ, ଓଡିଶା ସରକାରଙ୍କ ଅଧିନରେ କାର୍ଯ୍ୟ କରନ୍ତି। ଆଇଜିଆର୍ ଓଡିଶାର 30 ଟି ଜିଲ୍ଲା ଉପ ନିବନ୍ଧକ (ଡିଏସ୍‌ଆର୍) ଏବଂ 161 ଟି ଉପ ନିବନ୍ଧକ (ଏସ୍‌ଆର୍), ଯେଉଁମାନେ କି ସେମାନଙ୍କର ନିର୍ଦ୍ଧାରିତ କ୍ଷେତ୍ରାଧିକାର ମଧ୍ୟରେ ଏସ୍‌ଡି ଓ ଆର୍‌ଏଫ୍‌ର ସଂଗ୍ରହ ପାଇଁ ନିବନ୍ଧନକାରୀ କର୍ତ୍ତୃପକ୍ଷ (ଆର୍‌ଏ) ଭାବରେ କାର୍ଯ୍ୟ କରନ୍ତି, ସେମାନଙ୍କ ଉପରେ ସର୍ବୋପରି ପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣ ଜାହିର କରନ୍ତି।

ସହରୀ ପ୍ଲଟ୍ ଏବଂ ଗୃହର ବଜାର ମୂଲ୍ୟ ମାର୍ଗଦର୍ଶିକାର ସଂଶୋଧନ ଉପରେ ଏକ ବିଷଦ ଅନୁପାଳନା ଅଡିଟ୍, ଏପ୍ରିଲ୍ ରୁ ସେପ୍ଟେମ୍ବର 2022 ମଧ୍ୟରେ 2018-19 ରୁ 2021-22 ଆର୍ଥିକ ବର୍ଷ ଅବଧି ପାଇଁ କରାଯାଇଥିଲା ଯାହାର ଉଦ୍ଦେଶ୍ୟ ଏହା ନିରୂପଣ କରିବାର ଥିଲା କି:

- ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001 ର ଅନୁପାଳନା କରି ଏମ୍‌ଭିଜିର ପୁନରୀକ୍ଷଣ ପାଇଁ ଜିଲ୍ଲା ସ୍ତରୀୟ ଏବଂ ଉପ-ଜିଲ୍ଲା ସ୍ତରୀୟ ମୂଲ୍ୟାଙ୍କନ କମିଟିମାନ ଗଠନ ହୋଇଥିଲା।
- ମୂଲ୍ୟାଙ୍କନ କମିଟିମାନଙ୍କୁ ଉଲ୍ଲିଖିତ ନିୟମାବଳୀରେ ନିର୍ଦ୍ଦିଷ୍ଟ ହୋଇଥିବା ଫର୍ମ 5 ଏବଂ 7 ରେ ସହରୀ ପ୍ଲଟ୍ ଏବଂ ଗୃହ ନିମନ୍ତେ ଏମ୍‌ଭିଜିର ପୁନରୀକ୍ଷଣ ପାଇଁ ଆବଶ୍ୟକ ସୂଚନା ଓ ତଥ୍ୟ ଦିଆଯାଇଥିଲା ।
- ଉଲ୍ଲିଖିତ ନିୟମାବଳୀର ନିୟମ 38 ଓ 39 ର ଅନୁପାଳନା କରି ସହରୀ ପ୍ଲଟ୍ ଏବଂ ଗୃହ ନିମନ୍ତେମୂଲ୍ୟାଙ୍କନ କମିଟି ମାନେ ଏମ୍‌ଭିଜିର ବିଶ୍ଳେଷଣ ଏବଂ ପୁନରୀକ୍ଷଣ କରିଥିଲେ ।
- ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 44 ର ଅନୁପାଳନା କରି ସହରୀ ସମ୍ପତ୍ତିର ମୂଲ୍ୟରେ ଅପ୍ରତ୍ୟାଶିତ ପରିବର୍ତ୍ତନ କ୍ଷେତ୍ରରେ ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ କରାଯାଇଛି ।

[3] ମୂଲ୍ୟାଙ୍କନ କମିଟି ଦ୍ୱାରା ନିର୍ଦ୍ଧାରିତ/ ସଂଶୋଧିତ ଏକ ବ୍ୟକ୍ତିଗତ ସ୍ଥାବର ସମ୍ପତ୍ତିର ମୂଲ୍ୟକୁ ଏହାର ମାନକ ମୂଲ୍ୟ (ବେଞ୍ଚ୍ ମାର୍କ ଭାଲ୍ୟୁ) କୁହାଯାଏ। ନିୟମ 40 ରେ ବିହିତ ରାଜ୍ୟରେ ଥିବା ରାଜସ୍ୱ ଗ୍ରାମ ଗୁଡିକରେ ସ୍ଥାବର ସମ୍ପତ୍ତି ପାଇଁ ନିର୍ଦ୍ଧାରିତ ମାନକ ମୂଲ୍ୟ ସମୁଦାୟକୁ ବଜାର ମୂଲ୍ୟ ମାର୍ଗଦର୍ଶିକା କୁହାଯାଏ

[4] ଓଡିଶା ଷ୍ଟାମ୍ପ୍ ନିୟମାବଳୀ, 1952 ର ଷଷ୍ଠ ଅଧ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିଲା। ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001, 2018 ରେ ସଂଶୋଧିତ ହୋଇଥିଲା । କିନ୍ତୁ, କୋଭିଡ୍-19 ସଂକ୍ରମଣ ହେତୁ 2018 ବର୍ଷର ସଂଶୋଧନ କାର୍ଯ୍ୟକାରୀ ହୋଇନଥିଲା

ଅଡିଟ୍, ଆଇଜିଆର୍ ସଂସ୍ଥା ବ୍ୟବହାର କରୁଥିବା ଇ-ରେଜିଷ୍ଟ୍ରେସନ୍ ସଫ୍ଟୱେର୍ ଆପ୍ଲିକେସନ୍‌ର ତଥ୍ୟ ବିଶ୍ଳେଷଣ କଲା ଏବଂ 14 ଟି ନମୁନା ଯାଞ୍ଚ ହୋଇଥିବା ଏସ୍ଆର୍/ ଡିଏସ୍ଆର୍ କାର୍ଯ୍ୟାଳୟ[5] ଅଧିନରେ ଅବସ୍ଥିତ ସହରୀ ରାଜସ୍ୱ ଗ୍ରାମରେ ସ୍ଥାବର ସମ୍ପତ୍ତି ଯଥା ବ୍ୟବସାୟିକ ଏବଂ ଆବାସିକ ପ୍ଲଟ୍ ଏବଂ ଢଳେଇ ଘର ପାଇଁ ଥିବା ଏମ୍‌ଭିଜିର ସଂଶୋଧନ ପ୍ରକ୍ରିୟାକୁ ପରୀକ୍ଷା କରିଥିଲା। ଅଡିଟ୍ ମଧ୍ୟ 14 ଟି ନମୁନା ଯାଞ୍ଚ ହୋଇଥିବା ଏସ୍ଆର୍/ ଡିଏସ୍ଆର୍ କାର୍ଯ୍ୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଥିବା 3,186 ଟି ମନୋନୀତ ସ୍ଥାବର ସମ୍ପତ୍ତିର ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଏବଂ ଡିଏସ୍ଆର୍/ ଏସ୍ଆର୍ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହିତ କରିଥିଲା ଏବଂ ଫଟୋଗ୍ରାଫିକ୍ ପ୍ରମାଣ ଆଣିଥିଲା। ଏହା ସହିତ; 14 ଟି ନମୁନା ଯାଞ୍ଚ ହୋଇଥିବା ଏସ୍ଆର୍/ ଡିଏସ୍ଆର୍ କାର୍ଯ୍ୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଥିବା 100 ଟି ସ୍ଥାବର ସମ୍ପତ୍ତି ର ମୂଲ୍ୟାୟନ ପାଇଁ ଜଣେ ବିଶେଷଜ୍ଞ ମୂଲ୍ୟାୟନକାରୀ (ଇଭି)ଙ୍କ ସେବା ମଧ୍ୟ ନିୟୋଜିତ ହୋଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ସେହି ସ୍ଥାବର ସମ୍ପତ୍ତି ପାଇଁ ବିଜ୍ଞପିତ ଏମ୍‌ଭିଜିର ତୁଳନା ବିଶେଷଜ୍ଞ ମୂଲ୍ୟାୟନକାରୀ ଦ୍ୱାରା ନିର୍ଦ୍ଧାରିତ ସେମାନଙ୍କର ପ୍ରଚଳିତ ଉଚିତ୍ ବଜାର ମୂଲ୍ୟ (ଏଫ୍ଏମ୍‌ଭି) ସହିତ କରିବା।

ଅଡିଟ୍‌ର ସିଦ୍ଧାନ୍ତମାନ ପରବର୍ତ୍ତୀ ଅନୁଚ୍ଛେଦ ମାନଙ୍କରେ କରାଯାଇଛି। ଆରଡିଏମ୍ ବିଭାଗ, ଓଡିଶା ସରକାର, ମୁଖ୍ୟ ନିରୀକ୍ଷକ, ନିବନ୍ଧନଙ୍କ କାର୍ଯ୍ୟାଳୟ ପଠାଇଥିବା ଜବାବ ଗୁଡିକୁ ସମର୍ଥନ କରିଥିଲା ଯାହାକୁ ପ୍ରତିବେଦନରେ ଉପଯୁକ୍ତ ଭାବରେ ଅର୍ନ୍ତଭୁକ୍ତ କରାଯାଇଛି।

## 2.1.2 ଡିଭିସି ଏବଂ ଏସ୍‌ଡିଭିସି ଗୁଡିକର କାର୍ଯ୍ୟକାରିତା ଏବଂ ଗଠନରେ ତ୍ରୁଟି

ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ, 2001ର ନିୟମ 37 ଅନୁସାରେ ଜିଲ୍ଲା ମୂଲ୍ୟାଙ୍କନ କମିଟି (ଡିଭିସି) ଏବଂ ଉପ-ଜିଲ୍ଲା ମୂଲ୍ୟାଙ୍କନ କମିଟି (ଏସ୍‌ଡିଭିସି) ଗୁଡିକ ଏମ୍‌ଭିଜି ସଂଶୋଧନ ପାଇଁ ଗଠନ ହେବା କଥା। ଡିଭିସି ମାନଙ୍କରେ ଜିଲ୍ଲାପାଳ ସଭାପତି ରହିବା ସହ ଅନ୍ୟ ସଦସ୍ୟ[6] ରହିବେ। ଏସଡିଭିସି ମାନଙ୍କରେ ଉପ-ଜିଲ୍ଲାପାଳ ସଭାପତି ଭାବରେ ଏବଂ ଅନ୍ୟ ସଦସ୍ୟ[7] ରହିବେ। ଏମ୍‌ଭିଜି ସଂଶୋଧନ କାଳରେ ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ନୀତି ଉପରେ ପ୍ରବୀଣ ତଥ୍ୟ ଦେବାପାଇଁ ନିୟମ 37 ଏକ ବିଶେଷଜ୍ଞ ମୂଲ୍ୟାୟନକାରୀ ମନୋନୟନ ନିମନ୍ତେ ବ୍ୟବସ୍ଥା ରଖିଥିଲା। ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ, 2001ର ନିୟମ 37କ (ମେ 2013 ରେ ସଂଶୋଧିତ) ଅନୁଯାୟୀ ଡିଭିସି, ଏମ୍‌ଭିଜି ସଂଶୋଧନରେ ସହାୟତା ପାଇଁ ପେଶାଦାର ବିଶେଷଜ୍ଞ ଯଥା ସନନ୍ଦପ୍ରାପ୍ତ ମୂଲ୍ୟାୟନକାରୀଙ୍କ ସେବା ଉପଯୋଗ କରିପାରିଥାନ୍ତା। ନିୟମ 41 କ ଅନୁସାରେ ରାଜ୍ୟ ସରକାର ଏକ ସୁନାମଧନ୍ୟ ପେଶାଦାର ସଂସ୍ଥାକୁ ଏମଭିଜି ନିର୍ଦ୍ଧାରଣର ପ୍ରକ୍ରିୟା ଯାଞ୍ଚ କରିବା ପାଇଁ ନିୟୋଜିତ କରିପାରିଥାନ୍ତା ଯିଏକି ସେହି ନିବନ୍ଧନ ଏବଂ ସର୍ତ୍ତାବଳୀ ଅର୍ନ୍ତଗତ କାର୍ଯ୍ୟ କରିଥାନ୍ତା ଯାହା କମିଟି ଦ୍ୱାରା ବିଚାର୍ଯ୍ୟ ହେବାପାଇଁ ଯୁକ୍ତିଯୁକ୍ତ ହୋଇଥାନ୍ତା।

ଅତଏବ, ଏହିସବୁ ସଂଶୋଧନର ଉଦ୍ଦେଶ୍ୟ ହେଲା ଏମ୍‌ଭିଜି ସଂଶୋଧନ କାଳରେ ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ନୀତି ଉପରେ ବିଶେଷଜ୍ଞ ତଥ୍ୟ ଦେବାପାଇଁ କମିଟିକୁ ଏକ ସନନ୍ଦପ୍ରାପ୍ତ ମୂଲ୍ୟାୟନକାରୀ କିମ୍ବା କୌଣସି ସୁନାମଧନ୍ୟ ପେଶାଦାର ସଂସ୍ଥାର ମନୋନୟନ ସୁନିଶ୍ଚିତ କରିବା।

---

5 ଡିଏସ୍ଆର୍, ପୁରୀ; ଏସ୍ଆର୍, ପିପିଲି; ଏସ୍ଆର୍, ଗୋପ; ଏସ୍ଆର୍, କୁଜଙ୍ଗ; ଡିଏସ୍ଆର୍, କଟକ; ଏସ୍ଆର୍, ଜଗତପୁର; ଡିଏସ୍ଆର୍, ଗଞ୍ଜାମ; ଏସ୍ଆର୍, ବ୍ରହ୍ମପୁର; ଡିଏସ୍ଆର୍, ସମ୍ବଲପୁର; ଏସ୍ଆର୍, ପାନପୋଷ; ଏସ୍ଆର୍, ଖୋର୍ଦ୍ଧା; ଏସ୍ଆର୍, ଜଟଣୀ; ଡିଏସ୍ଆର୍, ଖୋର୍ଦ୍ଧା ଏବଂ ଏସ୍ଆର୍, ଖଣ୍ଡଗିରି

6 ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍; ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ; ଜିଲ୍ଲାର ସମସ୍ତ ଉପ ନିବନ୍ଧକ; ଜିଲ୍ଲାର ସମସ୍ତ ତହସିଲ୍‌ଦାର; କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଗ୍ରାମୀଣ ବିକାଶ); କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି); ପୌରପାଳିକା/ ନିଗମର ପ୍ରତିନିଧୀ; ବିକାଶ ପ୍ରାଧିକରଣ କିମ୍ବା ସହର ଯୋଜନାର ପ୍ରତିନିଧୀ; ଏବଂ ଅଧକ୍ଷଙ୍କ ଦ୍ୱାରା ମନୋନୀତ ଦୁଇ ଜଣ ଜନସାଧାରଣ ଯାହା ମଧ୍ୟରୁ ଜଣେ ପ୍ରବୀଣ ମୂଲ୍ୟାୟନକାରୀ ହୋଇଥିବେ

7 ଉପ-ନିବନ୍ଧକ; ତହସିଲ୍‌ଦାର; ସହକାରୀ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି); ବିଜ୍ଞାପିତ ଅଞ୍ଚଳ ପରିଷଦ/ ପୌରପାଳିକା/ ପଞ୍ଚାୟତ ସମିତିର ମନୋନୀତ ବ୍ୟକ୍ତି; ଏବଂ ଅଧକ୍ଷଙ୍କ ଦ୍ୱାରା ମନୋନୀତ ଦୁଇ ଜଣ ଜନସାଧାରଣ; ସହକାରୀ ନିର୍ବାହୀ ଯନ୍ତ୍ରୀ (ଗ୍ରାମୀଣ ବିକାଶ) ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ (ପଞ୍ଚାୟତ ସମିତ) । (ଦ୍ୱିବାର୍ଷିକ ସଂଶୋଧନ ଏବଂ କୋଭିଡ୍-19ର ଅଣ ଆଚରଣ ହେତୁ, 2018ରେ ହୋଇଥିବା ସଂଶୋଧନ, 2021-22 ପର୍ଯ୍ୟନ୍ତ କାର୍ଯ୍ୟକାରି ହୋଇ ନାହିଁ)

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 40 ଅନୁଯାୟୀ ଏମ୍‌ଭିଜିର ସଂଶୋଧନ ପ୍ରତି ଦୁଇ ବର୍ଷରେ ଏପ୍ରିଲ୍ ପହିଲାରେ ହେବା କଥା। ତେଣୁ, ଯେଉଁ କ୍ଷେତ୍ରରେ ପୁର୍ବଗଠିତ କମିଟି ଗୁଡିକର ସଦସ୍ୟମାନେ, ବଦଳି, ଅବସର, ମୃତ୍ୟୁ ଇତ୍ୟାଦି କାରଣରୁ ଉପଲବ୍ଧ ନ ଥିବେ, ସେ କ୍ଷେତ୍ରରେ କମିଟି ଗୁଡିକ ପ୍ରତି ଦୁଇ ବର୍ଷରେ ପୁର୍ନଗଠନ ହେବା କଥା।

14ଟି ନମୁନା ଯାଞ୍ଚ ଡିଏସ୍‌ଆର୍/ ଏସ୍‌ଆର୍ ରେ ଡିଭିସି ଏବଂ ଏସ୍‌ଡିଭିସିର ଗଠନ କ୍ଷେତ୍ରରେ **ସାରଣୀ 2.1.1** ନିୟମ ଅନୁପାଳନାର ସ୍ଥିତି ବର୍ଣ୍ଣନା କରିଛି।

***ସାରଣୀ 2.1.1: ଆର୍ଥିକ ବର୍ଷ 2016-17 ରୁ 2021-22 ମଧ୍ୟରେ ଡିଭିସି ଏବଂ ଏସ୍‌ଡିଭିସିର ଗଠନର ସ୍ଥିତି***

| କ୍ର. ସଂ. | ଡିଏସ୍‌ଆର୍/ ଏସ୍‌ଆର୍‌ର ନାମ | ପୁର୍ନଗଠନର ତାରିଖ (ଯଦି 2016-17 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ହୋଇଥାଏ | କୌଣସି କାର୍ଯ୍ୟାଳୟ ଆଦେଶ ଜାରି ହୋଇଥିଲା କି | 2016-17 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ହୋଇଥିବା ବୈଠକର ସଂଖ୍ୟା | ୟୁଏଲ୍‌ବି/ ଡିଏ/ ସହରୀ ଯୋଜନାର ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ କି | ଦୁଇଜଣ ସାଧାରଣ ଜନତା ମନୋନୀତ ହୋଇଥିଲେ କି |
|---|---|---|---|---|---|---|
| 1 | ଡିଏସ୍‌ଆର, ପୁରୀ | ଗଠନ ହୋଇନାହିଁ | ନା | 1 | ନା | ନା |
| 2 | ଏସ୍‌ଆର୍, ପିପିଲି | ଗଠନ ହୋଇନାହିଁ | ନା | 2 | ନା | ନା |
| 3 | ଏସ୍‌ଆର, ଗୋପ | ଗଠନ ହୋଇନାହିଁ | ନା | 2 | ନା | ନା |
| 4 | ଏସ୍‌ଆର, କୁଜଙ୍ଗ | ଗଠନ ହୋଇନାହିଁ | ନା | 1 | ହଁ | ହଁ |
| 5 | ଡିଏସ୍‌ଆର, କଟକ | ଗଠନ ହୋଇନାହିଁ | ନା | 1 | ନା | ନା |
| 6 | ଏସ୍‌ଆର, ଜଗତପୁର | 19 ଫେବୃଆରୀ 2018 | ନା | 1 | ହଁ | ହଁ |
| 7 | ଡିଏସ୍‌ଆର, ଗଞ୍ଜାମ | 16 ଡିସେମ୍ବର 2016 | ହଁ | 2 | ନା | ହଁ |
| 8 | ଏସ୍‌ଆର, ବ୍ରହ୍ମପୁର | 16 ଡିସେମ୍ବର 2016 | ହଁ | 1 | ହଁ | ହଁ |
| 9 | ଡିଏସ୍‌ଆର, ସମ୍ବଲପୁର | ଗଠନ ହୋଇନାହିଁ | ନା | 2 | ନା | ନା |
| 10 | ଏସ୍‌ଆର, ପାନପୋଷ | ଗଠନ ହୋଇନାହିଁ | ନା | 2 | ନା | ହଁ |
| 11 | ଏସ୍‌ଆର, ଖୋର୍ଦ୍ଧା | ଗଠନ ହୋଇନାହିଁ | ନା | 1 | ହଁ | ହଁ |
| 12 | ଏସ୍‌ଆର, ଜଟଣୀ | ଗଠନ ହୋଇନାହିଁ | ନା | 0 | ଅନୁପଲବ୍ଧ | ନା |
| 13 | ଡିଏସଆର, ଖୋର୍ଦ୍ଧା | 26 ଅକ୍ଟୋବର 2017 | ନା | 2 | ନା | ହଁ |
| 14 | ଏସ୍‌ଆର, ଖଣ୍ଡଗିରି | ଗଠନ ହୋଇନାହିଁ | ନା | 0 | ଅନୁପଲବ୍ଧ | ନା |

*(ଉତ୍ସ- ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆର ମାନଙ୍କଠାରୁ ସଂଗୃହିତ ସୂଚନା)*

ଅଡିଟ୍ ଲକ୍ଷ୍ୟ କଲା ଯେ:

- ନିୟମାବଳୀରେ ଆବଶ୍ୟକ ଥିବା ସ୍ଥଳେ କେବଳ ଦୁଇଟି ଡିଭିସି/ ଏସ୍‌ଡିଭିସି ପୁର୍ନଗଠିତ ହୋଇଥିଲା। ଏସ୍‌ଆର, ବ୍ରହ୍ମପୁର ମାର୍ଚ୍ଚ 2016 ପରେ କୌଣସି ବୈଠକ ହୋଇଥିବାର ଦସ୍ତାବିଜ ପ୍ରମାଣ ଦେଇପାରି ନଥିଲା। ଅବଶିଷ୍ଟ 10 ଟି କମିଟି ପୌରପାଳିକା, ପୌର ନିଗମ, ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସହରୀ ଯୋଜନାରୁ ସଦସ୍ୟ ମାନଙ୍କ ତଥା ସଡ଼କ ଓ ସେତୁ ବିଭାଗର ଯନ୍ତ୍ରୀମାନଙ୍କ ଉପଲବ୍ଧିକୁ ଭିତ୍ତି କରି ନିର୍ଦ୍ଦିଷ୍ଟକାଳିକ ପୁର୍ନଗଠନ ବିନା କାର୍ଯ୍ୟ କରୁଥିଲେ। କମିଟିର ବୈଠକରେ ଉପସ୍ଥିତି ବାବଦରେ କୌଣସି କୋରମ୍ (ଆବଶ୍ୟକ ସଂଖ୍ୟା) ବିହିତ କରା ଯାଇନଥିଲା।
- ଏସ୍‌ଆର, ଜଟଣୀ ଏବଂ ଏସ୍‌ଆର, ଖଣ୍ଡଗିରି ଦ୍ୱାରା କୌଣସି ବୈଠକ ହୋଇନଥିଲା ଯାହାର କ୍ଷେତ୍ରାଧିକାର ମଧ୍ୟରେ ଭୁବନେଶ୍ୱର ନଗର ସମେତ ଖୋର୍ଦ୍ଧା ଜିଲ୍ଲାର ପୌରାଞ୍ଚଳ ସାମିଲ ଥିଲା ଯେଉଁଠି ଉପରୋକ୍ତ ଅବଧି ମଧ୍ୟରେ ଉଚ୍ଚ ଅର୍ଥନୈତିକ ବିକାଶ ଘଟିଥିଲା।
- ସାତଟି ଡିଏସ୍‌ଆର/ ଏସ୍‌ଆର୍‌ରେ ଅଧ୍ୟକ୍ଷ ଆବଶ୍ୟକୀୟ ଦୁଇଜଣ ସାଧାରଣ ଜନତାଙ୍କୁ କମିଟିକୁ ମନୋନୀତ କରିନଥିଲେ।
- ନିୟମାବଳୀରେ ମନୋନୀତ ହେବାକୁ ଥିବା ବିଶେଷଜ୍ଞ ମୂଲ୍ୟାୟନକାରୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୈଷୟିକ ଯୋଗ୍ୟତା କିମ୍ବା ଯୋଗ୍ୟତାର ମାନଦଣ୍ଡ ନିର୍ଦ୍ଦିଷ୍ଟ କରା ଯାଇନଥିଲା।
- ଡିଭିସି/ ଏସ୍‌ଡିଭିସିର ଅଧ୍ୟକ୍ଷ ମାନେ କମିଟି ବୈଠକରେ ବିଶେଷଜ୍ଞ ମୂଲ୍ୟାୟନକାରୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୈଷୟିକ ଯୋଗ୍ୟତା କିମ୍ବା ଯୋଗ୍ୟତାର ମାନଦଣ୍ଡ ବିଷୟରେ ଆଲୋଚନା କରିନଥିଲେ କିମ୍ବା

ତାହାର ବିଶଦ ବିବରଣୀ ଅଭିଲିଖିତ କରିନଥିଲେ। ଯେଉଁ ଲୋକମାନଙ୍କୁ ବିଶେଷଜ୍ଞ ମୂଲ୍ୟାୟନକାରୀ ଭାବେ ମନୋନୀତ କରାଯାଉଛି ତାହାର ଯଥାର୍ଥତା ଅଭିଲିଖିତ କରାଯାଉନଥିଲା।

- 14ଟି ନମୁନା ଯାଞ୍ଚ ଡିଏସ୍ଆର/ ଏସ୍ଆର ମଧ୍ୟରୁ ସାତୋଟିରେ[8] ମନୋନୀତ କରାଯାଇଥିବା ଦୁଇଜଣ ବେସରକାରୀ ଲୋକଙ୍କ ମଧ୍ୟରୁ ଜଣଙ୍କୁ ବିଶେଷଜ୍ଞ ମୂଲ୍ୟାୟନକାରୀ କୁହାଯାଇଥିଲା। ଯଦିଓ, ଥରେ ମନୋନୀତ ହୋଇଗଲା ପରେ ପ୍ରବୀଣ ମୂଲ୍ୟାୟନକାରୀ କୁହାଯାଉଥିବା ସଦସ୍ୟଙ୍କ ଦ୍ୱାରା ଡିଭିସି/ ଏସ୍ଡିଭିସିକୁ ଦିଆଯାଇଥିବା ଔପଚାରିକ ତଥା ବିଶେଷ ତଥ୍ୟ, କମିଟିର କୌଣସି ବୈଠକର ରେକର୍ଡରେ ମିଳିନଥିଲା।

ସ୍ଥାବର ସମ୍ପତ୍ତି ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍ ଲାଗୁ କରିବା ଉଦ୍ଦେଶ୍ୟରେ ବିଶେଷଜ୍ଞ ମୂଲ୍ୟାୟନକାରୀ ହିସାବରେ କାର୍ଯ୍ୟ କରିବା ପାଇଁ କମ୍ପାନୀ (ନିବନ୍ଧିତ ମୂଲ୍ୟାୟନକାରୀ ଏବଂ ମୂଲ୍ୟାୟନ) ନିୟମାବଳୀ, 2017 ନିର୍ଦ୍ଦିଷ୍ଟ ମାନଦଣ୍ଡ ବିହିତ କରିଥିଲା। କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ପରି ରାଜ୍ୟରେ ମୂଲ୍ୟାଙ୍କନ କମିଟି/ ପରିଷଦକୁ ମନୋନୀତ ହେଉଥିବା ବିଶେଷଜ୍ଞ ମୂଲ୍ୟାୟନକାରୀଙ୍କ ପାଇଁ ମାନଦଣ୍ଡ ଯେପରିକି ମୂଲ୍ୟାୟନକାରୀଙ୍କ ପ୍ରତିଷ୍ଠାନର ସଦସ୍ୟ କିମ୍ବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ସହିତ ପଞ୍ଜୀକରଣ ବିହିତ କରାଯାଇଥିଲା। ସେହିପରି, ବ୍ୟାପାର ନିମନ୍ତେ ବ୍ୟବସାୟିକ ଋଣ ଏବଂ ବ୍ୟକ୍ତିବିଶେଷଙ୍କ ନିମନ୍ତେ ଗୃହ ଋଣ ମଞ୍ଜୁର କରିବା ପାଇଁ, ଆବାସିକ କିମ୍ବା ବ୍ୟବସାୟିକ ସ୍ଥାବର ସମ୍ପତ୍ତି କିଣିବା ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ୟାଙ୍କ୍ମାନେ ଯଥା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବିଚାର୍ଯ୍ୟ ସମ୍ପତ୍ତିର ମୂଲ୍ୟାଙ୍କନ କରିବା ପାଇଁ ବିଶେଷଜ୍ଞ ମୂଲ୍ୟାୟନ ପେଶାଦାର ମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ନିମ୍ନଲିଖିତ ବୈଷୟିକ ଯୋଗ୍ୟତା ବିହିତ କରିଥିଲା:

i. ମୂଲ୍ୟାୟନକାରୀଙ୍କ ପ୍ରତିଷ୍ଠାନର ସଦସ୍ୟ, ସମ୍ପଦ ପରିଚାଳକ ଏବଂ ମୂଲ୍ୟାଙ୍କନକାରୀଙ୍କ ପ୍ରତିଷ୍ଠାନ (ଆଇଇଏସ୍ଏମ୍ଏ), ଭାରତର ସନନ୍ଦପ୍ରାପ୍ତ ଲେଖାକାରଙ୍କ ପ୍ରତିଷ୍ଠାନ କିମ୍ବା ଅନ୍ୟାନ୍ୟ ସଂସ୍ଥା ଯେଉଁମାନେ କି ଭାରତର ପରିଶୋଧ ଅକ୍ଷମତା ଏବଂ ଦେବାଳିଆପଣ ପରିଷଦ ସହିତ ନିବନ୍ଧିତ ମୂଲ୍ୟାୟନ ସଙ୍ଗଠନ ହିସାବରେ ପଞ୍ଜିକୃତ ହୋଇଥିବେ।

ii. ଧନ କର ଅଧିନିୟମ, 1957 ର ଅନୁଭାଗ 34 AB ଅଧିନରେ ଆୟ କର ବିଭାଗ ସହିତ ପଞ୍ଜିକୃତ ହୋଇଥିବା ମୂଲ୍ୟାୟନକାରୀ।

ନିର୍ଦ୍ଦିଷ୍ଟ ବ୍ୟବଧାନରେ ଏମ୍ଭିଜିର ସଂଶୋଧନ ପାଇଁ ଚିନ୍ତା କରାଯାଇଥିବା ସତ୍ତ୍ୱେ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀର ନିୟମ 37 ର ଅନନୁପାଳନା ହେତୁ କମିଟିମାନେ ତଥ୍ୟର ଭିନ୍ନ ଭିନ୍ନ ଉତ୍ସ ପାଖରେ ପହଞ୍ଚି ପାରିନଥିଲେ ଯାହାକି ଡିଭିସି/ ଏସ୍ଡିଭିସିର ନାନାବିଧ ସଦସ୍ୟତାରୁ ମିଳିଥାନ୍ତା। ବିଶେଷଜ୍ଞ ମୂଲ୍ୟାୟନକାରୀଙ୍କ ଅନୁପସ୍ଥିତ ହେତୁ କମିଟିମାନେ ମଧ୍ୟ ନିୟମାବଳୀରେ ଅଭିଳକ୍ଷିତ ହୋଇଥିବା ଏମ୍ଭିଜି ସଂଶୋଧନ ସମୟରେ ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ସମ୍ପର୍କିତ ତଥ୍ୟ ପ୍ରବୀଣମାନଙ୍କ ଠାରୁ ପାଇପାରିନଥିଲେ।

ମହା ନିରୀକ୍ଷକ, ନିର୍ବନ୍ଧନ, ଓଡିଶାଙ୍କ କାର୍ଯ୍ୟାଳୟ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ମୂଲ୍ୟାଙ୍କନ କମିଟି ମାନଙ୍କର କାର୍ଯ୍ୟଧାରାକୁ ନିୟନ୍ତ୍ରିତ କରିବା ପାଇଁ ଏକ ମାନକ ପରିଚାଳନା ପ୍ରଣାଳୀ ଜାରି କରାଯିବ; ନିୟମର ସଂଶୋଧନକୁ ବିଚାର କରାଯିବ, ବିଶେଷଜ୍ଞ ମୂଲ୍ୟାୟନକାରୀ ମାନଙ୍କୁ କମିଟିକୁ ମନୋନୀତ କରିବା ନିମନ୍ତେ ସେମାନଙ୍କ ଯୋଗ୍ୟତା ମାନଦଣ୍ଡକୁ ବିଶେଷିତ କରିବା ପାଇଁ ନିୟମର ସଂଶୋଧନ ବିଚାର କରାଯିବ ଏବଂ ଭବିଷ୍ୟତରେ ନିୟମର ସଠିକ ପାଳନ କରାଯିବ।

***ସୁପାରିଶ 2.1.1:***

***ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକମାନଙ୍କୁ ଏସ୍ଡିଭିସି/ ଡିଭିସି ଗୁଡ଼ିକର ସଭ୍ୟ ଭାବରେ ମନୋନୀତ ହେବା ପାଇଁ ବୈଷୟିକ ଯୋଗ୍ୟତା ମାନକଗୁଡ଼ିକର ନିର୍ଦ୍ଦିଷ୍ଟିକରଣ ପୂର୍ବକ, ଆର୍ଡିଏମ୍ ବିଭାଗ, ଓଡ଼ିଶା ଷ୍ଟାମ୍ପ(ସଂଶୋଧନ) ନିୟମ. 2001 ର ନିୟମାବଳୀର ନିୟମ 38 ଓ 39 ର ସଂଶୋଧନ କରିପାରନ୍ତି ।***

---

[8] କୁଜଙ୍ଗ, ଜଗତପୁର ଓ ଖୋର୍ଦ୍ଧାର ଏସ୍ଆର୍ ଏବଂ ଗଞ୍ଜାମ, ସମ୍ବଲପୁର ଓ ଖୋର୍ଦ୍ଧାର ଡିଏସ୍ଆର ମାନେ

***ସୁପାରିଶ 2.1.2:***

***ବିଦ୍ୟମାନ କମିଟିଗୁଡ଼ିକ ସହିତ, ରାଜ୍ୟ ସରକାର ଏକ କେନ୍ଦ୍ରୀୟ ମୂଲ୍ୟାୟନ କମିଟି ଗଠନ କରିପାରନ୍ତି, ଯାହାକୁ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଓ ବିକାଶ ହାସଲ କରୁଥିବା ଅଞ୍ଚଳ ଓ ସେଠାରେ ଥିବା ସ୍ଥାବର ସମ୍ପତ୍ତି ପାଇଁ ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନ କରୁଥିବା ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାର ଦାୟିତ୍ୱ ହସ୍ତାନ୍ତର କରାଯାଇପାରେ । ଓଡ଼ିଶା ନିବନ୍ଧନ ମହାନିରୀକ୍ଷକ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ, ସର୍ବେକ୍ଷଣ ଓ ସମାଧାନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଓଡ଼ିଶା ଜମିବାଡ଼ି ନିୟାମକ କର୍ତ୍ତୃପକ୍ଷ, ଇଡ୍‌କୋ, ଆୟକର ବିଭାଗ, ସିଟି ଓ ଜିଏସ୍‌ଟି କମିଶନର ପୂର୍ତ୍ତ ବିଭାଗ, ଜଳ ସମ୍ପଦ ବିଭାଗ ତଥା ମୂଲ୍ୟାୟନ ଅନୁଷ୍ଠାନର ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକ ଓ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀର ସଭ୍ୟମାନଙ୍କୁ ନେଇ କେନ୍ଦ୍ରୀୟ ମୂଲ୍ୟାୟନ କମିଟି ଗଠନ କରାଯାଇପାରେ ।***

### 2.1.3 ଡିଭିସି/ ଏସ୍‌ଡିଭିସି ଦ୍ୱାରା ସଂଗୃହିତ ଏବଂ ବିଶ୍ଲେଷିତ ହେବାକୁ ଥିବା ସମ୍ପୂର୍ଣ୍ଣ ତଥ୍ୟାବଳୀର ଅଭାବ ହେତୁ ନିୟମ 38 ଓ 39 ର ଅନୁପାଳନ ନହେବା

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 38 ଓ 39 ଅନୁସାରେ ଡିଭିସି/ ଏସ୍‌ଡିଭିସି ମାନେ ବିହିତ ଫର୍ମ 5 ରେ ସହରାଞ୍ଚଳରେ ଥିବା ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ପାଇଁ ସୂଚନା ସଂଗ୍ରହ କରିବା କଥା ଏବଂ ସେଗୁଡିକର ବଜାର ମୂଲ୍ୟ ସଙ୍କଳନ ଓ ବିଶ୍ଲେଷଣ କରିବା କଥା। ଏହି ଫର୍ମରେ ସହରାଞ୍ଚଳରେ ଥିବା ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ପାଇଁ ନଗର ଅନୁସାରେ, ୱାର୍ଡ ଅନୁସାରେ ଏବଂ ଅଞ୍ଚଳ ଅନୁସାରେ ପଦାନୁକ୍ରମର ବିଶଦ ସଙ୍କଳନ ନିମନ୍ତେ ବ୍ୟବସ୍ଥା ଥିଲା।

ଫର୍ମ 5 ଅନୁସାରେ ଏସ୍‌ଡିଭିସିମାନେ ସଂପୃକ୍ତ ଉପ-ନିବନ୍ଧକମାନଙ୍କ ଠାରୁ ସହରାଞ୍ଚଳରେ ଥିବା ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ପାଇଁ ହାରାହାରି ବିକ୍ରୟ ମୂଲ୍ୟ ଉପରେ ତଥ୍ୟ ସଂଗ୍ରହ ଏବଂ ସଙ୍କଳନ କରିବା କଥା। ବ୍ୟକ୍ତିଗତ ପ୍ଲଟ୍ ପାଇଁ ବିକ୍ରୟ ମୂଲ୍ୟର ଅଭାବ ସ୍ଥଳେ ତୁଳନୀୟ/ ପାଶ୍ୱବର୍ତ୍ତୀ ଜମି ର ବିକ୍ରୟ ଦୃଷ୍ଟାନ୍ତ ବିଚାରକୁ ନେବାର ଥିଲା। ପ୍ଲଟ୍ ଗୁଡିକର ପ୍ରଚଳିତ ବଜାର ମୂଲ୍ୟ ବାବଦରେ ସୂଚନା, ଏସ୍‌ଡିଭିସିର ସଦସ୍ୟ ଥିବା ତହସିଲଦାରଙ୍କ ମାଧ୍ୟମରେ ସଂପୃକ୍ତ ଆର୍‌ଆଇ ମାନେ ଯୋଗାଇ ଦେବାର ଥିଲା । ଏସ୍‌ଡିଭିସିମାନେ ଅନ୍ୟାନ୍ୟ ସୂଚନା ଯଥା ନିର୍ମାଣ ବ୍ୟୟ, ଆଖପାଖରେ ଥିବା ସରକାରୀ ଜମିର ଆଧିକାରିକ ବିକ୍ରୟ, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଖପାଖରେ ନିଲାମ କରାଯାଇଥିବା ଜମି, ସଂପୃକ୍ତ ପ୍ରାଧିକାରୀଙ୍କ ଠାରୁ ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ର ନଗର ଅନୁସାରେ, ୱାର୍ଡ ଅନୁସାରେ ଏବଂ ଅଞ୍ଚଳ ଅନୁସାରେ ପଦାନୁକ୍ରମର ସଙ୍କଳନ ନିମନ୍ତେ ମାଗିବାର ଥିଲା।

ଅଡିଟ୍ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟମାନେ ରଖିଥିବା ନଥି ଓ ଏସ୍‌ଡିଭିସି/ ଡିଭିସି ମାନେ ବିଚାରକୁ ନେଇଥିବା ତଥ୍ୟର ଯାଞ୍ଚ କଲା ଏବଂ ପରିଲକ୍ଷିତ କଲା କି ଫର୍ମ 5 ଅନୁସାରେ ସହରୀ ଗ୍ରାମ ଗୁଡିକରେ ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍‌ର ମୂଲ୍ୟ ବାବଦରେ ତଥ୍ୟ ରକ୍ଷଣରେ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 38 ଓ 39ର ସାମଗ୍ରିକ ଅନନୁପାଳନା ହୋଇଥିଲା ଯାହା ନିମ୍ନରେ ଉଲ୍ଲେଖ କରାଗଲା।

- ଉପ-ନିବନ୍ଧକ କାର୍ଯ୍ୟାଳୟ ମାନଙ୍କରେ ନିବନ୍ଧିତ ହୋଇଥିବା ଦସ୍ତାବିଜକୁ ଭିତ୍ତି କରି ପୂର୍ବବର୍ତ୍ତୀ ଦୁଇ ବର୍ଷରେ ବିକ୍ରୟର ହାରାହାରି ମୂଲ୍ୟର ତଥ୍ୟ ସଂପୃକ୍ତ ଆର୍‌ଆଇ ମାନଙ୍କ ଦ୍ୱାରା ଫର୍ମ 5ରେ ଏସଡିଭିସି ମାନଙ୍କୁ ଦିଆଯାଇ ନ ଥିଲା।

- ଏଥି ସହିତ ପ୍ରକୃତ ବିକ୍ରୀ କାରବାର ଉପରେ ତଥ୍ୟର ଅନୁପସ୍ଥିତି, ତୁଳନୀୟ/ ପାଶ୍ୱବର୍ତ୍ତୀ ଜମିର ବିକ୍ରୟ ଦୃଷ୍ଟାନ୍ତ ମଧ୍ୟ ଜମି ମୂଲ୍ୟାୟନର ଏକ ଆଧାର ଭାବେ ବିଚାରକୁ ନିଆଯାଇନଥିଲା।

- ଆଖପାଖରେ ଥିବା ସରକାରୀ ଜମିର ଆଧିକାରିକ ବିକ୍ରୟ, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଲାମ କରାଯାଇଥିବା ଜମି ବାବଦରେ ତଥ୍ୟ ମଧ୍ୟ ସଂପୃକ୍ତ ଅଧିକାରୀଙ୍କ ଠାରୁ ଏସ୍‌ଡିଭିସି ମାନେ ସଂଗ୍ରହ କରି ନଥିଲେ।

- 14ଟି ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟ ମଧ୍ୟରୁ ଛଅଟିରେ[9] ବ୍ୟବସାୟିକ ପ୍ଲଟ୍ ଚିହ୍ନିତ ତଥା ତାଲିକାଭୁକ୍ତ ହୋଇନଥିଲା ଯଦିଓ କଟକ ଓ ପୁରୀ ସମେତ ସେମାନଙ୍କ କ୍ଷେତ୍ରାଧିକାର ମଧ୍ୟରେ ଥିବା ସହରୀ ରାଜସ୍ୱ ଗ୍ରାମ ମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଘଟିଥିଲା ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିଲା। ସମଗ୍ର ପୁରୀ ଜିଲ୍ଲାରେ ସରକାରୀଭାବେ କୌଣସି ବ୍ୟବସାୟିକ ପ୍ଲଟ୍ ତାଲିକାଭୁକ୍ତ ହୋଇନଥିଲା ଯଦିଓ ଜିଲ୍ଲାରେ ମହତ୍ୱପୂର୍ଣ୍ଣ ପର୍ଯ୍ୟଟନ ସମ୍ପତ୍ତିର ବିକାଶ ଘଟିଥିଲା।

- ଫର୍ମ 5 ରେ ତଥ୍ୟ ରକ୍ଷଣ କରିବା ପରିବର୍ତ୍ତେ ନମୁନାଯାଞ୍ଚ ଏସ୍‌ଡିଭିସି ମାନଙ୍କୁ ତହସିଲଦାରଙ୍କ ମାଧ୍ୟମରେ ସଂପୃକ୍ତ ଆର୍‌ଆଇ ମାନେ ବିଭିନ୍ନ କିସମ[10] ଅନୁଯାୟୀ ଜମିର ମୂଲ୍ୟ[11] (ଯାହାପାଇଁ ନିୟମରେ କୌଣସି ବ୍ୟବସ୍ଥା ନଥିଲା) ଉପରେ ତଥ୍ୟ ଯୋଗାଇ ଦେଇଥିଲେ। ଆର୍‌ଆଇ ମାନେ ଭୂ-ଅଭିଲେଖରେ ଲିପିବଦ୍ଧ ହୋଇଥିବା ବର୍ଗ (ଯେପରିକି ଜଳସେଚିତ ଜମି, ଉଦ୍ୟାନ ଜମି, ଇତ୍ୟାଦି) ଅନୁସାରେ ଜମିର ବେନିୟମ ମୂଲ୍ୟାୟନ କରିଥିଲେ ଏପରିକି ଯେଉଁଠି ପ୍ଲଟ୍‌ର ପ୍ରକୃତ ଚୂଡାନ୍ତ ଉପଯୋଗ ସ୍ପଷ୍ଟ ଭାବେ ବ୍ୟବସାୟିକ ଥିଲା କାରଣ ସେହି ପ୍ଲଟ୍ ଉପରେ ଭୋଜନାଳୟ ଏବଂ ବ୍ରାଣ୍ଡେଡ୍ ସାମଗ୍ରୀର ଭଣ୍ଡାର ଚାଲୁଥିଲା।

- ଏହି ମୂଲ୍ୟ ସମୁଦାୟ, ଆର୍‌ଆଇ ମାନଙ୍କ ଦ୍ୱାରା ପ୍ରସ୍ତାବିତ ମୂଲ୍ୟ ପାଇଁ କୌଣସି ଯଥାର୍ଥତା କିମ୍ବା ଯୁକ୍ତି (ଯଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନର ସଂଲଗ୍ନତା, ମୁଖ୍ୟ ରାସ୍ତା, ସରକାରୀ ପରିବହନ ବ୍ୟବସ୍ଥା ଓ ବଜାର ସ୍ଥଳକୁ ଯାତାୟାତ ସୁବିଧା) କିମ୍ବା କୌଣସି ମୂଲ୍ୟାୟନ ସିଦ୍ଧାନ୍ତ କିମ୍ବା ମାନକ ବିନା ଦିଆଯାଇଥିଲା। ଆର୍‌ଆଇ ମାନେ ପ୍ଲଟ୍ ଅନୁସାରେ ତଥ୍ୟ ସଙ୍କଳନ କରିବା ପୂର୍ବରୁ ଏବଂ ତାହାକୁ ତହସିଲଦାରମାନଙ୍କ ମାଧ୍ୟମରେ ଏସ୍‌ଡିଭିସି ମାନଙ୍କୁ ପଠାଇବା ପୂର୍ବରୁ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ଠାରୁ ଅନ୍ୟ କୌଣସି ତଥ୍ୟ ସଂଗ୍ରହ କରିନଥିଲେ। ଆର୍‌ଆଇ ମାନଙ୍କ ଠାରୁ ମିଳିଥିବା ଏହି ତଥ୍ୟ ଗୁଣାତ୍ମକ ଭାବେ ଅସମ୍ପୂର୍ଣ୍ଣ/ ଭୁଲ ଥିଲା ଯେହେତୁ ସଂପୃକ୍ତ ବ୍ୟକ୍ତିଗତ ପ୍ଲଟ୍ ପାଇଁ ପ୍ରଚଳିତ ବଜାର ମୂଲ୍ୟକୁ ସଠିକ୍ ଭାବେ ପ୍ରଦର୍ଶନ କରିବା ନିମନ୍ତେ ସେଗୁଡିକୁ ଆବଶ୍ୟକ ତତ୍ପରତା ସହିତ ପ୍ରସ୍ତୁତ କରାଯାଇନଥିଲା। ଏହା ପରିବର୍ତ୍ତେ ଅନେକ କ୍ଷେତ୍ରରେ ଆର୍‌ଆଇ ମାନେ କେବଳ 10 ପ୍ରତିଶତ କିମ୍ବା ପ୍ଲଟ୍ ପାଇଁ ପ୍ରଚଳିତ ବଜାର ମୂଲ୍ୟ ମାର୍ଗଦର୍ଶିକା ଉପରେ ତତୁଲ୍ୟ ଯେକୌଣସି ଏକ ମୂଲ୍ୟ ବୃଦ୍ଧି ପ୍ରସ୍ତାବିତ କରିଥିଲେ ଯାହା ପାଇଁ କୌଣସି ସମକକ୍ଷ ଯୁକ୍ତି ବାଢି ନଥିଲେ।

- ଆର୍‌ଆଇ ମାନେ ଗୋଟେ ପ୍ଲଟ୍‌ର ବିଭାଜିତ ପ୍ଲଟର[12] ମୂଲ୍ୟ ନିର୍ଦ୍ଧାରିତ କରିନଥିଲେ ଯାହାଯୋଗୁଁ ମୁଖ୍ୟ ପ୍ଲଟ୍‌ର ମାନକ ମୂଲ୍ୟକୁ ବିଭାଜିତ ପ୍ଲଟର ମାନକ ମୂଲ୍ୟ ଭାବେ ନିଆଯାଉଥିଲା କିମ୍ବା ଏହା କୌଣସି କାରଣ ବିନା ଅଲଗା ନିର୍ଦ୍ଧାରିତ ହେଉଥିଲା। ଉଦାହରଣ ସ୍ୱରୂପ, ଜାଗମରା, ଭୁବନେଶ୍ୱରରେ (ଏସ୍‌ଆର୍, ଖଣ୍ଡଗିରି) ରେ ପ୍ଲଟ୍ ନଂ 417 ର ମାନକ ମୂଲ୍ୟ 8.28 କୋଟି ଟଙ୍କା (ବର୍ଗ-ଆବାସିକ) ଯେତେବେଳେ କି ପ୍ଲଟ୍ ନଂ 417/3478 ର ମାନକ ମୂଲ୍ୟ ଅଲଗା ଭାବେ ନିର୍ଦ୍ଧାରିତ କରାଯାଇ ନଥିଲା। ମୁଖ୍ୟ ପ୍ଲଟ୍ ଉପରେ ଏକ ଖୁଚୁରା ମଦ ଦୋକାନ ଚାଲୁଥିଲା ଏବଂ ବିଭାଜିତ ପ୍ଲଟକୁ ଆବାସିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ସେହିପରି, ଡୁମଡୁମା, ଭୁବନେଶ୍ୱରରେ (ଏସ୍‌ଆର୍, ଖଣ୍ଡଗିରି)

---

9 ଡିଏସ୍‌ଆର୍, ପୁରୀ; ଡିଏସ୍‌ଆର୍, ଗଞ୍ଜାମ; ଏସ୍‌ଆର୍, ପିପିଲି; ଏସ୍‌ଆର୍, ଗୋପ, ଏସ୍ ଆର୍, କୁଜଙ୍ଗ; ଏସ୍ ଆର୍, ଜଗତପୁର

10 କିସମ ଏକ ଓଡ଼ିଆ ଶବ୍ଦ, ଯାହାର ଅର୍ଥ ରାଜସ୍ୱ ବିଭାଗ କ୍ଷେତ୍ରରେ ହେଉଛି 'ବିଭିନ୍ନ ଜମି'

11 ତହସିଲର ନାମ, ନିବନ୍ଧନ କାର୍ଯ୍ୟାଳୟର ନାମ, ନଗର/ ସହରର ନାମ, ୱାର୍ଡର ନାମ, ଅଞ୍ଚଳ/ ଗଳିର ନାମ, ପ୍ରତି ବର୍ଗ ମିଟର ଓ ଡେସିମଲ୍‌ର (ଆବାସିକ/ ବ୍ୟବସାୟିକ) ମୂଲ୍ୟ ଏବଂ ଅନ୍ୟାନ୍ୟ ପ୍ରକଳ୍ପର ଡେସିମଲ୍ ପିଛା ମୂଲ୍ୟ

12 ଯେତେବେଳେ ଏକ ପ୍ଲଟକୁ ବିକ୍ରୟ କିମ୍ବା ଲିଜ୍ କିମ୍ବା ସମ୍ପତ୍ତିର ଭାଗବଣ୍ଟା ଯୋଗୁଁ ଏକାଧିକ ପ୍ଲଟରେ ଭାଗ କରାଯାଏ, ମୁଖ୍ୟ ପ୍ଲଟରୁ ଯେଉଁ ନୂଆ ପ୍ଲଟ ବାହାରେ ତାହାକୁ ମୁଖ୍ୟ ପ୍ଲଟର ବିଭାଜିତ ପ୍ଲଟ କୁହାଯାଏ। ଉଦାହରଣ ସ୍ୱରୂପ ଯଦି ମୁଖ୍ୟ ପ୍ଲଟ୍ A ହୁଏ ଏବଂ ବିଭାଜିତ ପ୍ଲଟ X ଓ Y ହୁଏ, ତେବେ A/X ଏବଂ A /Y ବିଭାଜିତ ପ୍ଲଟ ନମ୍ବର ହେବ।

ମୁଖ୍ୟ ପ୍ଲଟ୍ ନଂ 18 ଉପରେ ଅନେକଗୁଡିଏ ବ୍ୟବସାୟିକ ପ୍ରତିଷ୍ଠାନ ଚାଲୁଥିଲା, କିନ୍ତୁ ଏହାର ବିଭାଜିତ ପ୍ଲଟ ନଂ 18/1181 ଯାହା ଉପରେ ଏକ ବ୍ୟବସାୟିକ ଟ୍ୟୁସନ୍ କେନ୍ଦ୍ର ଚାଲୁଥିଲା, ତାହାର ମାନକ ମୂଲ୍ୟ ସ୍ଥିର କରାଯାଇନଥିଲା।

- ଡିଭିସିମାନେ ତଥ୍ୟର ଅନୁପସ୍ଥିତି ବିଷୟରେ ନା କୌଣସି ମତ ଦେଇଥିଲେ ନା ବିହିତ ଫର୍ମ 5 ଅନୁସାରେ ନିରୁଦ୍ଦିଷ୍ଟ ତଥ୍ୟର ସଙ୍କଳନ ଉପରେ କୌଣସି ମତ ରଖିଥିଲେ ଯେତେବେଳେ କି ଏସ୍‌ଡିଭିସି ସେମାନଙ୍କୁ ପ୍ରସ୍ତାବିତ ପ୍ଲଟ୍ ଅନୁସାରେ ମୂଲ୍ୟ ପଠାଇଥିଲା।

- ଡିଭିସିମାନେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ, 1982 ଏବଂ ଓଡିଶା ସହରୀ ଯୋଜନା ଏବଂ ଉନ୍ନତିକରଣ ଟ୍ରଷ୍ଟ ଆକ୍ଟ (ନ୍ୟାସ) ଅଧିନିୟମ, 1956 ଅଧିନରେ ବିଜ୍ଞାପିତ ହୋଇଥିବା ନିଜନିଜ କ୍ଷେତ୍ରାଧିକାର ମଧ୍ୟରେ ଆସୁଥିବା ଅଞ୍ଚଳରେ ସମ୍ପତ୍ତି ମୂଲ୍ୟ ସଂକ୍ରାନ୍ତ ସୂଚନା ସଂଗ୍ରହ କରିନଥିଲେ। ଏମ୍‌ଭିଜି ସଂଶୋଧନ ପୂର୍ବରୁ ବିଦ୍ୟମାନ ତଥ୍ୟ ସହିତ ପ୍ରାଥମିକ ତଥ୍ୟ ହିସାବରେ ପ୍ରକଳ୍ପ ମୂଲ୍ୟ ଏବଂ ସମ୍ପତ୍ତି ଧାରା ସଂଗ୍ରହ ଓ ସଙ୍କଳନ କରିନଥିଲେ।

- ତେଣୁ ଏମ୍‌ଭିଜି, ଆର୍‌ଆଇମାନଙ୍କ ଦ୍ୱାରା ପ୍ଲଟ୍‌ର ମୂଲ୍ୟ ପାଇଁ ପ୍ରଦତ୍ତ ଏକମାତ୍ର ତଥ୍ୟକୁ ନେଇ ସଂଶୋଧନ କରାଯାଇଥିଲା (ଫର୍ମ 5 ର ଅନୁପାଳନା ସହିତ ପ୍ରକୃତ ଚୂଡାନ୍ତ ଉପଯୋଗ, ଯାହାକି ସଂଯୁକ୍ତ ବସ୍ତୁଗତ ନିରୀକ୍ଷଣରେ ଦେଖାଯାଇଥିଲା, ସୁନିଶ୍ଚିତ ନକରି, ସଠିକଭାବେ ଆବାସିକ/ ବ୍ୟବସାୟିକ/ ଅନ୍ୟାନ୍ୟ ଶ୍ରେଣୀରେ ବର୍ଗୀକରଣ କରା ନ ଯାଇ ଲିପିବଦ୍ଧ ହୋଇଥିବା ଭୂ-ଅଭିଲେଖ ଅନୁସାରେ ଭୁଲ୍ ଏବଂ ଅନିୟମିତ ଭାବେ ବିଭିନ୍ନ କିସମରେ ବର୍ଗୀକରଣ କରାଯାଇଥିଲା), ଆର୍‌ଆଇମାନେ ପ୍ରସ୍ତାବ ଦେଇଥିବା ମୂଲ୍ୟର, ପ୍ଲଟ୍‌ର ମୂଲ୍ୟାୟନ ଉପରେ ଅନ୍ୟାନ୍ୟ ଉତ୍ସରୁ ଆନୀତ ସୂଚନା ସହିତ ପ୍ରତି-ସତ୍ୟାପନ କରାଯାଇନଥିଲା।

ନିୟମ 38 ଓ 39 ର ଅନନୁପାଳନା ଏକ ପ୍ରମୁଖ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବିଫଳତାରେ ପରିଣତ ହୋଇଥିଲା ଯେହେତୁ କମିଟି ମାନେ ଏମଭିଜି ସଂଶୋଧନ ପାଇଁ କେବଳ ଗୋଟିଏ ଉତ୍ସ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ ଯଥା ଆର୍‌ଆଇ ମାନଙ୍କ ଦ୍ୱାରା ତହସିଲଦାରଙ୍କ ମାଧ୍ୟମରେ ଦିଆଯାଇଥିବା ପ୍ଲଟ୍‌ର ବିବିଧ ବର୍ଗ/ କିସମ ପାଇଁ ମୂଲ୍ୟ।

କମିଟିମାନେ ନିୟମର ସାମଗ୍ରୀକ ଅନୁପାଳନ ବିନା ଏବଂ ଉପରୋକ୍ତ ପ୍ରମୁଖ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବିଫଳତା କଥା ଜାଣିବା ସତ୍ତ୍ୱେ ସେମାନଙ୍କର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମ୍ଭାବ୍ୟ ଉଚ୍ଚ ଦର ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ସମ୍ବନ୍ଧରେ କୌଣସି ତଥ୍ୟ ସଂଗ୍ରହ କରିନଥିଲେ ଯାହାକି ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ସଂସ୍ଥାମାନଙ୍କରେ ଉପଲବ୍ଧ ଥିଲା। **ସାରଣୀ 2.1.2** ସରକାରୀ ସଂସ୍ଥା ଏବଂ ସେମାନଙ୍କ ପାଖରେ ଥିବା ସୂଚନା ବିଷୟରେ ବିଶଦ ବିବରଣୀ ପ୍ରଦାନ କରେ ଯାହାକି ସେମାନଙ୍କ କ୍ଷେତ୍ରାଧିକାର ମଧ୍ୟରେ ଥିବା ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍‌ର ଅବ-ମୂଲ୍ୟାୟନର ଆଶଙ୍କାକୁ ଦୂରୀଭୂତ କରିପାରିଥାନ୍ତା। କୃଷି ଜମିକୁ ଅଣକୃଷି ଜମିରେ ପରିବର୍ତ୍ତନ କରିବା ପାଇଁ ଓଡ଼ିଶା ଭୂମି ସଂସ୍କାର ଅଧିନିୟମର ବ୍ୟବସ୍ଥାକୁ ଅନୁପାଳନ କରାଯାଇନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ।

***ସାରଣୀ 2.1.2: ସରକାରୀ ସଂସ୍ଥା ଏବଂ ସମ୍ଭାବ୍ୟ ଉଚ୍ଚ ଦର ଆବାସିକ ଏବଂ ବ୍ୟବସାୟିକ ପ୍ଲଟ ଉପରେ ତଥ୍ୟ***

| କ୍ର.ସଂ. | ସରକାରୀ ସଂସ୍ଥା | ସମ୍ଭାବ୍ୟ ଉଚ୍ଚ ଦର ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ଉପରେ ତଥ୍ୟର ଉପଲବ୍ଧତା |
|---|---|---|
| 1 | ସହରୀ ଯୋଜନା ନିର୍ଦ୍ଦେଶାଳୟ, ଗୃହ ଓ ନଗର ଉନ୍ନୟନ ବିଭାଗ | ରାଜ୍ୟରେ ଥିବା ସହରାଞ୍ଚଳ ପାଇଁ ପ୍ଲଟ୍‌ର ବର୍ଗୀକରଣ ଓ ଅଞ୍ଚଳ ମାନଙ୍କର ବିଶଦ ବିବରଣୀ ଅନୁମୋଦିତ ମାଷ୍ଟର ପ୍ଲାନ୍ |
| 2 | ଉନ୍ନୟନ କର୍ତ୍ତୃପକ୍ଷ | ଉନ୍ନୟନ ହେବାକୁ ଥିବା ନୂଆ ଅଭିନ୍ୟାସ ଗୁଡିକର ପ୍ଲଟ୍-ଅନୁସାରେ ବିଶଦ ବିବରଣୀ; ଆବାସିକ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଅନୁମୋଦିତ ଗୃହ ରେଖାଙ୍କନର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 3 | ଓଡିଶା ରିଅଲ୍ ଇଷ୍ଟେଟ୍ ନିୟନ୍ତ୍ରଣ କର୍ତ୍ତୃପକ୍ଷ | ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପାଇଁ ରେଖାଙ୍କନ ଓ ଅଭିନ୍ୟାସ, ସର୍ବ ସାଧାରଣଙ୍କୁ ବିକ୍ରି ପାଇଁ ବିଜ୍ଞାପିତ ହେବାକୁ ଥିବା ଫ୍ଲାଟର |

| କ୍ର.ସଂ. | ସରକାରୀ ସଂସ୍ଥା | ସମ୍ଭାବ୍ୟ ଉଚ୍ଚ ଦର ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ଉପରେ ତଥ୍ୟର ଉପଲବ୍ଧତା |
|---|---|---|
| | | ଆଭ୍ୟନ୍ତର ଏବଂ ସାଧାରଣ ମୌଳିକ ସୁବିଧା, ନିର୍ମାଣ ବ୍ୟୟର ବିଶଦ ବିବରଣୀ, ପ୍ରକଳ୍ପର ସ୍ଥିତି ଇତ୍ୟାଦି |
| 4 | କମ୍ପାନୀର ନିବନ୍ଧକ | ପଞ୍ଜିକୃତ ହୋଇଥିବା କମ୍ପାନୀର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 5 | ପୌର ନିଗମ/ ପୌରପାଳିକା | ବ୍ୟବସାୟିକ ଦୋକାନ/ ପ୍ରଦର୍ଶନ ଗୃହ, ଭୋଜନାଳୟ, ରେସ୍ତୋରାଁ ଏବଂ ମଲ୍/ ବିପଣନ ଭବନକୁ ଜାରି ହୋଇଥିବା ବ୍ୟାପାର ଅନୁଜ୍ଞପ୍ତିର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ, |
| 6 | ବାଣିଜ୍ୟ କର ଓ ଜିଏସ୍‌ଟି ଆୟୋଗୀ (ରାଜ୍ୟ)<br>ମୁଖ୍ୟ ଆୟୋଗୀ, ଜିଏସ୍‌ଟି (କେନ୍ଦ୍ରୀୟ) | ବାଣିଜ୍ୟ ପରିଚାଳନା ପାଇଁ ଜିଏସ୍‌ଟିଏନ୍ ସହିତ ପଞ୍ଜିକୃତ ହୋଇଥିବା ବ୍ୟାପାରର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 7 | ଅବକାରୀ କମିଶନର | ମଦ ଦୋକାନ, ବାର୍ ଏବଂ ରେସ୍ତୋରାଁ ମାନଙ୍କୁ ଜାରି ହୋଇଥିବା ଖୁଚୁରା ମଦ ଅନୁଜ୍ଞପ୍ତିର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 8 | ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) | ଶିଳ୍ପ ଉଦ୍ଦେଶ୍ୟରେ, ବ୍ୟବସାୟୀକ କାର୍ଯ୍ୟାଳୟ ସ୍ଥାନ, ସାମାଜିକ ଭିତ୍ତିଭୂମି ଯଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଇଁ ଲିଜ୍ ଦିଆଯାଇଥିବା ଜମିର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 9 | ଶକ୍ତି ବିଭାଗ ଏବଂ ବିଦ୍ୟୁତ ବଣ୍ଟନ କମ୍ପାନୀମାନ | ବ୍ୟବସାୟୀକ ବର୍ଗର ବିଦ୍ୟୁତ୍ ସଂଯୋଗ ନେଇଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କର ପ୍ଲଟ୍‌ଅନୁସାରେ ବିଶଦ ବିବରଣୀ |
| 10 | ଖାଦ୍ୟ ସୁରକ୍ଷା ଅଧିକାରୀ | ରେସ୍ତୋରାଁ ମାନଙ୍କର ପ୍ଲଟ୍ ଅନୁସାରେ ତାଲିକା |
| 11 | ଜନ ସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ/ ଓଡିଶାର ଜଳ ନିଗମ | ବ୍ୟବସାୟୀକ ବର୍ଗର ଜଳ ଯୋଗାଣ/ ସଫେଇ ସଂଯୋଗ ନେଇଥିବା ଉପଭୋକ୍ତାଙ୍କର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 12 | ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ | ନିଦାନିକ ପ୍ରତିଷ୍ଠାନ ଯଥା ଚିକିତ୍ସାଳୟ, ଚିକିତ୍ସକଙ୍କ ଚିକିତ୍ସାକେନ୍ଦ୍ର, ସେବା ଘର ଏବଂ ଦାନ୍ତ ଚିକିତ୍ସା କେନ୍ଦ୍ରର ପ୍ଲଟ୍ ଅନୁସାରେ ବିଶଦ ବିବରଣୀ |
| 13 | ଆଞ୍ଚଳିକ ପରିବହନ ଅଧିକାରୀ | ଯାନ ପ୍ରଦର୍ଶନ ଗୃହ, ବିକ୍ରୟ ଓ ସେବା କେନ୍ଦ୍ରର ପ୍ଲଟ୍-ୱାରୀ ବିଶଦ ବିବରଣୀ |
| 14 | ଉତ୍କଳ ବଣିକ ମଣ୍ଡଳ ଏବଂ ଶିଳ୍ପ | ବ୍ୟବସାୟୀକ ପ୍ଲଟ୍ ଚିହ୍ନଟ କରିବା ପାଇଁ ସେମାନଙ୍କର ସଦସ୍ୟ ମାନଙ୍କର ପ୍ଲଟ୍-ୱାରୀ ବିଶଦ ବିବରଣୀ |

***(ଉତ୍ସ: ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ପରିଚାଳିତ କରୁଥିବା ନିୟମ ଏବଂ ସେମାନଙ୍କର ୱେବ୍ ସାଇଟ୍ )***

ଯଦିଓ ଉଲ୍ଲିଖିତ ସରକାରୀ ସଂସ୍ଥାମାନେ ସମ୍ଭାବ୍ୟ ଉଚ୍ଚ ଦର ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରକ୍ଷଣ କରିଥିଲେ, ଡିଭିସି/ ଏସ୍‌ଡିଭିସିମାନେ ସେମାନଙ୍କଠାରୁ କୌଣସି ତଥ୍ୟ ମାଗିନଥିଲେ। ଏଥିସହ, ପ୍ରତ୍ୟେକ ଏସ୍‌ଆର/ ଡିଏସ୍‌ଆରର କ୍ଷେତ୍ରାଧିକାରରେ ନୂତନ ଭାବେ ବିକଶିତ ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍‌କୁ ବିଶେଷ ଭାବେ ଚିହ୍ନିତ ଏବଂ ତାଲିକାଭୁକ୍ତ କରାଯାଇନଥିଲା। ସର୍ବସାଧାରଣ ସୁବିଧାର ଆବିର୍ଭାବ ଯାହାର ସକରାତ୍ମକ ଅର୍ଥନୈତିକ ନେଟ୍‌ୱାର୍କ ପ୍ରଭାବ ରହିଥିଲା ଯେପରିକି ଶିକ୍ଷା ଅନୁଷ୍ଠାନ, ଚିକିତ୍ସାଳୟ, ମଲ୍ ଓ ବଜାର ସମୂହ, ବ୍ୟାଙ୍କ ଶାଖା, ବିଦ୍ୟମାନ ରାସ୍ତାର ପ୍ରଶସ୍ତିକରଣ ଆଦି ପ୍ରଚଳିତ ମୂଲ୍ୟାୟନର ପରିବର୍ତ୍ତନମାନଙ୍କୁ ପ୍ଲଟ୍‌ର ଆଖପାଖର ନିରୀକ୍ଷଣ ଓ ଯଥୋଚିତ ବୃଦ୍ଧି ପ୍ରୟୋଗ କଲାପରେ ବିଚାରକୁ ନିଆଯାଇନଥିଲା। ଏହା ପରିବର୍ତ୍ତେ, ଅଧିକାଂଶ କ୍ଷେତ୍ରରେ ଆର୍‌ଆଇ ମାନେ ସଂପୃକ୍ତ କମିଟି ଗୁଡିକ କେତେକ କାରଣ ଯୋଗୁ ମୂଲ୍ୟାୟନ ସଂଶୋଧନର ବିଫଳ ହୋଇଥିବା (ଯେପରିକି ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମ 2001 ର ନିୟମ 40 ଅନୁଯାୟୀ ଆବଶ୍ୟକ ଥିଲା) ଦର୍ଶାଇ ମୂଲ୍ୟାୟନ ବେଳେ ପ୍ଲଟ୍‌ର ପ୍ରଚଳିତ ବଜାର ମୂଲ୍ୟର 10 ପ୍ରତିଶତ ବୃଦ୍ଧିର ପ୍ରସ୍ତାବ ଦେଇଥିଲେ । 10 ପ୍ରତିଶତର ଏହି ବୃଦ୍ଧି ଅଧିକାଂଶ କ୍ଷେତ୍ରରେ ଏକ ସାଧାରଣ ଘଟଣା ଥିଲା ଏବଂ ଏହାକୁ ଏମ୍‌ଭିଜିର ସଂଶୋଧନ ପାଇଁ ଏସ୍‌ଡିଭିସି, ଡିଭିସି, ଆଇଜିଆର୍ ତଥା ଆର୍‌ଡିଏମ୍ ବିଭାଗ ଦ୍ୱାରା ଗ୍ରହଣ ଏବଂ ଅନୁମୋଦନ କରାଯାଇଥିଲା ।

ଯେହେତୁ ପ୍ରବୀଣ ମୂଲ୍ୟାୟନକାରୀଙ୍କ ଅଭାବରେ ଏସ୍‌ଡିଭିସି/ ଡିଭିସିମାନେ ଅନ୍ୟାନ୍ୟ ସରକାରୀ ଉତ୍ସରୁ ମଧ୍ୟ ସଂପୂର୍ଣ୍ଣ ତଥ୍ୟାବଳୀ ସଂଗ୍ରହ ଓ ବିଶ୍ଳେଷଣ କଲେ ନାହିଁ ଯାହା ତାଙ୍କୁ ସଠିକ୍ ମୂଲ୍ୟାୟନ ନିର୍ଦ୍ଧାରଣ ଏବଂ ସୁପାରିଶ

କରିବା ଦିଗରେ ସାହାଯ୍ୟ କରିପାରିଥାନ୍ତା, ଅଡିଟ୍ ଅବଲୋକନ କଲା କି ସହରାଞ୍ଚଳରେ ଆଖିଦୃଶିଆ ଅବ-ମୂଲ୍ୟାୟନର ବସ୍ତୁଗତ ବିପଦ ରହିଥିଲା। ସହରାଞ୍ଚଳରେ ପ୍ଲଟ୍‌ର ଏହି ଅବ-ମୂଲ୍ୟାୟନ, ପ୍ରତିବଦଳରେ, ଷ୍ଟାମ୍ପ୍ ଶୁଳ୍କ ଏବଂ ନିବନ୍ଧନ ଫିସ୍ କ୍ଷତିର ବସ୍ତୁଗତ ଆଶଙ୍କାରେ ପରିଣତ ହୋଇଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶାଙ୍କ କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କରିଥିଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ଯେହେତୁ ମୂଲ୍ୟାୟନ କମିଟି ଆଗରେ ସ୍ଥାପନା କରାଯିବାକୁ ଥିବା ସଂପୂର୍ଣ୍ଣ ତଥ୍ୟାବଳୀର ସଂଗ୍ରହ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକମାନଙ୍କ ଦାୟିତ୍ୱ ଥିଲା, ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳ ମାନଙ୍କୁ ଭବିଷ୍ୟତରେ ନିୟମର ଅନୁପାଳନା କରାଯିବା ପାଇଁ ଜଣାଇ ଦିଆଯିବ।

***ସୁପାରିଶ 2.1.3:***

***ତହସିଲଦାରମାନଙ୍କୁ ସେମାନଙ୍କ ଅଧିନରେ ଥିବା ଜମି ଗୁଡ଼ିକର ପ୍ରକୃତ ବ୍ୟବହାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ଓ ମୂଲ୍ୟାୟନ କମିଟି ନିକଟରେ ଆବଶ୍ୟକୀୟ ବିସ୍ତୃତ ଇନ୍‌ପୁଟ୍ ଉପସ୍ଥାନକୁ ନିଶ୍ଚିତ କରିବା ପାଇଁ ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶ ଜାରି କରିପାରେ ।***

***ସୁପାରିଶ 2.1.4:***

***ଏସ୍‌ଆର୍/ ଡିଏସ୍‌ଆର୍ କାର୍ଯ୍ୟାଳୟ ପରିସରଭୁକ୍ତ ସମସ୍ତ ଜମିର ତାଲିକାକୁ ଅଦ୍ୟତନ କରିବା ନିମନ୍ତେ ଜମିଗୁଡ଼ିକର ପ୍ରକୃତ ବ୍ୟବହାର ସମ୍ପର୍କରେ ତହସିଲଦାରମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ 2001 ର ନିୟମ 38 ଓ 39 ର ଅନୁପାଳନ ପୂର୍ବକ, ସେଗୁଡ଼ିକୁ ଆବାସିକ ବାଣିଜିୟକ ଓ ଅନ୍ୟାନ୍ୟ ଜମିରେ ବର୍ଗୀକୃତ କରବା ପାଇଁ ଆର୍‌ଡିଏମ୍ ବିଭାଗ ନିର୍ଦ୍ଦେଶ ଜାରି କରିପାରେ ।***

### 2.1.4 ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀର ନିୟମ 41 ର ଅନନୁପାଳନା ଏବଂ କୋଠାବାଡ଼ିର ସଠିକ୍ ମୂଲ୍ୟାୟନ ପାଇଁ ପ୍ରଭାବହୀନ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 41 ଅନୁସାରେ ଡିଭିସି ଓ ଏସ୍‌ଡିଭିସି ମାନେ ନିୟମାବଳୀର ପରିଶିଷ୍ଟ II ରେ ଲିପିବଦ୍ଧ ଏବଂ ଆରଡିଏମ୍ ବିଭାଗ ଦ୍ୱାରା ସମୟାନୁକ୍ରମେ ଜାରି ଅନ୍ୟାନ୍ୟ ନିର୍ଦ୍ଦେଶ ଅନୁଯାୟୀ କୋଠାବାଡ଼ିର ମୂଲ୍ୟାୟନ ନୀତି ବିଚାର କରିବା କଥା। ନିୟମ 39 ଅନୁସାରେ, ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ଦସ୍ତାବିଜ ଆଧାରରେ ରିଇନ୍‌ଫୋର୍ସଡ୍ ସିମେଣ୍ଟ କଂକ୍ରିଟ୍ (ଆର୍‌ସିସି) ହାରାହାରି ମୂଲ୍ୟ  ସମ୍ପର୍କିତ ତଥ୍ୟ ସଂପୃକ୍ତ ଉପ-ନିବନ୍ଧକ ମାନଙ୍କ ଦ୍ୱାରା ଫର୍ମ-7 ରେ କମିଟିକୁ ଦେବା କଥା।

ଡିସେମ୍ବର 2003 ରେ ଆର୍‌ଡିଏମ୍ ବିଭାଗ, ଆଇଜିଆର୍ ଓଡିଶାକୁ ମୁଖ୍ୟ ଯନ୍ତ୍ରୀ (କୋଠାବାଡି) ଦେଇଥିବା ବିଭିନ୍ନ ଗୃହର ବର୍ଗ ଫୁଟ ପିଛା ମୂଲ୍ୟାୟନର ବିଶଦ ବିବରଣୀ ଅନୁସରଣ କରିବା ପାଇଁ ଅନୁଦେଶ ଦେଇଥିଲେ। ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2018ର ନିୟମ 39 (f) ଅନୁସାରେ, ମଜବୁତ୍ ସିମେଣ୍ଟ୍ କଂକ୍ରିଟ୍ (ଢଳେଇ) କୋଠାବାଡିର ମୂଲ୍ୟାୟନ ପାଇଁ ବର୍ଗ ଫୁଟ ପିଛା ମୂଲ୍ୟ ମୁଖ୍ୟ ଯନ୍ତ୍ରୀ (କୋଠାବାଡି) ଦେଇଥିବା ଏବଂ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଦରରେ ମୂଲ୍ୟାୟନ କରାଯିବା କଥା। ଡିସେମ୍ବର 2003 ଠାରୁ ବିଭାଗ, ମୁଖ୍ୟ ଯନ୍ତ୍ରୀ (କୋଠାବାଡି) ଙ୍କ ଦ୍ୱାରା ଜାରି ହୋଇଥିବା ଦରରେ ଗୃହ ଓ ଅଧିସଂରଚନାର ମୂଲ୍ୟାୟନ ଉପରେ ମାର୍ଗଦର୍ଶିକା ବିହିତ କରିଆସୁଥିଲା। ଫଳତଃ, ଏସ୍‌ଆର/ ଡିଏସ୍‌ଆର କାର୍ଯ୍ୟାଳୟମାନେ ଯେତେବେଳେ ଦଲିଲ ଗୁଡିକ ପଞ୍ଜୀକରଣ ପାଇଁ ଆସୁଥିଲା, ଗୋଟିଏ ପ୍ରକାରର ବଜାର ମୂଲ୍ୟ ଅନୁସରଣ

କରୁଥିଲେ ଯେଉଁଥିରେ ରାଜ୍ୟର ସମସ୍ତ ସହରାଞ୍ଚଳ/ ନଗର ପାଇଁ ଗୃହ ପିଛା ପ୍ରତି ବର୍ଗ ଫୁଟ ଦର ସାତ ମହଲା ପାଇଁ ସ୍ଥିର ହୋଇଥିଲା (ଅତିରିକ୍ତ ମୂଲ୍ୟଯୁକ୍ତ 15ଟି ଆଇଟମ୍[13] ସହିତ)।

ଅଡିଟ୍ ପରିଲକ୍ଷିତ କଲା ଯେ;

- ପ୍ରତ୍ୟେକ ସହରୀ ରାଜସ୍ୱ ଗ୍ରାମରେ ବିଶଦ ତଥ୍ୟ ଯଥା, ପ୍ରତି ବର୍ଗ ଫୁଟ ମୂଲ୍ୟ, ଢଳେଇ ଘର, ଆଜବେଷ୍ଟସ୍, ଟିଣ ଚାଦର ଏବଂ ଅନ୍ୟାନ୍ୟ ପ୍ରକାରର ଘର ଯାହାକି ଫର୍ମ 7 ଅନୁସାରେ ଅନୁରକ୍ଷଣ କରାଯିବା ଆବଶ୍ୟକ ଥିଲା, ହୋଇନଥିଲା।

- 15ଟି ଆଇଟମ୍‌ର ତାଲିକା, ଯାହା ପାଇଁ ଅତିରିକ୍ତ ମୂଲ୍ୟ ଲାଗୁ କରାଯିବାର ଥିଲା, ସମ୍ପୂର୍ଣ୍ଣ ନ ଥିଲା ଯେହେତୁ ଏହା ଆଧୁନିକ ଅଭ୍ୟନ୍ତର ସାଜ, ମଡ୍ୟୁଲାର୍ ରୋଷେଇଘର, କାନ୍ଥ ସାଜ ସରଞ୍ଜାମ ଓ ସଂଲଗ୍ନ ଉପକରଣ ଇତ୍ୟାଦି ଆଇଟମ୍ ଗୁଡିକୁ ଅର୍ନ୍ତଭୁକ୍ତ କରିନଥିଲା ଯାହାର ଭବନମାନଙ୍କରେ ଥିବା ବ୍ୟକ୍ତିଗତ ଆପାର୍ଟମେଣ୍ଟ/ ବାସଘରର ବଜାର ମୂଲ୍ୟ ଉପରେ ମହତ୍ୱପୂର୍ଣ୍ଣ ପ୍ରଭାବ ରହିଥିଲା।

- ସାତ ମହଲାରୁ ଉର୍ଦ୍ଧ୍ୱ ଉଚ୍ଚ ଅଟ୍ଟାଳିକା ପାଇଁ କୌଣସି ଏମ୍‌ଭିଜି ଦର୍ ବିଶେଷିତ କରା ଯାଇନଥିଲା ଏବଂ ମୂଲ୍ୟାୟନକୁ ପ୍ରସ୍ତାବିତ ମୂଲ୍ୟ ପାଇଁ କୌଣସି ଯଥାର୍ଥତା କିମ୍ବା ଯୁକ୍ତି ବିନା କ୍ଷେତ୍ରରୁ କ୍ଷେତ୍ର ଆଧାରରେ କରାଯାଉଥିଲା । ରାଜସ୍ୱ ନିରୀକ୍ଷକ ଏବଂ ସଂପୃକ୍ତ ଡିଏସ୍ଆର/ଏସ୍ଆର କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ଜେପିଆଇ ସମୟରେ ଅଡିଟ୍ ସାତ ମହଲାରୁ ଅଧିକ ଥିବା 14ଟି ଉଚ୍ଚ ଅଟ୍ଟାଳିକାକୁ ଯାଇଥିଲା ଯାହାପାଇଁ ମୁଖ୍ୟ ଯନ୍ତ୍ରୀ (କୋଠାବାଡି), ଓଡିଶାଙ୍କ ଦ୍ୱାରା କୌଣସି ଅଲଗା ଦର ନିର୍ଦ୍ଧାରିତ କରାଯାଇନଥିଲା।

*ଚିତ୍ର2.1.1*



***ଡି. ଏନ୍ ହୋମ୍ସ, ଦୁର୍ଗାପୁର, ଜଟଣୀର ଦୃଶ୍ୟ***

ଏହିସବୁ ନିୟମର ଅନୁପାଳନ ବିନା ପଞ୍ଜୀକରଣ ସମୟରେ ଗୃହର ମୂଲ୍ୟାୟନରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବିଫଳତାରେ ପରିଣତ ହୋଇଥିଲା ଯେହେତୁ ମୂଲ୍ୟାୟନର ଏହି ପଦ୍ଧତି ଭିନ୍ନ ଭିନ୍ନ କ୍ରୟ କ୍ଷମତା ଥିବା ବିଭିନ୍ନ ଅନ୍ତଃ ବ୍ୟବହାରକାରୀଙ୍କ ପାଇଁ ନିର୍ମିତ ଗୃହ ମଧ୍ୟରେ ପାର୍ଥକ୍ୟ କରିପାରୁନଥିଲା।

ଉଦାହରଣ ସ୍ୱରୁପ, ଉକ୍ତ ମୂଲ୍ୟାୟନ ପଦ୍ଧତିରେ ମଧ୍ୟବିତ୍ତ ପରିବାର ପାଇଁ ଉଦ୍ଦିଷ୍ଟ ବ୍ୟକ୍ତିଗତ ଫ୍ଲାଟ୍ ଥିବା ଏକ ଆପାର୍ଟମେଣ୍ଟ୍ ଗୃହ ଯାହାର କି ସରଳ ଅଭ୍ୟନ୍ତର ସାଜ (ମୋଜାଇକ ଚଟାଣ, ପ୍ଲାଇଉଡ୍ ଆଲ୍‌ମିରା), ସ୍ୱଳ୍ପ ବାସ ସୁବିଧା ଯଥା ସଂଯୁକ୍ତ ପାଇଖାନା ଏବଂ ବାଲ୍‌କୋନୀ, ସ୍ୱଳ୍ପ କିଛି ସାଧାରଣ ସୁବିଧା ଏବଂ ସ୍ୱାଭାବିକ ଭିତ୍ତିସଂରଚନା ଉପାଦାନ ଥିବା ସହିତ ଉଚ୍ଚ ଆୟକାରୀ ପରିବାର ପାଇଁ ଉଦ୍ଦିଷ୍ଟ ବିଳାସପୂର୍ଣ୍ଣ ଫ୍ଲାଟ୍ ଥିବା ଏକ ଆପାର୍ଟମେଣ୍ଟ୍ ଗୃହ ଯାହାର କି ଉଚ୍ଚକୋଟୀର ଅଭ୍ୟନ୍ତର ସାଜ (ଇଟାଲିଆନ୍ ମାର୍ବଲ ଚଟାଣ, ଶାଗୁଆନ କାଠର ଆଲମାରୀ), ଅଧିକ ସଂଯୁକ୍ତ ପାଇଖାନା ଏବଂ ବାଲ୍‌କୋନୀ, ବ୍ୟାପକ ସାଧାରଣ ସୁବିଧା ଏବଂ ଉଚ୍ଚମାନର ଭିତ୍ତିସଂରଚନା ଉପାଦାନ ଥିବା ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ପାଇଁ କୌଣସି ବାଟ ନ ଥିଲା।

ସଠିକ୍ ମୂଲ୍ୟାୟନର ଉଦ୍ଦେଶ୍ୟ ଥିଲା କି ରାଜ୍ୟ ସରକାରଙ୍କୁ ପ୍ରାପ୍ୟ ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଫିସ୍‌କୁ ନିର୍ଭୁଲ୍ ଭାବରେ ଆଦାୟ କରିବା। ସେ ଯାହାହେଉ, ଏହି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବିଫଳତା ଉଚ୍ଚ ମୂଲ୍ୟ ଗୃହର ଅବ-ମୂଲ୍ୟାୟନରେ ପରିଣତ ହୋଇଥିଲା ଏବଂ ସେହି ଉଚ୍ଚ ମୂଲ୍ୟ ଗୃହର ପ୍ରତିବେଦିତ ପଞ୍ଜୀକୃତ ମୂଲ୍ୟ, ବାସ୍ତବ ଓ

---

[13] (1) ମାର୍ବଲ ପଥର ମେଜିଆ (2) ମାର୍ବଲ ପଥର ଡାଡୋ (3) ଚେକରଡ୍ ଟାଇଲ୍ ମେଜିଆ (4) କୋଟା ପଥର ମେଜିଆ (5) କୋଟା ପଥର ଡାଡୋ (6) ଗ୍ରାନାଇଟ୍ ପଥର ମେଜିଆ (7) ସେରାମିକ୍ ଟାଇଲ୍ ମେଜିଆ (8) ଗ୍ଲେଜଡ୍ ଟାଇଲ୍ ଡାଡୋ (9) ଭିଟ୍ରିଫାଏଡ୍ ଟାଇଲ୍ ମେଜିଆ (10) ଭିଟ୍ରିଫାଏଡ୍ ଟାଇଲ୍ ଡାଡୋ (11) ମୋଜାଇକ୍ ମେଜିଆ (12) ମୋଜାଇକ୍ ଡାଡୋ (13) 10 ଇଞ୍ଚ ଚଉଡା ଓ 5 ଇଞ୍ଚ ଉଚ୍ଚା ଇଟା ପାଚେରୀ (14) 5 ଇଞ୍ଚ ଚଉଡା ଓ 5 ଇଞ୍ଚ ଉଚ୍ଚା ଇଟା ପାଚେରୀ ଏବଂ (15) ପୋର୍ଟିକୋ

ନିଷ୍ପକ୍ଷ ବଜାର ମୂଲ୍ୟ ଠାରୁ କମ୍ ରହିବା ପାଇଁ ପରିହାର୍ଯ୍ୟ ସୁଯୋଗ ସୃଷ୍ଟି କରିଥିଲା। ପ୍ରତିବଦଳରେ, ଏହା ଷ୍ଟାମ୍ପ୍ ଶୁଳ୍କ ଏବଂ ନିବନ୍ଧନ ଫିସ୍ କ୍ଷତିର ବସ୍ତୁଗତ ବିପଦରେ ପରିଣତ ହୋଇଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡ଼ିଶାଙ୍କ କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କରିଥିଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ଯେହେତୁ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳମାନେ ମୂଲ୍ୟାୟନ କମିଟିର ଅଧ୍ୟକ୍ଷ ଥିଲେ, ସେମାନଙ୍କୁ ଭବିଷ୍ୟତରେ ନିୟମାବଳୀର ଅନୁପାଳନା କରିବା ପାଇଁ ଜଣାଇ ଦିଆଯିବ।

***ସୁପାରିଶ୍ 2.1.5:***

***ସଠିକ୍ ମୂଲ୍ୟାୟନ ଉଦ୍ଦେଶ୍ୟରେ ଉଚ୍ଚ ମୂଲ୍ୟଯୁକ୍ତ ଆଧୁନିକ ଆବାସିକ ଓ ବାଣିଜ୍ୟିକ କୋଠା ଗୁଡ଼ିକର ଆଭ୍ୟନ୍ତରୀଣ ନିର୍ମାଣ ସମ୍ପର୍କିତ ବସ୍ତୁଗୁଡ଼ିକ ବିଚାରକୁ ନେବ ପାଇଁ 2018 ରେ ସଂଶୋଧିତ ଓଡ଼ିଶା ଷ୍ଟାମ୍ପ ଅଧିନିୟମ (ସଂଶୋଧନ) 2001 ରେ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରି ସଂଶୋଧନ ନିମନ୍ତେ ଆର୍‌ଡିଏମ୍ ବିଭାଗ ବିସ୍ତୃତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିପାରନ୍ତି।***

***ସୁପାରିଶ୍ 2.1.6:***

***ତହସିଲଦାର, ଉପ-ଜିଲ୍ଲାପାଳ, ଅତିରିକ୍ତ ଡିଏମ୍ ଓ ଜିଲ୍ଲାପାଳମାନଙ୍କୁ ନିଜ ନିଜ କାର୍ଯ୍ୟ ପରିସର ମଧ୍ୟରେ ନମୁନା ଭିତ୍ତିକ ଭୌତିକ ନିରୀକ୍ଷଣ କାର୍ଯ୍ୟ ନିର୍ବାହ ନିମନ୍ତେ ଜାରି କରାଯାଇଥିବା ନିର୍ଦ୍ଦେଶଗୁଡ଼ିକର ଅନୁପାଳ ସ୍ଥିତି ଉପରେ ଆର୍‌ଡିଏମ୍ ବିଭାଗ ନଜ ରଖିପାରନ୍ତି।***

## 2.1.5 ଓଡ଼ିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ 2001ର ଅନନୁପାଳନାର ପ୍ରଭାବ

ଓଡ଼ିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ 2001ର ନିୟମ 38, 39 ଓ 41ର ଅନୁପାଳନା ନହେବା ସମ୍ବନ୍ଧରେ ଅଡିଟ୍ ଚାରି ପ୍ରକାରର ବିଶ୍ଳେଷଣ ଦ୍ୱାରା ସେହି ଅନୁପାଳନ ନହେବାର ପ୍ରଭାବର ପରୀକ୍ଷା କଲା:

(କ) 14ଟି ମନୋନୀତ ନମୁନା ଯାଞ୍ଚ ଏସ୍‌ଆର/ ଡିଏସ୍‌ଆର କାର୍ଯ୍ୟାଳୟରେ ସଂଶୋଧିତ ବେଞ୍ଚ ମାର୍କ ମୂଲ୍ୟ (ବିଏମ୍‌ଭି) ସହିତ ବିଗତ ଦୁଇ ବର୍ଷର ସହରୀ ପ୍ଲଟ୍‌ର ହାରାହାରି ବଜାର ମୂଲ୍ୟର ତୁଳନା।

(ଖ) ଏମ୍‌ଭିଜି ଅନୁଯାୟୀ ପ୍ଲଟ୍‌ର ବର୍ଗକୁ ତୁଳନା କରି ବ୍ୟବସାୟୀକ ଭଡ଼ା ଉଦ୍ଦେଶ୍ୟରେ ପଞ୍ଜୀକୃତ ଦଲିଲରେ ଅଭିଲିଖିତ ପ୍ଲଟ୍‌ର ବିଭିନ୍ନ ବର୍ଗର ସତ୍ୟାପନ।

(ଗ) ସହରୀ ପ୍ଲଟ୍‌ର ରେକର୍ଡ ହୋଇଥିବା ବର୍ଗୀକରଣ ସହିତ ପ୍ରକୃତ ଚୂଡ଼ାନ୍ତ ବ୍ୟବହାର (ସଂଯୁକ୍ତ ଭୌତିକ ନିରୀକ୍ଷଣ ଦ୍ୱାରା ସ୍ଥିରିକୃତ) ଅନୁସାରେ ପ୍ଲଟର ବର୍ଗୀକରଣର ତୁଳନା ଯାହାକୁ 14ଟି ମନୋନୀତ ଏସ୍‌ଆର/ ଡିଏସ୍‌ଆର କାର୍ଯ୍ୟାଳୟର କ୍ଷେତ୍ରାଧିକାରରେ ଥିବା 3,184ଟି ପ୍ଲଟ କ୍ଷେତ୍ରରେ କରାଯାଇଥିଲା।

(ଘ) ସଂଶୋଧିତ ବିଏମ୍‌ଭି ସହିତ ପ୍ରବୀଣ ମୂଲ୍ୟାୟନକାରୀ ଦ୍ୱାରା ସ୍ଥିର ହୋଇଥିବା ସ୍ଥାବର ସମ୍ପତ୍ତି ପାଇଁ ଉଚିତ୍ ବଜାର ମୂଲ୍ୟର ତୁଳନା।

### *2.1.5.1 ସଂଶୋଧିତ ବିଏମ୍‌ଭି ଏବଂ ବିଗତ ଦୁଇ ବର୍ଷରେ ସହରୀ ପ୍ଲଟ୍ ପାଇଁ ହାରାହାରି ବିକ୍ରୟ ମୂଲ୍ୟ ମଧ୍ୟରେ ମହତ୍ୱପୂର୍ଣ୍ଣ ପାର୍ଥକ୍ୟ*

ଅଡିଟ୍, ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡ଼ିଶାଙ୍କ ଇ-ରେଜିଷ୍ଟ୍ରେସନ ତଥ୍ୟ କେନ୍ଦ୍ରରୁ ଆନୀତ ତଥ୍ୟକୁ ବିଶ୍ଳେଷଣ କଲା ଏବଂ 14ଟି ମନୋନୀତ ଏସ୍‌ଆର/ ଡିଏସ୍‌ଆର କାର୍ଯ୍ୟାଳୟର ସମସ୍ତ 513ଟି ସହରୀ ଗ୍ରାମର ବିକ୍ରୟ ବିବରଣୀ ଯାଞ୍ଚ କଲା ଏବଂ ଏମ୍‌ଭିଜି ସଂଶୋଧନ ପୂର୍ବରୁ ବିଗତ ଦୁଇ ବର୍ଷ ଧରି ଜମିର ହାରାହାରି ବିକ୍ରୟ ମୂଲ୍ୟ ଗଣନା କଲା।

ଅଡିଟ୍ ପରିଲକ୍ଷିତ କଲା କି:

- 14ଟି ମନୋନୀତ ଏସ୍ଆର/ ଡିଏସ୍ଆର କାର୍ଯ୍ୟାଳୟ ମଧ୍ୟରୁ ଛଅଟିରେ[14] ବ୍ୟବସାୟୀକ ପ୍ଲଟକୁ ଜମାରୁ ଚିହ୍ନଟ କରାଯାଇନଥିଲା। ଅବଶିଷ୍ଟ ଆଠଟି ଏସ୍ଆର/ ଡିଏସ୍ଆର କାର୍ଯ୍ୟାଳୟରେ ଯଦିଓ 457ଟି ଗ୍ରାମ କ୍ଷେତ୍ରରେ ବ୍ୟବସାୟୀକ ପ୍ଲଟକୁ ଚିହ୍ନଟ କରାଯାଇଥିଲା, ଏହା ତିନୋଟି ଡିଏସ୍ଆର/ ଏସ୍ଆର୍‌ର[15] 50ଟି ସହରୀ ଗ୍ରାମରେ କରାଯାଇ ନ ଥିଲା।

- ନିୟମ 38, 39 ଏବଂ ଫର୍ମ 5 ଅନୁସାରେ ତିନୋଟି ବିଶେଷ ବର୍ଗ ଯଥା ଆବାସିକ, ବ୍ୟବସାୟୀକ ଓ ଅନ୍ୟାନ୍ୟ ଜମି ଅଧିନରେ ସହରୀ ପ୍ଲଟର ମାନକ ମୂଲ୍ୟ ସଂଗ୍ରହ ଏବଂ ସଙ୍କଳନ ନ କରି ଏସ୍ଆର/ ଡିଏସ୍ଆର କାର୍ଯ୍ୟାଳୟ ମାନେ 1 ରୁ 66 ବର୍ଗ ଅଥବା ଜମି କିସମ ଅଧିନରେ ମାନକ ମୂଲ୍ୟ ପ୍ରସ୍ତାବିତ କରିଥିଲେ। ଏପରିକି, ଆଇଜିଆର୍‌ର ବିକ୍ରୟ/ଲିଜ୍ ତଥ୍ୟାଧାରରେ ଜମିକୁ ନିୟମ ଅଧିନରେ ସହରୀ ପ୍ଲଟ୍ ପାଇଁ ବିହିତ କରାଯାଇଥିବା ତିନୋଟି ବର୍ଗ (ଆବାସିକ, ବ୍ୟବସାୟୀକ ଓ ଅନ୍ୟାନ୍ୟ ଜମି)ରେ ଶ୍ରେଣୀଭୁକ୍ତ ନ କରି 9 ରୁ 96 କିସମରେ ବର୍ଗୀକରଣ କରାଯାଇଥିଲା।

- ଏମ୍‌ଭିଜିର ସଂଶୋଧନ ପୂର୍ବରୁ ବିଗତ ଦୁଇ ବର୍ଷ ଧରି ଥିବା ଜମିର ହାରାହାରି ବିକ୍ରୟ ମୂଲ୍ୟ ସହିତ ସଂଶୋଧିତ ଏମ୍‌ଭିଜିର ଏକ ତୁଳନା ***ସାରଣୀ 2.1.3*** ରେ ପ୍ରଦାନ କରାଗଲା।

***ସାରଣୀ 2.1.3: ପ୍ଲଟ୍‌ର ହାରାହାରି ବିକ୍ରୟ ମୂଲ୍ୟର ତୁଳନା***

| କ୍ର. ସଂ. | ଡିଏସ୍ଆର/ ଏସ୍ଆର୍ | ସଂଶୋଧନ ପୂର୍ବ ଅବଧିରେ ବିକ୍ରୟ ହୋଇଥିବା ସହରୀ ଗ୍ରାମର ସଂଖ୍ୟା | | ସହରୀ ଗ୍ରାମର ସଂଖ୍ୟା ଯେଉଁଥିରେ ପ୍ଲଟ୍ ପାଇଁ ସଂଶୋଧିତ ହୋଇଥିବା ଏମ୍‌ଭିଜି ହାରାହାରି ବିକ୍ରୟ ମୂଲ୍ୟ ଠାରୁ କମ୍ ଥିଲା | | ସହରୀ ଗ୍ରାମର ସଂଖ୍ୟା ଯେଉଁଠାରେ ହାରାହାରି ବିକ୍ରୟ ମୂଲ୍ୟ ଏବଂ ସଂଶୋଧିତ ଏମଭିଜି ମଧ୍ୟରେ ପାର୍ଥକ୍ୟ ଏକର ପିଛା ଏକ କୋଟି ଟଙ୍କାରୁ ଅଧିକ ଥିଲା | |
|---|---|---|---|---|---|---|---|
| | | ଆବାସିକ | ଅନ୍ୟାନ୍ୟ ଜମି | ଆବାସିକ | ଅନ୍ୟାନ୍ୟ ଜମି | ଆବାସିକ | ଅନ୍ୟାନ୍ୟ ଜମି |
| 1 | ଡିଏସ୍ଆର, ପୁରୀ | 8 | 21 | 8 | 4 | 5 | 3 |
| 2 | ଏସ୍ଆର, ପିପିଲି | 59 | 58 | 17 | 12 | 3 | 0 |
| 3 | ଏସ୍ଆର, ଗୋପ | 24 | 36 | 19 | 29 | 2 | 0 |
| 4 | ଏସ୍ଆର, କୁଜଙ୍ଗ | 4 | 4 | 0 | 0 | 0 | 0 |
| 5 | ଡିଏସ୍ଆର, କଟକ | 55 | 41 | 44 | 35 | 34 | 20 |
| 6 | ଏସ୍ଆର, ଜଗତପୁର୍ | 5 | 5 | 5 | 4 | 0 | 0 |
| 7 | ଡିଏସ୍ଆର, ଗଞ୍ଜାମ (ଛତ୍ରପୁର ଠାରେ) | 42 | 49 | 15 | 2 | 1 | 0 |
| 8 | ଏସ୍ଆର, ବ୍ରହ୍ମପୁର | 28 | 21 | 27 | 13 | 22 | 6 |
| 9 | ଡିଏସ୍ଆର, ସମ୍ବଲପୁର | 26 | 24 | 20 | 23 | 12 | 9 |
| 10 | ଏସ୍ଆର, ପାନପୋଷ | 23 | 13 | 7 | 1 | 3 | 0 |
| 11 | ଏସ୍ଆର, ଖୋର୍ଦ୍ଧା | 11 | 11 | 8 | 3 | 0 | 0 |
| 12 | ଏସ୍ଆର, ଜଟଣୀ | 8 | 9 | 6 | 5 | 3 | 0 |
| 13 | ଡିସ୍ଆର, ଖୋର୍ଦ୍ଧା | 77 | 64 | 55 | 29 | 36 | 7 |
| 14 | ଏସ୍ଆର, ଖଣ୍ଡଗିରି | 11 | 11 | 9 | 8 | 8 | 6 |
| ମୋଟ | | 381 | 367 | 240 | 168 | 129 | 51 |

*(ଉତ୍ସ: ନମୁନା ଯାଞ୍ଚ ଡିଏସ୍ଆର/ ଏସ୍ଆର କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ)*

- ଆବାସିକ ପ୍ଲଟ୍ ସ୍ଥଳେ:
  - ନମୁନା ଯାଞ୍ଚ ଡିଏସ୍ଆର/ ଏସ୍ଆର କାର୍ଯ୍ୟାଳୟ ଅଧିନସ୍ଥ 381ଟି ସହରୀ ଗ୍ରାମରେ ଯେଉଁଠି ଏମ୍‌ଭିଜି ସଂଶୋଧନ ପୂର୍ବରୁ ଜମି ବିକ୍ରି ହୋଇଥିଲା, 240 ଟି ସହରୀ ଗ୍ରାମରେ (62.99

[14] ଡିଏସ୍ଆର, ପୁରୀ, ଏସ୍ଆର, ଗୋପ ଓ ଏସ୍ଆର, ପିପିଲି (ପୁରୀ ଜିଲ୍ଲା); ଏସ୍ଆର, କୁଜଙ୍ଗ (ଜଗତସିଂହପୁର ଜିଲ୍ଲା); ଏସ୍ଆର, ଜଗତପୁର (କଟକ ଜିଲ୍ଲା) ଏବଂ ଡିଏସ୍ଆର, ଛତ୍ରପୁର (ଗଞ୍ଜାମ ଜିଲ୍ଲା)

[15] ଡିଏସ୍ଆର, ଖୋର୍ଦ୍ଧା-35 ସହରୀ ଗ୍ରାମ; ଏସ୍ଆର, ଖୋର୍ଦ୍ଧା-7 ସହରୀ ଗ୍ରାମ ଏବଂ ଏସ୍ଆର, ପାନପୋଷ-8 ସହରୀ ଗ୍ରାମ

ପ୍ରତିଶତ) ଡିଭିସି ଦ୍ୱାରା ସଂଶୋଧିତ ମାନକ ମୂଲ୍ୟ ବିଗତ ଦୁଇ ବର୍ଷରେ ଥିବା ହାରାହାରି ବିକ୍ରୟ ମୂଲ୍ୟ ଠାରୁ କମ ଥିଲା, ପାର୍ଥକ୍ୟର ସୀମା ଏକର ପିଛା 0.001 କୋଟି ଟଙ୍କା (ବାମ ବରଦା, ଏସ୍‌ଆର୍ ଗୋପ)ରୁ 21.60 କୋଟି ଟଙ୍କା (ମାଛୁଆ ବଜାର, ଡିଏସ୍‌ଆର୍, କଟକ) ପର୍ଯ୍ୟନ୍ତ ଥିଲା।

- ଡିଏସ୍‌ଆର୍, ଖୋର୍ଦ୍ଧାରେ ସବୁଠାରୁ ଅଧିକା ସହରୀ ଗ୍ରାମ (36ଟି) ଥିଲା ଯେଉଁଠାରେ ହାରାହାରି ବିକ୍ରୟ ମୂଲ୍ୟ ଏବଂ ସଂଶୋଧିତ ଏମ୍‌ଭିଜି ମଧ୍ୟରେ ପାର୍ଥକ୍ୟ ଏକର ପିଛା ଏକ କୋଟି ଟଙ୍କାରୁ ଅଧିକ ଥିଲା ଓ ତାହା ପଛକୁ ଡିଏସ୍‌ଆର୍ କଟକ (34ଟି) ଏବଂ ଏସ୍‌ଆର୍ ବ୍ରହ୍ମପୁର (22ଟି) ଥିଲା।

- ଅନ୍ୟାନ୍ୟ ଜମି (ତାଲିକାଭୁକ୍ତ ଅନ୍ୟ ସବୁ କିସମର ପ୍ଲଟ୍) ସ୍ଥଳେ:
  - ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟ ଅଧିନସ୍ଥ 367ଟି ସହରୀ ଗ୍ରାମରେ ଯେଉଁଠି ଜମି ବିକ୍ରି ସଂଶୋଧନ-ପୂର୍ବ ଅବଧିରେ ହୋଇଥିଲା, ତନ୍ମଧ୍ୟରୁ 168 ଟି ସହରୀ ଗ୍ରାମରେ (45.78 ପ୍ରତିଶତ) ଡିଭିସି ଦ୍ୱାରା ସଂଶୋଧିତ ମାନକ ମୂଲ୍ୟ ବିଗତ ଦୁଇ ବର୍ଷରେ ଥିବା ହାରାହାରି ବିକ୍ରୟ ମୂଲ୍ୟ ଠାରୁ କମ ଥିଲା, ପାର୍ଥକ୍ୟର ସୀମା ଏକର ପିଛା 0.0001 କୋଟି ଟଙ୍କା (ବେରୁହାଁ, ଏସ୍‌ଆର୍, ଗୋପ)ରୁ 13.11 କୋଟି ଟଙ୍କା (ମଧୁସୂଦନ ନଗର, ଡିଏସଆର୍, ଖୋର୍ଦ୍ଧା) ପର୍ଯ୍ୟନ୍ତ ଥିଲା।
  - ଡିଏସ୍‌ଆର୍, କଟକରେ ସବୁଠାରୁ ଅଧିକା ସହରୀ ଗ୍ରାମ ଥିଲା ଯେଉଁଠାରେ ହାରାହାରି ବିକ୍ରୟ ମୂଲ୍ୟ ଏବଂ ସଂଶୋଧିତ ଏମ୍‌ଭିଜି ମଧ୍ୟରେ ପାର୍ଥକ୍ୟ ଏକର ପିଛା ଏକ କୋଟି ଟଙ୍କାରୁ ଅଧିକ ଥିଲା ଓ ତାହା ପଛକୁ ଡିଏସ୍‌ଆର୍, ସମ୍ବଲପୁର (9ଟି ସହରୀ ଗ୍ରାମ), ଡିଏସ୍‌ଆର୍, ଖୋର୍ଦ୍ଧା (7ଟି ସହରୀ ଗ୍ରାମ) ଏବଂ ଏସ୍‌ଆର. ଖଣ୍ଡଗିରି (6ଟି ସହରୀ ଗ୍ରାମ) ଥିଲା।

ଉପରୋକ୍ତ ବିଶ୍ଳେଷଣ ଦର୍ଶାଉଛି ଯେ ନିୟମ 38 ଓ 39 ର ଅନନୁପାଳନ ଫଳରେ 381 ଟି ନମୁନା ଯାଞ୍ଚ ସହରୀ ଗ୍ରାମ ମଧ୍ୟରୁ ଅତି କମ୍‌ରେ 240ଟିରେ ଆବାସିକ ପ୍ଲଟ୍‌ର ମାନକ ମୂଲ୍ୟ ସଂଶୋଧନରେ ଅବ-ମୂଲ୍ୟାୟନରେ ପରିଣତ ହୋଇଥିଲା ଏବଂ 367 ଟି ନମୁନା ଯାଞ୍ଚ ସହରୀ ଗ୍ରାମ ମଧ୍ୟରୁ ଅତି କମ୍‌ରେ 168ଟିରେ ଅନ୍ୟାନ୍ୟ ଜମି (ତାଲିକାଭୁକ୍ତ ସମସ୍ତ ବିବିଧ କିସମର ପ୍ଲଟ୍‌କୁ ଅର୍ନ୍ତଭୁକ୍ତ କରି) ହିସାବରେ ନିଆଯାଇଥିବା ପ୍ଲଟ୍‌ର ମାନକ ମୂଲ୍ୟର ଅବ-ମୂଲ୍ୟାୟନରେ ପରିଣତ ହୋଇଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶାଙ୍କ କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ନିବନ୍ଧନକାରୀ ଅଧିକାରୀମାନେ ସ୍ୱତନ୍ତ୍ର ସଂଶୋଧନ/ ଦ୍ୱିବାର୍ଷିକ ସଂଶୋଧନ ବେଳେ ଭବିଷ୍ୟତରେ ଏହି ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରିବେ।

### *2.1.5.2 ପ୍ଲଟ୍‌ର ଅଣ-ବର୍ଗୀକରଣ ଯାହା ଉପରେ ବ୍ୟବସାୟୀକ ଭଡା ଉଦ୍ଦେଶ୍ୟରେ ଲିଜ୍ ଦଲିଲ୍ ପଞ୍ଜୀକୃତ ହୋଇଥିଲା ଯେପରି 'ବ୍ୟବସାୟୀକ' ବର୍ଗ ପ୍ଲଟ୍*

ନିୟମ 38 ଏବଂ 39ର ଅନନୁପାଳନାକୁ ଦୃଷ୍ଟିରେ ରଖି ଅଡିଟ୍ ସେହି ପ୍ଲଟ୍ ନମ୍ବରଗୁଡ଼ିକର ଯାହା ଅର୍ନ୍ତଗତ ଲିଜ୍ ଦଲିଲ୍ ଗୁଡିକ ବ୍ୟବସାୟୀକ ଭଡା ଉଦ୍ଦେଶ୍ୟରେ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲା ଏବଂ ସେହି ପ୍ଲଟ୍‌ଗୁଡିକର ବର୍ଗର, ଯାହାଏମ୍‌ଭିଜି ଅନୁସାରେ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ ରକ୍ଷିତ ହୋଇଥିଲା, ଏକ ବିଶ୍ଳେଷଣ କଲା।

ଅଡିଟ୍ 14ଟି ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟରେ 2015-16 ରୁ 2017-18 ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା 3,735 ଲିଜ୍ ଦଲିଲ୍ ମଧ୍ୟରୁ 2,355ଟି ଲିଜ୍ ଦଲିଲ୍‌କୁ ଯାଞ୍ଚ କଲା ଏବଂ ଦେଖିଲା ଯେ ବ୍ୟବସାୟୀକ ଭଡା ଉଦ୍ଦେଶ୍ୟରେ ବ୍ୟବହୃତ 1,372ଟି ପ୍ଲଟ୍ ମଧ୍ୟରୁ କେବଳ 334ଟି ପ୍ଲଟ୍ (24 ପ୍ରତିଶତ) ଏମ୍‌ଭିଜିରେ 'ବ୍ୟବସାୟିକ' ପ୍ଲଟ୍ ବର୍ଗରେ ଥିଲା ଯାହା **ସାରଣୀ 2.1.4** ରେ ଦର୍ଶାଯାଇଛି।

***ସାରଣୀ 2.1.4: ଏମ୍‌ଭିଜିରେ 'ବ୍ୟବସାୟୀକ' ବର୍ଗ ଦର୍ଶାଯାଇଥିବା ପ୍ଲଟ୍***

| କ୍ର. ସଂ. | ଡିଏସ୍‌ଆର/ଏସ୍‌ଆର୍ | ପଞ୍ଜୀକୃତ ଲିଜ୍ ଦଲିଲ୍ ସଂଖ୍ୟା | କାର୍ଯ୍ୟନିର୍ବାହର ଅବଧି | ଅଡିଟ୍ ଦ୍ୱାରା ଯାଞ୍ଚ ଲିଜ୍ ଦଲିଲ୍ ସଂଖ୍ୟା | ବ୍ୟବସାୟୀକ ଉଦ୍ଦେଶ୍ୟରେ ବ୍ୟବହୃତ ପ୍ଲଟ୍ ସଂଖ୍ୟା (ସ୍ତମ୍ଭ 5 ସହ ପ୍ରାସଙ୍ଗିକ) | ଏମ୍‌ଭିଜିରେ ବ୍ୟବସାୟୀକ ନିଆଯାଇଥିବା ପ୍ଲଟ୍ ସଂଖ୍ୟା (ସ୍ତମ୍ଭ 6 ସହ ପ୍ରାସଙ୍ଗିକ) |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | ଡିଏସ୍‌ଆର, ପୁରୀ | 65 | 2015-17 | 65 | 64 | 0 |
| 2 | ଏସ୍‌ଆର, ପିପିଲି | 66 | 2015-17 | 66 | 25 | 0 |
| 3 | ଏସ୍‌ଆର, ଗୋପ | 46 | 2015-17 | 46 | 42 | 0 |
| 4 | ଏସ୍‌ଆର, କୁଜଙ୍ଗ | 80 | 2016-18 | 80 | 13 | 0 |
| 5 | ଡିଏସ୍‌ଆର, କଟକ | 1,088 | 2016-18 | 121 | 120 | 49 |
| 6 | ଏସ୍‌ଆର, ଜଗତପୁର୍ | 128 | 2016-18 | 128 | 69 | 0 |
| 7 | ଡିଏସ୍‌ଆର, ଗଞ୍ଜାମ (ଛତ୍ରପୁର ଠାରେ) | 159 | 2016-18 | 159 | 116 | 0 |
| 8 | ଏସ୍‌ଆର, ବ୍ରହ୍ମପୁର | 141 | 2015-17 | 141 | 114 | 02 |
| 9 | ଡିଏସ୍‌ଆର, ସମ୍ବଲପୁର୍ | 187 | 2015-17 | 187 | 168 | 47 |
| 10 | ଏସ୍‌ଆର, ପାନପୋଷ୍ | 430 | 2016-18 | 430 | 95 | 57 |
| 11 | ଏସ୍‌ଆର, ଖୋର୍ଦ୍ଧା | 137 | 2016-18 | 137 | 70 | 3 |
| 12 | ଏସ୍‌ଆର, ଜଟଣୀ | 102 | 2016-18 | 102 | 102 | 19 |
| 13 | ଡିସ୍‌ଆର, ଖୋର୍ଦ୍ଧା | 543 | 2015-17 | 543 | 273 | 136 |
| 14 | ଏସ୍‌ଆର, ଖଣ୍ଡଗିରି | 563 | 2016-18 | 150 | 101 | 21 |
| ମୋଟ | | **3,735** | | **2,355** | **1,372** | **334** |

*(ଉତ୍ସ: ଆଇଜିଆର୍‌ଙ୍କ କାର୍ଯ୍ୟାଳୟର ତଥ୍ୟାଧାର ଏବଂ ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆରରେ କରାଯାଇଥିବା ଜେପିଆଇ)*

ଅଡିଟ୍ ଦେଖିଲା ଯେ ଏହିସବୁ ପ୍ଲଟ୍‌ର 'ବ୍ୟବସାୟୀକ' ଭାବରେ ସଠିକ୍ ବର୍ଗୀକରଣ ନିମନ୍ତେ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂପୃକ୍ତ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ ହିଁ ଉପଲବ୍ଧ ଥିଲା ଯାହା ନା ଅନ୍ୟ କୌଣସି ସରକାରୀ କର୍ତ୍ତୃପକ୍ଷଙ୍କ ଠାରୁ ଆଣିବା ଦରକାର ଥିଲା ନା ସଂପୃକ୍ତ ଆର୍‌ଆଇ/ ତହସିଲଦାର୍‌ଙ୍କ ଦ୍ୱାରା ବସ୍ତୁଗତ ନିରୀକ୍ଷଣର ଆବଶ୍ୟକତା ଥିଲା। ପୁନଶ୍ଚ, ଲିଜ୍ ଦଲିଲ୍‌ର ଜରସମନ୍ ମୂଲ୍ୟ ଓ ଭଡା ଅର୍ଥରୁ ସମ୍ପତ୍ତିର ଅନ୍ତର୍ନିହିତ ମୂଲ୍ୟକୁ ସଠିକ୍ ଭାବେ ଆକଳନ କରାଯାଇପାରିବ ଏବଂ ଏମ୍‌ଭିଜି ସଂଶୋଧନ ବେଳେ ହିସାବକୁ (ଅର୍ନ୍ତନିହିତ ସମ୍ପତ୍ତି ଦ୍ୱାରା ସୃଷ୍ଟି କରାଯିବାକୁ ଥିବା ଭବିଷ୍ୟତ ଆୟ ଧାରା ଉପରେ ଆଧାରିତ) ନିଆଯାଇପାରିବ, କିନ୍ତୁ ତାହା ସଂପୃକ୍ତ ଉପ-ନିବନ୍ଧକମାନଙ୍କ ଦ୍ୱାରା କରାଯାଇନଥିଲା।

ଉପରୋକ୍ତ ବିଶ୍ଳେଷଣରୁ ଏହା ଅବଲୋକନ କରାଗଲା କି ନିୟମ 38 ଏବଂ 39ର ବ୍ୟବସ୍ଥାର ଅନୁପାଳନା ନହେବା, ବ୍ୟବସାୟୀକ କାର୍ଯ୍ୟପନ୍ଥା ଥିବା ପ୍ଲଟ୍‌ଗୁଡିକର ଏମ୍‌ଭିଜିରେ ଅଣ-ବ୍ୟବସାୟୀକ ପ୍ଲଟ୍ ହିସାବରେ ଭୁଲ ବର୍ଗୀକରଣରେ ପରିଣତ ହୋଇଥିଲା, ଯଦ୍ୱାରା 14ଟି ନମୁନା ଯାଞ୍ଚ ଡିଏସ୍‌ଆର/ଏସ୍‌ଆର କାର୍ଯ୍ୟାଳୟରେ ବ୍ୟବସାୟୀକ ପ୍ଲଟ୍‌ର ଏମ୍‌ଭିଜିର ସଂଶୋଧନ ବେଳେ ଅବ-ମୂଲ୍ୟାୟନର ଆଖିଦୃଶିଆ ଆଶଙ୍କା ସୃଷ୍ଟି ହେଉଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ନିବନ୍ଧନକାରୀ ଅଧିକାରୀମାନେ ସ୍ୱତନ୍ତ୍ର ସଂଶୋଧନ/ଦ୍ୱିବାର୍ଷିକ ସଂଶୋଧନ ବେଳେ ଭବିଷ୍ୟତରେ ଏହି ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରିବେ।

### 2.1.5.3 ଟାହା ଉପରେ ଉଚ୍ଚ ମୂଲ୍ୟ ଆବାସିକ ଏବଂ ବ୍ୟବସାୟୀକ ଭବନ ଚାଲୁଥିବା ପ୍ଲଟ୍ ଗୁଡିକର ଭୁଲ ବର୍ଗୀକରଣ

ନିୟମ 38 ଏବଂ 39ର ଅନୁପାଳନା ନହେବା ଏବଂ ବିଗତ ଦୁଇ ବର୍ଷରେ ପ୍ଲଟ୍‌ର ହାରାହାରି ବିକ୍ରୟ ମୂଲ୍ୟ ତୁଳନାରେ ସହରୀ ପ୍ଲଟ୍‌ର ଏମ୍‌ଭିଜିରେ ଅବ-ମୂଲ୍ୟାୟନକୁ ଦୃଷ୍ଟିରେ ରଖି ଅଡିଟ୍, ମନୋନୀତ 14ଟି ନମୁନା ଯାଞ୍ଚ ଡିଏସ୍‌ଆର/ଏସ୍‌ଆର କାର୍ଯ୍ୟାଳୟ ଅର୍ନ୍ତଗତ 174ଟି ସହରୀ ଏବଂ ଉପ-ସହରୀ ଗ୍ରାମରେ ରାଜସ୍ୱ ନିରୀକ୍ଷକ ଓ ସଂପୃକ୍ତ ଡିଏସ୍‌ଆର୍/ ଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ)

କରିଥିଲା ଏବଂ 3,184ଟି ପ୍ଲଟ୍‌କୁ ଅର୍ନ୍ତଭୁକ୍ତ କରଥିଲା। ସେହିସବୁ ଜେପିଆଇର ଏକ ସଂକ୍ଷିପ୍ତ ସାର ***ପରିଶିଷ୍ଟ 2.1.1*** ରେ ଦିଆଯାଇଛି।

ସହରୀ ପ୍ଲଟ୍‌ର ଅଭିଲିଖିତ ବର୍ଗୀକରଣ ଏବଂ ସେମାନଙ୍କର ପ୍ରକୃତ ଅନ୍ତ ବ୍ୟବହାର ଅନୁସାରେ ବର୍ଗୀକରଣ ସମ୍ବନ୍ଧରେ ଜେପିଆଇରେ ପରିଲକ୍ଷିତ ହୋଇଥିବା ଅଡିଟ୍ ଅବଲୋକନ ଗୁଡିକ ନିମ୍ନରେ ଦିଆଗଲା:

- 3,186ଟି ନମୁନା ଯାଞ୍ଚ ପ୍ଲଟ୍ ମଧ୍ୟରୁ 2,884ଟି ପ୍ଲଟ୍ (90.52 ପ୍ରତିଶତ) ଉପରେ କୋଠାଘର ଥିଲା ଯେଉଁଥିରେ ବ୍ୟବସାୟୀକ କାର୍ଯ୍ୟକଳାପ/କାରବାର ଚାଲୁଥିଲା। ଅବଶିଷ୍ଟ 302ଟି ପ୍ଲଟ୍ (9.48 ପ୍ରତିଶତ) ଉପରେ 'ଆବାସିକ ଉଦ୍ଦେଶ୍ୟରେ' ବ୍ୟବହୃତ ହେଉଥିବା ଘର ଥିଲା ଯାହା ଜେପିଆଇରେ ଦେଖାଯାଇଥିଲା।

  - ବ୍ୟବସାୟୀକ କାର୍ଯ୍ୟକଳାପ ଚାଲୁଥିବା 2,884 ଟି ପ୍ଲଟ୍ ମଧ୍ୟରୁ 585 ଟି ପ୍ଲଟ୍ (20.30 ପ୍ରତିଶତ) କୁ ସଂପୃକ୍ତ ଡିଏସ୍‌ଆର/ ଏସ୍‌ଆରମାନଙ୍କ ବଜାର ମୂଲ୍ୟ ମାର୍ଗଦର୍ଶିକାରେ 'ବ୍ୟବସାୟୀକ ପ୍ଲଟ୍' ହିସାବରେ ବର୍ଗୀକୃତ ଏବଂ ତାଲିକାଭୁକ୍ତ କରାଯାଇଥିଲା। ଅବଶିଷ୍ଟ 2,299 ପ୍ଲଟ୍ ଗୁଡିକୁ ଭୁଲରେ 'ଆବାସିକ' (1,473) ଏବଂ 'ଅନ୍ୟାନ୍ୟ ଜମି' (826) ଭାବରେ ବର୍ଗୀକୃତ କରାଯାଇଥିଲା।

  - 'ଅନ୍ୟାନ୍ୟ ଜମି' ବର୍ଗରେ ଥିବା 826ଟି ପ୍ଲଟ୍, ଯାହା ଉପରେ ବ୍ୟବସାୟିକ କୋଠାଘର ଥିଲା, ସେଗୁଡିକୁ ସେଚ ଜମି (248), *ବଗାୟତ*[16] (69), *ପତିତ*[17] (154) ଏବଂ ବିବିଧ (286) ଭାବରେ ବର୍ଗୀକୃତ କରାଯାଇଥିଲା। 69ଟି କ୍ଷେତ୍ରରେ ବର୍ଗ/ କିସମକୁ ଏମ୍‌ଭିଜିରେ ଲିପିବଦ୍ଧ କରାଯାଇ ନ ଥିଲା।

  - 302ଟି ପ୍ଲଟ୍ ଯାହା ଉପରେ ଆବାସିକ ଉଦ୍ଦେଶ୍ୟରେ କୋଠାଘର ନିର୍ମିତ ହୋଇଥିଲା, ତନ୍ମଧ୍ୟରୁ ମାତ୍ର 118ଟିକୁ (39.07 ପ୍ରତିଶତ) ପ୍ରକୃତରେ ଆବାସିକ ପ୍ଲଟ୍ ଭାବେ ସଂପୃକ୍ତ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟ ମାନଙ୍କ ଏମ୍‌ଭିଜିରେ ଦର୍ଶାଯାଇଥିଲା। ଅବଶିଷ୍ଟ 184ଟି ପ୍ଲଟ୍ ଏମ୍‌ଭିଜିରେ 'ଅନ୍ୟାନ୍ୟ ଜମି' ଭାବରେ ଭୁଲରେ ବର୍ଗୀକୃତ ହୋଇଥିଲା।

  - 184ଟି ଅନ୍ୟାନ୍ୟ ଜମି, ବର୍ଗର ପ୍ଲଟ୍‌ଗୁଡ଼ିକ ଯାହା ଉପରେ ଆବାସିକ ଗୃହ ନିର୍ମିତ ହୋଇଥିଲା, ପ୍ଲଟଗୁଡ଼ିକ ସେଚ ଜମି (2), *ବଗାୟତ* (2), *ପତିତ* (1) ଏବଂ ବିବିଧ (160) ଭାବରେ ଶ୍ରେଣୀଭୁକ୍ତ କରାଯାଇଥିଲା। ଅବଶିଷ୍ଟ 19ଟି ପ୍ଲଟ୍‌କୁ 'ବ୍ୟବସାୟୀକ' ଭାବରେ ବର୍ଗୀକୃତ କରାଯାଇଥିଲା।

    - 3,186ଟି ପ୍ଲଟ୍ ମଧ୍ୟରୁ 268 (8.41 ପ୍ରତିଶତ)ଟି ପ୍ଲଟ୍ କ୍ଷେତ୍ରରେ ଏମ୍‌ଭିଜି ଆଦୌ ସଂଶୋଧିତ ହୋଇନଥିଲା ଯଦିଓ ସେଗୁଡିକ ଉପରେ ବ୍ୟବସାୟୀକ କିମ୍ବା ଆବାସିକ କୋଠାଘର ନିର୍ମିତ ହୋଇଥିଲା ଏବଂ ସକ୍ରିୟ ଥିଲା। ତେଣୁ, ଭୁଲ ବର୍ଗୀକରଣର ବସ୍ତୁଗତ କ୍ଷତିଭୟ ତଥା ସେହି ପ୍ଲଟ୍‌ର ଅବ-ମୂଲ୍ୟାୟନର ସମ୍ଭାବ୍ୟତା ଥିଲା। ପୁନଶ୍ଚ, ଯେଉଁ ପ୍ଲଟ୍ ଗୁଡିକ ଉପରେ ଘର ନିର୍ମାଣ ହୋଇଛି କିନ୍ତୁ ଯାହାର ବଜାର ମୂଲ୍ୟ ସ୍ଥିର ହୋଇନାହିଁ କିମ୍ବା ସଂଶୋଧିତ ହୋଇନାହିଁ ତାହା ଜମିପଟ୍ଟା (ଆର୍‌ଓଆର୍) ରେ, ସେଚ ଜମି (23), *ବଗାୟତ* (13), *ପତିତ* (53), ଜଙ୍ଗଲ (1) ଏବଂ ବିବିଧ (30) ରୂପେ ବର୍ଗୀକୃତ ହୋଇଥିଲା। ଅବଶିଷ୍ଟ 148ଟି ପ୍ଲଟ୍ 'ଆବାସିକ' ବର୍ଗରେ ଥିଲା।

- ରାଜସ୍ୱ ନିରୀକ୍ଷକ ଓ ସଂପୃକ୍ତ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟ ମାନଙ୍କର କର୍ମଚାରୀଙ୍କ ସହିତ ଜେପିଆଇ କଲାବେଳେ ଅଡିଟ୍ ଏହିଭଳି ଅନେକ ସମ୍ପତ୍ତି ଦେଖିଥିଲା ଯେଉଁଗୁଡିକ ସ୍ୱଭାବରେ

[16] ଫଳ ବଗିଚା (କ) ଲାଭଦାୟୀ ଫଳଗଛ ହେଲା ବଗାୟତ-1, (ଖ) ଦେଶୀ ଫଳ ଗଛ ଯଥା ଆମ୍ବ ଓ ପଣସ ଗଛ ହେଲା ବଗାୟତ-2 ଏବଂ (ଗ) ଜାଳେଣୀ କାଠ ସହିତ ଶସ୍ତା ଫଳ ଗଛ ଥିବା ବଗିଚା ହେଲା ବଗାୟତ-3

[17] ବ୍ୟକ୍ତିଗତ ପ୍ଲଟ୍ ଯାହା ଉପରେ ବହୁତ ଦିନ ଧରି କୌଣସି ଚାଷ କରାଯାଇନଥିବ

ବ୍ୟବସାୟୀକ ଥିଲା କିନ୍ତୁ ଏମ୍‌ଭିଜିରେ 'ଆବାସିକ' ଅଥବା 'ଅନ୍ୟାନ୍ୟ ଜମି' ହିସାବରେ ଲିପିବଦ୍ଧ ହୋଇଥିଲା ।

ଜିଲ୍ଲା-ଅନୁସାରେ ବ୍ୟବସାୟିକ ସମ୍ପତ୍ତିର ଆଲୋକଚିତ୍ର ବିଶଦ ବିବରଣୀ ସହିତ ନିମ୍ନରେ ପ୍ରଦତ୍ତ ହେଲା ।

1. ପୁରୀ ଜିଲ୍ଲାର ଆଠଟି ମୌଜାରେ 101ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଓ ସଂପୃକ୍ତ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟ ମାନଙ୍କର କର୍ମଚାରୀଙ୍କ ସହିତ ସଂଯୁକ୍ତ ଭୌତିକ ନିରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା । 12ଟି ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.2***



*ହୋଟେଲ୍ ଗୋଲ୍ଡେନ୍ ପାଲେସ୍, ପ୍ଲଟ୍ ନଂ.114/391, କ୍ଷେତ୍ରଫଳ 0.9000 ଏକର, କିସମ-ଘରବାରି, ସି.ଟି ରୋଡ, ବାଙ୍କି ମୁହାଣ, ପୁରୀ*



*ହୋଟେଲ୍ ଜମିନଦାର ପାଲେସ୍, ପ୍ଲଟ୍ ନଂ.117, କ୍ଷେତ୍ରଫଳ 3.000 ଏକର, କିସମ-ଘରବାରି, ସି.ଟି ରୋଡ୍, ବାଙ୍କି ମୁହାଣ, ପୁରୀ*





*ହୋଟେଲ୍ ମେ ଫେୟାର୍ ୱେଭସ୍ ଏବଂ ମେ ଫେୟାର୍ ହେରିଟେଜ୍, ପ୍ଲଟ୍ ନଂ.122, 124, 125 ଏବଂ 145, କ୍ଷେତ୍ରଫଳ 1.955 ଏକର, କିସମ-ଘରବାରି-1, ସି.ଟି ରୋଡ, ବାଙ୍କି ମୁହାଣ, ପୁରୀ*



*କୋଣାର୍କ ଅଧିକାରୀ ବିଶ୍ରାମ ଗୃହ, ପ୍ଲଟ୍ ନଂ.189, 190 & 192, କ୍ଷେତ୍ରଫଳ 0.757 ଏକର, କିସମ-ପତିତ, ସି.ଟି ରୋଡ୍, ବାଙ୍କି ମୁହାଣ, ପୁରୀ*




*ହୋଟେଲ୍ ପ୍ରମୋଦ ରିସୋର୍ଟସ୍, ପ୍ଲଟ୍ ନଂ.280, କ୍ଷେତ୍ରଫଳ 0.966 ଏକର, କିସମ -ପତିତ, ସି.ଟି ରୋଡ୍, ବାଙ୍କି ମୁହାଣ, ପୁରୀ*



*ହୋଟେଲ୍ ପ୍ରଭୁପାଦ ଏଣ୍ଡ୍ ବିଚ୍ ରିସୋର୍ଟସ୍, ପ୍ଲଟ୍ ନଂ. 95, କ୍ଷେତ୍ରଫଳ 12.000 ଏକର, କିସମ-ପତିତ, ୟୁନିଟ୍-5, ବଳିଆ ପଣ୍ଡା, ପୁରୀ*



*ହୋଟେଲ୍ ଲାରିକା ଏବଂ ଅନ୍ୟାନ୍ୟ ହୋଟେଲ୍, ପ୍ଲଟ୍ ନଂ. 95, କ୍ଷେତ୍ରଫଳ 12.000 ଏକର, କିସମ-ପତିତ, ୟୁନିଟ୍-05, ବଳିଆ ପଣ୍ଡା, ପୁରୀ*







*ହୋଟେଲ୍ ଗୋଲ୍ଡେନ୍ ଡଷ୍ଟ, ବାଲାଜୀ ଇଣ୍ଟରନ୍ୟାସନାଲ୍ ଏବଂ ନୀଳାଦ୍ରୀ ପ୍ରିମିୟମ୍, ପ୍ଲଟ୍ ନଂ. 1566, କ୍ଷେତ୍ରଫଳ 0.5000 ଏକର, କିସମ-ଶାରଦ 2, ଗୋଲ୍ଡେନ୍ ବିଚ୍, ସିପସରୁବାଲି, ପୁରୀ*




*ହୋଟେଲ୍ ଭିକ୍ଟୋରିଆ ପାଲେସ୍ ଏବଂ ସଞ୍ଜୀବ ହିରୋ ଶୋରୁମ୍, ପ୍ଲଟ୍ ନଂ.30 ଓ 30/238, କ୍ଷେତ୍ରଫଳ-0.376 ଏକର, କିସମ-ଘରବାରି, ଚନ୍ଦନ ହଜୁରୀ ରୋଡ୍, ଗାନ୍ଧିଘାଟ, ପୁରୀ*



*ଉତ୍କଳ ତନ୍ତୁଜ ଭବନ, ପ୍ଲଟ୍ ନଂ.1386, କ୍ଷେତ୍ରଫଳ 0.0790 ଏକର, କିସମ-ଘରବାରି-2, ମାରାଇନ୍ ଡ୍ରାଇଭ୍ ରୋଡ୍, ବାଲି ସାହି-1, ପୁରୀ*

2. କଟକ ଜିଲ୍ଲାର 15ଟି ମୌଜାରେ ଥିବା 190ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଏବଂ ଡିଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ହୋଇଥିବା ସଂଯୁକ୍ତ ବସ୍ତୁଗତ ନିରୀକ୍ଷଣରେ ଅର୍ନ୍ତଭୁକ୍ତ କରାଯାଇଥିଲା। ଚାରୋଟି ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.3***




*ଏସ୍ପିରିଟ୍ ଟୟୋଟା (ବିକ୍ରୟ ଓ ସେବା), ପ୍ଲଟ୍ ନଂ.2514, କ୍ଷେତ୍ରଫଳ-0.8100 ଏକର, କିସମ-ଘରବାରି, ପ୍ରତାପ ନଗରୀ, କଟକ*



*ଓଏସ୍‌ଏଲ୍ ପ୍ରେଷ୍ଟିଜ୍ (ବିଏମ୍‌ଡବ୍ଲ୍ୟୁ ଶୋରୁମ୍), ପ୍ଲଟ୍ ନଂ.2693, କ୍ଷେତ୍ରଫଳ-1.060 ଏକର, କିସମ-ବିଆଳୀ ଦୋ ଫସଲୀ, ଭାଣପୁର, କଟକ*



*ହୋଟେଲ୍ ଆକ୍‌ବରୀ କଣ୍ଟିନେଣ୍ଟାଲ୍, ପ୍ଲଟ୍ ନଂ.196, 196/2603, 1602, 1602/2313, 1604/2326, 1600/2325 ଓ 1602/2324, ହରିପୁର ରୋଡ୍, ସାମନ୍ତ ସାହି, କଟକ*



*ଲକ୍ଷ୍ମୀ ମଣ୍ଡପ (ବ୍ୟବସାୟୀକ ବିପଣୀ), ପ୍ଲଟ୍ ନଂ.368, କ୍ଷେତ୍ରଫଳ-0.4530 ଏକର, କିସମ-ରାସ୍ତା/ ନୟନଜୋରୀ, ବାଦାମବାଡି, କଟକ*

3. ଗଞ୍ଜାମ ଜିଲ୍ଲାର 23 ଟି ମୌଜାରେ ଥିବା 363ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଏବଂ ଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ହୋଇଥିବା ସଂଯୁକ୍ତ ବସ୍ତୁଗତ ନିରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଛଅଟି ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.4***



*ଜାମି ଭୀମା ରାଜୁ ଏଣ୍ଡ୍ ବ୍ରଦର୍ସ୍ ଗହଣା ଦୋକାନ, ପ୍ଲଟ୍ ନଂ.2054, କ୍ଷେତ୍ରଫଳ-0.0200 ଏକର, କିସମ-ଘରବାରି 1, ବଡବଜାର, 53 ବ୍ରହ୍ମପୁର*



*ବ୍ଲାକ୍ ଏଣ୍ଡ୍ ହ୍ୱାଇଟ୍ ବିଦେଶୀ ମଦ ଦୋକାନ, ପ୍ଲଟ୍ ନଂ.256/678, ଖାତା ନଂ.586/12, କ୍ଷେତ୍ରଫଳ-0.0320 ଏକର, କିସମ-ଘରବାରି 1, ସତ୍ୟନାରାୟଣପୁର, ବ୍ରହ୍ମପୁର*




*ମୟୁରୀ ଟାୱାର୍ (ବ୍ୟବସାୟିକ ବିପଣୀ), ପ୍ଲଟ୍ ନଂ.705, କ୍ଷେତ୍ରଫଳ-0.0530 ଏକର, କିସମ-ଘରବାରି 1, ସତ୍ୟନାରାୟଣପୁର, ବ୍ରହ୍ମପୁର*




*ଟାନିଷ୍କ ଶୋରୁମ, ପ୍ଲଟ୍ ନଂ.4, କ୍ଷେତ୍ରଫଳ-0.056 ଏକର, କିସମ-ଘରବାରି, ସତ୍ୟନାରାୟଣପୁର, ବ୍ରହ୍ମପୁର*

| | |
|---|---|
|  |  |
| *ହୋଟେଲ୍ ଭୁବନେଶ୍ୱରୀ କ୍ଲାସିକ୍ ଏଣ୍ଡ୍ ବାଟା, ପ୍ଲଟ୍ ନଂ.565, କ୍ଷେତ୍ରଫଳ-0.0810 ଏକର, କିସମ-ଘରବାରି 1, କଣ୍ଟେନ୍‌ମେଣ୍ଟ୍‌ରୋଡ୍,ଭାପୁର,ବ୍ରହ୍ମପୁର* | *ଷ୍ଟିଲ୍ ଏଣ୍ଡ୍ ଷ୍ଟାଇଲ୍ ଫର୍ନିଚର୍ ସପ୍, ପ୍ଲଟ୍ ନଂ.835, କ୍ଷେତ୍ରଫଳ-0.0440 ଏକର, କିସମ-ଘରବାରି 1, ଟାଟା ବେଞ୍ଜ ଛକ, ବୈଦ୍ୟନାଥପୁର, ବ୍ରହ୍ମପୁର* |

4. ସମ୍ବଲପୁର ଜିଲ୍ଲାର 12ଟି ମୌଜାରେ ଥିବା 230ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଏବଂ ଡିଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ହୋଇଥିବା ସଂଯୁକ୍ତ ଭୌତିକ ନିରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଛଅଟି ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.5***

| | |
|---|---|
|  |  |
| *ମହିନ୍ଦ୍ର (ଏସ୍‌ୟୁଭି ଏଣ୍ଡ୍ ଏସ୍‌ସିଭି ବିକ୍ରୟ ଓ ସେବା), ପ୍ଲଟ୍ ନଂ.1708/2001 ଓ 1708/6786, କ୍ଷେତ୍ରଫଳ-2.250 ଏକର, କିସମ-ଘରବାରି ଓ ପତିତ, ଲାରପଙ୍କ୍, ସମ୍ବଲପୁର* | *(1) ହୋଟେଲ୍, ଅପ୍‌ସରା, ପ୍ଲଟ୍ ନଂ.1916/3053, 1917, 1918 ଓ 1919/3039, କ୍ଷେତ୍ରଫଳ-0.1670 ଏକର, କିସମ-ବାହାଲପାନି 1, ବର୍ଣ୍ଣ ସାଧାରଣ ଓ ଘରବାରି 1 ଏବଂ 2. ହୋଟେଲ୍ ଉପହାର, ପ୍ଲଟ୍ ନଂ.1919, କ୍ଷେତ୍ରଫଳ-0.0130 ଏକର, କିସମ-ଘରବାରି 1, ୟୁନିଟ୍-5, ସାକ୍ଷୀଗୋପୀନାଥପଡା, ସମ୍ବଲପୁର* |
|  |  |
| *ହୋଟେଲ୍ ହରଜିତ୍ ରେସିଡେନ୍ସି, ପ୍ଲଟ୍ ନଂ.1924/2650, କ୍ଷେତ୍ରଫଳ-0.0720 ଏକର, କିସମ-ଘରବାରି 1, ୟୁନିଟ୍-5, ସାକ୍ଷୀଗୋପୀନାଥପଡା, ସମ୍ବଲପୁର* | *ହୋଟେଲ୍ ଶୀଳା ଟାୱାରସ୍, ପ୍ଲଟ୍ ନଂ.1943, କ୍ଷେତ୍ରଫଳ-0.1300 ଏକର, କିସମ-ଘରବାରି 1, ସାକ୍ଷୀଗୋପୀନାଥପଡା, ସମ୍ବଲପୁର* |

| | |
|---|---|
|   |   |
| *କେଏଫ୍‌ସି ଏଣ୍ଡ୍ ପିଜା ହଟ୍, ପ୍ଲଟ୍ ନଂ.2161/7169 ଓ 2161/7216, କ୍ଷେତ୍ରଫଳ-0.520 ଏକର, କିସମ-ମାଲଖାରି, ଦାନିପାଲି, ସମ୍ବଲପୁର* | *ପ୍ରସାଦ ଜୁଏଲର୍ସ ପ୍ରା. ଲିମିଟେଡ୍, ପ୍ଲଟ୍ ନଂ.2183, କ୍ଷେତ୍ରଫଳ-0.010 ଏକର, କିସମ-ଘରବାରି 1, ୟୁନିଟ-6, ଗୋଲ ବଜାର, ସମ୍ବଲପୁର* |

5. ଖୋର୍ଦ୍ଧା ଜିଲ୍ଲାର 77ଟି ମୌଜାରେ ଥିବା 1,804ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଏବଂ ଡିଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ହୋଇଥିବା ସଂଯୁକ୍ତ ଭୌତିକ ନିରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଅଳ୍ପ କେତେକ ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.6***

| | |
|---|---|
|   |   |
| *ମେସର୍ସ କ୍ୱାଲିଟି ବଟଲରସ୍ ପ୍ରା. ଲି., ପ୍ଲଟ୍ ନଂ.1016, ଖାତା ନଂ.447, କ୍ଷେତ୍ରଫଳ-0.6450 ଏକର, କିସମ-ବଗାୟତ II, ଓଗାଳପଡା, ଜଟଣୀ* | *ଏସ୍‌ପ୍ଲାନେଡ୍ ସପିଙ୍ଗ୍ ମଲ୍, ପ୍ଲଟ୍ ନଂ.7, 29 ଓ 30, କ୍ଷେତ୍ରଫଳ-0.902 ଏକର, କିସମ-ଘରବାରି, ଗୋବିନ୍ଦ ପ୍ରସାଦ, ଭୁବନେଶ୍ୱର* |
|   |   |
| *ରିଲାଏନ୍‌ସ ଫ୍ରେଶ୍ ଓ ଏସ୍‌ବିଆଇ, ବରମୁଣ୍ଡା ଶାଖା, ପ୍ଲଟ୍ ନଂ.12, କ୍ଷେତ୍ରଫଳ-6.0460 ଏକର, କିସମ-ଜଙ୍ଗଲ II, ଜାତୀୟ ରାଜପଥ କଡ, ବରମୁଣ୍ଡା-37, ଭୁବନେଶ୍ୱର* | |
|   |   |
| *ପାତ୍ର ଇଲେକ୍ଟ୍ରୋନିକ୍ସ ଏଣ୍ଡ୍ ଜିଆଇଇଟି ବିଶ୍ୱବିଦ୍ୟାଳୟ, ପ୍ଲଟ୍ ନଂ.36/2099, କ୍ଷେତ୍ରଫଳ-12.480 ଏକର, କିସମ- ଜଙ୍ଗଲ II, ଜାତୀୟ ରାଜପଥ କଡ, ବରମୁଣ୍ଡା-37, ଭୁବନେଶ୍ୱର* | *ରାଜ୍ ଇଲେକ୍ଟ୍ରୋନିକ୍ସ, ପ୍ଲଟ୍ ନଂ.36, କ୍ଷେତ୍ରଫଳ-11.1130 ଏକର, କିସମ- ଜଙ୍ଗଲ II, ଜାତୀୟ ରାଜପଥ କଡ, ବରମୁଣ୍ଡା-37, ଭୁବନେଶ୍ୱର* |




*କେତୁକା କମ୍ପ୍ଲେକ୍ସ-2, ପ୍ଲଟ୍ ନଂ.529 ଓ 531, କ୍ଷେତ୍ରଫଳ-0.0120 ଏକର, କିସମ-ଶାରଦ 1, ଜାଗମରା-38, ଭୁବନେଶ୍ୱର*




*ମାର୍କେଟ୍ କମ୍ପ୍ଲେକ୍ସ, ପ୍ଲଟ୍ ନଂ.2149, କ୍ଷେତ୍ରଫଳ-0.1250 ଏକର, କିସମ-ଜଙ୍ଗଲ, ପଥରଗାଡିଆ, ଭୁବନେଶ୍ୱର*







*ଉପରୋକ୍ତ ସମସ୍ତ ଭବନ ପ୍ଲଟ୍ ନଂ.326ରେ ଅଛି, କ୍ଷେତ୍ରଫଳ-85.5432 ଏକର, କିସମ-ଉନ୍ନତ ଯୋଜନା ଯୋଗ୍ୟ(ଉନ୍ନତ ଯୋଜନା ପାଇଁ ଯୋଗ୍ୟ), ଜିଲ୍ଲା କେନ୍ଦ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*




*ପ୍ଲଟ୍ ନଂ.300ରେ ଥିବା ବ୍ୟବସାୟୀକ ଘରବାଡି, କ୍ଷେତ୍ରଫଳ-2.0040 ଏକର, କିସମ-ପତିତ, ପାତ୍ରପଡା-8, ଭୁବନେଶ୍ୱର*

6. ସୁନ୍ଦରଗଡ ଜିଲ୍ଲାର 10ଟି ମୌଜାରେ ଥିବା 281ଟି ପ୍ଲଟ୍‌କୁ ରାଜସ୍ୱ ନିରୀକ୍ଷକ ଏବଂ ଏସ୍‌ଆର୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହିତ ହୋଇଥିବା ସଂଯୁକ୍ତ ଭୌତିକ ନିରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଦୁଇଟି ପ୍ଲଟ୍‌ର ଚିତ୍ର ନିମ୍ନରେ ଦିଆଗଲା:

***ଚିତ୍ର 2.1.7***




*ଇନ୍ଦିରା ଟେକ୍ସଟାଇଲ୍ ହାଉସ୍, ପ୍ଲଟ୍ ନଂ.471, କ୍ଷେତ୍ରଫଳ-0.063 ଏକର, କିସମ-ଘରବାରି, ଆର୍‌ଟିସ୍ୟୁ-35, ପାନପୋଷ୍, ରାଉରକେଲା*




*ବାଣିଜ୍ୟିକ ବିପଣୀ, ପ୍ଲଟ୍ ନଂ.916 ଓ 915, କ୍ଷେତ୍ରଫଳ-0.105 ଏକର, କିସମ-ଘରବାରି, ଆର୍‌ଟିସ୍ୟୁ-35, ପାନପୋଷ୍, ରାଉରକେଲା*

ତେଣୁ ଅଡିଟ୍ ଅବଲୋକନ କଲା କି ନିୟମ 38 ଓ 39ର ଅନୁପାଳନା ନହେବା, ଉଚ୍ଚ ମୂଲ୍ୟ ଆବାସିକ ଏବଂ ବ୍ୟବସାୟିକ ପ୍ଲଟ୍‌ର ଭୁଲ ବର୍ଗୀକରଣ ଏବଂ ଅନେକଗୁଡିଏ ପ୍ଲଟ୍ କ୍ଷେତ୍ରରେ ଏମ୍‌ଭିଜିର ଅଣ-ନିର୍ଦ୍ଧାରଣ/ ଅଣ-ସଂଶୋଧନରେ ପରିଣତ ହୋଇଥିଲା ଯଦିଓ ଅଡିଟ୍ ମାତ୍ର ସ୍ୱଳ୍ପ କେତେକ ପ୍ଲଟ୍‌ର ନମୁନା ଯାଞ୍ଚ କରିଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ନିବନ୍ଧନକାରୀ ଅଧିକାରୀମାନେ ସ୍ୱତନ୍ତ୍ର ସଂଶୋଧନ/ ଦ୍ୱିବାର୍ଷିକ ସଂଶୋଧନ ବେଳେ ଭବିଷ୍ୟତରେ ଏହି ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରିବେ।

***ସୁପାରିଶ୍ 2.1.7:***

***ସଂପୃକ୍ତ ତହସିଲ କାର୍ଯ୍ୟାଳୟ ଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଧାରିତ ଇନ୍‌ପୁଟ୍ ଗୁଡ଼ିକୁ ବିଚାରକୁ ନେଇ ଓଡ଼ିଶା ଷ୍ଟାମ୍ପ ନିୟମାବଳୀ(ସଂଶୋଧନ)ର ନିୟମ, 2001 କଠୋର ଅନୁପାଳନ ପୂର୍ବକ, ମୂଲ୍ୟାୟନ କମିଟି ଗୁଡ଼ିକ ଉଭୟ ଜିଲ୍ଲା ଓ ଉପଜିଲ୍ଲା ସ୍ତରରେ ଦୁଇ ବର୍ଷରେ ଥରେ ବଜାର ମୂଲ୍ୟ ମାର୍ଗଦର୍ଶିକାର ସଂଶୋଧନ କରିପାରନ୍ତି ।***

### *2.1.5.4 ସଂଶୋଧିତ ବିଏମ୍‌ଭି ଏବଂ ବିଶେଷଜ୍ଞ ମୂଲ୍ୟାୟନକାରୀ ଦ୍ୱାରା ନିର୍ଦ୍ଧାରିତ ଏଫ୍‌ଏମ୍‌ଭି ମଧ୍ୟରେ ମହତ୍ୱପୂର୍ଣ୍ଣ ପାର୍ଥକ୍ୟ*

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ଅନୁପାଳନା ନହେବା, ବିଗତ ଦୁଇ ବର୍ଷରେ ହାରାହାରି ବିକ୍ରୟ ମୂଲ୍ୟ ତୁଳନାରେ ସହରୀ ପ୍ଲଟ୍‌ର ଏମ୍‌ଭିଜିରେ ସଂଶୋଧନର ଅବ-ମୂଲ୍ୟାୟନ ଏବଂ ପ୍ଲଟ୍‌ର ଭୁଲ ବର୍ଗୀକରଣ ଯାହା ବିଭାଗୀୟ କର୍ମଚାରୀଙ୍କ ସହ ସଂଯୁକ୍ତ ବସ୍ତୁଗତ ନିରୀକ୍ଷଣରେ ପରିଲକ୍ଷିତ ହୋଇଥିଲା, ଅଡିଟ୍ ଜଣେ ବିଶେଷଜ୍ଞ ମୂଲ୍ୟାୟନକାରୀ (ଇଭି)ଙ୍କୁ 14ଟି ମନୋନୀତ ନମୁନା ଯାଞ୍ଚ ଡିଏସ୍‌ଆର/ ଏସ୍‌ଆର କାର୍ଯ୍ୟାଳୟର କ୍ଷେତ୍ରାଧିକାର ଅର୍ନ୍ତଗତ 100ଟି ମନୋନୀତ ସ୍ଥାବର ସମ୍ପତ୍ତିର ବିଶେଷଜ୍ଞ ବଜାର ମୂଲ୍ୟାୟନ ନିମନ୍ତେ ନିୟୋଜିତ କରିଥିଲା, ଯିଏ କି ଆୟକର ବିଭାଗ ସହ ଧନ କର ଅଧିନିୟମ ଅର୍ନ୍ତଗତ ପଞ୍ଜୀକୃତ ଥିଲେ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହ ସୂଚୀଭୁକ୍ତ ଥିଲେ।

ଉଚିତ୍ ଏଫ୍‌ଏମ୍‌ଭି (ପ୍ରତ୍ୟେକ ସ୍ଥାବର ସମ୍ପତ୍ତି, ଜମି ଓ ଗୃହ ପାଇଁ ଅଲଗା ଅଲଗା କରି)କୁ ଯୁକ୍ତିଯୁକ୍ତ ବିଚାର ଏବଂ ମାନଦଣ୍ଡକୁ ଭିତ୍ତି କରି ଇଭି ପ୍ରତିବେଦିତ କରିଥିଲେ ଯଥା:

(କ) ସହରାଞ୍ଚଳରେ ପ୍ରମୁଖ ସ୍ଥାନ

(ଖ) ସମ୍ପତ୍ତି ପାଖରେ ପହଞ୍ଚିବାର ସୁଗମତା ଏବଂ ପ୍ରବେଶପଥର ଚଉଡା

(ଗ) ଶିକ୍ଷା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ, ବଜାର ଅଞ୍ଚଳ ଓ ପାର୍କ/ ଚିତ୍ତ ବିନୋଦନ ପାଇଁ ଖୋଲା ଯାଗାକୁ ନିକଟତର

(ଘ) ସର୍ବସାଧାରଣ ପରିବହନ ଭିତ୍ତିଭୂମିକୁ ସାମୀପ୍ୟ ଏବଂ ରେଳ ଷ୍ଟେସନ୍/ ବିମାନ ବନ୍ଦରକୁ ପ୍ରବେଶର ସୁବିଧା

(ଙ) କାର୍ଯ୍ୟାତ୍ମକ ଦିଗ ଯଥା ସମ୍ପତ୍ତିର ନିବାସୀମାନଙ୍କ ପାଇଁ ଗାଡି ରଖିବା ଓ ଷ୍ଟୋରେଜ ସ୍ଥାନର ଲଭ୍ୟତା

(ଚ) ସମ୍ପତ୍ତି ପାଇଁ ଉପଯୋଗିତାର ଉପଲବ୍ଧତା ଯେପରିକି ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ମଇଳା ନାଳ ଏବଂ ବର୍ଷା ପାଣି ନିଷ୍କାସନ ନାଳ

(ଛ) ଭଡାଟିଆମାନଙ୍କ ଠାରୁ ମିଳୁଥିବା ସମ୍ଭାବ୍ୟ ଘରଭଡା

(ଜ) ସମ୍ପତ୍ତି ମୂଲ୍ୟରେ କ୍ଷତିକାରକ ଉପାଦାନର ଉପସ୍ଥିତି କିମ୍ବା ଅନୁପସ୍ଥିତି ଯଥା ପାଖରେ ଥିବା ବସ୍ତି/ ଜବରଦଖଲ ଜମି ଏବଂ ଶିଳ୍ପ/ ଯାତାୟାତ ଯୋଗୁଁ ପ୍ରଦୂଷଣ

(ଝ) ରିଅଲ୍ ଇଷ୍ଟେଟ୍ ପୋର୍ଟାଲ୍ ଯଥା ମ୍ୟାଜିକ୍‌ବ୍ରିକ୍‌ସ୍.କମ୍, 99 ଏକର କମ୍ ଇତ୍ୟାଦି, ଯେଉଁଠାରେ ପ୍ରଚଳିତ ନିଷ୍ପକ୍ଷ ବଜାର ମୂଲ୍ୟ ଉପଲବ୍ଧ

ମନୋନୀତ 100ଟି ସ୍ଥାବର ସମ୍ପତ୍ତିର ଅକ୍ଟୋବର 2022 ସୁଦ୍ଧା ନିଷ୍ପକ୍ଷ ବଜାର ମୂଲ୍ୟ (ପ୍ଲଟ୍‌ର ଜମି ଉପାଦାନ) ଏବଂ ସଂପୃକ୍ତ ପ୍ଲଟ୍ ପାଇଁ ସଂଶୋଧିତ ବିଏମ୍‌ଭି (2017 ଓ 2019 ରେ), ***ପରିଶିଷ୍ଟ 2.1.2*** ରେ ପ୍ରଦାନ କରାଗଲା।

**ସାରଣୀ 2.1.5 (କ)**ରେ ଶୀର୍ଷରେ ଥିବା 10ଟି ସମ୍ପତ୍ତିର ତାଲିକା ଦିଆଯାଇଛି, ଯେଉଁଥିରେ ସେମାନଙ୍କର ବିଏମ୍‌ଭି ସହିତ ଇଭି ଜଣାଇଥିବା ଏଫ୍‌ଏମ୍‌ଭି, ଉଚ୍ଚତମ ଗୁଣିତକ ଆଧାରରେ ତୁଳନା କରାଯାଇଛି।

***ସାରଣୀ 2.1.5 (କ): ଜେପିଆଇ କରାଯାଇଥିବା ଶୀର୍ଷ 10 ଟି ସମ୍ପତ୍ତିର ଏଫ୍‌ଏମ୍‌ଭି ସହିତ ବିଏମ୍‌ଭିର ତୁଳନା***

*(କୋଟି ଟଙ୍କାରେ)*

| କ୍ର. ସଂ. | ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଜମି ପାଇଁ ସଂଶୋଧିତ ବିଏମ୍‌ଭି | ଇଭି ଜଣାଇ ଥିବା ଜମିର ଏଫ୍‌ଏମ୍‌ଭି | ବିଏମ୍‌ଭିର ଗୁଣିତକ ଭାବରେ ଏଫ୍‌ଏମ୍‌ଭି | ମୂଲ୍ୟରେ ପରମ ଅନ୍ତର |
|---|---|---|---|---|---|
| 1 | ହୋଟେଲ ରିଟ୍ରିଟ୍, ପ୍ଲଟ୍ ନଂ.360/428, ସିପସରୁବାଲି, ବ୍ରହ୍ମଗିରି, ପୁରୀ | 0.04 | 8.75 | 218.75 | 8.71 |
| 2 | ପ୍ରାଇଡ୍ ଅନନ୍ୟା ରେସିଡେନ୍ସୀ, ପ୍ଲଟ୍ ନଂ.268, ସିପସରୁବାଲି, ବ୍ରହ୍ମଗିରି, ପୁରୀ | 0.04 | 6.25 | 156.25 | 6.21 |
| 3 | ଚନ୍ଦନ୍‌ସ୍ ସୁଇଟ୍‌ସ୍ ଏଣ୍ଡ ସ୍ନାକ୍ସ, ପ୍ଲଟ୍ ନଂ.2491/6582 ଓ 2492/6581, ଖାତା ନଂ.559/6471, ମୌଜା-ୟୁନିଟ୍ 15, ଅଇଁଠାପାଲି, ସମ୍ବଲପୁର | 2.55 | 32.5 | 12.75 | 29.95 |
| 4 | ଡିଏନ୍ ଫେୟାରି ଟେଲ୍ (ଡିଏନ୍ ହୋମସ୍ ପ୍ରା. ଲି.), ପ୍ଲଟ୍ ନଂ. 379, 378, 370, 375, 372, 621, 376, 382, 381, 374, 373, 619, 618, ଖାତା ନଂ. 188/86, ପ୍ଲଟ୍ ନଂ.375/669, ଖାତା ନଂ.188/617, ପ୍ଲଟ୍ ନଂ. 377/796, ଖାତା ନଂ.188/138, ପ୍ଲଟ୍ ନଂ.371, ଖାତା ନଂ 188/87, ମୌଜା-ଦୁର୍ଗାପୁର, ଜଟଣୀ | 0.65 | 7.62 | 11.72 | 6.97 |
| 5 | ଷ୍ଟାଇଲ୍ ବଜାର, ପ୍ଲଟ୍ ନଂ.528, ଖାତା ନଂ.741, ମୌଜା-ଅଭିମନ୍ୟୁପୁର, ଛତ୍ରପୁର | 2.91 | 32.67 | 11.23 | 29.76 |
| 6 | ଟ୍ରେଣ୍ଡ୍‌ସ୍ ମଲ୍, ପ୍ଲଟ୍ ନଂ.733, ଖାତା ନଂ.915, ମୌଜା-ବୈଦ୍ୟନାଥପୁର, ବ୍ରହ୍ମପୁର | 6.5 | 54.45 | 8.38 | 47.95 |
| 7 | କଳିଙ୍ଗ ଦାନ୍ତ ଚିକିତ୍ସାଳୟ, ପ୍ଲଟ୍ ନଂ.549/3043, କପାଳେଶ୍ୱର, ଚୌଦ୍ୱାର, କଟକ | 0.95 | 7.84 | 8.25 | 6.89 |
| 8 | ଶାହରୋଜ୍ ଗାରମେଣ୍ଟ୍‌ସ୍, ପ୍ଲଟ୍ ନଂ.3094, ପୁରୀ-କୋଣାର୍କ ରୋଡ୍, ଗୋପ | 0.35 | 2.75 | 7.86 | 2.4 |
| 9 | ରେସିଡେନ୍ସି ଏବଂ ତାରିଣୀ ମୋଟୋରସ୍, ପ୍ଲଟ୍ ନଂ.2658, ପୁରୀ-କୋଣାର୍କ ରୋଡ୍, ଗୋପ | 0.35 | 2.75 | 7.86 | 2.4 |
| 10 | ଲାଲଚାନ୍ଦ୍ ଜୁଏଲର୍ସ, ପ୍ଲଟ୍ ନଂ.2149/2880, ଖାତା ନଂ.729/1649, ମୌଜା-ରଘୁନାଥପୁର | 2.1 | 15.5 | 7.38 | 13.4 |

*(ଉତ୍ସ: ବଶେଷଜ୍ଞ ମୂଲ୍ୟାୟନକାରୀର ପ୍ରତିବେଦନ)*

**ସାରଣୀ 2.1.5 (ଖ)**ରେ ଶୀର୍ଷରେ ଥିବା 10ଟି ସମ୍ପତ୍ତିର ତାଲିକା ଦିଆଯାଇଛି, ଯାହାର ବିଏମ୍‌ଭି ସହିତ ଇଭି ଜଣାଇଥିବା ଏଫ୍‌ଏମ୍‌ଭିର ଉଚ୍ଚତମ ପାର୍ଥକ୍ୟ ରହିଛି।

***ସାରଣୀ 2.1.5 (ଖ): ଜେପିଆଇ ଅନ୍ତର୍ଭୁକ୍ତ ଶୀର୍ଷ 10 ଟି ସମ୍ପତ୍ତିର ବିବରଣ, ଯାହା ଏଫ୍‌ଏମ୍‌ଭି ଏବଂ ବିଏମ୍‌ଭି ମଧ୍ୟରେ ଥିବା ସମ୍ପୂର୍ଣ୍ଣ ଭିନ୍ନତା ଉପରେ ଆଧାରିତ***

*(କୋଟି ଟଙ୍କାରେ)*

| କ୍ର. ସଂ. | ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଜମି ପାଇଁ ସଂଶୋଧିତ ବିଏମ୍‌ଭି | ଇଭି ଜଣାଇ ଥିବା ଜମିର ଏଫ୍‌ଏମ୍‌ଭି | ବିଏମ୍‌ଭିର ଗୁଣିତକ ଭାବରେ ଏଫ୍‌ଏମ୍‌ଭି | ମୂଲ୍ୟରେ ପରମ ଅନ୍ତର |
|---|---|---|---|---|---|
| 1 | ଜନତା ସିଟି ସେଣ୍ଟର୍ (ମ୍ୟାକ୍ସ ମଲ୍), ପ୍ଲଟ୍ ନଂ.521, 521/652 ଓ 521/653 ଖାତା ନଂ.364 ଓ 364/10, ମୌଜା-ଅଲକାପୁର, ବ୍ରହ୍ମପୁର | 15 | 87.12 | 5.81 | 72.12 |
| 2 | ମୟୂରୀ ଟାୱାର୍ (ବାଣିଜ୍ୟିକ ବିପଣୀ), ପ୍ଲଟ୍ ନଂ.705, ଖାତା ନଂ.30, ମୌଜା-ସତ୍ୟନାରାୟଣପୁର, ବ୍ରହ୍ମପୁର | 16.27 | 87.12 | 5.35 | 70.85 |

| କ୍ର. ସଂ. | ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଜମି ପାଇଁ ସଂଶୋଧିତ ବିଏମଭି | ଇଭି ଜଣାଇ ଥିବା ଜମିର ଏଫ୍ଏମ୍ଭି | ବିଏମଭିର ଗୁଣିତକ ଭାବରେ ଏଫ୍ଏମ୍ଭି | ମୂଲ୍ୟରେ ପରମ ଅନ୍ତର |
|---|---|---|---|---|---|
| 3 | ହୋଟେଲ୍ ନନ୍ଦନ ଇଣ୍ଟରନ୍ୟାସ୍ନାଲ୍, ପ୍ଲଟ୍ ନଂ.500, ଖାତା ନଂ.313, ମୌଜା-ଅଳକାପୁର, ବ୍ରହ୍ମପୁର | 16.5 | 87.12 | 5.28 | 70.62 |
| 4 | ନୂଆ କରି ବିକ୍ରି ହୋଇଥିବା ଦୋକାନଘର, ପ୍ଲଟ୍ ନଂ.588 ଓ 589, ଖାତା ନଂ.89/362, ମୌଜା-ସତ୍ୟନାରାୟଣପୁର, ବ୍ରହ୍ମପୁର | 16.27 | 76.23 | 4.69 | 59.96 |
| 5 | ହୋଟେଲ ସ୍ୱେଲ୍କମ୍ ପ୍ରିମିୟମ୍, ପ୍ଲଟ୍ ନଂ.708/3168, ଖାତା ନଂ.D-I-1559/12, ମୌଜା-ବୈଦ୍ୟନାଥପୁର, ବ୍ରହ୍ମପୁର | 15 | 69.7 | 4.65 | 54.7 |
| 6 | ଟ୍ରେଣ୍ଡ୍ସ୍ ମଲ୍, ପ୍ଲଟ୍ ନଂ.733, ଖାତା ନଂ.915, ମୌଜା-ବୈଦ୍ୟନାଥପୁର, ବ୍ରହ୍ମପୁର | 6.5 | 54.45 | 8.38 | 47.95 |
| 7 | ମେ ଫେୟାର୍ ହୋଟେଲ୍, ପ୍ଲଟ୍ ନଂ.182, ଖାତା ନଂ.9, ମୌଜା-ଆରଟିୟୁ-42, ରାଉରକେଲା | 17.5 | 65 | 3.71 | 47.5 |
| 8 | ବଜାର ବିପଣୀ, ପ୍ଲଟ୍ ନଂ.554, ଖାତା ନଂ.4, ମୌଜା-ଆରଟିୟୁ-43, ରାଉରକେଲା | 18 | 65 | 3.61 | 47 |
| 9 | ସିଟି କାର୍ଟ ମଲ୍, ପ୍ଲଟ୍ ନଂ.1178, ଖାତା ନଂ.672, ମୌଜା-ଭାପୁର, ବ୍ରହ୍ମପୁର | 15.57 | 60.99 | 3.92 | 45.42 |
| 10 | ଇଜି ବାଏ ମାର୍ଟ୍, ପ୍ଲଟ୍ ନଂ.1172, ଖାତା ନଂ.257/465, ମୌଜା-ଭାପୁର, ବ୍ରହ୍ମପୁର | 10.02 | 54.45 | 5.43 | 44.43 |

***(ଉତ୍ସ: ପ୍ରବୀଣ ମୂଲ୍ୟାୟନକାରୀର ପ୍ରତିବେଦନ)***

ଅଡିଟ୍ ପରିଲକ୍ଷିତ କଲା କି:

- ସମସ୍ତ ଏସ୍ଆର୍/ ଡିଏସ୍ଆର କାର୍ଯ୍ୟାଳୟରେ ସଂଶୋଧିତ ଏମ୍ଭିଜିରେ, ଇଭି ଦ୍ୱାରା ପ୍ରତିବେଦିତ ଏଫ୍ଏମ୍ଭି ତୁଳନାରେ ମହତ୍ୱପୂର୍ଣ୍ଣ ଅବ-ମୂଲ୍ୟାୟନ ହୋଇଛି (***ପରିଶିଷ୍ଟ 2.1.2***)।
- ଏଫ୍ଏମ୍ଭିର ଉଚ୍ଚତମ ଗୁଣିତକ, ସଂଶୋଧିତ ଏମଭିଜି ପ୍ରତି 219 ଅଟେ ଯାହା ମେସର୍ସ ହୋଟେଲ ରିଟ୍ରିଟ୍, ପୁରୀ (ସାରଣୀ 2.1.5 (କ)ର କ୍ର. ନଂ.1) କ୍ଷେତ୍ରରେ ହୋଇଥିଲା।
- ଗୋଟିଏ ପ୍ଲଟ୍ର ମୂଲ୍ୟରେ ଉଚ୍ଚତମ ପରମ ଅନ୍ତର 72.12 କୋଟି ଟଙ୍କା ଥିଲା ଯାହା ଜନତା ସିଟି ସେଣ୍ଟର୍ (ମ୍ୟାକ୍ସ ମଲ୍), ଅଳକାପୁର, ବ୍ରହ୍ମପୁର (ସାରଣୀ 2.1.5 (ଖ)ର କ୍ର. ନଂ.1) କ୍ଷେତ୍ରରେ ହୋଇଥିଲା।
- ଇଭି ପରୀକ୍ଷା କରିଥିବା 100ଟି ପ୍ଲଟ୍ ମଧ୍ୟରୁ ଏମ୍ଭିଜି ପ୍ରତି ଏଫ୍ଏମ୍ଭିର ଗୁଣିତକ 21ଟି ପ୍ଲଟରେ (21 ପ୍ରତିଶତ) 5 ଠାରୁ ଅଧିକ ଥିଲା।
- ଇଭି ପରୀକ୍ଷା କରିଥିବା 100ଟି ପ୍ଲଟ୍ ମଧ୍ୟରୁ ନିଷ୍ପକ୍ଷ ବଜାର ମୂଲ୍ୟ ଏବଂ ଏମ୍ଭିଜି ମଧ୍ୟରେ 59ଟି କ୍ଷେତ୍ରରେ (59 ପ୍ରତିଶତ) ପରମ ଅନ୍ତର 10 କୋଟି ଟଙ୍କାରୁ ଅଧିକ ଥିଲା।
- ନିଷ୍ପକ୍ଷ ବଜାର ମୂଲ୍ୟ ଏବଂ ଏମ୍ଭିଜି ମଧ୍ୟରେ ଥିବା ଅନ୍ତରର ରାଜସ୍ୱ ପ୍ରଭାବ, ଏହି 100 ଟି ପ୍ଲଟ୍ କ୍ଷେତ୍ରରେ (ତାହା ଉପରେ ନିର୍ମିତ ଘରର ମୂଲ୍ୟକୁ ଛାଡି, କେବଳ ଜମି ଉପାଦାନ) 125.99 କୋଟି ଟଙ୍କା ଥିଲା।

ମାନକ ମୂଲ୍ୟ ପ୍ରତି ଏଫ୍ଏମ୍ଭିର ଉଚ୍ଚ ଗୁଣିତକକୁ ନେଇ ପାଞ୍ଚଟି ମାମଲା ଅଧ୍ୟୟନ ଏବଂ ଏଫ୍ଏମ୍ଭି ଓ ବିଏମ୍ଭି ମଧ୍ୟରେ ଉଚ୍ଚ ପରମ ଅନ୍ତରକୁ ନେଇ ପାଞ୍ଚଟି ମାମଲା ଅଧ୍ୟୟନ ନିମ୍ନରେ ପ୍ରଦତ୍ତ ହେଲା:

**ମାମଲା ଅଧ୍ୟୟନ-1**

*ଚିତ୍ର 2.1.8*



ହୋଟେଲ୍ ରିଟ୍ରିଟ୍, ସମୁଦ୍ର କୂଳ ପାଖ, ପୁରୀ

***ହୋଟେଲ୍ ରିଟ୍ରିଟ୍, ପ୍ଲଟ୍ ନଂ. 360/428, ମୌଜା-ସିପସରୁବାଲି, ବ୍ରହ୍ମଗିରି, ପୁରୀ***

ଏହି ହୋଟେଲ୍‌ଟି ବ୍ରହ୍ମଗିରି ତହସିଲ ଅଧିନରେ ପୁରୀ ସମୁଦ୍ର କୂଳର ଅତି ପାଖରେ ଅବସ୍ଥିତ। ପ୍ରସ୍ତାବିତ ସବୁଜଭୂମି ବିମାନବନ୍ଦର ଏହି ରାଜସ୍ୱ ଗ୍ରାମ ଅର୍ଥାତ୍ ସିପସରୁବାଲି, ବ୍ରହ୍ମଗିରି ତହସିଲରେ ନିର୍ମିତ ହେବ। ଏହି ଗ୍ରାମକୁ ନା ତ ଡିଏସ୍‌ଆର୍, ପୁରୀ ସହରୀ ଗ୍ରାମ ହିସାବରେ ଶ୍ରେଣୀଭୁକ୍ତ କରିଥିଲେ ନା ସଂପୃକ୍ତ ତହସିଲଦାର୍ ପ୍ରସ୍ତାବିତ ବିମାନବନ୍ଦର ପାଇଁ ଜମି ଦର ବୃଦ୍ଧି ପାଉଥିବା ସତ୍ତ୍ୱେ ଏମ୍‌ଭିଜିର ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ନିୟମ 44 ଅନୁସାରେ ସ୍ୱତନ୍ତ୍ର ସଂଶୋଧନ ପାଇଁ ମଧ୍ୟ କୌଣସି ଉଦ୍ୟମ ହୋଇନଥିଲା। ଯଦିଓ ସେ ପ୍ଲଟ୍ ଉପରେ ହୋଟେଲ ଚାଲୁଥିଲା ତଥାପି ତାହାକୁ 'ବ୍ୟବସାୟିକ' ବର୍ଗରେ ଶ୍ରେଣୀଭୁକ୍ତ କରାଯାଇନଥିଲା।

କ୍ଷେତ୍ରଫଳ-0.5000 ଏକର, କିସମ-ପତିତ

ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -0.04 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍‌ଏମ୍‌ଭି -8.75 କୋଟି ଟଙ୍କା (ଖ)

**'ଖ', 'କ' ର 218.75 ଗୁଣ ଅଟେ।**

**ମାମଲା ଅଧ୍ୟୟନ-2**

*ଚିତ୍ର 2.1.9*




ଅନନ୍ୟା ପାମ୍ ବିଚ୍ ରେସିଡେନ୍ସି, ସିପ ସୁରୁବାଲି, ପୁରୀ

***ଅନନ୍ୟା ପାମ୍ ବିଚ୍ ରେସିଡେନ୍ସି, ପ୍ଲଟ୍ ନଂ268, ମୌଜା-ସିପସରୁବାଲି, ବ୍ରହ୍ମଗିରି, ପୁରୀ:*** ଏହି ହୋଟେଲ ପ୍ରକଳ୍ପଟି ବ୍ରହ୍ମଗିରି ତହସିଲ ଅଧିନରେ ପୁରୀ ସମୁଦ୍ର କୂଳର ଅତି ପାଖରେ ଅବସ୍ଥିତ। ପ୍ରସ୍ତାବିତ ସବୁଜଭୂମି ବିମାନବନ୍ଦର ଏହି ରାଜସ୍ୱ ଗ୍ରାମ ଅର୍ଥାତ୍ ସିପ ସୁରୁବାଲି, ବ୍ରହ୍ମଗିରି ତହସିଲରେ ନିର୍ମିତ ହେବ। ଏହି ଗ୍ରାମକୁ ନା ତ ଡିଏସ୍‌ଆର୍, ପୁରୀ ସହରୀ ଗ୍ରାମ ହିସାବରେ ଶ୍ରେଣୀଭୁକ୍ତ କରିଥିଲେ ନା ସଂପୃକ୍ତ ତହସିଲଦାର୍ ପ୍ରସ୍ତାବିତ ବିମାନବନ୍ଦର ପାଇଁ ଜମି ଦର ବୃଦ୍ଧି ପାଉଥିବା ସତ୍ତ୍ୱେ ଏମ୍‌ଭିଜିର ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ନିୟମ 44 ଅନୁସାରେ ସ୍ୱତନ୍ତ୍ର ସଂଶୋଧନ ପାଇଁ ମଧ୍ୟ କୌଣସି ଉଦ୍ୟମ ହୋଇନଥିଲା। ଯଦିଓ ସେ ପ୍ଲଟ୍ ଉପରେ ହୋଟେଲ କାର୍ଯ୍ୟ କରୁଥିଲା ତଥାପି ତାହାକୁ 'ବ୍ୟବସାୟିକ' ବର୍ଗରେ ଶ୍ରେଣୀଭୁକ୍ତ କରାଯାଇନଥିଲା।

କ୍ଷେତ୍ରଫଳ-1.3800 ଏକର, କିସମ-ଗୋଚର

ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି-0.04 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍‌ଏମ୍‌ଭି - 6.25 କୋଟି ଟଙ୍କା (ଖ)

**'ଖ', 'କ' ର 156.25 ଗୁଣ ଅଟେ।**

## ମାମଲା ଅଧ୍ୟୟନ-3

***ଚନ୍ଦନସ୍ ସୁଇଟସ୍ ଏଣ୍ଡ୍ ସ୍ନାକ୍ସ, ପ୍ଲଟ୍ ନଂ.2491/6582 ଏବଂ 2492/6581, ମୌଜା-ଅଇଁଠାପାଲି, ସମ୍ବଲପୁର:*** ଏହି ସମ୍ପତ୍ତିଟି ନଗରର ଏକ ଅତ୍ୟନ୍ତ ବିକଶିତ ଅଞ୍ଚଳରେ ଅବସ୍ଥିତ। ଅନେକ ଗୁଡିଏ ହୋଟେଲ୍, ମଲ୍ ଓ ମାର୍ଟ ଏହି ଅଇଁଠାପାଲି-ଦାନିପାଲି ରାସ୍ତାରେ ଅବସ୍ଥିତ। ଏହି ପ୍ଲଟ୍‌ଟି ଏକ ପ୍ରଧାନ ଅବସ୍ଥିତିରେ ଅଛି କାରଣ ଏହା ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ୍, ମହାବିଦ୍ୟାଳୟ, ବଜାର ଅଞ୍ଚଳ ଓ ଚିକିତ୍ସାଳୟର ନିକଟତର ଅଟେ।

*ଚିତ୍ର 2.1.10*




ଚନ୍ଦନସ୍ ସୁଇଟସ୍ ଏଣ୍ଡ୍ ସ୍ନାକ୍ସର ଦୃଶ୍ୟ, ଅଇଁଠାପାଲି

କ୍ଷେତ୍ରଫଳ-0.0300 ଏକର, କିସମ-ଘରବାରି 1

ଏସ୍ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି-2.55 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍ଏମ୍‌ଭି -32.50 କୋଟି ଟଙ୍କା (ଖ)

**'ଖ', 'କ' ର 12.75 ଗୁଣ ଅଟେ।**

## ମାମଲା ଅଧ୍ୟୟନ-4

***ଡିଏନ୍ ଫେୟାରି ଟେଲ୍ (ଡିଏନ୍ ହୋମସ୍ ପ୍ରା. ଲି), 16ଟି ପ୍ଲଟ୍, ମୌଜା-ଦୁର୍ଗାପୁର, ଜଟଣୀ:*** ଏହି ପ୍ଲଟ୍ ଗୁଡିକ ଜାତୀୟ ରାଜପଥ-16 ଠାରୁ 3.5 କି.ମି ଦୂରରେ ଅବସ୍ଥିତ। ଇନଫୋସିସ୍, ଏକାଧିକ ଶିକ୍ଷା ପ୍ରତିଷ୍ଠାନ, ସ୍ୱାମୀ ବିବେକାନନ୍ଦ ହସପିଟାଲ୍ ଏବଂ ଗ୍ଲୋବାଲ୍ ଇଣ୍ଡେକ୍ସ ଆଦି ନିକଟତର ଦୃଷ୍ଟିରୁ ଏହି ଅଞ୍ଚଳର ଜମି ମୂଲ୍ୟ ଅଧିକ। ଅଧିକନ୍ତୁ, ଡିଏନ୍‌ଗ୍ରୁପ୍ ର ନଗରରେ ଅନେକ ଗୁଡିଏ ଆବାସିକ ଆପାର୍ଟମେଣ୍ଟ୍ ଅଛି।

*ଚିତ୍ର 2.1.11*



ଡିଏନ୍ ଫେୟାରି ଟେଲ୍ ଆପାର୍ଟମେଣ୍ଟ୍‌ର ଦୃଶ୍ୟ, ଦୁର୍ଗାପୁର

କ୍ଷେତ୍ରଫଳ- 6.065 ଏକର, କିସମ-ଘରବାରି

ଏସ୍ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି- 0.65 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍ଏମ୍‌ଭି- 7.62 କୋଟି ଟଙ୍କା(ଖ)

**'ଖ', 'କ' ର 11.72 ଗୁଣ ଅଟେ।**

## ମାମଲା ଅଧ୍ୟୟନ-5

***ଷ୍ଟାଇଲ୍ ବଜାର୍, ପ୍ଲଟ୍ ନଂ.528, ଖାତା ନଂ.741, ମୌଜା-ଅଭିମନ୍ୟୁପୁର, ଛତ୍ରପୁର:*** ଏହି ସମ୍ପତ୍ତିଟି ଛତ୍ରପୁରର ମୁଖ୍ୟ ବଜାର ଅଞ୍ଚଳରେ ଅବସ୍ଥିତ ଏବଂ ବସ୍ ଷ୍ଟାଣ୍ଡ୍, ଆର୍‌ଟିଓ କାର୍ଯ୍ୟାଳୟ, ବ୍ୟାଙ୍କ୍ ଓ ରେଳ ଷ୍ଟେସନ୍‌କୁ ଅବସ୍ଥିତି ନିକଟ ଦୃଷ୍ଟିରୁ ଏଠାରେ ଜମି ମୂଲ୍ୟ ଉଚ୍ଚ ଅଟେ। ଜମିର ବ୍ୟବସାୟିକ ସମ୍ଭାବ୍ୟତାକୁ ନେଇ କିନ୍ତୁ ଏମ୍‌ଭିଜିର ସଂଶୋଧନ କରାଯାଇନଥିଲା।

କ୍ଷେତ୍ରଫଳ-0.089 ଏକର, କିସମ-ଘରବାରି

ଏସ୍ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି-2.91 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍ଏମ୍‌ଭି-32.67 କୋଟି ଟଙ୍କା (ଖ)

**'ଖ', 'କ' ର 11.23 ଗୁଣ ଅଟେ।**

*ଚିତ୍ର 2.1.12*



ଷ୍ଟାଇଲ୍ ବଜାରର ଦୃଶ୍ୟ, ଛତ୍ରପୁର

## ମାମଲା ଅଧ୍ୟୟନ-6

***ଜନତା ସିଟି ସେଣ୍ଟର୍ (ମ୍ୟାକ୍ସ ମଲ୍), ପ୍ଲଟ୍ ନଂ.521, 521/652 ଓ 521/653, ମୌଜା-ଅଳକାପୁର, ବ୍ରହ୍ମପୁର:*** ଏହି ମଲ୍‌ଟି ସହରର ଉଚ୍ଚ ମୂଲ୍ୟ ଅଞ୍ଚଳରେ ଅବସ୍ଥିତ ଯାହା ମୁଖ୍ୟ ବଜାର ଅଞ୍ଚଳ ତଥା ପୁରୁଣା ବସ୍‌ଷ୍ଟାଣ୍ଡ୍ ଏବଂ ଷ୍ଟାଡିଅମ୍‌ର ଅତି ସନ୍ନିକଟ ଅଟେ।

*ଚିତ୍ର 2.1.13*




ମ୍ୟାକ୍ସ ମଲ୍, ଅଳକାପୁରର ଦୃଶ୍ୟ, ବ୍ରହ୍ମପୁର

କ୍ଷେତ୍ରଫଳ-1.0650 ଏକର, କିସମ-ଘରବାରି 1

ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -15 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍‌ଏମ୍‌ଭି -87.12 କୋଟି ଟଙ୍କା (ଖ)

**'କ' ଏବଂ 'ଖ' ମଧ୍ୟରେ ଅନ୍ତର72.12 କୋଟି ଟଙ୍କା ଅଟେ।**

## ମାମଲା ଅଧ୍ୟୟନ-7

***ମୟୂରୀ ଟାୱାର୍ (ବାଣିଜ୍ୟିକ ବିପଣୀ), ପ୍ଲଟ୍ ନଂ.705, ଖାତା ନଂ.30, ମୌଜା-ସତ୍ୟନାରାୟଣପୁର. ବ୍ରହ୍ମପୁର:*** ଏହି ସମ୍ପତ୍ତିଟି ବ୍ରହ୍ମପୁର ନଗରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଯାହା ରାମଲିଙ୍ଗେଶ୍ୱର ପାର୍କ, ଗୌତମ ପ୍ରେକ୍ଷାଳୟ, ଅନ୍ନପୂର୍ଣ୍ଣା ବଜାର, ରେଳ ଷ୍ଟେସନ୍ ଏବଂ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ନିକଟତର ଥିଲା। ଏହି ବିପଣୀରେ ବ୍ରାଣ୍ଡେଡ୍ ଶୋରୁମ୍ ଓ କାର୍ଯ୍ୟାଳୟମାନ ଥିଲା।

*ଚିତ୍ର 2.1.14*




ମୟୂରୀ ଟାୱାର୍, ସତ୍ୟନାରାୟଣପୁର ଦୃଶ୍ୟ, ବ୍ରହ୍ମପୁର

କ୍ଷେତ୍ରଫଳ0.0530 ଏକର, କିସମ-ଘରବାରି 1

ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -16.27 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍‌ଏମ୍‌ଭି-87.12 କୋଟି ଟଙ୍କା (ଖ)

**'କ' ଏବଂ 'ଖ' ମଧ୍ୟରେ ଅନ୍ତର 70.85 କୋଟି ଟଙ୍କା ଅଟେ।**

## ମାମଲା ଅଧ୍ୟୟନ-8

***ମେ ଫେୟାର୍ ହୋଟେଲ୍, ପ୍ଲଟ୍ ନଂ.182, ଖାତା ନଂ.9, ମୌଜା-ଆର୍‌ଟିଏସ୍ 42, ରାଉରକେଲା:*** ଏହି ଅଞ୍ଚଳଟି ନଗରର ଅନ୍ୟତମ ପ୍ରଧାନ ଅବସ୍ଥିତି ଏବଂ ଅନେକଗୁଡିଏ ଭାଗୀଦାରଙ୍କ ଦ୍ୱାରା ହୋଟେଲ୍ ଏବଂ ଆତିଥେୟତା ଶିଳ୍ପ ପ୍ରତିଷ୍ଠାନ ପାଇଁ ପ୍ରାଧାନ୍ୟ ଦିଆଯାଏ। ଏହି ଅବସ୍ଥିତିର ମହତ୍ୱପୂର୍ଣ୍ଣ ବ୍ୟବସାୟିକ ସମ୍ଭାବ୍ୟତା ଅଛି ଏବଂ ଆଖପାଖରେ ଜମିର ଚାହିଦା ବହୁତ ଅଧିକ ଥିବାରୁ ସେଠାରେ ଜମି ମୂଲ୍ୟ ସବୁବେଳେ ଉଚ୍ଚ ରହିଥାଏ। ଏହି ଅଞ୍ଚଳ ଚର୍ତୁପାର୍ଶ୍ୱରେ ଅନ୍ୟାନ୍ୟ ହୋଟେଲ୍ ଏବଂ ଆବାସିକ ଗୃହ ରହିଥିଲା।

*ଚିତ୍ର 2.1.15*



ମେ ଫେୟାର ହୋଟେଲ୍, ରାଉରକେଲାର ଦୃଶ୍ୟ

କ୍ଷେତ୍ରଫଳ-1.000 ଏକର, କିସମ-ଘରବାରି

ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -17.50 କୋଟି ଟଙ୍କା (କ)

ଇଭି ଅନୁସାରେ ଏଫ୍‌ଏମ୍‌ଭି - 65.00 କୋଟି ଟଙ୍କା (ଖ)
**'କ' ଏବଂ'ଖ' ମଧ୍ୟରେ ଅନ୍ତର 47.50 କୋଟି ଟଙ୍କା ଅଟେ।**

**ମାମଲା ଅଧ୍ୟୟନ-9**

***ବଜାର ବିପଣୀ, ପ୍ଲଟ୍ ନଂ.554, ମୌଜା-ଆର୍‌ଟିୟୁ 43, ରାଉରକେଲା:*** ଏହା ଗୋଟିଏ ବ୍ୟବସାୟିକ ଅଞ୍ଚଳ ଏବଂ ବ୍ୟବସାୟ କାର୍ଯ୍ୟକଳାପ ପାଇଁ ଏହାର ବହୁତ ସମ୍ଭାବ୍ୟତା ଅଛି। ଏହି ଅଞ୍ଚଳ ରେଳ ଷ୍ଟେସନ୍ ଓ ବସ୍ ଷ୍ଟାଣ୍ଡ୍‌କୁ ପାଖ ଅଟେ। ହୋଟେଲ୍ ଶିଳ୍ପ ଏବଂ ବିଭିନ୍ନ ବ୍ୟବସାୟର ବହୁଳତା ଯୋଗୁଁ ଏଠାରେ ଜମି ମୂଲ୍ୟ ବହୁତ ଅଧିକ ଅଟେ।

*ଚିତ୍ର 2.1.16*




ବଜାର ବିପଣୀ, ପ୍ଲଟ୍ ନଂ.554, ଆରଟିୟୁ 43, ରାଉରକେଲାର ଦୃଶ୍ୟ

କ୍ଷେତ୍ରଫଳ-0.1094 ଏକର, କିସମ-ଘରବାରି
ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -18 କୋଟି ଟଙ୍କା (କ)
ଇଭି ଅନୁସାରେ ଏଫ୍‌ଏମ୍‌ଭି -65 କୋଟି ଟଙ୍କା (ଖ)
**'କ' ଏବଂ'ଖ' ମଧ୍ୟରେ ଅନ୍ତର 47 କୋଟି ଟଙ୍କା ଅଟେ।**

**ମାମଲା ଅଧ୍ୟୟନ-10**

***ଟ୍ରେଣ୍ଡ୍‌ସ୍ ମଲ୍, ପ୍ଲଟ୍ ନଂ.240/2266 ଓ 240/2270, ଶହୀଦ ନଗର, ଭୁବନେଶ୍ୱର:*** ଏହି ସମ୍ପତ୍ତିଟି ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତିରେ ଅଛି ଯଥା ଜନପଥ ପାର୍ଶ୍ୱ, ଇଡକୋ ଟାଓ୍ୱାର୍ ସମ୍ମୁଖ, ରମାଦେବୀ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ରେଳ ଷ୍ଟେସନ୍‌କୁ ନିକଟ। ଅଧିକନ୍ତୁ, ଶହୀଦ ନଗର, ନଗରର ଅନ୍ୟତମ ପୁରାତନ ବଜାର ଅଞ୍ଚଳ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ବହୁତ ମହତ୍ୱପୂର୍ଣ୍ଣ। ଏଠାରେ ଜମି ବିକ୍ରୟ ପାଇଁ କ୍ୱଚିତ ମିଳେ।

*ଚିତ୍ର 2.1.17*




ଟ୍ରେଣ୍ଡ୍‌ସ୍ ମଲ୍, ଶହୀଦ ନଗର, ଭୁବନେଶ୍ୱରର ଦୃଶ୍ୟ

କ୍ଷେତ୍ରଫଳ-0.3410 ଏକର, କିସମ-ଘରବାରି
ଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ଅନୁସାରେ ବିଏମ୍‌ଭି -22.00 କୋଟି ଟଙ୍କା (କ)
ଇଭି ଅନୁସାରେ ଏଫ୍‌ଏମ୍‌ଭି-54.45 କୋଟି ଟଙ୍କା (ଖ)
**'କ' ଏବଂ'ଖ' ମଧ୍ୟରେ ଅନ୍ତର 32.45 କୋଟି ଟଙ୍କା ଅଟେ।**

ଉପରୋକ୍ତ ବିଶ୍ଳେଷଣ ସ୍ଥାବର ସମ୍ପତ୍ତିର କେବଳ ଜମି ଉପାଦାନକୁ ଅର୍ନ୍ତଭୁକ୍ତ କରିଥିଲା। ବିଗତ ଦୁଇ ବର୍ଷ ମଧ୍ୟରେ ବିକ୍ରୟ ପାଇଁ ନିବନ୍ଧିତ ହୋଇଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ମୂଲ୍ୟ (ଜମି ଓ ଗୃହ ଉପାଦାନ)କୁ ବିଶ୍ଳେଷଣ ଓ ତୁଳନା କରିବା ପାଇଁ ଅଡିଟ୍ ସଂପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷ/ ସ୍ଥାନୀୟ ସହରୀ ନିକାୟ ମାନଙ୍କ ଠାରୁ ଗୃହ ନିର୍ମାଣ ଯୋଜନା ବରାଦ କରିଥିଲେ।

ଅଡିଟ୍ ପରିଲକ୍ଷିତ କଲା ଯେ:

- ମନୋନୀତ 100ଟି ସ୍ଥାବର ସମ୍ପତ୍ତି ମଧ୍ୟରୁ 30ଟି କ୍ଷେତ୍ରରେ ଉନ୍ନୟନ କର୍ତ୍ତୃପକ୍ଷ(ଡିଏ)/ ସ୍ଥାନୀୟ ସହରୀ ନିକାୟ (ୟୁଏଲ୍‌ବି)ମାନେ ନିର୍ମାଣ ପାଇଁ ଗୃହ ଯୋଜନା ଅନୁମୋଦିତ ହୋଇନଥିଲା ବୋଲି କହିଲେ ଏବଂ ସେଥିପାଇଁ ସେ ସମ୍ପତ୍ତିଗୁଡିକ ଅନଧିକୃତ ଅଟେ। ମନୋନୀତ 100ଟି ସ୍ଥାବର ସମ୍ପତ୍ତି ମଧ୍ୟରୁ 33ଟି କ୍ଷେତ୍ରରେ ଡିଏ/ ୟୁଏଲ୍‌ବି ମାନେ ହୁଏତ ଅନୁମୋଦିତ ଯୋଜନା ମିଳୁନାହିଁ ବୋଲି କହିଲେ ଅଥବା ଅଡିଟ୍ ବରାଦକୁ ଜବାବ ଦେଲେନାହିଁ।

- ଅବଶିଷ୍ଟ 37ଟି ସ୍ଥାବର ସମ୍ପତ୍ତି ମଧ୍ୟରୁ (***ପରିଶିଷ୍ଟ 2.1.2*** ରେ ବିଶଦ ବିବରଣୀ) 14ଟି ସ୍ଥାବର ସମ୍ପତ୍ତି କ୍ଷେତ୍ରରେ ଗତ ଦୁଇ ବର୍ଷ ମଧ୍ୟରେ ବିକ୍ରିପାଇଁ ନିବନ୍ଧନ ହୋଇଥିଲା।

- ସେହି 14ଟି ସ୍ଥାବର ସମ୍ପତ୍ତି ପାଇଁ ଏଫ୍‌ଏମ୍‌ଭି (ସ୍ଥାବର ସମ୍ପତ୍ତିର ଜମି ଓ ଗୃହ ଉପାଦାନ) ଏବଂ ସେହି 14ଟି ସ୍ଥାବର ସମ୍ପତ୍ତିର ନିବନ୍ଧିତ ମୂଲ୍ୟର ତାଲିକା ନିମ୍ନରେ ଦିଆଗଲା।

***ସାରଣୀ 2.1.6: ମନୋନୀତ ସ୍ଥାବର ସମ୍ପତ୍ତି ପାଇଁ ଏଫ୍‌ଏମ୍‌ଭି ଏବଂ ପ୍ରକୃତ ନିବନ୍ଧିତ ମୂଲ୍ୟ***

***(କୋଟି ଟଙ୍କାରେ)***

| କ୍ର. ସଂ. | ଡିଏସ୍ଆର/ ଏସ୍ଆର | ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ନିବନ୍ଧନ ମୂଲ୍ୟ | ଇଭି ଦ୍ୱାରା ପ୍ରତିବେଦିତ ନିଷ୍କଷ ବଜାର ମୂଲ୍ୟ | ଗୁଣିତକ (ନିଷ୍କଷ ବଜାର ମୂଲ୍ୟ/ ଏମ୍‌ଭିଜି) | ମୂଲ୍ୟରେ ପରମ ଅନ୍ତର |
|---|---|---|---|---|---|---|
| 1 | ଡିଏସ୍ଆର, ପୁରୀ | ହୋଟେଲ୍ ସାଗର ତରଙ୍ଗ, ପ୍ଲଟ୍ ନଂ. 202/421, ବାଙ୍କିମୁହାଣ, ପୁରୀ | 3.42 | 5.33 | 1.56 | 1.91 |
| 2 | ଡିଏସ୍ଆର, ପୁରୀ | ଭିଆଇପି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ୍ ଓ ବାଣିଜ୍ୟିକ ବିପଣୀ, ପ୍ଲଟ୍ ନଂ.175, 175/330, 175/358 ଓ 175/331,ଗାନ୍ଧୀଘାଟ, ପୁରୀ | 0.50 | 0.81 | 1.62 | 0.31 |
| 3 | ଡିଏସ୍ଆର, ପୁରୀ | ମେସର୍ସ ସ୍ୱସ୍ତିକ ବିଲ୍ଡର ଡେଭଲପରସ୍ ପ୍ରା. ଲି, ପ୍ଲଟ୍ ନଂ.195, ଗାନ୍ଧୀଘାଟ, ପୁରୀ | 2.04 | 3.61 | 1.77 | 1.57 |
| 4 | ଡିଏସ୍ଆର, ପୁରୀ | ପବିତ୍ର ରୟାଲ୍ ରିଜେନ୍ସି, ପ୍ଲଟ୍ ନଂ. 1135/7889, ବାଲୁଖଣ୍ଡ, ପୁରୀ ସଦର | 14.28 | 16.91 | 1.18 | 2.63 |
| 5 | ଏସ୍ଆର, ଖଣ୍ଡଗିରି | ପ୍ରିୟା ରେଷ୍ଟୁରାଣ୍ଟ, ପ୍ଲଟ୍ ନଂ. 830/1495, ଖାତା ନଂ.224/4,ମୌଜା-ସାମପୁର, ଭୁବନେଶ୍ୱର | 0.59 | 1.13 | **1.92** | 0.54 |
| 6 | ଏସ୍ଆର, ଖଣ୍ଡଗିରି | ବ୍ଲୁ-ହିଲ୍ ଆପାର୍ଟମେଣ୍ଟ୍, ପ୍ଲଟ୍ ନଂ. 283/1861 ଓ 283/1883, ଖାତା ନଂ.703/569 ଓ 703/758, ମୌଜା-ପାତ୍ରପଡା, ଭୁବନେଶ୍ୱର | 9.26 | 17.38 | 1.87 | 8.12 |
| 7 | ଡିଏସ୍ଆର, ଖୋର୍ଦ୍ଧା | ଟ୍ରେଣ୍ଡସ ମଲ୍, ପ୍ଲଟ୍ ନଂ. 240/2266 ଓ 240/2270 ଖାତା ନଂ.2/517, ଶହୀଦ ନଗର, ଭୁବନେଶ୍ୱର | 8.92 | 31.82 | 3.57 | 22.90 |
| 8 | ଡିଏସ୍ଆର, ଖୋର୍ଦ୍ଧା | ରୟାଲ୍ ଲାଗୁନ୍ ଲକ୍‌ଜୁରୀ ଆପାର୍ଟମେଣ୍ଟ, ପ୍ଲଟ୍ ନଂ.2104, 2107, 2114 ଓ 2115, ଖାତା ନଂ-729/1466, ମୌଜା-ରଘୁନାଥପୁର, ଖୋର୍ଦ୍ଧା | 1.13 | 2.55 | 2.26 | 1.42 |
| 9 | ଡିଏସ୍ଆର, ଖୋର୍ଦ୍ଧା | ଆଇନକ୍ସ, ସ୍ମାର୍ଟ ବଜାର. ଟ୍ରେଣ୍ଡସ୍ ଓ ପଣ୍ଟାଲୁନ୍, ପ୍ଲଟ୍ ନଂ.149, ଖାତା ନଂ.596, ମୌଜା-ରୁଦ୍ରପୁର, ବାଲିଅନ୍ତା, ଖୋର୍ଦ୍ଧା | 1.74 | 5.85 | 3.37 | 4.11 |
| 10 | ଏସ୍ଆର, ବ୍ରହ୍ମପୁର | ହୋଟେଲ୍ ସ୍ପେକ୍ଟ୍ରମ୍ ପ୍ରିମିଅର, ପ୍ଲଟ୍ ନଂ.708/3168, ଖାତା ନଂ.ଡି-I-1559/12, ମୌଜା-ବୈଦ୍ୟନାଥପୁର, ବ୍ରହ୍ମପୁର | 0.26 | 1.12 | 4.30 | 0.86 |
| 11 | ଏସ୍ଆର, ଖୋର୍ଦ୍ଧା | ବାଣିଜ୍ୟ କେନ୍ଦ୍ର, ପ୍ଲଟ୍ ନଂ.2417, ଖାତା ନଂ. 648/3781, ମୌଜା-ଜଜାରସିଂ, ଖୋର୍ଦ୍ଧା | 0.07 | 0.21 | 3.00 | 0.14 |
| 12 | ଏସ୍ଆର, ପାନ୍‌ପୋଷ | ବାଣିଜ୍ୟ ବିପଣୀ, ପ୍ଲଟ୍ ନଂ.554, ଖାତା ନଂ.4, ମୌଜା-ଆର୍‌ଟିୟୁ 43, ରାଉରକେଲା | 0.16 | 2.51 | 15.69 | 2.35 |
| 13 | ଡିଏସ୍ଆର, ସମ୍ବଲପୁର | ଦୋକାନଘର ଥିବା ଆପାର୍ଟମେଣ୍ଟ, ପ୍ଲଟ୍ ନଂ.521, ଖାତା ନଂ.1088/212, ମୌଜା-ୟୁନିଟ 6, ଗୋଲ ବଜାର, ସମ୍ବଲପୁର | 0.29 | 1.12 | 3.86 | 0.83 |
| 14 | ଡିଏସ୍ଆର, ସମ୍ବଲପୁର | ହୋଟେଲ୍ ଡଲଫିନ୍, ପ୍ଲଟ୍ ନଂ. 264/2157, 269/2158 ଓ 269/2158/5175, ଖାତା ନଂ.733/4590, ମୌଜା-ୟୁନିଟ୍ 14 ଦାନିପଲ୍ଲୀ, ସମ୍ବଲପୁର | 3.14 | 12.42 | 3.96 | 9.28 |

*(ଉତ୍ସ: ସମ୍ପତ୍ତିର ବିକ୍ରି ଦଲିଲ ଓ ଲିଜ୍ ଦଲିଲ ଏବଂ ପ୍ରବୀଣ ମୂଲ୍ୟାୟନକାରୀର ପ୍ରତିବେଦନ)*

ଅଡିଟ୍ ପରିଲକ୍ଷିତ କଲା ଯେ:

- ଉପରୋକ୍ତ 14ଟି ସ୍ଥାବର ସମ୍ପତ୍ତି କ୍ଷେତ୍ରରେ ଇଭି ଜଣାଇଥିବା ନିଷ୍କଷ ବଜାର ମୂଲ୍ୟ ତୁଳନାରେ ସ୍ଥାବର

ସମ୍ପତ୍ତିର ଗୁରୁତର ଅବ-ମୂଲ୍ୟାୟନ ହୋଇଥିଲା

- ନିବନ୍ଧିତ ମୂଲ୍ୟ ପ୍ରତି ଏଫ୍ଏମ୍ଭିର ଉଚ୍ଚତମ ଗୁଣିତକ 15.69 ଥିଲା ଯାହା ଏସ୍ଆର୍ ପାନପୋଷ୍ ଠାରେ ପ୍ଲଟ୍ ନଂ.554 (**ସାରଣୀ 2.1.6** ର କ୍ର.ନଂ.12) ଉପରେ ନିର୍ମିତ ବଜାର ବିପଣୀ କ୍ଷେତ୍ରରେ ହୋଇଥିଲା।
- ଏଫ୍ଏମ୍ଭି ଏବଂ ନିବନ୍ଧିତ ମୂଲ୍ୟ ମଧ୍ୟରେ ଉଚ୍ଚତମ ପରମ ଅନ୍ତର 22.90 କୋଟି ଟଙ୍କା ଥିଲା ଯାହା ଡିଏସ୍ଆର, ଖୋର୍ଦ୍ଧା ଅଧିନରେ ଥିବା ଟ୍ରେଣ୍ଡ୍ସ୍ ମଲ୍, ପ୍ଲଟ୍ ନଂ.240/2266, ଶହୀଦ ନଗର, ଭୁବନେଶ୍ୱର (**ସାରଣୀ 2.1.6** ର କ୍ର.ନଂ.7) କ୍ଷେତ୍ରରେ ହୋଇଥିଲା।
- ବିଶ୍ଳେଷିତ ହୋଇଥିବା 14ଟି ସ୍ଥାବର ସମ୍ପତ୍ତି ମଧ୍ୟରୁ ନିବନ୍ଧିତ ମୂଲ୍ୟ ପ୍ରତି ଏଫ୍ଏମ୍ଭିର ଗୁଣିତକ 13ଟି ସ୍ଥାବର ସମ୍ପତ୍ତି କ୍ଷେତ୍ରରେ (93 ପ୍ରତିଶତ) 1.5 ରୁ ଅଧିକ ଥିଲା।
- ବିଶ୍ଳେଷିତ ହୋଇଥିବା 14ଟି ସ୍ଥାବର ସମ୍ପତ୍ତି ମଧ୍ୟରୁ ଏଫ୍ଏମ୍ଭି ଏବଂ ନିବନ୍ଧିତ ମୂଲ୍ୟ ମଧ୍ୟରେ ପରମ ଅନ୍ତର 9 ଟି ସ୍ଥାବର ସମ୍ପତ୍ତି କ୍ଷେତ୍ରରେ (64 ପ୍ରତିଶତ) 1 କୋଟି ଟଙ୍କାରୁ ଅଧିକ ଥିଲା।
- ଇଭି ଦ୍ୱାରା ପ୍ରତିବେଦିତ ଏଫ୍ଏମ୍ଭି ବହୁତ ରକ୍ଷଣଶୀଳ ଆଧାରରେ ହୋଇଥିଲା ଯେହେତୁ ଏହା ଗୃହରେ ରହୁଥିବା ଆବାସୀଙ୍କର ଗୋପନୀୟତାକୁ ସମ୍ମାନ ଦେବାପାଇଁ ଉପଲବ୍ଧ ଓ ଅନୁମୋଦିତ ଗୃହ ନିର୍ମାଣ ଯୋଜନାକୁ ଭିତ୍ତି କରି କରାଯାଇଥିଲା। ଯଦି ସ୍ଥାବର ସମ୍ପତ୍ତିର ଆଭ୍ୟନ୍ତରୀଣ ସାଜସଜ୍ଜା, ଶେଷସ୍ପର୍ଶର ଗୁଣବତ୍ତା ଏବଂ ସଂଲଗ୍ନ ଉପକରଣ ତଥା ବାସ ସୁବିଧାର ଏକ ତନ୍ନତନ୍ନ ନିରୀକ୍ଷଣ କରାଯାଆନ୍ତା, ତେବେ ବହୁତ ସମ୍ଭାବନା ଥିଲା କି ଇଭି ଦ୍ୱାରା ପ୍ରତିବେଦିତ ଅବ-ମୂଲ୍ୟାୟନର ମାତ୍ରା ନିଶ୍ଚିତ ଭାବରେ ଅଧିକ ହୋଇଥାନ୍ତା।

ଅଡିଟ୍ ତେଣୁ, ଅବଲୋକନ କଲା ଯେ ନିୟମ 38, 39 ଓ 41ର ବ୍ୟବସ୍ଥାର ଅନୁପାଳନା ନହେବା ଫଳରେ ଉକ୍ତ ସ୍ଥାବର ସମ୍ପତ୍ତିର ନିବନ୍ଧନ ସମୟରେ ଅବ-ମୂଲ୍ୟାୟନରେ ପରିଣତ ହୋଇଥିଲା ଏବଂ ପ୍ରତିବଦଳରେ ସରକାରଙ୍କର ଏସ୍ଡି ଓ ଆର୍ଏଫ୍ ର କ୍ଷତିରେ ପରିଣତ ହୋଇଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ନିବନ୍ଧନକାରୀ ଅଧିକାରୀମାନେ ସ୍ୱତନ୍ତ୍ର ସଂଶୋଧନ/ଦ୍ୱିବାର୍ଷିକ ସଂଶୋଧନ ବେଳେ ଭବିଷ୍ୟତରେ ଏହି ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରିବେ।

***ସୁପାରିଶ 2.1.8:***

***ପଞ୍ଜିକରଣ ସମୟରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପାଇଁ ଆର୍ଡିଏମ୍ ବିଭାଗ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିପାରନ୍ତି ଓ ରାଜସ୍ୱ ହାନି ଭରଣା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି ।***

## 2.1.6 ଏସ୍ଡିଭିସି/ ଡିଭିସି ଦ୍ୱାରା ଏମ୍ଭିଜି ସଂଶୋଧନରେ ଅନ୍ୟାନ୍ୟ ଅନିୟମିତତା

ଅଡିଟ୍ ନିମ୍ନଲିଖିତ ଡିଏସ୍ଆର/ଏସ୍ଆର୍ କାର୍ଯ୍ୟାଳୟରେ ଏମ୍ଭିଜି ସଂଶୋଧନ କାଳରେ ଗୁରୁତର ବ୍ୟକ୍ତିଗତ ଅନିୟମିତତା ଅବଲୋକନ କରଥିଲା ଯାହା ନିମ୍ନରେ ପ୍ରଦତ୍ତ ହେଲା।

- ପୁରୀ ଜିଲ୍ଲାର ଡିଏସ୍ଆର୍ ସମଗ୍ର ଜିଲ୍ଲାରେ ବ୍ୟବସାୟୀକ ପ୍ଲଟ୍ ଚିହ୍ନିତ କରିନଥିଲେ ଯଦିଓ (କ) ପୁରୀ ସହର ଏବଂ ଏହାର ଉପକଣ୍ଠରେ ମହତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଘଟିଥିଲା (ଖ) ଓଡିଶାର ସମସ୍ତ ଜିଲ୍ଲାଙ୍କ ମଧ୍ୟରେ ପୁରୀକୁ ସର୍ବାଧିକ ପର୍ଯ୍ୟଟକଙ୍କ ଆଗମନ ହେଉଥିଲା ଏବଂ (ଗ) ଏହାର ପୁରା ସହରରେ ବହୁ ସଂଖ୍ୟକ ବ୍ୟବସାୟୀକ ପ୍ରତିଷ୍ଠାନ ପୁରା ସହରରେ ବ୍ୟାପ୍ତ ଥିଲା।

- ଏସ୍ଆର୍, ଗୋପରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଚାରିପଟ ଅଞ୍ଚଳରେ 'ସାବକ'[18] ସ୍ଥିତି ଲାଗି ରହିଥିଲା ଏବଂ ଜମିର ବେବନ୍ଦୋବସ୍ତ[19] ଯୋଗୁଁ ତହସିଲ ସ୍ତରରେ ବାଇ-ପ୍ଲଟ୍ (ଖଣ୍ଡିତ ଜମି) ନମ୍ବର ଓ ସବ୍-ପ୍ଲଟ୍ (ଉପ-ଜମି) ନମ୍ବର ସୁନିଶ୍ଚିତ କରାଯାଇ ପାରୁ ନ ଥିଲା। ଅଡିଟ୍ ସଂପୃକ୍ତ ରାଜସ୍ୱ ନିରୀକ୍ଷକ ଓ ଏସ୍ଆର୍, ଗୋପର କର୍ମଚାରୀଙ୍କ ସହିତ ତିନିଗୋଟି ଏହିଭଳି ପ୍ଲଟ୍ (1604/1721, 1604 ଏବଂ 1659, ଯାହାର କ୍ଷେତ୍ରଫଳ ଯଥାକ୍ରମେ 94.5, 65 ଓ 43 ଏକର ଥିଲା) ର ଜେପିଆଇ କଲା ଯାହା ସୂର୍ଯ୍ୟ ମନ୍ଦିରକୁ ଘେରିକରି ଥିଲା ଏବଂ ଯାହା ଉପରେ ବ୍ୟବସାୟୀକ କାର୍ଯ୍ୟକଳାପ ଥିବା ସଂଖ୍ୟାଧିକ ପ୍ରତିଷ୍ଠାନ ଚାଲୁଥିଲା (ଭୋଜନାଳୟ, ରେସ୍ତୋରାଁ ଓ ବଜାର) ଏବଂ ଦେଖିଲା ଯେ ସେମାନଙ୍କର ଏମ୍ଭିଜିକୁ, ଏସ୍ଆର୍ ସଂଶୋଧନ କରିନଥିଲେ।

- ଏସ୍ଆର୍, ବ୍ରହ୍ମପୁରରେ ଅଡିଟ୍ ଅବଲୋକନ କଲା କି ଏମ୍ଭିଜି ସଂଶୋଧନରେ ଅସଙ୍ଗତି ଥିଲା ଯାହା ନିମ୍ନପ୍ରଦତ୍ତ ଉଦାହରଣରୁ ପ୍ରମାଣିତ ହୋଇଛି:

  **କ)** ଅଳକାପୁରରେ, ଅଡିଟ୍ ନିରୀକ୍ଷଣ କରିଥିବା ସମସ୍ତ ରାସ୍ତାକଡ ପ୍ଲଟ୍‌ର ମାନକ ମୂଲ୍ୟ ଏକର ପିଛା 11.30 କୋଟି ଟଙ୍କାକୁ ସଂଶୋଧିତ ହୋଇଥିଲା କିନ୍ତୁ କେବଳ ତିନୋଟି ରାସ୍ତାକଡ ପ୍ଲଟ୍‌ର 521, 521/652, 521/653 ମାନକ ମୂଲ୍ୟକୁ ଏଥିରୁ ବାଦ୍ ଦିଆ ଯାଇଥିଲା ଯାହା ଯଦିଓ ସେହି ରାସ୍ତା ଉପରେ ଥିଲା, କିନ୍ତୁ ମୂଲ୍ୟ ଏକର ପ୍ରତି 10.15 କୋଟି ଟଙ୍କାକୁ ସଂଶୋଧିତ ହୋଇଥିଲା। ସେହି ତିନୋଟି ପ୍ଲଟ୍ ଉପରେ ଏକ ମଲ୍ ଚାଲୁଥିଲା ଏବଂ କାହିଁକି ସେହି ପ୍ଲଟ୍ ଗୁଡିକର ମାନକ ମୂଲ୍ୟ ସମାନ ରାସ୍ତା ଉପରେ ଥିବା ଅନ୍ୟ ପ୍ଲଟ୍ ଅପେକ୍ଷା କମ୍ ମୂଲ୍ୟରେ ସଂଶୋଧିତ ହେଲା, ତାହାର କୌଣସି କାରଣ ନଥିଭୁକ୍ତ ହୋଇନଥିଲା।

  **ଖ)** ବୈଦ୍ୟନାଥପୁରରେ, 846 ରୁ 835 ନମ୍ବର ପ୍ଲଟ୍ ପାଇଁ ମାନକ ମୂଲ୍ୟ ଏକର ପିଛା 8.70 କୋଟି ଟଙ୍କାରେ ସଂଶୋଧିତ ହୋଇଥିଲା। ପାଶ୍ୱବର୍ତ୍ତୀ ପ୍ଲଟ୍ (ପ୍ଲଟ୍ ନଂ.733, 733/3251 ଏବଂ 735/2714) ମାନଙ୍କର ମାନକ ମୂଲ୍ୟ ଏକର ପ୍ରତି 4.50 କୋଟି ଟଙ୍କାକୁ ସଂଶୋଧିତ ହୋଇଥିଲା। ଗୋଟିଏ ମଲ୍, ଏକ ବ୍ୟାଙ୍କ୍ ଓ ଏକ ହୋଟେଲ୍ ସେହି ତିନୋଟି ପାଶ୍ୱବର୍ତ୍ତୀ ପ୍ଲଟ୍ ଉପରେ ଚାଲୁଥିଲା ଏବଂ କାହିଁକି ସେହି ପ୍ଲଟ୍ ଗୁଡିକର ମାନକ ମୂଲ୍ୟ 846 ରୁ 835 ନମ୍ବର ଥିବା ପ୍ଲଟ୍ ଅପେକ୍ଷା କମ୍ ମୂଲ୍ୟରେ ସଂଶୋଧିତ ହେଲା, ତାହାର କୌଣସି କାରଣ ନଥିଭୁକ୍ତ ହୋଇନଥିଲା।

### 2.1.7 ଏମ୍ଭିଜି ସଂଶୋଧନ ପ୍ରକ୍ରିୟାରେ ପର୍ଯ୍ୟାଲୋଚନା କରିବାରେ ଆବଶ୍ୟକୀୟ ତତ୍ପରତାର ଅଭାବ

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001 ର ନିୟମ 44 ଅନୁସାରେ ଡିଭିସିର ଅଧ୍ୟକ୍ଷ ହିସାବରେ ଜିଲ୍ଲାପାଳମାନେ ନିମ୍ନଲିଖିତ ପରିସ୍ଥିତିରେ ସଂପୃକ୍ତ ଜିଲ୍ଲା ମାନଙ୍କରେ ଏମ୍ଭିଜିର ସ୍ୱତନ୍ତ୍ର ସଂଶୋଧନର ନିର୍ଦ୍ଦେଶ ଦେବାପାଇଁ କ୍ଷମତାପନ୍ନ ଥିଲେ:

- କୌଣସି ଶିଳ୍ପ କିମ୍ବା ଶିଳ୍ପ ସମୂହ କିମ୍ବା ଭିତ୍ତି ସଂରଚନା ପ୍ରକଳ୍ପ ସ୍ଥାପନା
- ବୃହତ ଗୃହ ଯୋଜନା ସ୍ଥାପନା
- ଅନ୍ୟ କୌଣସି ସ୍ୱତନ୍ତ୍ର ପରିସ୍ଥିତି, ଯାହାର ଡିଭିସିର କ୍ଷେତ୍ରାଧିକାର ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ସ୍ଥାବର ସମ୍ପତ୍ତିର ମୂଲ୍ୟ ଉପରେ ଏହା ପ୍ରଭାବ ପକାଇଥାଏ।

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 45 ଅନୁସାରେ ଏସ୍ଡିଭିସି ଓ ଡିଭିସିମାନେ ରାଜ୍ୟ କିମ୍ବା କେନ୍ଦ୍ର ସରକାର କିମ୍ବା କୌଣସି ବୈଧାନିକ ସଂସ୍ଥାର ଯେ କୌଣସି ଅଧିକାରୀଙ୍କୁ ଡାକିବା ପାଇଁ କ୍ଷମତାପନ୍ନ ଯାହାର ତଥ୍ୟ ଏମ୍ଭିଜି ସଂଶୋଧନ ନିମନ୍ତେ ପ୍ରାସଙ୍ଗିକ ହୋଇପାରେ, ଏବଂ କୌଣସି ଆଧିକାରିକ ନଥି

---

[18] 'ପୂର୍ବବର୍ତ୍ତୀ' କିମ୍ବା 'ପୂର୍ବ-ନ୍ୟସ୍ତ ନଥିପତ୍ର ସମ୍ବନ୍ଧୀୟ' (1950 ରୁ1965 ପୂର୍ବ)

[19] ବେବନ୍ଦୋବସ୍ତ ଜମି ତାହା ଅଟେ ଯେଉଁଥିରେ ଜମି ମାଲିକର ସ୍ଥିତି ସ୍ଥିର କରାଯାଇନଥାଏ ଏବଂ ଆଇନ୍ କାର୍ଯ୍ୟକ୍ଷମ ରହିବା ହେତୁ ଯଥା ଓଡିଶା ବିଲୀନ ରାଜ୍ୟ ଅଧିନିୟମ, 1950 ଓ ଓଡିଶା ମାହାଲ ଉଚ୍ଛେଦ ଅଧିନିୟମ, 1951 ଯୋଗୁ ଭଡ଼ା ନିର୍ଦ୍ଧାରିତ ହୋଇନଥାଏ

ମାଗିପାରିବେ ଯାହା ସେହି ଅଧିକାରୀଙ୍କ ଠାରୁ ପ୍ରାସଙ୍ଗିକ ବିବେଚନା କରାଯାଏ, ଏବଂ କମିଟି ମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କ ବକ୍ତବ୍ୟ ଅଭିଲିଖିତ କରିପାରିବେ।

ଡିଭିସିର ଅଧ୍ୟକ୍ଷ ହିସାବରେ ଜିଲ୍ଲାପାଳମାନେ ଏବଂ ଡିଭିସି ତଥା ଏସ୍‌ଡିଭିସିର ଅନ୍ୟ ସମସ୍ତ ସଦସ୍ୟମାନେ ଡିଭିସି ତଥା ଏସ୍‌ଡିଭିସିରେ ଏମ୍‌ଭିଜିର ସଂଶୋଧନ ପାଇଁ ପ୍ରସ୍ତାବ ଅନୁମୋଦନ କଲାବେଳେ ସଠିକ୍ ସଂଶୋଧନ ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ବୈଧାନିକ ତଥ୍ୟକୁ ବିଚାରକୁ ନେଇ ନିୟମ 37, 38 ଓ 41ର ସହିତ ଅନୁପାଳନା ସୁନିଶ୍ଚିତ କରିନଥିଲେ।

ପୁନଶ୍ଚ:

କ) ରାଜ୍ୟର କୌଣସି ଜିଲ୍ଲାପାଳମାନେ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 44ର ସମର୍ଥକାରୀ ବ୍ୟବସ୍ଥାର ପ୍ରୟୋଗ କରି ଏମ୍‌ଭିଜିର ସ୍ୱତନ୍ତ୍ର ସଂଶୋଧନର ନିର୍ଦ୍ଦେଶ ଦେଇନଥିଲେ।

ଖ) କୌଣସି ଡିଭିସି ତଥା ଏସ୍‌ଡିଭିସି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର କୌଣସି ଅଧିକାରୀଙ୍କୁ ଡାକି ନଥିଲେ କି କୌଣସି ଅଧିକାରୀଙ୍କର ବକ୍ତବ୍ୟ ଅଭିଲିଖିତ କରିନଥିଲେ ଯାହାର ତଥ୍ୟ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 45ର ସମର୍ଥକାରୀ ବ୍ୟବସ୍ଥାର ପ୍ରୟୋଗ କରି ଏମ୍‌ଭିଜି ସଂଶୋଧନ ନିମନ୍ତେ ପ୍ରାସଙ୍ଗିକ ହୋଇ ପାରିଥାନ୍ତା।

ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 47 ଅନୁସାରେ, ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା ନିୟମର ଫଳପ୍ରଦ ପ୍ରଣୟନ ନିମନ୍ତେ ପ୍ରଶାସକିନ ଅନୁଦେଶ ଜାରି କାରିବା ପାଇଁ କ୍ଷମତାପନ୍ନ ଥିଲେ। କିନ୍ତୁ ସେପରି କୌଣସି ଅନୁଦେଶ ମୁଖ୍ୟ ନିବନ୍ଧକ ଓଡ଼ିଶା, ଡିଭିସି ବା ଏସ୍‌ଡିଭିସି ମାନଙ୍କୁ 2018-2022 ମଧରେ ନିୟମର ଅନୁପାଳନା ଉପରେ ଜୋର୍ ଦେଇ ଜାରି କରିନଥିଲେ ଯାହା ସରକାରୀ ରାଜସ୍ୱର ଗଳନ ରୋକିବା ଦିଗରେ ନିର୍ଣ୍ଣାୟକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଭାବରେ କାର୍ଯ୍ୟ କରିଥାନ୍ତା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ସ୍ୱତନ୍ତ୍ର ସଂଶୋଧନ/ ଦ୍ୱିବାର୍ଷିକ ସଂଶୋଧନ ବେଳେ ଭବିଷ୍ୟତରେ ଏହି ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରିବେ।

### 2.1.8 ବଜାର ମୂଲ୍ୟ ମାର୍ଗଦର୍ଶିକା ସଂଶୋଧନରେ ଅହେତୁକ ବିଳମ୍ବ

ବଜାର ମୂଲ୍ୟ ମାର୍ଗଦର୍ଶିକା ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଜାରି ହେବା ଆବଶ୍ୟକ ଏବଂ ଓଡିଶା ଷ୍ଟାମ୍ପ୍ (ସଂଶୋଧନ) ନିୟମାବଳୀ, 2001ର ନିୟମ 40 ଅନୁସାରେ ଏହାର ଦ୍ୱିବାର୍ଷିକ ସଂଶୋଧନ ଏପ୍ରିଲ୍ ପହିଲାରୁ କରାଯିବା କଥା। ଯଦି କମିଟି ଏମ୍‌ଭିଜି ସଂଶୋଧନ କରିବାରେ ବିଫଳ ହୁଏ, ଅଧ୍ୟକ୍ଷ ହିସାବରେ ଜିଲ୍ଲାପାଳମାନେ ବଜାର ମୂଲ୍ୟରେ 10 ପ୍ରତିଶତ ମୂଲ୍ୟ ବୃଦ୍ଧି କରିପାରିବେ।

ଅଡିଟ୍ ଅବଲୋକନ କଲା କି ଏମ୍‌ଭିଜିର ଦ୍ୱିବାର୍ଷିକ ସଂଶୋଧନ ଯଥା ସମୟରେ ହୋଇନଥିଲା ଏବଂ, ତେଣୁ, ଏହା ପ୍ରତ୍ୟେକ ଏକାନ୍ତର ବର୍ଷରେ 1 ଏପ୍ରିଲ୍‌ରୁ ପ୍ରଣୟନ କରାଯାଇ ପାରିନଥିଲା। ଏମ୍‌ଭିଜିର ସଂଶୋଧନ ବାବଦରେ ବିଶଦ ବିବରଣୀ ***ପରିଶିଷ୍ଟ 2.1.3*** ରେ ଦିଆଯାଇଛି।

2013-21 ମଧ୍ୟରେ ଏମ୍‌ଭିଜିର ସଂଶୋଧନରେ 12 ଦିନ (ଡିଏସ୍‌ଆର୍, କଟକ)ରୁ 397 ଦିନ (ଡିଏସ୍‌ଆର୍, ପୁରୀ) ଧରି ବିଳମ୍ବ ହୋଇଥିଲା। ମଧ୍ୟବର୍ତ୍ତୀ ଅବଧିରେ ସଂପୃକ୍ତ ଡିଏସଆର୍‌ମାନଙ୍କ ଦ୍ୱାରା 10 ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଥିଲା। ଡିଏସ୍‌ଆର୍, ପୁରୀ 2013-21 ମଧରେ ଚାରୋଟି ସଂଶୋଧନ ବାକି ଥିବା ବେଳେ କେବଳ ଦୁଇଟି ଦ୍ୱିବାର୍ଷିକ ସଂଶୋଧନ କରି ପାରିଥିଲା। ଡିଭିସିର ବୈଠକଗୁଡ଼ିକରେ ଏହି ବିଳମ୍ବର କାରଣ ଡିଏସ୍‌ଆର୍ ଲିପିବଦ୍ଧ ହୋଇନଥିଲା।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ଏମ୍‌ଭିଜି ସଂଶୋଧନରେ ବିଳମ୍ବ ମୁଖ୍ୟତଃ ଚାଲୁଥିବା ମାଲିମକଦମା ଏବଂ ବିଭିନ୍ନ ସ୍ତରରେ ଥିବା ଆପତ୍ତି ଯୋଗୁଁ ହୋଇଥିଲା ଏବଂ ଭବିଷ୍ୟତରେ ସ୍ୱତନ୍ତ୍ର ସଂଶୋଧନ/ ଦ୍ୱିବାର୍ଷିକ ସଂଶୋଧନ ବେଳେ ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରାଯିବ।

### 2.1.9 ବଜାର ମୂଲ୍ୟ ମାର୍ଗଦର୍ଶିକାର ଚୂଡାନ୍ତକରଣ ପାଇଁ ସମ୍ପତ୍ତିର ପ୍ରକୃତ ବଜାର ମୂଲ୍ୟର ସଂଗ୍ରହରେ ପର୍ଯ୍ୟାପ୍ତ ସମୀକ୍ଷାର ଅଭାବ

ଆର୍‌ଏଣ୍ଡ୍‌ଡିଏମ୍ ବିଭାଗ ନିର୍ଦ୍ଦେଶ ଦେଇଥିଲା (ମାର୍ଚ୍ଚ 2015) କି ରାଜସ୍ୱ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସ୍ତରରେ ଏସ୍‌ଡିଭିସି ଓ ଡିଭିସି ସ୍ଥାବର ସମ୍ପତ୍ତିର ବଜାର ମୂଲ୍ୟ ଅନୁମୋଦନ କଲା ପୂର୍ବରୁ ତାହାର ପ୍ରସ୍ତାବିତ ମୂଲ୍ୟ ଯାଞ୍ଚ୍ ନିମ୍ନ ସାରଣୀରେ ଯାଞ୍ଚ କରିବେ:

***ସାରଣୀ 2.1.7: ରାଜସ୍ୱ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କର ସ୍ତର***

| ପ୍ରତିବେଦନକାରୀ ଅଧିକାରୀ | ଯାଞ୍ଚ୍ ଅଧିକାରୀ | ଯାଞ୍ଚ୍ ପ୍ରତିଶତ (ଅନିୟମିତ ଆଧାରରେ) |
|---|---|---|
| ରାଜସ୍ୱ ନିରୀକ୍ଷକ, ଉପ-ନିବନ୍ଧକ ଏବଂ ସ୍ଥାନୀୟ ସହରୀ ନିକାୟଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ | ତହସିଲ୍‌ଦାର/ ଅତିରିକ୍ତ ତହସିଲଦାର | 10 |
| | ଉପ-ଜିଲ୍ଲାପାଳ | 5 |
| ଏସ୍‌ଡିଭିସି | ଅତିରିକ୍ତ ଜିଲ୍ଲାପାଳ | 2 |
| | ଜିଲ୍ଲାପାଳ | 1 |

ସଂପୃକ୍ତ ଅଧିକାରୀମାନେ ବିଦ୍ୟମାନ ବଜାର ମୂଲ୍ୟକୁ ବିଚାରକୁ ନେଇ ଏବଂ ସମସ୍ତ ପ୍ରକ୍ରିୟା ପାଳନ କରି ମୂଲ୍ୟାୟନ ଠିକ୍ ଭାବରେ ରିପୋର୍ଟ ହୋଇଛି ବୋଲି ଏକ ପ୍ରମାଣପତ୍ର ଦେବା କଥା। ପ୍ରତ୍ୟେକ ପ୍ରମାଣପତ୍ର ସହିତ ଏକ ଅନୁସନ୍ଧାନର ସ୍ମାରକପତ୍ର ରହିବା କଥା। ଉପରୋକ୍ତ କାର୍ଯ୍ୟନିର୍ବାହୀ ଅନୁଦେଶର ଅନୁପାଳନା ତଦାରଖ କଲାବେଳେ ଅଡିଟ୍ ଦେଖିଲା ଯେ ଏସ୍‌ଆର୍ ବ୍ରହ୍ମପୁର ବ୍ୟତୀତ କୌଣସି ନମୁନା ଯାଞ୍ଚ୍ ଡିଏସ୍‌ଆର/ ଏସଆର୍ ମାନେ ଏହି ଯାଞ୍ଚ୍ କରିନଥିଲେ। ବ୍ରହ୍ମପୁରରେ କେବଳ ଉପ-ଜିଲ୍ଲାପାଳ ଏହି ନିର୍ଦ୍ଦେଶ ପାଳନ କରିଥିଲେ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର ଯଥାରୀତି ପ୍ରଦାନ କରିଥିଲେ।

ମୁଖ୍ୟ ନିରୀକ୍ଷକ, ନିବନ୍ଧନ, ଓଡିଶା କାର୍ଯ୍ୟାଳୟ ଏହି ଅଡିଟ୍ ଅବଲୋକନକୁ ଗ୍ରହଣ କଲା (ଫେବୃଆରୀ 2023) ଏବଂ ବ୍ୟକ୍ତ କଲା କି ନିବନ୍ଧନକାରୀ ଅଧିକାରୀମାନଙ୍କର ଉପରୋକ୍ତ ସମୀକ୍ଷାରେ ବହୁତ କମ୍ ଭୂମିକା ଥିଲା ଯାହା ରାଜସ୍ୱ ଅଧିକାରୀମାନେ କରିବାର ଥିଲା ଏବଂ ଭବିଷ୍ୟତରେ ସ୍ୱତନ୍ତ୍ର ସଂଶୋଧନ/ ଦ୍ୱିବାର୍ଷିକ ସଂଶୋଧନ ବେଳେ ନିୟମାବଳୀ ସହିତ ଅନୁପାଳନା ସୁନିଶ୍ଚିତ କରାଯିବ।

## 2.2 ବିନା କ୍ଷତିପୂରଣରେ ଘରୋଇ ଜମି ଅଧିଗ୍ରହଣ

**ସଂପୃକ୍ତ ଜମି ମାଲିକଙ୍କ ସମ୍ପତ୍ତି ଅଧିକାରକୁ ଅବମାନନା କରି, ଜମି ଅଧିଗ୍ରହଣ ଆଇନ ବ୍ୟବସ୍ଥାର ଉଲ୍ଲଙ୍ଘନ କରି, 71.81 ଏକର ପରମିତ ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା ।**

ଭାରତୀୟ ସମ୍ବିଧାନର ଧାରା 300 A ରେ କୁହାଯାଇଛି ଯେ ଆଇନର ଅଧିକାର ବ୍ୟତୀତ କୌଣସି ନାଗରିକ ତାଙ୍କ ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ । ସରକାରଙ୍କ ଦ୍ୱାରା ଘରୋଇ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ମାମଲାଗୁଡ଼ିକ, ଜମିର ଉଚିତ୍ କ୍ଷତିପୂରଣ, ଜମିର ଉଚିତ୍ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଏବଂ ପୁନଃ ସ୍ଥାପନ (ଆର୍ଏଫ୍‌ସିଟିଏଲ୍ଏଆର ଏବଂ ଆର୍) ଅଧିନିୟମ, 2013 ଦ୍ୱାରା ପରିଚାଳିତ । ରାଜ୍ୟରେ ଜମି ସମ୍ପଦର ପରିଚାଳନା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍ଆଣ୍ଡଡିଏମ୍) ବିଭାଗର ଦାୟିତ୍ୱ ଅଟେ ।

ଜମି ଅଧିଗ୍ରହଣ ପାଇଁ ଆଇନର ଧାରା 11 ଅନୁଯାୟୀ ପ୍ରାଥମିକ ବିଜ୍ଞପ୍ତି ଜାରି କରାଯାଏ । ପୁନର୍ବାସ ଓ ଥଇଥାନ (ଆର୍ଆଣ୍ଡଆର୍) ଯୋଜନାକୁ ଅନୁମୋଦନ ଏବଂ ସଂପୃକ୍ତ ପ୍ରଶାସନିକ ବିଭାଗ[20] ଦ୍ୱାରା ଆକଳନ ମଞ୍ଜୁର ହେବା ପରେ ଆଇନର ଧାରା 19 ଅନ୍ତର୍ଗତ ଏକ ଘୋଷଣା କରାଯାଏ । ଅନୁମୋଦନ ମିଳିବା ପରେ, ଜିଲ୍ଲାପାଳ ଆଇନର ଧାରା 23 ଅନୁଯାୟୀ କ୍ଷତିପୂରଣ ରାଶି ମଞ୍ଜୁର କରିବା ଆବଶ୍ୟକ । ଯଦି ଘୋଷଣାପତ୍ର ପ୍ରକାଶ ପାଇବାର 12 ମାସ ମଧ୍ୟରେ କୌଣସି ରାଶି/ ଅନୁଦାନ ପ୍ରଦାନ କରାନଯାଏ, ତେବେ ସମଗ୍ର ଜମି ଅଧିଗ୍ରହଣ (ଏଲ୍ଏ) ପ୍ରକ୍ରିୟା ରଦ୍ଦ ହୋଇଯିବ । ଏହି ଆଇନର ଧାରା 38 ଅନୁଯାୟୀ ଜିଲ୍ଲାପାଳଙ୍କୁ ଅନୁମୋଦନ ପ୍ରଦାନ ତାରିଖ ଠାରୁ ତିନି ମାସ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବାକୁ ପଡ଼ିବ । ଏହି ଧାରା ଆହୁରି ମଧ୍ୟ ଜିଲ୍ଲାପାଳମାନଙ୍କୁ ଅଧିକାର ପ୍ରଦାନ କରିଛି ଯେ, ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବା ପରେ ଅଧିଗ୍ରହଣ କରାଯାଇଥିବା ଜମିକୁ ନିଜ ଅକ୍ତିଆରକୁ ନେଇପାରିବେ ।

ଅଡିଟରେ ଦେଖିବାକୁ ମିଳିଛି (ଅକ୍ଟୋବର 2021) ଯେ ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ଅନ୍ତର୍ଗତ ଭଦ୍ରକ ଡ୍ରେନେଜ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ (ଇଇ) ଭଦ୍ରକ ଜିଲ୍ଲାର ଚାରିଟି ତହସିଲର[21] 21 ଟି ଗ୍ରାମରେ ରେବୋ କପାଳି ଡ୍ରେନେଜ୍ ଚ୍ୟାନେଲର ମରାମତି ପାଇଁ 120.81 ଏକର ଜମି ଅଧିଗ୍ରହଣ ପାଇଁ (2014 ରୁ 2016) ମଧ୍ୟରେ ଆବେଦନ କରିଥିଲେ ।

ଜମି ଅଧିଗ୍ରହଣ ଅଧିକାରୀ (ଏଲ୍ଏଓ) ଏଲ୍ଏ ମାମଲା ଆରମ୍ଭ କରିଥିଲେ ଏବଂ 21 ଟି ଗ୍ରାମର 120.81 ଏକର ଜମି ଅଧିଗ୍ରହଣ ପାଇଁ ଜୁନ୍ 2019 ରେ ଧାରା 11 ଅଧିନରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଧାରା 19 ଅନୁଯାୟୀ 2020 ମାର୍ଚ୍ଚ ରୁ ମଇ ମାସ ମଧ୍ୟରେ 120.81 ଏକର ଜମି ପାଇଁ ଘୋଷଣା କରାଯାଇଥିଲା, ଏହାସତ୍ତ୍ୱେ 71.81 ଏକର ଜମି ଅଧିଗ୍ରହଣ ଖର୍ଚ୍ଚ ପାଇଁ ସଂପୃକ୍ତ ପ୍ରଶାସନିକ ବିଭାଗ ଅର୍ଥାତ୍ ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇ ନଥିଲା । 71.81 ଏକର ପାଇଁ କୌଣସି ପ୍ରଶାସନିକ ମଞ୍ଜୁର ନଥିବା ସତ୍ତ୍ୱେ, ଜିଲ୍ଲାପାଳ (ଅଗଷ୍ଟ ରୁ ସେପ୍ଟେମ୍ବର 2020 ମଧ୍ୟରେ) ସମସ୍ତ 120.81 ଏକର ଘରୋଇ ଜମି ପାଇଁ ଅଧିନିମର ଧାରା 23 ଅନୁଯାୟୀ 8.80 କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ଏହିପରି, 49 ଏକର ଜମି ପାଇଁ କ୍ଷତିପୂରଣ ଦେଇ ଜିଲ୍ଲାପାଳ ତାଙ୍କର କ୍ଷମତାକୁ ଅତିକ୍ରମ କରିଥିଲେ, ଯେଉଁଥିପାଇଁ କ୍ଷମତାସମ୍ପନ୍ନ ଅଧିକାରୀଙ୍କ ଅନୁମୋଦନ ନଥିଲା ।

ଅଡିଟରୁ ଜଣାଗଲା ଯେ, ଯେହେତୁ କେବଳ 12 ଟି ଗ୍ରାମରେ କ୍ଷତିପୂରଣ ପ୍ରକ୍ରିୟା ଜାରି ରହିଥିଲା 120.81 ଏକର ରୁ ମାତ୍ର 49 ଏକର ଜମି ପାଇଁ ଆକଳନ ମଞ୍ଜୁର ହୋଇଥିଲା । ପ୍ରଶାସନିକ ବିଭାଗର ଆକଳନ ଅଭାବରୁ 71.81 ଏକର ଜମି ଅଧିଗ୍ରହଣ ସହ ଜଡ଼ିତ ବାକି ନଅଟି ଗ୍ରାମ ବାବଦରେ 4.82 କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ଆରମ୍ଭ (ଅକ୍ଟୋବର 2021) ହୋଇନଥିଲା ଯାହାକି ***(ପରିଶିଷ୍ଟ 2.2.1)*** ରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ଏଲଏଓ ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ (ମାର୍ଚ୍ଚ 2020, ଜୁନ୍ 2020, ଅକ୍ଟୋବର 2020 ଏବଂ ମାର୍ଚ୍ଚ 2021) ଡିଓଡବ୍ଲୁଆର୍ ରୁ ଆକଳନର ମଞ୍ଜୁରୀ ପ୍ରାପ୍ତ ହୋଇନଥିଲା (ଅକ୍ଟୋବର 2021) । ଯଦିଓ, ଏଲ୍ଏଓ ଏହି

---

[20] ଯଥା- ଯେଉଁ ବିଭାଗ ଜମି ପାଇଁ ଅବେଦନ ଉପସ୍ଥାପନ କରିଥିଲେ

[21] ଭଦ୍ରକ, ଧାମନଗର, ଭଣ୍ଡାରିପୋଖରୀ ଏବଂ ଚାନ୍ଦବାଲି

ଗ୍ରାମ ଗୁଡ଼ିକରେ କୌଣସି ଜମି ହସ୍ତାନ୍ତର କରିନଥିଲେ, ଭଦ୍ରକର ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ୍ ଡିଭିଜନ ଏହି ଜମିକୁ ଅନଧିକୃତ ଭାବେ ଡ୍ରେନେଜ୍ ଚ୍ୟାନେଲ ନିର୍ମାଣ ପାଇଁ ବ୍ୟବହାର କରିଥିଲେ ।

ନଅଟି ଗ୍ରାମରେ ଆକଳନ ମଞ୍ଜୁର ହୋଇନଥିବା ଏବଂ ଜମି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନଥିବା ସତ୍ତ୍ୱେ ନିର୍ବାହୀ ଯନ୍ତ୍ରୀ ଡ୍ରେନେଜ୍ ଡିଭିଜନ୍, ଆର୍‌ଏଫ୍‌ସିଟିଏଲ୍‌ଏଆର୍ ଆଣ୍ଡ ଆର୍ ଅଧିନିୟମର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ସଂପୃକ୍ତ ଜମି ମାଲିକଙ୍କ ସମ୍ପତ୍ତି ଅଧିକାରକୁ ଅବମାନନା କରି ଅଧିଗ୍ରହଣ ପାଇଁ ବିଜ୍ଞାପିତ ଜମିରେ ରେବୋକାପାଳି ଡ୍ରେନେଜ୍ ଚ୍ୟାନେଲ୍ ନିର୍ମାଣ କରିଥିଲା । ପ୍ରଭାବିତ ଗ୍ରାମ ଗୁଡ଼ିକ ମଧ୍ୟରୁ ଗୋଟିଏ ଗ୍ରାମ ଅର୍ଥାତ୍ କୋରୁଆର ଗ୍ରାମବାସୀମାନେ, ସେମାନଙ୍କ ଜମିକୁ ଅକ୍ତିଆର କରିବା ସତ୍ତ୍ୱେ କ୍ଷତିପୂରଣ ନ ମିଳିଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ନିକଟରେ (ମାର୍ଚ୍ଚ 2021) ଦାବିପତ୍ର ଦାଖଲ କରିଥିଲେ ।

ସଚିବ ରାଜସ୍ୱ ପରିଷଦ, ଜମି ଅଧିଗ୍ରହଣ ପ୍ରକ୍ରିୟାର ରଦ୍ଦକୁ ସ୍ୱୀକାର କରି (ମଇ 2022) କହିଛନ୍ତି ଯେ, ଜମି ଅଧିଗ୍ରହଣ ପ୍ରକ୍ରିୟାର ଅବଧି ବୃଦ୍ଧି ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । କ୍ଷତିପୂରଣ ପ୍ରଦାନ ପୂର୍ବରୁ ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମ, 2013 ର ବ୍ୟବସ୍ଥାର ଉଲ୍ଲଙ୍ଘନ କରି ଜମି ଅଧିଗ୍ରହଣ ଉପରେ ଉତ୍ତର ନୀରବ ରହିଥିଲା ।

ଏହି ମାମଲା ସରକାରଙ୍କୁ (ଅପ୍ରେଲ 2022) ରିପୋର୍ଟ କରାଯାଇଥିଲା: ଉତ୍ତରକୁ ଅପେକ୍ଷା କରାଯାଇଛି (ଜାନୁଆରୀ 2024) ।

## 2.3 76.51 କୋଟି ଟଙ୍କାର ଅଧିକ କ୍ଷତିପୂରଣ ରାଶି ପ୍ରଦାନର ଘୋଷଣା

**ଅତିରିକ୍ତ ବଜାର ମୂଲ୍ୟ ଏବଂ ସୋଲାଟିୟମର ଭୁଲ ହିସାବ ସହିତ ଜମିର ବଜାର ମୂଲ୍ୟର ଅନୁପଯୁକ୍ତ ନିର୍ଦ୍ଧାରଣ ଫଳରେ 799.91 ଏକର ଘରୋଇ ଜମିର ଅଧିଗ୍ରହଣରେ 76.51 କୋଟି ଟଙ୍କାର ଅତିରିକ୍ତ କ୍ଷତିପୂରଣ ପ୍ରଦାନ ।**

ଜମି ଅଧିଗ୍ରହଣ ପୁନର୍ବାସ ଏବଂ ପୁନଃ ବିସ୍ଥାପନରେ ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର (ଆର୍‌ଏଫ୍‌ସିଟିଏଲ୍‌ଏଆର୍ ଆଣ୍ଡ ଆର୍) ଅଧିନିୟମ, 2013 ର ଧାରା 30 (I) ର ଦ୍ୱିତୀୟ କାର୍ଯ୍ୟସୂଚୀରେ ଜମି ମାଲିକଙ୍କୁ ଜମି ବାବଦରେ ଦିଆଯିବାକୁ ଥିବା କ୍ଷତି ପୂରଣର ଅଧିକାର ଏବଂ କ୍ଷତିପୂରଣ ରାଶିର ଆକଳନ ପଦ୍ଧତି ବର୍ଣ୍ଣିତ ହୋଇଅଛି । କ୍ଷତିପୂରଣ ରାଶି ବ୍ୟାପକ ଭାବେ ଜମିର ବଜାର ମୂଲ୍ୟ, ଜମି ସହିତ ସଂଲଗ୍ନ ହୋଇଥିବା ସଂପତ୍ତିର ମୂଲ୍ୟ ଏବଂ ସୋଲାଟିୟମ୍‌କୁ ନେଇ ଗଠିତ । ସୋଲାଟିୟମ ଜମିର ବଜାର ମୂଲ୍ୟ ଏବଂ ଏହା ଉପରେ ଥିବା ସମ୍ପତ୍ତି ମୂଲ୍ୟର 100 ପ୍ରତିଶତ ଅଟେ । ଅଧିନିୟମର ଧାରା 26 (a) ଏବଂ (b) ଜମିର ବଜାର ମୂଲ୍ୟର ଆକଳନ ଓ ନିର୍ଦ୍ଧରଣର ମାନଦଣ୍ଡ ଧାର୍ଯ୍ୟ କରିଛି, ଯଥା- (କ) ଜମି ଅବସ୍ଥିତ ଥିବା ଅଞ୍ଚଳରେ ବିକ୍ରୟ କାର୍ଯ୍ୟ କିମ୍ବା ବିକ୍ରି ଚୁକ୍ତିନାମା କରିବା ପାଇଁ ଭାରତୀୟ ଷ୍ଟାମ୍ପ ଆକ୍ଟ, 1899 ରେ ଯାହା ନିର୍ଦ୍ଧାରିତ ଅଛି, ଏବଂ (ଖ) ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଥିବା ସମାନ ପ୍ରକାରର ଜମି ପାଇଁ ହାରାହାରି ବିକ୍ରୟ ମୂଲ୍ୟରୁ ଯେଉଁଟି ଅଧିକ ।

ଉପରୋକ୍ତ ବିଷୟଗୁଡ଼ିକ ବ୍ୟତୀତ ଅଧିନିୟମର ଧାରା 30(3) ଅନୁଯାୟୀ ଜଣେ ଜମି ମାଲିକ, ଅତିରିକ୍ତ ବଜାର ଜମି ମୂଲ୍ୟ ପାଇବାକୁ ମଧ ହକ୍‌ଦାର ଅଟେ, ଯାହା ଧାରା 4(2) ଅନୁଯାୟୀ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ କ୍ଷତିପୂରଣ ପ୍ରଦାନ ତାରିଖ ଅବଧି ପାଇଁ ଜମିର ବଜାର ମୂଲ୍ୟ ଉପରେ ବାର୍ଷିକ 12 ପ୍ରତିଶତ ହାରରେ ହିସାବ କରାଯାଇଥାଏ । ଅବଶ୍ୟ, ଜମି ସହ ସଂଲଗ୍ନ ସଂପତ୍ତି ଉପରେ ଅତିରିକ୍ତ ଜମି ମୂଲ୍ୟ ପ୍ରଦାନ କରାଯାଇ ନଥିଲା କିମ୍ବା ସୋଲାଟିୟମ୍ {ଧାରା 30 (3)} ହିସାବ ପାଇଁ ବିଚାର କରାଯାଇ ନଥିଲା ।

ଢେଙ୍କାନାଳ ତହସିଲ ଅନ୍ତର୍ଭୁକ୍ତ ଗ୍ରାମରେ ଦୁଇଟି ଜମି ଅଧିଗ୍ରହଣ ମାମଲାର ଯାଞ୍ଚରୁ ଜଣାଗଲା (ଅକ୍ଟୋବର 2021) ଯେ କ୍ଷତିପୂରଣ ରାଶିର ହିସାବ ପାଇଁ ବଜାର ମୂଲ୍ୟ ନିର୍ଦ୍ଧାରଣ ଏବଂ ତତ୍‌ସହିତ ସୋଲାଟିୟମ୍ ହିସାବର ପଦ୍ଧତି ତ୍ରୁଟିପୂର୍ଣ୍ଣ ଥିଲା ଏବଂ ଫଳସ୍ୱରୂପ 76.51 କୋଟି ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା:

### *(i) ନ୍ୟାସନାଲ୍ ଥର୍ମାଲ୍ ପାୱାର କର୍ପୋରେସନ୍ ଲିମିଟେଡ୍ ପାଇଁ ଜମି ଅଧିଗ୍ରହଣ*

ଭାରତ ସରକାରଙ୍କ ଉଦ୍ୟୋଗ ନ୍ୟାସନାଲ୍ ଥର୍ମାଲ୍ ପାୱାର କର୍ପୋରେସନ୍ (ଏନ୍‌ଟିପିସି) ଲିମିଟେଡ୍, ଗଜମରାର ଜେନେରାଲ ମ୍ୟାନେଜର, ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟର ନିର୍ମାଣ ପାଇଁ ଚାରିଟି ଗ୍ରାମରେ[22] 795.85 ଏକର ଘରୋଇ ଜମି ଅଧିଗ୍ରହଣ ନିମିତ୍ତ ତହସିଲଦାର ତଥା ଜମି ଅଧିଗ୍ରହଣ ଅଧିକାରୀ (ଏଲ୍‌ଏଓ), ଢେଙ୍କାନାଳଙ୍କ ଠାରେ ଆବେଦନ ଦାଖଲ (ମଇ 2012) କରିଥିଲେ । ଅଡିଟ୍ ଲକ୍ଷ୍ୟ କଲା ଯେ:

- ଢେଙ୍କାନାଳ ଜିଲ୍ଲାର କ୍ଷତିପୂରଣ ପରାମର୍ଶଦାତା କମିଟି (ସିଏସି) ପୂର୍ବ ତିନି ବର୍ଷର, ଯଥା 2011, 2012, 2013 ବିକ୍ରୟ ପରିସଂଖ୍ୟାନ ଆଧାରରେ ଜମିର ବଜାର ମୂଲ୍ୟ[23] (ଏକର ପ୍ରତି 3.76 ଲକ୍ଷ ଟଙ୍କା) ନିର୍ଦ୍ଧାରଣ (31 ଜୁଲାଇ 2014) କରିଥିଲେ । କନ୍ତୁ, ସିଏସି ବଜାର ମୂଲ୍ୟ ଏକର ପ୍ରତି 6.25 ଲକ୍ଷ ଟଙ୍କାରେ ସ୍ଥିର କଲେ ଯାହାକି ବଜାର ମୂଲ୍ୟରୁ ଏକର ପ୍ରତି 2.49 ଲକ୍ଷ ଟଙ୍କା ଅଧିକ ଥିଲା । ଅଧିକ ମୂଲ୍ୟରେ ବଜାର ମୂଲ୍ୟର ସ୍ଥିରୀକରଣର କାରଣ ଥିଲା ଯେ ସିଏସି ପୂର୍ବରୁ 2012 ମସିହାରେ ସମାନ ଜମି ପାଇଁ ବଜାର ମୂଲ୍ୟ ଏକର ପ୍ରତି 12.10 ଲକ୍ଷ ଟଙ୍କାରେ ସ୍ଥିର କରିଥିଲେ । ଅଡିଟ୍ ତଥାପି ନିରୀକ୍ଷଣ କଲା ଯେ ସିଏସି ଅଧିନିୟମର ଧାରା 26 (a) ଏବଂ (b) ରେ ଧାର୍ଯ୍ୟ କରାଯାଇଥିବା ପଦ୍ଧତି ଅନୁସରଣ ବିନା 2014 ମସିହାରେ ବଜାର ମୂଲ୍ୟ ସ୍ଥିର କରିଥିଲେ, ତେଣୁ, ସ୍ଥିରୀକୃତ ହୋଇଥିବା ମୂଲ୍ୟ ଠିକ୍ ନଥିଲା । ଏହିପରି 2012 ମସିହାରେ ସ୍ଥିରୀକୃତ ହୋଇଥିବା ମୂଲ୍ୟ ପରବର୍ତ୍ତୀ ସମୟରେ ବଜାର ମୂଲ୍ୟର ନିର୍ଦ୍ଧାରଣ ପାଇଁ ଆଧାର ଭାବେ କାର୍ଯ୍ୟ କରିପାରିଲା ନାହିଁ । ବଜାର ମୂଲ୍ୟ ଧାର୍ଯ୍ୟରେ ଅନିୟମିତତା ହେତୁ 795.85 ଏକର ଜମି ଅଧିଗ୍ରହଣ ପାଇଁ 19.82 କୋଟି ଟଙ୍କାର ଅଧିକା କ୍ଷତିପୂରଣ ରାଶି ପ୍ରଦାନ ହୋଇଥିଲା ।
- ଜମିର ବଜାର ମୂଲ୍ୟରେ ଅନିୟମିତ ବୃଦ୍ଧି ହେବା ଫଳରେ ସୋଲାଟିୟମ୍ ଏବଂ ଜମିର ଅତିରିକ୍ତ ବଜାର ମୂଲ୍ୟ ଯଥାକ୍ରମେ 19.82 କୋଟି ଟଙ୍କା ଏବଂ 10.41 କୋଟି ଟଙ୍କା[24] ବୃଦ୍ଧି ହୋଇଥିଲା ।
- ଆହୁରି ମଧ, ପ୍ରଦାନ କରିବାକୁ ଥିବା ସୋଲାଟିୟମ୍, ଜମିର ଅତିରିକ୍ତ ବଜାର ମୂଲ୍ୟ ଉପରେ ହିସାବ ହୋଇଥିଲା ଯଦିଓ ଅଧିନିୟମର ଧାରା 30(1) ଅନୁଯାୟୀ ତାହା ଜମିର ବଜାର ମୂଲ୍ୟ ସହିତ ସେଥିରେ ସଂଲଗ୍ନ ହୋଇଥିବା ସମ୍ପତ୍ତିର ମୂଲ୍ୟ ଉପରେ 100 ପ୍ରତିଶତ ମଧରେ ସୀମିତ ରହିବାର ଥିଲା । କିନ୍ତୁ, ଅତିରିକ୍ତ ବଜାର ମୂଲ୍ୟ 26.13 କୋଟି ଟଙ୍କା[25] ଉପରେ ସୋଲାଟିୟମ୍ ଅନିୟମିତ ଭାବେ ପ୍ରଦାନ କରାଯାଇଥିଲା । ଏହିପରି, 26.13 କୋଟି ଟଙ୍କାର ସୋଲାଟିୟମ୍ ଅଧିକ ପ୍ରଦାନ କରାଯାଇଥିଲା ।

ଏହିପରି ଜମିର ବଜାର ମୂଲ୍ୟର ଅନିୟମିତ ସ୍ଥିରୀକରଣ ଏବଂ ତା ସହିତ ଭୁଲ ସୋଲାଟିୟମ୍ ହିସାବ ଫଳରେ ଏନ୍‌ଟିପିସି ପାଇଁ 795.85 ଏକର ଜମି ଅଧିଗ୍ରହଣରେ 76.19 କୋଟି ଟଙ୍କା ଅଧିକ ପ୍ରଦାନ ହେଲା ।

### *(ii) ରେଲୱେ ଓଭର ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ*

ରେଲୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦୁଇଟି ଗ୍ରାମରେ[26] 4.06 ଏକର ଘରୋଇ ଜମି ଗ୍ରହଣରେ ଅଡିଟ୍ ଏହା ଦେଖିବାକୁ ପାଇଲା:

---

[22] ତଳବାରକୋଟ୍: 440.23 ଏକର, ସିଆରିଆ: 61.55 ଏକର, ମଣିପୁର: 99.46 ଏକର ଏବଂ ପତ୍ରଭାଗ: 194.61 ଏକର

[23] ଶ୍ରେଣୀ I, ଶ୍ରେଣୀ II ଏବଂ ଅନ୍ୟ କିସମ (ଯଥା-ଜମି ବର୍ଗୀକରଣ)

[24] ବାର୍ଷିକ 12 ପ୍ରତିଶତ ହାରରେ 52½ ମାସ (ଅଗଷ୍ଟ 2012 ଠାରୁ 22 ଡିସେମ୍ବର 2016 ପର୍ଯ୍ୟନ୍ତ) ପାଇଁ ଜମିର ବଜାର ମୂଲ୍ୟ ଉପରେ 198.82 କୋଟି ଟଙ୍କାର ଅତିରିକ୍ତ କ୍ଷତିପୂରଣ

[25] ବାର୍ଷିକ 12 ପ୍ରତିଶତ ହାରରେ 52½ ମାସ ପାଇଁ ଜମିର ବଜାର ମୂଲ୍ୟ (49.77 କୋଟି ଟଙ୍କା) ଉପରେ ଅତିରିକ୍ତ କ୍ଷତିପୂରଣ = 26.13 କୋଟି ଟଙ୍କା

[26] ବେବର୍ତ୍ତକାଟେଣୀ: 2.100 ଏକର ଏବଂ କାଶିପଡ଼ା: 1.960 ଏକର

- ତହସିଲଦାର ତଥା ଏଲ୍ଏଓ, ଢେଙ୍କାନାଳ ଜମି ସହିତ ସଂଲଗ୍ନ ହୋଇଥିବା ସମ୍ପତ୍ତି ମୂଲ୍ୟକୁ ବିଚାର କରି ଜମିର ଅତିରିକ୍ତ ବଜାର ମୂଲ୍ୟ ହିସାବ (14 ଜାନୁଆରୀ 2015) କରିଥିଲେ, ଯଦିଓ ଅଧିନିୟମର ଧାରା 30 (3) ଅନୁଯାୟୀ ଏହା ଅନୁମତି ପ୍ରାପ୍ତ ନଥିଲା । ଏହା ଫଳରେ 12.56 ଲକ୍ଷ ଟଙ୍କାର ଅଧିକ ଦେୟ ପ୍ରଦାନ କରାଯାଇଥିଲା ।
- ପୁନଶ୍ଚ, ଅତିରିକ୍ତ ବଜାର ମୂଲ୍ୟ ଉପରେ ସୋଲାଟିୟମର ଅନିୟମିତ ହିସାବ ଫଳରେ 19.13 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

ତଦନୁସାରେ, 4.06 ଏକର ଘରୋଇ ଜମି ଅଧିଗ୍ରହଣରେ 31.69 ଲକ୍ଷ ଟଙ୍କା ଅଧିକ କ୍ଷତି ପୂରଣ ପ୍ରଦାନ ହୋଇଥିଲା ।

ଏହିପରି ତହସିଲଦାର ତଥା ଏଲ୍ଏଓ, ଢେଙ୍କାନାଳ ଏବଂ ଜିଲ୍ଲାର ସିଏସି (କ୍ଷତିପୂରଣ ପରାମର୍ଶଦାତା କମିଟି) 799.91 ଏକର ଘରୋଇ ଜମି ଅଧିଗ୍ରହଣରେ ଜମିର ବଜାର ମୂଲ୍ୟ ଉଚିତ୍ ଭାବେ ସ୍ଥିର କରିନଥିଲେ ଏବଂ ଅତିରିକ୍ତ ବଜାର ମୂଲ୍ୟ ଏବଂ ସୋଲାଟିୟମ୍‌କୁ ମଧ ଠିକ୍ ଭାବେ ହିସାବ କରିନଥିଲେ । ଫଳସ୍ୱରୂପ, ସେଠାରେ 76.51 କୋଟି ଟଙ୍କାର ଅଧିକ କ୍ଷତି ପୂରଣ ପ୍ରଦାନ ହୋଇଥିଲା ।

ରାଜସ୍ୱ ପରିଷଦର ସଚିବ ବ୍ୟକ୍ତ କଲେ (ମଇ 2022) ଯେ କ୍ଷତିପୂରଣ ପରାମର୍ଶଦାତା କମିଟିଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ମୂଲ୍ୟ ଅନୁସାରେ ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ଏହି ଉତ୍ତରରେ ଏହା ଉଲ୍ଲେଖ  ନଥିଲା ଯେ ସିଏସିର ସୁପାରିଶ ଆର୍ଏଫ୍ସିଟିଏଲ୍ଏଆର୍ ଆଣ୍ଡ ଆର୍ ଅଧିନିୟମ, 2013 ର ଧାରା 26 ଏବଂ 30 ରେ ଥିବା ବ୍ୟବସ୍ଥାକୁ ସମର୍ଥନ କରୁନଥିଲା,  ଫଳରେ ଜମି ମାଲିକଙ୍କୁ ଅଧିକ ଦେୟ ପ୍ରଦାନ କରାଗଲା ।

ଉପରୋକ୍ତ ବିଷୟ ସରକାରଙ୍କୁ ଜଣାଯାଇଥିଲା (ମଇ 2022), ଯାହାର ଉତ୍ତର ଅପେକ୍ଷିତ ଅଛି (ଜାନୁଆରୀ 2024) ।

## 2.4 ରିହାତି ହାରରେ ଜମି ଲିଜ୍ ଅନୁମୋଦନରେ ଅନିୟମିତତା

**ଜିଲ୍ଲାପାଳ, ପୁରୀଙ୍କ ଦ୍ୱାରା ରିହାତି ମୂଲ୍ୟରେ ଲିଜ୍ ପାଇବାକୁ ଯୋଗ୍ୟ ନଥିବା ଅନୁଷ୍ଠାନକୁ ସମ୍ଭାବ୍ୟ ହସ୍ତାନ୍ତର ପାଇଁ ସରକାରୀ ଜମି ଲିଜ୍ ଅନୁମୋଦନ ଉପରେ ଅନିୟମିତତା ଯୋଗୁ ରାଜସ୍ୱ କ୍ଷତି, ଯାହାର ପରିମାଣ 8.47 କୋଟି ଟଙ୍କା ।**

ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ପାଇଁ ଓଡ଼ିଶା ସରକାର (ଜିଓଓ) ଓଡ଼ିଶା ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ ନିଗମ (ଆଇଡିସିଓ)କୁ ଜମି ବଣ୍ଟନ କରିଛନ୍ତି । ରାଜସ୍ୱର ଆଶାୟୀ ଶିଳ୍ପ ନିବେଶକମାନଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ ଲ୍ୟାଣ୍ଡ ବ୍ୟାଙ୍କରୁ ରିହାତି ଦରରେ ଜମି ବଣ୍ଟନ କରାଯାଇଛି ଯାହା ଶିଳ୍ପ ନୀତି ସଙ୍କଳ୍ପ (ଆଇପିଆର୍) ଅନୁଯାୟୀ ଜିଓଓ ଦ୍ୱାରା ସୂଚିତ କରାଯାଇଅଛି । ରାଜ୍ୟରେ ଜମି ସମ୍ବଳ ପରିଚାଳନା ଦାୟିତ୍ୱରେ ଥିବା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ପଷ୍ଟ କରିଛି (ଜୁଲାଇ 2008) ଯେ ଆଇପିଆର୍ ଗୁଡିକ ଅଧିନରେ ପ୍ରିମିୟମର ରିହାତି ହାର ସାମାଜିକ ଭିତ୍ତିଭୂମି ଭଳି ଏକକପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ହେବ ନାହିଁ; ଯେପରିକି  ବିଦ୍ୟାଳୟ/ ମହାବିଦ୍ୟାଳୟ/ ଡାକ୍ତରଖାନା, ଯେଉଁଠାରେ ଏହିପରି ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ଏକ ଶିଳ୍ପ ପ୍ରକଳ୍ପର ଅଙ୍ଗ ନୁହେଁ ।

13 ନଭେମ୍ବର 2015 ରେ ହୋଇଥିବା ସଙ୍କଳ୍ପରେ ଆରଆଣ୍ଡଡିଏମ୍ ବିଭାଗ ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହାର ସମାଧାନ କରିଥିଲା ଯେ, ଲ୍ୟାଣ୍ଡ ବ୍ୟାଙ୍କର ଗଠନ ପାଇଁ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଆଇଡିସିଓକୁ ସରକାରୀ ଜମି ଲିଜ୍ ଦିଆଯିବାର ଥିଲାବେଳେ, ଯେଉଁ ମାମଲାରେ, ଶିଳ୍ପ ଉଦ୍ଦେଶ୍ୟରେ ତୁରନ୍ତ ଜମି ଆବଶ୍ୟକ ଥିବ, ଉକ୍ତ ଜମିକୁ ଲ୍ୟାଣ୍ଡ ବ୍ୟାଙ୍କର କ ଶ୍ରେଣୀରେ ରଖାଯିବ ଏବଂ ଅନ୍ୟ ଜମିକୁ ଖ ଶ୍ରେଣୀରେ ରଖାଯିବ । କ ଶ୍ରେଣୀ ଅଧିନରେ ଥିବା ଜମି କ୍ଷେତ୍ରରେ, ଆଇଡିସିଓ ଜମିର ଭୂଲମ୍ବ ବ୍ୟବହାର ଏବଂ ଜମିର ଅଭାବ ସହିତ ଜମି ବ୍ୟବହାର ଯୋଜନା ଏବଂ ସ୍ଥାନର ସର୍ବୋଚ୍ଚ ଉପଯୋଗକୁ ଦୃଷ୍ଟିରେ ରଖି ଶିଳ୍ପ ପାଇଁ ଜମିର ପ୍ରକୃତ ଆବଶ୍ୟକତାକୁ ଏକ ବିଶେଷଜ୍ଞ କମିଟି/ ଏଜେନ୍ସି ମାଧ୍ୟମରେ ଆକଳନ କରିବାର ଥିଲା ଏବଂ ତାହା ଜିଲ୍ଲାପାଳ ଏବଂ ଆର୍ଆଣ୍ଡଡିଏମ୍ ବିଭାଗ ସହିତ ସେୟାର କରିବାର ଥିଲା ।

ଜିଓଓ ଦ୍ୱାରା ଜାରି (24 ଅଗଷ୍ଟ 2015) ହୋଇଥିବା ଆଇପିଆର୍, 2015, ଆଇଡିସିଓ ସପକ୍ଷରେ ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ଏକର ପ୍ରତି 1 ଲକ୍ଷ ଟଙ୍କାରୁ 125 ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ଜମି ଆବଣ୍ଟନ ପାଇଁ ପ୍ରଦାନ କରାଯାଇଥିଲା ।

ଆଇଡିସିଓ, ଶିଳ୍ପ ଉଦ୍ଦେଶ୍ୟରେ (ବର୍ଗ ଏ) ପାଞ୍ଚ ଏକର ସରକାରୀ ଜମି[27] ପାଇଁ ତହସିଲଦାର, ପୁରୀଙ୍କ ନିକଟରେ ରିକ୍ୟୁଜିସନ୍ ଦାଖଲ କରିଥିଲା (ନଭେମ୍ବର 2019), କିନ୍ତୁ ଆଇଡିସିଓ ସଂପୃକ୍ତ ବିବରଣୀ, ଯେପରିକି ମନୋନୀତ ଶିଳ୍ପ ପ୍ରକଳ୍ପର ପରିଚୟ ଯେଉଥିପାଇଁ ଜମି ଉଦ୍ଦିଷ୍ଟ ଥିଲା; ଜମି ବ୍ୟବହାର ଯୋଜନା ଉପରେ ଆଧାର କରି ଜମି ଆବଶ୍ୟକତାର ଆକଳନ; ଭୂଲମ୍ବ ବ୍ୟବହାର ଏବଂ ଜମିର ଅଭାବ ସହିତ ଜାଗାର ସର୍ବୋଚ୍ଚ ଉପଯୋଗ ଜିଲ୍ଲାପାଳ, ପୁରୀଙ୍କ ସହିତ ସେୟାର କରିନଥିଲେ । ଦଲିଲକରଣ ଏବଂ ସବିଶେଷ ତଥ୍ୟ ହଜିଥିବା ସତ୍ତ୍ୱେ ତହସିଲଦାର, ପୁରୀ ସରକାରୀ ଜମିର ଏକର ପିଛା 181.50 ଲକ୍ଷ ଟଙ୍କା ବେଞ୍ଚ ମାର୍କ ମୂଲ୍ୟ କରିବର୍ତ୍ତେ ରିହାତି ହାରରେ ଏକର ପ୍ରତି 30 ଲକ୍ଷ ଟଙ୍କାରେ ମଞ୍ଜୁରୀ ପାଇଁ ଉପଜିଲ୍ଲାପାଳଙ୍କୁ ସୁପାରିଶ କରିଥିଲେ (ମାର୍ଚ୍ଚ 2020) । ଆହୁରି ମଧ୍ୟ, ଉପ ଜିଲ୍ଲାପାଳ ଲିଜ୍ ମଞ୍ଜୁର ପାଇଁ ଜିଲ୍ଲାପାଳ, ପୁରୀକୁ ସୁପାରିଶ (ମାର୍ଚ୍ଚ 2020) କରିଥିଲେ । ଆଇଡିସିଓ, ତଥାପି (17 ଜୁନ୍ 2020) ଉପ ଜିଲ୍ଲାପାଳ, ପୁରୀ ଏବଂ ଜିଲ୍ଲାପାଳ ପୁରୀଙ୍କୁ ସୂଚନା ଦେଇଥିଲେ ଯେ, ଏକ ଡିଏଭି ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଜମି ପାଇଁ ଆବେଦନ କରାଯାଇଥିଲା । ଏହିପରି, ଜୁଲାଇ 2008 ରେ ଆର୍‌ଆଣ୍ଡଡିଏମ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା ସ୍ପଷ୍ଟୀକରଣ ଅନୁଯାୟୀ ରିହାତି ହାରରେ ଜମିର ଲିଜ୍ ମଞ୍ଜୁର ଅନୁମୋଦିତ ନଥିଲା, ଯେହେତୁ ଏକକ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ରିହାତି ହାରରେ ଜମି ପାଇଁ ଯୋଗ୍ୟ ନଥିଲେ ।

ଅଡିଟ୍ ଦେଖିଲେ ଯେ ଜିଲ୍ଲାପାଳ, ପୁରୀ ଏହି ତଥ୍ୟର ଅବଗତ ଥିବା ସତ୍ତ୍ୱେ (17 ଜୁନ୍ 2020) ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା, ଯାହାକି ଜୁଲାଇ 2008 ର ଆରଆଣ୍ଡଡିଏମ୍ ବିଭାଗର ସ୍ପଷ୍ଟୀକରଣ ଅନୁଯାୟୀ ରିହାତି ଅନୁଦାନର ଯୋଗ୍ୟତା ନଥିଲା; ଆଇଡିସିଓ ସପକ୍ଷରେ ତହସିଲଦାର ଏବଂ ଉପଜିଲ୍ଲାପାଳଙ୍କ ସୁପାରିଶ ଅନୁଯାୟୀ ରିହାତି ହାରରେ ଲିଜ୍ ଅନୁମୋଦନ (26 ଜୁନ୍ 2020) କରିଥିଲେ । ପରବର୍ତ୍ତୀ ସମୟରେ, ଆଇଡିସିଓ ଆଞ୍ଚଳିକ ନିର୍ଦ୍ଦେଶକ, ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ I, ଭୁବନେଶ୍ୱରଙ୍କ ସପକ୍ଷରେ ଜମି ବଣ୍ଟନ (ଜାନୁଆରୀ 2021) କରିଥିଲା ।

ତେଣୁ, ଶିଳ୍ପ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି ଆଇଡିସିଓକୁ ଶେଷ ଉପଭୋକ୍ତା ବିବରଣୀ ଚିହ୍ନଟ ଏବଂ ଯାଞ୍ଚ ନକରି ସମ୍ଭାବ୍ୟ ହସ୍ତାନ୍ତର ପାଇଁ ଏକକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ରିହାତି ମୂଲ୍ୟରେ ଲିଜ୍ ଦିଆଗଲା, ଯାହା ଏହିପରି ରିହାତି ପାଇବାକୁ ଯୋଗ୍ୟ ନଥିଲା । ଫଳସ୍ୱରୁପ ସରକାର 8.47 କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିଲା ***(ପରିଶିଷ୍ଟ 2.4.1)*** ।

ଏହି ମାମଲା ସରକାରଙ୍କୁ ଜଣାଯାଇଛି (ଜୁଲାଇ 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

## 2.5 ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ ଗୁଡ଼ିକ କାର୍ଯ୍ୟକ୍ଷମ ରହିଥିବା ଦ୍ୱାରା ନିଷ୍କ୍ରିୟ ଖର୍ଚ୍ଚ

**ଜମି ଅଧିଗ୍ରହଣର ସ୍ୱଳ୍ପ ସଂଖ୍ୟକ ମାମଲା ଥାଇ ମଧ୍ୟ 2009-10 ଓ 2020-21 ଆର୍ଥିକ ବର୍ଷ ଗୁଡ଼ିକରେ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ ମାନଙ୍କର କାର୍ଯ୍ୟକ୍ଷମ ରହିବା ହେତୁ 17.58 କୋଟି ଟଙ୍କାର ନିଷ୍କ୍ରିୟ ଖର୍ଚ୍ଚ ।**

ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 50 ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଜମି ଅଧିଗ୍ରହଣ ମାନୁଆଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମା 185 ଅନୁଯାୟୀ, ଯେତେବେଳେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା କମ୍ପାନୀ ଦ୍ୱାରା ନିୟନ୍ତ୍ରିତ ଅଥବା ପରିଚାଳିତ ପାଣ୍ଠିରୁ ଜମି ଅଧିଗ୍ରହଣ ଖର୍ଚ୍ଚ ବହନ କରାଯାଏ, ସେତେବେଳେ ଜମି ଅଧିଗ୍ରହଣର ଦେୟ[28] ଉକ୍ତ ପାଣ୍ଠିରୁ ବା ଉକ୍ତ କମ୍ପାନୀ ଦ୍ୱାରା ପୈଠ କରାଯିବ । ତେଣୁ, କମ୍ପାନୀ ଗୁଡ଼ିକ କିମ୍ବା

---

[27] ଗ୍ରାମ ସମଙ୍ଗ, ଖାତା ସଂଖ୍ୟା. 3206, ପ୍ଲଟ୍ ନମ୍ବର. 1973, ଶାସନ ଦାମୋଦରପୁର ଆର୍ ଆଇ କ୍ଷେତ୍ର ପୁରୀ ତହସିଲ ଅଧିନ; ପାଞ୍ଚ ଏକର, 30.650 ଏକର ମଧ୍ୟରୁ

[28] (i) ଦେୟ ମଧ୍ୟରେ ଜମି ଅଧିଗ୍ରହଣ ଅଧିକାରୀ ଏବଂ ତାଙ୍କ ପ୍ରତିଷ୍ଠାନର ଦରମା ଏବଂ ଭ୍ରମଣ ଭତ୍ତା,(ii) ପ୍ରତିଷ୍ଠାନର ପେନସନ୍‌ଭୋଗୀ ସଦସ୍ୟଙ୍କ ତ୍ରୁଟି ଏବଂ ପେନ୍‌ସନ୍ ବ୍ୟୟ ଏବଂ (iii) ଫର୍ମ ମୂଲ୍ୟ, ଷ୍ଟେସନାରୀ ମୂଲ୍ୟ ଏବଂ ଆଇନଗତ ଦେୟ ଅନ୍ତର୍ଭୁକ୍ତ

ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରିତ କିମ୍ବା ପରିଚାଳିତ ପାଣ୍ଠିରୁ କରାଯାଉଥିବା ସମସ୍ତ ଜମି ଅଧିଗ୍ରହଣରେ ଏହି ଦେୟସବୁ ପୃଥକ ଭାବରେ ଆକଳନ କରାଯିବା ଆବଶ୍ୟକ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଧାରଣ କରିଥିଲେ (ଅକ୍ଟୋବର 2002) ଯେ, ଜମି ହରାଉଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯିବାକୁ ଥିବା ଓ ଆକଳନ କରାଯାଇଥିବା କ୍ଷତିପୂରଣ ମୂଲ୍ୟର 20 ପ୍ରତିଶତ/ 10 ପ୍ରତିଶତ[29] ଜମି ଅଧିଗ୍ରହଣ ଦେୟ ଆଦାୟ କରାଯିବ ।

ତିନିଟି ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ (ଏସ୍‌ଏଲ୍‌ଏଓ) (ଅକ୍ଟୋବର ଏବଂ ନଭେମ୍ବର 2018) ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ଅଗଷ୍ଟ 2021)ର ରେକର୍ଡ ଗୁଡିକର ଯାଞ୍ଚରୁ ଜଣାଗଲା ଯେ ଏହି ତିନିଟି ଏସ୍‌ଏଲ୍‌ଏଓ (ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ) କେବଳ ତିନିଟି କେନ୍ଦ୍ରିୟ ପବ୍ଲିକ ସେକ୍ଟର ଉଦ୍ୟୋଗ (ସିପିଏସ୍‌ୟୁ) ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସ୍ୱତନ୍ତ୍ରଭାବେ ପ୍ରତିଷ୍ଠିତ ହୋଇଥିଲା । 2009-10 ଆର୍ଥିକ ବର୍ଷରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ପ୍ରତ୍ୟେକ ଏସ୍‌ଏଲ୍‌ଏଓ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଜମି ଅଧିଗ୍ରହଣ ମାମଲା, ହୋଇଥିବା ପ୍ରତିଷ୍ଠାନ ଖର୍ଚ୍ଚ(ଇସି) ଏବଂ ଆଦାୟ କରାଯାଇଥିବା ଖର୍ଚ୍ଚର ସବିଶେଷ ବିବରଣୀ ନିମ୍ନ **ସାରଣୀ 2.5.1** ରେ ଦର୍ଶାଯାଇଛି ।

***ସାରଣୀ 2.5.1: ଆର୍ଥିକ ବର୍ଷ 2009-10 ରୁ 2020-21 ମଧ୍ୟରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ପ୍ରତିଷ୍ଠାନ ଗୁଡିକର ପରିଚାଳନା ହାର ଏବଂ ଅସୁଲ କରାଯାଇଥିବା ଇସିର ପରିମାଣ***

| ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ ଏସ୍‌ଏଲ୍‌ଏଓ | ଅବସ୍ଥାପିତ ଅଧିକାରୀଙ୍କ ସଂଖ୍ୟା | 2009-2021 ମଧ୍ୟରେ ପରିଚାଳିତ ସଂଖ୍ୟା | 2009-2021 ମଧ୍ୟରେ କରାଯାଇଥିବା ପ୍ରତିଷ୍ଠାନ ଖର୍ଚ୍ଚ | 2009-2021 ମଧ୍ୟରେ ଆଦାୟ ପ୍ରତିଷ୍ଠାନ ଖର୍ଚ୍ଚ | ଆଦାୟ କରାଯାଇ ନଥିବା ପ୍ରତିଷ୍ଠାନ ଖର୍ଚ୍ଚ |
|---|---|---|---|---|---|
| | | | *(ସଂଖ୍ୟା ଗୁଡ଼ିକ ଲକ୍ଷ ଟଙ୍କାରେ)* | | |
| ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଏସ୍‌ଏଲ୍‌ଏଓ, ନାଲ୍‌କୋ, ଅନୁଗୁଳ | 10 | 0 | 421.31 | 0 | 421.31 |
| ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଏସ୍‌ଏଲ୍‌ଏଓ, ଏନ୍‌ଟିପିସି, ଅନୁଗୁଳ | 13 | 5[30] | 430.37 | 191.06 | 239.31 |
| ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଏସ୍‌ଏଲ୍‌ଏଓ, ଏମ୍‌ସିଏଲ୍, ଅନୁଗୁଳ | 30 | 0 | 1,096.91 | 0 | 1,096.91 |
| ମୋଟ | **53** | **5** | **1,948.59** | **191.06** | **1,757.53** |

***(ଉତ୍ସ: ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ ଗୁଡ଼ିକର ରେକର୍ଡ)***

ଉପର ସାରଣୀରୁ ଦେଖାଗଲା ଯେ, ଗତ 12 ବର୍ଷ ମଧ୍ୟରେ (ଯଥା-2009-10 ରୁ 2020-21 ଆର୍ଥିକ ବର୍ଷରେ), ତିନୋଟି ଏସ୍‌ଏଲ୍‌ଏଓ ମଧ୍ୟରୁ କେବଳ ଗୋଟିକରେ ପାଞ୍ଚଟି ଜମି ଅଧିଗ୍ରହଣ ମାମଲା ଆରମ୍ଭ ହୋଇଥିଲା । ସିପିଏସ୍‌ୟୁ ଗୁଡ଼ିକରୁ ଆଦାୟ କରାଯାଇଥିବା ପ୍ରତିଷ୍ଠାନ ଖର୍ଚ୍ଚ, ଏସ୍‌ଏଲ୍‌ଏଓ ପାଇଁ କରାଯାଇଥିବା ଖର୍ଚ୍ଚ ଠାରୁ 17.58 କୋଟି ଟଙ୍କା କମ୍ ଥିଲା, ଯାହା ରାଜ୍ୟ ସରକାର ବହନ କରିଥିଲେ ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ମଧ୍ୟ ନିମ୍ନମତେ ଉଲ୍ଲେଖ କରିଛନ୍ତି:

- ***ଏସ୍‌ଏଲ୍‌ଏଓ, ନାଲ୍‌କୋ, ଅନୁଗୁଳ:*** ଓଡ଼ିଶା ସରକାର ଏବଂ ନାଲ୍‌କୋ[31], ପରସ୍ପର ସହମତି ହୋଇଥିଲେ ଯେ, ପ୍ରତିଷ୍ଠାନର ପ୍ରକୃତ ଖର୍ଚ୍ଚ ନାଲ୍‌କୋ ବହନ କରିବ । ସେହି ଅନୁଯାୟୀ, 1994 ମସିହା ସୁଦ୍ଧା ନାଲ୍‌କୋ ଆର୍ଥିକ ବର୍ଷ 1981-82 ରୁ 1992-93 ଆର୍ଥିକ ବର୍ଷ ପାଇଁ 60.00 ଲକ୍ଷ ଟଙ୍କା ଜମା

[29] 20 ପ୍ରତିଶତ ସରକାରୀ ବିଭାଗ, କମ୍ପାନୀ, ନିଗମ ଏବଂ ସ୍ଥାନୀୟ ସଂସ୍ଥା ଇତ୍ୟାଦି, 10 ପ୍ରତିଶତ: ସ୍ୱତନ୍ତ୍ର ଜମି ଅଧିଗ୍ରହଣ ପ୍ରତିଷ୍ଠାନର ଖର୍ଚ୍ଚ ବହନ କରୁଥିବା ସଂସ୍ଥା ଏବଂ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ ମାଧ୍ୟମରେ ଜମି ଅଧିଗ୍ରହଣ କରୁଥିବା କମ୍ପାନୀ/ ସଂସ୍ଥା

[30] ଏଥି ମଧ୍ୟରୁ ତିନୋଟି ମାମଲା ଡ୍ରପ୍ ହୋଇଥିଲା

[31] 8 ଜୁଲାଇ 1981, ରେ ଓଡ଼ିଶା ସରକାରଙ୍କ କମିଶନର-ତଥା-ସଚିବ ଶିଳ୍ପ ବିଭାଗ ଅଧକ୍ଷଣରେ ଅନୁଷ୍ଠିତ ବୈଠକର ବିବରଣୀ ଅନୁଯାୟୀ

କରିଥିଲେ । ଏହାପରେ ଏସ୍‌ଏଲ୍‌ଏଓ ଦ୍ୱାରା କୌଣସି ଜମି ଅଧିଗ୍ରହଣ ମାମଲା ପରିଚାଳିତ ହୋଇ ନଥିଲା । ତେଣୁ, କିଛି କାର୍ଯ୍ୟନଥିବା ସତ୍ତ୍ୱେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ ଚାଲିବା ଯଥାର୍ଥ ନଥିଲା ।

- ***ଏସ୍‌ଏଲ୍‌ଏଓ, ଏନ୍‌ଟିପିସି, ଅନୁଗୁଳ:*** ଏସ୍‌ଏଲ୍‌ଏଓ ର ପ୍ରତିଷ୍ଠାନ ଖର୍ଚ୍ଚ ଆର୍‌ଆଣ୍ଡଡିଏମ୍ ବିଭାଗ ଦ୍ୱାରା 1987 ମସିହାରୁ ବହନ କରିଆସୁଥିଲା, ଅର୍ଥାତ୍ ଏସ୍‌ଏଲ୍‌ଏଓ ପ୍ରତିଷ୍ଠା ଦିନ ଠାରୁ । ଏସ୍‌ଏଲ୍‌ଏଓ ଜମି ହରାଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯିବାକୁ ଥିବା କ୍ଷତିପୂରଣ ରାଶିର 15 ପ୍ରତିଶତ ହାରରେ, ଏନ୍‌ଟିପିସି ଠାରୁ 2.88 କୋଟି ଟଙ୍କା (ଫେବୃୟାରୀ 2005 ପର୍ଯ୍ୟନ୍ତ) ପ୍ରତିଷ୍ଠାନ ଖର୍ଚ୍ଚ ଆଦାୟ କରିଥିଲେ । ଏହାପରେ, 2012-13 ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ କୌଣସି ଜମି ଅଧିଗ୍ରହଣ ମାମଲା ଦାଖଲ କରାଯାଇ ନଥିଲା । 2013-14 ରୁ 2017-18 ଆର୍ଥିକ ବର୍ଷ ମଧ୍ୟରେ କେବଳ ପାଞ୍ଚଟି ମାମଲା ଆରମ୍ଭ ହୋଇଥିଲା, ଯାହା ମଧ୍ୟରୁ ତିନିଟି ରଦ୍ଦ ହୋଇଥିଲା । ଏସ୍‌ଏଲ୍‌ଏଓ, 2009-10 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ଇସି ବାବଦକୁ 1.91 କୋଟି ଟଙ୍କା ଆଦାୟ କରିଥିଲେ । ଏସ୍‌ଏଲ୍‌ଏଓ ଦ୍ୱାରା ପରିଚାଳିତ ସ୍ୱଳ୍ପ ସଂଖ୍ୟକ ଜମି ଅଧିଗ୍ରହଣ ମାମଲା ବିଚାରକୁ ନେଇ, କେବଳ ଏନ୍‌ଟିପିସି ପାଇଁ ଜମି ଅଧିଗ୍ରହଣ ନିମିତ୍ତ, ଏସ୍‌ଏଲ୍‌ଏଓ ଚାଲୁ ରଖିବା ଆବଶ୍ୟକ ନଥିଲା ଯେହେତୁ କମ୍ ସଂଖ୍ୟକ ଜମି ଅଧିଗ୍ରହଣ ମାମଲା ସଂପୃକ୍ତ ତହସିଲଦାର ମାନଙ୍କ ଦ୍ୱାରା ପରିଚାଳନା କରାଯାଇପାରିଥାନ୍ତା ।
- ***ଏସ୍‌ଏଲ୍‌ଏଓ, ଏମ୍‌ସିଏଲ୍, ଅନୁଗୁଳ:*** ଏହି ଏସ୍‌ଏଲ୍‌ଏଓ 1983 ରେ ପ୍ରତିଷ୍ଠା କରାଯାଇଥିଲା । ଏମ୍‌ସିଏଲ୍ ସହିତ ହୋଇଥିବା ବୁଝାମଣା; ଇସି ବାବଦରେ ଆଦାୟ ହୋଇଥିବା ରାଶି; ପରିଚାଳନା କରାଯାଇଥିବା ମାମଲା ସଂଖ୍ୟା ଇତ୍ୟାଦି, ଦର୍ଶାଉଥିବା ରେକର୍ଡ଼ଗୁଡ଼ିକ ଏସ୍‌ଏଲ୍‌ଏଓରେ ଉପଲବ୍ଧ ନଥିଲା । ଅବଶ୍ୟ, ଅଡିଟ୍‌ରୁ ଜଣାଗଲା ଯେ 2007 ମସିହା ପରଠାରୁ ଏସ୍‌ଏଲ୍‌ଏଓ ଦ୍ୱାରା କୌଣସି ଜମି ଅଧିଗ୍ରହଣ ମାମଲା ପରିଚାଳିତ ହୋଇ ନଥିଲା ଏବଂ ସେବେଠାରୁ ଇସି ବାବଦକୁ କୌଣସି ରାଶି ଆଦାୟ କରାଯାଇ ନଥିଲା । ଜମି ଅଧିଗ୍ରହଣ ମାମଲା ସମ୍ବନ୍ଧୀୟ କୌଣସି କାର୍ଯ୍ୟ ନଥାଇ, ପ୍ରତିଷ୍ଠାନ ଚାଲୁ ରଖି, ନିଷ୍କ୍ରିୟ ଖର୍ଚ୍ଚ କରିବା, ଯଥାର୍ଥ ନଥିଲା ।

ଉପରୁ ଏହା ପ୍ରମାଣିତ ହେଲା ଯେ, ଜମି ଅଧିଗ୍ରହଣ ଆବଶ୍ୟକତା ନଥାଇ ଏବଂ ସ୍ୱଳ୍ପ ସଂଖ୍ୟାକ ମାମଲା ଥାଇ, ପ୍ରକଳ୍ପ ନିର୍ଦ୍ଦିଷ୍ଟ ଏସ୍‌ଏଲ୍‌ଏଓ ଗୁଡ଼ିକର କାର୍ଯ୍ୟ ଚାଲୁ ରହିଥିଲା । ଏହିପରି 2009-10 ରୁ 2020-21 ଆର୍ଥିକ ବର୍ଷରେ କୌଣସି ବିଶେଷ କାର୍ଯ୍ୟ ନଥାଇ ଏସ୍‌ଏଲ୍‌ଏଓ ଗୁଡ଼ିକ ଚାଲୁ ରହିଥିଲା, ଫଳରେ 17.58 କୋଟି ଟଙ୍କାର ନିଷ୍କ୍ରିୟ ଖର୍ଚ୍ଚ ହୋଇଥିଲା । ଯେପର୍ଯ୍ୟନ୍ତ, ଏହାର କର୍ମଚାରୀ ମାନଙ୍କୁ ଲାଭଜନକ ଉଦ୍ଦେଶ୍ୟରେ ନିୟୋଜିତ କରି ଏସ୍‌ଏଲ୍‌ଏଓ ପ୍ରତିଷ୍ଠାନ ଗୁଡ଼ିକ ଯୁକ୍ତିଯୁକ୍ତ ହୋଇ ନାହାନ୍ତି, ସେପର୍ଯ୍ୟନ୍ତ ନିଷ୍କ୍ରିୟ ଖର୍ଚ୍ଚ ଜାରି ରହିବ ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ଅକ୍ଟୋବର 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

## 2.6 10.35 କୋଟି ଟଙ୍କାର ସରକାରୀ ଦେୟର ସ୍ୱଳ୍ପ ଆଦାୟ

**ଖଣିରୁ ପଥର ଉତ୍ତୋଳନ ଉପରେ ରୟାଲିଟି ଏବଂ ଅନ୍ୟାନ୍ୟ ଦେୟ ଆଦାୟରେ ଓଏମ୍‌ଏମ୍‌ସି ନିୟମ, 2016 କୁ ପାଳନ ନକରିବା, ବକେୟା ଦେୟ ଉପରେ ସୁଧ ଆଦାୟ ନହେବା ଫଳରେ 10.35 କୋଟି ଟଙ୍କାର ସରକାରୀ ଦେୟର ସ୍ୱଳ୍ପ ଆଦାୟ ।**

ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମ୍‌ଏମ୍‌ସି) ନିୟମ, 2016[32] ର ନିୟମ 32(3) ରେ ବ୍ୟବସ୍ଥା ରହିଛି ଯେ କୌଣସି ମାମଲାରେ ଗ୍ରାଉଣ୍ଡ ରେଟ୍, ଡେଡ୍ ରେଣ୍ଟ କିମ୍ବା ରୟାଲିଟି ସହିତ ଜଣେ ଲିଜ୍‌ଧାରୀ, ଜିଲ୍ଲା ଖଣିଜ ଫାଉଣ୍ଡେସନ୍ (ଡିଏମ୍‌ଏଫ୍) କୁ ପ୍ରଦାନ କରାଯାଇଥିବା ଅବଦାନ ପରିମାଣ ଏବଂ ପରିବେଶ ପରିଚାଳନା ପାଣ୍ଠି[33]

[32] ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମ, 1957 (ଏକ କେନ୍ଦ୍ରୀୟ ଅଧିନିୟମ) ଅଧିନରେ ବ୍ୟବସ୍ଥିତ କରାଯାଇଥିଲା

[33] ନିୟମ 26(6) ଅନୁଯାୟୀ, ଡିଏମ୍‌ଏଫ୍ ଓ ଇଏମ୍‌ଏଫ୍ କୁ ଅନୁଦାନ ହାର ଯାଥାକ୍ରମେ ରୟାଲ୍‌ଟି ଓ ଅତିରିକ୍ତ ଦେୟର 5 ପ୍ରତିଶତ ଓ 10 ପ୍ରତିଶତ ଥିଲା

(ଇଏମ୍ଏଫ୍)କୁ ଆଗୁଆ ପ୍ରଦାନ କରାଯାଉଥିବା ଅବଦାନ ପରିମାଣ, ବାର୍ଷିକ ଭିତ୍ତିରେ ସର୍ବନିମ୍ନ ନିଶ୍ଚିତ ପରିମାଣ (ଏମ୍‌ଜିକ୍ୟୁ) ଉପରେ ଅତିରିକ୍ତ ଦେୟ[34] ଦେବାକୁ ଦାୟୀ ରହିବେ ଯଦି ପ୍ରକୃତ ଉତ୍ତୋଳନ ସେହି ପରିମାଣରୁ କମ୍ ହୋଇଯାଏ । ଓଏମ୍ଏମ୍‌ସି ନିୟମ, 32 (4) ଉଲ୍ଲେଖ କରେ, ପ୍ରକୃତ ଉତ୍ତୋଳନ ଏମ୍‌ଜିକ୍ୟୁ ପରିମାଣ ଠାରୁ ଅଧିକ ହୁଏ, ରୟାଲିଟି, ଅତିରିକ୍ତ ଚାର୍ଜ, ଡିଏମ୍ଏଫ୍ ଏବଂ ଇଏମ୍ଏଫ୍ କୁ ପ୍ରଦାନ କରାଯାଉଥିବା ଅନୁଦାନ ପରିମାଣକୁ ପ୍ରୋରାଟା ଆଧାରରେ ପ୍ରଦାନ କରିବା ପରେ ହିଁ ଲିଜ୍ ଅଞ୍ଚଳରୁ ଏଭଳି ଖଣିଜ ପଦାର୍ଥକୁ ହଟାଇ ଦିଆଯାଇ ପାରିବ । ଆହୁରି ମଧ ଯଦି ସରକାରଙ୍କୁ ପ୍ରଦାନ କରାଯାଉଥିବା ସମସ୍ତ ଦେୟ ବକେୟା ରହିବ, ତେବେ ଓଏମ୍ଏମ୍‌ସି ନିୟମର ନିୟମ 62 ଅନୁଯାୟୀ ଜମି ରାଜସ୍ୱର ବକେୟା ଭାବରେ ଆଦାୟ କରାଯିବ । ନିୟମ 47 ର ନିୟମ ଧାର୍ଯ୍ୟ କରିଛି ଯେ, ଯଦି ଲିଜ୍‌ଧାରୀ, ଏହି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ରୟାଲିଟି, ଭଡ଼ା, ଶୁଳ୍କ କିମ୍ବା ତାଙ୍କ ଦ୍ୱାରା ପ୍ରଦାନ କରିବାକୁ ଥିବା କୌଣସି ରାଶି ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ ସେହି ବକେୟା ଦେୟ ଉପରେ ବାର୍ଷିକ 24 ପ୍ରତିଶତ ହାରରେ ସରଳ ସୁଧ ଆଦାୟ କରାଯିବ ଯେପର୍ଯ୍ୟନ୍ତ ସେହି ଦେୟ ପ୍ରଦାନ ନ ହୋଇଛି ।

ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ତହସିଲରେ ପରୀକ୍ଷା ଯାଞ୍ଚ ହୋଇଥିବା ପଥର ଖଣି ଲିଜ୍ ମାମଲା (ଡିସେମ୍ବର 2021) ରେ ଅଡିଟ୍ ତିନୋଟି ମାମଲାରେ ନିମ୍ନଲିଖିତ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲା:

### *(କ) ସରକାରୀ ବକେୟା ଓ ସୁଧର କମ୍ ଆଦାୟ: 5.19 କୋଟି ଟଙ୍କା*

ବାଙ୍ଗିରିପୋଷି ତହସିଲ ଅଧିନରେ ଥିବା ମୁନ୍ଧାବାଣୀ ପଥର ଖଣି-II ର ନିଲାମ (ଫେବୃଆରୀ 2015) କରାଯାଇଥିଲା ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ଘନମିଟର ପ୍ରତି 137 ଟଙ୍କା ହିସାବରେ ଆର୍ଥିକ ବର୍ଷ 2016-17 ରୁ ଆର୍ଥିକ ବର୍ଷ 2020-21 ପର୍ଯ୍ୟନ୍ତ, ପାଞ୍ଚ ବର୍ଷ ପାଇଁ ରୟାଲିଟି ସହିତ ସ୍ଥିର କରାଯାଇଥିଲା । କେନ୍ଦୁଝରର ଭୂତତ୍ତ୍ୱ ବିଜ୍ଞାନୀ ଖଣି ଯୋଜନାକୁ ଅନୁମୋଦନ କରିଥିଲେ (ଅଗଷ୍ଟ 2015) ଏବଂ ଏମ୍‌ଜିକ୍ୟୁକୁ 5,27,187.20 ଘନ ମିଟରରେ ଧାର୍ଯ୍ୟ କରି ଲିଜ୍ ଡିଡ୍ କାର୍ଯ୍ୟକାରୀ (ନଭେମ୍ବର 2016) କରାଯାଇଥିଲା । ସେହି ଅନୁସାରେ ତହସିଲଦାର, ବାଙ୍ଗିରିପୋଷୀ ଏମ୍‌ଜିକ୍ୟୁ ଆଧାରରେ 8.87 କୋଟି ଟଙ୍କାର ଦାବି ଉଠାଇଥିଲେ (ନଭେମ୍ବର 2016)। ସେଥିମଧ୍ୟରୁ ଲିଜ୍‌ଧାରୀ 5.48 କୋଟି ଟଙ୍କା ପୈଠ କରିଥିଲେ (ଜୁନ୍ 2015 ରୁ ଅପ୍ରେଲ 2021 ମଧ୍ୟରେ) ଏବଂ ବାକି 3.39 କୋଟି ଟଙ୍କା ବକେୟା ରଖିଥିଲେ । ପରବର୍ତ୍ତୀ ସମୟରେ ବାରିପଦା ସର୍କଲର ଖଣି ଅଧିକାରୀ ଖଣି ଯୋଜନାରେ ଏମ୍‌ଜିକ୍ୟୁକୁ 4,57,867.675 ଘନ ମିଟରରେ ସଂଶୋଧନ (ମାର୍ଚ୍ଚ 2020) କରିଥିଲେ । ତଥାପି ସଂଶୋଧିତ ଏମ୍‌ଜିକ୍ୟୁ ଆଧାରରେ ତହସିଲଦାର ନୂଆ ଦାବି ଉଠାଇ ନଥିଲେ । ଏହା ତୁଳନାରେ ବାସ୍ତବ ଉତ୍ତୋଳନ ପରିମାଣ 4,99,228.20 ଘନ ମିଟର ଥିଲା ଏବଂ ଲିଜ୍‌ଧାରୀଙ୍କୁ 8.38 କୋଟି ଟଙ୍କା[35] ଜମା କରିବାକୁ ଉତ୍ତରଦାୟୀ ଥିଲେ । ତେବେ ଲିଜ୍‌ଧାରୀ 2021 ନଭେମ୍ବର ସୁଦ୍ଧା 2.90 କୋଟି ଟଙ୍କା ବକେୟା ଦେୟ ରଖି 5.48 କୋଟି ଟଙ୍କା ଜମା କରିଥିଲେ । ଲିଜ୍‌ଧାରୀ ବକେୟା ଅବଶେଷ ଜମା ଉପରେ ସୁଧ ଦେବାକୁ ଦାୟୀଥିଲେ, ଯାହାକି 2.29 କୋଟି ଟଙ୍କା (ନଭେମ୍ବର 2021 ସୁଦ୍ଧା) ବୋଲି ଜଣାପଡ଼ିଥିଲା । ତେଣୁ, ବକେୟା ଦେୟ ଏବଂ ତା ଉପର ବକେୟା ସୁଧ ଆଦାୟ ନହେବା ଫଳରେ 5.19 କୋଟି ଟଙ୍କା (2.90 କୋଟି ଏବଂ ସୁଧ 2.29 କୋଟି ଟଙ୍କା) ସରକାରୀ ରାଜସ୍ୱ ଆଦାୟ ହୋଇପାରି ନଥିଲା ।

### *(ଖ) ଲଘୁ ଖଣିଜ ପଦାର୍ଥର ଅତ୍ୟଧିକ ଉତ୍ତୋଳନ ଓ ସରକାରୀ ଦେୟ ଆଦାୟ ନହେବା: 4.02 କୋଟି ଟଙ୍କା*

ମୁନ୍ଧାବାଣୀ ପଥର ଖଣି (ଟିଏମ୍‌ସି ସଂଖ୍ୟା.03/2015-16) ର ନିଲାମ କରାଯାଇଥିଲା (ମାର୍ଚ୍ଚ 2015) ଏବଂ ଆର୍ଥିକ ବର୍ଷ 2016-17 ରୁ 2020-21 ଅବଧି ପାଇଁ ରୟାଲିଟି ହାର କ୍ୟୁବିକ୍ ମିଟର ପ୍ରତି 137 ଟଙ୍କା ସହ ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ସ୍ଥିର କରାଯାଇଥିଲା । ଏହି ଅବଧି ପାଇଁ 1,04,824 ଘନ ମିଟରରେ ଏମ୍‌ଜିକ୍ୟୁ ସହିତ ଖଣି ଯୋଜନା ଚୂଡ଼ାନ୍ତ ହୋଇଥିଲା । ଉତ୍ପାଦନ ପରିମାଣ ବିରୁଦ୍ଧରେ ଲିଜ୍‌ଧାରୀ ସମସ୍ତ ସରକାରୀ

---

[34] ସର୍ବନିମ୍ନ ଅତିରିକ୍ତ ଦେୟ ସରକାର ରୟାଲିଟି 5 ପ୍ରତିଶତରେ ସ୍ଥିର କରିଛନ୍ତି । ଓଏମ୍ଏମ୍‌ସି ନିୟମ, 2016 ର ନିୟମ 27 (5) ପ୍ରଦାନ କରି ଯେ, ଏହି ନିୟମର ନିୟମାବଳୀ ଅନୁଯାୟୀ, ଅତିରିକ୍ତ ଦେୟର ସର୍ବୋଚ୍ଚ ହାର ଉଦ୍ଧୃତ କରିଥିବା ଆବେଦନକାରୀଙ୍କ ସପକ୍ଷରେ ଖଣି ଲିଜ୍ ପ୍ରଦାନ କରାଯିବ

[35] ଜିଲ୍ଲାପାଳ, ମୟୁରଭଞ୍ଜଙ୍କ ଦ୍ୱାରା ଅଡିଟକୁ ପ୍ରଦତ୍ତ ସୂଚନା ଅନୁଯାୟୀ

ଦେୟ ଜମା କରିଥିଲେ । ତେବେ, ଖଣି ଅଧିକାରୀ, ଭୂତତ୍ତ୍ୱବିତ୍ ଓ ତହସିଲଦାର, ବାଙ୍ଗିରିପୋଷିର ମିଳିତ ଟିମର ମୂଲ୍ୟାୟନ (ଜୁଲାଇ 2021) ଅନୁଯାୟୀ ଲିଜ୍ ଅବଧି ମଧ୍ୟରେ ଲିଜ୍‌ଧାରୀ 3,17,514.56 ଘନ ମିଟର ପଥର ଉତ୍ତୋଳନ କରିଥିଲେ ଯାହାକି ଧାର୍ଯ୍ୟ ସୀମା 1,04,824 ଘନ ମିଟର ଠାରୁ 2,12,690.56 ଘନ ମିଟର ଅଧିକ ଥିଲା । ତଦନୁଯାୟୀ, ତହସିଲଦାର, ବାଙ୍ଗିରିପୋଷୀ ଅଧିକ ଉତ୍ତୋଳନ ପାଇଁ ଲିଜ୍‌ଧାରୀଙ୍କ ବିରୁଦ୍ଧରେ 3.47 କୋଟି ଟଙ୍କାର ଦାବି ଉଠାଇଥିଲେ (ସେପ୍ଟେମ୍ବର 2021) । ଅତିରିକ୍ତ ଉତ୍ତୋଳନ ପାଇଁ ବକେୟା ଅର୍ଥ ଅଡିଟ୍ ତାରିଖ ପର୍ଯ୍ୟନ୍ତ ଅନାଦାୟ ଥିଲା । ଏତଦ୍ ବ୍ୟତୀତ, ବକେୟା ଦେୟ ଉପରେ ସୁଧ ପ୍ରଦାନ ପାଇଁ ତହସିଲଦାର କୌଣସି ଦାବି ଉଠାଇନଥିଲେ, ଯାହାର ପରିମାଣ 55.46 ଲକ୍ଷ ଟଙ୍କା[36] । ଏହିପରି, ସରକାରୀ ବକେୟା ସହିତ 4.02 କୋଟି ଟଙ୍କାର ସୁଧ (ବକେୟା 3.47 କୋଟି ଟଙ୍କା ଏବଂ ସୁଧ 0.55 କୋଟି ଟଙ୍କା) ଆଦାୟ ହୋଇପାରି ନଥିଲା । ତହସିଲଦାର, ବାଙ୍ଗିପିପୋଷୀ ଉତ୍ତର ଦେଲେ (ମଇ 2023) ଯେ, ବକେୟା ରାଶି 3.47 କୋଟି ଟଙ୍କା ଆଦାୟ ହୋଇଯାଇଛି ଏବଂ 0.55 କୋଟି ଟଙ୍କାର ସୁଧ ପାଇଁ ଦାବି ପତ୍ର ପଠାଯାଇଛି ।

### *(ଗ) ସରକାରୀ ଦେୟ ଏବଂ ତା ଉପରେ ସୁଧ ଜମା ନକରିବା : 1.14 କୋଟି ଟଙ୍କା*

କୁମ୍ଭାରମୁଣ୍ଡାକଟା ପଥର ଖଣି-II ନିଲାମ ହୋଇଥିଲା (ମାର୍ଚ୍ଚ 2015) ଏବଂ ପାଞ୍ଚ ବର୍ଷ ପାଇଁ (ଆର୍ଥିକ ବର୍ଷ 2015-16 ରୁ 2019-20) 94,920 ଘନ ମିଟର ଏମ୍‌ଜିକ୍ୟୁ[37] ସହିତ ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ସ୍ଥିର ହୋଇଥିଲା । ତଦନୁଯାୟୀ, ଖଣି ଯୋଜନାକୁ ଅନୁମୋଦନ (ଜୁନ୍ 2015) ଦିଆଯାଇଥିଲା ଏବଂ ଲିଜ୍ ଡିଡ୍ (ଫେବୃଆରୀ 2016) ରେ କାର୍ଯ୍ୟକାରୀ କରାଯାଇଥିଲା । ଅଡିଟରୁ ଲକ୍ଷ୍ୟ କରାଗଲା ଯେ 148.15 ଲକ୍ଷ ଟଙ୍କାର ଦାବି ଥିବା ବେଳେ ଲିଜ୍‌ଧାରୀ ମାତ୍ର 91.16 ଲକ୍ଷ ଟଙ୍କା ଜମା (2019 ଫେବୃଆରୀ ସୁଦ୍ଧା) କରିଥିଲେ । ତେବେ ତହସିଲଦାର ବାଙ୍ଗିରିପୋଷୀ 56.99 ଲକ୍ଷ ଟଙ୍କା ବକେୟା ଦେୟ ବାବଦରେ ସୁଧ ଦେୟ ଦାବି କରିନଥିଲେ, ଯାହାକି 36.50 ଲକ୍ଷ ଟଙ୍କା[38] ବୋଲି ଆକଳନ କରାଯାଇଥିଲା । ତେଣୁ, ଲିଜ୍‌ଧାରୀ ବକେୟା ଦେୟ ଏବଂ ତା'ଉପରେ ସୁଧ ବାବଦରେ 93.49 ଲକ୍ଷ ଟଙ୍କା ଦେବାକୁ ଉତ୍ତରଦାୟୀ ଥିଲେ ।

ଅଡିଟ୍ ଆହୁରି ମଧ୍ୟ ଦେଖିଲା ଯେ ବାରିପଦା ଖଣି ଅଧିକାରୀଙ୍କ ସହ ତହସିଲଦାର, ବାଙ୍ଗିରିପୋଷୀର ଅଧିକାରୀମାନେ ମିଳିତ କ୍ଷେତ୍ର ଯାଞ୍ଚ (ଅଗଷ୍ଟ 2018) କରିଥିଲେ ଏବଂ ଆକଳନ କରିଥିଲେ ଯେ ଲିଜ୍‌ଧାରୀ 67,146 ଘନମିଟର ଉତ୍ତୋଳନ କରିଥିଲେ । ଅନୁମୋଦିତ ଖଣି ଯୋଜନା ଅନୁଯାୟୀ, 2015-16 ରୁ 2017-18 ଆର୍ଥିକ ବର୍ଷ ଅବଧିରେ ଏମ୍‌ଜିକ୍ୟୁ 55,500 ଘନମିଟର ଥିଲା । ଏହିପରି ଭାବରେ, ଉତ୍ତୋଳନ କରାଯାଇଥିବା ପରିମାଣ ଅନୁମୋଦିତ ପରିମାଣ ଠାରୁ 11,646 ଘନମିଟର ଅଧିକ ଥିଲା । ଏହିଭଳି ଅତ୍ୟଧିକ ଉତ୍ତୋଳନ ହେତୁ, ଲିଜ୍‌ଧାରୀ 19.79 ଲକ୍ଷ ଟଙ୍କାର ରୟାଲିଟି ଏବଂ ଅନ୍ୟାନ୍ୟ ସରକାରୀ ବକେୟା ପଇଠ କରିବାକୁ ଉତ୍ତରଦାୟୀ ଥିଲେ ।

ଯାହାହେଉ, ତହସିଲଦାର, ବାଙ୍ଗିରିପୋଷୀ ବକେୟା ଦେୟ ଉପରେ ସୁଧ ଏବଂ ଖଣିରୁ ଅଧିକ ପଥର ଉତ୍ତୋଳନ ପାଇଁ କୌଣସି ଦାବି ଉପସ୍ଥାପନ କରିନଥିଲେ, ଯାହାଫଳରେ, ସରକାରୀ ବକେୟା ଏବଂ ତା'ଉପରେ ସୁଧ ବାବଦରେ 1.14 କୋଟି ଟଙ୍କା (ବକେୟା ଦେୟ: 0.57 କୋଟି ଟଙ୍କା, ଅଧିକ ଉତ୍ତୋଳନ ପାଇଁ ଦାବି ନ ଉଠାଇବା: 0.20 କୋଟି ଟଙ୍କା ଏବଂ ସୁଧ: 0.37 କୋଟି ଟଙ୍କା) ଆଦାୟ ହୋଇପାରିନଥିଲା ।

ଏହିପରି ଭାବରେ, ଓଏମ୍‌ଏମ୍‌ସି ନିୟମାବଳୀର ଅବମାନନା କରି ତିନୋଟି ଲିଜ୍ ମାମଲାରେ ଲିଜ୍‌ଧାରୀଙ୍କ ଠାରୁ ବକେୟା ଦେୟ ଆଦାୟ ନହେବା, ବକେୟା ଦେୟ ଉପରେ ସୁଧର ଦାବି ନ ଉଠାଇବା ଏବଂ ଅତିରିକ୍ତ ଉତ୍ତୋଳନ ପାଇଁ ଦାବି ନ ଉଠାଇବା ଫଳରେ 10.35 କୋଟି ଟଙ୍କାର ସରକାରୀ ରାଜସ୍ୱ ସ୍ୱଳ୍ପାଦାୟ ହୋଇଥିଲା ।

---

[36] 3,47,09,933 ଟଙ୍କା *24%/365*243 days (ଅପ୍ରେଲ ରୁ ନଭେମ୍ବର 2021) = 55,45,982 ଟଙ୍କା

[37] ଆର୍ଥିକ ବର୍ଷ 2015-16: 18,000 ଘନମିଟର; ଆର୍ଥିକ ବର୍ଷ 2013-17: 18,400 ଘନମିଟର; ଆର୍ଥିକ ବର୍ଷ 2017-18: 19,020 ଘନମିଟର; ଆର୍ଥିକ ବର୍ଷ 2018-19: 19,320 ଘନମିଟର; ଆର୍ଥିକ ବର୍ଷ 2019-20: 20,100 ଘନମିଟର;

[38] 56,99,108 ଟଙ୍କା *24%/365*974 ଦିନ (ଅପ୍ରେଲ 2019 ରୁ ନଭେମ୍ବର 2021) = 36,49,927 ଟଙ୍କା

ରାଜସ୍ୱ ପର୍ଷଦ, ଓଡ଼ିଶା, ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉତ୍ତର ପ୍ରେରଣ କରିଥିଲେ (ଅଗଷ୍ଟ 2022), ଯେଉଁଥିରେ ଜିଲ୍ଲାପାଳ ଅଡିଟ୍ ମନ୍ତବ୍ୟକୁ ସ୍ୱୀକାର କରିଥିଲେ ଏବଂ ଆଶ୍ୱାସନା ଦେଇଥିଲେ ଯେ ସୁଧ ସହିତ ବକେୟା ଦେୟ ଆଦାୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

ଏହି ମାମଲା ସରକାରଙ୍କୁ ରିପୋର୍ଟ କରାଯାଇଥିଲା (ସେପ୍ଟେମ୍ବର 2022): ଉତ୍ତରକୁ ଅପେକ୍ଷା କରାଯାଇଛି (ଜାନୁଆରୀ 2024)।

## 2.7 ଲିଜ୍‌ଧାରୀ ଚୟନର ତ୍ରୁଟିପୂର୍ଣ୍ଣ ଆଧାର- 1.49 କୋଟି ଟଙ୍କାର ରାଜସ୍ୱ ହାନି

**ବିଡ୍ ସର୍ତ୍ତରେ ଏକ ବ୍ୟବସ୍ଥାର ଅନୁପସ୍ଥିତି, ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଥିବା ବ୍ୟକ୍ତି/ ସଂସ୍ଥାଗୁଡ଼ିକୁ ବିଡ୍‌ରେ ଭାଗ ନେବାକୁ ବାରଣ କରିବା ଦ୍ୱାରା ସରକାରୀ ରାଜସ୍ୱର ହ୍ରାସ 1.49 କୋଟି ଟଙ୍କା।**

ଲଘୁ ଖଣିଜ ପଦାର୍ଥର ଖଣି ଲିଜ୍ ସମ୍ବନ୍ଧରେ, ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମ୍ଏମ୍‌ସି) ନିୟମ, 2016 ର ନିୟମ 27 ରେ ଧାର୍ଯ୍ୟ କରାଯାଇଥିଲା ଯେ ଅତିରିକ୍ତ ଚାର୍ଜର ଉଚ୍ଚତମ ଦର ଉଲ୍ଲେଖ କରିଥିବା ଆବେଦନକାରୀଙ୍କ ସପକ୍ଷରେ ଏକ ଖଣି ଲିଜ୍ ପ୍ରଦାନ କରାଯିବ। ଏହି ନିୟମ ଆହୁରି ଧାର୍ଯ୍ୟ କରିଛି ଯେ ବିଡ୍ ଖୋଲିବା ଠାରୁ ସାତ ଦିନ ମଧ୍ୟରେ ସଫଳ ବିଡରଙ୍କୁ ସୂଚିତ କରାଯିବା ଉଚିତ୍ ଏବଂ ଏହି ସୂଚନାର 15 ଦିନ ମଧ୍ୟରେ ସଫଳ ବିଡରଙ୍କୁ ସେହି ସୂଚନା ଗ୍ରହଣ ବିଷୟ ଜଣେଇବା ଆବଶ୍ୟକ। ଗ୍ରହଣ ନକରିବା କ୍ଷେତ୍ରରେ ପରବର୍ତ୍ତୀ ସର୍ବୋଚ୍ଚ ବିଡରଙ୍କୁ ଲିଜ୍ ଅନୁଦାନ ପ୍ରଦାନ କରାଯାଇପାରେ। ଅତିରିକ୍ତ ଚାର୍ଜ ସହିତ ଲିଜ୍‌ଧାରୀ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍ଏଫ୍) ଏବଂ ପରିବେଶ ପରିଚାଳନା ପାଣ୍ଠି (ଇଏମ୍ଏଫ୍) କୁ ଅତିରିକ୍ତ ଚାର୍ଜର ଯଥାକ୍ରମେ 10 ଏବଂ 5 ପ୍ରତିଶତ ହାରରେ ସହଯୋଗ କରିବା ଆବଶ୍ୟକ ଥିଲା।

ଭାରତ ସରକାର (ଜିଓଆଇ) ଦ୍ରବ୍ୟ ସଂଗ୍ରହଣ ପାଇଁ ନୀତି ଏବଂ ପ୍ରକ୍ରିୟାର ପ୍ରକରଣ ପୁସ୍ତିକା/ ମାନୁଆଲ ଜାରି କରିଛନ୍ତି (ଫେବୃଆରୀ 2012), ଯାହାକି ପ୍ରକାରାନ୍ତରେ ବିଡରଙ୍କ ଯୋଗ୍ୟତା ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଏହି ପରିପ୍ରେକ୍ଷୀରେ, ମାନୁଆଲର ଅନୁଚ୍ଛେଦ 5.1.4 ଧାର୍ଯ୍ୟ କରିଛି ଯେ ଜଣେ ବିଡର ଅନ୍ୟ ବିଡରଙ୍କ ସହିତ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ରଖିବେ ନାହିଁ, ଯେପରିକି ସେମାନଙ୍କର କୌଣସି ନିୟନ୍ତ୍ରଣକାରୀ ଅଂଶୀଦାର ରହିବେ ନାହିଁ କିମ୍ବା ପରସ୍ପର ସହିତ ପ୍ରତ୍ୟକ୍ଷ ଭାବରେ କିମ୍ବା ସାଧାରଣ ତୃତୀୟ ପକ୍ଷ ମାଧ୍ୟମରେ କୌଣସି ସମ୍ପର୍କ ରହିବ ନାହିଁ। ଭାରତ ସରକାର ଉପରୋକ୍ତ ମାନୁଆଲ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଦ୍ରବ୍ୟ ସଂଗ୍ରହଣ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି (ମାର୍ଚ୍ଚ 2012)। ମାର୍ଗଦର୍ଶିକାରେ ଯଦିଓ ବିଡରଙ୍କ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଉପରେ କୌଣସି ନିର୍ଦ୍ଦିଷ୍ଟ ସର୍ତ୍ତ ନାହିଁ, ତେବେ ଧାର୍ଯ୍ୟ କରାଯାଇଛି ଯେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାନୁଆଲକୁ ଅର୍ଥ ବିଭାଗ, ଓଡ଼ିଶା ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ସହିତ ପାଳନ କରାଯିବା ଉଚିତ୍। ତେଣୁ, ଉପରୋକ୍ତ ଅନୁଚ୍ଛେଦ 5.1.4 ରେ ଥିବା ବ୍ୟବସ୍ଥାଗୁଡ଼ିକୁ ବିଡରମାନଙ୍କୁ ସୂଚନାର ଅନ୍ୟତମ ସର୍ତ୍ତ ଭାବରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ।

ବୌଦ୍ଧ ଜିଲ୍ଲାର ହରଭଙ୍ଗା ତହସିଲଦାର କାର୍ଯ୍ୟାଳୟର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ତହସିଲଦାର ଖରଭୁଇଁ ଜଙ୍ଗଲ-1 (କେଜେ-1) ଏବଂ ଖରଭୁଇଁ ଜଙ୍ଗଲ-3 (କେଜେ-3) ପଥର ଖଣିର ପାଞ୍ଚ ବର୍ଷର ଲିଜ୍ ନିମନ୍ତେ ନିଲାମ ପାଇଁ ନିମନ୍ତ୍ରଣ କରିଥିଲେ (04 ସେପ୍ଟେମ୍ବର 2020)। 22 ସେପ୍ଟେମ୍ବର 2020 ରେ ଉକ୍ତ ବିଡ୍ ଖୋଲାଯାଇଥିଲା। ଅଡିଟ୍ ଏହା ମଧ୍ୟ ଉଲ୍ଲେଖ କରିଛି ଯେ, ଉଭୟ ଖଣି ସମ୍ବନ୍ଧରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ବିଡର ଲିଜ୍ ଅଫର ଗ୍ରହଣ କରିନଥିଲେ ଏବଂ ଫଳସ୍ୱରୂପ ଆର୍ଥିକ ବର୍ଷ 2020-21 ରୁ 2024-25 ପର୍ଯ୍ୟନ୍ତ ପାଞ୍ଚ ଆର୍ଥିକ ବର୍ଷ ପାଇଁ ଦ୍ୱିତୀୟ ସର୍ବୋଚ୍ଚ ସ୍ଥାନରେ ଥିବା ବିଡରଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା। ଉଭୟ ପଥର ଖଣିର ବିଡିଂର ସଂକ୍ଷିପ୍ତ ବିବରଣୀ ***ସାରଣୀ 2.7.1*** ରେ ଦର୍ଶାଯାଇଛି।

*ସାରଣୀ 2.7.1: ପଥର ଖଣିଗୁଡ଼ିକର ବିଡିଂର ସଂକ୍ଷିପ୍ତ ବିବରଣୀ*

| ବିବରଣୀ | କେଜେ-1 | କେଜେ-3 | ମନ୍ତବ୍ୟ |
|---|---|---|---|
| (କ) ଗ୍ରହଣ କରାଯାଇଥିବା ନିଲାମୀ ସଂଖ୍ୟା | 3 | 6 | - |
| (ଖ) ସର୍ବୋଚ୍ଚ ନିଲାମୀ ମୂଲ୍ୟ (ଘନ ମି ପିଛା ଟଙ୍କାରେ) | 497 | 357 | ମେସର୍ସ 'ଏକ୍ସ' ଦ୍ୱାରା (ଏକ ସହଭାଗିତା ସଂସ୍ଥାର ପରିଚାଳନା ସହଭାଗୀ ଭାବରେ ବିଡିଂ) |
| (ଗ) ଲିଜ୍ ଅଫରର ଗ୍ରହଣର ସ୍ଥିତି | ପ୍ରତ୍ୟାଖ୍ୟାନ | ପ୍ରତ୍ୟାଖ୍ୟାନ | ତହସିଲଦାର 06 ଅକ୍ଟୋବର 2020 ରେ ଗ୍ରହଣ ପତ୍ର ଜାରି କରିଥିଲେ, ଯାହା ଗ୍ରହଣ କରାଯାଇ ନଥିଲା (12 ଅକ୍ଟୋବର 2020)। |
| (ଘ) ଦ୍ୱିତୀୟ ସର୍ବାଧିକ ବିଡ୍ ଡାଉଳ (କେମ୍ ପିଛା ଟଙ୍କା) | 327 | 237 | ମେସର୍ସ 'ଏକ୍ସ' ଦ୍ୱାରା (ବ୍ୟକ୍ତିଗତ କ୍ଷମତାରେ ଟେଣ୍ଡର) |
| (ଙ) ଲିଜ୍ ଅଫରର ଗ୍ରହଣର ସ୍ଥିତି | ଗ୍ରହଣ କରାଯାଇଛି | ଗ୍ରହଣ କରାଯାଇଛି | ତହସିଲଦାର 12 ଅକ୍ଟୋବର 2020 ରେ ଗ୍ରହଣ ପତ୍ର ଜାରି କରିଥିଲେ, ଯାହା ଗ୍ରହଣ କରାଯାଇଥିଲା |
| ସର୍ବୋଚ୍ଚ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମଧ୍ୟରେ ବିଡ୍ ମୂଲ୍ୟର ପାର୍ଥକ୍ୟ (ପ୍ରତି ଟଙ୍କା (ଖ-ଘ) | 170 | 120 | - |
| (ଚ) ଚୁକ୍ତିନାମା କାର୍ଯ୍ୟକାରୀ ତାରିଖ | 24 ଡିସେମ୍ବର 2020 | ନିର୍ବାହ ହୋଇନାହିଁ | ଲିଜ୍‌ଧାରୀଙ୍କ ଦ୍ୱାରା କେଜେ-3 ପରିଚାଳିତ ହୋଇଥିଲା, ଯଦିଓ ଚୁକ୍ତିନାମା କାର୍ଯ୍ୟକାରୀ ହୋଇନଥିଲା |
| (ଛ) ବାର୍ଷିକ ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣ ଉତ୍ତୋଳନ କରାଯିବ (ଘନ ମିଟର) | 8,127 | 10,080 | -- |
| (ଜ) ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣ (ଘନ ମିଟର) ଆର୍ଥିକ ବର୍ଷ 2020-21 ରୁ 2024-25 (ଛ*5) | 40,635 | 50,400 | -- |
| (ଝ) ଅତିରିକ୍ତ କ୍ଷତି ଚାର୍ଜ (ଲକ୍ଷ ଟଙ୍କା) (ଘ*ଛ) | 69.08 | 60.48 | ମୋଟ: 129.56 ଟଙ୍କା |
| (ଞ) ଡିଏମ୍ଏଫ୍ (ଜ*10 ପ୍ରତିଶତ) ପ୍ରତି ଅନୁଦାନ ହରାଇବା (ଟଙ୍କା ଲକ୍ଷରେ) | 6.91 | 6.05 | ମୋଟ: 12.96 ଟଙ୍କା |
| (ଟ) ଇଏମ୍ଏଫ୍ (ଜ*5 ପ୍ରତିଶତ) ପ୍ରତି ଅନୁଦାନ ହରାଇବା (ଟଙ୍କା ଲକ୍ଷରେ) | 3.45 | 3.02 | ମୋଟ: 6.47 ଟଙ୍କା |
| **ସର୍ବମୋଟ (ଟଙ୍କା ଲକ୍ଷରେ)** | **79.44** | **69.55** | **148.99 ଟଙ୍କା** |

*(ଉତ୍ସ: ତହସିଲଦାର, ହରଭଙ୍ଗା କାର୍ଯ୍ୟାଳୟର ରେକର୍ଡ)*

ଉପରୋକ୍ତ ସାରଣୀରୁ ଏହା ଜଣାଗଲା ଯେ ତହସିଲଦାର ଓଏମ୍ଏମ୍ସି ନିୟମର ବ୍ୟବସ୍ଥାକୁ ଅନୁସରଣ କରି ପଥର ଖଣିଗୁଡ଼ିକର ଲିଜ୍ ପ୍ରଦାନ କରିଥିଲେ । ଅଡିଟ୍ ତଥାପି ଦେଖିଲା ଯେ, ଲିଜ୍‌ଧାରୀ ମେସର୍ସ 'ଏକ୍ସ' ଏକ ଭାଗିଦାରୀ ସଂସ୍ଥାର ପରିଚାଳନା ସହଭାଗୀ ତଥା ତାଙ୍କ ବ୍ୟକ୍ତିଗତ କ୍ଷମତା ଅନୁଯାୟୀ ଉଭୟ ଖଣି ପାଇଁ ବିଡ୍ ଦାଖଲ କରିଥିଲେ । ତେଣୁ, ଦ୍ରବ୍ୟ ସଂଗ୍ରହଣ ପାଇଁ ନୀତି ଏବଂ ପ୍ରକ୍ରିୟା ଉପରେ ଉପରୋକ୍ତ ମାନୁଆଲରେ ଦିଆଯାଇଥିବା ସର୍ତ୍ତ ଅନୁଯାୟୀ, ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଆଧାରରେ ଉଭୟ ବିଡ୍ ପ୍ରତ୍ୟାଖ୍ୟାନ ହେବାର ଥିଲା । ତେବେ, ବିଡରଙ୍କ ଯୋଗାଣ ଉପରେ ନିଷ୍ପତ୍ତି ନେବା ପାଇଁ ଏହି ବ୍ୟବସ୍ଥା ବିଡ୍ ସର୍ତ୍ତରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା । ବିଡ୍ ସର୍ତ୍ତର ଏହି ତ୍ରୁଟିର ଫାଇଦା ଉଠାଇ ବିଡର ତାଙ୍କର ସର୍ବୋଚ୍ଚ ବିଡ୍ ବିରୁଦ୍ଧରେ ଲିଜ୍ ଅଫର ଗ୍ରହଣ କରିନଥିଲେ, କିନ୍ତୁ ଅନ୍ୟ ବିଡ୍ ଅର୍ଥାତ୍ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ (ଉଭୟ ଖଣି ପାଇଁ) ବିରୁଦ୍ଧରେ ସମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ, ସରକାର ଆର୍ଥିକ ବର୍ଷ 2020-21 ରୁ 2024-25 ମଧ୍ୟରେ ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣର ପଥର ଉତ୍ତୋଳନ କରିବା ଆଧାରରେ ଡିଏମ୍ଏଫ୍ ଏବଂ ଇଏମ୍ଏଫ୍‌କୁ ଯଥାକ୍ରମେ 12.96 ଲକ୍ଷ ଟଙ୍କା ଏବଂ 6.47 ଲକ୍ଷ ଟଙ୍କା ବ୍ୟତୀତ 1.30 କୋଟି ଟଙ୍କାର ଅନୁଦାନ ଛାଡ଼ ରାଜସ୍ୱ କ୍ଷତି ସହିଥିଲେ । ଅଧିକନ୍ତୁ, ତହସିଲଦାର ଏହି

ଖଣିଗୁଡ଼ିକରୁ ଲିଜ୍‌ଧାରୀଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ପଥରର ପ୍ରକୃତ ପରିମାଣ ଜାଣିବା ପାଇଁ କୌଣସି ଯାଞ୍ଚ ଏବଂ ମାପ କରିନଥିଲେ ।

ଏହିପରି, ସ୍ୱାର୍ଥନିହିତ ଦ୍ୱନ୍ଦ୍ୱରେ ଥିବା ବ୍ୟକ୍ତି / ସଂସ୍ଥାଗୁଡ଼ିକୁ ବିଡରେ ଭାଗ ନେବାକୁ ବାରଣ କରିବା ପାଇଁ ବିଡର ସର୍ତ୍ତ ଅନୁଯାୟୀ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ ସରକାର 1.49 କୋଟି ଟଙ୍କା ରାଜସ୍ୱ କ୍ଷତି ସହିଥିଲେ ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ଅକ୍ଟୋବର 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

## 2.8 ସର୍ବୋଚ୍ଚ ବିଡରର ଅନୈତିକ ପ୍ରତ୍ୟାଖ୍ୟାନ ହେତୁ ସରକାରଙ୍କୁ ରାଜସ୍ୱ ହାନି

**ସର୍ବାଧିକ ମୂଲ୍ୟ ପ୍ରଦାନ କରୁଥିବା ଲିଜ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଆବେଦନକାରୀ ଏବଂ ତାଙ୍କ ପଞ୍ଜିକୃତ ବାଣିଜ୍ୟ ନାମକୁ ବିଭିନ୍ନ ସଂସ୍ଥା ଭାବରେ ବ୍ୟବହାର କରିବା ଦ୍ୱାରା କମ୍ ମୂଲ୍ୟ ପ୍ରଦାନ କରୁଥିବା ବିଡରମାନଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା, ଫଳସ୍ୱରୁପ, ସରକାରଙ୍କ 3.15 କୋଟି ଟଙ୍କା ରାଜସ୍ୱ କ୍ଷତି ।**

ଲଘୁ ଖଣିଜ ଉତ୍ସଗୁଡ଼ିକର ଲିଜ୍ ଓଡ଼ିଶା ମାଇନର ମିନେରାଲ କନସେନସନ୍ (ଓଏମ୍ଏମ୍‌ସି) ନିୟମ, 2016 ଅଧିନରେ ନିୟନ୍ତ୍ରିତ । ଏହି ନିୟମଗୁଡ଼ିକ ମଧ୍ୟରୁ ନିୟମ 27 (2) ଧାର୍ଯ୍ୟ ଅଛି ଯେ, ନିଲାମ ବିଜ୍ଞପ୍ତିରେ ଏକ ବର୍ଷ ମଧ୍ୟରେ ଉତ୍ତୋଳନ କରାଯିବାକୁ ଥିବା ଲଘୁ ଖଣିଜ ପଦାର୍ଥର ସର୍ବନିମ୍ନ ନିଶ୍ଚିତ ପରିମାଣ (ଏମ୍‌ଜିକ୍ୟୁ) ଏବଂ ତା ସହ ଅତିରିକ୍ତ ଚାର୍ଜ ସର୍ବନିମ୍ନ ପରିମାଣ ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ । ନିୟମ 27 (5) ନିର୍ଦ୍ଦିଷ୍ଟ କରେ ଯେ, ଅତିରିକ୍ତ ଚାର୍ଜର ସର୍ବୋଚ୍ଚ ହାର ଉଲ୍ଲେଖ କରିଥିବା ଆବେଦନକାରୀଙ୍କ ସପକ୍ଷରେ ଖଣି ଲିଜ୍ ପ୍ରଦାନ କରାଯିବ । ମନୋନୀତ ବିଡରଙ୍କ ବିଫଳତା ପରିସ୍ଥିତିରେ କ୍ଷମତାଧାରୀ କର୍ତ୍ତୃପକ୍ଷ, ନିୟମ 27 (9) ର ବ୍ୟବସ୍ଥା ଅନୁଯାୟୀ ପରବର୍ତ୍ତୀ ସର୍ବୋଚ୍ଚ ବିଡରଙ୍କୁ ସୂଚନା ପ୍ରଦାନ କରିପାରନ୍ତି । ଅତିରିକ୍ତ ଚାର୍ଜ ବ୍ୟତୀତ, ନିୟମ 26 (6) ଅନୁଯାୟୀ, ଲିଜ୍‌ଧାରକ ଜିଲ୍ଲା ଖଣିଜ ଫାଉଣ୍ଡେସନ ଏବଂ ପରିବେଶ ପରିଚାଳନା ପାଣ୍ଠିରେ ରୟାଲିଟି ଏବଂ ଅତିରିକ୍ତ ଚାର୍ଜର ଯଥାକ୍ରମେ 10 ପ୍ରତିଶତ ଏବଂ 5 ପ୍ରତିଶତ ହାରରେ ରାଶି ପ୍ରଦାନ କରିବେ ।

ଅଡିଟ୍ ଲକ୍ଷ୍ୟ କଲା (ଡିସେମ୍ବର 2021) ଯେ, ତହସିଲଦାର, ହରଭଙ୍ଗା ଆର୍ଥିକ ବର୍ଷ 2020-21 ରୁ 2024-25 ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ଦୁଇଟି ଲଘୁ ଖଣିଜ ଉତ୍ସ : ଖରଭୂଇଁ -1 ପଥର ଖଣି (କେଏସ୍‌କ୍ୟୁ) ଏବଂ ଦିଆନଘାଟ ବାଲି ଖଣି (ଡିଏସ୍‌କ୍ୟୁ) ଲିଜ୍ ପ୍ରଦାନ ପାଇଁ ଆବେଦନ ଆହ୍ୱାନ କରିଥିଲେ (ଫେବୃଆରୀ 2021) । ତହସିଲଦାର, ହରଭଙ୍ଗାଙ୍କ[39] ଅଧ୍ୟକ୍ଷତାରେ ଅଧିକାରୀଙ୍କ ଉପସ୍ଥିତିରେ 19 ମାର୍ଚ୍ଚ 2021 ରେ ଆବେଦନଗୁଡ଼ିକ ଖୋଲା ଯାଇଥିଲା ।

କେଏସ୍‌କ୍ୟୁ ଏବଂ ଡିଏସ୍‌କ୍ୟୁ ପାଇଁ ଉଦ୍ଧୃତ ସର୍ବାଧିକ ହାର ଘନମିଟର ପିଛା ଯଥାକ୍ରମେ 999 ଟଙ୍କା ଏବଂ 551 ଟଙ୍କା ଥିଲା । ଉଭୟ ମାମଲାରେ ସର୍ବୋଚ୍ଚ ବିଡର ସମାନ ବିଡର ଥିଲେ । ତେବେ, ଅବୈଧ ଇଏମ୍‌ଡି ବୋଲି କାରଣ ଦର୍ଶାଇ ସର୍ବୋଚ୍ଚ ବିଡ୍‌କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଲିଜ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର କାରଣ ଥିଲା ଯେ ଇଏମ୍‌ଡି ବାବଦକୁ ବ୍ୟାଙ୍କ ଡ୍ରାଫ୍ଟରେ ଦେୟକାରୀ ଭାବରେ ଉଲ୍ଲେଖ କରାଯାଇଥିବା ନାମ ଆବେଦନକାରୀଙ୍କ ନାମଠାରୁ ଭିନ୍ନ ଥିଲା । ସର୍ବୋଚ୍ଚ ବିଡ୍ ପ୍ରତ୍ୟାଖ୍ୟାନ ହେବା ପରେ ପରବର୍ତ୍ତୀ ସର୍ବୋଚ୍ଚ ବିଡରଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା । ସର୍ବୋଚ୍ଚ ବିଡ୍ ମୂଲ୍ୟ ଏବଂ ପ୍ରକୃତ ମୂଲ୍ୟ ଯେଉଁଥିରେ ଲିଜ୍ ପ୍ରଦାନ କରାଯାଇଥିଲା, ***ସାରଣୀ 2.8.1*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

[39] ତହସିଲଦାରଙ୍କ ବ୍ୟତୀତ, ଅନ୍ୟାନ୍ୟ ଅଧିକାରୀମାନେ ଥିଲେ, ଅତିରିକ୍ତ ତହସିଲଦାର, ବିଭାଗୀୟ ଅଧିକାରୀ ଏବଂ ସହାୟକ, ତଉଜି ଏବଂ ନାଜିର

***ସାରଣୀ 2.8.1: ସର୍ବୋଚ୍ଚ ବିଡ୍ ତୁଳନାରେ ପ୍ରକୃତ ମୂଲ୍ୟ ଯେଉଁଥିରେ ଲିଜ୍‌ଗୁଡ଼ିକ ପ୍ରଦାନ କରାଯାଇଥିଲା***

| ଖଣିର ନାମ | ସର୍ବୋଚ୍ଚ ବିଡ୍ ମୂଲ୍ୟ | ପ୍ରକୃତ ମୂଲ୍ୟ ଯେଉଁଥିରେ ଲିଜ୍ ଦିଆଯାଇଥିଲା | ଭିନ୍ନ ଭିନ୍ନ ମୂଲ୍ୟ | ଅନୁମୋଦିତ ଖଣି ଯୋଜନା ଅନୁଯାୟୀ 2020-25 ମଧ୍ୟରେ ଉତ୍ପାଦନ ପରିମାଣ | ମନ୍ତବ୍ୟ |
|---|---|---|---|---|---|
| | (ଘନମିଟର ପ୍ରତି ଟଙ୍କାରେ) | | | | |
| କେଏସ୍‌କ୍ୟୁ | 999.00 | 563.50 | 435.50 | 50,400 ଘନ ମିଟର | ତୃତୀୟ ସର୍ବୋଚ୍ଚ ବିଡରଙ୍କୁ ପ୍ରଦାନ କରାଯାଇଥିଲା, ଯେହେତୁ ଦ୍ୱିତୀୟ ସର୍ବୋଚ୍ଚ ବିଡର ଏହି ଅଫରକୁ ଗ୍ରହଣ କରିନଥିଲେ |
| ଡିଏସ୍‌କ୍ୟୁ | 551.00 | 414.00 | 137.00 | 40,000 ଘନ ମିଟର | ଦ୍ୱିତୀୟ ସର୍ବୋଚ୍ଚ ବିଡରଙ୍କୁ ପ୍ରଦାନ କରାଯାଇନଥିଲା |

***(ଉତ୍ସ: ହରଭଙ୍ଗା ତହସିଲଦାରଙ୍କ ନଥି)***

ଏହିପରି, ଚୂଡ଼ାନ୍ତ ପ୍ରଦାନ ମୂଲ୍ୟ ସର୍ବାଧିକ ବିଡ୍ ମୂଲ୍ୟ ଠାରୁ ଘନମିଟର ପିଛା ଯଥାକ୍ରମେ 435.50 ଟଙ୍କା ଏବଂ 137 ଟଙ୍କା କମ୍ ଥିଲା ।

ଅଡିଟରେ ଦର୍ଶାଯାଇଛି ଯେ ସର୍ବୋଚ୍ଚ ବିଡର ତାଙ୍କ ନାମରେ ଲିଜ୍ ଆବେଦନ କରିଥିବା ବେଳେ ଇଏମ୍‌ଡି ବାବଦରେ ଦାଖଲ ହୋଇଥିବା ବ୍ୟାଙ୍କ ଡ୍ରାଫ୍ଟ ଗୁଡ଼ିକରେ ତାଙ୍କ ବାଣିଜ୍ୟିକ ନାମ ଉଲ୍ଲେଖ ହୋଇଥିଲା ଯାହା ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଜିଏସ୍‌ଟି ପଞ୍ଜିକରଣ ପ୍ରମାଣ ପତ୍ରରେ ଉଲ୍ଲେଖ କରାଯାଇଥିଲା । ଜିଏସ୍‌ଟି ପଞ୍ଜିକରଣ ପ୍ରମାଣ ପତ୍ରରେ ଆବେଦନକାରୀଙ୍କ ନାମ ତଥା ବାଣିଜ୍ୟିକ ନାମ ଉଲ୍ଲେଖ କରାଯାଇଥିଲା । ଲିଜ୍ ଆବେଦନ ସହିତ ବିଡର ଜିଏସ୍‌ଟି ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରିଥିଲେ । ତହସିଲଦାରଙ୍କ ଅଧ୍ୟକ୍ଷତାରେ ଲିଜ୍ ଆବେଦନ ଏବଂ ଅନ୍ୟାନ୍ୟ ସଂଲଗ୍ନ ଦଲିଲଗୁଡ଼ିର ତଦାରଖ କରୁଥିବା ଅଧିକାରୀମାନେ ମଧ୍ୟ ଜିଏସ୍‌ଟି ପଞ୍ଜିକରଣ ପ୍ରମାଣପତ୍ର ଯାଞ୍ଚ କରିଥିଲେ । ତେଣୁ, ଏହି ପରିପ୍ରେକ୍ଷୀରେ ଲିଜ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର ଆବଶ୍ୟକତା ନଥିଲା ।

ସର୍ବୋଚ୍ଚ ବିଡ୍‌କୁ ପ୍ରତ୍ୟାଖ୍ୟାନ କରିବାରେ ତହସିଲଦାରଙ୍କ ବିଚାରହୀନ କାର୍ଯ୍ୟ ହେତୁ, ସର୍ବୋଚ୍ଚ ବିଡରଙ୍କୁ ଲିଜ୍ ପ୍ରଦାନ କରି ରାଜସ୍ୱକୁ ଅଧିକତର କରିବାର ସୁଯୋଗ ହାତଛଡା ହୋଇଥିଲା । ଫଳସ୍ୱରୂପ, 2020-25 ଅବଧି ପାଇଁ କମ୍ ମୂଲ୍ୟରେ ଲିଜ୍ ପ୍ରଦାନ ହେତୁ ସରକାର 3.15 କୋଟି ଟଙ୍କା ରାଜସ୍ୱ କ୍ଷତି ସହିଥିଲେ ***(ପରିଶିଷ୍ଟ 2.8.1)*** ।

ଏହାର ଉତ୍ତରରେ ତହସିଲଦାର, ହରଭଙ୍ଗା ବ୍ୟକ୍ତ କଲେ (ଡିସେମ୍ବର 2021) ଯେ, ସର୍ବୋଚ୍ଚ ବିଡର କୌଣସି ଘୋଷଣା କରିନଥିଲେ ଯେ ସେ ଫାର୍ମର ସତ୍ତ୍ୱାଧିକାରୀ ଅଟନ୍ତି ଯାହାଙ୍କ ନାମରେ ଇଏମ୍‌ଡି ବାବଦକୁ ବ୍ୟାଙ୍କ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା, ଯେଉଁକାରଣରୁ ତାଙ୍କ ବିଡକୁ ବିବେଚନା କରାଯାଇ ନଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା, ଯେହେତୁ ଜିଏସ୍‌ଟି ପଞ୍ଜିକରଣ ପ୍ରମାଣ ପତ୍ରରେ ଆବେଦନକାରୀଙ୍କ ନାମ ତଥା ବାଣିଜ୍ୟ ନାମ ଉଲ୍ଲେଖ ଥିଲା, ତେଣୁ, ବ୍ୟାଙ୍କ ଡ୍ରାଫ୍ଟର ଜମାକାରୀଙ୍କ ବିଷୟରେ କୌଣସି ସନ୍ଦେହ ନଥିଲା ।

ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ମଇ 2022); ଉତ୍ତର ପ୍ରାପ୍ତ ହୋଇନଥିଲା (ଜାନୁଆରୀ 2024) ।

## 2.9 ତ୍ରୁଟିପୂର୍ଣ୍ଣ ଡିମାଣ୍ଡ ନୋଟିସ୍ ହେତୁ ଦେୟଗୁଡ଼ିକର ସ୍ୱଳ୍ପ ଆଦାୟ

**ଲିଜ୍‌ଧାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଦେୟର ତ୍ରୁଟିପୂର୍ଣ୍ଣ ହିସାବ ଫଳରେ 1.28 କୋଟି ଟଙ୍କାର ସରକାରୀ ରାଜସ୍ୱ ଅନାଦାୟ ହେଲା, ଯାହାଫଳରେ 42.68 ଲକ୍ଷ ଟଙ୍କା ସୁଧ ଲିଜ୍‌ଧାରୀଙ୍କ ଠାରୁ ଆଦାୟ ହେବାର ଅଛି ।**

ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମ୍ଏମ୍‌ସି) ନିୟମ, 2016 ର ନିୟମ 32 (2) ରେ ଉଲ୍ଲେଖ କରାଯାଇଛି ଯେ ଜଣେ ଲିଜ୍‌ଧାରୀ ରାଜ୍ୟ ସରକାରଙ୍କୁ ପ୍ରତିବର୍ଷ ଡେଡ୍ ରେଣ୍ଟ[40] କିମ୍ବା ରୟାଲିଟି ମଧ୍ୟରେ ଯାହା ଅଧିକ, ତା ସହିତ

[40] ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପରିମାଣ, ସର୍ବନିମ୍ନ ନିଶ୍ଚିତ ପରିମାଣ ଉପରେ ବାର୍ଷିକ ଲିଜ୍‌ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଏ (ବାଲି: 10,500 ଟଙ୍କା ଘନମିଟର ପ୍ରତି ଏବଂ ପଥର: 18,000 ଘନମିଟର ପ୍ରତି)

ନିର୍ଦ୍ଦିଷ୍ଟ ହାରରେ ସରଫେସ୍ ରେଣ୍ଟ[41] ଦେବାକୁ ପଡ଼ିବ । ଆହୁରି ମଧ, ନିୟମ 32(3) ଅନୁଯାୟୀ ଏହି ଚାର୍ଜ ଗୁଡ଼ିକ ସହିତ, ଜଣେ ଲିଜ୍‌ଧାରୀ ଅତିରିକ୍ତ ଦେୟ[42] ଏବଂ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍ଏଫ୍) ଏବଂ ପରିବେଶ ପରିଚାଳନା ପାଣ୍ଠି (ଇଏମ୍ଏଫ୍)କୁ ଅନୁଦାନ ଦେୟ ରାଶି ପ୍ରଦାନ କରିବା ଆବଶ୍ୟକ । ବାର୍ଷିକ ଭିତ୍ତିରେ ଉତ୍ତୋଳନ ହେବାକୁ ଥିବା ଖଣିଜ ପଦାର୍ଥର ସର୍ବନିମ୍ନ ନିଶ୍ଚିତ ପରିମାଣ (ଏମ୍‌ଜିକ୍ୟୁ) ଉପରେ ଦେୟକୁ ଅଗ୍ରୀମ ପ୍ରଦାନ କରିବାକୁ ପଡ଼ିବ । ଓଏମ୍ଏମ୍‌ସି ନିୟମ, 2016 ର ନିୟମ 47 ଅନୁଯାୟୀ, ଯଦି ଲିଜ୍‌ଧାରୀ ରୟାଲିଟି, ଭଡ଼ା, ଶୁଳ୍କ କିମ୍ବା ଏହି ନିୟମ ଅନୁଯାୟୀ ତାଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଯେ କୌଣସି ରାଶି, ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରିବାରେ ବିଫଳ ହୁଅନ୍ତି, ଏହି ଦେୟ ପୂର୍ଣ୍ଣ ଭାବେ ନଦେବା ପର୍ଯ୍ୟନ୍ତ, ଏହି ଦେୟ ଉପରେ ବାର୍ଷିକ 24 ପ୍ରତିଶତ ହାରରେ ସରଳ ସୁଧ ଦେବାକୁ ପଡ଼ିବ । ଏକ ଖଣି ଲିଜ୍ ଅନୁଦାନ ପାଇଁ ଆବେଦନ କରୁଥିବା ବେଳେ ଆବେଦନକାରୀଙ୍କୁ ଘନ ମିଟର ପ୍ରତି ଦେବାକୁ ଥିବ ଚାର୍ଜକୁ ଉଲ୍ଲେଖ କରିବାକୁ ପଡ଼ିବ । ଅତିରିକ୍ତ ଦେୟ ବାବଦରେ ସର୍ବୋଚ୍ଚ ହାର ଦର୍ଶାଇଥିବା ଆବେଦନକାରୀଙ୍କୁ ଲିଜ୍ ପ୍ରଦାନ କରାଯାଏ ।

ଅଡିଟ୍ ରେକର୍ଡଗୁଡ଼ିକ ଯାଞ୍ଚରୁ ଜାଣିଲା (ଡିସେମ୍ବର 2021) ଯେ ତହସିଲଦାର, ବୌଦ୍ଧ, ଟୁଟୁର୍‌ସିଙ୍ଗା ବାଲି ଖଣି (ଟିଏସ୍‌କ୍ୟୁ) ଏବଂ ଉଦ୍‌ବିଲିକା ପଥର ଖଣି (ୟୁଏସ୍‌କ୍ୟୁ) କୁ ଆର୍ଥିକ ବର୍ଷ 2017-18 ରୁ 2021-22 ପର୍ଯ୍ୟନ୍ତ, ପାଞ୍ଚ ଆର୍ଥିକ ବର୍ଷ ପାଇଁ ସର୍ବୋଚ୍ଚ ବିଡରଙ୍କୁ ଲିଜ୍ ପ୍ରଦାନ କରିଥିଲେ । ସମ୍ପୃକ୍ତ ଚୁକ୍ତିନାମାଗୁଡ଼ିକ ଟିଏସ୍‌କ୍ୟୁ ଏବଂ ୟୁଡିବିର ବିଡରମାନଙ୍କ ସହିତ ଯଥାକ୍ରମେ 21 ଡିସେମ୍ବର 2017 ଏବଂ 30 ଅପ୍ରେଲ 2018 ରେ ସ୍ୱାକ୍ଷରିତ ହୋଇଥିଲା । ଚୁକ୍ତିନାମା ସର୍ତ୍ତ ଅନୁଯାୟୀ, ଚୁକ୍ତିନାମା ସ୍ୱାକ୍ଷର ହେବା ଦିନ ଠାରୁ ଲିଜ୍ ଅବଧି କାର୍ଯ୍ୟକାରୀ ହେବ । ଉତ୍ତୋଳନ କରାଯିବାକୁ ଥିବା ଏମ୍‌ଜିକ୍ୟୁ, ଲିଜ୍‌ର କାର୍ଯ୍ୟକାରୀ ଅବଧି ଅର୍ଥାତ୍ ଲିଜ୍ ତାରିଖ ଠାରୁ 31 ମାର୍ଚ୍ଚ 2022 ମଧ୍ୟରେ ପ୍ରଦାନ କରାଯିବାକୁ ଥିବା ଅତିରିକ୍ତ ଦେୟ, ରୟାଲିଟି ଇତ୍ୟାଦି ଏବଂ ଏହି ଅବଧି ମଧ୍ୟରେ ଲିଜ୍‌ଧାରୀଙ୍କ ଠାରୁ ପ୍ରକୃତ ରାଶିର ଆଦାୟ ***ସାରଣୀ 2.9.1*** ରେ ଦର୍ଶାଯାଇଛି ।

***ସାରଣୀ 2.9.1: ଲିଜ୍‌ର କାର୍ଯ୍ୟକାରୀ ଅବଧି ମଧ୍ୟରେ, ଦୁଇଟି ଖଣି ଲିଜ୍‌ଧାରୀଙ୍କ ଠାରୁ ଦେୟ ରାଶି ତୁଳନାରେ ପ୍ରାପ୍ତ ରାଶି ରୂପେ ଗ୍ରହଣ କରାଯାଇପାରିବ***

| କ୍ର. ସଂ. | ବିବରଣୀ | ଟିଏସ୍‌କ୍ୟୁ (21 ଡିସେମ୍ବର 2017 ରୁ 31 ମାର୍ଚ୍ଚ 2022) | ୟୁଏସ୍‌କ୍ୟୁ (30 ଅପ୍ରେଲ 2018 ରୁ 31 ମାର୍ଚ୍ଚ 2022) |
|---|---|---|---|
| କ. | ଏମ୍‌ଜିକ୍ୟୁ (ଘନମିଟରରେ) | 37,648 | 39,321 |
| ଖ. | ରୟାଲିଟି ଏବଂ ଅତିରିକ୍ତ ଚାର୍ଜ (ଟଙ୍କା ଲକ୍ଷରେ) | 230.41<br>(ରୟାଲିଟି: 35 ଟଙ୍କା ଘନମିଟର ପିଛା + ଅତିରିକ୍ତ ଚାର୍ଜ: 577 ଟଙ୍କା ଘନମିଟର ପିଛା = 612 ଟଙ୍କା ଘନମିଟର ପିଛା) | 151.39<br>(ରାଜଭାଗ: 130 ଟଙ୍କା ଘନମିଟର ପିଛା + ଅତିରିକ୍ତ ଚାର୍ଜ: 255 ଟଙ୍କା ଘନମିଟର ପିଛା = 385 ଟଙ୍କା ଘନମିଟର ପିଛା) |
| ଗ. | ଡିଏମ୍ଏଫ୍‌କୁ ଅନୁଦାନ ଦେୟ (ଟଙ୍କା ଲକ୍ଷରେ) {10 ପ୍ରତିଶତ (ଖ)} | 23.04 | 15.14 |
| ଘ. | ଇଏମ୍ଏଫ୍‌କୁ ଅନୁଦାନ (ଟଙ୍କା ଲକ୍ଷରେ) {5 ପ୍ରତିଶତ (ଖ)} | 11.52 | 7.57 |
| ଙ. | ଦେୟ କର (ଟଙ୍କା ଲକ୍ଷରେ) {2 ପ୍ରତିଶତ (ଖ)} | 4.60 | 3.03 |

41 ଖଣିଜ ଉତ୍ତୋଳନ ପାଇଁ ଲିଜ୍ ପ୍ରଦାନ କରାଯାଇଥିବା ଜମିର ଦେୟକୁ ସରଫେସ୍ ରେଣ୍ଟ କୁହାଯାଏ

42 ସର୍ବନିମ୍ନ ଅତିରିକ୍ତ ଦେୟ ସରକାର ରୟାଲିଟି 5 ପ୍ରତିଶତରେ ସ୍ଥିର କରିଛନ୍ତି । ଓଏମ୍ଏମ୍‌ସି ନିୟମ, 2016 ର ନିୟମ 27 (5) ପ୍ରଦାନ କରି ଯେ, ଏହି ନିୟମର ନିୟମାବଳୀ ଅନୁଯାୟୀ, ଅତିରିକ୍ତ ଦେୟର ସର୍ବୋଚ୍ଚ ହାର ଉଦ୍ଧୃତ କରିଥିବା ଆବେଦନକାରୀଙ୍କ ସପକ୍ଷରେ ଖମି ଲିଜ୍ ପ୍ରଦାନ କରାଯିବ ।

| କ୍ର. ସଂ. | ବିବରଣୀ | ଟିଏସ୍‌କ୍ୟୁ (21 ଡିସେମ୍ବର 2017 ରୁ 31 ମାର୍ଚ୍ଚ 2022) | ୟୁଏସ୍‌କ୍ୟୁ (30 ଅପ୍ରେଲ 2018 ରୁ 31 ମାର୍ଚ୍ଚ 2022) |
|---|---|---|---|
| ଚ. | ମୋଟ ଦେୟ ପରିମାଣ (ଟଙ୍କା ଲକ୍ଷରେ) **(ଖ + ଗ + ଘ + ଙ)** | 269.57 | 177.13 |
| ଛ. | ଆଦାୟ ପରିମାଣ (ଟଙ୍କା ଲକ୍ଷରେ) | 200.90 | 117.39 |
| **ଜ.** | **ସ୍ୱଳ୍ପ ଆଦାୟ (ଟଙ୍କା ଲକ୍ଷରେ) (ଚ-ଛ)** | **68.67** | **59.74** |

***(ଉତ୍ସ: ତହସିଲଦାର, ବୌଦ୍ଧ କାର୍ଯ୍ୟାଳୟରୁ ରେକର୍ଡରୁ ସଂଗୃହୀତ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ମାର୍ଚ୍ଚ 2022 ସୁଦ୍ଧା ଲିଜ୍‌ଧାରୀଙ୍କ ଠାରୁ ପ୍ରାପ୍ତ ହେବାକୁ ଥିବା ରାଶି/ ବକେୟା ରାଶି 1.28 କୋଟି ଟଙ୍କାର ପହଞ୍ଚିଛି । ତେବେ ବକେୟା ଦେୟ ଆଦାୟ ପାଇଁ ତହସିଲଦାର କୌଣସି ପଦକ୍ଷେପ ନେଇ ନଥିଲେ । ଲିଜ୍‌ଧାରୀଙ୍କ ଦ୍ୱାରା ଦେୟ ପ୍ରଦାନ ନକରିବା ସହିତ ସ୍ୱଳ୍ପ ଆଦାୟ. କରିବାର ଅନ୍ୟ ଏକ କାରଣ ହେଉଛି ତହସିଲଦାରଙ୍କ ଦ୍ୱାରା ଭୁଲ୍ ଦାବି ବିଜ୍ଞପ୍ତି ପ୍ରସ୍ତୁତି । ଦାବି ବିଜ୍ଞପ୍ତିରେ ରୟାଲିଟି (ଟିଏସ୍‌କ୍ୟୁ: 35 ଟଙ୍କା ପ୍ରତି ଘନମିଟର ଏବଂ ୟୁଏସ୍‌କ୍ୟୁ: 130 ଟଙ୍କା ପ୍ରତି ଘନମିଟର) ଦେୟ ରାଶି ଅନ୍ତର୍ଭୁକ୍ତ କରାଯାଇ ନଥିଲା । ଫଳସ୍ୱରୂପ, ରୟାଲିଟି ସ୍ୱଳ୍ପ ଆଦାୟ ହେବା ସହିତ ଡିଏମ୍ଏଫ୍ ଓ ଇଏମ୍ଏଫ୍ ପ୍ରତି ଅନୁଦାନର ସ୍ୱଳ୍ପ ଆଦାୟ ହୋଇଥିଲା । ଆହୁରି ମଧ, ଲିଜ୍‌ଧାରୀଙ୍କ ଦ୍ୱାରା ଆୟକର ପ୍ରଦାନ କରାଯିବାକୁ ଥିବା ଅର୍ଥ ମଧ ଦାବି ବିଜ୍ଞପ୍ତିରୁ ବାଦ୍ ଦିଆଯାଇଥିଲା ।

ଅଡିଟ୍ ମଧ ଲକ୍ଷ୍ୟ କଲା ଯେ, ଓଏମ୍ଏମ୍‌ସି ନିୟମ, 2016 ର ନିୟମ 47 ଅନୁଯାୟୀ, ଲିଜ୍‌ଧାରୀମାନେ ଅଧିକନ୍ତୁ, ବକେୟା ରାଶି ଉପରେ ବାର୍ଷିକ 24 ପ୍ରତିଶତ ହାରରେ ସୁଧ ଦେବାକୁ ଉତ୍ତରଦାୟୀ ଥିଲେ । ଅଡିଟ୍ ଦ୍ୱାରା ଗଣନା କରାଯାଇଥିବା ବକେୟା ଦେୟ ପ୍ରତି ସୁଧ ଅକ୍ଟୋବର 2021 ସୁଦ୍ଧା[43] 42.68 ଲକ୍ଷ ଟଙ୍କା (ଟିଏସ୍‌କ୍ୟୁ: 22.47 ଲକ୍ଷ ଟଙ୍କା ଏବଂ ୟୁଏସ୍‌କ୍ୟୁ: 20.21 ଲକ୍ଷ ଟଙ୍କା) ଥିଲା ।

ଏହିପରି, ତହସିଲଦାରଙ୍କ ଦ୍ୱାରା ଲିଜ୍‌ଧାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଦେୟଗୁଡ଼ିକର ଭୁଲ ଗଣନା ଦ୍ୱାରା 1.28 କୋଟି ଟଙ୍କା ରାଜସ୍ୱର କମ୍ ଆଦାୟ ହେଲା, ଯାହା ଉପରେ 42.68 ଲକ୍ଷ ଟଙ୍କା ସୁଧ ଅକ୍ଟୋବର 2021 ସୁଦ୍ଧା ଆଦାୟ ହେବାର ଥିଲା ।

ଉତ୍ତରରେ, ତହସିଲଦାର, ବୌଦ୍ଧ ନିଶ୍ଚିତ କରିଥିଲେ (ଡିସେମ୍ବର 2021) ଯେ ବକେୟା ଦେୟ ଆଦାୟ ପାଇଁ ସଂଶୋଧିତ ଦାବି ବିଜ୍ଞପ୍ତି ଜାରି କରାଯିବ ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ଜୁନ୍ 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

## 2.10 ବେଆଇନ୍ ବାଲି ଖନନ/ ଉତ୍ତୋଳନ ଉପରେ 15.63 କୋଟି ଟଙ୍କା ଜରିମାନା ସ୍ୱଳ୍ପ ଆଦାୟ

**ଓଏମ୍ଏମ୍‌ସି ନିୟମ, 2016 ନିୟମାବଳୀକୁ ଅନୁପାଳନ ନକରିବାରୁ, ବେଆଇନ୍ ବାଲି ଖନନ ଉପରେ 15.63 କୋଟି ଟଙ୍କା କମ୍ ଜରିମାନା ଲଗାଗଲା**

ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମ୍ଏମ୍‌ସି) ନିୟମ, 2016 ର ନିୟମ 51(1)(i) ଉଲ୍ଲେଖ କରେ ଯେ, ଅନ୍ୟଥା ଏହି ନିୟମ ଅନୁଯାୟୀ, ଯେତେବେଳେ କୌଣସି ବ୍ୟକ୍ତି କି କୌଣସି ଛୋଟ ଖଣିଜ ପଦାର୍ଥ ଉତ୍ତୋଳନ କିମ୍ବା ପରିବହନ କରୁଥିବା କିମ୍ବା କାହା ତରଫରୁ ଏହିପରି ଉତ୍ତୋଳନ କିମ୍ବା ପରିବହନ କରାଯାଉଥିବ, ସେହି ବ୍ୟକ୍ତି

43 ଟିଏସ୍‌କ୍ୟୁ: ବକେୟା ରାଶି 61 ରୁ 489 ଦିନ ପାଇଁ 4.02 ଲକ୍ଷ ଟଙ୍କାରୁ 61.73 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିଲା । ୟୁଏସ୍‌କ୍ୟୁ: ବକେୟା ପରିମାଣ 32 ରୁ 410 ଦିନ ପାଇଁ 13.25 ଲକ୍ଷ ଟଙ୍କାରୁ 43.90 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିଲା ।

ଏହିପରି ଲଘୁ ଖଣିଜ ପଦାର୍ଥର ବେଆଇନ୍ ଉତ୍ତୋଳନ କିମ୍ବା ପରିବହନର ଏକ ପକ୍ଷ ବୋଲି ଧରାଯିବ ଏବଂ ଏକ ଅବଧି ପାଇଁ ସରଳ କାରାଦଣ୍ଡ ସହିତ, ଯାହା ଦୁଇ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ କିମ୍ବା ଜରିମାନା ସହିତ, ଯାହା କି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ କିମ୍ବା ଉଭୟ ସହିତ ଦଣ୍ଡିତ କରାଯାଇପାରେ ।

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଏବଂ କୋଠା ନିର୍ମାଣ ପାଇଁ ବାଲି ଏକ ଗୁରୁତ୍ୱପୂର୍ଣ୍ଣ ଲଘୁ ଖଣିଜ ପଦାର୍ଥ ଅଟେ । ବେଳେବେଳେ, ବାଲିର ଚାହିଦା ବୃଦ୍ଧି, ବାଲି ଉତ୍ସ ଉପରେ ପ୍ରବଳ ଚାପ ସୃଷ୍ଟି କରେ, ଫଳରେ ବେଆଇନ୍ ଖଣି କାରବାର ହୋଇଥାଏ । ବେଆଇନ୍ ବାଲି ଖନନକୁ ରୋକିବା ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍ଆଣ୍ଡଡିଏମ୍), ବିଭାଗ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳଙ୍କୁ ବିନା 'ୱାଇ' ଫର୍ମରେ[44] ବେଆଇନ୍ ଭାବେ ଖଣି କାରବାର ତଥା ପରିବହନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସର୍ବାଧିକ ଦଣ୍ଡବିଧାନ କରିବା ପାଇଁ ନିର୍ଦ୍ଦେଶ (26 ଅପ୍ରେଲ 2019) ଦେଇଥିଲେ ।

ଆର୍ଥିକ ବର୍ଷ 2019-20 ଏବଂ 2020-21 ମଧ୍ୟରେ ପାଞ୍ଚଟି ତହସିଲଦାରଙ୍କ[45] କାର୍ଯ୍ୟାଳୟରେ ବେଆଇନ୍ ବାଲି ଖନନ କାର୍ଯ୍ୟ ଏବଂ ଜରିମାନା ଉପରେ 322 ଟି ମାମଲାର ନମୁନା ଯାଞ୍ଚ (ଅକ୍ଟୋବର 2021 ରୁ ଡିସେମ୍ବର 2021 ଏବଂ ମାର୍ଚ୍ଚ 2022) କରିଥିଲେ । ଉପରୋକ୍ତ ଆର୍ଆଣ୍ଡଡିଏମ୍ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ବାଲିର ବେଆଇନ୍ ଉତ୍ତୋଳନ ମାମଲା/ ପରିବହନ/ ଷ୍ଟାକିଂ ଇତ୍ୟାଦିରେ ଏହି 322 ଟି ନମୁନା ଯାଞ୍ଚ କରାଯାଇଥିବା ମାମଲାରେ, ମାମଲା ପ୍ରତି 5 ଲକ୍ଷ ଟଙ୍କା ହାରରେ ଅପରାଧୀମାନଙ୍କ ଉପରେ 1,610 ଲକ୍ଷ ଟଙ୍କା ଜରିମାନା ଲଗାଇବାର ଥିଲା । ତେବେ, ସଂପୃକ୍ତ ତହସିଲଦାରମାନେ 15,561 ଘନମିଟର[46] ବାଲିର ବେଆଇନ୍ ଉତ୍ତୋଳନ/ ପରିବହନ ପାଇଁ କେବଳ 46.72 ଲକ୍ଷ ଟଙ୍କା[47] (2.90 ପ୍ରତିଶତ) ଜରିମାନା ଆଦାୟ କରାଯାଇ ଥିଲା ଯାହା କି ପ୍ରତି ମାମଲାରେ 300 ଟଙ୍କାରୁ 99,880 ଟଙ୍କା ମଧ୍ୟରେ ଥିଲା । ଫଳସ୍ୱରୂପ, 15.63 କୋଟି ଟଙ୍କା[48] କମ୍ ଜରିମାନା ଲଗାଇଥିଲେ ।

ଏହିପରି, ଓଏମ୍ଏମ୍ସି ନିୟମ, 2016 ଏବଂ ଆର୍ଆଣ୍ଡଡିଏମ୍ ର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ତହସିଲଦାରମାନେ 15.63 କୋଟି ଟଙ୍କା କମ୍ ଜରିମାନା ଲଗାଇଥିଲେ । ଫଳସ୍ୱରୁପ, ତହସିଲଦାରମାନେ ବେଆଇନ୍ ବାଲି ଖନନକୁ ରୋକିବାରେ ବିଫଳ ହୋଇଥିଲେ ।

ଚାନ୍ଦବାଲି ଏବଂ ଧାମନଗରର ଦହସିଲଦାରମାନେ କୌଣସି ଉତ୍ତର ଦେଇ ନଥିଲେ । ପାଲଲହଡା ଏବଂ ତାଳଚେରର ତହସିଲଦାରମାନେ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଧ୍ୟାନରେ ରଖି ବ୍ୟକ୍ତ କଲେ ଯେ ଅପରାଧୀମାନେ ଗରିବ କୃଷକ ଏବଂ ସର୍ବାଧିକ ଜରିମାନା ଦେବାରେ ଅସମର୍ଥ ଏବଂ ସେମାନଙ୍କର ଆର୍ଥିକ ସ୍ଥିତିକୁ ବିଚାର କରି ଜରିମାନା ଆଦାୟ କରାଯାଇ ନଥିଲା । ତହସିଲଦାର, ସୁନ୍ଦରଗଡ଼ କହିଲେ (ମାର୍ଚ୍ଚ 2022) ଯେ ଲଘୁ ଖଣିଜ ପଦାର୍ଥର ବେଆଇନ୍ ଉତ୍ତୋଳନ/ ପରିବହନ ଉପରେ ଉତ୍ତୋଳନ/ ପରିବହନ କରାଯାଇଥିବା ଖଣିଜ ପଦାର୍ଥର ପରିବହନ ଭିତ୍ତିରେ ଜରିମାନା ଲଗାଇଥିଲେ ଏବଂ ଭବିଷ୍ୟତରେ ସର୍ବାଧିକ ଜରିମାନା କରାଯିବାର ଆଶ୍ୱାସନା ଦେଇଥିଲେ । ତେବେ, ବାସ୍ତବତା ଏହା ଥିଲା ଯେ, ଓଏମ୍ଏମ୍ସି ନିୟମରେ ଧାର୍ଯ୍ୟ କରାଯାଇଥିବା ପଦକ୍ଷେପ ଏବଂ ଆର୍ଆଣ୍ଡଡିଏମ୍ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ତହସିଲଦାରଙ୍କ କାର୍ଯ୍ୟ ପର୍ଯ୍ୟାପ୍ତ ନଥିଲା ।

---

44 ନିଲାମଧାରୀମାନେ ଉତ୍ତୋଳନ କରାଯାଇଥିବା ଲଘୁ ଖଣିଜ ପଦାର୍ଥର ସଠିକ୍ ମାସିକ ହିସାବ ରଖିବା ଏବଂ ପରବର୍ତ୍ତୀ ମାସର 15 ତାରିଖ ସୁଦ୍ଧା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ମାସିକ ରିଟର୍ଣ୍ଣ, ଫର୍ମ-ୱାଇ ରେ ଉପସ୍ଥାପନ କରିବା ଆବଶ୍ୟକ (ନିୟମ 56-xii)

45 ଚାନ୍ଦବାଲି (5); ଧାମନଗର (42); ପାଲଲହରା (33); ତାଳଚେର (106) ଏବଂ ସଦର, ସୁନ୍ଦରଗଡ଼(136)

46 ଚାନ୍ଦବାଲି - 33 ଘନମିଟର; ଧାମନଗର - 3,294 ଘନମିଟର; ପାଲଲହରା - 124 ଘନମିଟର; ତାଳଚେର - 2,542 ଘନମିଟର ଏବଂ ସଦର, ସୁନ୍ଦରଗଡ଼ - 9,568 ଘନମିଟର

47 ଚାନ୍ଦବାଲି- 0.53 ଲକ୍ଷ ଟଙ୍କା; ଧାମନଗର- 1.93 ଲକ୍ଷ ଟଙ୍କା; ପାଲଲହରା- 4.02 ଲକ୍ଷ ଟଙ୍କା; ତାଳଚେର - 26.22 ଲକ୍ଷ ଟଙ୍କା ଏବଂ ସଦର, ସୁନ୍ଦରଗଡ଼- 14.02 ଲକ୍ଷ ଟଙ୍କା

48 ଚାନ୍ଦବାଲି - 24.46 ଲକ୍ଷ ଟଙ୍କା; ଧାମନଗର - 2.08 କୋଟି ଟଙ୍କା; ପାଲଲହରା - 1.61 କୋଟି ଟଙ୍କା; ତାଳଚେର - 5.04 କୋଟି ଟଙ୍କା ଏବଂ ସଦର, ସୁନ୍ଦରଗଡ଼ - 6.66 କୋଟି ଟଙ୍କା

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ଅପ୍ରେଲ ଏବଂ ଅକ୍ଟୋବର 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

## 2.11 ସରକାରୀ ରାଜସ୍ୱର ସ୍ୱଳ୍ପ ଆଦାୟ

**ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜିକରଣ ଫି ର ଭୁଲ ଆକଳନ ହେତୁ ସରକାରୀ ରାଜସ୍ୱର 74.43 ଲକ୍ଷ ଟଙ୍କାର ସ୍ୱଳ୍ପ ଆଦାୟ**

ଭାରତୀୟ ଷ୍ଟାମ୍ପ (ଆଇଏସ୍) ଅଧିନିୟମ, 1899, ଓଡ଼ିଶା ସଂଶୋଧନ (ଓଏ)ର ଅନୁଚ୍ଛେଦ 35 ର ବ୍ୟାଖ୍ୟାରେ କୁହାଯାଇଛି ଯେ ଯେତେବେଳେ ଜଣେ ଲିଜ୍‌ଧାରୀ ଯେକୌଣସି ବାରମ୍ବାର ଦେୟ ଦେବାକୁ ପ୍ରତିଶ୍ରୁତି ଦିଅନ୍ତି, ଯେପରିକି ସରକାରୀ ରାଜସ୍ୱ, ଜମି ମାଲିକମାନଙ୍କର ସେସ୍ ଅଂଶ କିମ୍ବା ମ୍ୟୁନିସିପାଲିଟି ହାର କିମ୍ବା ଟ୍ୟାକ୍ସର ମାଲିକ ମାନଙ୍କର ଅଂଶ, ଯାହା ଆଇନ୍ ଅନୁଯାୟୀ ଲିଜଧାରୀଙ୍କ ଠାରୁ ଆଦାୟ ହେବା ଯୋଗ୍ୟ, ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରିବାକୁ ରାଜି ହୋଇଥିବା ପରିମାଣ ଭଡ଼ାର ଏକ ଅଂଶ ଭାବରେ ବିବେଚନା କରାଯିବ । ଆହୁରି ମଧ୍ୟ, ଅଧିନିୟମର ଅନୁଚ୍ଛେଦ 35 (a) (iii) ରୁ (vi) ଅନୁଯାୟୀ ଯେତେବେଳେ ଲିଜ୍ 5 ରୁ 100 ବର୍ଷ ମଧ୍ୟରେ ସମୟ ପାଇଁ ହୋଇଥାଏ, ସଂରକ୍ଷିତ ହାରାହାରି ବାର୍ଷିକ ଭଡ଼ା (ଏଏଆର୍) ମୂଲ୍ୟର ଏକରୁ ଚାରି ଗୁଣ[49] ସମାନ ଜରସମନ ଉପରେ ଷ୍ଟାମ୍ପ ଡ୍ୟୁଟି (ଏସ୍‌ଡି) ଲାଗୁ କରାଯିବ । ଆହୁରି ମଧ୍ୟ, ଯେଉଁଠାରେ ଭଡ଼ା ସହିତ ଜରିମାନା କିମ୍ବା ପ୍ରିମିୟମ କିମ୍ବା ଅଗ୍ରୀମ ଅର୍ଥ ପାଇଁ ଲିଜ୍ ଦିଆଯାଏ, ଭାରତୀୟ ଷ୍ଟାମ୍ପ (ଆଇଏସ୍) ଅଧିନିୟମର ଅନୁଚ୍ଛେଦ 35(c) ଅନୁଯାୟୀ ଷ୍ଟାମ୍ପ ଡ୍ୟୁଟି, ହସ୍ତାନ୍ତରଣ ପତ୍ର ରୂପକ ଲିଜରେ ଦର୍ଶାଯାଇଥିବା ଜରସମନ ଯାହା ଜରିମାନା ବା ଅଗ୍ରୀମର ପରିମାଣ କିମ୍ବା ମୂଲ୍ୟ ସହ ସମାନ ଉପରେ, ଦେୟ ହେବ । ଅଧିନିୟମର ଅନୁସୂଚୀ 1-A ର ଧାରା 23 ଅନୁଯାୟୀ ଏସ୍‌ଡି, ଜରସମନର ପରିମାଣ କିମ୍ବା ମୂଲ୍ୟର 5 ପ୍ରତିଶତ ହାରରେ ଧାର୍ଯ୍ୟ ହେବ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି (ଜାନୁଆରୀ 2001) ଅନୁଯାୟୀ ନିବନ୍ଧନ ଶୁଳ୍କ (ଆର୍‌ଏଫ୍) ଦଲିଲ ଗୁଡ଼ିକର ଜରସମନ ମୂଲ୍ୟର 2 ପ୍ରତିଶତ ହାରରେ ଲାଗୁ କରାଯିବ ।

ଅଡିଟ୍, ଛଅଟି ଜିଲ୍ଲା ଉପନିବନ୍ଧକ (ଡିଏସ୍‌ଆର୍) ଏବଂ ଉପନିବନ୍ଧକ (ଏସ୍‌ଆର୍)ଙ୍କ କାର୍ଯ୍ୟାଳୟର[50] ଲିଜ୍ ଡିଡ୍‌କୁ ଯାଞ୍ଚ କଲେ (ଅଗଷ୍ଟ 2021 ରୁ ମାର୍ଚ୍ଚ 2022) ଏବଂ ଅବଲୋକନ କଲା ଯେ 25 ଟି ମାମଲାରେ ବ୍ୟବସାୟିକ ଉଦ୍ଦେଶ୍ୟରେ ସଂପୃକ୍ତ ସମ୍ପତ୍ତିକୁ ମାସିକ ଭଡ଼ା ଭିତ୍ତିରେ 5 ରୁ 15 ପ୍ରତିଶତ ବୃଦ୍ଧି ସହିତ ଭଡ଼ା ଦେବା କିମ୍ବା ଭଡ଼ା ଦେଇ ଭଡ଼ା ନେବା ପାଇଁ 7 ରୁ 29 ବର୍ଷ ଅବଧି ପର୍ଯ୍ୟନ୍ତ ଲିଜ୍ ରାଜିନାମା ପଞ୍ଜୀକୃତ ହୋଇଥିଲା (ମେଇ 2019 ରୁ ମାର୍ଚ୍ଚ 2021) । ଚୁକ୍ତିନାମା ଅନୁଯାୟୀ ଲିଜ୍‌ଧାରୀ ମାନେ ଭଡ଼ା ଉପରେ ନିର୍ଦ୍ଧାରିତ ହାରରେ ଲିଜ୍ ପ୍ରଦାନକାରୀଙ୍କ ତରଫରୁ ଭଡ଼ା ଏବଂ ଦ୍ରବ୍ୟ ଏବଂ ସେବା ଟିକସ[51] (ଜିଏସ୍‌ଟି) ଦେବାକୁ ଥିଲା, ଯାହା ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜିକରଣ ଫି ଲାଗୁ କରିବା ପାଇଁ ସମୁଦାୟ ଜରସମନର ହିସାବ ପାଇଁ ବିଚାର କରାଯିବାର ଥିଲା । ଏହା ମଧ୍ୟ ଲକ୍ଷ୍ୟ କରାଗଲା ଯେ, ଏସ୍‌ଡି ଏବଂ ଆର୍‌ଏଫ୍ ଆକଳନ ପାଇଁ ଏଏଆର୍ ଗୁଡିକୁ ଗଣନା କରିବା ବେଳେ ପଞ୍ଜୀକୃତ କର୍ତ୍ତୃପକ୍ଷ (ଆର୍‌ଏ) ଜିଏସ୍‌ଟି ପରିମାଣକୁ ବିଚାରକୁ ନେଇନଥିଲେ । ଚୁକ୍ତିନାମା ଅନୁଯାୟୀ ଲିଜଧାରୀଙ୍କୁ 11.09 କୋଟି ଟଙ୍କାର ସିକ୍ୟୁରିଟି ଡିପୋଜିଟ୍ ଦେବା ଆବଶ୍ୟକତା ଥିଲା ଏବଂ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜକରଣ ଫି ଗଣନା ପାଇଁ ମଧ୍ୟ ସମାନ ବିଚାର କରିବାର ଥିଲା । ଏଏଆର୍, ଜିଏସ୍‌ଟି ଲିଜ୍ ଅବଧି (ଏକ ରୁ ଚରିଗୁଣ) ଅନୁଯାୟୀ ଗୁଣନ କାରକ ଏବଂ ସିକ୍ୟୁରିଟି ଡିପୋଜିଟ୍‌କୁ ଧ୍ୟାନରେ ରଖି ଏସ୍‌ଡି ଏବଂ ଆର୍‌ଏଫ୍ ଲାଗୁ କରିବା ପରେ ସମୁଦାୟ ଜରସମନ 72.01 କୋଟି ହେଲା । ମୋଟ ଜରସମନ ଉପରେ ଷ୍ଟାମ୍ପ ଡ୍ୟୁଟି ଏବଂ ନିବନ୍ଧନ ଶୁଳ୍କ ଯଥାକ୍ରମେ 3.60 କୋଟି ଟଙ୍କା ଏବଂ 1.44 କୋଟି ଟଙ୍କା ହୋଇଥିଲା । ଏହା ବିରୁଦ୍ଧରେ ପଞ୍ଜିକରଣ କର୍ତ୍ତୃପକ୍ଷ ଯଥାକ୍ରମେ 3.07 କୋଟି ଟଙ୍କା

[49] ପାଞ୍ଚ ରୁ 10 ବର୍ଷ ପାଇଁ ଲିଜ୍ ଅବଧି- ଗୋଟିଏ ଥର, 10 ରୁ 20 ବର୍ଷ- ଦୁଇଥର: 20 ରୁ 30 ବର୍ଷ- ତିନି ଥର ଏବଂ 30 ରୁ 40 ବର୍ଷ- ଚାରିଥର

[50] ଜିଲ୍ଲା ଉପ ନିବନ୍ଧକ କାର୍ଯ୍ୟାଳୟ ସବୁ: ଜିଲ୍ଲା ଉପନିବନ୍ଧକ, ଖୋର୍ଦ୍ଧା (ଭୁବନେଶ୍ୱର), ଜିଲ୍ଲା ଉପନିବନ୍ଧକ, କଟକ, ଜିଲ୍ଲା ଉପନିବନ୍ଧକ, ପୁରୀ, ଉପନିବନ୍ଧକ, ଖଣ୍ଡଗିରି, ଉପନିବନ୍ଧକ, ପାନପୋଷ ଏବଂ ଉପନିବନ୍ଧକ, ଜଗତପୁର

[51] ବ୍ୟବସାୟିକ ଉଦ୍ଦେଶ୍ୟରେ ଭଡ଼ା ଦିଆଯାଇଥିବା ସମ୍ପତ୍ତି ଉପରେ ଭଡ଼ା ସହିତ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଶତକଡ଼ା 18 ହାରରେ ଲିଜଧାରୀଙ୍କ ଦ୍ୱାରା ଦେୟ ହେବ

ଏବଂ 1.23 କୋଟି ଟଙ୍କା ଷ୍ଟାମ୍ପ ଡ୍ୟୁଟି ଏବଂ ନିବନ୍ଧନ ଶୁଳ୍କ ଲାଗୁ କରିଥିଲେ ଏବଂ ଆଦାୟ କରିଥିଲେ, ଫଳସ୍ୱରୂପ 74.43 ଲକ୍ଷ ଟଙ୍କାର ସ୍ୱଳ୍ପ ଲାଗୁ ଏବଂ ଆଦାୟ ହୋଇଥିଲା ।

ଏହିପରି, ପଞ୍ଜିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଷ୍ଟାମ୍ପ ଡ୍ୟୁଟି ଏବଂ ନିବନ୍ଧନ ଶୁଳ୍କର ଭୁଲ ଆକଳନ ହେତୁ ସରକାରୀ ରାଜସ୍ୱର ସ୍ୱଳ୍ପ ଆଦାୟ ହେଲା, ଯାହାର ପରିମାଣ 74.43 ଲକ୍ଷ ଟଙ୍କା ।

ଏହି ମାମଲା ସରକାରଙ୍କୁ ଜଣାଯାଇଛି (ଅକ୍ଟୋବର 2022); ଉତ୍ତର ଅପେକ୍ଷା କରାଯାଇଛି (ଜାନୁଆରୀ 2024) ।

## 2.12 ଟେଣ୍ଡରର ଅଯଥା ବାତିଲ ହେତୁ ଅତିରିକ୍ତ ଖର୍ଚ୍ଚ

**ପଲିଥିନ୍ ରୋଲ୍ କ୍ରୟ ପାଇଁ ନ୍ୟାର୍ଯ୍ୟ ଟେଣ୍ଡର ଅଯଥା ବାତିଲ ନିଷ୍ପତ୍ତି ହେତୁ 3.90 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ**

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଜିଏଫ୍ଆର୍), 2017 ର ନିୟମ 173 ରେ ବ୍ୟବସ୍ଥା ଅଛି ଯେ ସମସ୍ତ ସରକାରୀ କ୍ରୟ, ଟଙ୍କାର ସର୍ବୋତ୍ତମ ମୂଲ୍ୟକୁ ସୁରକ୍ଷିତ କରିବା ଏବଂ କ୍ରୟ ପ୍ରକ୍ରିୟାରେ ସ୍ୱେଚ୍ଛାଚାରିତାକୁ ଦୂର କରିବା ପାଇଁ ଏକ ସ୍ୱଚ୍ଛ, ପ୍ରତିଯୋଗିତାମୂଳକ ଏବଂ ନିରପେକ୍ଷ ପଦ୍ଧତିରେ କରାଯିବା ଉଚିତ୍ । ଅର୍ଥ ବିଭାଗ, ଓଡ଼ିଶା ସରକାର ସମସ୍ତ ବିଭାଗକୁ ସରକାରୀ ଇ-ମାର୍କେଟ (ଜିଇଏମ୍) ପୋର୍ଟାଲ ମାଧ୍ୟମରେ ସର୍ବାଧିକ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2019) । ଯଦି, ଓପନ୍ ବିଡିଂ ମାଧ୍ୟମରେ କ୍ରୟ ଅପରିହାର୍ଯ୍ୟ, ତେବେ କିଣାଯାଉଥିବା ବସ୍ତୁଗୁଡିକ ଜିଇଏମ୍‌ରେ ଉପଲବ୍ଧ ନଥିଲା କିମ୍ବା ଓପନ୍ ବିଡିଂରେ ଜଣାପଡିଥିବା ମୂଲ୍ୟ ଜିଇଏମ୍ ପୋର୍ଟାଲରେ ଉପଲବ୍ଧ ମୂଲ୍ୟଠାରୁ କମ୍ ଥିଲା ସୂଚାଇ, କ୍ରୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ଏକ ପ୍ରମାଣପତ୍ର ପ୍ରଦାନ କରାଯିବ ।

ବିପର୍ଯ୍ୟୟ ପରିଚାଳନା ଅଧିନିୟମ, 2005 ଅଧୀନରେ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସ୍ଇସି) ବିପର୍ଯ୍ୟୟ ସମୟରେ ଆବଶ୍ୟକତା ପୂରଣ କରିବା ପାଇଁ ପଲିଥିନ୍ ରୋଲ୍‌ର ରାଜ୍ୟସ୍ତରୀୟ ବଫର ଷ୍ଟକ୍‌କୁ 1,500 ଏମ୍‌ଟି ରୁ 3,000 ଏମ୍‌ଟିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି (16 ମଇ 2019) ନେଇଥିଲା । 1,700 ଏମ୍‌ଟିର ଉପଲବ୍ଧ ବଫର୍ ଷ୍ଟକ୍‌କୁ ବିଚାରକୁ ନେଇ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍ ଆଣ୍ଡ ଡିଏମ୍) ବିଭାଗ ଓପନ୍ ଟେଣ୍ଡର ମାଧ୍ୟମରେ 1,300 ଏମ୍‌ଟି ପଲିଥିନ୍ ରୋଲ୍ କ୍ରୟ କରିବାକୁ ପ୍ରସ୍ତାବ (4 ଅଗଷ୍ଟ 2020) ଦେଇଥିଲା, ଯାହା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ ଦ୍ୱାରା ସହମତି ପାଇଥିଲା । ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ, 14 ଅଗଷ୍ଟ 2020 ରେ ଅନୁମୋଦନ କରିଥିଲେ । ପରବର୍ତ୍ତୀ ସମୟରେ (19 ଅଗଷ୍ଟ 2020), ଜିଇଏମ୍ ପୋର୍ଟାଲ ମାଧ୍ୟମରେ କ୍ରୟ କରିବାର ସମ୍ଭାବନାକୁ ଅନୁସନ୍ଧାନ କରାଯାଇପାରେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ପରାମର୍ଶ ଦେଇଥିଲେ । ଅର୍ଥ ବିଭାଗ ସହିତ ପରାମର୍ଶ କରି ଆର୍‌ଆଣ୍ଡ୍‌ଡିଏମ୍ ବିଭାଗ, ଜିଇଏମ୍ ପୋର୍ଟାଲ୍ ମାଧ୍ୟମରେ କ୍ରୟ କରିବାକୁ ନିଷ୍ପତ୍ତି ନେଇଥିଲେ । ସେହି ଅନୁସାରେ, ଜିଇଏମ୍ ପୋର୍ଟାଲରେ 1,300 ଏମ୍‌ଟି ପଲିଥିନ୍ କ୍ରୟ ପାଇଁ ଏକ ଟେଣ୍ଡର ଡକାଯାଇଥିଲା (1 ସେପ୍ଟେମ୍ବର 2020) । ଟେଣ୍ଡର ସର୍ତ୍ତାବଳୀ ଅନୁଯାୟୀ, ଟେଣ୍ଡର ମାଧ୍ୟମରେ ଆସିଥିବା ସର୍ବନିମ୍ନ ମୂଲ୍ୟ ଅନୁମୋଦିତ ମୂଲ୍ୟ ହେବ । ଏଲ୍$_1$, ଏଲ୍$_2$ ଏବଂ ଏଲ୍$_3$ ବିଡର ମାନଙ୍କୁ ନେଇ ତିନିଜଣିଆ ବିଡରଙ୍କ ପ୍ୟାନେଲ୍ ପ୍ରସ୍ତୁତ ହେବାକୁ ଥିଲା, ଟେଣ୍ଡର ସର୍ତ୍ତାବଳୀକୁ ଆଧାର କରି ଏବଂ 43:35:22 ଅନୁପାତରେ ତିନି ବିଡରଙ୍କ ମଧ୍ୟରେ ଇଣ୍ଡେଣ୍ଟ ପରିମାଣ ବିଭାଜିତ ହେବାର ଥିଲା, ଯେହେତୁ, ଜିଇଏମ୍ ପୋର୍ଟାଲ୍ କେବଳ ତିନୋଟି ବିଡରଙ୍କ ମଧ୍ୟରେ ବିଭାଜନ କରିବାକୁ ଅନୁମତି ଦେଇଥିଲା । ଏହି ସମୟରେ, କ୍ରୟ ପରିମାଣ 1,625 ଏମ୍‌ଟିକୁ ବୃଦ୍ଧି କରାଯାଇଥିଲା ।

ରାଜ୍ୟସ୍ତରୀୟ କ୍ରୟ କମିଟି[52] (ଏସ୍ଏଲ୍‌ପିସି) ଏଲ୍1 ମୂଲ୍ୟ କିଲୋଗ୍ରାମ୍ ପ୍ରତି 166 ଟଙ୍କାକୁ (14 ଅକ୍ଟୋବର 2020) ଗ୍ରହଣ କଲା । ଏସ୍ଏଲ୍‌ପିସି ଲକ୍ଷ୍ୟ କଲା ଯେ କେବଳ ଏଲ୍1 ବିତରଙ୍କ ଦ୍ୱାରା 30 ଦିନ ଧାର୍ଯ୍ୟ ସମୟ ମଧ୍ୟରେ ସମୁଦାୟ 1,625 ଏମ୍‌ଟି ପରିମାଣ ଯୋଗାଇବା ସମ୍ଭବ ନୁହେଁ, ତେଣୁ, ଏହା ତିନି ବିତରଙ୍କ ମଧ୍ୟରେ ଆଦେଶ ହୋଇଥିବା ପରିମାଣକୁ ବିଭାଜନ କରିବାର ସମ୍ଭାବନା ଅନ୍ୱେଷଣ କଲା । ଏସ୍ଏଲ୍‌ପିସି ପୁନର୍ବାର ଜାଣିବାକୁ ପାଇଲା ଯେ ତିନୋଟି ଚିହ୍ନିତ ବିତର 1,625 ଏମ୍‌ଟିର ଟେଣ୍ଡର ହୋଇଥିବା ପରିମାଣ ବିରୁଦ୍ଧରେ ଧାର୍ଯ୍ୟ ସମୟ ମଧ୍ୟରେ କେବଳ 505 ଏମ୍‌ଟି ଯୋଗାଇ ପାରିବେ । ତେଣୁ, ଏସ୍ଏଲ୍‌ପିସି ସମସ୍ତ 10ଟି ବୈଷୟିକ ଯୋଗ୍ୟତା ସମ୍ପନ୍ନ ବିତରଙ୍କ ମଧ୍ୟରେ ଟେଣ୍ଡର ପରିମାଣର ବିଭାଜନ ଉପରେ ଭାରତ ସରକାରଙ୍କ ଜିଇଏମ୍‌ର ହେଲ୍ପ ଡେସ୍କରୁ ସ୍ପଷ୍ଟୀକରଣ ମାଗିଥିଲା । ଏସ୍ଏଲ୍‌ପିସିର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତିନିରୁ ଅଧିକ ବିତରଙ୍କ ମଧ୍ୟରେ ପରିମାଣ ବାଣ୍ଟିବାର ସମ୍ଭାବନାକୁ ନିଶ୍ଚିତ କରୁଥିବାବେଳେ, କ୍ରେତାଙ୍କ ନିଷ୍ପତ୍ତିରେ ଏହି ମାମଲା ଛାଡିଥିଲେ, ଯଦି ଏହିପରି ବିଭାଜନ ପାଇଁ ଟେଣ୍ଡର ସର୍ତ୍ତ ଅନୁଯାୟୀ ଥିଲା । ଯେହେତୁ ଟେଣ୍ଡର ସର୍ତ୍ତରେ କେବଳ ତିନିଟି ବିତରଙ୍କ ମଧ୍ୟରେ ବିଭାଜନ ପାଇଁ ବ୍ୟବସ୍ଥା ଥିଲା, ତେଣୁ ଆର୍‌ଆଣ୍ଡଡିଏମ୍ ବିଭାଗ, ବିପର୍ଯ୍ୟୟ ପରିଚାଳନା ଅଧିନିୟମ, 2005 ର ଧାରା 50 କୁ ଲାଗୁ କରିଥିଲେ, ଯାହା ଜରୁରୀକାଳୀନ କ୍ରୟ ପାଇଁ ମାନକ କ୍ରୟ ପ୍ରକ୍ରିୟାରୁ ବିଚ୍ୟୁତ ହେବାକୁ ଅନୁମତି ଦେଇଥାଏ । ତଦନୁସାରେ, ଏସ୍ଏଲ୍‌ପିସି 10 ଜଣ ବୈଷୟିକ ଯୋଗ୍ୟତା ସମ୍ପର୍ଣ୍ଣ ବିତରଙ୍କ ଠାରୁ, ସମସ୍ତ ଟିକସ, ଶୁଳ୍କ ଦେୟ ଏବଂ ପୂର୍ବ-ବିତରଣ ଯାଞ୍ଚ ଦେୟ ଅନ୍ତର୍ଭୁକ୍ତ କରି, ଏଲ୍$_1$ ମୂଲ୍ୟ କି.ଗ୍ରା. ପ୍ରତି 166 ଟଙ୍କାରେ 1,625 ଏମ୍‌ଟି କ୍ରୟ ପାଇଁ ସୁପାରିଶ କରିଥିଲେ (14 ଅକ୍ଟୋବର 2020) । ଏସ୍ଏଲ୍‌ପିସିର ସୁପାରିଶକୁ ସରକାର (ମୁଖ୍ୟମନ୍ତ୍ରୀ) ଅନୁମୋଦନ (11 ନଭେମ୍ବର 2020) କରିଥିଲେ । ଅବଶ୍ୟ, କ୍ରୟ ପାଇଁ ଏକ ଆଦେଶ ଦେବା ପରିବର୍ତ୍ତେ, ଏସ୍ଆର୍‌ସି ଉପସ୍ଥାପନ କଲା (12 ନଭେମ୍ବର 2020) ଯେ, ଯେହେତୁ 'ସାଇକ୍ଲୋନ୍ ସିଜନ୍ ସମାପ୍ତ ହୋଇଛି ଆମେ ଜରୁରୀକାଳୀନ କ୍ରୟ ପାଇଁ ଯାଇପାରିବୁ ନାହିଁ' । ଆହୁରି ମଧ୍ୟ, ଏସ୍ଆର୍‌ସି କହିଥିଲା ଯେ ଛଅ ମାସ ସମୟ ଉପଲବ୍ଧ ଥିଲା ତେଣୁ ଏହା ପରିବର୍ତ୍ତେ ସାଧାରଣ ଜିଇଏମ୍ କ୍ରୟ ପ୍ରକ୍ରିୟା ଅନୁସରଣ କରାଯାଇପାରେ । ସେହି ଅନୁସାରେ, ଟେଣ୍ଡର ବାତିଲ କରିବାକୁ ଅନୁମତି ଦିଆଯାଉ ଏବଂ କ୍ରୟ ପାଇଁ ସାଧାରଣ ଜିଇଏମ୍ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଥିଲା । ସେହି ଦିନ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । 16 ନଭେମ୍ବର 2020 ରେ ଟେଣ୍ଡର ବାତିଲ୍ କରାଯାଇଥିଲା ।

1,775 ଏମ୍‌ଟି ପଲିଥିନ୍ ରୋଲ୍‌ର କ୍ରୟ ପାଇଁ ଜିଇଏମ୍ ପୋର୍ଟାଲ୍ ମାଧ୍ୟମରେ ଏକ ସଂଶୋଧିତ ଟେଣ୍ଡର ଜାରି ହୋଇଥିଲା (14 ଡିସେମ୍ବର 2020) । ଯେହେତୁ କେବଳ ଗୋଟିଏ ବିଡ୍ ବୈଷୟିକ ଯୋଗ୍ୟ ବୋଲି ଦେଖାଯାଇଥିଲା, ଟେଣ୍ଡର୍‌ଟିକୁ କେବଳ 'ଏକକ ବିଡ୍' ବୋଲି ବାତିଲ କରାଯାଇଥିଲା (19 ଜାନୁଆରୀ 2021) ।

ପଲିଥିନ୍ ରୋଲ୍ କ୍ରୟ କରିବାର ତୃତୀୟ ପ୍ରୟାସରେ, ଆର୍‌ଆଣ୍ଡଡିଏମ୍ ବିଭାଗ ଟେଣ୍ଡର ଜାରି କରିବା ପାଇଁ ରାଜ୍ୟ ସରକାରଙ୍କ ଇ-ଟେଣ୍ଡର ପୋର୍ଟାଲ ବ୍ୟବହାର କରିବାକୁ ନିଷ୍ପତ୍ତି (27 ଜାନୁଆରୀ 2021) ନେଇଥିଲେ । ସେହି ଅନୁଯାୟୀ, 70 ଦିନ ମଧ୍ୟରେ ଯୋଗାଣ ସମାପ୍ତ ହେବ ବୋଲି ସର୍ତ୍ତ ସହିତ ଇ-ଟେଣ୍ଡର ପୋର୍ଟାଲରେ ଏକ ଟେଣ୍ଡର ଜାରି ହୋଇଥିଲା (4 ମାର୍ଚ୍ଚ 2021) । ଏସ୍ଏଲ୍‌ପିସି 1,775 ଏମ୍‌ଟି ପଲିଥିନ୍ କ୍ରୟକୁ 11ଟି ବୈଷୟିକ ଯୋଗ୍ୟ ସଂସ୍ଥା ମଧ୍ୟରେ ବିଭାଜନ କରି, ଏଲ୍$_1$ ମୂଲ୍ୟରେ ସମସ୍ତ ଟିକସ, ଶୁଳ୍କ, ଦେୟ ଏବଂ ପୂର୍ବ ବିତରଣ ଯାଞ୍ଚ ଚାର୍ଜ ଅନ୍ତର୍ଭୁକ୍ତ କରି କି.ଗ୍ରା. ପ୍ରତି 190 ଟଙ୍କାରେ ଅନୁମୋଦନ କରିଥିଲେ (30 ମାର୍ଚ୍ଚ 2021) । ତଦନୁସାରେ, ଏସ୍ଆର୍‌ସି 33.66 କୋଟି ଟଙ୍କାରେ 1,774.97 ଏମ୍‌ଟି ପଲିଥିନ୍ କ୍ରୟ କରିଥିଲା । ଏହିପରି, ପରିଶେଷରେ କି.ଗ୍ରା. ପ୍ରତି 190 ଟଙ୍କାରେ କ୍ରୟ କରାଯାଇଥିଲା, ଯାହାକି ପ୍ରଥମ ଟେଣ୍ଡରରେ କି.ଗ୍ରା. ପ୍ରତି 166 ଟଙ୍କାରେ ଉପସ୍ଥାପନ ହୋଇଥିବା ମୂଲ୍ୟ ବିପକ୍ଷରେ 24 ଟଙ୍କା ଅଧିକ ଥିଲା ।

ଅଡିଟ୍ ଏହା ଦେଖିଲେ:

---

52 ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର (ଅଧକ୍ଷ); ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଟ; ଯୁଗ୍ମ ଶାସନ ସଚିବ, ଆଇନ୍ ବିଭାଗ; ଏଫ୍‌ଏ ତଥା ଯୁଗ୍ମ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍; ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ, ଇପିଓଏମ୍ ନିର୍ଦ୍ଦେଶାଳୟ; ସହକାରୀ ନିର୍ଦ୍ଦେଶକ, ଜିଇଏମ୍ ଓ ଲେଖା ଅଧିକାରୀ, ଜିଇଏମ୍

- ପ୍ରଥମ ଟେଣ୍ଡର ମୁଖ୍ୟତଃ ମାନକ କ୍ରୟ ପ୍ରକ୍ରିୟାରୁ ବିଚ୍ୟୁତ ହେତୁ ଆଧାରରେ ବାତିଲ କରାଯାଇଥିଲା, ଯେପରି, ଟେଣ୍ଡର ନୋଟିସ୍‌ରେ ଧାର୍ଯ୍ୟ ଥିବା ତିନି ଜଣ ବିଡରଙ୍କ ପରିବର୍ତ୍ତେ ଟେଣ୍ଡର ପରିମାଣକୁ 10 ଜଣ ବିଡରଙ୍କ ମଧ୍ୟରେ ବିଭାଜନ କରିବା ବାତିଲ ପାଇଁ ନିଆଯାଇଥିବା ଆଧାର ସଠିକ୍ ନଥିଲା, କାରଣ ବିପର୍ଯ୍ୟୟ ପରିଚାଳନା ଆଇନର ଧାରା 50 ଲାଗୁ ହେବା ପରେ ବିଚ୍ୟୁତି ନିୟମିତ ହୋଇଥାଏ, ଯାହା କ୍ରୟକାରୀ ଏଜେନ୍ସିକୁ ମାନକ କ୍ରୟ ପ୍ରକ୍ରିୟାରୁ ବିଚ୍ୟୁତ କରିବାକୁ କ୍ଷମତା ପ୍ରଦାନ କରିଥାଏ ।
- ଆହୁରି ମଧ୍ୟ, ଟେଣ୍ଡର ସର୍ତ୍ତ ଅନୁଯାୟୀ ତିନିଟି ବିଡରଙ୍କ ମଧ୍ୟରେ ପରିମାଣ ବିଭାଜନ କରିବାର ସମ୍ଭାବନା ଗ୍ରହଣ କରାଯାଇ ନଥିଲା, ଯେହେତୁ ସେମାନେ ଧାର୍ଯ୍ୟ 30 ଦିନ ସମୟ ମଧ୍ୟରେ ମୋଟ 1,625 ଏମ୍‌ଟି ପରିମାଣ ମଧ୍ୟରୁ 505 ଏମ୍‌ଟି ଯୋଗାଇବାକୁ ପ୍ରସ୍ତାବ ଦେଇଥିଲେ । ଯେତେବେଳେ ଗୋଟିଏ ପଟେ ଏସ୍‌ଆର୍‌ସି ସାଇକ୍ଲୋନ୍ ସିଜନ୍ ସମାପ୍ତ ହୋଇଛି ଏବଂ କୌଣସି ଜରୁରୀ ନାହିଁ ଆଧାରରେ କ୍ରୟକୁ ସ୍ଥଗିତ ରଖିବାକୁ ସ୍ଥିର କଲା, ସେହି ସମୟରେ ଏହା ଆଶା କରିଥିଲା ଯେ ବିଡରମାନେ ସମ୍ପୂର୍ଣ୍ଣ ଅର୍ଡର ପରିମାଣକୁ ସୁରକ୍ଷିତ କରିବା ପାଇଁ; ଯୋଗାଣ ଅବଧି ବୃଦ୍ଧି କରିବା ପରିବର୍ତ୍ତେ 30 ଦିନ ମଧ୍ୟରେ ଅର୍ଡର ପରିମାଣ ଯୋଗାଇ ଦେବେ ।
- ଜରୁରୀ ନୁହେଁ ବୋଲି ଦର୍ଶାଇ ରାଜ୍ୟସ୍ତରୀୟ ବଫର ଷ୍ଟକ୍ ପୂରଣ କରିବା ପାଇଁ କ୍ରୟ ପ୍ରକ୍ରିୟାକୁ ସ୍ଥଗିତ ରଖିବା, ଅପ୍ରତ୍ୟାଶିତ ଜରୁରୀକାଳୀନ ପରିସ୍ଥିତିକୁ ସାମନା କରିବା ପାଇଁ ବଫର୍ ଷ୍ଟକ୍ ବଜାୟ ରଖିବା ଉଦ୍ଦେଶ୍ୟ ବିରୁଦ୍ଧରେ ଥିଲା । ସାଇକ୍ଲୋନ୍ ସିଜନ୍ ନଭେମ୍ବର ମାସରେ ଶେଷ ହୋଇଥିଲା ଏବଂ କ୍ରୟ ପାଇଁ ଛଅ ମାସ ସମୟ ଉପଲବ୍ଧ ଥିଲା, ବିଶ୍ୱାସଯୋଗ୍ୟ ନଥିଲା, ଯେହେତୁ ଏହି ତଥ୍ୟରୁ ସ୍ପଷ୍ଟ ଥିଲା ଯେ, ସାଇକ୍ଲୋନ୍ ଜୱାଦ୍ 2-4 ଡିସେମ୍ବର 2021 ମଧ୍ୟରେ ଓଡ଼ିଶା ଉପକୂଳରେ ଆଘାତ ଦେଇଥିଲା ।

ପ୍ରତିକ୍ରିୟାରେ ଏସ୍‌ଆର୍‌ସି ବ୍ୟକ୍ତ କରିଥିଲେ (ଜୁନ୍ 2022) ଯେ:

(i) ପ୍ରଥମ ଟେଣ୍ଡର ବାତିଲ କରିଦିଆଯାଇଥିଲା, କାରଣ ଭାରତୀୟ ପାଣିପାଗ ବୈଷୟିକ ବିଭାଗ ନଭେମ୍ବର 2020 ରେ ସାଇକ୍ଲୋନ୍ ହେବାର କୌଣସି ସମ୍ଭାବନା ପୂର୍ବାନୁମାନ କରିନଥିଲା । ଅଧିକନ୍ତୁ, ଏହାର ବଫର୍ ଷ୍ଟକ୍‌ରେ 1,200 ଏମ୍‌ଟି ପଲିଥିନ୍ ରୋଲ୍ ଥିଲା ଯେଉଁ କାରଣରୁ, ଜରୁରୀକାଳୀନ କ୍ରୟ ପାଇଁ ଯିବା ପରିବର୍ତ୍ତେ ସାଧାରଣ ଜିଇଏମ୍ ପ୍ରଣାଳୀ ମାଧ୍ୟମରେ ଅବଶିଷ୍ଟ ପରିମାଣ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

(ii) ତିନିଟି ସର୍ଟଲିଷ୍ଟ ବିଡର (ଯଥା ଏଲ୍$_1$, ଏଲ୍$_2$ ଏବଂ ଏଲ୍$_3$) ଧାର୍ଯ୍ୟ ସମୟ (ଯଥା 30 ଦିନ) ମଧ୍ୟରେ ପରିମାଣ 1,625 ଏମ୍‌ଟି ଯୋଗାଇବାକୁ ରାଜି ହୋଇନଥିଲେ । ତେଣୁ, ସେମାନେ ବୈଷୟିକ ଭାବେ ଅଯୋଗ୍ୟ ହୋଇଥିଲେ ।

(iii) ରାଜ୍ୟସ୍ତରରେ ବଫର ଷ୍ଟକ୍ ବଜାୟ ରଖିବା ଉଦ୍ଦେଶ୍ୟ ଥିଲା, ଜିଲ୍ଲାସ୍ତରରେ ଉପଲବ୍ଧ ଷ୍ଟକ୍ ବ୍ୟତୀତ ଜିଲ୍ଲାଗୁଡିକୁ ଅତିରିକ୍ତ ସହାୟତା ପ୍ରଦାନ କରିବା । ସ୍ଥିତି ଅତି ଗତିଶୀଳ ଥିଲା ଏବଂ ରାଜ୍ୟସ୍ତରରେ ରଣନୀତି ସେହି ଅନୁଯାୟୀ ଯୋଜନା କରାଯାଇଥିଲା । କ୍ରୟ ଢାଞ୍ଚା ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ମାନକ ନଥିଲା, ଯାହା ସାଧାରଣତଃ ସମୟ ଏବଂ ଆବଶ୍ୟକତା ଉପରେ ନିର୍ଭରଶୀଳ ଥିଲା ।

ଉତ୍ତର ନିମ୍ନଲିଖିତ କାରଣରୁ ଗ୍ରହଣୀୟ ନୁହେଁ:

(i) ପଲିଥିନ୍ ରୋଲ୍‌ର ଶେଷ ଉପଭୋକ୍ତାମାନେ କେବଳ ସାଇକ୍ଲୋନର ଶିକାର ନୁହଁନ୍ତି, କାରଣ ପ୍ରାକୃତିକ ତଥା ଅପ୍ରାକୃତିକ ବିପର୍ଯ୍ୟୟ ଯେପରିକି, ବନ୍ୟା, ଭୂକମ୍ପ, ଜଙ୍ଗଲ ଅଗ୍ନିକାଣ୍ଡ, ଭୂସ୍ଖଳନ, ଦୁର୍ଘଟଣାଗ୍ରସ୍ତ ଘର ଅଗ୍ନିକାଣ୍ଡ ଇତ୍ୟାଦିର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କ ଦ୍ୱାରା ପଲିଥିନ୍ ରୋଲ୍ ବ୍ୟବହାର କରାଯାଇପାରେ । ତେଣୁ, କେବଳ ସାଇକ୍ଲୋନ୍ ବିପଦ କ୍ରୟ ପ୍ରକ୍ରିୟାକୁ ସ୍ଥଗିତ କରିବାରେ ସାମିଲ୍ ହେବା ଉଚିତ୍ ନଥିଲା, ବିଶେଷତଃ ଯେତେବେଳେ ରାଜ୍ୟସ୍ତରୀୟ ବଫର୍ ଷ୍ଟକ୍ ଆବଶ୍ୟକ 3,000 ଏମ୍‌ଟି ଠାରୁ କମ୍ ଥିଲା । ଆହୁରି ମଧ୍ୟ, ବିପର୍ଯ୍ୟୟ ପରିଚାଳନା ଅଧିନିୟମର ଧାରା 50 ଲାଗୁହେବା, ସରକାରଙ୍କୁ ଟେଣ୍ଡର ସର୍ତ୍ତ ଅନୁଯାୟୀ ତିନୋଟି ବିଡରଙ୍କ (ଏଲ୍$_1$, ଏଲ୍$_2$ ଓ

ଏଲ୍3) ବିପକ୍ଷରେ ସମସ୍ତ 10 ଟି ବୈଷୟିକ ଯୋଗ୍ୟ ବିଡରଙ୍କ ଉପରେ କ୍ରୟ ଆଦେଶ ପ୍ରଦାନ କରିବାରେ ସକ୍ଷମ କରିଥିଲା । ଯେହେତୁ ପ୍ରଥମ ତିନିଜଣ ସର୍ବନିମ୍ନ ବିଡ୍ ଦାଖଲକାରୀ 1,625 ଏମ୍‌ଟି ମଧ୍ୟରୁ, କେବଳ 505 ଏମ୍‌ଟି ଯୋଗାଇବା ପାଇଁ ରାଜି ଥିଲେ, ଅବଶିଷ୍ଟ ପରିମାଣ, ତିନି ଜଣ ସର୍ବନିମ୍ନ ବିଡ୍ ଦାଖଲକାରୀଙ୍କ ସ୍ୱାର୍ଥକୁ ଅକ୍ଷୁର୍ଣ୍ଣ ରଖି ଅବଶିଷ୍ଟ ବିଡ୍ ଦାଖାଲକାରୀଙ୍କ ଠାରୁ ସଂଗ୍ରହ କରାଯାଇପାରିଥାନ୍ତା ।

(ii) ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ 10 ବୈଷୟିକ ଯୋଗ୍ୟ ବିଡରଙ୍କ ଯୋଗାଣ ପରିମାଣ, 1,625 ଏମ୍‌ଟିର ଇଣ୍ଡେଣ୍ଟେଡ୍ ପରିମାଣ ବିରୁଦ୍ଧରେ 1,260 ଏମ୍‌ଟି ଥିଲା, ଯାହା ସୂଚାଉଥିଲା ଯେ, ଟେଣ୍ଡରରେ ଧାର୍ଯ୍ୟ ହୋଇଥିବା 30 ଦିନର ଯୋଗାଣ ଅବଧି ବାସ୍ତବ ନଥିଲା । ଅଧିକନ୍ତୁ, ତିନୋଟି ସର୍ଟଲିଷ୍ଟ ହୋଇଥିବା ବିଡରଙ୍କୁ ବିଡ୍ ସ୍କ୍ରିନିଙ୍ଗ୍ ପ୍ରକ୍ରିୟାରେ ବୈଷୟିକ ଅଯୋଗ୍ୟ ଘୋଷିତ କରାଯାଇ ନଥିଲା ।

ଏହିପରି, ଜିଇଏମ୍ ଦ୍ୱାରା ଟେଣ୍ଡର ଚୂଡାନ୍ତ ହୋଇଥିବା ସତ୍ତ୍ୱେ, ଅନୁଚିତ୍ ଆଧାର କାରଣରୁ 1,625 ଏମ୍‌ଟି ପଲିଥିନ୍ ରୋଲ୍ କ୍ରୟ ପାଇଁ ଟେଣ୍ଡର ବାତିଲ୍ ଯୋଗୁ ପରିଣାମ ସ୍ୱରୂପ, 3.90 କୋଟି ଟଙ୍କା[53] ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ମଇ 2022); ଉତ୍ତର ହସ୍ତଗତ ହୋଇନଥିଲା (ଜାନୁଆରୀ 2024) ।

[53] କି.ଗ୍ରା. ପ୍ରତି 24 ଟଙ୍କା (190 ଟଙ୍କା - 166 ଟଙ୍କା) ହିସାବରେ 1,625 ଏମ୍‌ଟି ଉପରେ ଅତିରିକ୍ତ ମୂଲ୍ୟ

# ଗ୍ରାମ୍ୟ ଉନ୍ନୟନ ବିଭାଗ

## 2.13 ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ


### କାର୍ଯ୍ୟନିର୍ବାହୀ ସାରାଂଶ

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କିମ୍ବା ଅନ୍ୟାନ୍ୟ ସମାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ଗ୍ରାମାଞ୍ଚଳର ସେହି ଜନବସତି ଗୁଡ଼ିକୁ ସବୁଦିନିଆ ରାସ୍ତା ସଂଯୋଗର ଉଦ୍ଦେଶ୍ୟ ନେଇ ଓଡ଼ିଶା ସରକାର 2015-16 ଆର୍ଥିକ ବର୍ଷରେ ରାଜ୍ୟରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' (ଏମ୍‌ଏମ୍‌ଏସ୍‌ୱାଇ) ଆରମ୍ଭ କରିଥିଲେ । ଏହି ଯୋଜନାରେ ସଂଯୋଗ ହୋଇନଥିବା ଗ୍ରାମୀଣ ଜନବସତି ଗୁଡ଼ିକୁ ସବୁଦିନିଆ ସଡ଼କ ନିର୍ମାଣର ପରିକଳ୍ପନା କରାଯାଇଛି । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଏମ୍‌ଏମ୍‌ଏସ୍‌ୱାଇର କାର୍ଯ୍ୟାନ୍ୱୟନର ସଡ଼କ ପ୍ରକଳ୍ପ ଚୟନରେ ଆକଳନ, ନିର୍ମାଣ ଓ ରକ୍ଷଣାବେକ୍ଷଣ ଯୋଜନାର ମାର୍ଗଦର୍ଶିକା ଏବଂ ପୂର୍ତ୍ତ ବିଭାଗ ସଂହିତାର ବ୍ୟବସ୍ଥା ଅନୁସାରେ ହୋଇଛି କି ନାହିଁ, ଆହୁରି ମଧ୍ୟ ଗୁଣବତ୍ତା ନିୟନ୍ତ୍ରଣ, ତଦାରଖ ଏବଂ ମନିଟରିଙ୍ଗ୍ ପ୍ରଣାଳୀ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ ଜାଣିବା ପାଇଁ ଏକ ବିସ୍ତୃତ ଅନୁପାଳନ ଅଡିଟ୍ କରାଯାଇଥିଲା ।

ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଓଡ଼ିଶା ସରକାର ଏମ୍‌ଏମ୍‌ଏସ୍‌ୱାଇ ପାଇଁ 1,888.74 କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିବା ବେଳେ ସେଥିମଧ୍ୟରୁ 1,573.03 କୋଟି ଟଙ୍କା ବିନିଯୋଗ କରାଯାଇ ଅବଶିଷ୍ଟ 315.71 କୋଟି ଟଙ୍କା (17 ପ୍ରତିଶତ) ଫେରସ୍ତ କରାଯାଇଥିଲା ।

ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି) ସଡ଼କ ଯୋଗାଯୋଗ ଯୋଗାଇ ଦେବା ପାଇଁ 3,295 ଟି ସଂଯୋଗ ନଥିବା ଗ୍ରାମାଞ୍ଚଳ ଜନବସତିକୁ ଚିହ୍ନଟ କରିଥିବା ବେଳେ, ଆର୍ଥିକ ବର୍ଷ 2015-16 ରୁ 2018-19 ମଧ୍ୟରେ ମାତ୍ର 1,238 ଟି ଜନବସତିକୁ ଏହି ଯୋଜନାରେ ସାମିଲ୍ କରାଯାଇଥିଲା । ସରକାର ଚାରିଟି ଆର୍ଥିକ ବର୍ଷ (2017-18, 2019-20, 2020-21 ଏବଂ 2021-22) ମଧ୍ୟରେ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ ଏବଂ କୌଣସି ନୂତନ ସଡ଼କ ପ୍ରକଳ୍ପ ଆରମ୍ଭ କରିନଥିଲେ ।

ପାଞ୍ଚଟି ନମୁନା ଡିଭିଜନରେ 16 ଟି ସଡ଼କ ପ୍ରକଳ୍ପକୁ ସଂପୃକ୍ତ ଡିଏଲ୍‌ସି ଚିହ୍ନଟ କିମ୍ବା ସୁପାରିଶ କରି ନଥିବା ତଥ୍ୟରୁ ସ୍ପଷ୍ଟ ଥିଲା ଯେ ସଡ଼କ ପ୍ରକଳ୍ପ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ନଥିଲା । ଡିଏଲ୍‌ସିର ସୁପାରିଶ ବିନା ନୂତନ କାର୍ଯ୍ୟ ହାତକୁ ନେବା ଯୋଜନା ମାର୍ଗଦର୍ଶିକା ବ୍ୟବସ୍ଥାର ଉଲ୍ଲଙ୍ଘନ ଥିଲା, ଯାହାଫଳରେ ସଡ଼କ ନିର୍ମାଣରେ ହୋଇଥିବା ଖର୍ଚ୍ଚ ଗ୍ରହଣଯୋଗ୍ୟ ନଥିଲା । ସେହିପରି, ତିନୋଟି ନମୁନା ଡିଭିଜନରେ ସାତଟି ଜନବସତି ପାଇଁ ସାତଟି ସଡ଼କ ପ୍ରକଳ୍ପ ହାତକୁ ନିଆଯାଇଥିଲା, ଯଦିଓ ସେହି ଜଣବସତି ଗୁଡିକ ବର୍ତ୍ତମାନର ସଡ଼କ ନେଟ୍‌ୱର୍କ ସହିତ ଆଗରୁ ସଂଯୋଗ ଥିଲା ।

ଅଡିଟ୍, ସର୍ବେକ୍ଷଣ ଓ ଅନୁସନ୍ଧାନରେ ତ୍ରୁଟି ଲକ୍ଷ୍ୟ କରିଥିଲେ, ଫଳରେ ତ୍ରୁଟିପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଗୁଡିକ ପ୍ରସ୍ତୁତ ହୋଇଥିଲା । 14 ଟି ସଡ଼କ ପ୍ରକଳ୍ପ କ୍ଷେତ୍ରରେ ସରକାରୀ ଜମିର ଉପଲବ୍ଧତା କିମ୍ବା ଘରୋଇ ଜମିର ଆବଶ୍ୟକତା ଡିପିଆର ପର୍ଯ୍ୟାୟରେ ସ୍ପଷ୍ଟ କରାଯାଇ ନଥିଲା । ସେଥି ମଧ୍ୟରୁ ପାଞ୍ଚଟି ସଡ଼କ ପ୍ରକଳ୍ପ ଘରୋଇ ଜମିର ଆବଶ୍ୟକତା କାରଣରୁ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଜମି ବିବାଦ ଏବଂ ଜଙ୍ଗଲ ବିଭାଗର ଅନୁମତି ନ ମିଳିବା କାରଣରୁ 6.40 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ନଅଟି ସଡ଼କ ପ୍ରକଳ୍ପ ଅଧାରୁ ବନ୍ଦ କରିଦିଆଯାଇଥିଲା । ଏହାବ୍ୟତୀତ ଆବଶ୍ୟକ ସଡ଼କ ଦୈର୍ଘ୍ୟର ଆକଳନ ଠିକ୍ ନଥିଲା । 43 ଟି ସଡ଼କ ପ୍ରକଳ୍ପ ଦ୍ୱାରା 53 ଟି ଜନବସତିର ସଂଯୋଗୀକରଣ ପାଇଁ 157.02 କି.ମି. ସଡ଼କର ଆବଶ୍ୟକ ଥିବା ବେଳେ 237.20 କି.ମି. ସଡ଼କ ନିର୍ମାଣ କରାଯାଇଥିଲା । ଏହିପରି 80.18 କି.ମି. ନିର୍ମାଣ ପାଇଁ 28.89 କୋଟି ଟଙ୍କା କରାଯାଇଥିବା ଖର୍ଚ୍ଚକୁ ଏଡ଼ାଇ ଦିଆଯାଇପାରିଥାନ୍ତା ।

25 ଟି ସଡ଼କ ପ୍ରକଳ୍ପ କ୍ଷେତ୍ରରେ ସଡ଼କ ଗୁଡିକର ନିର୍ଦ୍ଦିଷ୍ଟିକରଣ ଭାରତୀୟ ରୋଡ଼ କଂଗ୍ରେସ (ଆଇଆର୍‌ସି) କୋଡ଼ରେ ଦିଆଯାଇଥିବା ନିର୍ଦ୍ଦିଷ୍ଟତା ସହିତ ମେଳ ଖାଉ ନଥିବା ଜଣାପଡ଼ିଥିଲା । ଏହି ସଡ଼କ ଗୁଡ଼ିକରେ ସିମେଣ୍ଟ କଂକ୍ରିଟ୍ (ସିସି)ର ମୋଟେଇ 150 ମିମି ଆବଶ୍ୟକତା ଥିବା ପରିବର୍ତ୍ତେ 180 ରୁ 190 ମିମି ମଧ୍ୟରେ ଥିଲା, ଯାହାଫଳରେ ଅତିରିକ୍ତ 1.82 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଖନନ ହୋଇଥିବା 2.16 ଲକ୍ଷ ଘନମିଟର ମାଟି ସେହି କାମରେ ବ୍ୟବହାର କରିବା ପରିବର୍ତ୍ତେ ସେହି ମାଟିକୁ ଦୂର ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା, ଫଳରେ 1.92 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଏଥିପାଇଁ ପରାମର୍ଶ ଦିଆଯାଇଛି ଯେ:

1. *ଯୋଜନାର ଉଦ୍ଦେଶ୍ୟ ଅନୁସାରେ ସଂଯୋଗ ହୋଇନଥିବା ଜନବସତି ଗୁଡିକ ପାଇଁ ସଡ଼କ ପ୍ରକଳ୍ପ ଗ୍ରହଣ କରିବା ବଦଳରେ ବିଦ୍ୟମାନ ସଡ଼କ ସଂପ୍ରସାରଣ କାର୍ଯ୍ୟ ଗ୍ରହଣ କରିବାର ଯୋଜନାକୁ ପୁନଃ ସମୀକ୍ଷା କରିପାରନ୍ତି ।*

2. *କାର୍ଯ୍ୟକରିବା ସମୟରେ ହେଉଥିବା ବାଧାକୁ ଏଡ଼େଇବା ପାଇଁ, ବିସ୍ତୃତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପରେ ଡିପିଆର୍ ପ୍ରସ୍ତୁତ କରାଯାଇପାରେ ଏବଂ ସେଥିରେ ଘରୋଇ ଜମିର ଆବଶ୍ୟକତା କିମ୍ବା ଆଇନ୍‌ଗତ କର୍ତ୍ତୃପକ୍ଷଙ୍କ ଅନୁମତି ବୟାନ କରାଯିବା ଉଚିତ୍ ।*

3. *କାର୍ଯ୍ୟ ଗୁଡିକର ବ୍ୟୟକୁ କମ୍ କରିବା ଉଦ୍ଦେଶ୍ୟରେ ଆକଳନଗୁଡିକୁ ମିତବ୍ୟୟୀ ଏବଂ ସାଡୁଲ୍ ଅଫ୍ ରେଟ୍‌ସ୍‌ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବା ଉଚିତ୍ ।*

4. *ଅତିରିକ୍ତ ଖର୍ଚ୍ଚକୁ ଏଡାଇବା ପାଇଁ କାର୍ଯ୍ୟର ନିର୍ଦ୍ଦିଷ୍ଟକରଣ, ସଂପୃକ୍ତ ସଂହିତା ଯଥା ଆଇଆର୍‌ସି ସଂହିତାରେ ଦର୍ଶାଯାଇଥିବା ମାନଦଣ୍ଡ ଆଧାରରେ ହେବା ଉଚିତ୍ ।*

5. *ଡିଜାଇନ୍ ଅବଧି ପର୍ଯ୍ୟନ୍ତ ସଡ଼କ ଗୁଡ଼ିକର ସ୍ଥାୟୀତ୍ୱ ବଜାୟ ରଖିବା ଏବଂ ସେଗୁଡ଼ିକର ପୁନଃ ନିର୍ମାଣ ପାଇଁ ବିପୁଳ ପରିମାଣର ନିବେଶରୁ ଦୂରେଇ ରହିବା ପାଇଁ ସଡ଼କର ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିପାରନ୍ତି ।*

6. *ସଡ଼କ ନିର୍ମାଣରେ ଗୁଣବତ୍ତା ଏବଂ ସମୟାନୁବର୍ତ୍ତିତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯୋଜନାର ତଦାରଖ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରେ ।*

### 2.13.1 ଉପକ୍ରମ

ଓଡ଼ିଶା ସରକାରଙ୍କର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଗ୍ରାମାଞ୍ଚଳରେ ଗ୍ରାମ୍ୟ ସଡ଼କ, ସେତୁ ଏବଂ ସରକାରୀ କୋଠାବାଡି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଉତ୍ତରଦାୟୀ । ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ ଯୋଗାଇଦେବା ପାଇଁ ଆର୍‌ଡି ବିଭାଗ ପକ୍ଷରୁ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' (ପିଏମ୍‌ଜିଏସ୍‌ୱାଇ) ତଥା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ଏବଂ ବିଜୁ ସେତୁ ଯୋଜନା (ବିଏସ୍‌ୱାଇ) ଭଳି ରାଜ୍ୟ ଯୋଜନା ଗୁଡିକ କାର୍ଯ୍ୟାନ୍ୱୟନ କରାଯାଇଥାଏ ।

ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ଗ୍ରାମୀଣ କାର୍ଯ୍ୟ ସଂଗଠନ, ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ/ ଯୋଜନା ପାଇଁ କାର୍ଯ୍ୟାନ୍ୱୟନ ସଂସ୍ଥା ଅଟେ । ଏହି ସଂଗଠନ ମୁଖ୍ୟତଃ ଯୋଜନା, ବଜେଟ୍ ପ୍ରସ୍ତୁତି ଏବଂ ଆବଣ୍ଟନ, କାର୍ଯ୍ୟାନ୍ୱୟନ ଏବଂ ନିର୍ମାଣର ତଦାରଖ ଏବଂ ଗ୍ରାମ୍ୟ ସଡ଼କ ଏବଂ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଉତ୍ତରଦାୟୀ । ଏହାବ୍ୟତୀତ କାର୍ଯ୍ୟକାରିତାର ଗୁଣବତ୍ତା ସୁନିଶ୍ଚିତ କରିବାର ଦାୟିତ୍ୱ ମଧ୍ୟ ସଂଗଠନ ଉପରେ ନ୍ୟସ୍ତ । ଏହାର ସାଙ୍ଗଠନିକ ଢାଞ୍ଚା ନିମ୍ନରେ ଦିଆଗଲା:

***ଚାର୍ଟ 2.13.1: ସାଙ୍ଗଠନିକ ଚିତ୍ର***




ପିଏମ୍‌ଜିଏସ୍‌ୱାଇ କିମ୍ବା ଅନ୍ୟାନ୍ୟ ସଂଯୋଗୀକରଣ କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ହୋଇନଥିବା ଜନବସତି ଗୁଡ଼ିକର ସଂଯୋଗୀକରଣର ଆବଶ୍ୟକତାର ଉଦ୍ଦେଶ୍ୟ ନେଇ ଏହି ଯୋଜନାରେ 100 ରୁ 499[54] ଜନସଂଖ୍ୟା ବିଶିଷ୍ଟ ସଂଯୋଗ ହୋଇନଥିବା ଗ୍ରାମୀଣ ଜନବସତିକୁ ସବୁଦିନିଆ ରାସ୍ତା ନର୍ମାଣ ପରିକଳ୍ପନା କରାଯାଇଥିଲା । ଓଡ଼ିଶା ସରକାର (ଜିଓଓ) 2015-16 ଆର୍ଥିକ ବର୍ଷରେ ରାଜ୍ୟରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' (ଏମ୍‌ଏମ୍‌ଏସ୍‌ୱାଇ) ଆରମ୍ଭ କରିଥିଲେ । ତେବେ, ସରକାର ପରବର୍ତ୍ତୀ ସମୟରେ ଉପରଲିଖିତ ଜନସଂଖ୍ୟା ମାନାଦର୍ଶକୁ ପ୍ରତ୍ୟାହାର କରିଥିଲେ ଓ ଡିସେମ୍ବର 2017 ରେ ରାସ୍ତା ଚୟନ ମାନଦଣ୍ଡର ସଂଶୋଧନ କରିଥିଲେ । ତଥାପି, ଏହି ଯୋଜନା ଅଧୀନରେ ସଡ଼କ କାମ ପ୍ରସ୍ତାବ ଦିଆଯାଇପାରେ, ଯେତେବେଳେ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିମ୍ବା ଅନ୍ୟ କୌଣସି ଯୋଜନାରେ ମାଟି କାମ ସମାପ୍ତ ହୋଇସାରିଥିବ । ନଭେମ୍ବର 2021 ରେ ବର୍ତ୍ତମାନର ଗ୍ରାମୀଣ ସଡ଼କର[55] ଉନ୍ନତିକରଣ/ ପ୍ରଶସ୍ତିକରଣକୁ ସାମିଲ୍ କରି ଏହି ଯୋଜନାର ପରିସରକୁ ଆହୁରି ବ୍ୟାପକ କରାଯାଇଥିଲା । ଏହି ଯୋଜନା 2023-24 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରହିବାକୁ ସ୍ଥିର ହୋଇଛି ।

ଆର୍ଥିକ ବର୍ଷ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଏମ୍‌ଏମ୍‌ଏସ୍‌ୱାଇର କାର୍ଯ୍ୟାନ୍ୱୟନରେ ସଡ଼କ ପ୍ରକଳ୍ପ ଚୟନର ଆକଳନ, ତାହାର ନିର୍ମାଣ ଓ ରକ୍ଷଣାବେକ୍ଷଣ, ଯୋଜନାର ମାର୍ଗଦର୍ଶିକା ଏବଂ ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି)ର ବ୍ୟବସ୍ଥା ଅନୁସାରେ ହୋଇଛି କି ନାହିଁ; ଆହୁରି ମଧ୍ୟ ଗୁଣବତ୍ତା ନିୟନ୍ତ୍ରଣ, ତଦାରଖ ଏବଂ ମନିଟରିଂ ମେକାନିଜିମ୍ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ ଜାଣିବା ପାଇଁ ଏକ ବିସ୍ତୃତ ଅନୁପାଳନ ଅଡିଟ୍ ଜୁଲାଇ 2022 ରୁ ନଭେମ୍ବର 2022 ମଧ୍ୟରେ କରାଯାଇଥିଲା ।

[54] ଅଣ-ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି) ଜିଲ୍ଲାମାନଙ୍କରେ ଅବରୋହ କ୍ରମରେ 499 ରୁ 100 ପର୍ଯ୍ୟନ୍ତ ଜନସଂଖ୍ୟାର ବସତି, ଆଇଏପି ଜିଲ୍ଲା ମାନଙ୍କରେ 249 ରୁ 100 ଏବଂ 100 ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଅବଶିଷ୍ଟ ଜନବସତି

ନଭେମ୍ବର 2010 ରେ ଆରମ୍ଭ କରାଯାଇଥିବା ଆଇଏପି ଏକ ଅତିରିକ୍ତ କେନ୍ଦ୍ରୀୟ ସହାୟକ ଯୋଜନା ଯାହା, ଚିହ୍ନଟ ହୋଇଥିବା ପଛୁଆ ଜିଲ୍ଲା ଗୁଡ଼ିକରେ 100 ପ୍ରତିଶତ ଅନୁଦାନ ଆଧାରରେ କାର୍ଯ୍ୟାନ୍ୱୟନ କରାଯାଇଥିଲା । ଓଡ଼ିଶାର 18 ଟି ଜିଲ୍ଲା ଆଇଏପି ଅଧୀନରେ ରହିଛି

[55] ବିଦ୍ୟମାନ ଆର୍‌ଡି ସଡ଼କ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ପଞ୍ଚାୟତିରାଜ ସଡ଼କ

ଅଡିଟ୍, ସର୍ବୋଚ୍ଚ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ କାର୍ଯ୍ୟ (ଇଆଇସି, ଆର୍‌ଡବ୍ଲୁ) ଏବଂ 13 ଟି ନମୁନା ଗ୍ରାମ୍ୟ ନିର୍ମାଣ କାର୍ଯ୍ୟ ଡିଭିଜନ[56](ଆର୍‌ଡବ୍ଲୁ ବିଭାଜନ)ର ରେକର୍ଡ ଯାଞ୍ଚ କରିଥିଲା । ଏହି ଯୋଜନା ଅଧିନରେ, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ସର୍ବାଧିକ ଖର୍ଚ୍ଚ ହୋଇଥିବା ଆଧାରରେ 11 ଟି ଆର୍‌ଡବ୍ଲୁ ବିଭାଗ ମନୋନୀତ ହୋଇଥିବା ବେଳେ, 20 ଜୁଲାଇ 2022 ରେ ଅନୁଷ୍ଠିତ ପ୍ରବେଶ ସମ୍ମିଳନୀରେ ଗ୍ରାମୀଣ ବିକାଶ ବିଭାଗର ଅନୁରୋଧ କ୍ରମେ ଦୁଇଟି ଆର୍‌ଡବ୍ଲୁ ଡିଭିଜନ୍ (ସମ୍ବଲପୁର ଓ ସୁନ୍ଦରଗଡ଼) ଯାଞ୍ଚ ପାଇଁ ନିଆଯାଇଥିଲା । ନମୁନା ଡିଭିଜନରେ, ଅଡିଟ୍ 284 ଟି ସଡ଼କ ପ୍ରକଳ୍ପର ଯାଞ୍ଚ କରିଥିଲା । ଏତଦ୍‌ବ୍ୟତୀତ, ଅଡିଟ୍ ଇଆଇସି କାର୍ଯ୍ୟାଳୟରେ ଥିବା ଅନ୍ୟ 10 ଟି ସଡ଼କ ପ୍ରକଳ୍ପର ମଧ୍ୟବର୍ତ୍ତୀ ସମୟରେ କାର୍ଯ୍ୟ ବନ୍ଦ ହେବା ଏବଂ ଜରିମାନା ଲାଗୁ କରିବା ସମ୍ପର୍କରେ ମଧ୍ୟ ଯାଞ୍ଚ କରିଥିଲେ, ଯେହେତୁ ଏହି ବିଷୟଗୁଡ଼ିକ ଡିଭିଜନ୍‌ରେ ବିଚାର କରାଯାଇ ନଥିଲା । ଅଡିଟ୍‌ରେ ଯାଞ୍ଚ ହୋଇଥିବା 294 ଟି କାର୍ଯ୍ୟର ସ୍ଥିତି ***ପରିଶିଷ୍ଟ 2.13.1*** ରେ ଦର୍ଶାଯାଇଛି । ଅଡିଟ୍ ଫଳାଫଳ ଗୁଡିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ଉପସ୍ଥାପିତ ହୋଇଛି ।

### ଅଡିଟ୍ ଫଳାଫଳ

### 2.13.2 ଅର୍ଥ ପରିଚାଳନା

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବଜେଟ୍ ବ୍ୟବସ୍ଥାର ପାଣ୍ଠିରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଥିଲା । ଇଆଇସି, ଆର୍‌ଡବ୍ଲୁ, ଆର୍‌ଡବ୍ଲୁ ଡିଭିଜନ୍‌ରୁ ଅର୍ଥ ପ୍ରଦାନ କରୁଥିଲେ, ଯାହା ତଳ ସ୍ତରରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରୁଥିଲା । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବଜେଟ୍‌ରେ ଅର୍ଥର ଆବଣ୍ଟନ ତଥା ବିନିଯୋଗ ସମ୍ବନ୍ଧରେ ***ସାରଣୀ 2.13.1*** ରେ ଉଲ୍ଲେଖ କରାଯାଇଛି ।

***ସାରଣୀ 2.13.1: ରାଜ୍ୟରେ ଏମ୍‌ଏମ୍‌ଏସ୍‌ୱାଇ ଯୋଜନାରେ ଅର୍ଥର ବିନିଯୋଗ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ବଜେଟ୍ | ବିନିଯୋଗ | ପ୍ରତ୍ୟାର୍ପଣ | ବଜେଟ୍ ବ୍ୟବସ୍ଥାର ବିନିଯୋଗ ପ୍ରତିଶତ |
|---|---|---|---|---|
| 2017-18 | 332.24 | 292.08 | 40.16 | 87.91 |
| 2018-19 | 450.00 | 298.03 | 151.97 | 66.23 |
| 2019-20 | 320.20 | 319.19 | 1.01 | 99.68 |
| 2020-21 | 397.20 | 333.90 | 63.3 | 84.06 |
| 2021-22 | 389.10 | 329.83 | 59.27 | 84.77 |
| **ମୋଟ** | **1,888.74** | **1,573.03** | **315.71** | **83.28** |

***(ଉତ୍ସ: ଇଆଇସି, ଆର୍‌ଡବ୍ଲୁ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଏହିପରି ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବଜେଟ୍ ଆବଣ୍ଟନରୁ 315.71 କୋଟି ଟଙ୍କା (17 ପ୍ରତିଶତ) ଫେରସ୍ତ କରାଯାଇଥିଲା । ନମୁନା ଆର୍‌ଡବ୍ଲୁ ବିଭାଗ କ୍ଷେତ୍ରରେ 743.41 କୋଟି ଟଙ୍କାର ବଜେଟ୍ ଆବଣ୍ଟନ ବେଳେ ବିନିଯୋଗ 633.93 କୋଟି ଟଙ୍କା (85 ପ୍ରତିଶତ) ଥିଲା ।

ଉତ୍ତରରେ, ଆର୍‌ଡି ବିଭାଗ (ମାର୍ଚ୍ଚ 2023) ବ୍ୟୟରେ ମନ୍ଥର ଗତି ପାଇଁ ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆର୍ଥିକ ବର୍ଷ 2020-21 ରୁ 2021-22 ମଧ୍ୟରେ ମହାମାରୀ କୋଭିଡ୍-19 ର ପ୍ରାଦୁର୍ଭାବକୁ ଆରୋପ କରିଥିଲେ ।

### 2.13.3 ଏମ୍‌ଏମ୍‌ଏସ୍‌ୱାଇ ଅଧିନରେ ଭୌତିକ ପ୍ରଦର୍ଶନ

ଆର୍ଥିକ ବର୍ଷ 2017-18 ରୁ 2021-22 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ତଥା ନମୁନା ଆର୍‌ଡବ୍ଲୁ ଡିଭିଜନ୍ ଅନୁସାରେ ସଡ଼କ ନିର୍ମାଣ ପାଇଁ ହୋଇଥିବା ଯୋଜନା ଏବଂ ସେଗୁଡ଼ିକ ବିପକ୍ଷରେ ଉପଲବ୍ଧତା ବିବରଣୀ ***ସାରଣୀ 2.13.2*** ରେ ଦର୍ଶାଯାଇଛି ।

---

56 ଆର୍‌ଡବ୍ଲୁ, ଅନୁଗୁଳ; ଆର୍‌ଡବ୍ଲୁ-I, ବାଲେଶ୍ୱର; ଆର୍‌ଡବ୍ଲୁ-II, ଭଦ୍ରକ; ଆର୍‌ଡବ୍ଲୁ, ଭଞ୍ଜନଗର; ଆର୍‌ଡବ୍ଲୁ-I, କଟକ; ଆର୍‌ଡବ୍ଲୁ-II, ଗଞ୍ଜାମ; ଆର୍‌ଡବ୍ଲୁ-I, ଯାଜପୁର; ଆର୍‌ଡବ୍ଲୁ, ଜୟପୁର; ଆର୍‌ଡବ୍ଲୁ, କେସିଙ୍ଗା; ଆର୍‌ଡବ୍ଲୁ, ବାରିପଦା; ଆର୍‌ଡବ୍ଲୁ, ସମ୍ବଲପୁର; ଆର୍‌ଡବ୍ଲୁ, ସୁନ୍ଦରଗଡ଼; ଏବଂ ଆର୍‌ଡବ୍ଲୁ, ସୁନାବେଡ଼ା

***ସାରଣୀ 2.13.2: 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଏମ୍ଏମ୍ଏସ୍‌ୱାଇ ଅଧିନରେ ଭୌତିକ ପ୍ରଦର୍ଶନ***

| ଆର୍ଥିକ ବର୍ଷ | ଆର୍ଥିକ ବର୍ଷ ଆରମ୍ଭରେ ଚାଲୁ ରହିଥିବା କାର୍ଯ୍ୟ | ଅନୁମୋଦିତ | ନିର୍ମାଣ ପାଇଁ ନିଆଯାଇଛି | ଆର୍ଥିକ ବର୍ଷରେ ସମୁଦାୟ ଚାଲୁ ରହିଥିବା କାର୍ଯ୍ୟ | ଆର୍ଥିକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ | ଆର୍ଥିକ ବର୍ଷ ଶେଷରେ ଚାଲୁ ରହିଥିବା କାର୍ଯ୍ୟ | ଯେଉଁ ବସତି ପାଇଁ ରାସ୍ତା ପ୍ରକଳ୍ପ ଅନୁମୋଦିତ ହୋଇଥିଲା | ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ଦୈର୍ଘ୍ୟ |
|---|---|---|---|---|---|---|---|---|
| | *(ରାସ୍ତା ଗୁଡିକର ସଂଖ୍ୟା)* | | | | | | *(ସଂଖ୍ୟା)* | *କିମି* |
| **(1)** | **(2)** | **(3)** | **(4)** | **(5) (2+4)** | **(6)** | **(7) (5-6)** | **(8)** | **(9)** |
| 2017-18 | 20 | 0 | 0 | 20 | 0 | 20 | 0 | 0 |
| 2018-19 | 20 | 394 | 394 | 414 | 359 | 55 | 570 | 1,237.48 |
| 2019-20 | 55 | 0 | 0 | 55 | 0 | 55 | 0 | 0 |
| 2020-21 | 55 | 0 | 0 | 55 | 0 | 55 | 0 | 0 |
| 2021-22 | 55 | 414* | 300 | 355 | 0 | 355 | 0** | 0 |
| ମୋଟ | **--** | **808** | **694** | **--** | **359** | **--** | **570** | **1,237.48** |

*(ଉତ୍ସ: ଇଆଇସି, ଆର୍‌ଡବ୍ଲୁ ଦ୍ୱାରା ପ୍ରଦତ୍ତ ତଥ୍ୟ)*

**ରାସ୍ତାର ଉନ୍ନତି ପାଇଁ ପ୍ରକଳ୍ପ ।*

*** ନୂତନ ରାସ୍ତା ନିର୍ମାଣ କରାଯାଇନଥିବା ହେତୁ, କୌଣସି ବସତି ଅନ୍ତର୍ଭୁକ୍ତ ହୋଇନଥିଲା*

ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ 13 ଟି ନମୁନା ବିଭାଜନରେ 385 ଟି ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା, ଯେଉଁଥିରେ 2015-16 ଓ 2016-17 ଆର୍ଥିକ ବର୍ଷରେ କାର୍ଯ୍ୟକାରି ହୋଇଥିବା 157 ଟି ରାସ୍ତା ନିର୍ମାଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । 385 ଟି ରାସ୍ତା କାର୍ଯ୍ୟ ମଧ୍ୟରେ 284 ଟି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଏବଂ 101 ଟି ବିଦ୍ୟମାନ ରାସ୍ତାର ନବୀକରଣ/ ପ୍ରଶସ୍ତିକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ସେପ୍ଟେମ୍ବର 2022 ସୁଦ୍ଧା ନିଆଯାଇଥିବା 284 ଟି ନୂତନ କାର୍ଯ୍ୟ ମଧ୍ୟରୁ 274 ଟି କାର୍ଯ୍ୟ ସମାପ୍ତ ହୋଇଥିଲା, ଗୋଟିଏ ମଧ୍ୟଭାଗରେ ବନ୍ଦ ହୋଇଥିଲା ଏବଂ ନଅଟି ଚାଲୁ ରହିଥିଲା । ଶେଷ ହୋଇଥିବା 274 ଟି କାର୍ଯ୍ୟ ମଧ୍ୟରୁ ମାତ୍ର 15 ଟି କାର୍ଯ୍ୟ (5.47 ପ୍ରତିଶତ) ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବା ବେଳେ ବାକି 259 ଟି କାର୍ଯ୍ୟ ଦୁଇ ରୁ 53 ମାସ ବିଳମ୍ବରେ ଶେଷ ହୋଇଥିଲା । ରେକର୍ଡରୁ ମିଳିଥିବା ତଥ୍ୟ ଅନୁଯାୟୀ ଜମି ନ ମିଳିବା, ନକ୍ସାରେ ପରିବର୍ତ୍ତନ ଇତ୍ୟାଦି ବିଳମ୍ବର କାରଣ ଥିଲା । 259 ଟି ସଡ଼କ କାର୍ଯ୍ୟର ସମାପ୍ତରେ ବିଳମ୍ବ ଏବଂ ତାହାର କାରଣ ଯଥାକ୍ରମେ ***ଚାର୍ଟ 2.13.1*** ଏବଂ ***ଚାର୍ଟ 2.13.1*** ରେ ଦର୍ଶାଯାଇଛି । ସେପ୍ଟେମ୍ବର 2022 ସୁଦ୍ଧା, 101 ଟି ବିଦ୍ୟମାନ ରାସ୍ତାର ନବୀକରଣ/ ପ୍ରଶସ୍ତିକରଣ କାର୍ଯ୍ୟ ମଧ୍ୟରୁ ତିନିଟି କାର୍ଯ୍ୟ ସମାପ୍ତ ହୋଇଥିଲା ଏବଂ 98 ଟି କାର୍ଯ୍ୟ ଚାଲିଥିଲା ।

***ଚାର୍ଟ 2.13.1***




***ଚାର୍ଟ 2.13.2***



### 2.13.4 ତ୍ରୁଟିପୂର୍ଣ୍ଣ ଯୋଜନା

ଏମ୍ଏମ୍ଏସ୍‌ୱାଇର ଉଦ୍ଦେଶ୍ୟ ହେଲା ସଂଯୋଗୀକରଣ ହୋଇନଥିବା ଯୋଗ୍ୟ ଜନବସତିକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରିବା, ଯାହାକି ପିଏମ୍‌ଜିଏସ୍‌ୱାଇ କିମ୍ବା ଅନ୍ୟ କୌଣସି ରାସ୍ତା ସଂଯୋଗ କାର୍ଯ୍ୟ ଅଧିନରେ ଏହାକୁ ସାମିଲ କରାଯାଇ ନଥିବ । ଯୋଜନାର ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5 ରେ ଏହି କଥାକୁ ସ୍ୱୀକୃତି ପ୍ରଦାନ କରାଯାଇଛି ଯେ ବ୍ୟୟ ଏବଂ ଉପଯୋଗିତା ଦୃଷ୍ଟିରୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ କରିବା ପାଇଁ ବ୍ୟବସ୍ଥିତ ଓ ମିତବ୍ୟୟିତା ଭାବେ ଉପଯୁକ୍ତ ଯୋଜନାର ଆବଶ୍ୟକତା ରହିଛି । ଏମ୍ଏମ୍ଏସ୍‌ୱାଇ ମାର୍ଗଦର୍ଶିକାର ଅନୁଚ୍ଛେଦ 7.2 ରେ ନିର୍ଦ୍ଧାରିତ ଅଛି ଯେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି) ଗୁଡ଼ିକୁ ସଂଯୋଗୀକରଣ ହୋଇନଥିବା ଜନବସତିକୁ ଚିହ୍ନଟ କରିବା ଏବଂ ଆବଶ୍ୟକୀୟ ସଂଯୋଗୀକରଣ ଯୋଗାଇଦେବା ପାଇଁ ପ୍ରାଥମିକତା ଅନୁସାରେ ସେହି ପ୍ରକଳ୍ପଗୁଡିକୁ ଆରମ୍ଭ କରିବା ପାଇଁ ପରାମର୍ଶ ଦେବେ ।

ଏମ୍ଏମ୍ଏସ୍‌ୱାଇ ଅଧିନରେ 3,267 ସଡ଼କ ପ୍ରକଳ୍ପ ମାଧମରେ ଡିଏଲ୍‌ସି ଗୁଡିକ ସଡ଼କ ସଂଯୋଗୀକରଣ ଯୋଗାଇବା ପାଇଁ ରାଜ୍ୟରେ 3,295 ସଂଯୋଗୀକରଣ ହୋଇନଥିବା ଯୋଗ୍ୟ ଗ୍ରାମୀଣ ଜନବସତି ଚିହ୍ନଟ କରିଥିଲେ । ଆର୍ଥିକ ବର୍ଷ 2017-18 ଆରମ୍ଭ ପର୍ଯ୍ୟନ୍ତ ଯୋଜନା ମଧରେ ଅନ୍ତର୍ଭୁକ୍ତ ହେବା ପାଇଁ 668 ଟି ଜନବସତି ଅନୁମୋଦିତ କରାଯାଇଥିଲା ଏବଂ ଅନ୍ୟାନ୍ୟ 570 ଟି ଜନବସତି 394 ଟି ରାସ୍ତା ପ୍ରକଳ୍ପ କାର୍ଯ୍ୟକାରି କରାଯାଇ 2018-19 ଅବଧିରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମୋଦିତ କରାଯାଇଥିଲା । ଅନ୍ତର୍ଭୁକ୍ତ ହୋଇନଥିବା ଅବଶିଷ୍ଟ ବସତି ଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର କୌଣସି ଯୋଜନା ପ୍ରସ୍ତୁତ କରିନଥିବା ହେତୁ, ଆର୍ଥିକ ବର୍ଷ 2017-18, 2019-20, 2020-21 ଏବଂ 2021-22 ରେ ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ବସତିକୁ ଅନୁମୋଦନ କରାଯାଇନଥିଲା । 2,057 ଜନବସତି ଅନ୍ତର୍ଭୁକ୍ତ ହୋଇନଥିବା ସତ୍ତ୍ୱେ, ଆର୍ଥିକ ବର୍ଷ 2021-22 ରେ 300 ବିଦ୍ୟମାନ ରାସ୍ତା ଗୁଡିକର ଉନ୍ନତୀକରଣ ପାଇଁ ଅନୁମୋଦନ କରାଯାଇଥିଲା । ସେହିପରି, ମାର୍ଚ୍ଚ 2022 ସୁଦ୍ଧା ଯୋଜନା କାର୍ଯ୍ୟାନ୍ୱୟନରେ ସାତ ବର୍ଷରୁ ଅଧିକ ସମୟ ଲାଗୁ ହେବାପରେ ମଧ ଚିହ୍ନଟ ହୋଇଥିବା ମୋଟ 3,295 ଯୋଗ୍ୟ ବସତି ମଧରୁ 2,057 ଜନବସତିକୁ (ସମୁଦାୟ ସଂଯୋଗୀକରଣ ହୋଇନଥିବା ଯୋଗ୍ୟ ଗ୍ରାମୀଣ ଜନବସତିର 62.42 ପ୍ରତିଶତ) ସବୁଦିନିଆ ସଂଯୋଗୀକରଣର ପରିସରଭୁକ୍ତ କରାଯାଇପାରିନଥିଲା, ଯାହାକି ଯୋଜନା ଅଧୀନରେ ନିଶ୍ଚିତ କରାଯାଇଥିଲା ।

ଆର୍‌ଡି ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଲେ (ସେପ୍ଟେମ୍ବର 2015) ଯେ ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ପ୍ରକଳ୍ପଗୁଡିକୁ ଚୂଡ଼ାନ୍ତ କରି ଉପସ୍ଥାପନ କରିବେ ଯାହାକି ପରବର୍ତ୍ତୀ ଚାରିବର୍ଷ (ଆର୍ଥିକ ବର୍ଷ 2016-17 ରୁ ଆର୍ଥିକ ବର୍ଷ 2019-20) ମଧରେ କାର୍ଯ୍ୟକାରୀ ପାଇଁ ପ୍ରାଥମିକତା ଦିଆଯିବ ।

13 ଟି ଆର୍‌ଡବ୍ଲୁ ଡିଭିଜନର ପରୀକ୍ଷା ଯାଞ୍ଚ ପରେ ଏହା ଜଣାପଡ଼ିଥିଲା ଯେ:

- ଏମ୍ଏମ୍ଏସ୍‌ୱାଇ ଯୋଜନା ଅଧିନରେ ସବୁଦିନିଆ ସଂଯୋଗୀକରଣ ଯୋଗାଇବା ପାଇଁ ନମୁନା ଡିଭିଜନ୍‌ର ସଂପୃକ୍ତ ଜିଲ୍ଲାର ଡିଏଲ୍‌ସି ଗୁଡିକ 1,767 ଟି ସଂଯୋଗ ହୋଇନଥିବା ଜନବସତିକୁ ଅନୁମୋଦନ/ ଚିହ୍ନଟ କରିଥିଲେ, କିନ୍ତୁ ମାର୍ଚ୍ଚ 2022 ସୁଦ୍ଧା, ମାତ୍ର 390 ଟି ଜନବସତି[57] (22 ପ୍ରତିଶତ) ଅନ୍ତର୍ଭୁକ୍ତ ହୋଇଥିବା ବେଳେ 1,377 ଟି ଜନବସତି ପରିସରଭୁକ୍ତ ହୋଇପାରିନଥିଲା । ପରିସରଭୁକ୍ତ ହୋଇନଥିବା ଜନବସତି ନମୁନା ଡିଭିଜନ ଗୁଡିକର ସମୁଦାୟ ଜନବସତିର 33 ପ୍ରତିଶତ (ବାରିପଦା ଡିଭିଜନ୍) ଏବଂ 92 ପ୍ରତିଶତ (ସମ୍ବଲପୁର ଡିଭିଜନ୍) ମଧରେ ରହିଥିଲା (***ପରିଶିଷ୍ଟ 2.13.2***) ।

- ଯଦିଓ ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ (ସେପ୍ଟେମ୍ବର 2015) ନିର୍ଦ୍ଦେଶ ଦେଇଥିଲେ ଯେ ଯୋଗ୍ୟ ଜନବସତିଗୁଡ଼ିକ ବିପକ୍ଷରେ, ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦିଆଯିବ ଯାହାକି ଆର୍ଥିକ ବର୍ଷ 2016-17 ରୁ ଚାରି ବର୍ଷ ଭିତରେ କାର୍ଯ୍ୟକାରୀ କରାଯିବ । ଏହା ନିର୍ଦ୍ଧାରିତ ସମୟ (ଆର୍ଥିକ ବର୍ଷ 2016-17 ରୁ 2019-20 ଆର୍ଥିକ ବର୍ଷ) ମଧରେ ସମସ୍ତ ଚିହ୍ନଟ ଜନବସତିକୁ ପରିସରଭୁକ୍ତ କରିପାରିନଥିଲା । ବରଂ

[57] 2015-16: 151, 2016-17: 60 ଏବଂ 2018-19: 179

> 2021-22 ଆର୍ଥିକ ବର୍ଷରେ, ଅନ୍ତର୍ଭୁକ୍ତ ହୋଇନଥିବା ଚିହ୍ନଟ ଜନବସତି ଗୁଡିକୁ ନୂତନ ସଡ଼କ ନିର୍ମାଣ କରି ପରିସରଭୁକ୍ତ କରିବା ପାଇଁ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ ନ କରି ବିଦ୍ୟମାନ ସଡ଼କ ଗୁଡିକର ନବୀକରଣ/ ପ୍ରଶସ୍ତିକରଣ କାର୍ଯ୍ୟ ନିଆଯାଇଥିଲା । ଏହିପରି ମାର୍ଚ୍ଚ 2022 ସୁଦ୍ଧା, ନମୁନା ଡିଭିଜନ ଗୁଡିକର 1,377 ଟି ସଂଯୋଗୀକରଣ ହୋଇନଥିବା ଜନବସତି (78 ପ୍ରତିଶତ) କୁ ସଂଯୋଗ ହୋଇପାରି ନଥିଲା, ଯଦିଓ ସେଗୁଡିକ ସଂପୃକ୍ତ ଜିଲ୍ଲାର ଡିଏଲ୍‌ସି ଗୁଡିକ ଦ୍ୱାରା ଚିହ୍ନଟ ହୋଇଥିଲା ।

ତେଣୁ, ସରକାରଙ୍କ ଦ୍ୱାରା କାର୍ଯ୍ୟ ଯୋଜନାର ଅନୁପସ୍ଥିତି ଯୋଗୁ ଏମ୍‌ଏମ୍‌ଏସ୍‌ୱାଇ ଅଧିନରେ ସ୍ଥିରୀକୃତ ସଂଯୋଗୀକରଣକୁ ହାସଲ କରିବାରେ ସ୍କିମ୍ ଯୋଜନା ଅବାସ୍ତବ ବା ତ୍ରୁଟିପୂର୍ଣ୍ଣ ଥିଲା ।

ଉତ୍ତରରେ ଆର୍‌ଡି ବିଭାଗ କୌଣସି କାରଣ ନ ଦର୍ଶାଇ ସ୍ୱୀକାର କଲେ (ମାର୍ଚ୍ଚ 2023) ଯେ, ତିନିଟି ଆର୍ଥିକ ବର୍ଷ (ଆର୍ଥିକ ବର୍ଷ 2017-18, 2019-20 ଏବଂ 2020-21) ମଧ୍ୟରେ କୌଣସି ନୂତନ ପ୍ରକଳ୍ପକୁ ମଞ୍ଜୁର କରାଯାଇ ନାହିଁ । ଆଶ୍ୱାସନା ଦିଆଯାଇଅଛି ଯେ କାର୍ଯ୍ୟାନ୍ୱୟନର ବର୍ଦ୍ଧିତ ସମୟ (ଆର୍ଥିକ ବର୍ଷ 2023-24) ମଧ୍ୟରେ ଯୋଗାଯୋଗ ବିହୀନ ଜନବସତିକୁ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ ଯୋଗାଇଦେବା ପାଇଁ ପ୍ରାଥମିକତା ଦିଆଯିବ । ଉତ୍ତରରେ ଏହା ପ୍ରମାଣିତ ହୋଇଥିଲା ଯେ, ଯୋଜନା, ଉଦ୍ଦେଶ୍ୟରୁ ବିପଥଗାମୀ ହୋଇଛି ଏବଂ ଯୋଗାଯୋଗ ବ୍ୟବସ୍ଥା ନଥିବା ଜନବସତି ଗୁଡ଼ିକର ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଆବଶ୍ୟକତାକୁ ଅଣଦେଖା କରାଯାଇଥିଲା । ବର୍ତ୍ତମାନର ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣକୁ ପ୍ରାଥମିକତା ଦିଆଯାଇଥିଲା ।

***ସୁପାରିଶ 2.13.1:***

***ଯୋଜନାର ଉଦ୍ଦେଶ୍ୟ ଅନୁସାରେ ସଂଯୋଗ ହୋଇନଥିବା ଜନବସତି ଗୁଡିକ ପାଇଁ ସଡ଼କ ପ୍ରକଳ୍ପ ଗ୍ରହଣ କରିବା ବଦଳରେ ବିଦ୍ୟମାନ ସଡ଼କ ସଂପ୍ରସାରଣ କାର୍ଯ୍ୟ ଗ୍ରହଣ କରିବାର ଯୋଜନାକୁ ପୁନଃ ସମୀକ୍ଷା କରିପାରନ୍ତି ।***

### 2.13.5 ସଡ଼କ ପ୍ରକଳ୍ପ ଚୟନ

#### *2.13.5.1 ମାର୍ଗଦର୍ଶିକାରୁ ବିଚ୍ୟୁତ ହୋଇ ସଡ଼କ ପ୍ରକଳ୍ପର ଚୟନ*

ଏମ୍‌ଏମ୍‌ଏସ୍‌ୱାଇ ମାର୍ଗଦର୍ଶିକାର ଅନୁଚ୍ଛେଦ 7.2 ରେ ଉଲ୍ଲେଖ ରହିଛି ଯେ ଡିଏଲ୍‌ସି ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା ପାଇଁ ଯୋଗାଯୋଗ ନଥିବା ଜନବସତିଗୁଡିକ ଚିହ୍ନଟ କରିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ପାଞ୍ଚଟି ନମୁନା ଡିଭିଜନ୍ 103 ଟି ସଡ଼କ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ । ଏହି 16 ଟି ସଡ଼କ ପ୍ରକଳ୍ପ (16 ପ୍ରତିଶତ) ଅନ୍ତର୍ଭୁକ୍ତ ଥିଲା, ଯେଉଁଗୁଡିକ ଡିଏଲ୍‌ସିର ଅନୁମୋଦନ ଲାଭ କରି ନଥିଲା ଯେହେତୁ ଡିଏଲ୍‌ସିର ଅନୁମୋଦନ ଲୋଡା ଯାଇନଥିଲା । ଏହିପରି ଭାବରେ, ଡିଭିଜନ୍ ମୁଖ୍ୟମାନେ (ନିର୍ବାହୀ ଯନ୍ତ୍ରୀମାନେ/ ଅଧିକ୍ଷଣ ଯନ୍ତ୍ରୀମାନେ) ଏହି ସଡକ ପ୍ରକଳ୍ପ ଗୁଡିକ ନିଜେ କାର୍ଯ୍ୟକାରୀ କରିଥିଲେ, ଯଦିଓ ଏହିପରି ନିଷ୍ପତ୍ତି ନେବାପାଇଁ ସେମାନଙ୍କର କ୍ଷମତା ନଥିଲା । ଏହା ମଧ୍ୟରୁ 14ଟି କାର୍ଯ୍ୟ (88 ପ୍ରତିଶତ), 35.58 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ଶେଷ ହୋଇଯାଇଥିଲା ଏବଂ ଦୁଇଟି କାର୍ଯ୍ୟ (12 ପ୍ରତିଶତ), 5.99 କୋଟି ଟଙ୍କା ସେଥିରେ ଖର୍ଚ୍ଚ ହେବା ସହ ସେପ୍ଟେମ୍ବର 2022 ସୁଦ୍ଧା କାମ ଚାଲୁ ରହିଥିଲା ***(ପରିଶିଷ୍ଟ 2.13.3)*** । ଡିଏଲ୍‌ସିର ସୁପାରିଶ ବିନା ନୂତନ କାର୍ଯ୍ୟ ହାତକୁ ନେବା ଯୋଜନା ମାର୍ଗଦର୍ଶିକାର ନିୟମାବଳୀର ଉଲ୍ଲଙ୍ଘନ ଥିଲା, ଫଳସ୍ୱରୁପ ଉକ୍ତ ରାସ୍ତା ନିର୍ମାଣ ପାଇଁ 41.57 କୋଟି ଟଙ୍କା ଖର୍ଚ୍ଚ ଗ୍ରହଣଯୋଗ୍ୟ ନଥିଲା ।

ଆର୍‌ଡି ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, 16 ଟି ସଡ଼କ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସ୍ଥାନୀୟ ପ୍ରତିନିଧିଙ୍କ ସୁପାରିଶ ଆଧାରରେ ଇଆଇସିର ଅନୁମୋଦନରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଉତ୍ତର ସୂଚାଉଛି ଯେ, ଚିହ୍ନଟକରଣ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା, ଯେହେତୁ ଯୋଜନା ଅଧିନରେ ସଡ଼କ ନିର୍ମାଣ ପାଇଁ 34 ଟି

ସଂଯୋଗୀକରଣ ହୋଇନଥିବା ଜନବସତି ଗୁଡିକ ସଂପୃକ୍ତ ଡିଏଲ୍‌ସି ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇନଥିଲା । ସେହିପରି ଯୋଜନା ମାର୍ଗଦର୍ଶୀକାରେ ନିର୍ଦ୍ଧାରିତ ସଡ଼କ ପ୍ରକଳ୍ପ ଚୟନ ପ୍ରକ୍ରିୟା ମଧ ଅନୁସରଣ କରାଯାଇ ନଥିଲା, ଯାହା ଅଗ୍ରାଧିକାର ପ୍ରକଳ୍ପ ବ୍ୟତୀତ ଅନ୍ୟ ସଡ଼କ ପ୍ରକଳ୍ପ ଚୟନ ଓ କାର୍ଯ୍ୟାନ୍ୱୟନକୁ ନେଇ ବିପଦ ସୃଷ୍ଟି କରିଥିଲା ।

### *2.13.5.2 ପୂର୍ବରୁ ରାସ୍ତା ସଂଯୋଗ ଥିବା ଜନବସତି ପାଇଁ ରାସ୍ତା ନିର୍ମାଣ*

ଏମ୍‌ଏମ୍‌ଏସ୍‌ୱାଇ ମାର୍ଗଦର୍ଶୀକା (ପାରା 4 ଏବଂ 5) ଅନୁସାରେ, ଏହି ଯୋଜନା ଅଧିନରେ ନିଆଯାଇଥିବା ସଡ଼କଗୁଡ଼ିକ ମୂଲ୍ୟ ଏବଂ ଉପଯୋଗିତାକୁ ଦୃଷ୍ଟିରେ ରଖି, ଚୟନ କରାଯାଇଥିବା ଓ ସଂଯୋଗ ହୋଇନଥିବା ଜନବସତି ଗୁଡ଼ିକୁ ଅର୍ଥନୈତିକ ଓ ଦକ୍ଷ ଭାବରେ ଏକକ ସଂଯୋଗ ପ୍ରଦାନ କରିବା ଆବଶ୍ୟକ । ଅଧିକନ୍ତୁ, ଏମ୍‌ଏମ୍‌ଏସ୍‌ୱାଇ ଅନ୍ତର୍ଗତ କୌଣସି କାର୍ଯ୍ୟ ଗ୍ରହଣ କରାଯିବ ନାହିଁ, ଯଦି ସେହି ଜନବସତିଗୁଡ଼ିକ ଅନ୍ୟ ଜନବସତି ସହ ବା ସବୁଦୁନିଆ ସଡ଼କ ସହ ସଂଯୋଗ ହୋଇଥିବ ।

ଅଡିଟ୍‌ରୁ ଜଣାପଡ଼ିଛି ଯେ, ତିନୋଟି ନମୁନା ଡିଭିଜନରେ[58] 23.195 କିମି ଦୈର୍ଘ୍ୟ ବିଶିଷ୍ଟ ସାତଟି ସଡ଼କ ପ୍ରକଳ୍ପ (***ପରିଶିଷ୍ଟ 2.13.4***) 21.22 କୋଟି ଟଙ୍କା ବ୍ୟୟରେ ସେପ୍ଟେମ୍ବର 2022 ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ବିଭାଗୀୟ ଅଧିକାରୀଙ୍କ ସହ ଏହି ସାତଟି ପ୍ରକଳ୍ପର ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) (ସେପ୍ଟେମ୍ବର/ ନଭେମ୍ବର 2022) ରୁ ଜଣାପଡିଲା ଯେ ଏମ୍‌ଏମ୍‌ଏସ୍‌ୱାଇ ଅଧିନରେ ଏହି ସମସ୍ତ ସାତଟି ସଡ଼କ ନେଟୱାର୍କ[59] କାର୍ଯ୍ୟକାରୀ କରିବା ପୂର୍ବରୁ, ନିର୍ଦ୍ଧାରିତ ଗ୍ରାମଗୁଡ଼ିକ ବିଦ୍ୟମାନ ସଡକ ନେଟୱାର୍କ ସହିତ ସଂଯୋଗ ହୋଇସାରିଥିଲା । ତେଣୁ, ଏମ୍‌ଏମ୍‌ଏସ୍‌ୱାଇ ଅଧିନରେ ଏହି ଗ୍ରାମଗୁଡ଼ିକୁ ପରିସରଭୁକ୍ତ କରିବାର କୌଣସି ଆବଶ୍ୟକତା ନଥିଲା । ତେଣୁ, ଏହି ଅତିରିକ୍ତ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା 21.22 କୋଟି ଟଙ୍କା ଯୋଜନା ମାର୍ଗଦର୍ଶୀକାର ବ୍ୟବସ୍ଥା ଅନୁଯାୟୀ ଗ୍ରହଣୀୟ ନୁହେଁ ।

ଆର୍‌ଡି ବିଭାଗ ଉତ୍ତର ଦେଲେ (ମାର୍ଚ୍ଚ 2023) ଯେ, ସ୍ୱଳ୍ପ ଦୀର୍ଘତାର ସଂଯୋଗୀକରଣ ଯୋଗାଇବା ଉଦ୍ଦେଶ୍ୟ ରଖି, ହାମ୍‌ଲେଟ୍ ଏବଂ କ୍ଲଷ୍ଟରଗୁଡ଼ିକୁ ସଂଯୋଗ କରିବା ପାଇଁ ଏହି ନିର୍ମାଣ କାର୍ଯ୍ୟ କରାଯାଇଥିଲା । ବିଭାଗର ଉତ୍ତର ଯୋଜନା ମାର୍ଗଦର୍ଶୀକା ସହିତ ଅନୁରୂପ ନଥିଲା, ଯେଉଁଥିରେ ବିଦ୍ୟମାନ ସଂଯୁକ୍ତ ଜନବସତିକୁ ଏକାଧିକ ସଂଯୋଗ ଯୋଗାଇବା ପାଇଁ ସଡ଼କ ନିର୍ମାଣର ବ୍ୟବସ୍ଥା ନଥିଲା । ଯୋଜନା ମାର୍ଗଦର୍ଶୀକା ଅନୁସାରେ, ଏକାଧିକ ସଂଯୋଗୀକରଣ ପାଇଁ ବିନିଯୋଗ ହୋଇଥିବା ଖର୍ଚ୍ଚ ପରିବର୍ତ୍ତେ ସଂଯୋଗୀକରଣ ହୋଇନଥିବା ଜନସବସତିକୁ ସଂଯୋଗ କରାଯିବା ପାଇଁ ବିନିଯୋଗ କରିବାର ଥିଲା ।

### 2.13.6 ସଡ଼କ ପ୍ରକଳ୍ପର ସର୍ବେକ୍ଷଣ, ତଦନ୍ତ ଓ ଡିଜାଇନ୍

ଏମ୍‌ଏମ୍‌ଏସ୍‌ୱାଇ ମାର୍ଗଦର୍ଶୀକା (ଅନୁଚ୍ଛେଦ 8.2 ଏବଂ 7.9) ରେ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମାପ୍ତ କରିବା ଏବଂ କାର୍ଯ୍ୟ ଆରମ୍ଭ ପୂର୍ବରୁ ଟ୍ରାନ୍‌ଜେକ୍ଟ ୱାକ୍[60] କରିବା ପାଇଁ ନିର୍ଦ୍ଧାରିତ ରହିଛି । ଏହା ବ୍ୟତୀତ ଓପିଡବ୍ଲୁଡି କୋଡ଼ (ଅନୁଚ୍ଛେଦ 3.2.3) ରେ ବ୍ୟବସ୍ଥା ମଧ ରହିଛି ଯେ, ଗୋଟିଏ କାର୍ଯ୍ୟର ଆକଳନ ପ୍ରଶାସନିକ ଅନୁମୋଦନ ଦୁଇଟି ପର୍ଯ୍ୟାୟରେ ବର୍ଦ୍ଧିତ କରାଯାଇ ପାରେ । ପ୍ରଥମଟି ହେଉଛି ଡିପିଆର୍ ପ୍ରସ୍ତୁତି ବେଳେ, ଏବଂ ଦ୍ୱିତୀୟଟି ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗ ଅନୁଦମୋଦନ ଏବଂ ଜେନେରାଲ ଆଲାଇନ୍‌ମେଣ୍ଟ ଡ୍ରଇଂ (ଜିଏଡି) ପ୍ରସ୍ତୁତି ଏବଂ ବିସ୍ତୃତ ଆକଳନ ପ୍ରସ୍ତୁତି ପରେ । ଇଆଇସିଙ୍କ ନିର୍ଦ୍ଦେଶ (ଫେବୃଆରୀ 2015) ସହିତ ସଂହିତାର ଅନୁଚ୍ଛେଦ 3.4.16 ମଧ ମଞ୍ଜୁରୀ ପାଇଁ ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ସମ୍ବନ୍ଧରେ ଡିଜାଇନ୍ ଆକଳନ/ ଚିତ୍ରାଙ୍କନ/ ନିର୍ଦ୍ଦିଷ୍ଟକରଣ/ ନିର୍ବାହର ସବିଶେଷ ଆକଳନ ଏବଂ ଅନୁମୋଦନ ପୂର୍ବରୁ ପ୍ରାଥମିକ ଅନୁସନ୍ଧାନ ଆବଶ୍ୟକ । ଓପିଡବ୍ଲୁଡି ସଂହିତା ଏହା ମଧ ଧାର୍ଯ୍ୟ କରିଛି (ଅନୁଚ୍ଛେଦ 3.7.4) ଯେ, କାର୍ଯ୍ୟନିର୍ବାହୀ ବିଭାଗକୁ ଠିକ୍ ଭାବରେ ହସ୍ତାନ୍ତର କରାଯାଇ ନଥିବା ଜମିରେ କୌଣସି କାର୍ଯ୍ୟ ଆରମ୍ଭ କରାଯିବା ଉଚିତ୍ ନୁହେଁ ।

---

58 ଆର୍‌ଡବ୍ଲୁ-I, କଟକ; ଆର୍‌ଡବ୍ଲୁ, ଭଞ୍ଜନଗର ଏବଂ ଆର୍‌ଡବ୍ଲୁ-I, ବାଲେଶ୍ୱର

59 ରାଜ୍ୟ ରାଜପଥ, ଜନସାସ୍ଥ୍ୟ ବିଭାଗ ରାସ୍ତା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଏବଂ ଗ୍ରାମ୍ୟ ଉନ୍ନୟନ ରାସ୍ତା

60 ଡିପିଆର୍ ପ୍ରସ୍ତୁତି ପୂର୍ବରୁ ବିଭାଗୀୟ କ୍ଷେତ୍ର କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ପ୍ରକଳ୍ପର ସମ୍ଭାବ୍ୟତା ଉପରେ କରାଯାଉଥିବା ସାଇଟ୍ ସର୍ଭେ ପ୍ରକ୍ରିୟା ଟ୍ରାନ୍‌ଜେକ୍ଟ ୱାକ୍ ଭାବରେ ଜଣାଯାଏ

ଅଡିଟ୍, ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ତ୍ରୁଟି ଥିବାର ଲକ୍ଷ୍ୟ କରିଥିଲେ, ଯେଉଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ତ୍ରୁଟିପୂର୍ଣ୍ଣ ଥିଲା ଏବଂ ଏହା କାର୍ଯ୍ୟଗୁଡ଼ିକର ଠିକ୍ ସମୟରେ ସମାପ୍ତିକୁ ପ୍ରଭାବିତ କରିଥିଲା, ଯାହା ନିମ୍ନ ଅନୁଚ୍ଛେଦରେ ଆଲୋଚିତ ହୋଇଛି ।

### *2.13.6.1 ଅଭାବୀ ସର୍ବେକ୍ଷଣ ଓ ତଦନ୍ତ କାରଣରୁ ଘରୋଇ ଜମିର ଆବଶ୍ୟକତା ଆକଳନ ନକରିବା*

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ:

- 12 ଟି ଗ୍ରାମକୁ ସବୁଦିନିଆ ସଂଯୋଗ କରିବା ପାଇଁ 44.050 କି.ମି. ସଡ଼କ ନିର୍ମାଣ ବ୍ୟବସ୍ଥା ପାଇଁ ସମୁଦାୟ 26.38 କୋଟି ଟଙ୍କା ମୂଲ୍ୟରେ ଛଅଟି ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2018 ଓ ଡିସେମ୍ବର 2020 ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା (***ପରିଶିଷ୍ଟ 2.13.5***) । 19.92 କୋଟି ଟଙ୍କା ବ୍ୟୟରେ 33.861 କି.ମି ସଡ଼କ ନିର୍ମାଣ କରାଯିବା ପରେ ସେପ୍ଟେମ୍ବର 2022 ସୁଦ୍ଧା, ଶେଷ ହେବାର ନିର୍ଦ୍ଧାରିତ ତାରିଖ ଠାରୁ 22 ରୁ 54 ମାସ ବିତିଯାଇଥିଲେ ମଧ୍ୟ ସେଗୁଡିକ ଅସମ୍ପୂର୍ଣ୍ଣ ରହିଥିଲା ।

  ବିଭାଗୀୟ ଅଧିକାରୀଙ୍କ ସହ ମିଳିତ ବସ୍ତୁଗତ ନିରୀକ୍ଷଣ (ଅଗଷ୍ଟ ଓ ସେପ୍ଟେମ୍ବର 2022)ରୁ ଜଣାପଡ଼ିଛି ଯେ, ଘରୋଇ ଜମିର ଆବଶ୍ୟକତା କାରଣରୁ ପାଞ୍ଚଟି ସଡ଼କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନଥିଲା, ଯାହାକି ଡିପିଆର୍ ପ୍ରସ୍ତୁତି ସମୟରେ ପୂର୍ବାନୁମାନ କରାଯାଇ ନଥିଲା । ଅବଶିଷ୍ଟ ଗୋଟିଏ କାର୍ଯ୍ୟରେ, ତିନୋଟି ସ୍ଥାନର ମୂଳ ବ୍ୟବସ୍ଥା ବିରୁଦ୍ଧରେ ଛଅଟି ସ୍ଥାନର[61] ଏକ ସେତୁକୁ ଅନ୍ତର୍ଭୁକ୍ତ କରିବା ବ୍ୟତୀତ ରାସ୍ତାର ଦୈର୍ଘ୍ୟ ଏବଂ ସିଡି[62] ନମ୍ବରରେ ପରିବର୍ତ୍ତନ ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରିନଥିଲା । ଜାଗାର ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ପରିବର୍ତ୍ତନର ଆବଶ୍ୟକତା ଥିଲା । ଏହା ସୂଚାଇ ଦେଲା ଯେ ଯେଉଁ ସର୍ବେକ୍ଷଣ ଓ ତଦନ୍ତ ରିପୋର୍ଟକୁ ଆଧାର କରି ଡିପିଆର୍ ପ୍ରସ୍ତୁତ କରାଯାଇଥିଲା, ତାହା ପ୍ରକୃତ ସର୍ବେକ୍ଷଣକୁ ଆଧାର କରି ପ୍ରସ୍ତୁତ କରାଯାଇ ନଥିଲା ।

  ତେଣୁ ସର୍ବେକ୍ଷଣ ଏବଂ ତଦନ୍ତର ଅଭାବ କାରଣରୁ ସଡ଼କ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହୋଇଥିଲା ।

  ଏହି ତଥ୍ୟକୁ ସ୍ୱୀକାର କରି ଗ୍ରାମ୍ୟ ଉନ୍ନୟନ ବିଭାଗ (ମାର୍ଚ୍ଚ 2023) କହିଛି ଯେ, ଜମି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ପୂର୍ବାନୁମାନ କରାଯାଇ ନଥିଲା ଏବଂ କାର୍ଯ୍ୟଗୁଡ଼ିକ ଶେଷ କରିବା ପାଇଁ ସମସ୍ତ ଆବଶ୍ୟକତାର ଚୂଡ଼ାନ୍ତ ହେବା ଆଶାରେ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା ।

  ବାସ୍ତବତା ହେଲା, ସର୍ବେକ୍ଷଣ ଓ ତଦନ୍ତ ସମୟରେ ଜମିର ସଠିକ୍ ଆକଳନ ଏବଂ ଏହି କାର୍ଯ୍ୟ ସହ ଜଡ଼ିତ ବୈଷୟିକ ଆବଶ୍ୟକତା କାରଣରୁ ଏହିସବୁ କାର୍ଯ୍ୟ ଶେଷ ନ ହୋଇ ପଡ଼ିରହିଥିଲା । ଯାହାଫଳରେ ଏପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚ ଅବ୍ୟବହୃତ ଥିଲା ।

- ***ମଧ୍ୟ ଭାଗରେ କାର୍ଯ୍ୟ ବନ୍ଦ ହେତୁ ଅପବ୍ୟୟ :*** 10 ଟି ଗ୍ରାମକୁ ସଂଯୋଗ କରିବା ପାଇଁ ଅକ୍ଟୋବର 2015 ରୁ ଫେବୃଆରୀ 2019 ମଧ୍ୟରେ ନଅଟି ସଡ଼କ ପ୍ରକଳ୍ପ ହାତକୁ ନିଆଯାଇଥିଲା, ଯେଉଁଥିରେ ମୋଟ 30.895 କିଲୋମିଟର ସଡ଼କ ନିର୍ମାଣର ବ୍ୟବସ୍ଥା ରହିଥିଲା । ଏହିସବୁ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବାର ତାରିଖ ଜୁଲାଇ 2016 ରୁ ନଭେମ୍ବର 2019 ମଧ୍ୟରେ ଧାର୍ଯ୍ୟ କରାଯାଇ ସମୁଦାୟ 15.19 କୋଟି ଟଙ୍କାରେ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଜମି ବିବାଦ ଏବଂ ଜଙ୍ଗଲ ବିଭାଗର ଅନୁମୋଦନ ପ୍ରାପ୍ତ ନହେବାରୁ, 6.40 କୋଟି ଟଙ୍କା ବ୍ୟୟରେ ମାତ୍ର 13.529 କି.ମି. ସଡ଼କ କାର୍ଯ୍ୟ ସଂପାଦନ ହେଲା ପରେ ମଧ୍ୟ ଭାଗରେ କାର୍ଯ୍ୟ ବନ୍ଦ ରହିଥିଲା (***ପରିଶିଷ୍ଟ 2.13.6***) । ଏହା ଫଳରେ, ଏହି ରାସ୍ତା ନିର୍ମାଣ ବାବଦରେ ଖର୍ଚ୍ଚ ହୋଇଥିବା 6.40 କୋଟି ଟଙ୍କା ଅପଚୟ ଥିଲା ।

---

61 ଗୋଟିଏ ସେତୁର ଦୁଇଟି ମଧ୍ୟବର୍ତ୍ତୀ ସହାୟକ ନିର୍ମାଣ ମଧ୍ୟରେ ଦୂରତାକୁ ସ୍ଥାନ କୁହାଯାଏ

62 ସିଡିର ଅର୍ଥ କ୍ରସ୍ ଡ୍ରେନେଜ୍ । ରାସ୍ତାର ଆଲାଇନ୍‌ମେଣ୍ଟକୁ ବାଧା ଦେଉଥିବା ଜଳପ୍ରବାହ (ଝରଣା, କେନାଲ, ଡ୍ରେନ୍, ଇତ୍ୟାଦି) ସ୍ଥାନରେ କରାଯାଉଥିବା ନିର୍ମାଣ କାର୍ଯ୍ୟକୁ ସିଡି କୁହାଯାଏ

ଅଡିଟ୍ ଲକ୍ଷ୍ୟ କଲେ ଯେ କାର୍ଯ୍ୟଗୁଡ଼ିକର ସର୍ବେକ୍ଷଣ ଏବଂ ଅନୁସନ୍ଧାନ ରିପୋର୍ଟ, ଘରୋଇ ଜମି ଏବଂ ଜଙ୍ଗଲ ବିଭାଗର ଅନୁମୋଦନର ଆବଶ୍ୟକତାକୁ ଦର୍ଶାଇ ନଥିଲେ । ଏହା ସୂଚାଇଥିଲା ଯେ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ତ୍ରୁଟିପୂର୍ଣ୍ଣ ଥିଲା, ଯେହେତୁ ସଡ଼କ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଉପୁଜିଥିବା ପ୍ରତିବନ୍ଧକକୁ ପୂର୍ବାନୁମାନ କରାଯାଇ ନଥିଲା ।

ରାଜସ୍ୱ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଏହି ଖର୍ଚ୍ଚକୁ ଅଯଥା ବୋଲି ବିବେଚନା କରାଯାଇପାରିବ ନାହିଁ, ଯେହେତୁ ଜମି ବିବାଦ/ଜଙ୍ଗଲ ସମସ୍ୟା ପୂର୍ବାନୁମାନ କରାଯାଇ ନଥିଲା ଏବଂ ଚୁକ୍ତିକୁ ବନ୍ଦ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ଏହି ଉତ୍ତର ସନ୍ତୋଷଜନକ ନଥିଲା, ଯେହେତୁ ଉପଯୁକ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ନକରି ପ୍ରଶାସନିକ ଅନୁମୋଦନ ଏବଂ କାର୍ଯ୍ୟ ପ୍ରଦାନ ଆଇନସଙ୍ଗତ ନଥିଲା । ଏହା ମଧ୍ୟ ସଂହିତା ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିଲା ଏବଂ ଏହି ପ୍ରକଳ୍ପଗୁଡ଼ିକ ମଝିରେ ବନ୍ଦ କରାଯିବାରୁ ସେଗୁଡ଼ିକ ବାବଦରେ ଖର୍ଚ୍ଚ ହୋଇଥିବା 6.40 କୋଟି ଟଙ୍କା ଅପଚୟ ଥିଲା ।

### *2.13.6.2 ଅନୁପଯୁକ୍ତ ସାଇଟ୍ ସର୍ବେକ୍ଷଣ ଯୋଗୁଁ କାର୍ଯ୍ୟ ପରିସରରେ ବ୍ୟାପକ ପରିବର୍ତ୍ତନ ହେବା*

ଜୁନ୍ 2016 ରୁ ଅଗଷ୍ଟ 2020 ମଧ୍ୟରେ 48.58 କୋଟି ଟଙ୍କା ସହମତି ମୂଲ୍ୟରେ ପ୍ରଦାନ କରାଯାଇଥିବା 17 ଟି ସଡ଼କ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଧାର୍ଯ୍ୟ କରାଯାଇ ହାତକୁ ନିଆଗଲା । 4 ରୁ 54 ମାସ ବିଳମ୍ବ ସହ କାର୍ଯ୍ୟ ପରିସରରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ସମୁଦାୟ 47.81 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଏଥ ମଧ୍ୟରୁ 15 ଟି ସଡ଼କ ସମ୍ପୂର୍ଣ୍ଣ ହେବା ବେଳେ ଦୁଇଟି ସଡ଼କ ଅସମ୍ପୂର୍ଣ୍ଣ ଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଅନୁମୋଦିତ ଡିପିଆରରେ ଦିଆଯାଇଥିବା ଦୈର୍ଘ୍ୟ ତୁଳନାର 90 ରୁ 1,508 ମିଟର ପର୍ଯ୍ୟନ୍ତ ରାସ୍ତାର, ଦୈର୍ଘ୍ୟ ବୃଦ୍ଧି/ହ୍ରାସ କରାଯାଇଥିଲା ।
- ସେହିପରି ଅନୁମୋଦିତ 3 ରୁ 38 ଟି ସିଡି ବିପକ୍ଷରେ 6 ରୁ 62 ଟି ସିଡି ଏହି ରାସ୍ତାଗୁଡ଼ିକରେ କାର୍ଯ୍ୟକାରୀ ହୋଇଥିଲା ।

ଉପରୋକ୍ତ ସଂଶୋଧନ କାରଣରୁ ତିନୋଟି ସମ୍ପୂର୍ଣ୍ଣ କାର୍ଯ୍ୟରେ ଚୁକ୍ତି ମୂଲ୍ୟ 14.57 କୋଟି ଟଙ୍କା ବିପକ୍ଷରେ ପ୍ରକୃତ ଖର୍ଚ୍ଚ 17.58 କୋଟି ଟଙ୍କା ଥିଲା, ଅର୍ଥାତ୍ 3.01 କୋଟି ଟଙ୍କା ବୃଦ୍ଧି ହୋଇଥିଲା । ଗୋଟିଏ ଅସମ୍ପୂର୍ଣ୍ଣ କାମ ପାଇଁ 5.13 କୋଟି ଟଙ୍କାରେ ଚୁକ୍ତି ମୂଲ୍ୟକୁ ସଂଶୋଧନ କରାଯାଇ 6.01 କୋଟି ଟଙ୍କା କରାଯାଇଥିଲା ଅର୍ଥାତ୍ 0.88 କୋଟି ଟଙ୍କା ବୃଦ୍ଧି କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ କାର୍ଯ୍ୟର ପରିସରରେ ସଂଶୋଧନକୁ, ସାଇଟ୍ ଅନୁଯାୟୀ ଆବଶ୍ୟକତା, ଘରୋଇ ଜମିର ଉପଲବ୍ଧତା, ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟା, ଆଲାଇନମେଣ୍ଟ ସହ ପୁଷ୍କରିଣୀ ଉପସ୍ଥିତ ଏବଂ ଜନସାଧାରଙ୍କ ଚାହିଦାକୁ ଦାୟୀ କରାଯାଇଥିଲା । ଏହା ସୂଚାଇ ଦେଲା ଯେ ଡିପିଆର ଏବଂ କାର୍ଯ୍ୟର ବୈଷୟିକ ନିର୍ଦ୍ଧାରଣ ପ୍ରସ୍ତୁତି ସମୟରେ ସାଇଟ୍ ଗୁଡ଼ିକର ସର୍ବେକ୍ଷଣ ଏବଂ ତଦନ୍ତ ଠିକ୍ ଭାବେ କରାଯାଇ ନଥିଲା ।

ରାଜସ୍ୱ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ସମସ୍ତ ଆବଶ୍ୟକତାକୁ ଚୂଡ଼ାନ୍ତ କରିବା ଆଶାରେ ଡିପିଆରଗୁଡ଼ିକ ପ୍ରସ୍ତୁତ ହୋଇଥିଲା, କିନ୍ତୁ କାର୍ଯ୍ୟର କାର୍ଯ୍ୟାନ୍ୱୟନ ସମୟରେ ଉପୁଜିଥିବା ପ୍ରତିବନ୍ଧକ ପ୍ରକୃତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଥିଲା ଏବଂ ମୂଳ ଡିପିଆର୍ ଗୁଡ଼ିକରୁ ବିଚ୍ୟୁତି ଅପରିହାର୍ଯ୍ୟ ଥିଲା ।

ଉତ୍ତର ଗ୍ରହଣୀୟ ନଥିଲା, କାରଣ ଡିପିଆର୍ ପ୍ରସ୍ତୁତି ସମୟରେ ସର୍ବେକ୍ଷଣ/ ଅନୁସନ୍ଧାନରେ ଆବଶ୍ୟକ ତତ୍ପରତାର ଅଭାବରୁ ସଂଶୋଧନ କରାଯାଇଥିଲା ।

### *2.13.6.3 ଲକ୍ଷ୍ୟ ଧାର୍ଯ୍ୟ ଗ୍ରାମଗୁଡ଼ିକ ବ୍ୟତୀତ ସଡ଼କ ନିର୍ମାଣରେ ବର୍ଜନୀୟ ଖର୍ଚ୍ଚ*

ଏମ୍ଏମ୍ଏସ୍ୱାଇ ମାର୍ଗଦର୍ଶିକାର ଅନୁଚ୍ଛେଦ 2.3 ଅନୁସାରେ, ଏହି ଯୋଜନା ଅଧୀନରେ ନିଆଯାଇଥିବା ରାସ୍ତାଗୁଡ଼ିକ, ଚୟନ କରାଯାଇଥିବା ସଂଯୋଗବିହୀନ ଜନବସତି, ଆର୍ଥିକ ଏବଂ ଦକ୍ଷ ଉପାୟରେ, ଖର୍ଚ୍ଚ ଓ ଉପଯୋଗିତା ଦୃଷ୍ଟିରୁ ଏକକ ସଂଯୋଗ ପ୍ରଦାନ କରିବା ଆବଶ୍ୟକ ଥିଲା । ଅଧିକନ୍ତୁ, ଇଆଇସି, ଆର୍‌ଡବ୍ଲ୍ୟୁ, (ମାର୍ଚ୍ଚ 2015) ଦୋହରାଇଥିଲେ ଯେ ଏହି ଯୋଜନା ଅଧୀନରେ ଥିବା ରାସ୍ତାଗୁଡ଼ିକ ଲକ୍ଷ୍ୟ ଧାର୍ଯ୍ୟ ଗ୍ରାମଗୁଡ଼ିକୁ ସଂଯୋଗ

କରିବା ଆବଶ୍ୟକ । ତେବେ ସଡ଼କର ଦୈର୍ଘ୍ୟ ବୃଦ୍ଧି କରି ବହୁଗୁଣିତ ସଂଯୋଗୀକରଣକୁ[63] ଅନୁମତି ଦିଆଯାଇ ନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ 13 ଟି ନମୁନା ଡିଭିଜନ ମଧ୍ୟରୁ ନଅଟି[64] ଡିଭିଜନରେ କାର୍ଯ୍ୟକାରୀ ହୋଇଥିବା 218 ଟି ସଡ଼କ ପ୍ରକଳ୍ପ ମଧ୍ୟରୁ 43 ଟି ସଡ଼କ ପ୍ରକଳ୍ପ 53 ଟି ଜନବସତିକୁ ସଂଯୋଗ ଯୋଗାଇବା ପାଇଁ 241.758 କି.ମି ସଡ଼କ ନିର୍ମାଣ ଲକ୍ଷ୍ୟ ରଖି ମୋଟ ସର୍ତ୍ତ ମୂଲ୍ୟ 120.26 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ଅଗଷ୍ଟ 2016 ରୁ ଜୁଲାଇ 2020 ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲା । ମୋଟ 116.77 କୋଟି ଟଙ୍କା ବ୍ୟୟ ପରେ ସେପ୍ଟେମ୍ବର 2022 ସୁଦ୍ଧା ସମୁଦାୟ 237.20 କି.ମି ସଡ଼କ ସହିତ ସମସ୍ତ 43 ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ।

ବିଭାଗୀୟ ଅଧିକାରୀଙ୍କ ସହ ଉପରୋକ୍ତ କାର୍ଯ୍ୟର ଜେପିଆଇ (ଅଗଷ୍ଟ ରୁ ନଭେମ୍ବର 2022)ରୁ ଜଣାପଡ଼ିଥିଲା ଯେ ଲକ୍ଷ୍ୟ ଧାର୍ଯ୍ୟ ଗ୍ରାମଗୁଡ଼ିକୁ ସଂଯୋଗୀକରଣ ପାଇଁ 157.02 କି.ମି ରାସ୍ତା ଆବଶ୍ୟକ ଥିଲା ବେଳେ 237.20 କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା । ଏହିପରି ଭାବରେ 80.18 କି.ମିର ସଡ଼କ ନିର୍ମାଣ ବର୍ଜନୀୟ ଥିଲା, ଯେଉଁଥିରେ 28.89 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- 30 ଟି ଜନବସତିକୁ ସଂଯୋଗୀକରଣ କରିବା ପାଇଁ 128.636 କି.ମି ର ରାସ୍ତା ନିର୍ମାଣ ପାଇଁ 24 ଟି ରାସ୍ତା ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ଦିଆଯାଇଥିଲା । ଏହା ବିପକ୍ଷରେ ବାସ୍ତବରେ 125.16 କି.ମି ନିର୍ମାଣ କରାଯାଇଥିଲା ଏବଂ ସଂଯୋଗୀକରଣ ହାସଲ ହୋଇଛି ବୋଲି କୁହାଯାଇଥିଲା । ମିଳିତ ବସ୍ତୁଗତ ଯାଞ୍ଚ (ଜେପିଆଇ) ସମୟରେ ଜଣାଗଲା ଯେ ଜନବସତି ବାହାରେ 35.44 କି.ମି ରାସ୍ତା ନିର୍ମାଣ କରାଯାଇଥିଲା ଯାହା ଜନବସତି ନଥିବା କୃଷିଜମି/ ଜଙ୍ଗଲ/ ଜଳାଶୟ ଆଡ଼କୁ ସମ୍ପ୍ରସାରିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ 35.44 କି.ମି ରାସ୍ତା ନିର୍ମାଣ ପାଇଁ 13.27 କୋଟି ଟଙ୍କାର ବର୍ଜନୀୟ ବ୍ୟୟ ହୋଇଥିଲା ।

- ସେହିପରି ଅବଶିଷ୍ଟ 10 ଟି ଜନବସତିକୁ ସଂଯୋଗୀକରଣ ପାଇଁ 53.75 କି.ମି ସହିତ ଆଠଟି ସଡ଼କ ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଏହା ବିପକ୍ଷରେ 26.50 କୋଟି ଟଙ୍କାରେ 56.06 କି.ମି ସଡ଼କ ନିର୍ମାଣ କରାଯାଇଥିଲା । ଜେପିଆଇ ସମୟରେ ଏହା ଜଣାପଡ଼ିଥିଲା ଯେ, କେବଳ 30.36 କି.ମି ସଡ଼କ ନିର୍ମାଣ କରି, ଲକ୍ଷ୍ୟ ରଖାଯାଇଥିବା ଜନବସତିଗୁଡ଼ିକୁ ସଂଯୋଗ ଯୋଗାଇ ଦିଆଯାଇପାରିଥାନ୍ତା । ଅତିରିକ୍ତ ସଡ଼କ 25.70 କି.ମି ଦୈର୍ଘ୍ୟ ଡିପିଆରରେ ଅନୁମୋଦିତ ସଡ଼କ ଦୈର୍ଘ୍ୟର ଉର୍ଦ୍ଧ୍ୱରେ ଏବଂ ଧାର୍ଯ୍ୟ ଜନବସତିଗୁଡ଼ିକ ବ୍ୟତୀତ ନିର୍ମାଣ କରାଯାଇଥିଲା । ଏହିପରି ଧାର୍ଯ୍ୟ ଜନବସତିଗୁଡ଼ିକ ବ୍ୟତୀତ 25.70 କି.ମି ସଡ଼କ ନିର୍ମାଣରେ ଖର୍ଚ୍ଚ ହୋଇଥିବା 9.03 କୋଟି ଟଙ୍କା ଏଡ଼ାଇଯାଇ ପାରିଥାନ୍ତା ।

- ସେହିପରି, ଅବଶିଷ୍ଟ 11 ଟି ସଡ଼କ କାର୍ଯ୍ୟ ମାଧ୍ୟମରେ 13 ଟି ଜନବସତିକୁ ବହୁଗୁଣିତ ସଂଯୋଗ ଯୋଗାଇ ଦିଆଯାଇଥିଲା । 13 ଟି ଜନବସତିକୁ ସଂଯୋଗ କରିବା ପାଇଁ 59.37 କି.ମି ସଡ଼କ ନିର୍ମାଣ ପାଇଁ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଏହା ବିରୋଧରେ 55.98 କି.ମି ରାସ୍ତା ନିର୍ମାଣ କରି ଲକ୍ଷ୍ୟ ରଖାଯାଇଥିବା ଗ୍ରାମଗୁଡ଼ିକୁ ସଂଯୋଗୀକରଣ ଯୋଗାଇ ଦିଆଯାଇଥିଲା । ଯଦିଓ ଜେପିଆଇ ସମୟରେ ପ୍ରକଶ ପାଇଥିଲା ଯେ, କେବଳ 36.94 କି.ମି ସଡ଼କ ନିର୍ମାଣ କରି ଲକ୍ଷ୍ୟଧାର୍ଯ୍ୟ ଗ୍ରାମଗୁଡ଼ିକୁ ସଂଯୋଗ ଦିଆଯାଇପାରିଥାନ୍ତା, ଏହି 19.04 କି.ମି ଅତିରିକ୍ତ ସଡ଼କ ଲକ୍ଷ୍ୟଧାର୍ଯ୍ୟ ଜନବସତିଗୁଡ଼ିକ ବାହାର ବିଦ୍ୟମାନ ସଡ଼କକୁ ସଂଯୋଗ କରିଥିଲା ଅର୍ଥାତ୍ ବହୁଗୁଣିତ

---

63 ଏକ ରୁ ଅଧିକ ସଡକ ପଥ ଦେଇ ଏକ ବାସସ୍ଥାନ ସହିତ ସଂଯୋଗ ସ୍ଥାପନ କରିବା

64 ଆର୍‌ଡବ୍ଲୁ, ଅନୁଗୁଳ; ଆର୍‌ଡବ୍ଲୁ-I, ବାଲେଶ୍ୱର; ଆର୍‌ଡବ୍ଲୁ, ଜୟପୁର; ଆର୍‌ଡବ୍ଲୁ-II, ଗଞ୍ଜାମ; ଆର୍‌ଡବ୍ଲୁ-I, ଯାଜପୁର; ଆର୍‌ଡବ୍ଲୁ-I, କଟକ; ଆର୍‌ଡବ୍ଲୁ-II, ଭଦ୍ରକ; ଆର୍‌ଡବ୍ଲୁ, ସୁନ୍ଦରଗଡ଼ ଏବଂ ଆର୍‌ଡବ୍ଲୁ, ଭଞ୍ଜନଗର

ସଂଯୋଗୀକରଣ ପ୍ରଦାନ କରିଥିଲା । ତେଣୁ, 19.04 କି.ମି ରାସ୍ତା ନିର୍ମାଣ ଯୋଜନା ମାର୍ଗଦର୍ଶିକା ଅନୁରୂପ ହେଉନଥିବାରୁ 6.59 କୋଟି ଟଙ୍କା ଖର୍ଚ୍ଚ ବର୍ଜନୀୟ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ 35 ଟି ସଡ଼କ କାର୍ଯ୍ୟ କ୍ଷେତ୍ରରେ ଅଧିକ ଦୈର୍ଘ୍ୟ ବିଶିଷ୍ଟ ସଡ଼କ ନିର୍ମାଣ, ତ୍ରୁଟିପୂର୍ଣ୍ଣ ସର୍ବେକ୍ଷଣକୁ ସୂଚାଉଥିଲା । ଅନ୍ୟ ଆଠଟି ସଡ଼କ କାର୍ଯ୍ୟ କ୍ଷେତ୍ରରେ ଅନୁମୋଦିତ ଦୈର୍ଘ୍ୟ ଠାରୁ ଅଧିକ ରାସ୍ତା ନିର୍ମାଣ, ସରକାରୀ ଅର୍ଥ ବ୍ୟୟରେ ଆବଶ୍ୟକ ତଦାରଖର ଅଭାବକୁ ସୂଚାଉଥିଲା, ଯାହା ଯୋଜନା ମାର୍ଗଦର୍ଶିକାର ଅବମାନନା ଥିଲା ।

ଏହିପରି, 80.18 କି.ମି ଏହି ଅତିରିକ୍ତ ରାସ୍ତା ନିର୍ମାଣ ପାଇଁ 28.89 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଯାହା ଇଆଇସିଙ୍କ ଯୋଜନା ମାର୍ଗଦର୍ଶିକା/ ନିର୍ଦ୍ଦେଶାବଳୀକୁ ଉଲ୍ଲଘଂନ କରୁଥିଲା । ଅତିରିକ୍ତ ରାସ୍ତା ନିର୍ମାଣରେ ବିନିଯୋଗ ହୋଇଥିବା ସମ୍ବଳକୁ ଚିହ୍ନଟ ହୋଇଥିବା ସଂଯୋଗବିହୀନ ଜନବସତିକୁ ସଂଯୋଗୀକରଣ ପାଇଁ ବିନିଯୋଗ କରାଯାଇପାରିଥାନ୍ତା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ସମୟ କ୍ରମେ ଗ୍ରାମ ଗୁଡ଼ିକ ବିକାଶ ହୋଇଥିଲା ଏବଂ ବିସ୍ତାରିତ ଅଞ୍ଚଳରେ ବସତିଗୁଡ଼ିକ ସ୍ଥାପନ ହୋଇଥିଲା, ଯେଉଁଥି ପାଇଁ ଏହି ବିସ୍ତାରିତ ଅଞ୍ଚଳଗୁଡ଼ିକୁ ସବୁଦିନିଆ ସଂଯୋଗ ଯୋଗାଇଦେବା ଜରୁରୀ ଥିଲା ।

ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଜନବସତି ବିହୀନ ଜଙ୍ଗଲ ଓ ଚାଷ ଜମି ପର୍ଯ୍ୟନ୍ତ ରାସ୍ତାର ଦୈର୍ଘ୍ୟ ବିସ୍ତାରିତ ହୋଇଥିଲା । ଅଧିକନ୍ତୁ, ନିର୍ଦ୍ଦେଶାବଳୀରେ ନିର୍ଦ୍ଧାରିତ ଜନବସତିକୁ ଏକକ ସଂଯୋଗୀକରଣର ବ୍ୟବସ୍ଥା ଥିଲା ଏବଂ ସଡ଼କ ନିର୍ମାଣ କ୍ଷେତ୍ରରେ ଉପୁଜିଥିବା ଏକାଧିକ ସଂଯୋଗୀକରଣ ଯୋଜନା ନିର୍ଦ୍ଦେଶାବଳୀରେ ଗ୍ରହଣୀୟ ନଥିଲା ।

***ସୁପାରିଶ 2.13.2:***

***କାର୍ଯ୍ୟକରିବା ସମୟରେ ହେଉଥିବା ବାଧାକୁ ଏଡ଼େଇବା ପାଇଁ, ବିସ୍ତୃତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପରେ ଡିପିଆର୍ ପ୍ରସ୍ତୁତ କରାଯାଇପାରେ ଏବଂ ସେଥିରେ ଘରୋଇ ଜମିର ଆବଶ୍ୟକତା କିମ୍ବା ଆଇନ୍‌ଗତ କର୍ତ୍ତୃପକ୍ଷଙ୍କ ଅନୁମତି ବ୍ୟାନ କରାଯିବା ଉଚିତ୍ ।***

## 2.13.7 ଆକଳନ ପ୍ରସ୍ତୁତି

### *2.13.7.1 ଅତ୍ୟଧିକ ଇସ୍ପାତ୍ ପରିବହନ ପାଇଁ ବ୍ୟବସ୍ଥା ହେତୁ ଅତିରିକ୍ତ ବ୍ୟୟ*

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.16(a)(vii) ରେ ଧାର୍ଯ୍ୟ କରାଯାଇଛି ଯେ, ମୂଲ୍ୟ ଆକଳନ ଉଦ୍ଦେଶ୍ୟ ପାଇଁ ଖଣି ଠାରୁ ଅନୁମୋଦିତ ଦୂରତାକୁ[65] ନ୍ୟାୟସଙ୍ଗତ ଭାବରେ ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ, ଅନୁଚ୍ଛେଦ 3.4.10 ରେ ଉଲ୍ଲେଖ ଅଛି ଯେ, କାର୍ଯ୍ୟ ସଂପାଦନ ପାଇଁ ସର୍ବାଧିକ ମିତବ୍ୟୟୀ ଉପାୟ ଅବଲମ୍ବନ ପୂର୍ବକ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ।

34 ଟି ସଡ଼କ କାର୍ଯ୍ୟ କ୍ଷେତ୍ରରେ, ନମୁନା ଭାବେ ନିଆଯାଇଥିବା ଚାରୋଟି[66] ଡିଭିଜନର ନିକଟସ୍ଥ ସ୍ଥାନ ପରିବର୍ତ୍ତେ କାର୍ଯ୍ୟସ୍ଥଳୀ ଠାରୁ ଦୂରରେ ଥିବା ସ୍ଥାନରୁ ଇସ୍ପାତ୍ ଆଣିବା ପାଇଁ ବ୍ୟୟ ଆକଳନ କରାଯାଇଥିଲା । ଫଳସ୍ୱରୂପ, ଏହି ପ୍ରକଳ୍ପ ଗୁଡ଼ିକରେ 1,216.23 ମେଟ୍ରିକ୍ ଟନ୍ ଇସ୍ପାତର ଉପଯୋଗ ପାଇଁ 0.24 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଅଧିକନ୍ତୁ, ସଂପୃକ୍ତ ଡିଭିଜନଗୁଡ଼ିକ ଏହି ଦାବିକୁ ସମର୍ଥନ କରି କୌଣସି ଦସ୍ତାବିଜ୍ ପ୍ରମାଣ ରଖିନଥିଲେ ଯେ, ଇସ୍ପାତ୍ ସାମଗ୍ରୀ, ବାସ୍ତବରେ ଦୂର ସ୍ଥାନରୁ ସଂଗ୍ରହ କରାଯାଇଥିଲା ଏବଂ ନିକଟସ୍ଥ ସ୍ଥାନରୁ ନୁହେଁ ।

65 ଖଣି ଠାରୁ କାର୍ଯ୍ୟ କ୍ଷେତ୍ର ପର୍ଯ୍ୟନ୍ତ ଯାନବାହାନ ମାଧ୍ୟମରେ ଦୂରତା

66 ଆର୍‌ଡବ୍ଲୁ-I, କଟକ; ଆର୍‌ଡବ୍ଲୁ-I, ଯାଜପୁର; ଆର୍‌ଡବ୍ଲୁ, ଅନୁଗୁଳ; ଏବଂ ଆର୍‌ଡବ୍ଲୁ, କେସିଙ୍ଗା

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ପ୍ରାଥମିକ ଉତ୍ପାଦକଙ୍କ ଠାରୁ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଇସ୍ପାତ କ୍ରୟ ପାଇଁ ଲିଡ୍ ଅନୁମତି ଦିଆଯାଇଥିଲା ଏବଂ ଭୁବନେଶ୍ୱରରୁ କ୍ରୟ କରିବାରେ କୌଣସି ଅନିୟମିତତା ହୋଇନଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ ଆକଳନରେ ଯେଉଁ ଲିଡ୍ ଦୂରତାକୁ ଅନୁମତି ଦିଆଯାଇଥିଲା, ତାହା ନିଲାମକାରୀଙ୍କ ଦ୍ୱାରା ଉଦ୍ଧୃତ ଦର ଉପରେ କୌଣସି ପ୍ରଭାବ ପକାଉନଥିଲା ଯେହେତୁ ସେମାନଙ୍କର ଦ୍ରବ୍ୟର ବର୍ଣ୍ଣନା, ପରିମାଣ, ଆକଳନ ଦର, ଖଣିର ଦୂରତା ତଥା ଅନ୍ୟ ସମସ୍ତ ବିଷୟକୁ ବିଚାରକୁ ନେଇ ଦର ଉଲ୍ଲେଖ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥିଲା ।

ନିକଟବର୍ତ୍ତୀ ସ୍ଥାନମାନଙ୍କରେ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଇସ୍ପାତ ସାମଗ୍ରୀର ଉପଲବ୍ଧ ନହେବା ସପକ୍ଷରେ କୌଣସି ଦସ୍ତାବିଜର ପ୍ରମାଣ ନଥିବାରୁ ଏହାର ଉତ୍ତର ସମର୍ଥନୀୟ ନଥିଲା । ଏହା ବ୍ୟତୀତ, ସମାନ ଯୋଜନା ଅଧୀନରେ ଅନ୍ୟ ସଡ଼କ କାର୍ଯ୍ୟର କାର୍ଯ୍ୟ ନିଷ୍ପାଦନରେ ସମାନ ଅଞ୍ଚଳରୁ ଇସ୍ପାତ କ୍ରୟ କରାଯାଇଥିଲା ।

### *2.13.7.2 ବର୍ଦ୍ଧିତ ଆକଳନ ହେତୁ 0.13 କୋଟି ଟଙ୍କାର ଅଧିକ ବ୍ୟୟ*

ଏମ୍ଏମ୍ଏସ୍ୱାଇ ନିୟମାବଳୀର (ଅନୁଚ୍ଛେଦ 7.13) ସହିତ ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.4.10 ଦର୍ଶାଏ ଯେ ମୂଲ୍ୟ ଆକଳନ ପାଇଁ ରାଜ୍ୟର ସିଡୁଲ୍ ଅଫ୍ ରେଟ୍ସ୍ (ଏସ୍ଓଆର୍) ବିଶ୍ଳେଷଣକୁ ଗ୍ରହଣ କରାଯିବା ଉଚିତ୍ । ପ୍ରଯୁଜ୍ୟ ଜିଏସ୍ଟି (ସେବା ଏବଂ ଦ୍ରବ୍ୟ କର) କୁ ବିଚାରକୁ ନେଇ ପୂର୍ତ୍ତ ବିଭାଗ ଦ୍ୱାରା ଏସ୍ଓଆର୍ 2014 କୁ ସଂଶୋଧିତ କରାଯାଇଥିଲା ଏବଂ ଏହି ସଂଶୋଧିତ ହାର ଜୁଲାଇ 2017 ରୁ ଲାଗୁ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଗ୍ରାମୀଣ କାର୍ଯ୍ୟ ବିଭାଗ-I , ବାଲେଶ୍ୱରରେ ଜୁଲାଇ 2014 ରୁ ମାର୍ଚ୍ଚ 2021 ମଧ୍ୟରେ 26 ଟି ନମୁନା ଯାଞ୍ଚ କାର୍ଯ୍ୟ ମଧ୍ୟରୁ ନଅଟି ରାସ୍ତା କାମ ପାଇଁ 18.28 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ପ୍ରଦାନ କରାଯାଇଥିଲା ଏବଂ ଜୁଲାଇ 2019 ରୁ ମାର୍ଚ୍ଚ 2021 ମଧ୍ୟରେ, 17.03 କୋଟି ଟଙ୍କା (ଜିଏସ୍ଟି ସମେତ) ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି କାର୍ଯ୍ୟ ଗୁଡ଼ିକରେ 1.27 ଲକ୍ଷ ଘନମିଟର ମାଟି କାମ ହୋଇଥିବା ବେଳେ ଘନମିଟର ପ୍ରତି 139 ଟଙ୍କା ହାରରେ 1.61 କୋଟି ଟଙ୍କା ସଂପୃକ୍ତ ଠିକାଦାରକୁ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଅନୁଧ୍ୟାନ କଲେ ଯେ, ଯଦିଓ ଜିଏସ୍ଟି ପରବର୍ତ୍ତୀ ଏସ୍ଓଆର୍ ଅନୁଯାୟୀ ମାଟି କାର୍ଯ୍ୟର ଦର ଠିକାଦାରଙ୍କ ସହିତ ହୋଇଥିବା ରାଜିନାମାରେ ଘନମିଟର ପ୍ରତି 127.70 ଟଙ୍କା ଥିଲା, ତାହା ଜିଏସ୍ଟି ପୂର୍ବବର୍ତ୍ତୀ ଏସ୍ଓଆର୍ ଅନୁଯାୟୀ ଘନମିଟର ପ୍ରତି 139 ଟଙ୍କା ଦରରେ ପ୍ରଦାନ କରାଯାଇଥିଲା । ଯାହାଫଳରେ, ଘନମିଟର ପ୍ରତି 11.30 ଟଙ୍କା ଅଧିକ ବ୍ୟୟ ହୋଇଥିଲା । ଏହିପରି, 1.27 ଲକ୍ଷ ଘନମିଟର ମାଟି କାର୍ଯ୍ୟରେ 13.05 ଲକ୍ଷ[67] ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଏହି ତଥ୍ୟକୁ ସ୍ୱୀକାର କରି, ଗ୍ରାମ୍ୟ ଉନ୍ନୟନ ବିଭାଗ କହିଥିଲା (ମାର୍ଚ୍ଚ 2023) ଯେ ଆଠଟି କାର୍ଯ୍ୟରେ ଜଡ଼ିତ 12.34 ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ସଂପୃକ୍ତ ସଂସ୍ଥା ମାନଙ୍କ ଠାରୁ ଆଦାୟ କରାଯାଇଥିଲା ।

ଗୋଟିଏ କାର୍ଯ୍ୟ ବିପକ୍ଷରେ ଅବଶିଷ୍ଟ 0.71 ଲକ୍ଷ ଟଙ୍କା ଆଦାୟ କରିବାକୁ ବାକି ଅଛି (ଅପ୍ରେଲ 2023) ।

***ସୁପାରିଶ 2.13.3:***

***କାର୍ଯ୍ୟ ଗୁଡିକର ବ୍ୟୟକୁ କମ୍ କରିବା ଉଦ୍ଦେଶ୍ୟରେ ଆକଳନଗୁଡିକୁ ମିତବ୍ୟୟୀ ଏବଂ ସୀଡୁଲ୍ ଅଫ୍ ରେଟ୍ସ୍‌ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବା ଉଚିତ୍ ।***

[67] ଅଟକଳ ମୂଲ୍ୟର 7 ରୁ 10.70 ପ୍ରତିଶତ ପର୍ଯ୍ୟନ୍ତ ଟେଣ୍ଡର ରିହାତି ଉପରେ ବିଚାର କରିବା ପରେ

### 2.13.8 କାର୍ଯ୍ୟ ପ୍ରଦାନ ଏବଂ ଚୁକ୍ତି ସ୍ୱାକ୍ଷର

#### *2.13.8.1 ଚୁକ୍ତି ସମ୍ପାଦନରେ ବିଳମ୍ବ*

ଓପିଡବ୍ଲୁଡି କୋଡ (ଅନୁଚ୍ଛେଦ 3.5.18) ରେ ଦର୍ଶାଯାଇଛି ଯେ ବିଭାଗୀୟ କାର୍ଯ୍ୟାଳୟରେ ଟେଣ୍ଡର ଗ୍ରହଣ କରାଯିବାର 15 ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ଉଚିତ୍ ଯଦି ଚୁକ୍ତିନାମା ସର୍ବାଙ୍ଗ ଭାବରେ ସମ୍ପୂର୍ଣ୍ଣ ନିଷ୍ପାଦିତ ହୋଇଥିବ ।

ଅଡିଟ୍ ଲକ୍ଷ୍ୟ କଲା ଯେ, 84 ଟି ନମୁନା ସଡ଼କ ପ୍ରକଳ୍ପ ସମ୍ପର୍କିତ ରାଜିନାମାଗୁଡିକ ଅଗଷ୍ଟ 2015 ଓ ଜାନୁଆରୀ 2020 ମଧ୍ୟରେ ଧାର୍ଯ୍ୟ ସୀମାର 15 ଦିନ ପରେ 11 ରୁ 120 ଦିନ ବିଳମ୍ବରେ ସମ୍ପାଦିତ ହୋଇଥିଲା । ଚୁକ୍ତି ସମ୍ପାଦନରେ ଏହି ବିଳମ୍ବ କାରଣରୁ ସଂପୃକ୍ତ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଘଟିଥିଲା ଏବଂ ପରିଣାମ ସ୍ୱରୂପ କାର୍ଯ୍ୟ ଶେଷ କରିବାରେ ବିଳମ୍ବ ହୋଇଥିଲା ।

ଏହି 84 ଟି ନମୁନା ସଡ଼କ କାର୍ଯ୍ୟ ମଧ୍ୟରୁ 78 ଟିରେ କାଯ୍ୟ ସମ୍ପାଦନରେ ଦୁଇ ରୁ 53 ମାସ ବିଳମ୍ବ ହୋଇଥିବା ବେଳେ ଛଅଟି ରାସ୍ତା କାର୍ଯ୍ୟ ସେପ୍ଟେମ୍ବର 2022 ସୁଦ୍ଧା ଶେଷ ହେବାର ନିର୍ଦ୍ଧାରିତ ତାରିଖର 15 ରୁ 55 ମାସ ବିତି ଯାଇଥିଲେ ମଧ୍ୟ ଅସମ୍ପୂର୍ଣ୍ଣ ରହିଥିଲା ।

ଏହି ତଥ୍ୟକୁ ସ୍ୱୀକାର କରି ଗ୍ରାମ୍ୟ ଉନ୍ନୟନ ବିଭାଗ (ମାର୍ଚ୍ଚ 2023) ଏହି ବିଳମ୍ବ ପାଇଁ (i) ବିଡ୍ ଦାଖଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆର୍ଥିକ ଦସ୍ତାବିଜ୍‌ଗୁଡିକ ଯାଞ୍ଚରେ ନିଆଯାଇଥିବା ସମୟ, (ii) ବ୍ୟକ୍ତିଗତ କାରଣ ଦର୍ଶାଇ ବିଡ୍ ଦାଖଲକାରୀଙ୍କ ପ୍ରତିକ୍ରିୟା ନଦେବା ଏବଂ (iii) ଏହି ସମୟ ମଧ୍ୟରେ ନିର୍ବାଚନ, ପ୍ରାକୃତିକ ବିପର୍ଯ୍ୟୟ ତଥା ମହାମାରୀର ପ୍ରାଦୁର୍ଭାବକୁ କାରଣ ଦର୍ଶାଇଥିଲେ । ତଥାପି, ଏକଥା ସତ୍ୟ ଯେ, ଚୁକ୍ତିନାମାଗୁଡିକ ପ୍ରାକ୍-ମହାମାରୀ ସମୟରେ ଅଗଷ୍ଟ 2015 ଓ ଜାନୁଆରୀ 2020 ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଅନ୍ୟାନ୍ୟ ଦର୍ଶାଯାଇଥିବା କାରଣଗୁଡିକୁ ଏଡ଼ାଇ ଦିଆଯାଇପାରିଥାଆନ୍ତା ।

### 2.13.9 କାର୍ଯ୍ୟ ସମ୍ପାଦନ

#### *2.13.9.1 ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ଅଧିକ ମୋଟେଇର ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ବ୍ୟୟ*

ଭାରତୀୟ ରୋଡ଼୍ କଂଗ୍ରେସ (ଆଇଆର୍‌ସି) କୋଡ ଏସ୍‌ପି: 62 ପ୍ରାବଧାନରେ ଅଛି ଯେ, ଫୁଟ୍ ପାଥର ଡିଜାଇନ ପାଇଁ ଦୈନିକ 50 ରୁ କମ୍ ବାଣିଜ୍ୟିକ ଯାନ (ସିଭିପିଡି) ର ଟ୍ରାଫିକ୍ ଘନତ୍ୱ ଏବଂ ଉଭୟ ଚକ ଉପରେ 50 କିଲୋ ନିଉଟନ୍ (କେଏନ୍) ଲୋଡ୍ ପାଇଁ କେବଳ ହୁଇଲ୍ ଲୋଡ୍ ଷ୍ଟ୍ରେସ୍[68], ମୋଟେଇ ଆକଳନ ପାଇଁ ବିଚାର କରିବା ଆବଶ୍ୟକ ଏବଂ 50 ରୁ ଅଧିକ ସିଭିପିଡି ପାଇଁ ଉଭୟ[69] ଏଜ୍ ଲୋଡ୍ ଷ୍ଟ୍ରେସ୍ ଏବଂ ଉତ୍ତାପ[70] ଷ୍ଟ୍ରେସ୍‌କୁ ବିଚାରକୁ ନିଆଯିବ । 50 ସିଭିପିଡି ପର୍ଯ୍ୟନ୍ତ ସଡ଼କ କ୍ଷେତ୍ରରେ 150 ମିମି ମୋଟେଇର ସିମେଣ୍ଟ କଂକ୍ରିଟ୍ ଫୁଟପାଥ ପାଇଁ ଆଇଆର୍‌ସିରେ ବ୍ୟବସ୍ଥା ଅଛି ।

ପାଞ୍ଚଟି ନମୁନା ଡିଭିଜନରେ[71] 25 ଟି ରାସ୍ତାରେ ସିଭିପିଡି 14 ରୁ 40 ମଧ୍ୟରେ ରହିଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ତେଣୁ, ଆଇଆର୍‌ସି କୋଡର ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ସିସିର ମୋଟେଇ 150 ମିମି ରହିବା କଥା । ତେବେ, ଏହି 25 ଟି ରାସ୍ତାରେ ସିସିର ମୋଟେଇ 180 ରୁ 190 ମିମି ମଧ୍ୟରେ ରହିଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ଉପରୋକ୍ତ ସୂଚନା ଅନୁଯାୟୀ, ଉଭୟ ଏଜ୍ ଲୋଡ୍ ଷ୍ଟ୍ରେସ୍ ଏବଂ ତାପମାତ୍ରା ଷ୍ଟ୍ରେସ୍‌କୁ ବିଚାରକୁ ନେଇ ଅଧିକତର ମୋଟେଇ ରଖାଯାଇଥିଲା ଯାହାକି 50 ସିଭିପିଡିରୁ ଅଧିକ ମୋଟେଇର ସଡ଼କ ପାଇଁ ପ୍ରଯୁଜ୍ୟ । ତେଣୁ,

[68] ହୁଇଲ୍ ଲୋଡ୍ ଷ୍ଟ୍ରେସ୍ ହେଉଛି ଯାନର ଚକ ଏବଂ ସଡ଼କ ପୃଷ୍ଠର ପାରସ୍ପରିକ କ୍ରିୟା ଯୋଗୁଁ କଂକ୍ରିଟ୍ ସ୍ଲାବରେ ଚାପ ଏବଂ ସବ୍ ବେସରେ ଷ୍ଟ୍ରେନ୍ ହେତୁ ଉତ୍ପନ୍ନ ଟ୍ରାଫିକ୍ ଲୋଡ ଚାପ

[69] 'ଏଜ୍ ଲୋଡ ଷ୍ଟ୍ରେସ୍' ହେଉଛି ଏକକାଳୀନ ଚକ ବୋଝ ଏବଂ ତାପମାତ୍ରାର ପାର୍ଥକ୍ୟ କାରଣରୁ କଂକ୍ରିଟ୍ ଫୁଟପାଥ ଅଞ୍ଚଳରେ ହୋଇଥିବା ସର୍ବାଧିକ ଟେନ୍‌ସାଇଲ୍ ଷ୍ଟ୍ରେସ୍ (ଚାପ ତଳେ ଫାଟିବା ବା ଭାଙ୍ଗିବା ପ୍ରତିରୋଧ କ୍ଷମତା)

[70] ତାପମାତ୍ରା ଷ୍ଟ୍ରେସ୍: ଫୁଟପାଥ ସ୍ଲାବ୍ ଗୁଡ଼ିକ ଦିନରେ ଉପରକୁ (ଶୀର୍ଷ ଉତ୍ତଳ) ଏବଂ ରାତ୍ରିରେ ତଳକୁ (ଶୀର୍ଷ ଉତ୍ତର) ବଙ୍କା ହେବାର ଏକ ପ୍ରବୃତ୍ତି ରହିଛି । ସ୍ୱୟଂ ଓଜନ ଦ୍ୱାରା ଏହି ଘର୍ଷଣ ପ୍ରତିସତ୍ ଯାହା ଚଟାଣରେ ଚାପ ସୃଷ୍ଟି କରେ

[71] ଆର୍‌ଡବ୍ଲୁ-I, ବାଲେଶ୍ୱର; ଆର୍‌ଡବ୍ଲୁ, ଜୟପୁର; ଆର୍‌ଡବ୍ଲୁ -II, ଗଞ୍ଜାମ; ଆର୍‌ଡବ୍ଲୁ -I, ସୁନ୍ଦରଗଡ଼; ଏବଂ ଆର୍‌ଡବ୍ଲୁ -I, କଟକ

ଆଇଆର୍‌ସି କୋଡ ଅନୁସାରେ ଏହି ରାସ୍ତାଗୁଡ଼ିକର ଯେତିକି ମୋଟେଇ ଆବଶ୍ୟକ ଥିଲା, ତା' ଠାରୁ ଅଧିକ ହୋଇଛି, ଯାହାଫଳରେ ଏଥିରେ ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ଏହି ସଡ଼କ ପ୍ରକଳ୍ପଗୁଡ଼ିକରେ ନିର୍ଦ୍ଦିଷ୍ଟ ପରିମାଣ ଠାରୁ 3,520.178 ଘନ ମିଟର ସିମେଣ୍ଟ କଂକ୍ରିଟ୍ ଅଧିକ ବିନିଯୋଗ ହୋଇଥିଲା, ଯାହାଫଳରେ 1.82 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଆଇଆର୍‌ସିରେ ପ୍ରଦତ୍ତ ମୋଟେଇ କେବଳ ମାର୍ଗଦର୍ଶନ ପାଇଁ ଥିଲା, ଯାହା ଟ୍ରାଫିକ୍‌ର ତୀବ୍ରତା ବୃଦ୍ଧିର ବାସ୍ତବ ମାନଦଣ୍ଡକୁ ନେଇ ସ୍ଥିର କରାଯାଇଥିଲା ।

ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଟ୍ରାଫିକ୍‌ର ତୀବ୍ରତାକୁ ବିଚାରକୁ ନେଇ ଏହି ରାସ୍ତାର ସିଭିପିଡି, 14 ରୁ 40, ସ୍ଥିର କରାଯାଇଥିଲା ବେଳେ, ଆଇଆର୍‌ସି 50 ସିଭିପିଡି ପର୍ଯ୍ୟନ୍ତ ରାସ୍ତା ପାଇଁ 150 ମିମି ସିମେଣ୍ଟ କଂକ୍ରିଟ୍ ଚଲା ରାସ୍ତା ନିର୍ଦ୍ଧାରଣ କରିଥିଲା । ତେଣୁ, 150 ମିମି ରୁ ଅଧିକ ମୋଟେଇ ରାସ୍ତାର ଡିଜାଇନ୍ ପ୍ରସ୍ତୁତ କରିବାର କୌଣସି ଯଥାର୍ଥତା ନଥିଲା ।

***ସୁପାରିଶ 2.13.4:***

***ଅତିରିକ୍ତ ଖର୍ଚ୍ଚକୁ ଏଡାଇବା ପାଇଁ କାର୍ଯ୍ୟର ନିର୍ଦ୍ଧିଷ୍ଟକରଣ, ସଂପୃକ୍ତ ସଂହିତା ଯଥା ଆଇଆର୍‌ସି ସଂହିତାରେ ଦର୍ଶାଯାଇଥିବା ମାନଦଣ୍ଡ ଆଧାରରେ ହେବା ଉଚିତ୍ ।***

### *2.13.9.2 ଖନନ ହୋଇଥିବା ମୃତ୍ତିକା ଉପଯୋଗ ନହେବା*

ଠିକାଦାରଙ୍କ ସହ ହୋଇଥିବା ଚୁକ୍ତି ଅନୁଯାୟୀ, ମୂଳଦୁଆ ଓ ରୋଡଓ୍ୱେ କଟିଂରୁ ଖନନ ହୋଇଥିବା ମୃତ୍ତିକାକୁ ସମସ୍ତ ଲିଡ୍[72] ଓ ଉଠାଣ ସହିତ ସାଇଟରେ ଜମା କରିବା/ ବନ୍ଧ ସ୍ଥାନକୁ ସ୍ଥାନାନ୍ତର କରିବାର ଥିଲା ଏବଂ ବନ୍ଧଗୁଡ଼ିକ ଖନନ ହୋଇଥିବା ମୃତ୍ତିକାରେ ନିର୍ମାଣ କରିବାର ଥିଲା ।

ଦୁଇଟି ନମୁନା ଡିଭିଜନରେ, 11 ଟି ସଡ଼କ କାର୍ଯ୍ୟର ପରିସରରେ ମାଟି ଖନନ ଏବଂ ଏହାର ଉପଯୋଗ ତଥା କାର୍ଯ୍ୟସ୍ଥଳ ଠାରୁ ପାଞ୍ଚ କିଲୋମିଟର ମଧ୍ୟରେ ଥିବା ବରୋ ଏରିଆରୁ[73] ମୃତ୍ତିକା ସଂଗ୍ରହ କରିବା ସାମିଲ୍ ରହିଥିଲା । ଖନନ ହୋଇଥିବା ମାଟିକୁ ସମାନ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ରାସ୍ତା କାର୍ଯ୍ୟର ମୂଲ୍ୟ ଆକଳନରେ ବ୍ୟବସ୍ଥା ଥିଲା । ଏହି ସଡ଼କ କାର୍ଯ୍ୟରେ କେତେ ପରିମାଣର ମାଟି ଖନନ କରାଯାଇଥିଲା ଏବଂ ବନ୍ଧ ନିର୍ମାଣରେ ବ୍ୟବହୃତ ହୋଇଥିଲା, ତାହାର ବିବରଣୀ ***ସାରଣୀ 2.13.3*** ରେ ଦର୍ଶାଯାଇଛି ।

***ସାରଣୀ 2.13.3: ଖନନ କରାଯାଇ ବ୍ୟବହୃତ ହୋଇଥିବା ମୃତ୍ତିକାର ପରିମାଣ***

***(ଟଙ୍କା ଲକ୍ଷରେ)***

| ଡିଭିଜନ | ସଡ଼କ ପ୍ରକଳ୍ପର ସଂଖ୍ୟା | ଖନନ ହୋଇଥିବା ମୃତ୍ତିକାର ପରିମାଣ | ଆଡ଼ିବନ୍ଧ ନିର୍ମାଣରେ ବ୍ୟବହୃତ ମୃତ୍ତିକା | ଅବ୍ୟବହୃତ ବଳକା ମୃତ୍ତିକା |
|---|---|---|---|---|
| ସୁନାବେଡ଼ା | 9 | 5.85 | 3.70 | 2.15 |
| ଯାଜପୁର -I | 2 | 0.01 | 0 | 0.01 |
| ମୋଟ | **11** | **5.86** | **3.70** | **2.16** |

***(ଉତ୍ସ: ନମୁନା ଡିଭିଜନର ତଥ୍ୟ)***

***ସାରଣୀ 2.13.3*** ରୁ ସ୍ପଷ୍ଟ ହେଉଛି ଯେ, ଖନନ ହୋଇଥିବା 5.86 ଲକ୍ଷ ଘନମିଟର ମୃତ୍ତିକାରୁ ମାତ୍ର 3.70 ଲକ୍ଷ ଘନ ମିଟର ଆଡ଼ିବନ୍ଧ ନିର୍ମାଣରେ ବ୍ୟବହୃତ ହୋଇଥିଲା । ଅବଶିଷ୍ଟ 2.16 ଲକ୍ଷ ଘନମିଟର ମୃତ୍ତିକା ଏହି କାର୍ଯ୍ୟରେ

---

72 'ଲିଡ୍' ହେଉଛି ଖନନ କେନ୍ଦ୍ରରୁ ଖନନ ହେଉଥିବା ପୃଥିବୀର ନିକ୍ଷେପଣ କେନ୍ଦ୍ର ମଧ୍ୟରେ ହାରାହାରି ଆନୁଭୂମିକ ଭୂରୂପ ଲିଫ୍ଟ ହେଉଛି ହାରାହାରି ଉଚ୍ଚତା ଯେଉଁ ପର୍ଯ୍ୟନ୍ତ ଖନନ ହୋଇଥିବା ମାଟିକୁ ଉଠାଇବାକୁ ହେବ (ଖନନ ପଏଣ୍ଟ ରୁ ବ୍ୟାପୁଥିବା ସ୍ଥାନକୁ)

73 ଯେଉଁ ସ୍ଥାନରୁ ନଦୀବନ୍ଧ, ରାସ୍ତା ଏବଂ ନଦୀବନ୍ଧ ରାସ୍ତାର ନିର୍ମାଣ ନିମନ୍ତେ ମୃତ୍ତିକା ଖନନ କରାଯାଇ କାର୍ଯ୍ୟସ୍ଥଳକୁ ପରିବହନ କରାଯାଏ ତାହାକୁ 'ବରୋ ଏରିଆ' କୁହାଯାଏ

ବିନିଯୋଗ ହୋଇଥିବା ଦର୍ଶାଯାଇ ନଥିଲା । ସେହି ସମାନ ସମୟରେ ପାଞ୍ଚ କିଲୋମିଟର ଦୂରତା ମଧ୍ୟରେ ଥିବା ସ୍ଥାନଗୁଡ଼ିକରୁ 2.78 ଲକ୍ଷ ଘନମିଟର ମୃତ୍ତିକା ସଂଗ୍ରହ କରାଯାଇଥିଲା ।

ଯଦି ସେହି ସମାନ କାର୍ଯ୍ୟରେ 2.16 ଲକ୍ଷ ଘନମିଟର ମୃତ୍ତିକାକୁ ବ୍ୟବହାର କରାଯାଇ ଥାଆନ୍ତା, ତେବେ ଅନ୍ୟ ସ୍ଥାନରୁ ମାଟି ଆଣିବା ପାଇଁ 1.92 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚକୁ ଏଡାଯାଇ ପାରିଥାଆନ୍ତା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ ( ମାର୍ଚ୍ଚ 2023) ଯେ, ଢାଲୁଆ ଅଞ୍ଚଳରୁ ଖନନ କିଛି ମୃତ୍ତିକା ତଳିଆ ଅଞ୍ଚଳକୁ ଖସି ଆସିଥିଲା ଏବଂ ପ୍ରବଳ ବର୍ଷା ହେତୁ କିଛି ମାଟି ଧୋଇ ହୋଇଯାଇଥିଲା । ଏହା ମଧ୍ୟ ଦର୍ଶାଇଥିଲେ ଯେ ଭୂପୃଷ୍ଠର ଉପର ଛଅ ଇଞ୍ଚରୁ ଏକ ଫୁଟ ଗଭୀରତା ପର୍ଯ୍ୟନ୍ତ ଖନନ କରାଯାଇଥିବା ମାଟିକୁ ବନ୍ଧ ନିର୍ମାଣରେ ବ୍ୟବହାର କରାଯାଇପାରି ନଥିଲା, କାରଣ ଏଥିରେ ଉଦ୍ଭିଦ ମୂଳ ଏବଂ ଅନ୍ୟାନ୍ୟ ଅନୁପଯୋଗୀ ଭଗ୍ନାବଶେଷ ଥିଲା ।

ଉତ୍ତରଟି ବିଶ୍ୱାସଯୋଗ୍ୟ ନୁହେଁ, କାରଣ ଖନନ କରାଯାଇଥିବା ମାଟିକୁ ସମାନ କାର୍ଯ୍ୟରେ ବ୍ୟବହାର କରିବା ଏବଂ ଠିକାଦାର ମୃତ୍ତିକା କ୍ଷୟ ରୋକିବା ପାଇଁ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରିବା ଉଚିତ୍ ବୋଲି ବିନିର୍ଦ୍ଦିଷ୍ଟ ଥିଲା । ଆହୁରି ମଧ୍ୟ, ଏହି କାର୍ଯ୍ୟଗୁଡ଼ିକରେ ଜମିର ଉପର ଛଅ ଇଞ୍ଚରୁ ଏକ ଫୁଟ ଗଭୀରତା ପର୍ଯ୍ୟନ୍ତ ଖନନ କରାଯାଇଥିବା ମାଟିର ପରିମାଣ, ଚୁକ୍ତିନାମା ଅଧୀନରେ (ଏହି ପର୍ଯ୍ୟବେକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା) ଥିବା ଏକ ପୃଥକ[74] କାର୍ଯ୍ୟରେ କାର୍ଯ୍ୟକାରୀ କରାଯାଇଥିଲା । । ତେଣୁ, ମୃତ୍ତିକା କ୍ଷେତ୍ରରୁ ମାଟି ସଂଗ୍ରହ କରି ଉପଯୋଗ ହେତୁ ହୋଇଥିବା 1.92 କୋଟି ଟଙ୍କାର ଅତିରିକ୍ତ ବ୍ୟୟକୁ ଏଡାଇ ଦିଆଯାଇପାରିଥାଆନ୍ତା ।

### *2.13.9.3 1.83 କୋଟି ଟଙ୍କାର ଉପାଦେୟ ପଥର ଅସୁଲ ନହେବା*

ଆନାଲିସିସ୍ ଅଫ୍ ରେଟ୍ (ଏଓଆର୍) 2006, ଅନୁଯାୟୀ, କଠିନ ପଥରରେ ମୂଳଦୁଆ ଖନନ କାର୍ଯ୍ୟରୁ ମିଳିଥିବା ଉପଯୋଗୀ ପଥରକୁ ସେହି ସମାନ କାର୍ଯ୍ୟରେ, ସମ୍ପୃକ୍ତ ପଥର ସମ୍ବନ୍ଧୀୟ ଜିନିଷରେ ବ୍ୟବହାର କରାଯିବାର ଥିଲା । ଆହୁରି ମଧ୍ୟ, ଅପ୍ରେଲ 2016 ରୁ ଜୁଲାଇ 2019 ମଧ୍ୟରେ ନିର୍ବାହୀ ଯନ୍ତ୍ରୀ, ଆର୍‌ଡବ୍ଲୁ ଡିଭିଜନ, ସୁନାବେଡା ଏବଂ ଠିକାଦାର ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ (ଏମ୍‌ଓଆର୍‌ଡିର ଧାରା 302), ରାସ୍ତାଘାଟ, କ୍ରସ୍ ଡ୍ରେନେଜ୍, ଇତ୍ୟାଦି ଖନନରୁ ମିଳିଥିବା ସାମଗ୍ରୀ ରାସ୍ତା କାର୍ଯ୍ୟରେବ୍ୟବହାର ହେବ ।

ମେଜରମେଣ୍ଟ ବହି ଓ ଠିକାଦାରଙ୍କ ବିଲରୁ ଅଡିଟ୍ ଲକ୍ଷ୍ୟ କଲେ, ଆର୍‌ଡବ୍ଲୁ ଡିଭିଜନ ସୁନାବେଡ଼ାରେ 14 ଟି ନମୁନା ଯାଞ୍ଚ ହୋଇଥିବା ସଡ଼କ ପ୍ରକଳ୍ପ ମଧ୍ୟରୁ 11 ଟି ପ୍ରକଳ୍ପରେ 2.16 ଲକ୍ଷ ଘନମିଟର ପଥର ମୂଳଦୁଆ ଓ ରୋଡ କଟିଂରୁ ଖନନ କରାଯାଇଥିଲା । ସେଥି ମଧ୍ୟରୁ 1.19 ଲକ୍ଷ ଘନମିଟର (55 ପ୍ରତିଶତ) କାର୍ଯ୍ୟରେ ବ୍ୟବହୃତ ହୋଇଥିଲା ଓ ଏହାର ବ୍ୟୟ ବରାଦ ସମ୍ପୃକ୍ତ ଠିକାଦାରଙ୍କ ବିଲରୁ ଆଦାୟ ହୋଇଥିବା ଜଣାଯାଇଥିଲା । ଅବଶିଷ୍ଟ 1.83 କୋଟି ଟଙ୍କାର 0.97 ଲକ୍ଷ ଘନମିଟର ପଥର ବିଷୟରେ ଅନୁସନ୍ଧାନ କରିବା ପରେ ନିର୍ବାହୀ ଯନ୍ତ୍ରୀ (ଇଇ) ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ, ବଳକା ପଥର ଅନ୍ୟ କେତେକ ଚାଲିଥିବା କାର୍ଯ୍ୟରେ ବ୍ୟବହୃତ ହୋଇଥିଲ । ଖନନ ହୋଇଥିବା ପଥର ଅନ୍ୟ କାର୍ଯ୍ୟରେ ବ୍ୟବହାର ହୋଇଥିବା ବିଷୟ ସପକ୍ଷରେ ଇଇ କୌଣସି ଦସ୍ତାବିଜ୍ ଉପସ୍ଥାପନ କରିପାରି ନଥିଲେ ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ବ୍ଲାଷ୍ଟ ହୋଇଥିବା କଠିନ ପ୍ରସ୍ତରର 30.55 ପ୍ରତିଶତ ବ୍ୟବହାର କରାଯାଇଥିଲା ଏବଂ ଅବଶିଷ୍ଟ ପ୍ରସ୍ତରକୁ ଏସବୁ କାର୍ଯ୍ୟରେ ବ୍ୟବହାର କରାଯାଇପାରି ନଥିଲା, ଯେହେତୁ ଖନନ ହୋଇଥିବା ପ୍ରସ୍ତର ଗୁଡ଼ିକ ଢାଲୁ ଅଞ୍ଚଳରୁ ତଳକୁ ଖସି ଯାଇଥାଏ ଏବଂ ପଥର ପ୍ୟାକିଂ ଏବଂ ରାସ୍ତା କାମର ପିଚିଂ ରେ ପୁନଃ ବ୍ୟବହାର ପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ ଆକାରର ହୋଇନଥାଏ ।

ଏହି ଉତ୍ତର ତଥ୍ୟ ଭିତ୍ତିକ ନୁହେଁ, ଯେହେତୁ ସଂପୃକ୍ତ ଇଇ, ଚାଲୁ ରହିଥିବା ଅନ୍ୟ କାର୍ଯ୍ୟରେ ଖନନ ହୋଇଥିବା ପଥରର ପୁନଃ ବ୍ୟବହାରକୁ ସ୍ୱୀକାର କରିଥିଲେ । ଖନନ ହୋଇଥିବା ପଥରର ପୁନଃ ବ୍ୟବହାର ସପକ୍ଷରେ ପ୍ରାମାଣିକ ଦସ୍ତାବିଜ୍, ଇଇଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି (ସେପ୍ଟେମ୍ବର 2022) ଅନୁଯାୟୀ ଜୁନ୍ 2023 ପର୍ଯ୍ୟନ୍ତ ଅପେକ୍ଷିତ ରହିଥିଲା ।

74 ସାଇଟ୍ କ୍ଲିଅରାନ୍ସ ପାଇଁ ସଡ଼କ ସଫା ଓ ଘର୍ଷଣ କରିବା

### *2.13.9.4 1.75 କୋଟି ଟଙ୍କାର ଜରିମାନା ଅନାଦେୟ ହୋଇ ରହିବା*

ଆର୍‌ଡବ୍ଲୁ ଡିଭିଜନର କାର୍ଯ୍ୟ ନିର୍ବାହୀ ଇଞ୍ଜିନିୟରଙ୍କ ସହିତ ସମ୍ବନ୍ଧିତ ଠିକାଦାରମାନଙ୍କ ଦ୍ୱାରା ସାକ୍ଷରିତ ଚୁକ୍ତିପତ୍ରର ଧାରା 2 (b) (i) ଅନୁଯାୟୀ, ଚୁକ୍ତିପତ୍ର ନାକଚ[75] ହୋଇଯିବା କ୍ଷେତ୍ରରେ ଚାରିଟି ରାସ୍ତା ନିର୍ମାଣ କାର୍ଯ୍ୟର ବଳକା କାର୍ଯ୍ୟର 20 ପ୍ରତିଶତ ମୂଲ୍ୟ ଠିକାଦାରମାନଙ୍କ ଠାରୁ ଆଦାୟ କରାଯିବା ଆବଶ୍ୟକ ଥିଲା ।

ଚାରିଟି ରାସ୍ତା କାମ ପାଇଁ ଅକ୍ଟୋବର 2015 ରୁ ଅପ୍ରେଲ 2017 ମଧ୍ୟରେ ତିନିଟି[76] ଆର୍‌ଡବ୍ଲୁ ଡିଭିଜନର ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନେ ତିନି ଜଣ ଠିକାଦାରଙ୍କ ସହିତ ସମୁଦାୟ 14.65 କୋଟି ଟଙ୍କାର ଚୁକ୍ତିନାମା କରିଥିଲେ । ସଂପୃକ୍ତ ଠିକାଦାରମାନଙ୍କ ଦ୍ୱାରା ଜାଲ୍ ଟର୍ମ ଡିପୋଜିଟ୍ ରସିଦ୍ ଦାଖଲ ଏବଂ କାର୍ଯ୍ୟ ନିଷ୍ପାଦନରେ ଅହେତୁକ ବିଳମ୍ବ ଆଧାରରେ ଜୁଲାଇ 2018 ରୁ ଅକ୍ଟୋବର 2019 ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକର ନାକଚ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । କାର୍ଯ୍ୟଗୁଡ଼ିକ ନାକଚ ହେବା ପର୍ଯ୍ୟନ୍ତ 5.90 କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଏବଂ ଅବଶିଷ୍ଟ 8.75 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ବଳକା ରହିଥିଲା । ଏହିପରି 8.75 କୋଟି ଟଙ୍କାର ବଳକା କାର୍ଯ୍ୟର 20 ପ୍ରତିଶତ ହାରରେ 1.75 କୋଟି ଟଙ୍କା ଜରିମାନା ଖିଲାପକାରୀ ଠିକାଦାରମାନଙ୍କ ଠାରୁ ଆଦାୟ କରାଯିବାର ଥିଲା, କିନ୍ତୁ ସେପ୍ଟେମ୍ବର 2022 ସୁଦ୍ଧା ତାହା ଆଦାୟ କରାଯାଇ ନଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2023) ଯେ, 0.63 କୋଟି ଟଙ୍କାର ଜରିମାନା ଆଦାୟ କରାଯାଇଥିଲା ଏବଂ ବଳକା ଜରିମାନା ରାଶି ଆଦାୟ କରିବା ପାଇଁ ସଂପୃକ୍ତ ଏସ୍‌ଇ/ ଇଇ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

### 2.13.10 ସଡ଼କ ନିର୍ମାଣ କାର୍ଯ୍ୟର ରକ୍ଷଣାବେକ୍ଷଣ

### *2.13.10.1 ରାସ୍ତାର ରକ୍ଷଣାବେକ୍ଷଣ ନକରିବା/ ଚୁକ୍ତିପତ୍ରରୁ ବିଚ୍ୟୁତ ହେବା*

ଏମ୍‌ଏମ୍‌ଏସ୍‌ୱାଇ ମାର୍ଗଦର୍ଶିକାରେ ଉଲ୍ଲେଖ ଅଛି ଯେ, ସମସ୍ତ ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ଗୁଡ଼ିକ ନିର୍ମାଣ ପରବର୍ତ୍ତୀ ତିନି ବର୍ଷ ରକ୍ଷଣାବେକ୍ଷଣ ଚୁକ୍ତି ଅଧୀନରେ ଅନ୍ତର୍ଭୁକ୍ତ ହେବେ । ସମାନ ଠିକାଦାର ସହ ଏହି ଚୁକ୍ତନାମାକୁ ନିର୍ମାଣ ଚୁକ୍ତିନାମା ସହିତ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ମାର୍ଗଦର୍ଶିକାରେ ଏହା ମଧ୍ୟ ଦର୍ଶାଯାଇଛି ଯେ ସମସ୍ତ ପ୍ରକାରର ରକ୍ଷଣାବେକ୍ଷଣ କାର୍ଯ୍ୟ ବର୍ଷରେ ଅତି କମରେ ଥରେ କରିବା ଉଚିତ୍ । ଏହି ଠିକାଦାରୀ କାର୍ଯ୍ୟରେ ଅବହେଳା କଲେ ଠିକାଦାରମାନଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ ଯେପରିକି ଚୁକ୍ତିନାମା ନାକଚ ହେବା, କାର୍ଯ୍ୟ ଦକ୍ଷତା ସୁରକ୍ଷା ରାଶି ଜବତ କରିବା ତଥା ଭବିଷ୍ୟତରେ ଟେଣ୍ଡରରେ ଅଂଶ ଗ୍ରହଣ କରିବାରୁ ବଞ୍ଚିତ କରିବା ଭଳି ଦଣ୍ଡବିଧାନର ବ୍ୟବସ୍ଥା ରହିଛି ।

ମାର୍ଚ୍ଚ 2022 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିବା ସଡ଼କ ଗୁଡ଼ିକରେ ରକ୍ଷଣାବେକ୍ଷଣ ହୋଇଥିବାର ମାତ୍ରାକୁ **ସାରଣୀ 2.2.4** ରେ ଦର୍ଶାଯାଇଛି ।

***ସାରଣୀ 2.13.4: ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତା ଗୁଡ଼ିକର ରକ୍ଷଣାବେକ୍ଷଣର ମାତ୍ରା***

| କାର୍ଯ୍ୟ ନିର୍ମାଣ ଶେଷ ହେବା ପର ବର୍ଷ ସଂଖ୍ୟା | ରାସ୍ତା ସଂଖ୍ୟା | ଆଦୌ ରକ୍ଷଣାବେକ୍ଷଣ ହୋଇନଥିବା | ମାତ୍ର ଥରେ ରକ୍ଷଣାବେକ୍ଷଣ ହୋଇଥିବା | ଦୁଇଥର ରକ୍ଷଣାବେକ୍ଷଣ | ତିନିଥର ରକ୍ଷଣାବେକ୍ଷଣ |
|---|---|---|---|---|---|
| 3 | 142 | 48 | 24 | 29 | 41 |
| 2 | 60 | 20 | 20 | 20 | -- |
| 1 | 51 | 42 | 9 | -- | -- |
| ମୋଟ | **253** | **110** | **53** | **49** | **41** |

***(ଉତ୍ସ: ନମୁନା ବିଭାଗ ଗୁଡ଼ିକର ରେକର୍ଡ)***

75 ଚୁକ୍ତିନାମା ରଦ୍ଦ ହେବା

76 ଆର୍‌ଡବ୍ଲୁ, ଅନୁଗୁଳ; ଆର୍‌ଡବ୍ଲୁ, କେସିଙ୍ଗା; ଏବଂ ଆର୍‌ଡବ୍ଲୁ, ଖରିଆର

ଅଡିଟ୍ ଲକ୍ଷ୍ୟ କଲେ ଯେ 253ଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତା ମଧ୍ୟରୁ 110 ଟିର ରକ୍ଷଣାବେକ୍ଷଣ ବାର୍ଷିକ ଭିତ୍ତିରେ କରାଯାଇ ନଥିଲା, ଯଦିଓ ଏମ୍ଏମ୍ଏସ୍ୱାଇ ନିର୍ଦ୍ଦେଶାବଳୀର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଠିକାଦାରମାନଙ୍କ ସହିତ କରାଯାଇଥିବା ଚୁକ୍ତି ଅନୁଯାୟୀ ଏହା ବାଧ୍ୟତାମୂଳକ ଥିଲା । ଚୁକ୍ତିର ଉଭୟ ମୂଳ ନିର୍ମାଣ ଏବଂ ନିର୍ମାଣ ପରବର୍ତ୍ତୀ ତିନି ବର୍ଷର ରକ୍ଷଣାବେକ୍ଷଣ ପାଇଁ ଠିକା ପ୍ରଦାନ କରାଯାଇଥିଲା । କେବଳ 41 ଟି ରାସ୍ତା କ୍ଷେତ୍ରରେ ଠିକା ସର୍ତ୍ତ ଅନୁଯାୟୀ ରକ୍ଷଣାବେକ୍ଷଣ ମାତ୍ରା (ଅର୍ଥାତ୍ ବର୍ଷକୁ ଅତିକମ୍‌ରେ ଥରେ) କାର୍ଯ୍ୟକାରୀ ହୋଇଥିଲା ।

ବିଭାଗୀୟ ଅଧିକାରୀଙ୍କ ସହ ନମୁନା ଡିଭିଜନରେ ରାସ୍ତା ଗୁଡ଼ିକରେ ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) ରୁ ଜଣାପଡ଼ିଲା ଯେ, ଏହି ସଡ଼କଗୁଡ଼ିକ ଖରାପ ଅବସ୍ଥାରେ ଥିଲା, ଯାହାକି ନିମ୍ନ ***ଛବି 2.13.1*** ଓ ***2.13.2*** ରେ ପ୍ରଦତ୍ତ ହୋଇଅଛି ।



***ଛବି 2.13.1:*** *ନିର୍ମାଣ ପରବର୍ତ୍ତୀ ତିନି ବର୍ଷର ରକ୍ଷଣାବେକ୍ଷଣର ଅଭାବରୁ ଏନ୍ଏଚ୍-16 ରେ ଥିବା ଗୋଲନ୍ଥରା ପୋଲିସ୍ ଷ୍ଟେସନ୍ ସମ୍ମୁଖରୁ ଗଡକନଲା ରୋଡର ଭଗ୍ନ ବାହ୍ୟ ପୃଷ୍ଠ (ଆରଡବ୍ଲୁ ଡିଭିଜନ-II, ଗଞ୍ଜାମ)*



***ଛବି 2.13.2:*** *ପ୍ରଥମ ବର୍ଷର ରକ୍ଷଣାବେକ୍ଷଣର ଅଭାବରୁ ଗୁଲିଗୁଡ଼ା ରାସ୍ତା, ଆରଡବ୍ଲୁ ଡିଭିଜନ, ଜୟପୁର*

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଭାରି ଯାନ ଚଳାଚଳ ଯୋଗୁଁ କିଛି ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା, ଯାହାକି ଠିକାଦାରମାନଙ୍କ ନିୟନ୍ତ୍ରଣର ବାହାରେ ଥିଲା । ବିଭାଗ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଥିଲା ଯେ, ଯେଉଁ ଠିକାଦାରମାନେ ଠିକାଦାରୀ-ଚୁକ୍ତିରେ ଥିବା ରାସ୍ତା ରକ୍ଷଣାବେକ୍ଷଣ ସର୍ତ୍ତକୁ ଅନୁପାଳନ କରିବାରେ ବିଫଳ ହୋଇଥିଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ବାସ୍ତବ କଥା ହେଲା ସଡ଼କ ଗୁଡ଼ିକର ଅବସ୍ଥା ଖରାପ ଥିଲା ଏବଂ ଚୁକ୍ତିନାମାର ସର୍ତ୍ତ ପାଳନ କରିବାରେ ବିଫଳ ହୋଇଥିବା ସଂପୃକ୍ତ ଠିକାଦାରମାନଙ୍କ ବିରୁଦ୍ଧରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ, କୌଣସ କାର୍ଯାନୁଷ୍ଠାନ ଆରମ୍ଭ କରିନଥିଲେ ।

***ସୁପାରିଶ 2.13.5:***

***ଡିଜାଇନ୍ ଅବଧି ପର୍ଯ୍ୟନ୍ତ ସଡ଼କ ଗୁଡ଼ିକର ସ୍ଥାୟୀତ୍ୱ ବଜାୟ ରଖିବା ଏବଂ ସେଗୁଡ଼ିକର ପୁନଃ ନିର୍ମାଣ ପାଇଁ ବିପୁଳ ପରିମାଣର ନିବେଶରୁ ଦୂରେଇ ରହିବା ପାଇଁ ସଡ଼କର ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିପାରନ୍ତି ।***

### 2.13.11 ଗୁଣବତ୍ତା ନିୟନ୍ତ୍ରଣ, ତଦାରଖ ଏବଂ ଅନୁଧ୍ୟାନ ବ୍ୟବସ୍ଥା

ଏମ୍ଏମ୍ଏସ୍ୱାଇ ମାର୍ଗଦର୍ଶିକାରେ ଦୁଇ-ସ୍ତରୀୟ ଗୁଣବତ୍ତା ସୁନିଶ୍ଚିତ କରିବାର ବ୍ୟବସ୍ଥା ରହିଛି । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟନିର୍ବାହୀ ଅଧିକାରୀ (ଜେଇ ରୁ ଇଇ)ଙ୍କ ଦ୍ୱାରା ଗୁଣବତ୍ତା ସୁନିଶ୍ଚିତ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ଗୁଣବତ୍ତା ତଦାରଖକାରୀଙ୍କୁ ନିୟୋଜିତ କରାଯିବ । ଦ୍ୱିତୀୟ ସ୍ତରୀୟ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ, ସରକାର (ନଭେମ୍ବର 2015) ନିଷ୍ପତ୍ତି ନେଇଥିଲେ ଯେ, ଏମ୍ଏମ୍ଏସ୍ୱାଇ ଅଧୀନରେ ମୂଲ୍ୟ ନିର୍ବିଶେଷରେ ସମସ୍ତ ସଡ଼କ ପ୍ରକଳ୍ପର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତିକମରେ ତିନି ଥର ବିଭିନ୍ନ ପର୍ଯ୍ୟାୟରେ ଏକ ତୃତୀୟ ପକ୍ଷ ଗୁଣବତ୍ତା ଅନୁଧ୍ୟାନ ତଦାରଖକାରୀ (ଟିପିକ୍ୟୁଏମ୍) (ଏକ ଆଉଟ୍ ସୋର୍ସିଂ ଏଜେନ୍ସି)ଙ୍କ ଦ୍ୱାରା

ଅନୁଧ୍ୟାନ କରାଯିବ । ସଂପୃକ୍ତ ଇଇ ମାନଙ୍କୁ ଟିପିକ୍ୟୁଏମ୍ ଙ୍କର ଅନୁଧ୍ୟାନ ଉପରେ ପର୍ଯ୍ୟବେଶିତ ଏକ ଆକ୍ସନ୍ ଟେକନ୍ ରିପୋର୍ଟ (ଏଟିଆର୍) ଦାଖଲ କରିବା ଆବଶ୍ୟକ ଥିଲା । ତେବେ ଟିପିକ୍ୟୁଏମ୍ ଦ୍ୱାରା ଅନୁଧ୍ୟାନକୁ ଅପ୍ରେଲ 2019 ଠାରୁ ବନ୍ଦ କରିଦିଆଯାଇଥିଲା ।

ନମୁନା ଆର୍‌ଡବ୍ଲୁ ଡିଭିଜନ ଗୁଡ଼ିକର ପରୀକ୍ଷା ଯାଞ୍ଚ କରିବା ସମୟରେ ଅଡିଟ୍ ନିମ୍ନଲିଖିତ ତ୍ରୁଟି ଗୁଡ଼ିକ ଲକ୍ଷ୍ୟ କରିଥିଲେ ।

### *2.13.11.1 ଟିପିକ୍ୟୁଏମ୍ ଦ୍ୱାରା ତ୍ରୁଟିପୂର୍ଣ୍ଣ ନିରୀକ୍ଷଣ*

ଅଡିଟ୍ ଟିପିକ୍ୟୁଏମ୍ ଦ୍ୱାରା କରାଯାଇଥିବା ନିରୀକ୍ଷଣରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କଲେ:

- ଅପ୍ରେଲ 2017 ରୁ ମାର୍ଚ୍ଚ 2019 ଅବଧିରେ (ଅଥବା ଏହି ସବୁ କାର୍ଯ୍ୟ ବନ୍ଦ ହେବା ପର୍ଯ୍ୟନ୍ତ), ନମୁନା ଡିଭିଜନ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା 284 ଟି ନୂଆ ସଡ଼କ ପ୍ରକଳ୍ପ ମଧ୍ୟରୁ, ଟିପିକ୍ୟୁଏମ୍‌ଙ୍କର ଦ୍ୱାରା 98 ଟି କାର୍ଯ୍ୟର ଅନୁଧ୍ୟାନ କରିବା ଆବଶ୍ୟକ ଥିଲା । 294 ଟି ଯାଞ୍ଚ[77] ବାଧ୍ୟତାମୂଳକ ଥିବା ସ୍ଥଳେ ମାତ୍ର 184 ଟି (63 ପ୍ରତିଶତ) ଯାଞ୍ଚ କରାଯାଇଥିଲା । ସାତଟି କାର୍ଯ୍ୟ (7 ପ୍ରତିଶତ) ବିପକ୍ଷରେ କୌଣସି ଯାଞ୍ଚ କରାଯାଇ ନଥିଲା ।
- ଏହି 184 ଟି ଯାଞ୍ଚ ମଧ୍ୟରୁ 27 ଟି କାର୍ଯ୍ୟ ପରିପ୍ରେକ୍ଷୀରେ, କାର୍ଯ୍ୟ ଶେଷ ହେବା ପରେ 32 ଥର ଯାଞ୍ଚ କରାଯାଇଥିଲା । ତେଣୁ, ଏହି ଯାଞ୍ଚ ଗୁଡ଼ିକ ନିର୍ମାଣ ଅବଧି ସମୟରେ ଥିବା ଗୁଣବତ୍ତା ସମସ୍ୟାଗୁଡ଼ିକୁ ସମାଧାନ କରିବାର ଆବଶ୍ୟକତାକୁ ପୂରଣ କରିପାରିନଥିଲା ।
- 17 ଟି ଯାଞ୍ଚ ସମ୍ପର୍କରେ ଟିପିକ୍ୟୁଏମ୍ ପକ୍ଷରୁ ରିପୋର୍ଟ ଦାଖଲ କରାଯାଇଥିଲେ ମଧ୍ୟ ସଂପୃକ୍ତ ଇଇଙ୍କ ପକ୍ଷରୁ କୌଣସି ଆକସନ୍ ଟେକନ୍ ରିପୋର୍ଟ (ଏଟିଆର୍) ଦାଖଲ କରାଯାଇ ନଥିଲା ।

ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଟିପିକ୍ୟୁଏମ୍ ଅନ୍ୟାନ୍ୟ କାର୍ଯ୍ୟଭାର ହେତୁ, କାର୍ଯ୍ୟ ଗୁଡ଼ିକର ଯାଞ୍ଚ କରିପାରିନଥିଲେ । ବିଭାଗ ଆହୁରି ମଧ୍ୟ କହିଥିଲେ ଯେ, ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟଗୁଡ଼ିକର ଯାଞ୍ଚରୁ ଦେଖାଗଲା ଉକ୍ତ କାର୍ଯ୍ୟଗୁଡ଼ିକ ଆବଶ୍ୟକୀୟ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ କରାଯାଇଥିଲା । ଏହା ମଧ୍ୟ କୁହାଯାଇଥିଲା ଯେ, ଏଟିଆର୍ ଗୁଡିକୁ ଏକମାସ ସମୟ ମଧ୍ୟରେ ଦାଖଲ କରିବା ପାଇଁ ସଂପୃକ୍ତ ଏସ୍‌ଇ/ ଇଇମାନଙ୍କୁ ସ୍ମରଣ କରିଦିଆଯାଇଥିଲା ।

### *2.13.11.2 ଏସ୍‌କ୍ୟୁଏମ୍ ଙ୍କ ଦ୍ୱାରା ପର୍ଯ୍ୟାପ୍ତ ଗୁଣବତ୍ତା ଅନୁଧ୍ୟାନ କରା ନଯିବା*

ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍ପତ୍ତି ନେଲା ଯେ (ନଭେମ୍ବର 2019), ବିଭାଗରେ କାର୍ଯ୍ୟରତ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ)ଙ୍କୁ ସେମାନଙ୍କ କାର୍ଯ୍ୟ ପରିସର ନିକଟବର୍ତ୍ତୀ ଅନ୍ୟ ସର୍କଲ ଗୁଡ଼ିକର ଗୁଣବତ୍ତା ନିୟନ୍ତ୍ରଣ ଯାଞ୍ଚ କାର୍ଯ୍ୟର ଦାୟିତ୍ୱ ପ୍ରଦାନ କରାଯିବ ଏବଂ ସେମାନେ ସେହି ସର୍କଲ ଗୁଡିକର ରାଜ୍ୟ ଗୁଣବତ୍ତା ନିରୀକ୍ଷକ (ଏସ୍‌କ୍ୟୁଏମ୍) ଭାବରେ କାର୍ଯ୍ୟ କରିବେ । ବିଭାଗ ନିର୍ଦ୍ଦେଶ ଦେଲେ ଯେ ଏସ୍‌ଇ ମାନେ ଦିନକୁ ଅତି କମରେ ତିନିଟି କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ମାସକୁ ପାଞ୍ଚ ଦିନ ଅର୍ଥାତ୍ ଅତି କମ୍‌ରେ ମାସରେ 15 ଟି କାର୍ଯ୍ୟ ନିରୀକ୍ଷଣ କରିପାରିବେ ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ନମୁନା ଡିଭିଜନରେ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ପାଇଁ ନ୍ୟସ୍ତ ଏସ୍‌ଇ ମାନେ ମାର୍ଚ୍ଚ 2022 ସୁଦ୍ଧା ଆବଶ୍ୟକୀୟ 405 ଯାଞ୍ଚ[78] କରିବା ବିପକ୍ଷରେ କେବଳ ଚାରିଟି ଯାଞ୍ଚ[79] କରିଥିଲେ (ଜାନୁଆରୀ 2020 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ) ।

ଏହି ତଥ୍ୟକୁ ସ୍ୱୀକାର କରି ଆର୍‌ଡି ବିଭାଗ ବ୍ୟକ୍ତ କରିଥିଲେ (ମାର୍ଚ୍ଚ 2023) ଯେ, ଏସ୍‌କ୍ୟୁଏମ୍ ଦ୍ୱାରା ଯାଞ୍ଚର ବାଧ୍ୟତାମୂଳକ ସଂଖ୍ୟା ସେମାନଙ୍କର ନିଜସ୍ୱ ଅଧିକ କାର୍ଯ୍ୟଭାର ହେତୁ ପୂରଣ କରାଯାଇ ପାରିନଥିଲା । ବିଭାଗ ଆହୁରି ମଧ୍ୟ ବ୍ୟକ୍ତ କରିଥିଲେ ଯେ, ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରସ୍ତାବ ଉପରେ ବିଚାର

---

[77] 98 କାର୍ଯ୍ୟ x 3 ଯାଞ୍ଚ

[78] 27 ମାସ * 15 ଯାଞ୍ଚ ପ୍ରତି ମାସରେ

[79] ଆର୍‌ଡବ୍ଲୁ ଡିଭିଜନ, ଜୟପୁର (ଦୁଇଟି ଯାଞ୍ଚ ଦୁଇଟି କାର୍ଯ୍ୟରେ), ଆର୍‌ଡବ୍ଲୁ ଡିଭିଜନ, ଯାଜପୁର-I (ଗୋଟିଏ କାର୍ଯ୍ୟରେ ଦୁଇଟି ଯାଞ୍ଚ)

କରାଯାଉଥିଲା ।

ବାସ୍ତବତା ଏହା ଯେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ପରିକଳ୍ପିତ ବ୍ୟବସ୍ଥା ଅନୁଯାୟୀ, ସଡ଼କ ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତା ଯାଞ୍ଚ ହୋଇପାରି ନଥିଲା ।

### *2.13.11.3 ସିସିଇଙ୍କ ଦ୍ୱାରା ପର୍ଯ୍ୟାଲୋଚନା*

ଏମ୍‌ଏମ୍‌ଏସ୍‌ୱାଇର ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଯେହେତୁ କାର୍ଯ୍ୟକ୍ରମର ପ୍ରଭାବୀ ଅନୁଧ୍ୟାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, ତେଣୁ, ଏହା ସୁନିଶ୍ଚିତ କରାଯିବା ଉଚିତ୍ ଯେ, କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତାଙ୍କ ଠାରୁ ରିପୋର୍ଟ ଆବଶ୍ୟକତା ଅନୁସାରେ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଛି । ସର୍କଲ ସ୍ତରରେ, ସଂପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ (ମୁଖ୍ୟ ନିର୍ମାଣ ଯନ୍ତ୍ରୀ କିମ୍ବା ସିସିଇ ଭାବରେ ପୁନଃପଦବୀ ପ୍ରାପ୍ତ) ମାସକୁ ଅତିକମରେ ଥରେ ହେଲେ ମଧ ଯୋଜନାର ତଦାରଖ କରିବା ଆବଶ୍ୟକ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 13 ଟି ନମୁନା ଡିଭିଜନରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ପ୍ରଗତିକୁ ସଂପୃକ୍ତ ସିସିଇଙ୍କ ଦ୍ୱାରା ତଦାରଖ କରାଯାଇନଥିଲା । ତଦାରଖର ଅଭାବ ଫଳରେ ରାସ୍ତା କାମ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲା, ମଝିରେ କାମ ବନ୍ଦ ହୋଇଥିଲା, ରାସ୍ତା କାମ ଅସମ୍ପୂର୍ଣ୍ଣ ରହିଥିଲା ଏବଂ ଯୋଗ୍ୟ ଜନବସତି ସବୁଦିନିଆ ସଂଯୋଗୀକରଣରୁ ବଞ୍ଚିତ ହୋଇଥିଲେ ।

ଉତ୍ତରରେ ଆର୍‌ଡି ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଭିଡିଓ କନ୍‌ଫେରେନ୍ସ ଏବଂ ବୈଠକ ମାଧ୍ୟମରେ କାର୍ଯ୍ୟଗୁଡ଼ିକର ତଦାରଖ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସିସିଇ ମାନେ ରେକର୍ଡ ରଖିବା ପାଇଁ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ମିନିଟ୍‌ସ/ କାର୍ଯ୍ୟ ବିବରଣୀ ଆକାରରେ ଦାଖଲ କରିବା ପାଇଁ ପଦକ୍ଷେପ ନେଇଥିଲେ ।

ଏହିପରି ଭାବରେ, ଟିପିକ୍ୟୁଏମ୍ ଦ୍ୱାରା ତ୍ରୁଟିପୂର୍ଣ୍ଣ ଅନୁଧ୍ୟାନ, ଏସ୍‌କ୍ୟୁଏମ୍ ଦ୍ୱାରା ଯାଞ୍ଚର ଅଭାବ ଓ ସିସିଇଙ୍କ ଦ୍ୱାରା ତଦାରଖର ଅଭାବ କେବଳ ଯେ ମାର୍ଗଦର୍ଶିକା ଓ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ କରିଥିଲା ତାହା ନୁହେଁ, ବରଂ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଦୁଇ ରୁ 55 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା, ଯାହାଫଳରେ, ନିର୍ଦ୍ଧାରିତ ଜନବସତିଗୁଡିକୁ ସବୁଦିନିଆ ଯାତାୟତ ବ୍ୟବସ୍ଥା ଯୋଗାଇବାରେ ମଧ ବିଳମ୍ବ ହୋଇଥିଲା । ଏହା ଯୋଗୁ ମଧ ସଡ଼କ କାର୍ଯ୍ୟ ନିର୍ବାହରେ ଗୁଣବତ୍ତାର ଅଭାବ ଦେଖା ଦେଇଥିଲା, ଯାହା ବିଭାଗୀୟ ଅଧିକାରୀମାନଙ୍କ ସହିତ କରାଯାଇଥିବା ଜେପିଆଇ ସମୟରେ ଲକ୍ଷ୍ୟ କରାଯାଇଥିବା କ୍ଷତିଗ୍ରସ୍ତ ରାସ୍ତାରୁ ସ୍ପଷ୍ଟ ଜଣାପଡିଥିଲା । ସେହିପରି କିଛି କାର୍ଯ୍ୟର ଉଦାହରଣ ***ଛବି 2.13.3*** ରୁ ***2.13.5*** ରେ ଦିଆଗଲା:



***ଛବି 2.13.3:*** *ଆରଡବ୍ଲୁ-II, ଗଞ୍ଜାମର ପି.ଜଗନ୍ନାଥପୁର ଠାରୁ ସୁନାରିପଲ୍ଲୀ ପିଡବ୍ଲୁଡି ରାସ୍ତାର କ୍ଷତିଗ୍ରସ୍ତ ଉପର ସ୍ତର*



***ଛବି 2.13.4:*** *ଆରଡବ୍ଲୁ-II, ଭଦ୍ରକରେ ବିସି ରୋଡ ଠାରୁ ଛତ୍ରପଡ଼ାର କ୍ଷତିଗ୍ରସ୍ତ ଏବଂ ଦବିଯାଇଥିବା ବିଟି ରୋଡ*



***ଛବି 2.13.5:*** *ଆର୍‌ଡବ୍ଲୁ-I ବାଲେଶ୍ୱରର ବରୁଣ ସିଂ ରୁ ଉତ୍ତରା ଛକ ସିସି ରାସ୍ତାର ଉପର ସ୍ତରରେ ଦେଖାଯାଇଥିବା ଫାଟ*

***ସୁପାରିଶ 2.13.6:***

***ସଡ଼କ ନିର୍ମାଣରେ ଗୁଣବତ୍ତା ଏବଂ ସମୟାନୁବର୍ତ୍ତିତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯୋଜନାର ତଦାରଖ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରେ ।***

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ

### 2.14 ଖୋର୍ଦ୍ଧା ଜିଲ୍ଲାର ଏସ୍‌ଟି ଓ ଏସ୍‌ସି ଛାତ୍ରୀଛାତ୍ରମାନଙ୍କ ପାଇଁ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା କାର୍ଯ୍ୟକାରୀ କରିବା


**କାର୍ଯ୍ୟନିର୍ବାହୀ ସାରାଂଶ**

+2 (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ସମତୁଲ) ପାଠ୍ୟକ୍ରମ, ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକରେ ଧନ୍ଦାମୂଳକ ପାଠ୍ୟକ୍ରମ, +3 (ବିଏସ୍‌ସି, ବିକମ୍, ବିଏ, ଇତ୍ୟାଦି) ପାଠ୍ୟକ୍ରମ ଓ ବୃତ୍ତିଗତ ତଥା ବୈଷୟିକ (ଏମ୍‌ବିଏ, ବିଇ, ଇତ୍ୟାଦି) ପାଠ୍ୟକ୍ରମରେ ଅଧ୍ୟୟନ ନିମନ୍ତେ ଅନୁସୂଚିତ ଜନଜାତି (ଏସ୍‌ଟି)/ ଅନୁସୂଚିତ ଜାତି (ଏସ୍‌ସି) ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି (ପିଏମ୍‌ଏସ୍) ଯୋଜନା ଉଦ୍ଦିଷ୍ଟ । ଆର୍ଥିକ ବର୍ଷ 2017-18 ଠାରୁ 2020-21 ମଧ୍ୟରେ ଡିପ୍ଲୋମା ଓ ଡ଼ିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଯୋଗ୍ୟତା ମାନଦଣ୍ଡ ଗୁଡିକର ଅନୁପାଳନ ଭିତ୍ତିରେ ବାର୍ଷିକ ବୃତ୍ତି ପ୍ରଦାନ ତଥା ଅସଲି ହିତାଧିକାରୀମାନଙ୍କୁ ବୃତ୍ତି ପ୍ରଦାନ ବିଷୟର ଯାଞ୍ଚ, ଅଡିଟ୍‌ର ଉଦ୍ଦେଶ୍ୟ ଥିଲା । ଅଡିଟ୍ କିନ୍ତୁ ଲକ୍ଷ କଲେ ଯେ ହିତାଧିକାରୀମାନଙ୍କର ଚିହ୍ନଟ ତଥା ସେମାନଙ୍କର ଯୋଗ୍ୟତା ବିଷୟରେ ଅବଗତ ହେବାର ବ୍ୟବସ୍ଥାର ଅନୁପାଳନରେ ଗୁରୁତର ତ୍ରୁଟି ରହିଥିଲା, ଯାହାଫଳରେ, ନକଲି ତଥା ଅଯୋଗ୍ୟ ହିତାଧିକାରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା । ନିମ୍ନରେ କେତେକ ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ମନ୍ତବ୍ୟ ଦର୍ଶାଯାଇଛି:

- ଅବେଦନକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜାତିଗତ ପ୍ରମାଣପତ୍ର ଓ ଆୟ ପ୍ରମାଣପତ୍ର ଗୁଡିକର ସତ୍ୟତା ବିଷୟ, ଶିକ୍ଷାନୁଷ୍ଠାନ କିମ୍ବା ଜିଲ୍ଲା କଲ୍ୟାଣ ଅଧିକାରୀମାନଙ୍କ (ଡିଡବ୍ଲୁଓ ମାନେ) ଦ୍ୱାରା ଯାଞ୍ଚ କରାଯାଇନଥିଲା । ଏହିପରି ତଦାରଖ ଅଭାବରୁ 1.38 କୋଟି ଟଙ୍କାର ପିଏମ୍‌ଏସ୍ ସନ୍ଦେହଜନକ ଜାତିଗତ ପ୍ରମାଣପତ୍ର ଓ ଆୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥିଲା ।
- 1,823 ଟି ବୃତ୍ତି ଆବେଦନ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର କିମ୍ବା ଆୟ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ପ୍ରମାଣପତ୍ର ସଂଯୋଗ କରାଯାଇନଥିଲା କିମ୍ବା ସଂପୃକ୍ତ ଆବେଦନକାରୀ ଦରଖାସ୍ତ ଫର୍ମରେ ଦସ୍ତଖତ କରିନଥିଲେ କିମ୍ବା ବ୍ୟାଙ୍କ ଖାତାର ବିବରଣୀ ଉପଲବ୍ଧ ନଥିଲା । ଏହିପରି ଜ୍ୱଳନ୍ତ ଅନିୟମିତତା ସତ୍ତ୍ୱେ, ସଂପୃକ୍ତ ଆବେଦନକାରୀମାନଙ୍କୁ 7.40 କୋଟି ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା ।
- ପ୍ରଥମ ଓ ଦ୍ୱିତୀୟ ସ୍ତରୀୟ ଯାଞ୍ଚରେ ମାର୍ଗଦର୍ଶିକାର ଗୁରୁତର ଉପେକ୍ଷା, ସଂପୃକ୍ତ ଅନୁଷ୍ଠାନ ଓ ଖୋର୍ଦ୍ଧା ଡିଡବ୍ଲୁଓ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଦ୍ୱାରା ଜାଣତରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବୃତ୍ତି ପ୍ରଦାନକୁ ସୂଚିତ କରେ ।
- ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ଓ ଡିଡବ୍ଲୁଓଙ୍କ ସମ୍ଭାବ୍ୟ ସଂପୃକ୍ତି ସହିତ ନକଲି ଛାତ୍ରୀଛାତ୍ରମାନଙ୍କ ନାମରେ 3.42 କୋଟି ଟଙ୍କାର ପିଏମ୍‌ଏସ୍ ଅନିୟମିତ ଭାବରେ ପ୍ରାପ୍ତ କରାଯାଇଥିବା ବିଷୟ ଅଡିଟ୍ ଲକ୍ଷ୍ୟ କରିଥିଲେ ।
- କଲ୍ୟାଣ ସଂପ୍ରସାରଣ ଅଧିକାରୀ, ସହକାରୀ ଡିଡବ୍ଲୁଓ କିମ୍ବା ଡିଡବ୍ଲୁଓ ମାନଙ୍କ ଦ୍ୱାରା ଆଡମିଶନ ରେଜିଷ୍ଟର, ନାମ ଲେଖାଯାଇଥିବା ଛାତ୍ରୀଛାତ୍ରମାନଙ୍କର ବିବରଣୀ ଭଳି ଗୁରୁତ୍ୱପୂର୍ଣ୍ଣ ରେକର୍ଡଗୁଡିକର ପ୍ରଚଳନ କିମ୍ବା ଯାଞ୍ଚ କରାନଯିବା ହେତୁ, ନିୟନ୍ତ୍ରଣରେ ବିଫଳତା ଥିଲା, ଯାହା ଅନିୟମିତ ଭାବରେ ପିଏମ୍‌ଏସ୍ ପ୍ରାପ୍ତ କରିବାର ପ୍ରକ୍ରିୟାକୁ ସୁଯୋଗ ପ୍ରଦାନ କରୁଥିଲା ।

*ସୁପାରିଶ କରାଗଲା ଯେ:*

1. *ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ରଗୁଡିକର ଚିହ୍ନଟ ଓ ଅଯୋଗ୍ୟ ହିତାଧିକାରୀମାନଙ୍କ ଠାରୁ ସମ୍ଭାବ୍ୟ ପିଏମ୍ଏସ୍ ଆଦାୟ ପାଇଁ ଏସ୍ଏସ୍‌ଡି ବିଭାଗ ସମସ୍ତ ପିଏମ୍ଏସ୍ ଦରଖାସ୍ତ ଗୁଡ଼ିକର ପୁନଃ ଯାଞ୍ଚ ପାଇଁ ବିସ୍ତୃତ ଅନୁସନ୍ଧାନ କାର୍ଯ୍ୟ ହାତକୁ ନେଇପାରନ୍ତି ।*
2. *ପିଏମ୍ଏସ୍ ପାଇଁ ଦରଖାସ୍ତ ପଠାଉଥିବା ଅନୁଷ୍ଠାନଗୁଡିକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ଆଡମିଶନ ରେଜିଷ୍ଟର ଗୁଡିକର ସଠିକ୍ ପ୍ରଚଳନ କରିଥିବା ବିଷୟକୁ ଏସ୍ଏସ୍‌ଡି ବିଭାଗ ନିଶ୍ଚିତ କରିପାରନ୍ତି ।*
3. *ଉପଯୁକ୍ତ ଛାତ୍ର ହୋଇନଥିବା ହିତାଧିକାରୀମାନଙ୍କ ନାମରେ ଅନିୟମିତ ଭାବରେ ପିଏମ୍ଏସ୍ ପ୍ରାପ୍ତ କରିବା ପାଇଁ ପରିଚୟ କାଗଜପତ୍ର ଓ ଦରଖାସ୍ତଗୁଡିକର ବ୍ୟବହାର କରୁଥିବା ଅନୁଷ୍ଠାନଗୁଡିକୁ ଏସ୍ଏସ୍‌ଡି ବିଭାଗ ଚିହ୍ନଟ କରିପାରନ୍ତି ।*
4. *ସମାନ ଛାତ୍ରୀଛାତ୍ରମାନଙ୍କ ପାଇଁ ସମାନ ବର୍ଷରେ ଏବଂ ସମାନ ପାଠ୍ୟକ୍ରମରେ ନକଲି/ ଏକାଧିକ ଆବେଦନଗୁଡିକୁ ଚିହ୍ନଟ କରିବା ପାଇଁ ଏସ୍ଏସ୍‌ଡି ବିଭାଗ ସଫ୍ଟୱେୟାରରେ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିପାରନ୍ତି ।*
5. *ଏହି ମାମଲାରେ ରାଜକୋଷକୁ କ୍ଷତି ପହଞ୍ଚାଇଥିବା ଅଧିକାରୀମାନଙ୍କୁ ଏସ୍ଏସ୍‌ଡି ବିଭାଗ ଉତ୍ତରଦାୟୀ କରିପାରନ୍ତି ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିପାରନ୍ତି ।*

### 2.14.1 ଉପକ୍ରମ

ଅନୁସୂଚିତ ଜନଜାତି (ଏସ୍‌ଟି)/ ଅନୁସୂଚିତ ଜାତି (ଏସ୍‌ସି) ଛାତ୍ରୀଛାତ୍ରମାନଙ୍କ ପାଇଁ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି (ପିଏମ୍ଏସ୍) ଯୋଜନା +2 (ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ସମତୁଲ) ପାଠ୍ୟକ୍ରମ, ଶିଳ୍ପ ତାଲିମ ପ୍ରତିଷ୍ଠାନ ଗୁଡ଼ିକରେ ଧନ୍ଦାମୂଳକ ପାଠ୍ୟକ୍ରମ +3 (ବିଏସ୍‌ସି, ବିକମ୍, ବିଏ ଇତ୍ୟାଦି) ପାଠ୍ୟକ୍ରମ ଏବଂ ବୃତ୍ତିଗତ ଏବଂ ବୈଷୟିକ (ଏମ୍‌ବିଏ, ବିଇ, ଇତ୍ୟାଦି) ପାଠ୍ୟକ୍ରମ ଅନୁସରଣ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରେ ।

ଏହି ଯୋଜନା ଅଧିନରେ ଛାତ୍ରବୃତ୍ତି ରାଶି, ଆଡ଼ମିଶନ ଏବଂ ଟ୍ୟୁସନ ଫି ସହିତ ଶିକ୍ଷାନୁଷ୍ଠାନ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅନ୍ୟ ଫେରସ୍ତ ହୋଇନଥିବା ବାଧ୍ୟତାମୂଳକ ଫି ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ଶିକ୍ଷା ସମ୍ବନ୍ଧୀୟ ଦୈନନ୍ଦିନ ଖର୍ଚ୍ଚ ପୂରଣ କରିବା ପାଇଁ ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ହାର ଅନୁଯାୟୀ ରକ୍ଷଣାବେକ୍ଷଣ ଭତ୍ତା ମଧ୍ୟ ଗ୍ରହଣ କରନ୍ତି ।

ଓଡ଼ିଶାରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ (ଏସ୍ଏସ୍‌ଡି) ବିଭାଗ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ବିଭାଗର ମୁଖ୍ୟ ସଚିବଙ୍କୁ ରାଜ୍ୟ ସ୍ତରରେ ନିର୍ଦ୍ଦେଶକ (ଏସ୍‌ଟି) ଏବଂ ନିର୍ଦ୍ଦେଶକ (ଏସ୍‌ସି) ସାହଯ୍ୟ କରୁଛନ୍ତି । କ୍ଷେତ୍ର ସ୍ତରରେ, ଏହି ଯୋଜନା ଜିଲ୍ଲା କଲ୍ୟାଣ ଅଧିକାରୀ (ଡିଡବ୍ଲୁଓ) ଦ୍ୱାରା; ସବ୍‌ଡିଭିଜନ୍‌ରେ ସହକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ (ଏଡିଡବ୍ଲୁଓ) ଦ୍ୱାରା; ଏବଂ ପ୍ରତ୍ୟେକ ବ୍ଲକରେ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଡବ୍ଲୁଇଓ) ଦ୍ୱାରା କାର୍ଯ୍ୟକାରୀ ହେଉଛି ।

ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରମାନଙ୍କ ପାଇଁ ପିଏମ୍ଏସ୍ ଯୋଜନା, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଢାଞ୍ଚା ଆଧିନରେ କାର୍ଯ୍ୟକାରୀ ପାଇଁ ଚିହ୍ନଟ କରାଯାଇଥିଲା । ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଛାତ୍ରବୃତ୍ତି ପ୍ରଦାନ ଏବଂ ପ୍ରକୃତ ହିତାଧିକାରୀଙ୍କୁ ଟଙ୍କା ହସ୍ତାନ୍ତର ସମୟରେ ଲିକେଜ୍/ ଚୋରି/ ଚଞ୍ଚକତାରେ ହ୍ରାସ କରିବା ।

ପିଏମ୍ଏସ୍ ପାଇଁ ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରମାନଙ୍କ ଯୋଗ୍ୟତା ପାଇଁ ନିମ୍ନଲିଖିତ ମାନଦଣ୍ଡକୁ ଅନ୍ତର୍ଭୁକ୍ତ କରାଯାଇଥିଲା:

- ମାତାପିତା/ ଅଭିଭାବକଙ୍କ ବାର୍ଷିକ ଆୟ 2,50,000 ଟଙ୍କାରୁ ଅଧିକ ହୋଇନଥିବ ।

- ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ବିନା ଯଦି ଛାତ୍ରୀଛାତ୍ର ଅଧ୍ୟୟନର ବିଷୟ ବଦଳାଇଲେ କିମ୍ବା ଛାତ୍ରୀଛାତ୍ର ଅଧ୍ୟୟନ ବନ୍ଦ କରିଦେଲେ ଛାତ୍ରବୃତ୍ତି ବାତିଲ ହୋଇପାରେ । ଏହି ପରିପ୍ରେକ୍ଷୀରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥ ମଧ ରାଜ୍ୟ ସରକାର ଆଦାୟ କରିପାରନ୍ତି ।

ପ୍ରତ୍ୟେକ ଛାତ୍ରବୃତ୍ତି ଆବେଦନ ନିମ୍ନଲିଖିତ ଡକୁମେଣ୍ଟଗୁଡ଼ିକ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ ଥିଲା:

✓ ଜାତି ପ୍ରମାଣପତ୍ର, ଛାତ୍ରୀଛାତ୍ରମାନଙ୍କର ଏସ୍‌ଟି/ ଏସ୍‌ସି ସ୍ଥିତିକୁ ପ୍ରାମାଣିକରଣ କରିବା ପାଇଁ ।

✓ ଆୟ ପ୍ରମାଣପତ୍ର, ପ୍ରାମାଣିକରଣ କରିବାକୁ ଯେ ପିତାମାତା/ ଅଭିଭାବକଙ୍କ ଆୟ ଯୋଗ୍ୟତା ମାନଦଣ୍ଡଠାରୁ କମ୍ ଥିଲା ।

✓ ପୂର୍ବର ସମସ୍ତ ପରୀକ୍ଷା ପାଶ୍ କରିଥିବା ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରୀ ଇତ୍ୟାଦିର ସ୍ୱ-ପ୍ରମାଣିତ କପି, ପ୍ରାମାଣିକରଣ କରିବାକୁ ଯେ ଯେଉଁ ପାଠ୍ୟକ୍ରମ ପାଇଁ ଛାତ୍ରବୃତ୍ତି ଆବଶ୍ୟକ ଥିଲା, ଆବେଦନକାରୀ ସେହି ପୋଷ୍ଟ ମାଟ୍ରିକ୍ ପାଠ୍ୟକ୍ରମ ଅନୁସରଣ କରିବାକୁ ଯୋଗ୍ୟ ଅଟନ୍ତି ।

✓ ବ୍ୟାଙ୍କ ଆକାଉଣ୍ଟ ଆବେଦନକାରୀ ବୋଲି ପ୍ରାମାଣିକରଣ କରିବାକୁ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟର ବିବରଣୀ ଦର୍ଶାଉଥିବା ବ୍ୟାଙ୍କ ପାସ୍ ବୁକ୍‌ର ପ୍ରଥମ ପୃଷ୍ଠାର ନକଲ ।

ଓଡ଼ିଶା ସରକାର ପିଏମ୍‌ଏସ୍ ଆବେଦନ ପ୍ରକ୍ରିୟାକରଣ ପାଇଁ ଆର୍ଥିକ ବର୍ଷ 2019-20 ପର୍ଯ୍ୟନ୍ତ ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍ ପଞ୍ଜିକରଣ, ପ୍ରଦାନ ଏବଂ ନେଟ୍‌ୱାର୍କ ଅଟୋମେସନ (ପ୍ରେରଣା)[80] ପୋର୍ଟାଲ ଏବଂ ଆର୍ଥିକ ବର୍ଷ 2020-21 ରୁ ଓଡ଼ିଶା ରାଜ୍ୟ ସ୍କଲାରସିପ୍ ପୋର୍ଟାଲ (ଓଏସ୍‌ଏସ୍‌ପି)[81] ବ୍ୟବହାର କରିଥିଲେ ।

ଏହି ପୋର୍ଟାଲଗୁଡ଼ିକରେ ଆବେଦନକାରୀମାନେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ କରି ଆବଶ୍ୟକ ଡକୁମେଣ୍ଟ ଗୁଡ଼ିକର ସଫ୍ଟ କପି ଅପ୍‌ଲୋଡ କଲା ପରେ, ସିଷ୍ଟମ ଉତ୍ପାଦିତ ହାର୍ଡ କପି ସହିତ ଆବଶ୍ୟକୀୟ ଡକୁମେଣ୍ଟ ଗୁଡ଼ିକ ଯାଞ୍ଚ ପାଇଁ ସେମାନଙ୍କ ଅନୁଷ୍ଠାନରେ ଦାଖଲ କରିବାକୁ ପଡେ । ଅନୁଷ୍ଠାନଗୁଡ଼ିକ, ଆବେଦନ ଫର୍ମରେ ଥିବା ସବିଶେଷ ତଥ୍ୟର ପ୍ରଥମ ସ୍ତରର ଯାଞ୍ଚ ଏବଂ ଆବଶ୍ୟକ ଡକୁମେଣ୍ଟ ଗୁଡ଼ିକର ଯାଞ୍ଚ ପରେ, ସେସବୁକୁ ଡିଡବ୍ଲୁଓକୁ ପଠାଇବା ଆବଶ୍ୟକ । ଡିଡବ୍ଲୁଓ ଆବେଦନ ଗୁଡିକର ଏବଂ ଆବଶ୍ୟକୀୟ ଡକୁମେଣ୍ଟ ଗୁଡ଼ିକର ଦ୍ୱିତୀୟ ସ୍ତରର ଯାଞ୍ଚ କରିବା ସହିତ ଆବଶ୍ୟକୀୟ ପରିଚୟ ପତ୍ର ଯେପରିକି ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ମାର୍କ ସିଟ୍ ଇତ୍ୟାଦିର ଅନ୍‌ଲାଇନ୍ ଯାଞ୍ଚ କରିବା ପରେ ଓଡ଼ିଶା ସରକାରଙ୍କ ଏସ୍‌ଟି ଏବଂ ଏସ୍‌ସି ଉନ୍ନୟନ ବିଭାଗ ଦ୍ୱାରା ଡିବିଟି ମାଧମରେ ଛାତ୍ରବୃତ୍ତି ବିତରଣ କରିବା ପାଇଁ ପୋର୍ଟାଲରେ ଆବେଦନକୁ ଶେଷରେ ମଞ୍ଜୁର କରିବେ ।

### 2.14.2 ଅଡିଟ୍ ଉଦ୍ଦେଶ୍ୟ, ପରିସର, ନମୁନା ଏବଂ ପଦ୍ଧତି

ଯେହେତୁ ପ୍ରତିବର୍ଷ ଡିପ୍ଲୋମା ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ପରିମାଣ ଅନ୍ୟ ପ୍ରକାର ପାଠ୍ୟକ୍ରମ ପାଇଁ ଛାତ୍ରବୃତ୍ତି ପରିମାଣ ଠାରୁ ଯଥେଷ୍ଟ ଅଧିକ ଥିଲା, ଅଡିଟ୍‌ର ଉଦ୍ଦେଶ୍ୟ ଥିଲା ଯେ, ଆର୍ଥିକ ବର୍ଷ 2017-18 ରୁ ଆର୍ଥିକ ବର୍ଷ 2020-21 ମଧରେ ଖୋର୍ଦ୍ଧା ଜିଲ୍ଲାରେ (ଯେଉଁଥିରେ ଭୁବନେଶ୍ୱର ସହର ଅନ୍ତର୍ଭୁକ୍ତ) ଏହି ଦୁଇ ପ୍ରକାରର ପାଠ୍ୟକ୍ରମ ଅନୁସରଣ କରୁଥିବା ପ୍ରକୃତ ହିତାଧିକାରୀଙ୍କୁ ଯୋଗ୍ୟତା ନିୟମ ଅନୁଯାୟୀ ଏହି ବୃତ୍ତି ପ୍ରଦାନ କରାଯାଇଛି କି ନାହିଁ, ତାହା ପରୀକ୍ଷା କରିବା ।

ଅଡିଟ୍ ପଦ୍ଧତିରେ ବିଶ୍ଳେଷଣର ତିନୋଟି ଭାଗ ଅନ୍ତର୍ଭୁକ୍ତ:

i. 25 ଟି ଶିକ୍ଷାନୁଷ୍ଠାନରୁ ଖୋର୍ଦ୍ଧା ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ଛାତ୍ରବୃତ୍ତି ଆବେଦନଗୁଡ଼ିକର ପରୀକ୍ଷା ଏବଂ ଯୋଗ୍ୟତା ସର୍ତ୍ତ ଅନୁଯାୟୀ ଆବେଦନଗୁଡ଼ିକ ଯାଞ୍ଚ କରାଯାଇଛି ବୋଲି ନିଶ୍ଚିତ କରିବା । ଅଡିଟ୍ ଏହି 25 ଟି ଅନୁଷ୍ଠାନର 33,199 ଆବେଦନ ଯାଞ୍ଚ କରିବାକୁ ମାଗିଥିଲେ, ମାତ୍ର 7,704 (23.20 ପ୍ରତିଶତ) ଆବେଦନ ପ୍ରଦାନ କରାଯାଇଥିଲା । ବାରମ୍ବାର

[80] ପିଏମ୍‌ଏସ୍ ପ୍ରୟୋଗ ପ୍ରକ୍ରିୟାକରଣ ପାଇଁ ସଫ୍ଟୱେର୍ ଆନାଲିସିସ୍, ଭୋପାଳ, ମଧ୍ୟପ୍ରଦେଶ ଦ୍ୱାରା ବିକଶିତ

[81] ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଛାତ୍ରବୃତ୍ତି ପ୍ରକ୍ରିୟାକରଣ ପାଇଁ ସାଧାରଣ ବୃତ୍ତି ପୋର୍ଟାଲ

ଅନୁରୋଧ ସତ୍ତ୍ୱେ ଅବଶିଷ୍ଟ 25,495 ଛାତ୍ରବୃତ୍ତି ଆବେଦନ ଡିଡବ୍ଲୁଓ ଦ୍ୱାରା ପ୍ରଦାନ କରାଯାଇ ନଥିଲା, ଯାହା ଅଡିଟ୍ ପାଇଁ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଥିଲା ।

ii. ମୂଳ ରେକର୍ଡଗୁଡ଼ିକର ପରୀକ୍ଷା, ଯେପରିକି ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ 13 ଟି ଶିକ୍ଷାନୁଷ୍ଠାନ[82] (ବିଚାର ଭିତ୍ତିରେ ମନୋନୀତ) ଦ୍ୱାରା ପରିଚାଳିତ ଆଡମିଶନ ରେଜିଷ୍ଟରରୁ ନିଶ୍ଚିତ କରିବା ପାଇଁ ଛାତ୍ରୀଛାତ୍ରମାନେ ଏହି ଅନୁଷ୍ଠାନଗୁଡ଼ିକର ପ୍ରକୃତ ଛାତ୍ରୀଛାତ୍ର ବୋଲି ନିଶ୍ଚିତ କରିବା ପାଇଁ ।

iii. ଡିପ୍ଲୋମା ପାଠ୍ୟକ୍ରମ କ୍ଷେତ୍ରରେ ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଭିଟିଆଣ୍ଡଟିଇ) ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ କ୍ଷେତ୍ରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଦ୍ୱାରା ଆର୍ଥିକ ବର୍ଷ 2017-18 ଓ ଆର୍ଥିକ ବର୍ଷ 2020-21 ପାଇଁ ପରିଚାଳିତ ପାଠ୍ୟକ୍ରମ ପରୀକ୍ଷା ଫଳାଫଳର ବିଶ୍ଳେଷଣ । ଏହି ବିଶ୍ଳେଷଣରୁ ନିଶ୍ଚିତ କରାଗଲା ଯେ ଛାତ୍ରୀଛାତ୍ରମାନେ ଯୋଗ୍ୟତା ଅନୁଯାୟୀ ସେମାନଙ୍କ ପାଠ୍ୟକ୍ରମ ସମୟରେ ପରୀକ୍ଷା ଦେବା ଜାରି ରଖିଥିଲେ ।

### 2.14.3 ଛାତ୍ରବୃତ୍ତି ଆବେଦନଗୁଡ଼ିକର ପରୀକ୍ଷଣରୁ ଅଡିଟ୍ ପର୍ଯ୍ୟବେକ୍ଷଣ

ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ ଓଡ଼ିଶାରେ 509 ଟି ଅନୁଷ୍ଠାନରେ ଡିପ୍ଲୋମା କିମ୍ବା ଇଞ୍ଜିନିୟରିଂ ପାଠ୍ୟକ୍ରମ ଅନୁସରଣ କରୁଥିବା ଆବେଦନକାରୀଙ୍କ ଠାରୁ ପିଏମ୍‌ଏସ୍ ପାଇଁ 2,59,636 ଟି ଆବେଦନ (ନୂତନ ଏବଂ ନବୀକରଣ), ବିରୁଦ୍ଧରେ ମୋଟ 1,047.12 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଉପରୋକ୍ତ ଅବଧି ମଧ୍ୟରେ, ଖୋର୍ଦ୍ଧା ଜିଲ୍ଲାର 109 ଟି ଅନୁଷ୍ଠାନରେ ଡିପ୍ଲୋମା କିମ୍ବା ଇଞ୍ଜିନିୟରିଂ ପାଠ୍ୟକ୍ରମ ଅନୁସରଣ କରୁଥିବା ଆବେଦନକାରୀଙ୍କ ଠାରୁ ପିଏମ୍‌ଏସ୍ ପାଇଁ 76,250 ଟି ଆବେଦନ (ନୂତନ ଏବଂ ନବୀକରଣ) କ୍ଷେତ୍ରରେ ମୋଟ 383 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଜିଲ୍ଲା କଲ୍ୟାଣ ଅଧିକାରୀ, ଖୋର୍ଦ୍ଧା କାର୍ଯ୍ୟାଳୟ ଦ୍ୱାରା 25 ଟି ଅନୁଷ୍ଠାନ[83] ସମ୍ବନ୍ଧୀୟ ପ୍ରଦାନ କରାଯାଇଥିବା 7,704 ଟି ଆବେଦନଗୁଡ଼ିକୁ (ନୂତନ ଏବଂ ନବୀକରଣ) ଅଡିଟ୍ ଯାଞ୍ଚ କରିଥିଲା ଏବଂ 2,164 ଟି ଆବେଦନ ମାମଲାରେ ଅନିୟମିତତା ଲକ୍ଷ୍ୟ କରାଯାଇଥିଲା, ଫଳସ୍ୱରୂପ ଯଥେଷ୍ଟ ଅଧିକ ଅନିୟମିତତା ଘଟଣା ହାର 28.33 ପ୍ରତିଶତ ସହିତ ଆନୁମାନିକ ରାଶି 8.78 କୋଟି ଟଙ୍କା ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଆକଳନ ସୀମିତ ଥିଲା, ଯେହେତୁ ଏହା ଅନୁଷ୍ଠାନଗୁଡ଼ିକରେ ବସ୍ତୁଗତ ଯାଞ୍ଚ ସମୟରେ ଏବଂ ହିତାଧିକାରୀଙ୍କ ପରୀକ୍ଷା ଫଳାଫଳ ବିଶ୍ଳେଷଣ ସମୟରେ ଦେଖାଯାଇଥିବା ଅନ୍ୟ ଅନିୟମିତତା (ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି)କୁ, ବିଚାରକୁ ନ ନେଇ କେବଳ ଆବେଦନଗୁଡ଼ିକର ଯାଞ୍ଚ ଆଧାରରେ ଗଣନା କରାଯାଇଥିଲା । ଏତଦ୍‌ବ୍ୟତୀତ, ନମୁନା ଯାଞ୍ଚ ଅନୁଷ୍ଠାନଗୁଡିକର ଡାଟା ବିଶ୍ଳେଷଣ ଏବଂ ନଥି ଯାଞ୍ଚରୁ 65.39 କୋଟି ଟଙ୍କା ପ୍ରଦାନ ସନ୍ଦେହଜନକ ପ୍ରବଞ୍ଚନାତ୍ମକ ଥିବା ବିଷୟ ଜଣାପଡିଥିଲା ।

### 2.14.4 ନକଲି ଜାତି ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ର ଆଧାରରେ 1.38 କୋଟି ଟଙ୍କା ପ୍ରଦାନ

ଓଡ଼ିଶାରେ ଇ-ଜିଲ୍ଲା ସଫ୍ଟୱେୟାର ଆବେଦନ ମାଧ୍ୟମରେ (ଜାନୁଆରୀ 2014 ଠାରୁ) ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଇତ୍ୟାଦି ପ୍ରଦାନ କରାଯାଉଛି । ଏହି ସଫ୍ଟୱେୟାର ଏକ ଭିନ୍ନ ବାରକୋଡ, କ୍ୱିକ୍ ରେସପନ୍ସ (କ୍ୟୁଆର୍) ଏବଂ ଡିଜିଟାଲ୍ ଦସ୍ତଖତ ସହିତ ଅନ୍ତିମ ସାର୍ଟିଫିକେଟ ସୃଷ୍ଟି କରେ । ସାର୍ଟିଫିକେଟ୍‌ର ସତ୍ୟତା ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ଏକ ହସ୍ତଚାଳିତ ଉପକରଣ ଯଥା, ସ୍ମାର୍ଟ ଫୋନ୍ ଦ୍ୱାରା ବାରକୋଡ୍ କିମ୍ବା କ୍ୟୁଆର କୋଡ୍ ସ୍କାନ୍

[82] (1) ବରୁଣେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (2) ଗୁରୁକୁଳ ଇଞ୍ଜିନିୟରିଂ ସ୍କୁଲ୍ (3) ଗୁରୁକୁଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (4) ଇଣ୍ଟରନେସନାଲ୍ ପଲିଟେକ୍‌ନିକ୍, ଖୋର୍ଦ୍ଧା (5) ମହାରାଜା ପଲିଟେକ୍‌ନିକ୍ (6) ମହାବୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (7) ମହେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍‌ନିକାଲ ଷ୍ଟଡିଜ୍ (8) ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ୍ ଏଜୁକେସନ (9) ସୋଫିଟୋରିୟମ୍ ଇଞ୍ଜିନିୟରିଂ କଲେଜ (10) ଦ ଟେକ୍‌ନୋ ସ୍କୁଲ୍ (11) ଉତ୍କଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (12) ବେଦାଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଏବଂ(13) ଜେନିଥ୍ ଇନ୍‌ଷ୍ଟିଚୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି

[83] ପିଏମ୍‌ଏସ୍ ପାଇଁ ଦେୟ ଡାଟାବେସର ବିଶ୍ଳେଷଣରୁ ବିଚାର ଭିତ୍ତିରେ ମନୋନୀତ

କରି ଯାଞ୍ଚ କରାଯାଇପାରିବ, ଯାହା ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରମାଣପତ୍ରର ବିସ୍ତୃତ ବିବରଣୀର ତାଲିକା ଥିବା ଏକ ପୋର୍ଟାଲ ସହିତ ଲିଙ୍କ୍ ସୃଷ୍ଟି କରେ । ଯାଞ୍ଚ କରୁଥିବା ବ୍ୟକ୍ତି, ଏହିପରି ନିଶ୍ଚିତତା ପାଇପାରିବେ ଯେ ସାର୍ଟିଫିକେଟ୍‌ରେ ଥିବା ହିତାଧିକାରଙ୍କ ବିବରଣୀ, ଅନ୍‌ଲାଇନ୍ ପୋର୍ଟାଲରେ ଥିବା ବିବରଣୀ ସହିତ ମେଳ ହେଉଛି । ଯଦି ସବିଶେଷ ତଥ୍ୟ ମେଳ ଖାଉ ନାହିଁ, ଏହା ସୂଚାଇବ ଯେ ଅଯୋଗ୍ୟ ହିତାଧିକାରୀଙ୍କ ସପକ୍ଷରେ ଏକ ଜାଲ ସାର୍ଟିଫିକେଟ୍ ତିଆରି କରିବା ପାଇଁ ବାର୍‌କୋଡ/ କ୍ୟୁଆର୍ କୋଡ ଏବଂ ଡିଜିଟାଲ୍ ଦସ୍ତଖତ ଗୁଡ଼ିକ ଏକ ପ୍ରକୃତ ସାର୍ଟିଫିକେଟ୍‌ରୁ ଫଟୋ କପି/ ଡିଜିଟାଲ୍ କପି (ଇମେଜ୍ ଏଡିଟିଙ୍ଗ୍ ସଫ୍ଟୱେୟାର ବ୍ୟବହାର କରି) କରାଯାଇଛି ।

ଅଡିଟ୍, ଡିଡବ୍ଲୁଓ, ଖୋର୍ଦ୍ଧା ଦ୍ୱାରା ପ୍ରଦାନ କରାଯାଉଥିବା ଛାତ୍ରବୃତ୍ତି ଆବେଦନ ସହିତ ଉପଲବ୍ଧ ଡକ୍ୟୁମେଣ୍ଟ ଗୁଡିକର ବାର୍‌କୋଡ/ କ୍ୟୁଆର୍ କୋଡ୍ ଯାଞ୍ଚ କରିଥିଲା, ଏବଂ ନିମ୍ନଲିଖିତ ଅନିୟମିତତାକୁ ଲକ୍ଷ୍ୟ କଲା:

### *2.14.4.1 ନକଲି ଜାତି ପ୍ରମାଣପତ୍ର ଆଧାରରେ 97.32 ଲକ୍ଷ ଟଙ୍କା ପ୍ରଦାନ*

ଅଡିଟ୍, ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର 24 ଟି ଅନୁଷ୍ଠାନ ସମ୍ବନ୍ଧିତ 7,638 ଟି ଛାତ୍ରବୃତ୍ତି ଆବେଦନ ଫର୍ମ ସହିତ ସଂଲଗ୍ନ ଜାତି ପ୍ରମାଣପତ୍ର ଯାଞ୍ଚ କରି ଜାଣିବାକୁ ପାଇଲେ ଯେ 119 ଜଣ ଛାତ୍ରୀଛାତ୍ର ସମ୍ବନ୍ଧିତ 256 ଟି ଆବେଦନପତ୍ରରେ ମିଥ୍ୟା/ ଜାଲ ଜାତି ପ୍ରମାଣପତ୍ର ରହିଥିଲା ଯଥା- କ୍ୟୁଆର କୋଡ୍ (ଯାହା ଏହି ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପ୍ରମାଣପତ୍ରରେ ମାନିପୁଲେଟ୍ ହୋଇଥିଲା) ପ୍ରକୃତରେ ଅନ୍ୟ ବ୍ୟକ୍ତିଙ୍କର ଥିଲା । ଏକ ମିଥ୍ୟା/ ଜାଲ ଜାତି ପ୍ରମାଣପତ୍ରର ଉଦାହରଣ, ଯାହା ଡିଡବ୍ଲୁଓ ଦ୍ୱାରା ଗ୍ରହଣ କରାଯାଇଥିଲା ***ଛବି 2.14.1*** ରେ ଦର୍ଶାଯାଇଛି ।

**ଛବି 2.14.1: ଏକ ଜାଲ ଜାତି ପ୍ରମାଣପତ୍ର**




ଖୋର୍ଦ୍ଧାସ୍ଥିତ ପାଞ୍ଚଟି ଶିକ୍ଷାନୁଷ୍ଠାନ, ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ମିଥ୍ୟା/ ଜାଲ ଜାତି ପ୍ରମାଣପତ୍ର ଦାଖଲ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଡିଡବ୍ଲୁଓ ଦ୍ୱାରା ଗ୍ରହଣ କରାଯାଇଥିଲା, ***ସାରଣୀ 2.14.1*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

*ସାରଣୀ **2.14.1:** ଖୋର୍ଦ୍ଧାସ୍ଥିତ ପାଞ୍ଚଟି ଶିକ୍ଷାନୁଷ୍ଠାନ, ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ମିଥ୍ୟା/ ଜାଲ ଜାତି ପ୍ରମାଣପତ୍ର ଦାଖଲ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଡିଡବ୍ଲୁଓ ଦ୍ୱାରା ଗ୍ରହଣ କରାଯାଇଥିଲା*

| କ୍ର. ସଂ. | ଶିକ୍ଷାନୁଷ୍ଠାନ | ଆବେଦନପତ୍ର ସଂଖ୍ୟା | | | ଆର୍ଥିକ ବର୍ଷ 2017-18 ରୁ 2020-21 (ଟଙ୍କା କୋଟିରେ) |
|---|---|---|---|---|---|
| | | ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିଲା | ମିଥ୍ୟା / ଜାଲ୍ ଜାତି ପ୍ରମାଣପତ୍ର | ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା | |
| 1. | ଇଣ୍ଟରନେସନାଲ୍ ପଲିଟେକ୍‌ନିକ୍ | 165 | 156 | 950 | 3.55 |
| 2. | କୃତ୍ତିକା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଜୁକେସନ | 95 | 41 | 347 | 2.26 |
| 3. | ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଜୁକେସନ | 540 | 38 | 896 | 6.45 |
| 4. | ବରୁଣାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି | 170 | 6 | 801 | 3.08 |
| 5. | ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜ | 330 | 4 | 1,298 | 9.20 |

*(ଉତ୍ସ: ଏସ୍‌ଏସ୍‌ଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପିଏମ୍‌ଏସ୍ ଦେୟ ତଥ୍ୟ, ଡିଡବ୍ଲୁଓ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିବା ଆବେଦନପତ୍ର)*

ଅଡିଟ୍ ନିରୀକ୍ଷଣ କଲେ ଯେ, ଶିକ୍ଷାନୁଷ୍ଠାନ କିମ୍ବା ଡିଡବ୍ଲୁଓ ଜାତି ପ୍ରମାଣପତ୍ରର ସତ୍ୟତା ଯାଞ୍ଚ କରିନଥିଲେ, ଫଳସ୍ୱରୂପ ଅଯୋଗ୍ୟ ବ୍ୟକ୍ତିଙ୍କୁ 97.32 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ***(ପରିଶିଷ୍ଟ 2.14.1)***।

### *2.14.4.2 ନକଲି ଆୟ ପ୍ରମାଣପତ୍ର ଆଧାରରେ 40.51 ଲକ୍ଷ ଟଙ୍କା ପ୍ରଦାନ*

ଅଡିଟ୍, 2017-18 ରୁ 2020-21 ମଧ୍ୟରେ, ଖୋର୍ଦ୍ଧା ଜିଲ୍ଲାର 25 ଟି ଅନୁଷ୍ଠାନ ସମ୍ବନ୍ଧୀୟ 7,704 ଛାତ୍ରବୃତ୍ତି ଆବେଦନ ଫର୍ମ ସହିତ ଥିବା ଆୟ ପ୍ରମାଣପତ୍ର ଯାଞ୍ଚ କରି ଜାଣିବାକୁ ପାଇଲେ ଯେ 48 ଜଣ ଛାତ୍ରୀଛାତ୍ରଙ୍କ ସମ୍ବନ୍ଧିତ 85 ଟି ଆବେଦନପତ୍ରରେ ମିଥ୍ୟା/ ଜାଲ ଆୟ ପ୍ରମାଣପତ୍ର ରହିଛି, ଯଥା-କ୍ୟୁଆର୍ କୋଡ (ଯାହା ଏହି ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ପ୍ରମାଣପତ୍ରରେ ଥିଲା) ପ୍ରକୃତରେ ଅନ୍ୟ ପ୍ରାର୍ଥୀଙ୍କର ଥିଲା।

ଶିକ୍ଷାନୁଷ୍ଠାନଗୁଡିକ କିମ୍ବା ଡିଡବ୍ଲୁଓ ଏହି ଆୟ ପ୍ରମାଣପତ୍ର ଗୁଡ଼ିକର ସତ୍ୟତା ଯାଞ୍ଚ କରିନଥିଲେ, ଯାହା ଏସ୍‌ସି ଏବଂ ଏସ୍‌ଟି ଛାତ୍ରମାନଙ୍କ ପିଏମ୍‌ଏସ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ସର୍ତ୍ତ ଥିଲା। ଖୋର୍ଦ୍ଧା ଜିଲ୍ଲାର ପାଞ୍ଚଟି ଶିକ୍ଷାନୁଷ୍ଠାନ, ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ନକଲି ପ୍ରମାଣପତ୍ର ଦାଖଲ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଡିଡବ୍ଲୁଓ ଦ୍ୱାରା ଗ୍ରହଣ କରାଯାଇଥିଲା, ସେଗୁଡିକ ***ସାରଣୀ 2.14.2*** ରେ ଉଲ୍ଲେଖ କରାଯାଇଛି।

*ସାରଣୀ **2.14.2:** ଖୋର୍ଦ୍ଧାସ୍ଥିତ ପାଞ୍ଚଟି ଶିକ୍ଷାନୁଷ୍ଠାନ, ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ନକଲି ଆୟ ପ୍ରମାଣପତ୍ର ଦାଖଲ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଡିଡବ୍ଲୁଓ ଦ୍ୱାରା ଗ୍ରହଣ କରାଯାଇଥିଲା*

| କ୍ର. ସଂ. | ଶିକ୍ଷାନୁଷ୍ଠାନ | ଆବେଦନପତ୍ର ସଂଖ୍ୟା | | | ଆର୍ଥିକ ବର୍ଷ 2017-18 ରୁ 2020-21 (ଟଙ୍କା କୋଟିରେ) |
|---|---|---|---|---|---|
| | | ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିଲା | ମିଥ୍ୟା/ ଜାଲ ଆୟ ପ୍ରମାଣପତ୍ର | ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା | |
| 1. | ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ୍ ଏଜୁକେସନ | 540 | 26 | 896 | 6.45 |
| 2. | କୃତ୍ତିକା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଜୁକେସନ | 95 | 19 | 347 | 2.26 |
| 3. | ମହାବୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି | 305 | 10 | 1,051 | 8.90 |
| 4. | ରାଜଧାନୀ ଇଞ୍ଜିନିୟରିଂ କଲେଜ | 420 | 7 | 1,895 | 13.86 |
| 5. | ସୁବାସ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍‌ନୋଲୋଜି | 66 | 5 | 701 | 2.69 |

*(ଉତ୍ସ: ଏସ୍‌ଏସ୍‌ଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପିଏମ୍‌ଏସ୍ ଦେୟ ତଥ୍ୟ ଡିଡବ୍ଲୁଓ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିବା ଆବେଦନପତ୍ର)*

ଏହି ପ୍ରମୁଖ ନିୟନ୍ତ୍ରଣ ବିଫଳତା ଫଳରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ 40.51 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ***(ପରିଶିଷ୍ଟ 2.14.2)*** ।

ଯେହେତୁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ସହିତ ଜାଲିଆତି କରିବା ଏକ ଅପରାଧିକ କାର୍ଯ୍ୟ, ତେଣୁ ଅଡିଟ୍ ଏହି ଜାଲ୍ ଜାତି ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ରଗୁଡ଼ିକୁ 85 ଟି ତହସିଲଦାରଙ୍କୁ

***ଛବି 2.14.2: ବିଦ୍ୟମାନ ନଥିବା ତହସିଲ କାର୍ଯ୍ୟାଳୟ ଠାରୁ ଜାଲ ଆୟ ପ୍ରମାଣପତ୍ର***



GOVERNMENT OF ODISHA
FORM No. III
[See Rule 3]
Office of the Tahasildar, Aruha. Miscellaneous Certificate Case No: e-INC/1916 of 2018
INCOME CERTIFICATE

This is to certify that [redacted] on of Shri [redacted] of Village/Town HARIDASPUR P.S ... in the district of Jajapur in the state of Odisha has an Annual Income of Rs. 40000/- (Rupees. FORTY THOUSAND ONLY) from the Sources Specified below

| SOURCE | ANNUAL INCOME (in Rs.) |
|---|---|
| Agricultural Land | Rs. 35000 |
| Salaries | Rs. 0000 |
| Any other Source (s) DAILY WAGES | Rs. 5000 |

2.This certificate is being granted only for the purpose of HIGHER STUDY OF HIS DAUGHTER

LENKA BASANTA KUMAR

Signature of the Applicant

Signature of the Revenue Officer
Date : 29-08-2018

NOTE :
- It is a digitally signed electronically generated certificate and therefore needs no ink-signed signature.
- This certificate is issued as per section 4, 5&6 of Information Technology Act 2000, and its subsequent amendments in 2008 and as per Revenue & Disaster Management Department notification numbers IMU-13/10-42518/R&DM dated 21.10.2010, RDM-IMU-EGOV-0001-12/41244 dated 10.09.2012 and RDM-IMU-EGOV-0001-2012/35042 dated 12.09.2013.
- For any query or verification, Agency/Department/Office may visit http://www.edistrictodisha.gov.in.
- Tampering of this certificate will attract penal action.

ପଠାଇଥିଲା, ଯେଉଁମାନେ ଏହି ପ୍ରମାଣପତ୍ରଗୁଡ଼ିକୁ ପ୍ରଦାନ କରିଥିଲେ ବୋଲି ଅନୁମାନ କରାଯାଉଥିଲା, ନିଶ୍ଚିତ କରିବା ପାଇଁ ଯେ ଏହି ପ୍ରମାଣପତ୍ରଗୁଡ଼ିକୁ ସେମାନେ ପ୍ରକୃତରେ ପ୍ରଦାନ କରିଥିଲେ । ବର୍ତ୍ତମାନ ସୁଦ୍ଧା (ଜୁନ୍ 2023) ଅଡିଟ୍ 24 ତହସିଲଦାରଙ୍କ ଠାରୁ ନିଶ୍ଚିତତା ଗ୍ରହଣ କରିଥିଲେ ଯେ ଏହି ପ୍ରମାଣପତ୍ର ଗୁଡ଼ିକ ଜାଲ କରାଯାଇଥିଲା ଏବଂ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ନଥିଲା । ଆହୁରିମଧ, ସାତଟି ଜାଲ ପ୍ରମାଣପତ୍ରରେ ପ୍ରଦାନକାରୀ କର୍ତ୍ତୃପକ୍ଷ ଭାବରେ ସାତଟି[84] ବିଦ୍ୟମାନ ନଥିବା ତହସିଲ କାର୍ଯ୍ୟାଳୟର ନାମ ଧାରଣ କରିଥିବା ଜଣାପଡ଼ିଥିଲା, ଅର୍ଥାତ୍, ଓଡ଼ିଶାରେ ସେପରି କୌଣସି ତହସିଲ କାର୍ଯ୍ୟାଳୟ ନଥିଲା ।

ବିଦ୍ୟମାନ ନଥିବା ତହସିଲ୍ କାର୍ଯ୍ୟାଳୟଗୁଡିକୁ ପ୍ରଦାନକାରୀ କର୍ତ୍ତୃପକ୍ଷ ଭାବେ ନାମିତ କରାଯାଇଥିବା ଦୁଇଟି ନକଲି ପ୍ରମାଣପତ୍ର ଉଦାହରଣ ***ଛବି 2.14.2*** ଏବଂ ***2.14.3*** ରେ ଦର୍ଶାଯାଇଛି ।

84 ଅରୁହା (ଯାଜପୁର), କଟକ ସଦର (କଟକ), ଫରଙ୍ଗା (କଳାହାଣ୍ଡି), ଗୁଚାପାପାଲି (ବଲାଙ୍ଗୀର), ଜାଗୁଲିଆପଡ଼ା (କେନ୍ଦ୍ରାପଡ଼ା), କୁଭିବାଲି (କନ୍ଧମାଳ) ଏବଂ ନୂଆ ଗାଁ (ଜଗତସିଂହପୁର)

**ଛବି 2.14.3: ବିଦ୍ୟମାନ ନଥିବା ତହସିଲ୍ କାର୍ଯ୍ୟାଳୟ ଠାରୁ ଜାଲ୍ ଆୟ ପ୍ରମାଣପତ୍ର**



GOVERNMENT OF ODISHA

FORM No III

[See Rule 3]

Office of the Tahasildar,guchapapali: Miscellaneous certificate Case No: e-CAR/41446/ 2017

CASTE CARTIFICATE

This to certify that Shri [redacted] f Village/Town Mahulapli P.S guchapali in the District Bolangir in the state of Odisha belongs to KAIBTRA Caste which is recognized as Scheduled Caste under the constitution (scheduled caste/Scheduled Tribe) order 1950 as amended by the scheduled Caste and Scheduled Tribe List (Modification) order 1956 and Scheduled Caste and Scheduled Tribe Order(Amendment) Act,1976.

[redacted] n and he/his Family ordinarily reside(s) in Village/Town Mahulapli of Bolangir District in the state of Odisha.

2. This certificate is being granted only for the purpose of STUDY.

Signature of the Applicant

GHUTA ALEKH

Signature of the Revenue Officer
Date: 29-11-2017

NOTE :

-It is a digitally signed electronically generated certificate and therefore needs no ink- signed signature.
-This certificate is issued as per section 4 5&8 of Information Technology Act 2000, and its subsequent amendments in 2008and as per revenue & Disaster Management Department notification numbers IMU-13/10-42516/R&DM dated 21.10.2010,RDM-IMU-EGOV-0001-12/41244 dated 10.09.2012 and RDM-IMU-EGOV-0001-2012/35042 dated 12.09.2013.
-For any query or verification, Agency/Department/Office may visit http://www.[illegible].gov.in
-Tampering of this certificate will attract penal action

***ସୁପାରିଶ 2.14.1:***

***ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ରଗୁଡିକର ଚିହ୍ନଟ ଓ ଅଯୋଗ୍ୟ ହିତାଧିକାରୀମାନଙ୍କ ଠାରୁ ସମ୍ଭାବ୍ୟ ପିଏମ୍‌ଏସ୍ ଆଦାୟ ପାଇଁ ଏସ୍‌ଏସ୍‌ଡି ବିଭାଗ ସମସ୍ତ ପିଏମ୍‌ଏସ୍ ଦରଖାସ୍ତ ଗୁଡ଼ିକର ପୁନଃ ଯାଞ୍ଚ ପାଇଁ ବିସ୍ତୃତ ଅନୁସନ୍ଧାନ କାର୍ଯ୍ୟ ହାତକୁ ନେଇପାରନ୍ତି ।***

### 2.14.5 ଡିବିଟି ପାଇଁ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ପ୍ରମାଣ ଏବଂ ଅନ୍ୟ ପ୍ରମୁଖ ଦଲିଲ ଅନୁପସ୍ଥିତି ସହିତ ଆବେଦନଗୁଡ଼ିକ ବିପକ୍ଷରେ 7.40 କୋଟି ଟଙ୍କା ପ୍ରଦାନ

ଅଡିଟ୍ ଖୋର୍ଦ୍ଧା ଜିଲ୍ଲାର 25 ଟି ଅନୁଷ୍ଠାନ ସମ୍ବନ୍ଧୀୟ ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ 7,704 ଟି ଛାତ୍ରବୃତ୍ତି ଆବେଦନ ଯାଞ୍ଚ କରିଥିଲେ ଏବଂ 1,823 ଟି ଆବେଦନ (ନୂଆ 212 ଏବଂ ନବୀକରଣ 1,611) ରେ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରିଥିଲା:

- 1,124 ଆବେଦନରେ ଜାତି ପ୍ରମାଣ ପତ୍ର ସଂଲଗ୍ନ ହୋଇନଥିଲା ।
- 1,239 ଆବେଦନରେ ଆୟ ପ୍ରମାଣପତ୍ର ସଂଲଗ୍ନ ହୋଇ ନଥିଲା ।
- 1,321 ଆବେଦନ ପତ୍ରରେ ଶେଷ ପରୀକ୍ଷା ପାସ୍ ପ୍ରମାଣପତ୍ର ସହିତ ଅନ୍ୟ ଆବଶ୍ୟକ ଶିକ୍ଷାଗତ ପ୍ରମାଣପତ୍ର ସଂଲଗ୍ନ ହୋଇ ନଥିଲା ।
- 728 ଟି ଆବେଦନ ପତ୍ରରେ, ସଂପୃକ୍ତ ଆବେଦନକାରୀମାନେ ଆବେଦନ ଫର୍ମରେ ଦସ୍ତଖତ ମଧ କରିନଥିଲେ ।

ଅଡିଟ୍ ଦେଖିଲେ ଯେ 1,823 ଅସମ୍ପୂର୍ଣ୍ଣ ଆବେଦନ ବିପକ୍ଷରେ 7.40 କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଏହା ଶିକ୍ଷାନୁଷ୍ଠାନ ଦ୍ୱାରା ଆବେଦନପତ୍ରର ପ୍ରଥମ ସ୍ତର ଯାଞ୍ଚ ଏବଂ ଡିଡବ୍ଲୁଓ, ଖୋର୍ଦ୍ଧା ଦ୍ୱାରା ଦ୍ୱିତୀୟ ସ୍ତର ଯାଞ୍ଚ ସମୟରେ ଯଥାର୍ଥ ତତ୍ପରତାର ଅଭାବକୁ ସୂଚିତ କରୁଛି । ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକର ଏକ ଦୃଷ୍ଟାନ୍ତମୂଳକ ତାଲିକା ***ପରିଶିଷ୍ଟ 2.14.3*** ରେ ଦର୍ଶାଯାଇଛି । ଅଡିଟ୍ ଆହୁରି ମଧ ଦେଖିଲେ ଯେ 7.40 କୋଟି ଟଙ୍କା ମଧ୍ୟରୁ 5.31 କୋଟି ଟଙ୍କା 1,309 ଆବେଦନ ମାମଲାରେ ପ୍ରଦାନ କରାଯାଇଛି, ଯେଉଁଥିରେ ଆବେଦନକରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସମର୍ଥନ କରି ପ୍ରମୁଖ ଡକୁମେଣ୍ଟ ନଥିଲା ।

ଅଡିଟ୍ ପିଏମ୍ଏସ୍ ପେମେଣ୍ଟ ଡାଟାବେସକୁ ବିଶ୍ଳେଷଣ କରି ଜାଣିବାକୁ ପାଇଲା ଯେ, 1,030 ମାମଲାରେ ଦୁଇଟି ଭିନ୍ନ ହିତାଧିକାରୀଙ୍କୁ ଦେୟ ପ୍ରଦାନ ପାଇଁ ସମାନ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରାଯାଇଛି । ଆବେଦନପତ୍ରଗୁଡ଼ିକର ଏକ ଦୃଷ୍ଟାନ୍ତମୂଳକ ତାଲିକା, ଯେଉଁଠାରେ ସମାନ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ଦୁଟିଟି ଭିନ୍ନ ହିତାଧିକାରୀଙ୍କୁ ଦେୟ ପ୍ରଦାନ ପାଇଁ ବ୍ୟବହୃତ ହୋଇଥିଲା, ***ପରିଶିଷ୍ଟ 2.14.4*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଦୁଇ ହିତାଧିକାରୀଙ୍କ ସହ ଲିଙ୍କ ହୋଇଥିବା ଏହି 1,030 ବ୍ୟାଙ୍କ ଆକାଉଣ୍ଟ ମାମଲାରେ ଅଡିଟ୍ ସହାୟକ ଡକୁମେଣ୍ଟଗୁଡ଼ିକୁ ଯାଞ୍ଚ କରିବାକୁ ମାଗି ଥିଲା, କିନ୍ତୁ ଡିଡବ୍ଲୁଓ କାର୍ଯ୍ୟାଳୟ, ଖୋର୍ଦ୍ଧା ଦର୍ଶାଇଥିଲା ଯେ ଏହାର ରେକର୍ଡ ତାଙ୍କ ପାଖରେ ନାହିଁ ।

ଦୁଇଟି ମାମଲାରେ ଅଡିଟ୍, ବ୍ୟାଙ୍କ ପାସ୍ ବୁକ୍ ବିବରଣୀକୁ ଟ୍ରାକ୍ କରିବାରେ ସକ୍ଷମ ହୋଇଥିଲା, ଯେଉଁଥିରେ ଦେୟ ପ୍ରଦାନ କରାଯାଇଥିଲା ଏବଂ ଏହା ନିଶ୍ଚିତ କରାଯାଇଥିଲା ଯେ, ବ୍ୟାଙ୍କ ଆକାଉଣ୍ଟ ଆବେଦନକାରୀଙ୍କ ଥିବା ପରିବର୍ତ୍ତେ ଅନ୍ୟ ବ୍ୟକ୍ତିଙ୍କର ଥିଲା ।

- ଆକାଉଣ୍ଟ ସଂଖ୍ୟା xxxxxxxx1066, ଆଇଏଫ୍ଏସ୍ସି କୋଡ୍: ପିୟୁଏନ୍ବି0407700, xxxxMalik, ନାମକ ଜଣେ ବ୍ୟକ୍ତିଙ୍କର ଥିଲା, କିନ୍ତୁ xxxx ମୁର୍ମୁ ନାମକ ଆବେଦନକାରୀଙ୍କ କ୍ଷେତ୍ରରେ ଦେୟ ପ୍ରଦାନ ପାଇଁ ବ୍ୟବହୃତ ହୋଇଥିଲା (ଆବେଦନ ଆଇଡି-ଏସ୍ଟିଏସ୍ସି9210216427570) ।
- ଆକାଉଣ୍ଟ ସଂଖ୍ୟା xxxxxxxx0997, ଆଇଏଫ୍ଏସ୍ସି କୋଡ୍: ପିୟୁଏନ୍ବି 0407700, xxxxMalik, ନାମକ ଜଣେ ବ୍ୟକ୍ତିଙ୍କର ଥିଲା, କିନ୍ତୁ xxxx ଜେନା ନାମକ ଆବେଦନକାରୀଙ୍କ କ୍ଷେତ୍ରରେ ଦେୟ ପ୍ରଦାନ ପାଇଁ ବ୍ୟବହୃତ ହୋଇଥିଲା (ଆବେଦନ ଆଇଡି-ଏସ୍ଟିଏସ୍ସି 9210216449647) ।

ତେଣୁ, କେବଳ ସଂପୃକ୍ତ ହିତାଧିକାରୀଙ୍କ ସଠିକ୍ ଆକାଉଣ୍ଟରେ ପିଏମ୍ଏସ୍‌ର କ୍ରେଡିଟ୍ ପାଇଁ ଡିବିଟିର ମୂଳ ଉଦ୍ଦେଶ୍ୟ ବିଫଳ ହୋଇନଥିଲା, ବରଂ ଏହି ଅନୁଷ୍ଠାନଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରମାନେ ପ୍ରକୃତରେ ସେଠାରେ ଅଧ୍ୟୟନ କରୁଥିଲେ କି ନାହିଁ ଏଥିରେ ସନ୍ଦେହ ସୃଷ୍ଟି ହୋଇଥିଲା ।

ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବରକୁ ସମର୍ଥନ କରି ଡକ୍ୟୁମେଣ୍ଟେସନ୍ ବିନା ଆବେଦନକାରୀଙ୍କ ବିରୁଦ୍ଧରେ 5.31 କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିବା, ଅନୁଷ୍ଠାନ ଦ୍ୱାରା ପ୍ରଥମ ସ୍ତର ଯାଞ୍ଚ ଏବଂ ଡିଡବ୍ଲୁଓ, ଖୋର୍ଦ୍ଧା କାର୍ଯ୍ୟାଳୟରେ ଦ୍ୱିତୀୟ ସ୍ତର ଯାଞ୍ଚ ସମୟରେ, କେବଳ ଚରମ ଅବହେଳା ଏବଂ ଯଥାର୍ଥ ତତ୍ପରତାର ଅଭାବ ଦର୍ଶାଉ ନାହିଁ, ବରଂ ଏହି ଯୋଜନା ଡିବିଟି ମୋଡ୍‌ରେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅନୁପାଳନ ନକରିବାକୁ ସୂଚିତ କରୁଛି ।

### 2.14.6 ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ଅନୁରକ୍ଷଣ ମୂଳ ରେକର୍ଡଗୁଡ଼ିକର ପରୀକ୍ଷଣରୁ ଅଡିଟ୍ ପର୍ଯ୍ୟବେକ୍ଷଣ

ଆବେଦନଗୁଡ଼ିକର ପ୍ରଥମ ଏବଂ ଦ୍ୱିତୀୟ ସ୍ତରର ଯାଞ୍ଚ ପାଇଁ ନିର୍ଦ୍ଦେଶାବଳୀ ସହିତ ଉଲ୍ଲେଖନୀୟ ଅନୁପାଳନ ନହେବା ଅଯୋଗ୍ୟ ହିତାଧିକାରୀଙ୍କୁ ଦେୟ ପ୍ରଦାନ କରିବାକୁ ସଂପୃକ୍ତ ଅନୁଷ୍ଠାନ ଏବଂ ଡିଡବ୍ଲୁଓ, ଖୋର୍ଦ୍ଧା କାର୍ଯ୍ୟାଳୟର ଅଧିକାରୀଙ୍କ ଦ୍ୱାରା ଇଚ୍ଛାକୃତ ଉଦ୍ଦେଶ୍ୟର ସୂଚକ ହୋଇପାରେ । ବ୍ୟାଙ୍କ ଆକାଉଣ୍ଟଧାରୀ, ଯେଉଁମାନଙ୍କୁ ଛାତ୍ରବୃତ୍ତି ରାଶି ଡିବିଟି ମୋଡରେ ପ୍ରଦାନ କରାଯାଉଥିଲା, ପରିଚୟର ନିଶ୍ଚିତତା ଅଭାବ ଏବଂ ହିତାଧିକାରୀଙ୍କ ଯୋଗ୍ୟତା ଅଭାବ ଦୃଷ୍ଟିରୁ ସ୍କିମ୍ ପାଣ୍ଠିର ଆତ୍ମସାତ୍ ଉଦ୍ଦେଶ୍ୟରେ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଆବେଦନଗୁଡ଼ିକ ସଂଗୃହିତ କରାଯାଇଥିଲା ଏବଂ ଡିଡବ୍ଲୁଓ ଦ୍ୱାରା ଅନିୟମିତ ରୂପରେ ଗ୍ରହଣ କରାଯାଇଥିଲା ।

ଛାତ୍ରବୃତ୍ତି ହିତାଧିକାରୀମାନେ ପ୍ରକୃତରେ, ଏହି ଅନୁଷ୍ଠାନଗୁଡ଼ିକରେ ନାମ ଲେଖାଉଥିବା ପ୍ରକୃତ ଛାତ୍ର ବୋଲି ନିଶ୍ଚିତତା ପାଇବା ପାଇଁ, ଅଡିଟ୍ 13 ଟି ପରୀକ୍ଷା ଯାଞ୍ଚ ଅନୁଷ୍ଠାନରେ (ବିଚାର ଆଧାରରେ ମନୋନୀତ) ମୂଳ ରେକର୍ଡଗୁଡ଼ିକ ପରୀକ୍ଷା କଲା ଯେପରିକି ଆଡମିଶନ ରେଜିଷ୍ଟର, ଆଟେଣ୍ଡାନ୍ସ ରେଜିଷ୍ଟର ଇତ୍ୟାଦି । ସୁବାଷ ଏକାଡେମି ଅଫ୍ ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ ଟେକ୍‌ନୋଲୋଜି, ଭୁବନେଶ୍ୱର ବ୍ୟତୀତ ଏହି ଅନୁଷ୍ଠାନ ଗୁଡିକ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ), ରାଜ୍ୟ ଧନ୍ଦାମୂଳକ ତାଲିମ ଓ ବୈଷୟିକ ଶିକ୍ଷା ପରିଷଦ (ଏସ୍‌ସିଭିଟିଆଣ୍ଡଟିଇ) ଓ/କିମ୍ବା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ସହିତ ପଞ୍ଜିକୃତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । 13 ଟି ଅନୁଷ୍ଠାନ ମଧ୍ୟରୁ ଛଅଟି ଅନୁଷ୍ଠାନ ସମ୍ପର୍କିତ ଅଡିଟ୍ ମନ୍ତବ୍ୟ ଗୁଡିକ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### *2.14.6.1 ଅସ୍ତିତ୍ୱ ନଥିବା ହିତାଧିକାରୀଙ୍କୁ ସନ୍ଦେହଜନକ ପ୍ରବଞ୍ଚନାତ୍ମକ ଦେୟ ପ୍ରଦାନ*

i. ***ମେସର୍ସ ଟେକ୍ନୋ ସ୍କୁଲ୍, ଭୁବନେଶ୍ୱର:*** ଅଡିଟ୍, ଅନୁଷ୍ଠାନରେ ଅନୁରକ୍ଷଣ ଆଡମିଶନ ରେଜିଷ୍ଟର ସହିତ ପିଏମ୍ଏସ୍ ପେମେଣ୍ଟର ଡାଟାବେସ୍ ପୁନଃ ଯାଞ୍ଚ କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ, 2021-22 ଆର୍ଥିକ ବର୍ଷରେ ଆଠ ଜଣ ହିତାଧିକାରୀଙ୍କୁ 4.44 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଥିଲା, ଯାହା ଏମ୍‌ବିଏ ଛାତ୍ର ବୋଲି ଦର୍ଶାଯାଇଥିଲା ଏବଂ ଯେଉଁମାନଙ୍କର ନାମ ଆଡମିଶନ ରେଜିଷ୍ଟରରେ ଦର୍ଶାଯାଇ ନଥିଲା । ମେସର୍ସ ଟେକ୍ନୋ ସ୍କୁଲର ପରିଚାଳନା ନିଶ୍ଚିତ କରିଥିଲା ଯେ ଏହି ଆଠ ଜଣ ଛାତ୍ର ସେହି ଅନୁଷ୍ଠାନର ଛାତ୍ର ନଥିଲେ ।

ii. ***ମେସର୍ସ ଏସ୍ଏଏମ୍‌ଟି:*** ଭୁବନେଶ୍ୱରସ୍ଥିତ ଦି ସୁବାଷ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ନେକ୍ନୋଲୋଜି (ଏସ୍ଏଏମ୍‌ଟି) ରେ ଥିବା ଆଡମିଶନ ରେଜିଷ୍ଟର ଏବଂ ଅନ୍ୟାନ୍ୟ ରେକର୍ଡ ଯାଞ୍ଚ କରିବା ପାଇଁ ଅଡିଟ୍ ଲକ୍ଷ୍ୟ ରଖିଥିଲା । 2022-23 ଆର୍ଥିକ ବର୍ଷରୁ ଛାତ୍ରୀଛାତ୍ରଙ୍କ ଠାରୁ ନୂତନ ଛାତ୍ରବୃତ୍ତି ଆବେଦନ ଏବଂ ଛାତ୍ରବୃତ୍ତି ପାଇଁ ନବୀକରଣ ଆବେଦନ ବନ୍ଦ ହୋଇଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ:

କ. ପ୍ରତିଷ୍ଠାନର ଘୋଷିତ ଠିକଣାରେ 2023 ମାର୍ଚ୍ଚ ସୁଦ୍ଧା ମେସର୍ସ ଷ୍ଟେଟ୍‌ସ୍ମ୍ୟାନ୍ ଏକାଡେମୀ ନାମରେ ଅନ୍ୟ ଏକ ଅନୁଷ୍ଠାନ କାର୍ଯ୍ୟ କରୁଥିଲା । ଅଡିଟ୍ ଏସ୍ଏଏମ୍‌ଟିର ମ୍ୟାନେଜିଂ ଟ୍ରଷ୍ଟିଙ୍କସହ ଯୋଗାଯୋଗ କରିଥିଲେ, ଯିଏ ସୂଚନା ଦେଇଥିଲେ ଯେ ସଂସ୍ଥା 2022-23 ପରଠାରୁ କାର୍ଯ୍ୟ କରିବା ବନ୍ଦ କରିଦେଇଥିଲା ।

ଖ. ପରିଚାଳନା ଟ୍ରଷ୍ଟିକୁ ପିଏମ୍ଏସ୍ ଯୋଜନାର ସଂପୃକ୍ତ ମୂଳ ରେକର୍ଡ ଦେଖାଇବା ପାଇଁ ଅନୁରୋଧ କରାଯାଇଥିଲା, ଯେହେତୁ 2017-18 ରୁ 2020-21 ମଧ୍ୟରେ ଏସ୍ଏଏମ୍ଟିରେ ନାମ ଲେଖାଇଥିବା 940 ଜଣ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ବାବଦରେ ମୋଟ 3.38 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ, ଖୋର୍ଦ୍ଧା ଡିଡବ୍ଲୁଓ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଜରିଆରେ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏସ୍ଏଏମ୍ଟି ଦ୍ୱାରା ପରିଚାଳିତ ଆଡମିଶନ ରେଜିଷ୍ଟର ସମେତ ଅନ୍ୟ ମୂଳ ରେକର୍ଡ, ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ସେହିପରି ଅଡିଟ୍, ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ) ଠାରୁ କଲେଜର ଅନୁବନ୍ଧ ସମ୍ପର୍କରେ ତଥ୍ୟ ମାଗିଥିଲେ (ଜୁନ୍ 2023), ଏହାର ଉତ୍ତରରେ, ୟୁୟୁ କହିଥିଲା (ଜୁନ୍ 2023) ଯେ କଲେଜ ଜୁଲାଇ 2018 ରେ ବ୍ୟାଚଲର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ ପାଠ୍ୟକ୍ରମ ଅନୁବନ୍ଧ ପାଇଁ ଆବେଦନ କରିଥିଲା, ଯେଉଁଥିପାଇଁ, ୟୁୟୁର ସ୍ଥାନୀୟ ଯାଞ୍ଚ କମିଟି (ଏଲ୍ଇସି) ଦ୍ୱାରା ଯାଞ୍ଚର ଆବଶ୍ୟକତା ଥିଲା । କିନ୍ତୁ, ସେମାନଙ୍କୁ ଏଲ୍ଇସିର ରିପୋର୍ଟ ମିଳିନଥିଲା । ତେଣୁ ସେମାନଙ୍କୁ ସ୍ୱୀକୃତି ଦିଆଯାଇ ନଥିଲା । ୟୁୟୁ ଠାରୁ ଏହା ମଧ୍ୟ ନିଶ୍ଚିତ କରାଯାଇଥିଲା ଯେ, 2017-22 ଶିକ୍ଷା ବର୍ଷ ମଧ୍ୟରେ ଏସ୍ଏଏମ୍ଟିକୁ କୌଣସି ପାଠ୍ୟକ୍ରମ ପାଇଁ ଅନୁବନ୍ଧିତ କରାଯାଇ ନଥିଲା ।

ଗ. ଏସ୍ଏଏମ୍ଟିରେ ନାମ ଲେଖାଇଥିବା ହିତାଧିକାରୀଙ୍କ 66 ଟି ଆବେଦନର ନମୁନା ଖୋର୍ଦ୍ଧା ଡିଡବ୍ଲୁଓ ପକ୍ଷରୁ ଅଡିଟ୍‌କୁ ପ୍ରଦାନ କରାଯାଇଥିଲା । ଏହି ସୀମିତ ନମୁନାରେ ମଧ୍ୟ ନକଲି ଜାତି ପ୍ରମାଣପତ୍ର, ଜାତି ପ୍ରମାଣପତ୍ରର ଅନୁପସ୍ଥିତି, ନକଲି ଆୟ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ରର ଅନୁପସ୍ଥିତି ଏବଂ ବ୍ୟାଙ୍କ ଖାତା ପାସ୍ ବୁକ୍ ନଥିବା, ଅଡିଟ୍‌ରେ ଦେଖିବାକୁ ମିଳିଥିଲା ।

ଘ. ଖୋର୍ଦ୍ଧା ଡିଡବ୍ଲୁଓ ଦେଇଥିବା ଆବେଦନଗୁଡ଼ିକରେ ଦିଆଯାଇଥିବା ଯୋଗାଯୋଗ ବିବରଣୀ ଆଧାରରେ ଅଡିଟ୍ ପାଞ୍ଚ ଜଣ ହିତାଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ । ଏହି ପାଞ୍ଚ ଜଣ ହିତାଧିକାରୀଙ୍କ ମଧ୍ୟରୁ ଦୁଇ ଜଣ ଏସ୍ଏଏମ୍ଟିର ଛାତ୍ର ହୋଇନଥିବା ଦର୍ଶାଇଥିବାବେଳେ ଅନ୍ୟ ତିନି ଜଣ ଏସ୍ଏଏମ୍ଟିର ଛାତ୍ର ହୋଇ ମଧ୍ୟ ଛାତ୍ରବୃତ୍ତି ପାଇଁ ଆବେଦନ ପତ୍ର ଦାଖଲ କରିନଥିବା କହିଥିଲେ । ସଂସ୍ଥା ସେମାନଙ୍କ ନାମରେ ଆବେଦନ ପତ୍ର ଦାଖଲ କରିଥିଲା ଏବଂ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟର ପାସ୍ ବହି ଏବଂ ଏଟିଏମ୍ କାର୍ଡକୁ ନିଜ ପାଖରେ ରଖିଥିଲା ।

ଙ. ଦେୟ ତଥ୍ୟ ସୂଚାଉ ଥିଲା ଯେ ମାର୍ଚ୍ଚ 2022 ସୁଦ୍ଧା 95 ଜଣ ହିତାଧିକାରୀ ସେମାନଙ୍କ ପାଠ୍ୟକ୍ରମ ଶେଷ ବର୍ଷରେ ଅଧ୍ୟୟନ କରୁଥିଲେ, ଯେତେବେଳେ ସଂସ୍ଥା କାର୍ଯ୍ୟ କରିବା ବନ୍ଦ କରିଦେଇଥିଲା । ଏହି 95 ଜଣ ଛାତ୍ରଛାତ୍ରୀଙ୍କ ପରବର୍ତ୍ତୀ ଅଧ୍ୟୟନର ସ୍ଥିତି ସଂପର୍କରେ କୌଣସି ବିବରଣୀ, ଯେପରିକି ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର ବିବରଣୀର ରେକର୍ଡ ଉପଲବ୍ଧ ନଥିଲା ।

ଚ. ଦେୟ ତଥ୍ୟରୁ ଜଣାପଡ଼ିଥିଲା ଯେ ଏସ୍ଏଏମ୍ଟିରେ ନାମ ଲେଖାଇଥିବା ହିତାଧିକାରୀମାନେ ମଧ୍ୟ ଏକ ସମୟରେ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଭାବେ ନାମ ଲେଖାଇଥିଲେ । ହିତାଧିକାରୀମାନଙ୍କ ଦ୍ୱାରା ନାମଲେଖାର ଅଯୌକ୍ତିକ ଅନୁକ୍ରମୀକରଣର ଉଦାହରଣ ମଧ୍ୟ ଦେଖିବାକୁ ମିଳିଥିଲା, ଯେପରିକି ବିବିଏ ପାଠ୍ୟକ୍ରମ ଶେଷ କରିବା ପରେ ଏସଏଏମ୍ଟିରେ ମ୍ୟାନେଜ୍‌ମେଣ୍ଟ ପାଠ୍ୟକ୍ରମରେ ନାମ ଲେଖା ଦେଖିବାକୁ ମିଳିଥିଲା ।

ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ହିସାବରେ ସନ୍ଦେହଯୁକ୍ତ ପ୍ରବଞ୍ଚନାତ୍ମକ ଭାବରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା 3.38 କୋଟି ଟଙ୍କା ବିଷୟ ଧରା ପଡ଼ିବା ଓ ଉତ୍ତରଦାୟୀ କରାଯିବା ବିଷୟକୁ ଏଡାଇ ଯିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନକୁ 2022-23 ପରଠାରୁ ବନ୍ଦ କରାଯାଇଥିବାର ଆଶଙ୍କା ରହିଥିଲା ।

iii. ***ମେସର୍ସ ଗୁରୁକୁଳ ଇଞ୍ଜିନିୟରିଂ ସ୍କୁଲ ଏବଂ ମେସର୍ସ ଗୁରୁକୁଳ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି:*** ସମାନ ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ଏହି ଦୁଇ ସହଯୋଗୀ ଅନୁଷ୍ଠାନ ସେମାନଙ୍କର ଆଡମିଶନ ରେଜିଷ୍ଟର ଏବଂ ଅନ୍ୟାନ୍ୟ ମୌଳିକ ରେକର୍ଡ ଅଡିଟ୍ ପାଇଁ ଦାଖଲ

କରିନଥିଲେ । ମ୍ୟାନେଜମେଣ୍ଟ ଆନୁଷ୍ଠାନିକ ଲିଖିତ ପ୍ରତିକ୍ରିୟା ପ୍ରଦାନ କରିଥିଲା ଯେ ଏହି ରେକର୍ଡଗୁଡ଼ିକ ଜଣେ ପୂର୍ବତନ କର୍ମଚାରୀଙ୍କ ଦ୍ୱାରା ରଖାଯାଇଥିଲା, ଯିଏକି ଆଡମିଶନ ଦାୟିତ୍ୱରେ ଥିଲେ ଏବଂ ପରବର୍ତ୍ତୀ ସମୟରେ, ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଠକେଇ ଜରିଆରେ ଛାତ୍ରବୃତ୍ତି ଟଙ୍କା ଉଠାଇ ସଂଗଠନ ଛାଡ଼ି ପଳାଇଲେ ଏବଂ ତାଙ୍କ ବିରୋଧରେ ଚନ୍ଦକା ଥାନା, ଭୁବନେଶ୍ୱରରେ ଏତଲା ଦିଆଯାଇଥିଲା । କିନ୍ତୁ, ମ୍ୟାନେଜ୍‌ମେଣ୍ଟ ଉକ୍ତ ଏଫ୍‌ଆଇଆର୍‌ର ଏକ କପି ଅଡିଟ୍‌କୁ ଦେଇନଥିଲେ । ଚନ୍ଦକା ପୋଲିସ୍ ଷ୍ଟେସନର ଇନ୍‌ସ୍ପେକ୍ଟର ଇନଚାର୍ଜଙ୍କ ସହ ପ୍ରତିପ୍ରମାଣିତ କରିବା ପରେ ଅଡିଟ୍‌କୁ ଆନୁଷ୍ଠାନିକ ସୂଚନା ମିଳିଥିଲା ଯେ ପୂର୍ବତନ କର୍ମଚାରୀଙ୍କ ନାମରେ କୌଣସି ଏଫ୍‌ଆଇଆର୍ ଦାଖଲ କରାଯାଇ ନଥିଲା ।

ଆଡମିଶନ ରେଜିଷ୍ଟର ଉପଲବ୍ଧ ନଥିବାରୁ, ଅଡିଟ୍, ପେମେଣ୍ଟ ତଥ୍ୟ ଯାଞ୍ଚ କରି ଲକ୍ଷ୍ୟ କରିଥିଲେ ଯେ:

କ. ଏହି ଦୁଇଟି ଗୁରୁକୁଳ ଶିକ୍ଷାନୁଷ୍ଠାନରେ ଆର୍ଥିକ ବର୍ଷ 2017-18 ରୁ 2020-21 ପର୍ଯ୍ୟନ୍ତ 314 ଜଣ ହିତାଧିକାରୀଙ୍କୁ ମୋଟ 1.27 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଖ. 25 ଟି ମାମଲାରେ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଖାତାରେ ଅର୍ଥ ପ୍ରଦାନ କରାଯାଇଥିଲା, ଯାହା ଅନ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ବୋଲି ମଧ୍ୟ ରେକର୍ଡ କରାଯାଇଥିଲା । ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଦସ୍ତାବିଜ ପେଶ କରାଯାଇ ନଥିବାରୁ ଏବଂ ଡିଡବ୍ଲୁଓଙ୍କ ଦ୍ୱାରା ଆବେଦନଗୁଡ଼ିକ ଦାଖଲ କରାଯାଇ ନଥିବାରୁ ଅଡିଟ୍ ଏହି ସନ୍ଦେହଜନକ ଠକେଇ ମାମଲାରେ ପ୍ରକୃତ ବ୍ୟାଙ୍କ ଖାତାଧାରୀଙ୍କ ପରିଚୟ ନିଶ୍ଚିତ କରିବାରେ ଅସମର୍ଥ ହୋଇଥିଲା ।

ଗ. ଚାରୋଟି ମାମଲାରେ ଗୁରୁକୁଳ ଶିକ୍ଷାନୁଷ୍ଠାନର ହିତାଧିକାରୀ ଭାବରେ ନାମ ଲେଖାଯାଇଥିବା କହି ବୃତ୍ତି ପ୍ରଦାନ କରାଯାଇଥିବା ବେଳେ, ସେମାନଙ୍କୁ ସମାନ୍ତରାଳ ଭାବରେ ଅନ୍ୟ ଅନୁଷ୍ଠାନର ଛାତ୍ର ହିସାବରେ ପିଏମ୍‌ଏସ୍ ଅର୍ଥ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଅଯୋଗ୍ୟ ହିତାଧିକାରୀମାନଙ୍କୁ ସେମାନଙ୍କ ଛାତ୍ରୀଛାତ୍ର ବୋଲି ଦର୍ଶାଇ ଦୁଇଟି ଗୁରୁକୁଳ ଅନୁଷ୍ଠାନ ସେମାନଙ୍କୁ ପ୍ରଦାନ କରାଯାଇଥିବା ସନ୍ଦେହପୂର୍ଣ୍ଣ ପ୍ରବଞ୍ଚନାତ୍ମକ 1.27 କୋଟି ଟଙ୍କା ବିଷୟ ଧରାପଡିଯିବା ଏବଂ ଉତ୍ତରଦାୟୀ କରାଯିବା ବିଷୟକୁ ଏଡାଇଯିବା ପାଇଁ, ଅନୁଷ୍ଠାନ, ଆଡମିଶନ ରେକର୍ଡ ହଜିଯାଇଥିବାର ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବାର ଆଶଂକା ଥିଲା ।

iv. ***ମେସର୍ସ ମହାବୀର ଇଞ୍ଜିନିୟରିଂ କଲେଜ:*** ଏହି ଶିକ୍ଷାନୁଷ୍ଠାନ, ଖୋର୍ଦ୍ଧା ଡିଡବ୍ଲୁଓଙ୍କ ଦ୍ୱାରା ବାରମ୍ବାର ଅନୁରୋଧ ସତ୍ତ୍ୱେ ତା'ର କୌଣସି ମୂଳ ରେକର୍ଡ ଯଥା ଆଡମିଶନ ରେଜିଷ୍ଟର, ଉପସ୍ଥାନ ରେଜିଷ୍ଟର, ହଷ୍ଟେଲ ରେଜିଷ୍ଟର ଇତ୍ୟାଦିକୁ ଅଡିଟ୍‌କୁ ପ୍ରଦାନ କରିନଥିଲା ।

ଏହି ମୌଳିକ ରେକର୍ଡଗୁଡକର ଅନୁପସ୍ଥିତିରେ ଅଡିଟ୍ ଦେୟ ପ୍ରଦାନ ତଥ୍ୟ ଯାଞ୍ଚ କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ:

କ. ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ ଏହି ସଂସ୍ଥାରେ ନାମ ଲେଖାଇଥିବା 1,810 ଜଣ ହିତାଧିକାରୀଙ୍କୁ ମୋଟ 6.13 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଖ. 189 ଟି ମାମଲାରେ ହିତାଧିକାରୀଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ଅନ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବୋଲି ମଧ୍ୟ ରେକର୍ଡ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ଦସ୍ତାବିଜ ପ୍ରଦାନ ନକରିବା ଏବଂ ଡିଡବ୍ଲୁଓଙ୍କ ଦ୍ୱାରା ଆବେଦନ ପତ୍ର ଦାଖଲ ନ କରିବା କାରଣରୁ ଏହି ସନ୍ଦେହଜନକ ଠକେଇ ମାମଲାରେ ଅଡିଟ୍ ପ୍ରକୃତ ବ୍ୟାଙ୍କ ଖାତାଧାରୀଙ୍କ ପରିଚୟ ନିଶ୍ଚିତ କରିବାରେ ଅସମର୍ଥ ହୋଇଥିଲା ।

ଗ. 34 ଟି ମାମଲାରେ ମହାବୀର ଇଞ୍ଜିନିୟରିଂ କଲେଜର ଛାତ୍ରଛାତ୍ରୀ ଭାବେ ନାମ ଲେଖାଇଥିବା ଯେଉଁ ହିତାଧିକାରୀମାନଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା, ସେହି ହିତାଧିକାରୀମାନଙ୍କୁ ଏକ

ସମୟରେ ଅନ୍ୟ ଶିକ୍ଷାନୁଷ୍ଠାନର ନାମଲେଖା ହିତାଧିକାରୀ ଭାବେ ମଧ ପିଏମ୍ଏସ୍ ଅର୍ଥ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ସେମାନଙ୍କ ଛାତ୍ର ହିସାବରେ ଅଯୋଗ୍ୟ ହିତାଧିକାରୀଙ୍କୁ 6.13 କୋଟି ଟଙ୍କା ଜାଲିଆତି ଦେୟ କରିଥିବା ବିଷୟ ଧରା ପଡ଼ିଯିବା ଓ ଉତ୍ତରଦାୟୀ କରାଯିବାକୁ ଏଡ଼ାଇଯିବା ପାଇଁ ମେସର୍ସ ମହାବୀର ଇଞ୍ଜିନିୟରିଂ କଲେଜ ଜାଣିଶୁଣି ଏହାର କୌଣସି ମୂଳ ରେକର୍ଡ ପ୍ରଦାନ କରିନଥିବାର ଆଶଙ୍କା ଥିଲା ।

v. ***ମେସର୍ସ ମହାବୀର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି:*** ଶିକ୍ଷାନୁଷ୍ଠାନ, ଏହାର ଆଡମିଶନ ରେଜିଷ୍ଟରକୁ ସମ୍ପୂର୍ଣ୍ଣ ଏବଂ ଉପଯୁକ୍ତ ରୂପରେ ରକ୍ଷଣାବେକ୍ଷଣ କରିନଥିଲେ । ଫଳସ୍ୱରୂପ, ଅଡିଟ୍ ସୁନିଶ୍ଚିତ କରିପାରିନଥିଲା ଯେ ରେଜିଷ୍ଟରରେ କରାଯାଇଥିବା ଏଣ୍ଟ୍ରିଗୁଡ଼ିକ ସଠିକ୍ ଥିଲା ।

କୌଣସି ଉପଯୁକ୍ତ ଓ ସମ୍ପୂର୍ଣ୍ଣ ଆଡମିଶନ ରେଜିଷ୍ଟର ଅଭାବରେ ଅଡିଟ୍ ଦେୟ ପ୍ରଦାନ ତଥ୍ୟ ଯାଞ୍ଚ କରି ଲକ୍ଷ୍ୟ କରିଥିଲେ ଯେ:

କ. ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ 1,356 ଜଣ ହିତାଧିକାରୀଙ୍କୁ ସମୁଦାୟ 8.90 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଖ. 75 ଟି ମାମଲାରେ ହିତାଧିକାରୀଙ୍କ ଯେଉଁ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ଅନ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବୋଲି ମଧ ରେକର୍ଡ କରାଯାଇଥିଲା । ସଂସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ଦସ୍ତାବିଜ ପ୍ରଦାନ ନ କରିବା, ଏବଂ ଡିଡବ୍ଲୁଓ ଦ୍ୱାରା ଆବେଦନ ଦାଖଲ ନ କରିବା କାରଣରୁ ଏହି ସନ୍ଦେହଜନକ ଠକେଇ ମାମଲାରେ ଅଡିଟ୍ ପ୍ରକୃତ ବ୍ୟାଙ୍କ ଖାତାଧାରୀଙ୍କ ପରିଚୟ ନିଶ୍ଚିତ କରିବାରେ ଅସମର୍ଥ ହୋଇଥିଲା ।

ଗ. 19 ଟି ମାମଲାରେ ମହାବୀର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଛାତ୍ରଛାତ୍ରୀ ଭାବେ ନାମ ଲେଖାଇ ହିତାଧିକାରୀମାନଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲାବେଳେ, ସେହି ହିତାଧିକାରୀ ମାନଙ୍କୁ ଏକା ସମୟରେ ଅନ୍ୟ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ହିତାଧିକାରୀ ଭାବେ ମଧ ପିଏମ୍ଏସ୍ ଅର୍ଥ ପ୍ରଦାନ କରାଯାଇଥିଲା।।

ଅଡିଟ୍, ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଅଯୋଗ୍ୟ ହିତାଧିକାରୀଙ୍କୁ ଜାଲିଆତି ଅର୍ଥ ପ୍ରଦାନ କରିବା ନେଇ ସନ୍ଦେହ ସୃଷ୍ଟି ହେବ ବୋଲି ମେସର୍ସ ମହାବୀର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଦ୍ୱାରା, ଜାଣିଶୁଣି ଆବେଦନଗୁଡ଼ିକୁ ଯାଞ୍ଚ ନକରିବା ଏବଂ ଜାଣିଶୁଣି ଏହାର ଆଡମିଶନ ରେଜିଷ୍ଟରକୁ ଉପଯୁକ୍ତ ଫର୍ମରେ ନରଖିବାର ଆଶଙ୍କା କରାଯାଇଥିଲା ।

vi. ***ମେସର୍ସ ଶିବାନୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ:*** ଅଡିଟ୍, ଶିବାନୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନର ରେକର୍ଡ ଯାଞ୍ଚ କରି ଆଡମିଶନ ରେଜିଷ୍ଟର ଠିକ୍ ଭାବେ ରଖାଯାଇ ନଥିଲା ବୋଲି ଦେଖିଥିଲେ । ଅର୍ଥ ପ୍ରଦାନ ତଥ୍ୟରୁ ଅଡିଟ୍‌ରେ ଏଭଳି ଛାତ୍ରୀଛାତ୍ରଙ୍କ ବିଷୟରେ ସୂଚନା ମିଳିଥିଲା, ଯେଉଁମାନେ ଏହି ଅନୁଷ୍ଠାନରେ ନାମ ଲେଖାଇଥିବା ସଙ୍ଗେ ସଙ୍ଗେ ଏକ ସମୟରେ ଅନ୍ୟ ଡିଗ୍ରୀ କଲେଜରେ ମଧ ନାମ ଲେଖାଇଥିଲେ । ଏହି ଅନୁସନ୍ଧାନ ଫଳରେ ଏବଂ ହିତାଧିକାରୀଙ୍କ ପ୍ରକୃତ ସତ୍ୟାସତ୍ୟ ଅନୁଧାନ କରିବା ଉଦ୍ଦେଶ୍ୟରେ ଅଡିଟ୍‌ରେ 20 ଜଣ ହିତାଧିକାରୀଙ୍କ ସହିତ ଟେଲିଫୋନ୍ ଯୋଗେ ସାକ୍ଷାତକାର ନେଇଥିଲା, ଯେଉଁମାନଙ୍କ ଯୋଗାଯୋଗ ବିବରଣୀ ଖୋର୍ଦ୍ଧା ଡିଡବ୍ଲୁଓଙ୍କୁ ପ୍ରଦାନ କରିଥିବା ଆବେଦନ ଫର୍ମରେ ଉପଲବ୍ଧ ଥିଲା । ହିତାଧିକାରୀଙ୍କ ସହ ଆଲୋଚନାରୁ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ସେମାନେ ହୁଏତ ଉକ୍ତ ଅନୁଷ୍ଠାନରେ ଆଡମିଶନ ନେଇନଥିଲେ, ଅଥବା ଯେଉଁ ହିତାଧିକାରୀ ଆଡମିଶନ ନେଇଥିଲେ, ସଂସ୍ଥା ସେମାନଙ୍କ ତରଫରୁ ପିଏମ୍ଏସ୍ ପାଇଁ ଆବେଦନ କରିଥିଲା ଏବଂ ସେମାନଙ୍କ ଆକାଉଣ୍ଟର ପାସ୍ ବୁକ୍ ଏବଂ ଏଟିଏମ୍ କାର୍ଡ ରଖିଥିଲା । ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ ମେସର୍ସ ଶିବାନୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ

ଜାଣିଶୁଣି ଖୋର୍ଦ୍ଧା ଡିଡବ୍ଲୁଓଙ୍କ ନିକଟରେ ଦାଖଲ କରିଥିବା ଆବେଦନରେ ହେରଫେର କରିବା ଫଳରେ 10.91 ଲକ୍ଷ ଟଙ୍କାର ପ୍ରବଞ୍ଚନାତ୍ମକ ଦେୟ କରିଥିବା ସନ୍ଦେହ କରାଯାଇଥିଲା ।

***ସୁପାରିଶ 2.14.2:***
***ପିଏମ୍ଏସ୍ ପାଇଁ ଦରଖାସ୍ତ ପଠାଉଥିବା ଅନୁଷ୍ଠାନଗୁଡିକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ଆଡମିଶନ ରେଜିଷ୍ଟର ଗୁଡିକର ସଠିକ୍ ପ୍ରଚଳନ କରିଥିବା ବିଷୟକୁ ଏସ୍ଏସ୍‌ଡି ବିଭାଗ ନିଶ୍ଚିତ କରିପାରନ୍ତି ।***

## 2.14.7 ପିଏମ୍ଏସ୍ ଯୋଜନାର ହିତାଧିକାରୀଙ୍କ ପାଇଁ ଏସ୍‌ସିଭିଟିଆଣ୍ଡଟିଇ ଏବଂ ବିପିୟୁଟିର ପରୀକ୍ଷା ଫଳାଫଳର ଡାଟାବେସର ବିଶ୍ଳେଷଣରୁ ଅଡିଟ୍ ପର୍ଯ୍ୟବେକ୍ଷଣ

ଅଡିଟ୍ ଯଥାକ୍ରମେ ରାଜ୍ୟ ଧନ୍ଦାମୂଳକ ଏବଂ ବୈଷୟିକ ଶିକ୍ଷା (ଏସ୍‌ସିଭିଟି ଆଣ୍ଡ ଟିଇ) ଏବଂ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି[85] (ବିପିୟୁଟି) ରୁ ଖୋର୍ଦ୍ଧା ଜିଲ୍ଲାର ଡିପ୍ଲୋମା ପ୍ରତିଷ୍ଠାନ ଏବଂ ଇଞ୍ଜିନିୟରିଂ ପ୍ରତିଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ମାଗିଥିଲେ । ଉଦ୍ଦେଶ୍ୟ ଥିଲା ଯେ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ହିତାଧିକାରୀଙ୍କୁ ପିଏମ୍ଏସ୍ ପ୍ରଦାନ କରାଯାଇଛି ବୋଲି ନିଶ୍ଚିତ କରିବା, ଯାହାକି ହିତାଧିକାରୀମାନଙ୍କୁ ପର୍ଯ୍ୟାୟକ୍ରମେ ପରୀକ୍ଷା ପାଇଁ ପଞ୍ଜୀକୃତ କରିବାକୁ ପଡ଼ିବ ଏବଂ ଛାତ୍ରବୃତ୍ତିର କ୍ରମାଗତ ଦେୟ ପାଇବାକୁ ଯୋଗ୍ୟ ହେବା ପାଇଁ ସେମାନଙ୍କୁ ପାସ୍ କରିବାକୁ ପଡ଼ିବ । ଅଧିକନ୍ତୁ, ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ଅଭାବକୁ ଦୃଷ୍ଟିରେ ରଖି, ପ୍ରମୁଖ ଡକୁମେଣ୍ଟଗୁଡ଼ିକର ଯାଞ୍ଚ ଏବଂ ହିତାଧିକାରୀଙ୍କ ପ୍ରକୃତତା ଉପରେ ନିଶ୍ଚିତତା ଅଭାବ, ଯାହା ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଅସଲି ଛାତ୍ର ବୋଲି ଦର୍ଶାଯାଇଥିଲା, ଅଡିଟ୍ ଏହି ଦୃଷ୍ଟିକୋଣରୁ ଏହାର ସତ୍ୟତା ପାଇଁ ପରୀକ୍ଷା ଫଳାଫଳ ଡାଟାବେସ୍ ସହିତ ପ୍ରତିପରୀକ୍ଷା ଯାଞ୍ଚ ଆବଶ୍ୟକ ଥିଲା ବୋଲି ମତ ଦେଇଥିଲେ ।

### 2.14.7.1 ପରୀକ୍ଷା ପାଇଁ ନିଜକୁ ପଞ୍ଜୀକୃତ କରିନଥିବା କିମ୍ବା ଯେଉଁମାନଙ୍କର ପରୀକ୍ଷା ଫଳାଫଳରେ ସେମାନଙ୍କୁ 'ଅନୁପସ୍ଥିତ' ବୋଲି ଦର୍ଶାଇଥିଲା, ସେହି ହିତାଧିକାରୀମାନଙ୍କୁ ଅନିୟମିତ ପିଏମ୍ଏସ୍ ପ୍ରଦାନ ।

***(କ) ଡିପ୍ଲୋମା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ହିତାଧିକାରୀଙ୍କୁ ଅନିୟମିତ ଦେୟ***

ଅଡିଟ୍, ଆର୍ଥିକ ବର୍ଷ 2016-17 ରୁ 2020-21 ପର୍ଯ୍ୟନ୍ତ ଏସସିଭିଟି ଆଣ୍ଡ ଟିଇ, ଓଡ଼ିଶା ଦ୍ୱାରା ପରିଚାଳିତ ଡିପ୍ଲୋମା ପରୀକ୍ଷା ଫଳାଫଳ ଡାଟାବେସ୍ ବିଶ୍ଳେଷଣ କରିଥିଲା ଏବଂ ଏସ୍ଏସ୍‌ଡି ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ପିଏମ୍ଏସ୍ ଦେୟ ତଥ୍ୟ ସହିତ କ୍ରସ୍ ଯାଞ୍ଚ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ:

- 38 ଟି ଅନୁଷ୍ଠାନର ମୋଟ 5,660 ଛାତ୍ରଙ୍କୁ 2016-17 ରୁ 2020-21 ଅବଧିରେ ଅନିୟମିତତା ଭାବରେ 1,803 କୋଟି ଟଙ୍କା ପିଏମ୍ଏସ୍ ପ୍ରଦାନ କରାଯାଇଥିଲା, ଯଦିଓ ଉକ୍ତ ଅବଧି ମଧ୍ୟରେ ସେମିଷ୍ଟାର ପରକ୍ଷା ଫଳାଫଳରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ ନଥିଲା । ଏହିପରି ହିତାଧିକାରୀମାନଙ୍କର ଏକ ଦୃଷ୍ଟାନ୍ତମୂଳକ ତାଲିକା ***ପରିଶିଷ୍ଟ 2.14.5*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।
- 10 ଟି ଅନୁଷ୍ଠାନର ଅନ୍ୟ 115 ଜଣ ଛାତ୍ରଙ୍କୁ ତିନି ବର୍ଷର ସମ୍ପୂର୍ଣ୍ଣ ପାଠ୍ୟକ୍ରମର ଅବଧି ପାଇଁ 1.06 କୋଟି ଟଙ୍କା ପିଏମ୍ଏସ୍ ପ୍ରଦାନ କରାଯାଇଥିଲା, ଯଦିଓ ସେମାନେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ କେବଳ ଗୋଟିଏ ସେମିଷ୍ଟାର ପରୀକ୍ଷା ପାଇଁ ହାଜର ହୋଇଥିଲେ । ଏହା ସୂଚାଉଥିଲା ଯେ ପିଏମ୍ଏସ୍ ଜାରି ରଖିବା ପାଇଁ ପର୍ଯ୍ୟାୟ ପରୀକ୍ଷାରେ ପାଶ୍ କରିବାର ଆବଶ୍ୟକତା

---

[85] ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି, ରାଉରକେଲା, ରାଜ୍ୟର ସମସ୍ତ ଇଞ୍ଜିନିୟରିଂ କଲେଜର ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଏବଂ ଇଞ୍ଜିନିୟରିଂ କଲେଜ ଗୁଡିକର ଛାତ୍ରୀଛାତ୍ରମାନଙ୍କ ପାଇଁ ପରୀକ୍ଷା ପରିଚାଳନା ଓ ଫଳାଫଳ ଘୋଷଣା ପାଇଁ ଉତ୍ତରଦାୟୀ

ସତ୍ତ୍ୱେ ଏହି ହିତାଧିକାରୀମାନେ ସେଥିପାଇଁ ପଞ୍ଜୀକୃତ କରିନଥିଲେ । ଏହିପରି ହିତାଧିକାରୀମାନଙ୍କର ଏକ ଦୃଷ୍ଟାନ୍ତମୂଳକ ତାଲିକା ***ପରିଶିଷ୍ଟ 2.14.6*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା 13 ଟି ଅନୁଷ୍ଠାନ ମଧ୍ୟରୁ 10 ଟି ଅନୁଷ୍ଠାନ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରିଥିଲେ । ଏହି 10 ଟି ମଧ୍ୟରୁ ସାତଟି ଅନୁଷ୍ଠାନ ପିଏମ୍ଏସ୍ ପ୍ରଦାନ କରାଯାଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କର ଆଡମିଶନ ରେଜିଷ୍ଟର ଏବଂ ଅନ୍ୟାନ୍ୟ ପରିଚୟପତ୍ରର ରକ୍ଷଣାବେକ୍ଷଣ କରିନଥିଲେ ।

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କଲେ ଯେ ଉପରୋକ୍ତ 10 ଟି ପରୀକ୍ଷା ଯାଞ୍ଚ ଅନୁଷ୍ଠାନର ସଂପୃକ୍ତ 2,737 ଜଣ ଛାତ୍ରୀଛାତ୍ର ସେମିଷ୍ଟାର ପରୀକ୍ଷାରେ ଯୋଗଦେବା ପାଇଁ ପଞ୍ଜୀକୃତ ହୋଇନଥିଲେ ମଧ୍ୟ, 2017-18 ରୁ 2020-21 ମଧ୍ୟରେ ସେମାନଙ୍କୁ 9 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନଗୁଡ଼ିକ ପଞ୍ଜୀକରଣକୁ (ଆଡମିଟ୍ କାର୍ଡ ନମ୍ବର ଇତ୍ୟାଦି) କିମ୍ବା ସେମାନଙ୍କର ପରୀକ୍ଷା ଫଳାଫଳ (ମାର୍କ ସିଟ୍ ଇତ୍ୟାଦି) ସପକ୍ଷରେ ଡକ୍ୟୁମେଣ୍ଟ ପ୍ରଦାନ କରିବାରେ ଅସମର୍ଥ ଥିଲେ । ଅନୁଷ୍ଠାନଗୁଡ଼ିକ ଦ୍ୱାରା ଏହିପରି ମୌଳିକ ମୂଳ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ନହେବା କାରଣ ଗୁଡ଼ିକ, ରେକର୍ଡଭୁକ୍ତ ହୋଇନଥିଲା । ଏହିପରି ମୌଳିକ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଆବଶ୍ୟକ ଥିଲା, ବିଶେଷତଃ ଯେତେବେଳେ ଅନୁଷ୍ଠାନଗୁଡ଼ିକ ଜାଣିଥିଲେ ଯେ ପିଏମ୍ଏସ୍ ଯୋଜନା ମାର୍ଗଦର୍ଶିକାର ଅନୁପାଳନ ବିଷୟକୁ ନିଶ୍ଚିତ କରିବା ପାଇଁ ଏହି ରେକର୍ଡଗୁଡ଼ିକ ଆବଶ୍ୟକ ଥିଲା ।

### *(ଖ) ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ହିତାଧିକାରୀଙ୍କୁ ଅନିୟମିତ ଦେୟ*

ଆର୍ଥିକ ବର୍ଷ 2016-17 ରୁ 2020-21 ପାଇଁ, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଇଞ୍ଜିନିୟରିଂ ପ୍ରତିଷ୍ଠାନଗୁଡ଼ିକର ପରୀକ୍ଷା ଫଳାଫଳ ପ୍ରଦାନ କରିବାକୁ ଅଡିଟ୍ ବିପିୟୁଟିକୁ ଅନୁରୋଧ କରିଥିଲା । ଅବଶ୍ୟ, ବିପିୟୁଟି ଛାତ୍ରୀଛାତ୍ରମାନଙ୍କ ସେମିଷ୍ଟାର ଅନୁଯାୟୀ ପରୀକ୍ଷା ଫଳାଫଳକୁ ଅସମ୍ପୂର୍ଣ୍ଣ ଆକାରରେ ପ୍ରଦାନ କରିଥିଲା, ଯେପରିକି ସେମାନଙ୍କ ମାତାପିତାଙ୍କ ନାମ ଏବଂ ଜନ୍ମ ତାରିଖ ଭଳି ପ୍ରମୁଖ ବିବରଣୀ ପ୍ରଦାନ କରିନଥିଲା । ଏହି ପ୍ରମୁଖ ବିବରଣୀଗୁଡ଼ିକର ଅନୁପସ୍ଥିତିରେ, ଅଡିଟ୍ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରିବାରେ ଏବଂ ତାପରେ ଏସ୍ଏସ୍ଡି ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ପିଏମ୍ଏସ୍ ଦେୟ ଡାଟାବେସରେ ହିତାଧିକାରୀ ବିବରଣୀ ସହିତ ମେଳ କରିବାରେ ଅସମର୍ଥ ହୋଇଥିଲା ।

ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା 13 ଟି ଅନୁଷ୍ଠାନ ମଧ୍ୟରୁ ଚାରିଟି ଅନୁଷ୍ଠାନ ଇଞ୍ଜିନିୟରିଂ ପାଠ୍ୟକ୍ରମ ପ୍ରଦାନ କରିଥିଲେ । ଏହି ଚାରିଟି ମଧ୍ୟରୁ ତିନିଟି ଅନୁଷ୍ଠାନ ଆଡମିଶନ ରେଜିଷ୍ଟର ପ୍ରଚଳନ କରିଥିବା ବେଳେ ଗୋଟିଏ ଅନୁଷ୍ଠାନ ଅର୍ଥାତ୍ ମହାବୀର ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ପିଏମ୍ଏସ୍ ପ୍ରଦାନ କରାଯାଇଥିବା ସମସ୍ତ ନାମଲେଖା ଛାତ୍ରୀଛାତ୍ରଙ୍କ ଆଡମିଶନ ରେଜିଷ୍ଟର ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ରକ୍ଷଣାବେକ୍ଷଣ କରିନଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଏହି ଚାରିଟି ପରୀକ୍ଷା ଯାଞ୍ଚ ଅନୁଷ୍ଠାନର 3,328 ଜଣ ଛାତ୍ରୀଛାତ୍ରଙ୍କୁ ସେମିଷ୍ଟାର ପରୀକ୍ଷାରେ ଯୋଗଦେବା ପାଇଁ ପଞ୍ଜୀକୃତ ନକରି 2017-18 ରୁ 2020-21 ମଧ୍ୟରେ 26.58 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ପରୀକ୍ଷା ପଞ୍ଜୀକରଣ (ଆଡମିଟ୍ କାର୍ଡ ନମ୍ବର ଇତ୍ୟାଦି) କିମ୍ବା ଏହି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳାଫଳ, (ମାର୍କ ସିଟ୍ ଇତ୍ୟାଦି) ସପକ୍ଷରେ ଅନୁଷ୍ଠାନଗୁଡ଼ିକ ଡକୁମେଣ୍ଟ ପ୍ରଦାନ କରିବାରେ ଅସମର୍ଥ ହୋଇଥିଲେ । ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଏହିପରି ମୌଳିକ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ନହେବା କାରଣଗୁଡ଼ିକ ରେକର୍ଡଗୁଡ଼ିକରେ ଉପଲବ୍ଧ ନଥିଲା । ଏହିପରି ମୌଳିକ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଆବଶ୍ୟକ ଥିଲା, ବିଶେଷତଃ ଯେତେବେଳେ ଅନୁଷ୍ଠାନମାନେ ଜାଣିଥିଲେ ଯେ ପିଏମ୍ଏସ୍ ଯୋଜନା ମାର୍ଗଦର୍ଶିକାର ଅନୁପାଳନ କରାଯାଇଛି ବୋଲି ନିଶ୍ଚିତ କରିବା ପାଇଁ ଏହି ରୋକର୍ଡଗୁଡ଼ିକ ଆବଶ୍ୟକ ଥିଲା ।

### *2.14.7.2 ବିଭିନ୍ନ ବର୍ଷରେ ବିଭିନ୍ନ ଅନୁଷ୍ଠାନରେ ଡିପ୍ଲୋମା ପାଠ୍ୟକ୍ରମରେ ଏକାଧିକ ଥର ନାମ ଲେଖାଇଥିବା ହିତାଧିକାରୀଙ୍କୁ ଅନିୟମିତ ପିଏମ୍ଏସ୍ ପ୍ରଦାନ: 3.15 କୋଟି ଟଙ୍କା*

ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ଅଡିଟ୍, ଏସ୍ସିଭିଟି ଆଣ୍ଡ ଟିଇ, ଓଡ଼ିଶା ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ଡିପ୍ଲୋମା ପରୀକ୍ଷା ଫଳାଫଳ ଡାଟାବେସ୍ ବିଶ୍ଳେଷଣ କରିଥିଲା ଏବଂ ଏସ୍ଏସ୍ଡି ବିଭାଗ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଦେୟ ତଥ୍ୟ ସହିତ ପୁନର୍ବାର ମେଳ କରାଇଥିଲା ।

ଅଡିଟ୍, 2016-17 ରୁ 2020-21 ମଧ୍ୟରେ 262 ହିତାଧିକାରୀଙ୍କୁ ଚିହ୍ନଟ କରିଥିଲା, ଯେଉଁମାନଙ୍କୁ ଛାତ୍ରବୃତ୍ତି ପାଇଁ 3.15 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, କିନ୍ତୁ ସେମାନେ ବିଭିନ୍ନ ବର୍ଷରେ ବିଭିନ୍ନ ଅନୁଷ୍ଠାନରେ ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇଥିବା ଜଣାଯାଇଥିଲା । ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ଯେ ଏହି 262 ହିତାଧିକାରୀଙ୍କ ମଧ୍ୟରୁ 76 ଜଣ ଏକ କିମ୍ବା ଅଧିକ ଅନୁଷ୍ଠାନରେ ସେମାନଙ୍କର ପରୀକ୍ଷା ପାସ୍ କରିବାରେ ବିଫଳ ହୋଇଥିଲେ, ଯେଉଁଥିରେ ସେମାନେ ଛାତ୍ରୀଛାତ୍ର ଭାବରେ ନାମ ଲେଖାଇଥିଲେ । ଏହିପରି ହିତାଧିକାରୀମାନଙ୍କର ଏକ ଦୃଷ୍ଟାନ୍ତମୂଳକ ତାଲିକା ***ପରିଶିଷ୍ଟ 2.14.7*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଅଡିଟ୍ ଦ୍ୱାରା ଦେଖାଗଲା ଯେ ଖୋର୍ଦ୍ଧାରେ ଅବସ୍ଥିତ 36 ଟି ଅନୁଷ୍ଠାନ ଦ୍ୱାରା ପୂର୍ବରୁ ପିଏମ୍ଏସ୍ ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ପାଇଁ ଆବେଦନ ଫର୍ମ, ଡ଼ିଡବ୍ଲୁଙ୍କ ନିକଟକୁ ପଠାଯାଇଥିଲା ଏବଂ ଡିଡବ୍ଲୁଓ ଅନିୟମିତ ଭାବରେ ପିଏମ୍ଏସ୍ ପାଇଁ ଏହିପରି ହିତାଧିକାରୀଙ୍କୁ ମଞ୍ଜୁରୀ ପ୍ରଦାନ କରିଥିଲେ, ଯଦିଓ ପ୍ରେରଣା ସଫ୍ଟୱେୟାର ମାଧ୍ୟମରେ ପୂର୍ବ ଛାତ୍ରବୃତ୍ତି ଦେୟର ସ୍ଥିତି ଯାଞ୍ଚ କରିବାକୁ ବ୍ୟବସ୍ଥା ଥିଲା । ଏହି ଆବେଦନଗୁଡ଼ିକୁ ଅନୁମୋଦନ ପୂର୍ବରୁ ଏହି ବ୍ୟବସ୍ଥାର ଉପଯୋଗ କରାଯାଇନଥିଲା ଏବଂ ଫଳସ୍ୱରୂପ, 262 ହିତାଧିକାରୀଙ୍କୁ ଅନିୟମିତ ଭାବରେ 3.15 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ।

### ***2.14.7.3 ସମାନ ବର୍ଷ ପାଇଁ ହିତାଧିକାରୀଙ୍କୁ ଅନିୟମିତ ଭାବରେ ଦୁଇ ଥର ପିଏମ୍ଏସ୍ ପ୍ରଦାନ: 74.66 ଲକ୍ଷ ଟଙ୍କା***

ଅଡିଟ୍, ପ୍ରେରଣା ଏବଂ ଓଏସ୍ଏସ୍ପି ଡାଟାବେସ୍ ବିଶ୍ଳେଷଣ କରିଥିଲେ ଏବଂ ସେଥିରେ ଥିବା ତଥ୍ୟକୁ ରକ୍ଷଣାବେକ୍ଷଣ ହେଉଥିବା ଶିକ୍ଷାବର୍ଷ, ଛାତ୍ରୀଛାତ୍ରନାମ, ଜାତି, ମାଟ୍ରିକ ରୋଲ ନମ୍ବର ଏବଂ ଅନୁଷ୍ଠାନ ନାମ ଆଦି ପାରାମିଟର ଆଧାରରେ ଏସ୍ଏସ୍ଡି ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ପେମେଣ୍ଟ ଡାଟାବେସ୍ ସହ ପୁନଃ ଯାଞ୍ଚ କରିଥିଲେ । ଏହାଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଅବସ୍ଥିତ 65 ଟି ଅନୁଷ୍ଠାନର 167 ଜଣ ଛାତ୍ର ଚିହ୍ନଟ ହୋଇଥିଲେ, ଯେଉଁମାନଙ୍କୁ 2017-18 ରୁ 2019-20 ପର୍ଯ୍ୟନ୍ତ ଗୋଟିଏ ଶିକ୍ଷାବର୍ଷରେ ଏକାଧିକ ଥର ଅନିୟମିତ ଭାବରେ ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ଏହି ଅନିୟମିତ ଏକାଧିକ ଦେୟ ପ୍ରଦାନର ପରିମାଣ 74.66 ଲକ୍ଷ ଟଙ୍କା ଥିଲା । ସମାନ ଶିକ୍ଷା ବର୍ଷରେ ହିତାଧିକାରୀମାନଙ୍କୁ ଏକାଧିକ ଦେୟ ପ୍ରଦାନର ଏକ ବିସ୍ତୃତ ବିବରଣୀ ***ପରିଶିଷ୍ଟ 2.14.8*** ରେ ଦର୍ଶାଯାଇଛି ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଉପଯୁକ୍ତ ପ୍ରଥମ ସ୍ତରର ଯାଞ୍ଚ ବିନା, ଅନୁଷ୍ଠାନଗୁଡ଼ିକ ପ୍ରତିରୂପ ଆବେଦନଗୁଡିକୁ ମଞ୍ଜୁର ପାଇଁ ପଠାଇଥିଲେ ଏବଂ ଡିଡବ୍ଲୁଓ ମଧ୍ୟ ଆବଶ୍ୟକୀୟ ତତ୍ପରତା ପ୍ରକାଶ ବିନା ଏହି ପ୍ରତିରୂପ ଆବେଦନଗୁଡିକୁ ଅନୁମୋଦନ କରିଥିଲେ ।

### **2.14.8 ସଂସ୍ଥାଗୁଡ଼ିକ ଦ୍ୱାରା ଆଡମିଶନ ରେଜିଷ୍ଟରର ରକ୍ଷଣାବେକ୍ଷଣ ନହେବା ହେତୁ ମୁଖ୍ୟ ନିୟନ୍ତ୍ରଣ ବିଫଳତା**

ଆଡମିଶନ ରେଜଷ୍ଟର ହେଉଛି ଶିକ୍ଷାନୁଷ୍ଠାନର ଏକ ପ୍ରାଥମିକ ରେକର୍ଡ ଏବଂ ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ରେଫରେନ୍ସ ପାଇଁ ସ୍ଥାୟୀ ଭାବରେ ଏହାର ରକ୍ଷଣାବେକ୍ଷଣ ଆବଶ୍ୟକ[86] ଅଟେ । ଅଡିଟ୍ ମନୋନୀତ 13 ଟି ଅନୁଷ୍ଠାନର ଆଡମିଶନ ରେଜିଷ୍ଟର ପରୀକ୍ଷା କରିବାକୁ ମାଗିଲେ ଏବଂ ଲକ୍ଷ୍ୟ କଲେ ଯେ ଚାରିଟି ଅନୁଷ୍ଠାନ (ମେସର୍ସ ଗୁରୁକୁଳ ଇଞ୍ଜିନିୟରିଂ ସ୍କୁଲ, ମେସର୍ସ ଗୁରୁକୁଳ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମେସର୍ସ ମହାବୀର ଇଞ୍ଜିନିୟରିଂ କଲେଜ ଏବଂ ମେସର୍ସ ସୁବାଶ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି) ଆଡମିଶନ ରେଜିଷ୍ଟର ରକ୍ଷଣାବେକ୍ଷଣ କରିନଥିବା/ ପ୍ରଦାନ କରିନଥିବା ବେଳେ ଚାରିଟି ଅନୁଷ୍ଠାନ (ମେସର୍ସ ଟେକ୍ନୋ ସ୍କୁଲ୍, ମେସର୍ସ ମହାବୀର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ମେସର୍ସ ମହାରାଜା ପଲିଟେକ୍ନିକ୍ ଏବଂ ମେସର୍ସ ଶିବାନୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ) ଆଡମିଶନ ରେଜିଷ୍ଟରର ଉପଯୁକ୍ତ ଫର୍ମରେ ରଖିନଥିଲେ ।

---

86 ସାଧାରଣ ସର୍ତ୍ତ ଭାବରେ ଆଡମିଶନ ରେଜିଷ୍ଟରର ରକ୍ଷଣାବେକ୍ଷଣର ଆବଶ୍ୟକତା, ଏସ୍ସିଭିଟି ଆଣ୍ଡ ଟିଇ, ଓଡ଼ିଶାର ଆଫିଲିଏସନ୍ ବାଇ-ଲ 4.1 (xiii) ରେ ନିର୍ଦ୍ଦିଷ୍ଟ କରାଯାଇଛି । ଆଡମିଶନ ରେଜିଷ୍ଟରର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକତା, ଏକ ଜରୁରୀ ସର୍ତ୍ତ ଭାବରେ, ରାଉରକେଲା ବିପିୟୁଟିର ଆଇନ୍ 44 ରେ ନିର୍ଦ୍ଦିଷ୍ଟ କରାଯାଇଛି

ଆଡମିଶନ ତାରିଖ, ଜାତି, ଅଭିଭାବକଙ୍କ ନାମ, ଅଭିଭାବକଙ୍କ ବୃତ୍ତି, ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ସ୍ଥାୟୀ ଠିକଣା, ପାଠ ପଢ଼ିଥିବା ଶେଷ ବିଦ୍ୟାଳୟ/ କଲେଜ (ଦଶମ ଶ୍ରେଣୀ ଏବଂ ଯୁକ୍ତ 2 ବିବରଣୀ), ସ୍ଥାନାନ୍ତର ପ୍ରମାଣପତ୍ର ନମ୍ବର ଏବଂ ବିବରଣୀ, ଛାତ୍ରୀଛାତ୍ରମାନଙ୍କ ଫଟୋଗ୍ରାଫ୍ ଏବଂ ଏଣ୍ଟ୍ରିଗୁଡ଼ିକ ବିପକ୍ଷରେ ସଂପୃକ୍ତ ପ୍ରିନ୍ସିପାଲଙ୍କ ଦସ୍ତଖତ ଭଳି ପ୍ରାଥମିକ ବିବରଣୀ ଗୁଡିକ ଆଡମିଶନ ରେଜିଷ୍ଟରରେ ଉପଲବ୍ଧ ନଥିଲା ।

ଆଡମିଶନ ରେଜିଷ୍ଟରଗୁଡିକ ମଧ୍ୟ ସମୟ ବ୍ୟବଧାନରେ କଲ୍ୟାଣ ସଂପ୍ରସାରଣ ଅଧିକାରୀ, ସହକାରୀ ଡିଡବ୍ଲୁଓ କିମ୍ବା ଡିଡବ୍ଲୁଓଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା ।

ବିଶେଷ କରି ପିଏମ୍ଏସ୍ ଯୋଜନା କାର୍ଯ୍ୟକାରୀ କରିବା ଦୃଷ୍ଟିକୋଣରୁ ଆଡମିଶନ ରେଜିଷ୍ଟରଗୁଡ଼ିକର ଅଣ-ରକ୍ଷଣାବେକ୍ଷଣ ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ବିଫଳତା ଥିଲା । ପ୍ରତ୍ୟେକ ଅନୁଷ୍ଠାନରେ ନାମ ଲେଖାଇଥିବା ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରମାନଙ୍କର ଏକ ସ୍ୱଷ୍ଟ ପରିଭାଷିତ ସେଟ୍‌ର ଅନୁପସ୍ଥିତିରେ, ଅନୁଷ୍ଠାନଗୁଡିକ ଦ୍ୱାରା ପଠାଯାଇଥିବା ଆବେଦନ ସଂଖ୍ୟା ସହିତ ଏହାର ପୁନଃ ଯାଞ୍ଚ ସମ୍ଭବ ନଥିଲା, ଯାହାଫଳରେ, ଅନୁଷ୍ଠାନର ପ୍ରକୃତ ବା ଅସଲି ଛାତ୍ରୀଛାତ୍ର ନଥିବା ଜାଲ୍ ହିତାଧିକାରୀଙ୍କ ଆବେଦନକଗୁଡିକ ଏଡାଇଯିବାର ସୁଯୋଗ ନଥିଲା । ଏହି ଅସ୍ୱଷ୍ଟ ଅବସ୍ଥା ଜାତି ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ର ତିଆରି କରିବାରେ ସହଜ କରିଥିଲା, ଯାହା ଏହି ଅନୁଷ୍ଠାନଗୁଡ଼ିକ ଦ୍ୱାରା ପଠାଯାଇଥିଲା ଏବଂ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ସେଗୁଡିକୁ ଗୁରୁତର ଅନିୟମିତତା ଭାବେ ଗ୍ରହଣ କରାଯାଇଥିଲା ।

***ସୁପାରିଶ 2.14.3:***

***ଉପଯୁକ୍ତ ଛାତ୍ରୀଛାତ୍ର ହୋଇନଥିବା ହିତାଧିକାରୀମାନଙ୍କ ନାମରେ ଅନିୟମିତ ଭାବରେ ପିଏମ୍ଏସ୍ ପ୍ରାପ୍ତ କରିବା ପାଇଁ ପରିଚୟ କାଗଜପତ୍ର ଓ ଦରଖାସ୍ତଗୁଡିକର ବ୍ୟବହାର କରୁଥିବା ଅନୁଷ୍ଠାନଗୁଡିକୁ ଏସ୍ଏସ୍‌ଡି ବିଭାଗ ଚିହ୍ନଟ କରିପାରନ୍ତି ।***

***ସୁପାରିଶ 2.14.4:***

***ସମାନ ଛାତ୍ରୀଛାତ୍ରମାନଙ୍କ ପାଇଁ ସମାନ ବର୍ଷରେ ଏବଂ ସମାନ ପାଠ୍ୟକ୍ରମରେ ନକଲି/ ଏକାଧିକ ଆବେଦନ ଗୁଡିକୁ ଚିହ୍ନଟ କରିବା ପାଇଁ ଏସ୍ଏସ୍‌ଡି ବିଭାଗ ସଫ୍ଟୱ୍ୟାରରେ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିପାରନ୍ତି ।***

### 2.14.9 ପ୍ରମୁଖ ନିୟନ୍ତ୍ରଣ ବିଫଳତା-ଡିଡବ୍ଲୁଓ ଏବଂ ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଅନୁଷ୍ଠାନଗୁଡ଼ିକର ନିୟମିତ ଯାଞ୍ଚର ଅନୁପସ୍ଥିତ

ପିଏମ୍ଏସ୍ ଯୋଜନା ମାର୍ଗଦର୍ଶିକାରେ ଦର୍ଶାଯାଇଛି ଯେ ରାଜ୍ୟ ସରକାର କିମ୍ବା ଜିଲ୍ଲା କଲେକ୍ଟର, ଗ୍ରୁପ୍ 'ଏ' ଅଧିକାରୀମାନଙ୍କୁ, ବର୍ଷକ ମଧ୍ୟରେ ବିଶେଷକରି ଆଡମିଶନ ବନ୍ଦ ହେବା ମଧ୍ୟରେ ସମସ୍ତ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଯାଞ୍ଚ କରିବା ପାଇଁ ମନୋନୀତ କରିବେ । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ, ଭାରତ ସରକାର ସଂଶୋଧିତ ନିର୍ଦ୍ଦେଶାବଳୀ (ମଇ 2018) ରାଜ୍ୟ ସରକାରଙ୍କୁ ପ୍ରେରଣ କରିଥିଲେ, ଯେଉଁଥିରେ ଜିଲ୍ଲା କଲେକ୍ଟର ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ଯାଞ୍ଚ କରିବା ପାଇଁ ଅଧିକାରୀମାନଙ୍କୁ ମନୋନୀତ କରିବା ଉଲ୍ଲେଖ ଥିଲା । ଏହା ସହ ଜିଲ୍ଲା ସ୍ତରୀୟ କମିଟି ଗଠନ, ସମସ୍ତ ବେସରକାରୀ ଅନୁଷ୍ଠାନର ଯାଞ୍ଚ କରିବା, ପିଏମ୍ଏସ୍ ଅନୁମୋଦନ ପୂର୍ବରୁ ଛାତ୍ରବୃତ୍ତି ଆବେଦନକାରୀଙ୍କ ପ୍ରକୃତତା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ଅନୁସରଣ କରି ଏସ୍ଏସ୍‌ଡି ବିଭାଗ ଏହିପରି ଯାଞ୍ଚ ଉଦ୍ଦେଶ୍ୟରେ ଜିଲ୍ଲା କମିଟିର ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ (ଅଗଷ୍ଟ 2018) ।

ମାର୍ଗଦର୍ଶିକା ଅନୁଯାୟୀ, ଡିଏଲ୍‌ସି, ଡିଡବ୍ଲୁଓ, ସତନ୍ତ୍ର ଅଧିକାରୀ, ସଂପୃକ୍ତ ବ୍ଲକର ଡବ୍ଲୁଇଓ, ସରକାରୀ ଇଞ୍ଜିନିୟରିଂ କଲେଜ/ ଡିପ୍ଲୋମା କଲେଜ/ ଆଇଟିଆଇ/ +2 କଲେଜ/ ଡିଗ୍ରୀ କଲେଜର ପ୍ରିନ୍ସିପାଲ/ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତିନିଧି ଏବଂ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ମନୋନୀତ ଅନ୍ୟ କୌଣସି ଅଧିକାରୀଙ୍କୁ ନେଇ ଗଠିତ ହେବ । ଆବେଦନକାରୀଙ୍କ ପ୍ରକୃତତା ଯାଞ୍ଚ କରିବାକୁ ଡିଏଲ୍‌ସି ସମସ୍ତ ବେସରକାରୀ ଅନୁଷ୍ଠାନ ଏବଂ ଆଡମିଶନ/ ହଷ୍ଟେଲ/ ଉପସ୍ଥାନ ରେଜିଷ୍ଟର ଯାଞ୍ଚ କରିବାର ଥିଲା । ଯାଞ୍ଚ ରିପୋର୍ଟଗୁଡ଼ିକ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ

କରାଯିବା ଏବଂ ଅନ୍‌ଲାଇନ୍ ଆବେଦନଗୁଡ଼ିକର ଅନୁମୋଦନ ପୂର୍ବରୁ ରେଫରେନ୍ସ ପାଇଁ ଡିଡବ୍ଲୁଓଙ୍କ କାର୍ଯ୍ୟାଳୟରେ ରକ୍ଷଣାବେକ୍ଷଣ କରିବାର ଥିଲା।

ଡିଡବ୍ଲୁଓ, ଖୋର୍ଦ୍ଧା ଜିଲ୍ଲା ପାଇଁ ଜିଲ୍ଲା ସ୍ତରୀୟ କମିଟି ଗଠନର ପ୍ରମାଣ ପ୍ରଦାନ କରିବାରେ ସକ୍ଷମ ହୋଇନଥିଲା। ଡିଡବ୍ଲୁଓ, ଆର୍ଥିକ ବର୍ଷ 2018-19 ମଧ୍ୟରେ ଜିଲ୍ଲାର 545 ବେସରକାରୀ ଅନୁଷ୍ଠାନ ମଧ୍ୟରୁ କେବଳ 63 ଟି ଅନୁଷ୍ଠାନର (12 ପ୍ରତିଶତ) ଯାଞ୍ଚ ରିପୋର୍ଟ ରକ୍ଷଣାବେକ୍ଷଣ କରିପାରିଥିଲେ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଆର୍ଥିକ ବର୍ଷ 2018-19 ରେ ପ୍ରାୟ 482 (88 ପ୍ରତିଶତ) ଅନୁଷ୍ଠାନ ଡିଡବ୍ଲୁଓ, ଖୋର୍ଦ୍ଧାଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା ଏବଂ ଆର୍ଥିକ ବର୍ଷ 2019-20 ଓ 2020-21 ପାଇଁ 100 ପ୍ରତିଶତ ଅନୁଷ୍ଠାନ ଯାଞ୍ଚ କରାଯାଇ ନଥିଲା। ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ, ଅଡିଟ୍ ଦ୍ୱାରା ବିବେଚନା ଭିତ୍ତିରେ ମନୋନୀତ 13 ଟି ଅନୁଷ୍ଠାନ ମଧ୍ୟରୁ କୌଣସିଟି ଯାଞ୍ଚ କରାଯାଇ ନଥିଲା।

ଉପରୋକ୍ତ ତାଲିକାଭୁକ୍ତ ଗୁରୁତର ଏବଂ ଗମ୍ଭୀର ଅନିୟମିତତା, ଯେପରିକି ସ୍ଥିତିହୀନ ହିତାଧିକାରୀଙ୍କୁ ଦେୟ ପ୍ରଦାନ, ହିତାଧିକାରୀଙ୍କୁ ଦୁଇ ଥର ଦେୟ ପ୍ରଦାନ, ସମାନ ବ୍ୟାଙ୍କ ଆକାଉଣ୍ଟ ନମ୍ବର ବିରୋଧରେ ଏକାଧିକ ହିତାଧିକାରୀଙ୍କୁ ଦେୟ ପ୍ରଦାନ, ପର୍ଯ୍ୟାୟକ୍ରମେ ପରୀକ୍ଷା ପାଇଁ ନିଜକୁ ପଞ୍ଜୀକୃତ କରିନଥିବା ହିତାଧିକାରୀଙ୍କୁ ଦେୟ ପ୍ରଦାନ, ଶ୍ରେଣୀରେ ଉପସ୍ଥିତ ନଥାଇ ମଧ୍ୟ ପୂର୍ଣ୍ଣ ପାଠ୍ୟକ୍ରମର ଅବଧି ପାଇଁ ହିତାଧିକାରୀଙ୍କୁ ଦେୟ ପ୍ରଦାନ, ଇତ୍ୟାଦି ଚିହ୍ନଟ ହୋଇପାରିଥାନ୍ତା, ଯଦି ଏହି ସଂସ୍ଥାଗୁଡ଼ିକର ନିୟମିତ ଏବଂ ପ୍ରଭାବଶାଳୀ ଯାଞ୍ଚ କରାଯାଇଥାନ୍ତା।

### 2.14.10 ଡିଡବ୍ଲୁଓ, ଖୋର୍ଦ୍ଧା କାର୍ଯ୍ୟାଳୟରେ ଆବେଦନଗୁଡ଼ିକର ପ୍ରଭାବଶାଳୀ ଯାଞ୍ଚର ଅଭାବ

2017 ରୁ 2022 ବର୍ଷ ମଧ୍ୟରେ ଡିଡବ୍ଲୁଓ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠାନ ଦ୍ୱାରା ପଠାଯାଇଥିବା ଆବେଦନଗୁଡ଼ିକର ପରୀକ୍ଷା ଏବଂ ଯାଞ୍ଚ ସମ୍ବନ୍ଧରେ କର୍ତ୍ତବ୍ୟ ଆବଣ୍ଟନ ***ସାରଣୀ 2.14.3*** ରେ ଦର୍ଶାଯାଇଛି।

***ସାରଣୀ 2.14.3: ଡିଡବ୍ଲୁଓ, ଖୋର୍ଦ୍ଧା କାର୍ଯ୍ୟାଳୟରେ ପିଏମ୍ଏସ୍ ଦରଖାସ୍ତଗୁଡ଼ିକର ଯାଞ୍ଚ ପାଇଁ କର୍ତ୍ତବ୍ୟ ଆବଣ୍ଟନ***

| ଅବଧି | ପଦବୀ ନାମ | ଡିଡବ୍ଲୁଓ/ କର୍ମଚାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟ |
|---|---|---|
| ଜୁଲାଇ 2017 ରୁ ଜାନୁଆରୀ 2023 | ଡିଡବ୍ଲୁଓ | ପିଏମ୍ଏସ୍ ଆବେଦନଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନ ପାଇଁ ଦାୟୀ |
| ଜୁନ୍ 2013 ରୁ ଜୁନ୍ 2022 | ବରିଷ୍ଠ ରାଜସ୍ୱ ସହାୟକ | ଅନ୍ତିମ ଅନୁମୋଦନ ପାଇଁ ସଂସ୍ଥାଗୁଡ଼ିକରୁ ପିଏମ୍ଏସ୍ ଆବେଦନଗୁଡ଼ିକର ହାର୍ଡ କପି ଗ୍ରହଣ ଏବଂ ଯାଞ୍ଚ ପାଇଁ ଦାୟୀ |
| ନଭେମ୍ବର 2018 ରୁ ବର୍ତ୍ତମାନ (ଜୁନ୍ 2023) | ଜିଲ୍ଲା ସଂଯୋଜକ (ଚୁକ୍ତିଭିତ୍ତିକ କର୍ମଚାରୀ) | ବରିଷ୍ଠ ରାଜସ୍ୱ ସହାୟକ ଦ୍ୱାରା ପ୍ରଦାନ କରାଯାଇଥିବା ପିଏମ୍ଏସ୍ ଆବେଦନଗୁଡ଼ିକର ପ୍ରାରମ୍ଭିକ ଯାଞ୍ଚ ପାଇଁ ଦାୟୀ।<br>ପିଏମ୍ଏସ୍ ଆବେଦନଗୁଡ଼ିକର ଅନ୍ତିମ ଯାଞ୍ଚ ବରିଷ୍ଠ ରାଜସ୍ୱ ସହାୟକ ଏବଂ ଡିଡବ୍ଲୁଓଙ୍କ ଦ୍ୱାରା କରାଯିବା ଆବଶ୍ୟକ |
| ମାର୍ଚ୍ଚ 2017 ରୁ ବର୍ତ୍ତମାନ (ଜୁନ୍ 2023) | ଡାଟା ଏଣ୍ଟ୍ରି ଅପରେଟର୍ (ଚୁକ୍ତିଭିତ୍ତିକ କର୍ମଚାରୀ) | ବରିଷ୍ଠ ରାଜସ୍ୱ ସହାୟକ ଦ୍ୱାରା ପ୍ରଦାନ କରାଯାଇଥିବା ପିଏମ୍ଏସ୍ ଆବେଦନଗୁଡ଼ିକର ପ୍ରାରମ୍ଭିକ ଯାଞ୍ଚ ପାଇଁ ଦାୟୀ।<br>ବରିଷ୍ଠ ରାଜସ୍ୱ ସହାୟକ ଏବଂ ଡିଡବ୍ଲୁଓଙ୍କ ଦ୍ୱାରା ପିଏମଏସ୍ ଆବେଦନଗୁଡ଼ିକର ଅନ୍ତିମ ଯାଞ୍ଚ କରାଯିବା ଆବଶ୍ୟକ। |

***(ଉତ୍ସ: ଡିଡବ୍ଲୁଓ, ଖୋର୍ଦ୍ଧାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ବରିଷ୍ଠ ରାଜସ୍ୱ ସହାୟକ ପଦରେ ଅବସ୍ଥାପିତ ସରକାରୀ କର୍ମଚାରୀ, 2013 ରୁ 2022 ବର୍ଷ ମଧ୍ୟରେ ଆବେଦନଗୁଡ଼ିକର ଚୂଡ଼ାନ୍ତ ଯାଞ୍ଚ ଏବଂ ପ୍ରସ୍ତାବର ଅନୁମୋଦନ ପାଇଁ ଦାୟୀ ଥିଲେ।

ଡିଡବ୍ଲୁଓ ପଦବୀରେ ଅବସ୍ଥାପିତ ସରକାରୀ କର୍ମଚାରୀ, 2017 ରୁ 2023 ମଧ୍ୟରେ ଆବେଦନ ମଞ୍ଜୁର ପାଇଁ ଦାୟୀ ଥିଲେ।

ଏହି ଦୁଇ ସରକାରୀ କର୍ମଚାରୀ ଉପରୋକ୍ତ ଅବଧି ମଧ୍ୟରେ ପିଏମ୍ଏସ୍ ଆବେଦନଗୁଡ଼ିକର ଯାଞ୍ଚ ଏବଂ ପ୍ରକ୍ରିୟାକରଣରେ ସେମାନଙ୍କୁ ସାହାଯ୍ୟ କରୁଥିବା ଦୁଇ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କାର୍ଯ୍ୟର ତଦାରଖ କରିଥିଲେ।

ଏହି ଦୃଷ୍ଟିକୋଣରୁ:

- ଆବେଦନଗୁଡ଼ିକର ପ୍ରକ୍ରିୟାକରଣରେ ଅତ୍ୟଧିକ ଅନିୟମିତତା ଏବଂ ବିସ୍ତାରିତ ପ୍ରକୃତି;
- ଉଲ୍ଲେଖନୀୟ ପରିମାଣରେ ମୁଖ୍ୟ ନିୟମାବଳୀକୁ ପାଳନ ନକରିବା, ଯେପରିକି ଏସ୍‌ସି ଏବଂ ଏସ୍‌ଟି ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ଯୋଜନାରେ, ଜାତି ସାର୍ଟିଫିକେଟର ସତ୍ୟତା ଯାଞ୍ଚ ଏବଂ ଡିବିଟି ମୋଡରେ କାର୍ଯ୍ୟକାରୀ ହେବାକୁ ଉଦ୍ଦିଷ୍ଟ ଏକ ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଯାଞ୍ଚ;
- ସନ୍ଦେହଜନକ ଠକେଇ ଦେୟ ପ୍ରଦାନ ପରିମାଣ; ଏବଂ
- ଯାଞ୍ଚ କରାଯାଇଥିବା ସୀମିତ ଆବେଦନଗୁଡ଼ିକରୁ ମଧ ଅଧିକ ସଂଖ୍ୟକ ଏହି ସନ୍ଦିଗ୍ଧ ଠକେଇ ଦେୟ ପ୍ରଦାନ, ଲକ୍ଷ୍ୟ କରାଯାଇଥିଲା ।

ଅଡିଟ୍‌ର ମତାମତ ଥିଲା ଯେ, ଉପରୋକ୍ତ ଅବଧିରେ ଏହି ଦୁଇ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସନ୍ଧାନ କରାଯିବା ଉଚିତ୍, ଯେହେତୁ ପିଏମ୍‌ଏସ୍ ପାଇଁ ଆବେଦନଗୁଡିକର ଅନିୟମିତ ଅନୁମୋଦନରେ ଘରୋଇ ଅନୁଷ୍ଠାନଗୁଡିକ ସହିତ ସେମାନଙ୍କ ସମ୍ପର୍କକୁ ଅଣଦେଖା କରାଯାଇନପାରେ । ମନ୍ଦ ଉଦ୍ଦେଶ୍ୟର ପ୍ରମାଣର ଅଭାବ ସତ୍ତ୍ୱେ ଅନିୟମିତତାର ମାତ୍ରା ଏବଂ ପ୍ରକୃତି ଏପରି ଥିଲା ଯେ, ଅଡିଟ୍ ମତରେ ସଂପୃକ୍ତ ସରକାରୀ କର୍ମଚାରୀମାନଙ୍କୁ ଉତ୍ତରଦାୟୀ କରାଯିବା ଉଚିତ୍ ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ଡିସେମ୍ବର 2022): ସେମନଙ୍କ ଉତ୍ତର ପ୍ରାପ୍ତ ହୋଇ ନଥିଲା (ଜାନୁଆରୀ 2024) ।

***ସୁପାରିଶ 2.14.5:***
***ଏହି ମାମଲାରେ ରାଜକୋଷକୁ କ୍ଷତି ପହଞ୍ଚାଇଥିବା ଅଧିକାରୀମାନଙ୍କୁ ଏସ୍‌ଏସ୍‌ଡି ବିଭାଗ ଉତ୍ତରଦାୟୀ କରିପାରନ୍ତି ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିପାରନ୍ତି । ପିଏମ୍‌ଏସ୍ ପାଇଁ ଦରଖାସ୍ତ ପଠାଉଥିବା ଅନୁଷ୍ଠାନଗୁଡିକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ଆଡମିଶନ ରେଜିଷ୍ଟର ଗୁଡିକର ସଠିକ୍ ପ୍ରଚଳନ କରିଥିବା ବିଷୟକୁ ଏସ୍‌ଏସ୍‌ଡି ବିଭାଗ ନିଶ୍ଚିତ କରିପାରନ୍ତି ।***

## 2.15 ଆଇଟିଡିଏ, ଫୁଲବାଣୀରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଅନିୟମିତତା

**ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ତଥା ଏଥିରେ ଥିବା ଇଞ୍ଜିନିୟରିଂ ଅଧିକାରୀମାନେ କାର୍ଯ୍ୟ ନିଷ୍ପାଦନରେ କୋଡାଲ ବ୍ୟବସ୍ଥାକୁ ଅଣଦେଖା କରିଥିଲେ ଏବଂ ଅନିୟମିତ ଭାବରେ ଟେଣ୍ଡର ପ୍ରକ୍ରିୟାକୁ ଏଡାଇବା ପାଇଁ କାର୍ଯ୍ୟଗୁଡିକୁ ଭାଗ ଭାଗ କରିଥିଲେ । ଏଥିସହ ସେମାନେ (i) ଜାଲ୍ ବିଲ୍ ଆଧାରରେ ଠିକାଦାରମାନଙ୍କୁ ଅଧିକ ଦେୟ ପ୍ରଦାନ ଏବଂ (ii) କାର୍ଯ୍ୟ ନିର୍ବାହ ସମ୍ବନ୍ଧରେ ଜାଲିଆତି ଦାବି ଅନୁମୋଦନ କରିଥିଲେ ।**

ପ୍ରକଳ୍ପ ପ୍ରଶାସକ (ପିଏ), ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ଫୁଲବାଣୀର ରେକର୍ଡଗୁଡ଼ିକର ଯାଞ୍ଚ (ନଭେମ୍ବର ଏବଂ ଡିସେମ୍ବର 2021) ଦର୍ଶାଇଥିଲା ଯେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ (ଏସ୍‌ଏସ୍‌ଡି) ବିଭାଗ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ବିଦ୍ୟାଳୟଗୁଡ଼ିକୁ ପାଇପ୍ ପାନୀୟ ଜଳ ଯୋଗାଇବା ପାଇଁ 30 ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ 17.61 କୋଟି ଟଙ୍କା ଅନୁମୋଦନ କରିଥିଲେ । ପିଏ, ଆଇଟିଡିଏ, ଫୁଲବାଣୀ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ କରିଥିଲେ ।

ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ଅନୁଚ୍ଛେଦ 3.5.24 ଅନୁସାରେ କାର୍ଯ୍ୟର ନିଷ୍ପାଦନର ସୁବିଧା ପାଇଁ କାର୍ଯ୍ୟର ଟେଣ୍ଡର ଗ୍ରହଣ କରିବାକୁ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ ସହିତ ଏକ କାର୍ଯ୍ୟକୁ ଅନେକ ଭାଗରେ ବିଭକ୍ତ କରାଯାଇପାରେ । ଅନୁଚ୍ଛେଦ ଆହୁରି କହେ ଯେ ଟେଣ୍ଡର ଡାକିବା ସମୟରେ ଏକ କାର୍ଯ୍ୟର

ବିଭାଜନ ହେଉଛି ଏକ ପଦକ୍ଷେପ ଯାହା ପରିସ୍ଥିତି ଅନୁଯାୟୀ ଯଥାର୍ଥ ହେବା ଉଚିତ୍ ଏବଂ କାର୍ଯ୍ୟର ସ୍ୱାର୍ଥରେ ରହିବା ଆବଶ୍ୟକ । କୌଣସି ଏକ ବ୍ୟବସ୍ଥାରେ ଥିବା ନିର୍ଦ୍ଧାରିତ ସୀମାରେଖାକୁ ଏଡାଇଯିବା ପାଇଁ ଏହାକୁ ବ୍ୟବହାର କରାଯିବା ଉଚିତ୍ ନୁହେଁ । ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର, ଏକ ସର୍ତ୍ତ ନିର୍ଦ୍ଧାରିତ କରିଛନ୍ତି (ମଇ 2007) ଯେ, ସଂପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁମୋଦନ ପରେ କାର୍ଯ୍ୟଗୁଡ଼ିକ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭାଜନ ହୋଇପାରେ । ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.5.9 ରେ ଆହୁରି ମଧ ବ୍ୟବସ୍ଥା ଅଛି ଯେ, ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡରଗୁଡ଼ିକ ସର୍ବଦା ସର୍ବସାଧାରଣରେ ଆହ୍ୱାନ କରାଯିବା ଉଚିତ୍ । ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ପାଇଁ ସଂହିତାର ବ୍ୟବସ୍ଥା ଅନୁସାରେ ବିଦ୍ୟମାନ ଜଳ ଯୋଗାଣର ପ୍ରକୃତି ଏବଂ ପରିମାଣ, ଉନ୍ନତ ଯୋଗାଣ ଆବଶ୍ୟକତାର କାରଣ, ଅତିରିକ୍ତ ଯୋଗାଣର ସମ୍ଭାବ୍ୟ ଉତ୍ସ ଇତ୍ୟାଦି, ସହିତ ଏକ ସୂଚକାଙ୍କ ମାନଚିତ୍ର ଯେଉଁଥିରେ ଏକ ମୁଖ୍ୟ ଏବଂ ବିତରକ ପାଇପ୍ ଲାଇନ୍ ଦର୍ଶାଉଥିବା ସହିତ ସମସ୍ତ କାର୍ଯ୍ୟର ଯୋଜନାର ଏକ ବିସ୍ତୃତ ଆକଳନରେ ଦର୍ଶାଇବା ଆବଶ୍ୟକ ।

ଅଡିଟ୍ ସମସ୍ତ 30 ଟି ଜଳ ଯୋଗାଣ ପ୍ରକଳ୍ପର ରେକର୍ଡ ଯାଞ୍ଚ କଲେ ଏବଂ ଲକ୍ଷ୍ୟ କଲେ ଯେ ନଭେମ୍ବର 2021 ସୁଦ୍ଧା ନଅଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ 15 ଟି ନିର୍ମାଣାଧୀନ ଅଛି ଏବଂ ଅବଶିଷ୍ଟ ଛଅଟିର କାର୍ଯ୍ୟ ଆରମ୍ଭ ହୋଇନଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ ପ୍ରକଳ୍ପର କାର୍ଯ୍ୟକାରିତାରେ କୋଡାଲ ବ୍ୟବସ୍ଥା, ପଦ୍ଧତି ଇତ୍ୟାଦିର ଉଲ୍ଲଙ୍ଘନ ହୋଇଥିଲା, ଯାହା ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଯାଇଛି:

### *(କ) କାର୍ଯ୍ୟଗୁଡ଼ିକର ବିଭାଜନ*

ପିଏ, ଆଇଟିଡିଏ, ଫୁଲବାଣୀ, ବିସ୍ତୃତ କୋଡାଲ ବ୍ୟବସ୍ଥା ଏବଂ ମଞ୍ଜୁର ଆଦେଶର ସର୍ତ୍ତଗୁଡ଼ିକର ଉଲ୍ଲଙ୍ଘନ କରି 29 କାର୍ଯ୍ୟକୁ (30 ପରୀକ୍ଷା ଯାଞ୍ଚ କାର୍ଯ୍ୟ ମଧ୍ୟରୁ) 336 ଭାଗରେ ବିଭକ୍ତ କରିଥିଲେ । ଏହି 336 ଭାଗ ମଧ୍ୟରୁ 273 ଭାଗ (ସମୁଦାୟ ମୂଲ୍ୟ 11.37 କୋଟି ଟଙ୍କା) ପାଞ୍ଚ ଲକ୍ଷ ଟଙ୍କା[87] କିମ୍ବା କମ୍ ମୂଲ୍ୟରେ (***ପରିଶିଷ୍ଟ 2.15.1***) ବିଭକ୍ତ କରାଯାଇଥିଲା । ଆଇଟିଡିଏ, ଫୁଲବାଣୀରେ ରଖାଯାଇଥିବା ରେକର୍ଡଗୁଡ଼ିକ, କାର୍ଯ୍ୟଗୁଡିକର ସୁଗମ କାର୍ଯ୍ୟକାରିତା ପାଇଁ କାର୍ଯ୍ୟଗୁଡ଼ିକ ବିଭାଜିତ କରାଯାଇଥିବାକୁ ସୂଚାଉ ନଥିଲା । ଅଡିଟ୍ ଏହା ମଧ ଲକ୍ଷ୍ୟ କରିଥିଲେ ଯେ, ବିଭାଜିତ ମାମଲାଗୁଡ଼ିକ ମଧ୍ୟରୁ କୌଣସିଟିରେ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁମୋଦନ ମିଳିନଥିଲା । ଏହା ପରିବର୍ତ୍ତେ, ଆଇଟିଡିଏର ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) କାର୍ଯ୍ୟଗୁଡ଼ିକୁ ବିଭାଜନ କରିଥିଲେ, ଯାହା ଅନିୟମିତ ଥିଲା । ଯଦିଓ, ଏଇଇଙ୍କର 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟ ଅଟକଳର ବୈଷୟିକ ମଞ୍ଜୁରୀ ପ୍ରଦାନ କରିବାର କ୍ଷମତା ଥିଲା, ଅଡିଟ୍ ଲକ୍ଷ୍ୟ କଲେ ଯେ, ଏଇଇ 16 ଟି କାର୍ଯ୍ୟରେ ବୈଷୟିକ ମଞ୍ଜୁର ପ୍ରଦାନ କରିଥିଲେ, ଯେଉଁଠାରେ ପ୍ରତ୍ୟେକ କାର୍ଯ୍ୟର ଅଟକଳ ମୂଲ୍ୟ 10 ଲକ୍ଷ ଟଙ୍କାରୁ ଅଧିକ ଥିଲା । ଏହିପରି, କାର୍ଯ୍ୟଗୁଡ଼ିକ ବିଭାଜନ କରିବା ଏବଂ ବୈଷୟିକ ମଞ୍ଜୁର ପ୍ରଦାନ କରି ଏଇଇ ତାଙ୍କ କ୍ଷମତା ବାହାରେ କାର୍ଯ୍ୟ କରିଥିଲେ । କାର୍ଯ୍ୟଗୁଡ଼ିକୁ ବିଭାଜନ କରିବାର କୌଣସି ନିର୍ଦ୍ଦିଷ୍ଟ କାରଣର ଅନୁପସ୍ଥିତି ସୂଚାଇ ଥିଲା ଯେ ଟେଣ୍ଡର ପ୍ରକ୍ରିୟାକୁ ଏଡାଇବା ଉଦ୍ଦେଶ୍ୟରେ କାର୍ଯ୍ୟଗୁଡ଼ିକୁ ପାଞ୍ଚ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ବିଭାଜନ କରାଯାଇଥିଲା । ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ, ଏହି ସମସ୍ତ ବିଭାଜିତ କାର୍ଯ୍ୟଗୁଡ଼ିକର ପ୍ରଦାନ ପାଇଁ, କୌଣସି ବିଜ୍ଞପ୍ତି କିମ୍ବା ବିଜ୍ଞାପନ ଇତ୍ୟାଦି ଏଇଇ କିମ୍ବା ପିଏ, ଆଇଟିଡିଏ ଦ୍ୱାରା ପ୍ରକାଶିତ ହୋଇନଥିଲା । ତେବେ, ସମସ୍ତ କ୍ଷେତ୍ରରେ, ସମାନ ତିନି ଜଣ ବ୍ୟକ୍ତିଙ୍କଠାରୁ କୋଟେସନ୍ ଗ୍ରହଣ କରାଯାଇଥିଲା । ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇବା ପାଇଁ ଉଚ୍ଚ ମୂଲ୍ୟର କାର୍ଯ୍ୟଗୁଡ଼ିକୁ କମ୍ ମୂଲ୍ୟଯୁକ୍ତ ବିଭିନ୍ନ ଭାଗରେ ବିଭାଜନ କରିବା ସହିତ ଠିକାଦାର ଚୟନରେ ସ୍ୱଚ୍ଛତାର ଅନୁପସ୍ଥିତି ଏବଂ କାର୍ଯ୍ୟ ନିର୍ବାହରେ ତିନି ଜଣ ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଂପୃକ୍ତି, ଟେଣ୍ଡର ଫିକ୍ସିଂକୁ ସୂଚାଇଥାଏ, ଯେଉଁଥିରେ ଏଇଇ ଏବଂ ପିଏ, ଆଇଟିଡିଏ, ଫୁଲବାଣୀ ସଂପୃକ୍ତ ଥିଲେ, ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସନ୍ଧାନ ଯୋଗ୍ୟ ।

### *(ଖ) କାର୍ଯ୍ୟର ସର୍ବେକ୍ଷଣ ଏବଂ ପ୍ରଦାନ*

ଓପିଡବ୍ଲୁଡି ସଂହିତାର (ଖଣ୍ଡ-I) ଅନୁଚ୍ଛେଦ 2.2.62 ଏବଂ 2.2.66 ଅନୁଯାୟୀ ସବ୍ ଡିଭିଜନାଲ ଅଫିସର ଯଥା, ଏଇଇ/ କନିଷ୍ଠ ଯନ୍ତ୍ରୀ (ଜେଇ) କାର୍ଯ୍ୟର ଯୋଜନା ଏବଂ ଆକଳନ ପ୍ରସ୍ତୁତ କରିବା ପାଇଁ ସର୍ଭେ କରିବାର ଥିଲା । ଅଡିଟ୍, ତଥାପି ରେକର୍ଡରୁ କୌଣସି ସର୍ଭେ ରିପୋର୍ଟ କିମ୍ବା ଯୋଜନା, ଡ୍ରଇଁ ଏବଂ ଡିଜାଇନ୍, ସୂଚକାଙ୍କ ମାନଚିତ୍ର ଇତ୍ୟାଦି ଚିହ୍ନଟ କରିପାରିନଥିଲା । ଏହା ସୂଚାଇ ଥିଲା ଯେ ଆଇଟିଡିଏର ଜେଇ/ ଏଇଇ କାର୍ଯ୍ୟଗୁଡ଼ିକ ପାଇଁ

[87] ପ୍ରତି ଅଂଶର ମୂଲ୍ୟ 0.80 ଲକ୍ଷ ଟଙ୍କାରୁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିଲା

କୌଣସି ସର୍ଭେ କରିନଥିଲେ । କୌଣସି ସର୍ବେକ୍ଷଣ ନକରି ଏବଂ ମୂଲ୍ୟ ଆକଳନ ପ୍ରସ୍ତୁତ ନକରି, କାର୍ଯ୍ୟ ପ୍ରଦାନ ପାଇଁ ଠିକାଦାରଙ୍କ ଠାରୁ କୋଟେସନ୍ ଆମନ୍ତ୍ରିତ ହୋଇଥିଲା । କୋଟେସନ୍ ପାଇବା ପରେ ଜିଆଇ ପାଇପ୍, ଫିଟିଙ୍ଗସ୍, ସିମେଣ୍ଟ, ଇସ୍ପାତ ସାମଗ୍ରୀ ଇତ୍ୟାଦି ଉପରେ ମୂଲ୍ୟର ଆକଳନ କେଟେସନ୍‌ରେ ଦିଆଯାଇଥିବା ମୂଲ୍ୟକୁ ଆଧାର କରି ସ୍ଥିର ହେଲା । କୋଟେସନ୍‌କୁ ଆଧାର କରି ମୂଲ୍ୟ ନିର୍ଣ୍ଣୟ ପ୍ରତିଯୋଗିତା ମୂଳକ ନଥିଲା ଏବଂ ଓପିଡବ୍ଲୁଡି ସଂହିତା ଅନୁଯାୟୀ ଏହାକୁ ଟେଣ୍ଡର ଆହ୍ୱାନ ବିନା କାର୍ଯ୍ୟ ପ୍ରଦାନ ଭାବରେ ବିବେଚନା କରାଯିବା ଆବଶ୍ୟକ ଥିଲା । ଅଧିକନ୍ତୁ, ନିର୍ଦ୍ଦିଷ୍ଟକରଣ, ବ୍ରାଣ୍ଡ/ ସାମଗ୍ରୀ ପ୍ରସ୍ତୁତ, ଜିଏସ୍‌ଟି ହାରର ପ୍ରଯୁଜ୍ୟତା ଇତ୍ୟାଦି ବିବରଣୀ ବିନା କୋଟେସନ୍‌ଗୁଡ଼ିକ ସମାନ ଫର୍ମାଟରେ ଥିଲା । ଏହି କୋଟେସନ୍‌ଗୁଡ଼ିକ ତିନିଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି/ ସଂସ୍ଥାଙ୍କ ଠାରୁ ପ୍ରାପ୍ତ ହୋଇଥିଲା, ଯେଉଁ ମାନଙ୍କୁ ପରବର୍ତ୍ତୀ ସମୟରେ କାର୍ଯ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିଲା ।

### (ଗ) ଜାଲିଆତି ବିଲ୍ ଆଧାରରେ ଠିକାଦାରମାନଙ୍କୁ ଦିଆଯାଇଥିବା ଅଧିକ ଦେୟ ପ୍ରଦାନ

31 ଟି କାର୍ଯ୍ୟ କ୍ଷେତ୍ରରେ, କାର୍ଯ୍ୟରେ ବ୍ୟବହାର ହୋଇଛି ବୋଲି ଦର୍ଶାଯାଇଥିବା ପ୍ରତ୍ୟେକ ଫିଟିଙ୍ଗସ୍ ଆଇଟମ୍ ବିପକ୍ଷରେ ପ୍ରଦାନ କରାଯାଇଥିବା ଦେୟର ଆକଳନ କରିବାକୁ ଅଡିଟ୍, ଠିକାଦାରଙ୍କ ରନିଙ୍ଗ୍ ଆକାଉଣ୍ଟ (ଆର୍ଏ) ବିଲ୍ ଯାଞ୍ଚ କରିଥିଲା । ଆର୍ଏ ବିଲ୍ ମାଧ୍ୟମରେ କାର୍ଯ୍ୟରେ ବ୍ୟବହାର ହୋଇଛି ବୋଲି ଦାବି କରାଯାଇଥିବା ଆଇଟମ୍ ପରିମାଣକୁ, ଆଇଟିଡିଏର ପଦାଧିକାରୀ ସହ ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) ମାଧ୍ୟମରେ ଯାଞ୍ଚ କରାଯାଇଥିଲା । ଜେପିଆଇରୁ ଜଣାପଡ଼ିଲା ଯେ, 31 ଟି କାର୍ଯ୍ୟ ମଧ୍ୟରୁ 18ଟି ରେ (58 ପ୍ରତିଶତ), 17.17 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀଗୁଡ଼ିକ ପ୍ରକୃତରେ ବ୍ୟବହାର ହୋଇନଥିଲା, କିନ୍ତୁ ଠିକାଦାରମାନଙ୍କୁ ଦେୟ ପ୍ରଦାନ କରାଯାଇଥିଲା ଯାହାର ସବିଶେଷ ***ପରିଶିଷ୍ଟ 2.15.2*** ରେ ପ୍ରଦାନ କରାଯାଇଛି ।

***ସାରଣୀ 2.15.1: ସାମଗ୍ରୀର ପରିମାଣ, ଯାହା ପାଇଁ ଦେୟ ପ୍ରଦାନ କରାଯାଇଥିଲା ତୁଳନାରେ ପ୍ରକୃତ ବ୍ୟବହୃତ ପରିମାଣ***

| ଫିଟିଙ୍ଗସ୍ | କାର୍ଯ୍ୟର ସଂଖ୍ୟା | ବ୍ୟବହୃତ ଫିଟିଙ୍ଗସ୍ ପରିମାଣ | | ଅତିରିକ୍ତ ଦାବି | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ଅତିରିକ୍ତ ଦେୟ (ଟଙ୍କାରେ) |
|---|---|---|---|---|---|---|
| | | ଆର୍ଏ ବିଲ୍ ଅନୁସାରେ | ଜେପିଆଇ ଅନୁସାରେ | | | |
| ଜିଆଇ ପାଇପ୍-63 ମିମି ବ୍ୟାସ (ମିଟରରେ) | 5 | 3,637 | 2,100 | 1,537 | 920 | 14,14,040 |
| ବେଣ୍ଡ (ସଂଖ୍ୟାରେ) | 18 | 153 | 0 | 153 | 1,350 | 2,06,550 |
| ଟୀ (ସଂଖ୍ୟାରେ) | 18 | 44 | 0 | 44 | 2,200 | 96,800 |
| ମୋଟ | -- | -- | -- | -- | -- | **17,17,390** |

*(ଉତ୍ସ: ଆଇଟିଡିଏ, ଫୁଲବାଣୀର ରେକର୍ଡ, ଏବଂ ଜେପିଆଇ ସମୟରେ ଅନୁଧ୍ୟାନ)*

ଅଡିଟ୍ ଦେଖିଲେ ଯେ ମିଳିତ ବସ୍ତୁଗତ ନିରୀକ୍ଷଣ କରାଯାଇଥିବା ପ୍ରାୟ 58 ପ୍ରତିଶତ କାର୍ଯ୍ୟ ଗୁଡ଼ିକରେ କାର୍ଯ୍ୟରେ ବ୍ୟବହୃତ ପ୍ରକୃତ ସାମଗ୍ରୀର ପରିମାଣ, ବ୍ୟବହୃତ ହୋଇଛି ବୋଲି ଗ୍ରହଣ କରାଯାଇ ଦେୟ ପ୍ରଦାନ କରାଯାଇଥିବା ସାମଗ୍ରୀର ପରିମାଣ ଠାରୁ ବହୁତ କମ୍ ଥିଲା । ଏହା ସୂଚାଇ ଥିଲା ଯେ ଆଇଟିଡିଏ, ଫୁଲବାଣୀର ଇଞ୍ଜିନିୟରିଂ ଅଧିକାରୀ, ଠିକାଦାରଙ୍କ ବିଲ୍ ଅନୁମୋଦନ କରିବା ପୂର୍ବରୁ କାର୍ଯ୍ୟକାରୀ ହୋଇଛି ବୋଲି ଦାବି କରୁଥିବା କାର୍ଯ୍ୟଗୁଡ଼ିକର ଯାଞ୍ଚ କରିନଥିଲେ । ଅଧିକନ୍ତୁ, ସଂପୃକ୍ତ କାର୍ଯ୍ୟଗୁଡ଼ିକର ମୂଲ୍ୟ ଆକଳନରେ ଅନ୍ତର୍ଭୁକ୍ତ ହୋଇଥିବା ତୁଳନାରେ କମ୍ ପରିମାଣର ଫିଟିଙ୍ଗ୍ ବ୍ୟବହାର ସହିତ କାର୍ଯ୍ୟ ସମାପ୍ତ ହେବା, ସର୍ଭେ ଏବଂ ଡିଜାଇନ୍ ଆଧାରରେ ମୂଲ୍ୟ ଆକଳନ କରାଯାଇ ନଥିବାକୁ ସୂଚାଉ ଥିଲା ।

### (ଘ) କାର୍ଯ୍ୟ ସମ୍ପାଦନରେ ଜାଲିଆତି ଦାବି

ପ୍ରକୃତରେ ବ୍ୟବହୃତ ହୋଇନଥିବା ଫିଟିଙ୍ଗସ୍ ପାଇଁ ଜାଲିଆତି ଦେୟ ବ୍ୟତୀତ, ଅଡିଟ୍ ସାମ୍ନାକୁ ଆଉ ଦୁଇଟି ଉଦାହରଣ ଆସିଥିଲା, ଯେଉଁଠାରେ ନୂତନ କାର୍ଯ୍ୟଗୁଡ଼ିକ ତଥାକଥିତ ଭାବେ କାର୍ଯ୍ୟକାରୀ କରାଯାଇଥିଲା, କିନ୍ତୁ ଏହି ନିଷ୍ପାଦନର ସମର୍ଥନରେ ଥିବା ଫଟୋଗ୍ରାଫିକ୍ ପ୍ରମାଣ କାର୍ଯ୍ୟ ହୋଇଥିବାର ଦାବିକୁ ଅମାନ୍ୟ କରୁଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ବନ୍ଧଗଡ଼ ଉଚ୍ଚ ବିଦ୍ୟାଳୟର ବାହ୍ୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଚେକ୍ ଡ୍ୟାମ୍ ମଇ 2019 ରେ 17 ଲକ୍ଷ ଟଙ୍କା ବ୍ୟୟରେ ଶେଷ ହୋଇଥିଲା । ପରବର୍ତ୍ତୀ ସମୟରେ, ଜଳସଂଗ୍ରହ କୂପକୁ କାର୍ଯ୍ୟକ୍ଷମ କରିବା ପାଇଁ ନଭେମ୍ବର 2019 ରେ ତଥାକଥିତ ଭାବେ ନିର୍ମାଣ ହୋଇଥିବା ପ୍ରତିଧାରଣ କାନ୍ଥ/ ଚେକ୍ ଡ୍ୟାମ୍ ପାଇଁ 15 ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା । ପ୍ରତିଧାରଣ କାନ୍ଥ/ ଚେକ୍ ଡ୍ୟାମ୍ ନିର୍ମାଣ ପ୍ରମାଣ

ସମର୍ଥନରେ ବ୍ୟବହୃତ ଫଟୋଗ୍ରାଫ୍, ଦୁଇଟି କାର୍ଯ୍ୟ ପାଇଁ ସମାନ ବୋଲି ଦେଖାଯାଇଥିଲା । ତେଣୁ, ଜଳ ସଂରକ୍ଷଣ ପ୍ରାଚୀର ନିର୍ମାଣ ପାଇଁ 15 ଲକ୍ଷ ଟଙ୍କା ବ୍ୟୟ ସନ୍ଦେହଜନକ ବୋଧ ହେଲା, ଯାହା ସରକାରୀ ଅର୍ଥର ଆତ୍ମସାତକରଣକୁ ସୂଚାଉଥିଲା ।

***ଛବି 2.15.1***



*ବନ୍ଧଗଡାରେ ଜଳସଂଗ୍ରହ କୂପ ଶେଷ କରିବା ପାଇଁ ଅତିରିକ୍ତ କାର୍ଯ୍ୟ (ସିଆର୍ ସଂଖ୍ୟା. 45/ 2019-20)*



*ବନ୍ଧଗଡ଼ାରେ ଜଳସଂଗ୍ରହ କୂପ ପାଇଁ ଚେକ୍ ଡ୍ୟାମ୍ ନିର୍ମାଣ (ସିଆର୍ ସଂଖ୍ୟା 153/ 2018-19)*

- ସେସ୍କାଜୋଡ଼ି ଆଶ୍ରମ ବିଦ୍ୟାଳୟ ପ୍ରକଳ୍ପରେ ବାହ୍ୟ ଜଳ ଯୋଗାଣର ଏକ ଅଂଶ ଭାବରେ 418 ମିଟର ଜିଆଇ ପାଇପ୍ ପକାଇବା ପାଇଁ 4.90 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦାବି କରାଯାଇଥିଲା । ଧାରା 275 ଅନୁଯାୟୀ ଆଦିବାସୀ ଅଞ୍ଚଳ ପାଇଁ କେନ୍ଦ୍ରୀୟ ଅନୁଦାନରୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା । ଅଡିଟ୍ ତଥାପି ଜାଣିବାକୁ ପାଇଲା ଯେ ଆର୍ଥିକ ବର୍ଷ 2018-19 ରେ ରାଜ୍ୟ ଯୋଜନା ଅଧିନରେ ସମାନ କାର୍ଯ୍ୟ ସମାପ୍ତ ହୋଇଥିଲା । ଉଭୟ କାର୍ଯ୍ୟ ପାଇଁ ବ୍ୟବହୃତ ଫଟୋଗ୍ରାଫିକ୍ ପ୍ରମାଣ (ଯଥା କେନ୍ଦ୍ରୀୟ ଯୋଜନା ଏବଂ ରାଜ୍ୟ ଯୋଜନା ଅଧିନରେ) ସମାନ ବୋଲି ଜଣାପଡ଼ିଥିଲା ।

***ଛବି 2.15.2***



*ସେସ୍କାଜୋଡି ଆଶ୍ରମ ବିଦ୍ୟାଳୟରେ ବାହ୍ୟ ଜଳ ଯୋଗାଣର ସମାପ୍ତି (ସିଆର୍ ସଂଖ୍ୟା. 33/2019-20)*



*ସେସ୍କାଜୋଡି ଆଶ୍ରମ ବିଦ୍ୟାଳୟ ପର୍ଯ୍ୟନ୍ତ ସଂଗ୍ରହଣ କୂପରୁ ଜିଆଇ ପାଇପ୍ ଲାଇନ୍ (ସିଆର୍ ସଂଖ୍ୟା. 151/ 2018-19)*

ଉପରୋକ୍ତ ଉଦାହରଣଗୁଡ଼ିକ, କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ଦାବିର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି କରୁଥିଲା । ଉପରୋକ୍ତ ଦୁଇଟି କାର୍ଯ୍ୟରେ ବିନିଯୋଗ ହୋଇଛି ବୋଲି ଦାବି କରାଯାଇଥିବା 19.90 ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ବିଷୟକୁ ଏଡାଇ ଦିଆଯାଇନପାରେ ।

ଏସ୍‌ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ନଭେମ୍ବର 2022) ଯେ ଏସ୍‌ଏସ୍‌ଡି ସ୍କୁଲଗୁଡ଼ିକର ଜଳ ଅଭାବର ସମାଧାନର ତତ୍ପରତାକୁ ଦୃଷ୍ଟିରେ ରଖି ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା ଏବଂ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ପାଇଁ କାର୍ଯ୍ୟୋତ୍ତର ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହା ମଧ୍ୟ ଆଶ୍ୱାସନା ଦିଆଯାଇଥିଲା ଯେ, ଭବିଷ୍ୟତରେ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା କାର୍ଯ୍ୟ ବିଭାଜନକୁ ନିରୁତ୍ସାହିତ କରାଯିବ । ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ କୋଡାଲ ବ୍ୟବସ୍ଥାର ଅନୁପାଳନ ନହେବା ଦ୍ୱାରା ଗୁରୁତର ଅନିୟମିତତା ହୋଇଥିଲା । ଜାଲିଆତି ବିଲ୍, କମ୍ ପରିମାଣର ଫିଟିଂସ୍ ବ୍ୟବହାର ଏବଂ କାର୍ଯ୍ୟ ନିର୍ବାହ ଉପରେ ଜାଲିଆତି ଦାବି ଆଧାରରେ ଅତିରିକ୍ତ ଦେୟ ଉପରେ ବିଭାଗ କୌଣସି ଉତ୍ତର ଦେଇ ନଥିଲା ।

## 2.16 ରବର ବୃକ୍ଷରୋପଣରେ ନିଷ୍ଫଳ ଖର୍ଚ୍ଚ

**ରବର ବୃକ୍ଷରୋପଣ ପାଇଁ ଅନୁପଯୁକ୍ତ ରକ୍ଷଣାବେକ୍ଷଣ, ହିତାଧିକାରୀଙ୍କୁ ଠିକ୍ ସମୟରେ ମଜୁରୀ ପ୍ରଦାନ ନକରିବା ଏବଂ ହ୍ୟାଣ୍ଡହୋଲ୍ଡିଂ ସହାୟତା ପ୍ରଦାନ ନକରିବା ଫଳରେ ଗଛ ଗୁଡ଼ିକ ବଞ୍ଚିବା ହାର କମ୍ ଥିଲା, ଫଳସ୍ୱରୂପ 3.20 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ହେଲା ।**

ରବର ବୃକ୍ଷର ବିକାଶ ସମ୍ବନ୍ଧିତ ନିର୍ଦ୍ଦେଶାବଳୀ (ଅଗଷ୍ଟ 2013) ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ରବର ବୋର୍ଡର ଯୋଜନାଗୁଡ଼ିକର[88] ମିଶ୍ରଣ ମାଧ୍ୟମରେ, ପ୍ରାରମ୍ଭିକ ଛଅରୁ ସାତ ବର୍ଷ ମଧ୍ୟରେ ଏକ ହେକ୍ଟର ରବର ବୃକ୍ଷରୋପଣ ପାଇଁ ପ୍ରାୟ 1,500 ଶ୍ରମ ଦିନ ଆବଶ୍ୟକ । ସଫା କରିବା, ଗାତ ଖୋଳିବା, ଜମି ପୋତିବା, ରୋପଣ, ଟେରେସିଂ, ସାର ପ୍ରୟୋଗ, ବୃକ୍ଷର ସୁରକ୍ଷା, ଛେଦନ ଏବଂ ଶାଖା ଅନୁକରଣ ଏବଂ ବାଡ ଦେବା ଭଳି କାର୍ଯ୍ୟକଳାପ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧିନରେ କରାଯିବା ବେଳେ ଅମଳ ଏବଂ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ସହାୟତା ଠାରୁ ଉତ୍ପାଦର ମାର୍କେଟିଂ ପର୍ଯ୍ୟନ୍ତ, ରବର ବୋର୍ଡର ଯୋଜନା ମାଧ୍ୟମରେ କରାଯିବ । ପ୍ରତ୍ୟେକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଗୁଡିକରେ, ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ହ୍ୟାଣ୍ଡହୋଲ୍ଡ ସହାୟତା ପ୍ରଦାନ, ଗୋଷ୍ଠୀ ଗଠନ, ଭାଗିଧାରୀ ଗଠନ ନିମନ୍ତେ ଏକ ସୁବିଧା ପ୍ରଦାନକାରୀ ଅଣ-ସରକାରୀ ସଂଗଠନ (ଏଫ୍‌ଏନ୍‌ଜିଓ) ନିୟୋଜିତ ହେବା ଆବଶ୍ୟକ ।

ଆଇଟିଡିଏ, ରାଇରଙ୍ଗପୁରରେ ରେକର୍ଡଗୁଡ଼ିକର ଯାଞ୍ଚରୁ (ଡିସେମ୍ବର 2021) ଜଣାଗଲା ଯେ, ଆର୍ଥିକ ବର୍ଷ 2013-14 ରୁ 2017-18 ମଧ୍ୟରେ ସମୁଦାୟ 491.86 ଏକର ପରିମିତ 19 ଟି ପ୍ୟାଚ୍‌ରେ ରବର ବୃକ୍ଷରୋପଣ କରାଯାଇଥିଲା, ଯେଉଁଥିରେ 360 ହିତାଧିକାରୀ ଅନ୍ତର୍ଭୁକ୍ତ ଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ଆଦିବାସୀ ସବ୍ ପ୍ଲାନ୍‌କୁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ (ଟିଏସପି କୁ ଏସସିଏ) ସ୍କିମ୍ (ରବର ବୃକ୍ଷରୋପଣ ଯୋଜନା) ଅଧିନରେ ଆର୍ଥିକ ବର୍ଷ 2013-14 ରୁ 2020-21 ମଧ୍ୟରେ ସମୁଦାୟ 4.19 କୋଟି ଟଙ୍କା (ନର୍ସରୀ ବୃଦ୍ଧି: 1.16 କୋଟି ଟଙ୍କା[89]; ବାର୍ଷିକ ରକ୍ଷଣାବେକ୍ଷଣ: 2.94 କୋଟି ଟଙ୍କା [90]; ପମ୍ପ ସେଟ୍ ସ୍ଥାପନ: 9.00 ଲକ୍ଷ ଟଙ୍କା [91]), ଖର୍ଚ୍ଚ ହୋଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 401.47 ଏକର ବିଶିଷ୍ଟ 18 ଟି ପ୍ୟାଚ୍‌ରେ[92] 3.20 କୋଟି ଟଙ୍କା ଖର୍ଚ୍ଚରେ କରାଯାଇଥିବା ବୃକ୍ଷରୋପଣ, ଗଛଗୁଡ଼ିକର ବଞ୍ଚିବା ହାର କମ୍ ଯୋଗୁଁ ପରିତ୍ୟକ୍ତ/ ବନ୍ଦ ହୋଇଥିଲା (ଜୁଲାଇ 2020 ସୁଦ୍ଧା ବଞ୍ଚିବାର ହାର ଶତକଡ଼ା 0 ରୁ 58 ପ୍ରତିଶତ ମଧ୍ୟରେ ଥିଲା) । ଏଥିରେ ଅନ୍ତର୍ଭୁକ୍ତ ଥିବା ଆଠଟି ପ୍ୟାଚ୍‌ରେ ବଞ୍ଚିବାର ହାର ଶୂନ ଥିଲା ବେଳେ ଅବଶିଷ୍ଟ 10 ଟି ପ୍ୟାଚ୍‌ରେ, ଏହା 30 ରୁ 58 ପ୍ରତିଶତ ମଧ୍ୟରେ ଥିଲା । ପିଏ, ଆଇଟିଡିଏ ଦ୍ୱାରା ଦର୍ଶାଯାଇଥିଲା ଯେ ଅର୍ଥ ଉପଲବ୍ଧ ନଥିବାରୁ ହିତାଧିକାରୀଙ୍କୁ ମଜୁରୀ ପ୍ରଦାନ ନକରିବା ଦ୍ୱାରା ଗଛ ଗୁଡ଼ିକର ବଞ୍ଚିବାର ହାର ସ୍ୱଳ୍ପ ଥିଲା । ଏହା ବ୍ୟତୀତ, ଗଛ ଗୁଡ଼ିକ ବଞ୍ଚି ନରହିବାର ଅନ୍ୟାନ୍ୟ କାରଣ ହେଉଛି ଡ୍ରପ୍ ଜଳସେଚନର ବ୍ୟବସ୍ଥା ନହେବା ଏବଂ ବୃକ୍ଷରୋପଣ ସ୍ଥାନକୁ ବିଦ୍ୟୁତ୍ ଯୋଗାଣରେ ବିଳମ୍ବ ହେବା, ଯାହା ଅଡିଟରେ ଲକ୍ଷ୍ୟ କରାଯାଇଥିଲା । ଅଡିଟ୍ ଦେଖିଲେ ଯେ, ବୃକ୍ଷରୋପଣର ସଫଳ ବିକାଶ ନିମନ୍ତେ,

---

88 "ରବର ବୃକ୍ଷରୋପଣ ବିକାଶ" ଏବଂ "ଉତ୍ତର ପୂର୍ବରେ ରବର ବିକାଶ" ନାମରେ ନାମିତ ଭାରତ ସରକାରଙ୍କ ଯୋଜନା

89 ଏସ୍‌ସିଏ ରୁ ଟିଏସ୍‌ପି ଯୋଜନା ଅନ୍ତର୍ଗତ

90 ମନରେଗା ଯୋଜନା ଅନ୍ତର୍ଗତ

91 ଏସ୍‌ସିଏ ରୁ ଟିଏସ୍‌ପି ଯୋଜନା ଅନ୍ତର୍ଗତ

92 ମଙ୍ଗଳପୁର ପ୍ୟାଚରେ ବୃକ୍ଷରୋପଣ ଚାଲିଥିଲା

ଗୋଷ୍ଠୀ ଗଠନ, ଭାଗିଦାରୀ ଗଠନ ଏବଂ ପ୍ରକଳ୍ପର କାର୍ଯ୍ୟକାରିତା କ୍ଷେତ୍ରରେ ସହାୟତା ପ୍ରଦାନ କରିବା ପାଇଁ ଆଇଟିଡିଏ, ରାଇରଙ୍ଗପୁର କୌଣସି ଏଫ୍‌ଏନ୍‌ଜିଓକୁ ନିୟୋଜିତ କରିନଥିଲେ । ଏହା ବ୍ୟତୀତ ମଙ୍ଗଳପୁର ଗ୍ରାମରେ ଯଦିଓ ବଞ୍ଚିବାର ହାର 60 ପ୍ରତିଶତ ଥିଲା, ଅପ୍ରେଲ 2021 ରୁ କୌଣସି ରକ୍ଷଣାବେକ୍ଷଣ କରାଯାଇ ନଥିଲା କାରଣ ଏହାର ଖର୍ଚ୍ଚ ଆକଳନ ପାଇଁ ଅନୁମୋଦନ ଜିଲ୍ଲାପାଳ, ମୟୁରଭଞ୍ଜଙ୍କ ପାଖରେ ବିଚାରାଧୀନ ଥିଲା । ଏତଦ୍ ବ୍ୟତୀତ, ହିତାଧିକାରୀ ଏବଂ ଶ୍ରମିକମାନଙ୍କୁ ମଜୁରୀ ଦେବାରେ ଛଅରୁ ସାତ ମାସ ପର୍ଯ୍ୟନ୍ତ ବିଳମ୍ବ ହେତୁ, ସେମାନେ ରକ୍ଷଣାବେକ୍ଷଣ ଏବଂ ଗତିବିଧି ନିରୀକ୍ଷଣ ଜନିତ କାର୍ଯ୍ୟ କରିନଥିଲେ । ପିଏ, ଆଇଟିଡିଏ କହିଥିଲେ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ପାଣ୍ଠି ଉପଲବ୍ଧ ନହେବା ଯୋଗୁ ମଜୁରୀ ପ୍ରଦାନ କରାଯାଇ ନଥିଲା ।

ଅଡିଟ୍ (ଡିସେମ୍ବର 2021) ଆଇଟିଡିଏ, ରାଇରଙ୍ଗପୁରର ଅଧିକାରୀମାନଙ୍କ ସହିତ ଚାରିଟି ଗ୍ରାମରେ[93], 10 ଟି ପ୍ୟାଚ୍‌ର ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) କରିଥିଲେ ଏବଂ ଲକ୍ଷ୍ୟ କଲେ ଯେ, ଗୋଟିଏ ପ୍ୟାଚ୍ (ମଙ୍ଗଳପୁର ଗ୍ରାମ)ରେ ବଞ୍ଚିବାର ହାର 60 ପ୍ରତିଶତ ଥିଲା । ଅବଶିଷ୍ଟ ନଅଟି ପ୍ୟାଚରେ ବଞ୍ଚିବାର ହାର 0 ରୁ 20 ପ୍ରତିଶତ ମଧ୍ୟରେ ରହିଥିଲା । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ତିନିଟି ଗ୍ରାମରେ (ମୁସାମାରି, ବାଧୁନିଆ ଏବଂ ବ୍ରାହ୍ମଣପୋଷି) ବୃକ୍ଷରୋପଣକୁ ସିଞ୍ଚନ ପାଇଁ ଆର୍ଥିକ ବର୍ଷ 2018-19 ସମୟରେ ମୋଟ 9 ଲକ୍ଷ ଟଙ୍କା ମୂଲ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ତିନିଟି ପମ୍ପ ଘର, ନିଷ୍କ୍ରିୟ ହୋଇ ପଡ଼ି ରହିଥିଲା । ବୃକ୍ଷଗୁଡିକୁ ପଶୁମାନଙ୍କ ଦାଉରୁ ରୋକିବା ପାଇଁ ଉପଯୁକ୍ତ ବାଡ଼ର ଅଭାବ ମଧ୍ୟ ରହିଥିଲା, ଯେଉଁ କାରଣରୁ ବୃକ୍ଷଗୁଡିକ ସଂପୃକ୍ତ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ ଅମଳ ସ୍ତରକୁ ଆସିନଥିଲା ।

***ଛବି 2.16.1***



*ବୁଢିଆନା ପ୍ୟାଚ୍‌ରେ ରବର ଗଛଗୁଡ଼ିକ ବଞ୍ଚିବାର ସ୍ୱଳ୍ପ ହାର (15 ପ୍ରତିଶତ) । କମ୍ ବଞ୍ଚିବାର ହାର ହେତୁ ଆର୍ଥିକ ବର୍ଷ 2019-20 ଠାରୁ ରକ୍ଷଣାବେକ୍ଷଣ ବନ୍ଦ କରାଯାଇଥିଲା ।*



*ମୁସାମାରି ଗ୍ରାମରେ ଜଳ ଅଭାବରୁ ଶୁଖିଯାଇଥିବା ରବର ଗଛର ଚିତ୍ର*

ତେଣୁ, ଅନୁପଯୁକ୍ତ ରକ୍ଷଣାବେକ୍ଷଣ, ହିତାଧିକାରୀଙ୍କୁ ମଜୁରୀ ପ୍ରଦାନରେ ବିଳମ୍ବ ଏବଂ ହ୍ୟାଣ୍ଡହୋଲ୍ଡ ସହାୟତା ଯୋଗାଇ ନଦେବା ହେତୁ 19 ଟି ପ୍ୟାଚ୍ ମଧ୍ୟରୁ 18 ଟି ପ୍ୟାଚ୍‌ରେ କରାଯାଇଥିବା ବୃକ୍ଷରୋପଣ ପରିତ୍ୟକ୍ତ/ ବନ୍ଦ ହୋଇଗଲା, ଫଳସ୍ୱରୂପ 3.20 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ହୋଇଥିଲା । ଏହିପରି ଭାବରେ, 360 ଆଦିବାସୀ ହିତାଧିକାରୀଙ୍କୁ ଜୀବନଜୀବିକା ସୁଯୋଗ ଯୋଗାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା ।

କମିଶନର-ତଥା-ସଚିବ, ଏସ୍‌ଏସ୍‌ଡି ବିଭାଗ ପିଏ, ଆଇଟିଡିଏ, ରାଇରଙ୍ଗପୁରର ଉତ୍ତରକୁ ସମର୍ଥନ କରିଥିଲେ (ଡିସେମ୍ବର 2022), ଯାହା ତଥ୍ୟକୁ ପ୍ରମାଣିତ କରୁଥିଲା ଏବଂ ବ୍ୟକ୍ତ କଲେ ଯେ, ଗୋଟିଏ ଗ୍ରାମ (ମଙ୍ଗଳପୁର)ରେ ରବର ବୃକ୍ଷରୋପଣ କାର୍ଯ୍ୟ ଚାଲୁଥିଲା । ପ୍ରକୃତ କଥା ହେଲା, ହିତାଧିକାରୀଙ୍କ ଦ୍ୱାରା ମଜୁରୀ ପ୍ରାପ୍ତ ନହେବା ଏବଂ ହ୍ୟାଣ୍ଡହୋଲ୍ଡିଂ ସହାୟତା ପ୍ରଦାନ ପାଇଁ ଏଫ୍‌ଏନ୍‌ଜିଓର ନିୟୋଜନ ନହେବା ହେତୁ 18 ଟି ପ୍ୟାଚ୍‌ରେ କରାଯାଇଥିବା ବୃକ୍ଷରୋପଣ ବନ୍ଦ/ ପରିତ୍ୟକ୍ତ ରହିଥିଲା ।

[93] ମଙ୍ଗଳପୁର:1, ବାଦୁନିଆ:3, ମୁସାମାରୀ:3 ଏବଂ ବ୍ରାହ୍ମଣପୋସି:3

## ସମବାୟ ବିଭାଗ

### 2.17 ମୋବାଇଲ୍ ଏଟିଏମ୍ ଭ୍ୟାନ କିଣାରେ 8.69 କୋଟି ଟଙ୍କାର ନିଷ୍ଫଳ ଖର୍ଚ୍ଚ

**କୌଣସି ସମ୍ଭାବନା ଅନୁଧାନ ନକରି ମୋବାଇଲ୍ ଏଟିଏମ୍ ଭ୍ୟାନ୍ କ୍ରୟ ଏବଂ ନିୟୋଜନ ହେତୁ ଏଟିଏମ୍ ଭ୍ୟାନ୍ ଗୁଡ଼ିକୁ ନିଷ୍କ୍ରିୟ ହେବା ଫଳରେ ସେଗୁଡ଼ିକର କ୍ରୟ ଏବଂ ରକ୍ଷଣାବେକ୍ଷଣ ପାଇଁ ହୋଇଥିବା 8.69 କୋଟି ଟଙ୍କା ନିଷ୍ଫଳ ହୋଇଥିଲା ।**

ଓଡ଼ିଶା ସରକାର ରାଜ୍ୟର 20ଟି ବ୍ଲକର ଚିହ୍ନଟ ଅଞ୍ଚଳରେ ''ବ୍ୟାଙ୍କ ଅନ୍ ହୁଇଲ'' (ବିଓଡବ୍ଲୁ), ନାମରେ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସେବା କାର୍ଯ୍ୟକାରୀ (ଆର୍ଥିକ ବର୍ଷ 2013-14) କରିଥିଲେ, ଯେଉଁଠାରେ କୌଣସି ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ ନଥିଲା । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ଅଧିନରେ ଉପଲବ୍ଧ ଆର୍ଥିକ ସହାୟତାରେ ଏହି ସେବା ଗୁଡ଼ିକର ଶୁଭାରମ୍ଭ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ମୁଖ୍ୟତଃ କୃଷକ ସମୁଦାୟଙ୍କୁ ବ୍ୟାଙ୍କ ସେବା ପ୍ରଦାନ କରିବା ଯାହାଦ୍ୱାରା ସେମାନଙ୍କୁ କିଶାନ କ୍ରେଡିଟ୍ କାର୍ଡ ଏବଂ କୃଷି ଉପକରଣ ଉପରେ ସୁଧ ପ୍ରୋତ୍ସାହିତ ଭଳି ବିଭିନ୍ନ ପ୍ରକାର କୃଷି ସହାୟତା ପାଇବାକୁ ସକ୍ଷମ କରିବା ।

ରେଜିଷ୍ଟ୍ରାର, କୋ-ଅପରେଟିଭ୍ ସୋସାଇଟି (ଆର୍‌ସିଏସ୍), ଭୁବନେଶ୍ୱର ରେକର୍ଡରୁ ଅଡିଟ ଲକ୍ଷ୍ୟ କଲେ (ଫେବୃଆରୀ 2021 ଏବଂ ମାର୍ଚ୍ଚ 2021 ମଧ୍ୟରେ) ଯେ, 2013-14 ଆର୍ଥିକ ବର୍ଷରେ ଆର୍‌କେଭିୱାଇ ଅଧିନରେ 6 କୋଟି ଟଙ୍କା ବିଓଡବ୍ଲୁ ସେବା ଆରମ୍ଭ କରିବା ପାଇଁ ମଞ୍ଜୁର କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ରାଜ୍ୟରେ ଆର୍‌କେଭିୱାଇ କାର୍ଯ୍ୟକାରୀ କରୁଥିବାରୁ, ଫେବୃଆରୀ 2014 ରୁ ଜୁନ୍ 2016 ମଧ୍ୟରେ ଏହି ଉଦ୍ଦେଶ୍ୟ ପାଇଁ ଆର୍‌ସିଏସ୍‌କୁ 6 କୋଟି ଟଙ୍କା ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ (ଓଏସ୍‌ସିବି) ମାଧ୍ୟମରେ ଆର୍‌ସିଏସ୍ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା । ଓଏସ୍‌ସିବି 20 ଟି ମୋବାଇଲ୍ ସ୍ୱୟଂଚାଳିତ ଟେଲର ମେସିନ୍ (ଏଟିଏମ୍) ଭ୍ୟାନ୍ ଏବଂ ଆନୁସଙ୍ଗିକ ସାମଗ୍ରୀ 5.50 କୋଟି ଟଙ୍କାରେ (ଏଟିଏମ୍ ଭ୍ୟାନ ଏବଂ ଆନୁସଙ୍ଗିକ ସାମଗ୍ରୀ ପିଛା 27.50 ଲକ୍ଷ ଟଙ୍କା ହାରରେ) ଏବଂ ଟିକସ ବାବଦରେ 1.06 କୋଟି ଟଙ୍କା ଯୋଗାଇବା ଲାଗି ଖୋଲା ପ୍ରତିଯୋଗିତାମୂଳକ ନିଲାମି (ଜୁନ୍ 2014) ଜରିଆରେ ଏକ ଫାର୍ମକୁ ଚୟନ କରିଥିଲା । ଅଗଷ୍ଟ 2015 ସୁଦ୍ଧା ଏଟିଏମ୍ ଭ୍ୟାନ୍ ଗୁଡ଼ିକ ମିଳିଥିଲା ଏବଂ ଫାର୍ମକୁ ଅକ୍ଟୋବର 2014 ରୁ ନଭେମ୍ବର 2015 ମଧ୍ୟରେ 6.56 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଓଏସ୍‌ସିବି ଅପ୍ରେଲ 2016 ରୁ ମାର୍ଚ୍ଚ 2020 ଅବଧି ପାଇଁ ଏଟିଏମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (ଏଏମ୍‌ସି) ବାବଦରେ 2.13 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ତେଣୁ, ମୋବାଇଲ୍ ଏଟିଏମ୍ ଭ୍ୟାନ୍ କ୍ରୟ ଏବଂ ରକ୍ଷଣାବେକ୍ଷଣ ପାଇଁ 8.69 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଓଏସ୍‌ସିବି ପକ୍ଷରୁ ଏହି ମୋବାଇଲ୍ ଏଟିଏମ୍ ଭ୍ୟାନ୍ ଗୁଡ଼ିକୁ ଚିହ୍ନଟ ବ୍ଲକ ଗୁଡ଼ିକରେ ସମ୍ପୃକ୍ତ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୁଡ଼ିକ ଜରିଆରେ ନିୟୋଜିତ କରାଯାଇଥିଲା । ନଭେମ୍ବର 2022 ସୁଦ୍ଧା ପ୍ରତ୍ୟେକ ମୋବାଇଲ୍ ଏଟିଏମ୍ ଭ୍ୟାନର ପରିଚାଳନାଗତ ସ୍ଥିତି ଏବଂ କାରବାରର ପରିମାଣ ଯାହା ଆର୍‌ସିଏସ୍ ଦ୍ୱାରା ଅଡିଟ୍ ପାଇଁ ପ୍ରଦାନ କରାଯାଇଥିଲା ତାହା ***ସାରଣୀ 2.17.1*** ରେ ଦର୍ଶାଯାଇଛି ।

***ସାରଣୀ 2.17.1: ନଭେମ୍ବର 2022 ସୁଦ୍ଧା ମୋବାଇଲ୍ ଏଟିଏମ୍ ଭ୍ୟାନର କାରବାର ସ୍ଥିତି ଏବଂ ପରିମାଣ***

| କ୍ର.ସଂ. | ଡିସିସିବି | ଏଟିଏମ୍ ଆଇଡି | କାରବାର ଆରମ୍ଭ ତାରିଖ | କେବେଠାରୁ କାର୍ଯ୍ୟକ୍ଷମ ନଥିଲା (ତାରିଖ) | କାରବାରର ମୂଲ୍ୟ (ଟଙ୍କା ଲକ୍ଷରେ) | ସଂଚାଳନର ସମୟ |
|---|---|---|---|---|---|---|
| *ସଂଚାଳନ ହୋଇନାହିଁ* | | | | | | |
| 1 | ଆସ୍କା | ASKAMV07 | କାରବାର ନାହିଁ | 25- ଫେବୃଆରୀ -18 | 0 | 0 |
| 2 | ମୟୂରଭଞ୍ଜ | MAYUMV06 | କାରବାର ନାହିଁ | 21- ମଇ -18 | 0 | 0 |
| *'ଏକ ମାସରୁ କମ୍' ସମୟ ପାଇଁ ନେଣଦେଣ* | | | | | | |
| 3 | ଅନୁଗୁଳ | ANGLMV07 | ଉପଲବ୍ଧ ନୁହେଁ | 19- ଫେବୃଆରୀ-2016 | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| 4 | ସମ୍ବଲପୁର | SMBP0016 | 13-ମଇ-19 | 03- ଜୁନ୍ -19 | 36.52 | 21 ଦିନ |
| *'ଏକ ରୁ ଦୁଇ ବର୍ଷ' ସମୟ ପାଇଁ ନେଣଦେଣ* | | | | | | |
| 5 | ବୌଦ୍ଧ | BODHMV01 | 15- ମଇ -19 | 30-ଅକ୍ଟୋବର-20 | 71.02 | 18 ମାସ |

| କ୍ର.ସଂ. | ଡିସିସିବି | ଏଟିଏମ୍ ଆଇଡି | କାରବାର ଆରମ୍ଭ ତାରିଖ | କେବେଠାରୁ କାର୍ଯ୍ୟକ୍ଷମ ନଥିଲା (ତାରିଖ) | କାରବାରର ମୂଲ୍ୟ (ଟଙ୍କା ଲକ୍ଷରେ) | ସଂଚାଳନର ସମୟ |
|---|---|---|---|---|---|---|
| 6 | ସୁନ୍ଦରଗଡ଼ | SUNDMV01 | 22-ଫେବୃଆରୀ-16 | 14-ନଭେମ୍ବର -17 | 0.01 | 21 ମାସ |
| *'ଦୁଇ ବର୍ଷରୁ ଉର୍ଦ୍ଧ୍ୱ' ସମୟ ପାଇଁ ନେଣଦେଣ* | | | | | | |
| 7 | ସୁନ୍ଦରଗଡ଼ | SUNDMV02 | 23- ଡିସେମ୍ବର-15 | 16- ଫେବୃଆରୀ -18 | 0.22 | 26 ମାସ |
| 8 | ଅନୁଗୁଳ | ANGLMV17 | 1- ଜୁଲାଇ-17 | 12-ନଭେମ୍ବର -19 | 45.27 | 28 ମାସ |
| 9 | ନୟାଗଡ଼ | NAYAMV10 | 14- ନଭେମ୍ବର-19 | 01- ଜୁନ୍ -22 | 6.89 | 31 ମାସ |
| 10 | ମୟୁରଭଞ୍ଜ | MAYUMV01 | 9- ମଇ -19 | 25- ମଇ -22 | 173.23 | 37 ମାସ |
| 11 | କୋରାପୁଟ | KRPTMV15 | 13- ଜୁନ୍ -16 | 17- ଜୁଲାଇ -19 | 242.24 | 38 ମାସ |
| 12 | କୋରାପୁଟ | KRPTMV09 | 14-ଡିସେମ୍ବର -15 | 13- ଫେବୃଆରୀ -19 | 21.04 | 39 ମାସ |
| 13 | ଅନୁଗୁଳ | ANGLMV09 | 13- ଜାନୁଆରୀ-16 | 14- ମଇ -19 | 0.01 | 40 ମାସ |
| 14 | ବୌଦ୍ଧ | BODHMV07 | 3- ଜାନୁଆରୀ -17 | 12- ମଇ -20 | 99.50 | 40 ମାସ |
| 15 | କେଉଁଝର | KEONMV06 | 7- ଡିସେମ୍ବର -15 | 15- ଜୁନ୍ -19 | 186.12 | 43 ମାସ |
| 16 | ବ୍ରହ୍ମପୁର | BERHMV20 | 22- ଜୁନ୍ -16 | 12- ଜୁନ୍ -20 | 362.72 | 47 ମାସ |
| 17 | ଭବାନୀପାଟଣା | BHWAMV01 | 14- ଜୁନ୍ -17 | 02-ନଭେମ୍ବର -21 | 82.81 | 53 ମାସ |
| 18 | କୋରାପୁଟ | KRPTMV05 | 4- ଅପ୍ରେଲ -16 | 01- ଡିସେମ୍ବର -20 | 61.11 | 57 ମାସ |
| 19 | କୋରାପୁଟ | KRPTMV08 | 4- ଫେବୃଆରୀ -16 | 08- ଜାନୁଆରୀ -21 | 1.95 | 60 ମାସ |
| 20 | କେଉଁଝର | KEONMV01 | 5- ଡିସେମ୍ବର -15 | 23- ମଇ -20 | 419.98 | 54 ମାସ |
| | ମୋଟ | | | | **1,810.64** | |

*(ଉତ୍ସ: ଆର୍‌ସିଏସ୍ ଏବଂ ଓଏସ୍‌ସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଅଡିଟ୍ ଜାଣିବାକୁ ପାଇଲା ଯେ, ଆସ୍କା ଓ ମୟୁରଭଞ୍ଜରେ ନିୟୋଜିତ ହୋଇଥିବା ଦୁଇଟି ଏଟିଏମ୍ ଭ୍ୟାନ୍ ଆଦୌ ବ୍ୟବହାର ହୋଇ ନଥିଲା । ଆସ୍କାଠାରେ ଭ୍ୟାନ୍‌ଟି କାର୍ଯ୍ୟକ୍ଷମ ଅବସ୍ଥାରେ ନଥିବା ବେଳେ ମୟୁରଭଞ୍ଜରେ ଆବଶ୍ୟକ କର୍ମଚାରୀ ନିୟୋଜନ ହୋଇନଥିବା ଯୋଗୁଁ ତଥା ଇଣ୍ଟରନେଟ୍ ସଂଯୋଗ ନଥିବାରୁ ଭ୍ୟାନ୍‌ଟି ବ୍ୟବାହର ହୋଇପାରି ନଥିଲା । ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗଜନିତ ସମସ୍ୟା, ଏଟିଏମ୍ ମେସିନ୍ ସମସ୍ୟା ଏବଂ ବାହନ ସମସ୍ୟା ଆଦି ଏଟିଏମ୍ ଭ୍ୟାନ୍ କାମ ନ କରିବାର ମୁଖ୍ୟ କାରଣ ଥିଲା । ଅଡିଟ୍ ଓଏସ୍‌ସିବି ଲିମିଟେଡ୍ ଏବଂ ଡିସିସିବି, ଅନୁଗୁଳ ଅଧିକାରୀଙ୍କ ସହ ମିଶି ଦୁଇଟି ଏଟିଏମ୍ ଭ୍ୟାନ୍‌ର (ଆଠମଲ୍ଲିକ ଏବଂ ପାଲଲହଡ଼ା ଡିସିସିବି ଅନୁଗୁଳ ଅଧିନରେ) ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) କରିବା (ମାର୍ଚ୍ଚ 2021) ପରେ ଗାଡ଼ିଗୁଡ଼ିକ ପାର୍କିଂ ହୋଇ ପଡ଼ି ରହିଥିବାର ଦେଖିଥିଲେ (ଠାକୁରଗଡ଼ ପିଏସିଏସ୍ ଓ ଡିସିସିବି ଅନୁଗୁଳ ପରିସରରେ) । ଡିସିସିବିର ସଂପୃକ୍ତ ଅଧିକାରୀ ଅନୁଗୁଳ ମୋବାଇଲ୍ ଏଟିଏମ୍ ଭ୍ୟାନ୍ ବ୍ୟବହାର ନ ହେବା ପାଇଁ ସ୍ଥିର ନେଟ୍ ୱାର୍କ ଅନୁପଲବ୍ଧତାକୁ ଦାୟୀ କରିଥିଲେ ।

ଅଡିଟରୁ ଲକ୍ଷ୍ୟ କଲେ ଯେ, ଓଏସ୍‌ସିବି, ମୋବାଇଲ୍ ଏଟିଏମ୍ ଭ୍ୟାନ୍ ନିୟୋଜନ ପାଇଁ କୌଣସି ସମ୍ଭାବ୍ୟତା ଅଧ୍ୟୟନ କରିନଥିଲେ । ଇଣ୍ଟରନେଟ୍ ସଂଯୋଗ ସମସ୍ୟା ପରେ, ଏଟିଏମ ମେସିନ୍ ଏବଂ ଯାନର ସମସ୍ୟା ଏବଂ ଏଟିଏମ୍ ଭ୍ୟାନର ବହୁତ କମ୍ କାରବାରରେ ସମସ୍ୟାର ସମ୍ମୁଖୀନ ହେବା ପରେ ମଧ୍ୟ, ଏଟିଏମ୍ ଭ୍ୟାନର ସର୍ବୋତ୍ତମ ବିନିଯୋଗ ପାଇଁ କୌଣସି ବିକଳ୍ପ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା । କୃଷକ କଲ୍ୟାଣ ପଦକ୍ଷେପର ଏକ ଅଂଶ ଭାବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠି, ନିବେଶର ଉଦ୍ଦେଶ୍ୟ ହାସଲ ଦିଗରେ ବିନିଯୋଗ ହୋଇଥିବା ବିଷୟ ଉପରେ ବିଭାଗ ତଦାରଖ କରିନଥିଲେ ।

ତେଣୁ, କୌଣସି ସମ୍ଭାବ୍ୟତା ଅନୁଧାନ ନକରି ମୋବାଇଲ୍ ଏଟିଏମ୍ ଭ୍ୟାନ୍ କ୍ରୟ ଏବଂ ନିୟୋଜନ କରିବା ଫଳରେ ନିଷ୍କ୍ରିୟ ହୋଇଥିବା ଏଟିଏମ୍ ଭ୍ୟାନ ଗୁଡ଼ିକ ପାଇଁ ଅଯଥାରେ 8.69 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ।

ଆର୍‌ସିଏସ୍ ତଥ୍ୟକୁ ସ୍ୱୀକାର କରି ବ୍ୟକ୍ତ କରିଥିଲେ (ଡସେମ୍ବର 2022) ଯେ, ସମସ୍ତ 20 ଟି ଏଟିଏମ୍ ଭ୍ୟାନ ଅଚଳ ହୋଇପଡ଼ି ରହିଥିଲା ଏବଂ ଏଏମ୍‌ସି ଅଧିନରେ ଥିବା ଏଟିଏମ୍, ୟୁପିଏସ୍ ଇତ୍ୟାଦିର ପୁନଃ କାର୍ଯ୍ୟକ୍ଷମ ଲାଗି

ପଦକ୍ଷେପ ନିଆଯାଉଛି । ଉତ୍ତର, ଏଟିଏମ୍ ଭ୍ୟାନ୍ ନିୟୋଜିତ କରିବା ପୂର୍ବରୁ କୌଣସି ସମ୍ଭାବ୍ୟତା ଅନୁଧାନ କରାଯାଇ ନଥିବା ଫଳରେ 8.69 କୋଟି ଟଙ୍କା ଅଯଥା ଖର୍ଚ୍ଚ ହୋଇଥିବାକୁ ନିଶ୍ଚିତ କରୁଥିଲା ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ଡିସେମ୍ବର 2022); ଉତ୍ତରକୁ ଅପେକ୍ଷା କରାଯାଇଛି (ଜାନୁଆରୀ 2024) ।

**ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ**

## 2.18 1.03 କୋଟି ଟଙ୍କାର କନ୍‌ସେଣ୍ଟ ଫି ଲାଗୁ ନହେବା

**ଲିଜ୍ ଜମିର ହସ୍ତାନ୍ତର ଉପରେ କନ୍‌ସେଣ୍ଟ ଫି ଲାଗୁ କରିବାରେ ଜିଏ ଆଣ୍ଡ ପିଜି ବିଭାଗର ଅବହେଳା ଯୋଗୁଁ 1.03 କୋଟି ଟଙ୍କାର ସରକାରୀ ରାଜସ୍ୱ କ୍ଷତି**

ଓଡ଼ିଶା ସରକାର, ଭୁବନେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ଲିଜ୍ ପ୍ଲଟ୍ ବିକ୍ରୟ କିମ୍ବା ଉପହାର ମାଧ୍ୟମରେ ହସ୍ତାନ୍ତର ଉପରେ କନ୍‌ସେଣ୍ଟ ଫି ଧାର୍ଯ୍ୟ[94] କରିଥିଲେ (ମାର୍ଚ୍ଚ 1970) । ଅପ୍ରେଲ 2006 ରେ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗ ସଂଶୋଧିତ କନ୍‌ସେଣ୍ଟ ଫି ସୂଚିତ କରିଥିଲେ ଯାହା ***ସାରଣୀ 2.18.1*** ରେ ଦର୍ଶାଯାଇଛି ।

***ସାରଣୀ 2.18.1: ଲିଜ୍ ଜମିର ହସ୍ତାନ୍ତର ଉପରେ କନ୍‌ସେଣ୍ଟ ଫି ହାର***

| କ୍ର.ସଂ. | ଜମି ବ୍ୟବହାରର ଆବୃତ୍ତି | କନ୍‌ସେଣ୍ଟ ଫି ହାର |
|---|---|---|
| 1 | ଆବାସିକ | *ପ୍ରଚଳିତ ପ୍ରିମିୟମର 25 ପ୍ରତିଶତ, ଯଦି ନିର୍ମାଣାଧୀନ କୋଠା ଅନୁମୋଦିତ ଯୋଜନା ଅନୁସାରେ ନିର୍ମାଣ ହୋଇଥିବା* |
| 2 | ଆବାସିକ | *ପ୍ରଚଳିତ ପ୍ରିମିୟମର 35 ପ୍ରତିଶତ, ଯଦି ପ୍ଲଟ୍ ଖାଲି ପଡ଼ିଥିବ କିମ୍ବା କୋଠା ଅନୁମୋଦିତ ଯୋଜନାରୁ ବିଚ୍ୟୁତ ହୋଇ ନିର୍ମାଣ ହୋଇଥିବ* |
| 3 | ଶିଳ୍ପ/ ବାଣିଜ୍ୟିକ | *ପ୍ରଚଳିତ ପ୍ରିମିୟମର 75 ପ୍ରତିଶତ, ଯେଉଁଠାରେ କୋଠା ଅନୁମୋଦିତ ଯୋଜନା ଅନୁସାରେ ନିର୍ମାଣ ହୋଇଥିବ* |
| 4 | ଶିଳ୍ପ/ ବାଣିଜ୍ୟିକ | *ପ୍ରଚଳିତ ପ୍ରିମିୟମର 100 ପ୍ରତିଶତ, ଯଦି ପ୍ଲଟ ଖାଲି ପଡ଼ିଥିବ କିମ୍ବା ବା କୋଠା ଅନୁମୋଦିତ ଯୋଜନାରୁ ବିଚ୍ୟୁତ ହୋଇ ନିର୍ମାଣ ହୋଇଥିବ* |

***(ଉତ୍ସ: ଜିଏ ଆଣ୍ଡ ପିଜି ବିଭାଗର ନଥିପତ୍ର)***

ଏତଦ୍ ବ୍ୟତୀତ, ଜିଏ ଆଣ୍ଡ ପିଜି ବିଭାଗର ଆଦେଶ (ଜୁଲାଇ 2018) ଅନୁଯାୟୀ ଲିଜ୍ ପ୍ଲଟ୍‌ର ବିକ୍ରୟ କିମ୍ବା ଉପହାର ମାଧ୍ୟମରେ ହସ୍ତାନ୍ତର ହୋଇଥିବା ସମୟରେ ଯଦି ଲିଜ୍‌ଧାରୀଙ୍କ ଠାରୁ ସମ୍ମତି ଶୁଳ୍କ ଆଦାୟ ହୋଇନଥିବ ତେବେ, ଜମି ପାଇଥିବା ବ୍ୟକ୍ତି ଦେୟ ଆଦାୟ ସମୟରେ ପ୍ରଚଳିତ ହାର ଏବଂ ଜମିର ବେଞ୍ଚ ମାର୍କ ମୂଲ୍ୟାୟନ (ବିଏମ୍‌ଭି) ଅନୁଯାୟୀ କନ୍‌ସେଣ୍ଟ ଫି ପ୍ରଦାନ କରିବେ ।

ଅଡିଟ୍, 24 ଟି ହସ୍ତାନ୍ତରିତ ମାମଲାର ନମୁନା ଯାଞ୍ଚ କରିଥିଲେ (ଅଗଷ୍ଟ 2021) ଏବଂ ଗୋଟିଏ ମାମଲାରେ[95], ଲକ୍ଷ୍ୟ କରିଥିଲେ ଯେ କଳ୍ପନା ସିନେମା ଅଞ୍ଚଳରେ, ଲକ୍ଷ୍ମୀସାଗର-1 ମୌଜା ଅନ୍ତର୍ଗତ ୟୁନିଟ୍ 30, ଭୁବନେଶ୍ୱରରେ 3,520 ବର୍ଗ ଫୁଟର ଏକ ପ୍ଲଟ୍ ଜଣେ ବ୍ୟକ୍ତି ବିଶେଷଙ୍କୁ ଆବଣ୍ଟନ କରାଯାଇଥିଲା । ଅଗଷ୍ଟ 1960 ରେ ଏହି ଲିଜ୍ ଦଲିଲ୍ କାର୍ଯ୍ୟକାରୀ ହୋଇଥିଲା । ଲିଜ୍‌ଧାରୀଙ୍କ ମୃତ୍ୟୁ ପରେ, ବିଭାଗ, ଉତ୍ତରାଧିକାରୀଙ୍କ ନାମରେ ମ୍ୟୁଟେସନ୍ କରିବାକୁ ଅନୁମତି ଦେଇଥିଲେ (ନଭେମ୍ବର 1976) । ଏହାପରେ, ବିଭାଗ ଆଇନଗତ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଉକ୍ତ ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ 35,000 ଟଙ୍କାରେ ହସ୍ତାନ୍ତର କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ (ଫେବୃଆରୀ 1977) । ସେହି ଅନୁଯାୟୀ ଉକ୍ତ ହସ୍ତାନ୍ତରକୁ ଲାଗୁ କରିବା ପାଇଁ ଫେବୃଆରୀ 1977 ରେ ଏକ ଲିଜ୍ କାର୍ଯ୍ୟକାରୀ କରାଯାଇଥିଲା ।

94 11 ମାର୍ଚ୍ଚ 1970 ରେ ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି

95 ଆବଣ୍ଟିତ ପ୍ଲଟ 63, 32'x110' ପରିମିତ ଏକ କ୍ଷେତ୍ର

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଥିଲେ ଯେ, ଲିଜ୍‌ଧାରୀଙ୍କ ମୃତ୍ୟୁ ପରେ ଉକ୍ତ ଜମିକୁ ଦାଖଲ ଖାରଜ (ମଇ 2021) ମାଧ୍ୟମରେ ତାଙ୍କ ଆଇନଗତ ଉତ୍ତରାଧିକାରୀ (ପତ୍ନୀ, ଦୁଇ ଝିଅ ଓ ଗୋଟିଏ ପୁଅ) ଙ୍କ ନାମରେ କରାଯାଇଥିଲା କିନ୍ତୁ କୌଣସି ବି ହସ୍ତାନ୍ତର/ ବିକ୍ରୟ କ୍ଷେତ୍ରରେ କନ୍‌ସେଣ୍ଟ ଫି ଲାଗୁ ଅଥବା ଆଦାୟ କରାଯାଇନଥିଲା । ଦାଖଲ ଖାରଜ ମଞ୍ଜୁର ହେବା ପୂର୍ବରୁ, ସଂପୃକ୍ତ ବିଭାଗୀୟ ରାଜସ୍ୱ ନିରୀକ୍ଷକ ଜମିର ଅନୁସନ୍ଧାନ କରି ଦର୍ଶାଇଥିଲେ (ଡିସେମ୍ବର 2020) ଯେ ଅନୁମୋଦିତ ବିଲ୍ଡିଂ ପ୍ଲାନରୁ ବିଚ୍ୟୁତ ହୋଇ ଉକ୍ତ ଲିଜ୍ ପ୍ଲଟ୍ ଉପରେ ଏକ ଦୁଇ ମହଲା କୋଠା ନିର୍ମାଣ କରାଯାଇଥିଲା । ଏହାପରେ ତତ୍କାଳୀନ ମାଲିକ ମାନଙ୍କ ଉପରେ 1.03 କୋଟି ଟଙ୍କାର[96] କନ୍‌ସେଣ୍ଟ ଫି ଲାଗୁ କରିବା ପାଇଁ ବିଭାଗ ନିଷ୍ପତ୍ତି ନେଇଥିଲା (ମଇ 2021), କିନ୍ତୁ ଏହି ବାବଦରେ ସେପରି କୌଣସି ଦାବି ପତ୍ର ପ୍ଲଟର ମାଲିକମାନଙ୍କୁ ଜାରି କରାଯାଇ ନଥିଲା । ଅଡିଟ୍ ଦ୍ୱାରା ଏହା ଦର୍ଶାଯିବା ପରେ (ଅଗଷ୍ଟ 2021), ବିଭାଗ ପ୍ଲଟର ମାଲିକମାନଙ୍କୁ 1.03 କୋଟି ଟଙ୍କାର କନ୍‌ସେଣ୍ଟ ଫି ପାଇଁ ଏକ ଦାବି ପତ୍ର ଜାରି କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 1977 ଫେବୃଆରୀରେ ଜମି ହସ୍ତାନ୍ତର/ ବିକ୍ରି ହୋଇଥିଲେ ମଧ୍ୟ ବିଭାଗ କନ୍‌ସେଣ୍ଟ ଫି ଲାଗୁ କରିନଥିଲେ । କନ୍‌ସେଣ୍ଟ ଫି ଲାଗୁ ନହେବା ଫଳରେ କେବଳ ଯେ ସରକାରୀ ରାଜକୋଷର କ୍ଷତି ହେଉଥିଲା ତାହା ନୁହେଁ, ଆଇନ୍ ଅନୁପାଳନ କରିବାରେ ବିଭାଗର ଅବହେଳାକୁ ମଧ୍ୟ ସୂଚାଉଥିଲା ।

ଜିଏ ଆଣ୍ଡ ପିଜି ବିଭାଗ ଏହି ତଥ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ଲିଜ୍‌ଧାରୀଙ୍କୁ କନ୍‌ସେଣ୍ଟ ଫି ଜମା କରିବା ପାଇଁ ଜଣାଇ ଦିଆଯାଇଥିଲା (ଅଗଷ୍ଟ 2021) ଏବଂ ସେଥିପାଇଁ ପରବର୍ତ୍ତୀ ଅନୁସ୍ମାରକ ମଧ୍ୟ ଜାରି କରାଯାଇଥିଲା (ଅପ୍ରେଲ 2022) । ବିଭାଗ ଆହୁରି ମଧ୍ୟ ବ୍ୟକ୍ତ କରିଥିଲେ ଯେ, ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ ଅନ୍ତର୍ଗତ ବ୍ୟବସ୍ଥା ଅନୁଯାୟୀ ସରକାରୀ ଦେୟ ଆଦାୟ ପାଇଁ ସାର୍ଟିଫିକେଟ୍ କେଶ୍ ଫାଇଲିଙ୍ଗ୍ ପାଇଁ ପଦକ୍ଷେପ ନିଆଯାଇଥିଲା । ତଥାପି, ପ୍ରକୃତ କଥା ହେଲା ଯେ କନ୍‌ସେଣ୍ଟ ଫି ଏପର୍ଯ୍ୟନ୍ତ (ଅକ୍ଟୋବର 2023) ଆଦାୟ ହୋଇନାହିଁ ।

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ**

## 2.19 ପଲିଥିନ୍ ରୋଲ ସଂଗ୍ରହରେ ଅତିରିକ୍ତ ବ୍ୟୟ

**ସ୍ୱଳ୍ପ ମୂଲ୍ୟଯୁକ୍ତ 50-55 ମାଇକ୍ରନ୍ ପଲିଥିନ୍ ରୋଲ୍ ଅଫରକୁ ଅଣଦେଖା କରି 60-65 ମାଇକ୍ରନର ପଲିଥିନ୍ ରୋଲ୍ କିଣିବା ପାଇଁ ଓମ୍‌ଫେଡ୍ ପରିଚାଳନାର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଫଳରେ 3.38 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।**

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଙ୍ଘ ଲିମିଟେଡ୍[97] (ଓମ୍‌ଫେଡ୍) ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟ କରେ । ଏହାର ମୁଖ୍ୟ କାର୍ଯ୍ୟ ମଧ୍ୟରେ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ଉତ୍ପାଦନ, କ୍ରୟ, ପ୍ରକ୍ରିୟାକରଣ ଏବଂ ମାର୍କେଟିଙ୍ଗ୍ ଅନ୍ତର୍ଭୁକ୍ତ । ଏଥିରେ ପାଶ୍ଚୋରାଇଜ୍‌ଡ ତରଳ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟର ପ୍ୟାକେଜିଂ ପାଇଁ ପଲିଥିନ୍ ଫିଲ୍ମ ବ୍ୟବହାର କରାଯାଏ । ଭାରତୀୟ ମାନ (ଆଇଏସ୍ 11805-2007) ଅନୁସାରେ, କ୍ଷୀର ପ୍ୟାକେଜିଂ ପାଇଁ ବ୍ୟବହୃତ ହେଉଥିବା ପଲିଥିନ୍ ଫିଲ୍ମର ବିଧିବଦ୍ଧ ମୋଟେଇ ଏକ ଲିଟର ପାଉଚ୍ ପାଇଁ 50 ମାଇକ୍ରନରୁ କମ୍ ଏବଂ ଅଧା ଲିଟର ପାଉଚ୍ ପାଇଁ 40 ମାଇକ୍ରନରୁ କମ୍ ହେବା ଉଚିତ୍ ନୁହେଁ ।

ଓଏମ୍‌ଫେଡ୍‌ର ରେକର୍ଡରୁ ଅଡିଟ୍ ଲକ୍ଷ୍ୟ କଲେ ଯେ, 01 ଅଗଷ୍ଟ 2015 ରୁ 31 ଜୁଲାଇ 2016 ମଧ୍ୟରେ 48-52 ମାଇକ୍ରନ୍ ମୋଟେଇ ବିଶିଷ୍ଟ ତିନି ସ୍ତର ବିଶିଷ୍ଟ ପଲିଥିନ୍ ଫିଲ୍ମ[98] କ୍ରୟ ପାଇଁ 01 ଜୁଲାଇ 2015 ରେ ଟେଣ୍ଡର ଜାରି କରାଯାଇଥିଲା । ଟେଣ୍ଡର ଜାରି ହେବାର ଗୋଟିଏ ଦିନ ପୂର୍ବରୁ ଏହାର ମାର୍କେଟିଂ ଡିଭିଜନ କଳା ଏବଂ ଧଳା

---

96 ଏକର (43,560 ବର୍ଗଫୁଟ) ପିଛା ବେଞ୍ଚମାର୍କ ମୂଲ୍ୟ 12.70 କୋଟି ଟଙ୍କା, ସମ୍ମତି ଶୁଳ୍କ 12.70 କୋଟି ଟଙ୍କାର ଶତ ପ୍ରତିଶତ/ 43,560 ବର୍ଗଫୁଟ*3,520 ବର୍ଗଫୁଟ = 1.03 କୋଟି ଟଙ୍କା

97 ସମବାୟ ସମିତି ଅଧିନିୟମ, 1962 ଅଧୀନରେ ପଞ୍ଜିକୃତ ହୋଇଥିବା ଏକ ସମବାୟ ସମିତି

98 ପ୍ରାକୃତିକ/ ଗୋଟିଏ ରଙ୍ଗରେ/ ଦୁଇ ରଙ୍ଗରେ/ ତିନି ରଙ୍ଗରେ/ ଚାରି ରଙ୍ଗରେ/ ପ୍ରିଣ୍ଟେଡ୍ ଫିଲ୍ମ ରୋଲ୍/ ଭଲ ଗ୍ରେଡ୍ ଗ୍ରାନୁଏଲରେ ତିଆରି

ପଲିଥିନ୍ ଅଧିକ ଦିନ ପର୍ଯ୍ୟନ୍ତ ଦୁଗ୍ଧଜାତ ଦ୍ରବ୍ୟ ସଂରକ୍ଷଣ କରୁଥିବା ଦର୍ଶାଇ ବିକଳ୍ପରେ ଏହାକୁ କିଣିବା ପାଇଁ ପ୍ରସ୍ତାବ ରଖିଥିଲେ (30 ଜୁନ୍ 2015) । ତଦନୁଯାୟୀ, 2 ଜୁଲାଇ 2015 ରେ ଟେଣ୍ଡରର ସଂଶୋଧନ ପତ୍ର ଜାରି କରାଯାଇଥିଲା । ଓଏମ୍‌ଫେଡ୍‌ର କ୍ରୟ କମିଟି 7 ଜୁଲାଇ 2015 ରେ ମାର୍କେଟିଙ୍ଗ୍ ଡିଭିଜନ୍ ପ୍ରସ୍ତାବ ଉପରେ ବିଚାର ବିମର୍ଶ କରିଥିଲେ ଏବଂ ଓଏମ୍‌ଫେଡ୍ ଦୁଗ୍ଧ ପ୍ୟାକେଜିଂ ମେସିନରେ ପ୍ରସ୍ତାବିତ ପଲିଥିନ୍ ଫିଲ୍ମର ଉପଯୁକ୍ତତା ଏବଂ ବୈଷୟିକ ନିର୍ଦ୍ଦିଷ୍ଟତା, ରଙ୍ଗ, ମୋଟେଇ ଏବଂ ଉପଯୋଗିତା ଉପରେ ନିଷ୍ପତ୍ତି ନେବା ପାଇଁ ଏକ ବୈଷୟିକ କମିଟି ଗଠନ ପାଇଁ ସୁପାରିଶ କରିଥିଲେ । ସେହି ଟେଣ୍ଡରକୁ ଚୂଡ଼ାନ୍ତ ରୂପ ଦେବା ପର୍ଯ୍ୟନ୍ତ କ୍ରୟ କମିଟି ଟେଣ୍ଡର ବାତିଲ କରିବାକୁ ମଧ୍ୟ ସୁପାରିଶ କରିଥିଲା । କ୍ରୟ କମିଟିର ସୁପାରିଶକୁ ସ୍ୱୀକାର କରି ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି), ଓମ୍‌ଫେଡ୍, ଟେଣ୍ଡର ବାତିଲ କରିଥିଲେ (ଜୁଲାଇ 2015) ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, କ୍ରୟ ପାଇଁ ପ୍ରସ୍ତାବିତ କଳା ଏବଂ ଧଳା ପଲିଥିନ୍ ଫିଲ୍ମର ନର୍ଦ୍ଦିଷ୍ଟତା ନିର୍ଦ୍ଧାରଣ ପାଇଁ, ଏମ୍‌ଡି କୌଣସି ବୈଷୟିକ କମିଟି ଗଠନ କରିନଥିଲେ । ବୈଷୟିକ ନିର୍ଦ୍ଦିଷ୍ଟତା ନିର୍ଦ୍ଧାରଣ ନହେବା ପର୍ଯ୍ୟନ୍ତ, ପଲିଥିନ୍ ଫିଲ୍ମ ରୋଲ୍ କିଣିବା ପାଇଁ କୌଣସି ଟେଣ୍ଡର କରାଯାଇନଥିଲା । ଏହା ପରିବର୍ତ୍ତେ କ୍ରୟ କମିଟି ପରୀକ୍ଷାମୂଳକ ଭାବେ ଆବଶ୍ୟକ ମୋଟେଇ ନିର୍ଦ୍ଧାରଣ ନକରି କେବଳ କଳା ଓ ଧଳା ପଲିଥିନ୍ ଫିଲ୍ମ ପାଇଁ ମେସର୍ସ ଇନ୍ଦୁ ପ୍ୟାକେଜିଂ ଏବଂ ମେସର୍ସ ଆଇଡିଏମ୍‌ସି ଲିମିଟେଡ୍ ଆଦି ଦୁଇଟି ପ୍ରଚଳିତ ଯୋଗାଣକାରୀଙ୍କ ଠାରୁ କୋଟେସନ୍ ଆହ୍ୱାନ କରି (ଅକ୍ଟୋବର 2015) କ୍ରୟ କରିଥିଲେ । ପ୍ରଥମ ଯୋଗାଣକାରୀ 50-55 ମାଇକ୍ରନ୍ ମୋଟେଇ ପଲିଥିନ୍ ଫିଲ୍ମ ପାଇଁ କିଲୋଗ୍ରାମ୍ ପିଛା 160.13 ଟଙ୍କା ଦର୍ଶାଇଥିବା ବେଳେ ଅନ୍ୟ ଯୋଗାଣକାରୀ 60-65 ମାଇକ୍ରନ୍ ମୋଟେଇ[99] ପଲିଥିନ୍ ଫିଲ୍ମ ପାଇଁ କିଲୋଗ୍ରାମ୍ ପିଛା 219.34 ଟଙ୍କା ଦର୍ଶାଇଥିଲେ । ଉଭୟ ଯୋଗାଣକାରୀଙ୍କ ଦ୍ୱାରା ଯୋଗାଇଦେବାକୁ ଥିବା ପଲିଥିନ୍ ଫିଲ୍ମର ନିର୍ଦ୍ଦିଷ୍ଟିକରଣ, 50 ମାଇକ୍ରନ ପଲିଥିନ୍ ରୋଲ୍‌ର ନିର୍ଦ୍ଦିଷ୍ଟିକରଣ ଅନୁସାରେ ହୋଇଥିବା ବେଳେ ମେସର୍ସ ଇନ୍ଦୁ ପ୍ୟାକେଜିଂ ଦ୍ୱାରା ଦିଆଯାଇଥିବା ମୂଲ୍ୟ କିଲୋଗ୍ରାମ୍ ପିଛା 59.21 ଟଙ୍କା ଶସ୍ତା ଥିଲା । ମେସର୍ସ ଇନ୍ଦୁ ପ୍ୟାକେଜିଂ ଦ୍ୱାରା ଦର୍ଶାଯାଇଥିବା କମ୍ ମୂଲ୍ୟ ସହିତ ଏହାର ପ୍ରଦତ୍ତ ନିର୍ଦ୍ଦିଷ୍ଟତାରୁ କିଲୋଗ୍ରାମ୍ ପିଛା ଉତ୍ପାଦନ (ଅର୍ଥାତ୍ କିଲୋଗ୍ରାମ୍ ପିଛା ପ୍ୟାକେଟ୍ ସଂଖ୍ୟା) 380 ଥିଲା ବେଳେ, ମେସର୍ସ ଆଇଡିଏମ୍‌ସି ଲିମିଟେଡ୍ କ୍ଷେତ୍ରରେ କିଲୋଗ୍ରାମ୍ ପିଛା ଉତ୍ପାଦନ ମାତ୍ର 305 ଥିଲା । ଏହିପରି, ମେସର୍ସ ଇନ୍ଦୁ ପ୍ୟାକେଜିଂର ପ୍ରସ୍ତାବ, ମୂଲ୍ୟ ଏବଂ ଉତ୍ପାଦନ ଦୃଷ୍ଟିରୁ ଅଧିକ ମିତବ୍ୟୟୀ ଥିଲା । ଟେଣ୍ଡର ଚୂଡ଼ାନ୍ତ ହୋଇନଥିବା ଯୋଗୁ କ୍ରୟ କମିଟି ପକ୍ଷରୁ ପରୀକ୍ଷା ମୂଳକ ଭାବେ ମେସର୍ସ ଆଇଡିଏମ୍‌ସି ଠାରୁ 60-65 ମାଇକ୍ରନ୍ ମୋଟେଇର 42 ମେଟ୍ରିକ ଟନ୍ ପଲିଥିନ୍ ରୋଲ୍ କିଣିବା ପାଇଁ ନିଷ୍ପତ୍ତି ହୋଇଥିଲା (3 ଅକ୍ଟୋବର 2015) ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଅକ୍ଟୋବର 2015 ରୁ ମାର୍ଚ୍ଚ 2016 ମଧ୍ୟରେ, ଓମ୍‌ଫେଡ୍ କ୍ରୟ କରିଥିବା 640.79 ମେଟ୍ରିକ୍ ଟନ୍ ପଲିଥିନ୍ ରୋଲ୍ ମଧ୍ୟରୁ ମେସର୍ସ ଆଇଡିଏମ୍‌ସି ଠାରୁ 60-65 ମାଇକ୍ରନ୍ ମୋଟେଇ ବିଶିଷ୍ଟ 571.88 ମେଟ୍ରିକ୍ ଟନ୍ (89 ପ୍ରତିଶତ) ପଲିଥିନ୍ ରୋଲ୍ କିଲୋଗ୍ରାମ୍ ପ୍ରତି 219.34 ଟଙ୍କାରେ ଏବଂ ଅବଶିଷ୍ଟ 68.91 ମେଟ୍ରିକ ଟନ୍ ପଲିଥିନ୍ ରୋଲ୍ ମେସର୍ସ ଇନ୍ଦୁ ପ୍ୟାକେଜିଙ୍ଗ୍ ଏବଂ ଅନ୍ୟ ଦୁଇ ଯୋଗାଣକାରୀଙ୍କ ଠାରୁ 50-55 ମାଇକ୍ରନ୍ ମୋଟେଇ ସହିତ, କିଲୋଗ୍ରାମ୍ ପ୍ରତି 160.13 ଟଙ୍କାରେ କ୍ରୟ କରିଥିଲା ।

ଉଭୟ ମୂଲ୍ୟ ଓ ଉତ୍ପାଦନ ଦୃଷ୍ଟିରୁ, ମହଙ୍ଗା ଉତ୍ସରୁ ପଲିଥିନ୍ ରୋଲ୍ କିଣିବାର ନିଷ୍ପତ୍ତି ଓମ୍‌ଫେଡ୍‌ର ଆର୍ଥିକ ହିତରେ ନଥିଲା ଏବଂ ଏହି ନିଷ୍ପତ୍ତି ଯୋଗୁଁ ଓମ୍‌ଫେଡ୍ 3.88 କୋଟି ଟଙ୍କାର[100] ଅତିରିକ୍ତ ବ୍ୟୟ କରିଥିବା ଅଡିଟ୍ ଲକ୍ଷ୍ୟ କରିଥିଲା ।

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କଲେ ଯେ, ଯଦିଓ ଏକ ବୈଷୟିକ କମିଟି କଳା ଓ ଧଳା ପଲିଥିନ୍ ରୋଲ୍‌ର ନର୍ଦ୍ଦିଷ୍ଟିକରଣ ନିର୍ଦ୍ଧାରଣ କରିବା ପରେ ଟେଣ୍ଡର ମାଧ୍ୟମରେ କ୍ରୟ କରାଯିବା ଦର୍ଶାଇ, ଜୁଲାଇ 2015 ରେ ଜାରି ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରାଇନଥିଲେ, ଏଥିପାଇଁ ବୈଷୟିକ କମିଟି ଗଠନ କରାଯାଇଥିବାର କୌଣସି ପ୍ରମାଣ ମିଳି ନଥିଲା । ଏହିପରି ଭାବରେ, ଅକ୍ଟୋବର 2015 ରୁ ମାର୍ଚ୍ଚ 2016 ମଧ୍ୟରେ ବିନା ଟେଣ୍ଡରରେ 14.38

---

99 ଉଦ୍ଧୃତ ମୂଲ୍ୟରେ ଟିକସ ଅନ୍ତର୍ଭୁକ୍ତ ଥିଲା

100 59.21ଟଙ୍କା*571.88 ମେଟ୍ରିକ ଟନ୍

କୋଟି ଟଙ୍କା ବ୍ୟୟରେ କିଣାଯାଇଥିବା ସମସ୍ତ 640.79 ମେଟ୍ରିକ୍ ଟନ୍ ପଲିଥିନ୍ ରୋଲ୍ ଅନିୟମିତ ଥିଲା । ତେବେ, ପରବର୍ତ୍ତୀ ସମୟରେ, ଜୁଲାଇ 2016 ରୁ ଜୁନ୍ 2021 ମଧ୍ୟରେ, ଖୋଲା ଟେଣ୍ଡର ଜରିଆରେ ଓମ୍‌ଫେଡ୍ 53 ଏବଂ 55 ମାଇକ୍ରନ୍ ମୋଟେଇ ବିଶିଷ୍ଟ 3,509.50 ମେଟ୍ରିକ୍ ଟନ୍ ପଲିଥିନ୍ ରୋଲ୍, କିଲୋଗ୍ରାମ୍ ପ୍ରତି 131.99 ଟଙ୍କାରୁ 161.95 ଟଙ୍କା ମଧ୍ୟରେ କ୍ରୟ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ, ଯାହା ମେସର୍ସ ଆଇଡିଏମ୍‌ସି ଠାରୁ ଅଗଷ୍ଟ 2015 ରୁ ଜୁଲାଇ 2016 ମଧ୍ୟରେ କିଣାଯାଇଥିବା ମୂଲ୍ୟ (କିଲୋଗ୍ରାମ୍ ପ୍ରତି 230.13 ଟଙ୍କା) ଠାରୁ ବହୁ ପରିମାଣରେ କମ୍ ଥିଲା ।

ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଓମ୍‌ଫେଡ୍‌ରୁ ପ୍ରାପ୍ତ ହୋଇଥିବା ଉତ୍ତରକୁ ସମର୍ଥନ କରିଥିଲେ (ଅଗଷ୍ଟ 2022) । ଉତ୍ତରରେ ଏହା ବ୍ୟକ୍ତ କରାଯାଇଥିଲା ଯେ, ଓମ୍‌ଫେଡ୍ 60-65 ମାଇକ୍ରନ୍ ମୋଟେଇର ପଲିଥିନ୍ ରୋଲ୍‌କୁ, 50-55 ମାଇକ୍ରନ୍ ମୋଟେଇ ପଲିଥିନ୍ ରୋଲ୍ ତୁଳନାରେ ଚୟନ କରିଥିଲା, ଯେହେତୁ ପ୍ରଥମ କ୍ଷେତ୍ରରେ ଥିବା ଧଳା ପିଗ୍‌ମେଣ୍ଟ ଓ କଳାରଙ୍ଗର ଆଭ୍ୟନ୍ତରୀଣ ଆସ୍ତରଣ, ପାଉଚ୍ ଭିତରକୁ ପ୍ରବେଶ କରୁଥିବା ଅତିବାଇଗଣୀ ରଶ୍ମିରୁ ଉତ୍ତମ ସୁରକ୍ଷା ପ୍ରଦାନ କରିବାରେ ସକ୍ଷମ ଥିଲା ଏବଂ ଦୁଗ୍ଧଜାତ ଦ୍ରବ୍ୟ ଅଧିକ ସମୟ ପାଇଁ ସୁରକ୍ଷିତ ରହିବାକୁ ସୁନିଶ୍ଚିତ କରୁଥିଲା । ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ 50-55 ମାଇକ୍ରନ୍ ମୋଟେଇ ବିଶିଷ୍ଟ ପଲିଥିନ୍ ରୋଲ୍‌ରେ ମଧ୍ୟ ଧଳା ପିଗ୍‌ମେଣ୍ଟ ଓ କଳା ରଙ୍ଗର ଆଭ୍ୟନ୍ତରୀଣ ଆସ୍ତରଣ ଥିଲା, ଯାହା ସମାନ ସ୍ତରର ସୁରକ୍ଷା ପ୍ରଦାନ କରିପାରିଥାନ୍ତା । ପରବର୍ତ୍ତୀ ସମୟରେ ଓମ୍‌ଫେଡ୍ ଖୋଲା ଟେଣ୍ଡର ମାଧ୍ୟମରେ ଜୁଲାଇ 2016 ଠାରୁ 53 ମାଇକ୍ରନ୍ ମୋଟେଇ ବିଶିଷ୍ଟ ପଲିଥିନ୍ ଫିଲ୍ମ କିଣିଥିବା ବିଷୟରୁ ଏହି ସତ୍ୟତା ଅଧିକ ପ୍ରମାଣିତ ହୋଇଥିଲା ।



ଭୁବନେଶ୍ୱର

ତାରିଖ 3 JUN 2024

**(ରାଜ କୁମାର)**

**ପ୍ରଧାନ ମହାଲେଖାକାର (ଅଡିଟ୍-I)**

**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ



ନୂଆ ଦିଲ୍ଲୀ

ତାରିଖ 7 JUN 2024

**(ଗିରୀଶ ଚନ୍ଦ୍ର ମୁର୍ମୁ)**

**ଭାରତର ନିୟନ୍ତ୍ରକ ଏବଂ ମହାଲେଖାପରୀକ୍ଷକ**